ଫତୁରାନନ୍ଦ



# ବିଦୂଷକ

Digitized by srujanika@gmail.com

# ବିଦୂଷକ

ଫତୁରାନନ୍ଦ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

ବିଦୂଷକ—ଲେଖକ : ଫତୁରାନନ୍ଦ, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨, ପ୍ରଥମ ସଂସ୍କରଣ : ୧୯୬୩, ଦ୍ୱିତୀୟ ସଂସ୍କରଣ : ୧୯୭୨, ତୃତୀୟ ସଂସ୍କରଣ : ୧୯୮୮, ଚତୁର୍ଥ ସଂସ୍କରଣ : ୧୯୯୪, ମୁଦ୍ରାକର : ଲିପିକାର, ଝାଞ୍ଜିରିମଙ୍ଗଳା, କଟକ-୭୫୩୦୦୯

**BIDUSAKA**—Author : Faturananda, Publisher : Sahadev Pradhan, Friends' Publishers, Binodbehari, Cuttack-753002, Orissa (India), 1st Edition : 1963, 2nd Edition : 1972, 3rd Edition : 1988 (F. P.), 4th Edition : 1994, Printer : Lipikar, Jhanjirimangala, Cuttack-753009.

Price : Rs. 35

ISBN 81-7401-049-1

Digitized by srujanika@gmail.com

## ଚତୁର୍ଥ ସଂସ୍କରଣ ପାଇଁ

# ମୋ ଆଉ ଆଉ ପଦେ

ଏ ପୁସ୍ତକଟିର ପ୍ରଥମ ସଂସ୍କରଣ କଟକର 'ଦାସ ବ୍ରଦର୍ସ' ଛାପିଥିଲେ । ମୁଁ ତାଙ୍କ ପାଖକୁ ପାଣ୍ଡୁଲିପି ନେଇ ଯାଇନଥିଲି । ଯେ ମୋ ବନ୍ଧୁ ରବି ସିଂଙ୍କ ମାରଫତରେ ନେଇ ଛପାଇଥିଲେ । ଏହା ସହିତ ସେ ମଙ୍ଗଳବାରିଆ ସାହିତ୍ୟ ସଂସଦଟିକୁ ମଧ୍ୟ ଛପାଇଥିଲେ । ଏ ଦୁଇ ବହିର ପାଣ୍ଡୁଲିପି ମୁଁ ପ୍ରଥମେ ଦେବାକୁ ଅମଙ୍ଗ ଥିଲି, କାରଣ ତାଙ୍କ ବିରୁଦ୍ଧରେ ମୁଁ ନାନା କଥା ଆଗରୁ ଶୁଣିଥିଲି; କିନ୍ତୁ ବନ୍ଧୁ ରବି ସିଂ ଟିକିଏ ଜୋର୍ ଦେଇ କହିବାରୁ ମୁଁ ତାଙ୍କ ହାତରେ ଦୁଇଟିଯାକ ପାଣ୍ଡୁଲିପି ପଠାଇଥିଲି । ଅନେକ ଦିନ ପରେ ମୁଁ ଶୁଣିଲି ଯେ, ସେ ଏଇ ବହି ଦୁଇଟିର ଅଧିକ ସଂସ୍କରଣମାନ କରିସାରିଛନ୍ତି । ମୁଁ ଥରେ ଦୁଇଥର ତାଙ୍କ ଦୋକାନକୁ ଯାଇ ତାଙ୍କର କଥାବାର୍ତ୍ତା ଓ ବ୍ୟବହାର ଥଙ୍ଗେ ଦେଖିଇ ପଳେଇ ଆସିଲି । ବହୁଦିନ ପରେ ଶୁଣିଲି ସେ ତାଙ୍କ ଦୋକାନ ସହିତ ଆଉ ଇହଜଗତରେ ନାହାନ୍ତି । ଅଗତ୍ୟା ଦୁଃଖ ନକରି ଚୁପ୍‌ଚାପ୍ ହୋଇ ରହିଲି ।

ଆହୁରି କେତେଦିନ ପରେ ବନ୍ଧୁ ରବି ସିଂଙ୍କଠାରୁ ଶୁଣିଲି ଯେ 'ଗ୍ରନ୍ଥସାଥି'ର ଶ୍ରୀ ନବକିଶୋର ମହାପାତ୍ର ମୋର ସମସ୍ତ ବହି ଅତି ଆଗ୍ରହର ସହି ଛାପିବେ ବୋଲି ଇଚ୍ଛା କରିଛନ୍ତି । ରବି ସିଂ ଏ ସୁଯୋଗ ଗ୍ରହଣ କରିବାକୁ ମୋତେ ପ୍ରବର୍ତ୍ତାଇଲେ । ସେତେବେଳକୁ ମୋ ପାଖରେ ଆଉ ୫/୬ ଖଣ୍ଡ ବହିର ପାଣ୍ଡୁଲିପି ଜମା ହୋଇ-ଯାଇଥାଏ । ବନ୍ଧୁଙ୍କର ପରାମର୍ଶ ଗ୍ରହଣ କଲି । ନବ ମହାପାତ୍ରେ ସେ ସମସ୍ତ ଛପାଇଦେଲେ । ଏତିକି ଛପା ସରିଲା ବେଳକୁ ମୋର ଆଉ କେତେଖଣ୍ଡ ପାଣ୍ଡୁଲିପି ପ୍ରସ୍ତୁତ ହୋଇଯାଇଥିଲା । ନବବାବୁ ଆଉ ମୋ ବହି ଛାପିବାକୁ ଇଚ୍ଛା ପ୍ରକାଶ କଲେ-ନାହିଁ । ମୁଁ ମଧ୍ୟ ପ୍ରକାଶକମାନଙ୍କ ପାଖକୁ ଧାଇଁବା ଅବସ୍ଥାରେ ନଥିଲି । ପୁଣି ବନ୍ଧୁ ରବି ସିଂ ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସର ସ୍ୱତ୍ୱାଧିକାରୀ ଶ୍ରୀ ସହଦେବ ପ୍ରଧାନଙ୍କୁ ଆଣି ମୋ ପାଖରେ ହାଜିରେଇଲେ । ସେ ମଧ୍ୟ ମୋର ସମସ୍ତ ବହି ବିନା ଦ୍ୱିଧାରେ ଛାପିବେ ବୋଲି ଅଙ୍ଗୀକାର କଲେ । ମୁଁ ଏ ପର୍ଯ୍ୟନ୍ତ ମୋର ସମସ୍ତ ପାଣ୍ଡୁଲିପି

Digitized by srujanika@gmail.com

ତାଙ୍କୁ ହିଁ ଦେଇଆସୁଛୁ । ଅନ୍ୟମାନଙ୍କଠାରୁ ତାଙ୍କର ମୋ ପ୍ରତି ବ୍ୟବହାର ଅଧିକ ପ୍ରୀତିପଦ ହେଲା, ବିଶେଷକରି ତାଙ୍କର ସଚ୍ଚୋଟପଣିଆ ମୋତେ ମୁଗ୍ଧ କଲା । ସେ ବାଇଶ ଖଣ୍ଡ ବହି ଛାପିଲେଣି ଏବଂ ପୁରୁଣା ବହିର ପୁନର୍ମୁଦ୍ରଣ କରିବା ଲାଗି ଇଚ୍ଛା ପ୍ରକାଶ କଲେ । 'ବିଦୂଷକ'ର ଚତୁର୍ଥ ମୁଦ୍ରଣ ଏହାର ଫଳ ।

ମୋର ଅନୁଜ ଅଧ୍ୟାପକ ଡ: ଶ୍ୟାମସୁନ୍ଦର ବହୁ ପରିଶ୍ରମ ସ୍ୱୀକାର କରି ସଂସ୍କରଣଟିକୁ ସଂଶୋଧନ କରି ଚତୁର୍ଥ ମୁଦ୍ରଣ ପାଇଁ ପ୍ରସ୍ତୁତ କରିଚି । ବହିଟିକୁ ସର୍ବାଙ୍ଗସୁନ୍ଦର କରିବାଲାଗି ସେ ହିଁ ଦାୟୀ । ମୁଁ ତାକୁ ଓ ମୋର ପ୍ରକାଶକଙ୍କୁ ଆଶୀର୍ବାଦ ଦେଉଛୁ ।

ଲେଖକ

Digitized by srujanika@gmail.com

# ଉତ୍ସର୍ଗ

## ଶ୍ରୀ ଗୋଦାବରୀଶ ମହାପାତ୍ର

ହସି ଓ କାନ୍ଦି ଜାଣି ନଥିବା କଇଁଥା ଓଡ଼ିଆଙ୍କ ମୁଖରେ ହାସ୍ୟରେଖା ଫୁଟାଇବାକୁ ଆପଣଙ୍କର ଯଶସ୍ୱୀ ଲେଖନୀ ଯେଉଁ ଉଦ୍ୟମ କରିଆସିଅଛି ତାହା ଅତୁଳନୀୟ । ଡଗର ପତ୍ରିକାର ରଜତ ଜୟନ୍ତୀ ଉତ୍ସବରେ ଆପଣ ଏଥିଲାଗି ଓଡ଼ିଶାର ଶ୍ରେଷ୍ଠତମ ହାସ୍ୟରସ ସ୍ରଷ୍ଟାରୂପେ ସମ୍ମାନିତ ହୋଇଅଛନ୍ତି । ଆପଣଙ୍କର ଏହି ସମୁଜ୍ଜ୍ୱଳ ପ୍ରତିଭାର ପୂଜା ସ୍ୱରୂପ ଏହି ପୁସ୍ତକଟିକୁ ଉତ୍ସର୍ଗ କଲି ।

ଆପଣଙ୍କର ଗୁଣମୁଗ୍ଧ

ଫତୁରାନନ୍ଦ

Digitized by srujanika@gmail.com

# ଫତୁରାନନ୍ଦଙ୍କ ପୁସ୍ତକାବଳୀ

୧ । ନାକ୍‌ଟା ଚଉକର (ଉପନ୍ୟାସ)
୨ । ସାହିତ୍ୟ ସ୍ତୂପ (ଗଳ୍ପ)
୩ । ଟହଲରେସା (ଗଳ୍ପ)
୪ । ବଦୂଷକ (ଗଳ୍ପ)
୫ । ମଙ୍ଗଳବାରିଆ ସାହିତ୍ୟସଂସଦ (ଗଳ୍ପ)
୬ । ହସକୁରା (ଗଳ୍ପ)
୭ । ବୃହତ୍ ଭଣ୍ଡ (ଗଳ୍ପ)
୮ । ଅମୃତ ବେହିଆ (ଗଳ୍ପ)
୯ । ଆଦର୍ଶ ହିନ୍ଦୁ ହୋଟେଲ (ଅନୁବାଦ ଉପନ୍ୟାସ)
୧୦ । ଭାରତର ଶ୍ରେଷ୍ଠ ହାସ୍ୟଗଳ୍ପ (ଅନୁବାଦ ଗଳ୍ପ)
୧୧ । ଭେଟ (ଗଳ୍ପ)
୧୨ । ସମାଲୋଚନା (ହାସ୍ୟରଚନା)
୧୩ । ଗମାତ୍ (ଗଳ୍ପ)
୧୪ । ଜଳକଣ୍ଠ ଚେଙ୍କ (ନାଟକ)
୧୫ । ସାହିତ୍ୟ ବେଉଷଣ (ଗଳ୍ପ)
୧୬ । ନବଜଆ (ଗଳ୍ପ)
୧୭ । ଝଡା ବେହେଲ (ଗଳ୍ପ)
୧୮ । ଅଟଳ୍‌ବାକ୍ (ଗଳ୍ପ)
୧୯ । ସାହିତ୍ୟ ବଗ୍ରବଛୁ (ଗଳ୍ପ)
୨୦ । ମସ୍କରା (ଗଳ୍ପ)
୨୧ । ଟାହୁଲିଆ (ଗଳ୍ପ)
୨୨ । ଖିଲଖିଲିଆ (ଗଳ୍ପ)
୨୩ । ମୁଚୁଳୁଢିଆ (ଗଳ୍ପ)
୨୪ । ସାହି ମହାଭାରତ (କାବ୍ୟ) (ବ୍ୟଙ୍ଗାନୁକୃତ ସାରଳା ମହାଭାରତ)
୨୫ । ମୋ ଫୁଟାଭଙ୍ଗାର କାହାଣୀ (ଆତ୍ମଜୀବନୀ)

—o—

# ସୂଚିପତ୍ର


| ବିଷୟ | ପୃଷ୍ଠା |
| --- | --- |
| ୧ । ଆଖିବୁଜା ଖେଳ | ୧ |
| ୨ । ଏରଣ୍ଡ ଷଷ୍ଠୋଦଶୀ | ୮ |
| ୩ । ଗୋଡ଼ିଟିଏରୁ ପଥରଟାଏ | ୧୩ |
| ୪ । ଗଣେଶ ପୂଜା | ୨୧ |
| ୫ । ଶ୍ଲେଷା ଶ୍ଲଘୁଣିଆ | ୨୭ |
| ୬ । ଜୋକ ଦରଜୀ | ୩୩ |
| ୭ । ଟିହ୍ୱାଣ | ୪୦ |
| ୮ । ଠିକଣା ଗସ୍ୱଖ | ୪୭ |
| ୯ । ଭେଢ଼ିଆ କପାଳ | ୫୫ |
| ୧୦ । ଦେଶୀ ଜର୍ଜ ଓ୍ୱାଶିଂଟନ | ୬୦ |
| ୧୧ । ଢଳପଟିଆ ଦଳ | ୬୪ |
| ୧୨ । ପଙ୍ଗପାଳ | ୭୫ |
| ୧୩ । ପିଲ୍ଲସ୍ୱେର | ୮୩ |
| ୧୪ । ପିମ୍ପୁଡ୍ୟାର | ୮୯ |
| ୧୫ । ବାଦୁଡ଼ି | ୯୫ |
| ୧୬ । ବ୍ରହ୍ମ ଅଭଶାପ | ୧୦୧ |
| ୧୭ । ଭୈରବୀ ଡାକ | ୧୦୯ |
| ୧୮ । ଭଣ୍ଡୁର୍ ଖେପା | ୧୧୭ |
| ୧୯ । ଷଣ୍ଢ ଲଢ଼େଇ | ୧୨୩ |
| ୨୦ । ସୁଟ୍‌କେଶ୍ ଟେଲଫୋନ୍ | ୧୩୧ |
| ୨୧ । ଓଁ ଫଳେଷୁ ସଦାଚନ | ୧୩୮ |
| ୨୨ । ଆ-ମୂଳା | ୧୪୩ |
| ୨୩ । ଡାକ୍ତର ବଦଳି | ୧୫୨ |


———

Digitized by srujanika@gmail.com

# ଆଖିବୁଜା ଖେଳ

ସମୁଧୀ ଯେତେ ମନା କଲେ ବି ସନିଆ ଘରକୁ ଫେରିବାକୁ ଏକା ଜିଦ୍ ଧରି ବସିଲା । ସମୁଧୀଙ୍କୁ ସେ ବୁଝେଇ ବସିଲା—"ଆମ ଗାଁ ଏଠିକି କେତେ ବା ବାଟ । ଚାରି କୋଶ ହେବ କି ନ ହେବ । ରାତି ଆଠଟାରେ ଗଲେ ବି ବାରଟା ବେଳକୁ ଘରେ ପହଞ୍ଚିଯିବି—ନାଳ କୂଳେ କୂଳେ ଚାଲିଗଲେ ସୁଟ୍ କରି ପହଞ୍ଚିଯିବି । ଆଜିକାଲି ଯେମିତି ଚୋର ଡକାୟତଙ୍କ ଦାଉ, ସେଥିରେ ରାତିଟାଏ ବି ପଦାରେ କଟେଇବାକୁ ସାହସ ହଉନି । ମୁଁ ଆଜି ରାତିଟା ଏଠି ରହିଯିବି ତ ଘରେ ଯାଡ଼େ ଯେ କଳା କନା ବୁଲି ନ ଯିବ, ତା କିଏ କହିବ ?"

ସମୁଧୀ ବିଚାରା ଆଉ ଯାହା ଜୋରଜୁଲମ କରିଥାନ୍ତେ, ଚୋର ଡକାୟତ କଥା ଶୁଣି ବେଶି ବଳେଇଲେ ନାହିଁ । ସନିଆକୁ ସେଠୁ ବିଦାୟ ନେଇ ଆସିବାକୁ ରାତି ସାଢ଼େ ଆଠ ହୋଇଗଲା । ଗାଁ ଭିତରୁ ବାହାରି ନାଳବନ୍ଧ ଉପରକୁ ଉଠିଲା । ଅନ୍ଧାରରେ ଦମ୍ଭିକରି ଗାମୁଛାଟା ଭିଡ଼ିଦେଲା ଓ ବାଡ଼ିଟା ଆଣ୍ଠି କରି ଧରି ନାଳ ବନ୍ଧେ ବନ୍ଧେ ନିଜ ଗାଁ ଆଡ଼େ ଆଗେଇଲା । ଧୀରେ ଧୀରେ ବାଟଟା ନିସ୍ତବ୍ଧିଆ ଧରିଲା—ରାତି ବି ବଢ଼ିଚାଲିଲା । ଝାଁ ଝାଁ ଜଣେ ଦି'ଜଣ ଯାହା ଦେଖିବାକୁ ମିଳୁଥିଲେ ତାହା ଶୂନ୍ ହୋଇଗଲା । ଭାଗ୍ୟକୁ କଇଁଫୁଲିଆ ଜହ୍ନ । ଚାରିଆଡ଼େ ଶୁନଶାନିଆଟା ତା' ମନକୁ ଦବେଇଦେଲା । ସାରା ବ୍ରହ୍ମାଣ୍ଡର ଭୂତ, ପ୍ରେତ, ଚୋର ଓ ଡକାୟତର ଭାବନାଗୁଡ଼ାକ ତା ମୁଣ୍ଡରେ ଧସେଇ ପଶିଲେ । ତା ଛାତି ଦାଉଁ ଦାଉଁ ହୋଇପଡ଼ିଲା । ମନେ ମନେ ଭାବିଲା, ସମୁଧୀଙ୍କ କଥା ମାନିଯାଇଥିଲେ ଭଲ ହୋଇଥାନ୍ତା । ବାପ୍‌ରେ ବାପ୍ କି ନିସ୍ତବ୍ଧିଆ ଆଉ ! ଗୋଟାଏ ଯଦି ଖପିସ, ମାଦଳ କି ବାସେଳି ଆସି ଏଠି ବାଟ ଓଗାଳିଦେବ, ତେବେ ଆଉ ଯାହା କିଏ ? ଭୟ ସାରା ଦେହକୁ କମ୍ପେଇଦେଲା । ଥରିଥରିଆ ଗୋଡ଼ ଦିଟା ଦୁଇ ଗୁଣ ଜୋର୍‌ରେ ଧାଇଁଲେ । ମସ୍ତିଷ୍କ ଓ ମାଂସପେଶୀକୁ ଅଧିକ ରକ୍ତ ଯୋଗାଇବାକୁ ହୃତ୍‌ପିଣ୍ଡ ଦାଉଁ ଦାଉଁ ହୋଇ ପଡ଼ିଲା । ମୁକ୍ତ ମସ୍ତିଷ୍କରେ ହଠାତ୍ ଏକ ବୁଦ୍ଧି ଦେଖାଦେଲା ।

ହରି ନାମ ଶୁଣିଲେ ଭୂତ, ପ୍ରେତ, ଚଣ୍ଡୀ, ଚାମୁଣ୍ଡୀ, ବ୍ରହ୍ମଦୈତ୍ୟ, ଖପିସ, ବାସେଳି ଆଦି ସମସ୍ତ ରାତିଚର ହତାଶ୍ୱତା ହୋଇ ଛାଡ଼ି ପଳାନ୍ତି । ଯେତେ ଦୂର ଯାଏ ହରି ନାମ ଶୁଭୁଥିବ, ସେତେ ଦୂର ସେମାନେ ଦୂରେଇ ରହନ୍ତି । ଏତକ

Digitized by srujanika@gmail.com

ମନେ ପଡ଼ିଯିବା ମାତ୍ରେ ତା ନାଭିମୂଳରୁ ଚିତ୍କାର କରି ଫାଟିଲା ବାହାରି ପଡ଼ିଲା—"ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ ।" ଏ ବିକଟ ଚିତ୍କାର ନିଗ୍ରୁଟିଆ ରାସ୍ତାରେ ପ୍ରତିଧ୍ୱନିତ ହୋଇ ଚାରିଆଡ଼େ କମ୍ପେଇଦେଲା । ଅଦୂରରେ ଥିବା ବିଲୁଆମାନେ ଭୟରେ ଦୂରକୁ ପଳାଇଗଲେ । ଅଧାଅଧି ରାସ୍ତା ପାରି ହେଲାବେଳକୁ ଦେହ-ଗୋଡ଼-ପାଦ ସବୁ ହାଲିଆ ହୋଇଆସିଲା । ସବୁରି ତ ଗୋଟାଏ ସୀମା ଅଛି । ଗୋଡ଼ ହାତ ଘୁମୁରିଲା ପରି ହେଲା । ହେଲେ ମନରେ ଟିକିଏ ଦମ୍ଭ ଆସିଯାଇଥାଏ ଯେ, ଭୂତ ପ୍ରେତଗୁଡ଼ାକ ହରି ନାମ ଭୟରେ ବହୁ ଦୂରକୁ ପଳାଇଯାଇ ବିଶ୍ରାମ କରୁଥିବେ, ଆଉ ତା ପାଖ ମାଡ଼ିବାକୁ ବି ସାହସ କରୁ ନ ଥିବେ । ଝୁଲୁଝୁଲିଆ ପବନଟା ବୋହୁଥାଏ । ଝାଳ ଟିକିଏ ମାରିବାକୁ ସେ ବନ୍ଧ ଉପରେ ଗୋଟାଏ ପରିଷ୍କାର ଥାନ ଦେଖି ବସିପଡ଼ିଲା । ପାଟି ଅଠା ଅଠା ହୋଇଯାଉଥାଏ । ଶୋଷରେ ତଣ୍ଟି ଶୁଖି ଯାଉଥାଏ । ପାଣି ପିଇବା ଲାଗି ସେ କିଛି ସମୟ ପରେ ନାଳ ଭିତରକୁ ଗଲା । ଆଣ୍ଠୁଏ ପାଣିରେ ଠିଆ ହୋଇ ଆଞ୍ଜୁଳା ଆଞ୍ଜୁଳା କରି ପାଣି ପିଇବାକୁ ଲାଗିଲା । ଦୈବଯୋଗକୁ ଜଣେ କିଏ କଣା ମାଟିଆଟାଏ ବନ୍ଧ କଡ଼କୁ ଥୋଇ ଦେଇଥିଲା । ପାଣିଧାରି ପାଖରେ ଗୋଟାଏ ବଡ଼ ଗାରୁଆ ମୂଷା ଗେଣ୍ଡା ସଂଗ୍ରହ କରୁଥିଲା । ମଣିଷଟାଏ ନିକଟରେ ପାଣିରେ ପଶି ଚବର ଚବର କରିବାରୁ ସେ ଆପଣାକୁ ନିରାପଦ ମନେ ନ କରି କଣାମାଟିଆ ପାଖରେ ଥିବା ଗାତ ଭିତରେ କଲ୍‌କାଲିଆ ହୋଇ ପଶିଗଲା । ତା ଦେହ ଧକ୍‌କା ଖାଇ ମାଟିଆଟି ଗଡ଼ ଗଡ଼ ସନିଆଠାରୁ ଅଳ୍ପ ଦୂରରେ ପାଣି ଭିତରେ ଧପାସ୍‌ କରି ପଡ଼ିଲା । ବାସ୍‌, ଆଉ ସନିଆକୁ ସମ୍ଭାଳେ କିଏ ?

'ବୋପାଲୋ' କହି ଚମକିପଡ଼ିବାରୁ ଗୋଡ଼ ଖସିଗଲା । ପାଣି ଭିତରେ କଚଡ଼ାଏ ଖାଇ ଓଦା ଲୁଗାରେ ଫଡ଼ର୍‌ ଫଡ଼ର୍‌ ହୋଇ ହରେ କୃଷ୍ଣ ହରେ କୃଷ୍ଣ ରଡ଼ି ଛାଡ଼ି ବନ୍ଧ ଉପରେ ପ୍ରାଣମୂର୍ଚ୍ଛା ଦଉଡ଼ିଲା । କେତେ ବାଟ ଦଉଡ଼ିଗଲା, ହାଲିଆ ହୋଇ ପଡ଼ିଥିବା ଗୋଡ଼ହାତକୁ ପୁଣି କେଉଁଠୁ ବଳ ଆସିଲା ତାହା ସେ ଜାଣିପାରିଲା ନାହିଁ । 'ହରେ କୃଷ୍ଣ' ରଡ଼ି ମନ ଭିତରେ ଧୀରେ ଧୀରେ ବଳ ଠୁଳ କଲା । ଦ'ଘରି ଥର ପଛକୁ ବୁଲି ଦେଖିଲା କେହି ନାହିଁ । ପାଣି ପିଇବା ସ୍ଥାନରେ ଆକ୍ରମଣୋଦ୍ୟତ ମାଦଳ ମୁଣ୍ଡା ହରେ କୃଷ୍ଣ ଧ୍ୱନିରେ ଭୟ ପାଇ ବହୁ ପଛରେ ଯେ ରହିଗଲାଣି ଓ ପଶ୍ଚାଦ୍ଧାବନରୁ କ୍ଷାନ୍ତ ହୋଇ ନିଜ ଆଶ୍ରୟସ୍ଥଳକୁ ପଳାଇଗଲାଣି, ସେ ବିଷୟରେ ଆଉ ତିଳେମାତ୍ର ସନ୍ଦେହ ରହିଲା ନାହିଁ । ତା'ର 'ହରେ କୃଷ୍ଣ' ଚିତ୍କାର କ୍ରମେ ଫୁସ୍‌-ଫୁସ୍‌ରେ ପରିଣତ ହେଲା, ହସ୍ତ ପଦର ସଞ୍ଚାଳନ ବି ମନ୍ଥର ହୋଇଆସିଲା । ତା'ର ଯେ ଲୁଗାପଟା ଭିଜିଯାଇଛି ତାହା ସେତେବେଳେ ଜାଣିପାରିଲା । ଲୁଗା, ଗାମୁଛା

Digitized by srujanika@gmail.com

ଚମ୍ପୁଡ଼ି ପବନମୁହାଁ କରିଦେଲା । 'ହରେ କୃଷ୍ଣ' ମହାମନ୍ତ୍ର ତା'ର ଅତି ପ୍ରିୟ ଜୀବନଟାକୁ ଅତି ସହଜରେ ରକ୍ଷା କରିଥିବାରୁ ସେ ଭଗବାନଙ୍କ ଠାରେ ବାରମ୍ବାର କୃତଜ୍ଞତା ଜଣାଇଲା ଓ ପାଟିରୁ 'ହରେ କୃଷ୍ଣ' ଧ୍ୱନିର ସ୍ରୋତ ଯେପରି ନିରବଚ୍ଛିନ୍ନ ଭାବରେ ନିର୍ଗତ ହୁଏ, ସେଥିପ୍ରତି ସତର୍କ ରହିଲା ।

ଦୂରରେ ଯାଆଁଳା ତାଳ ଗଛଟାକୁ ଦେଖି ସେ ଠିକ ଭାଗ ରାସ୍ତା ଆସିଲାଣି ବୋଲି କଳି ନେଲା । ପାଖକୁ ଲାଗି ପିମ୍ପେଇ କଡ଼ନାଳର କବାଟ ବନ୍ଧଟା ବି ଟିକିଏ ଦେଖାଗଲା । ମନରେ ପୂରା ଦମ୍ଭ ଆସିଗଲା । ଗାଁ ଯେ ଆଉ ମୋଟେ କୋଶେ ବାଟ ।

କଡ଼ନାଳର ପାଖାପାଖି ହୋଇଗଲାଣି, ଜୋଫା ଜହ୍ନ ଆଲୁଅରେ ତାକୁ ଗୋଟାଏ କଅଣ ଦିଶିଲା । ଦିହର ରୁମ୍ପିଆଡ଼ୁ ଅନୁଭବଶକ୍ତି ଗୋଟାଇ ଆଖିରେ ଠୁଳ କରି ଚାହିଁଲା । ଦେଖିଲା ଗୋଟାଏ ମଣିଷ କଡ଼ନାଳ ଭିତରୁ ଉପରକୁ ଉଠିଆସିଲା । ତା'ରି ଭଳିଆ ବାଟୋଇଟାଏ କି ? ପାଣିପାରିବାକୁ ଯାଇଥିଲା ବୋଧହୁଏ । ଉଁ ହୁଁ, ତା ପଛକୁ ଆଉ ଗୋଟାଏ ଲୋକ । ଏ ବାପା, ତା ପଛକୁ ପୁଣି ଗୋଟାଏ, ଆହୁରି ଗୋଟାଏ । ଆଉ ଏଥର ରକ୍ଷା ନାହିଁ ଲୋ ବାପା—ଏ ତ ଖଣ୍ଟଦଳ । ଭୂତକୁ ଯିନା ହରିନାମରେ ଘଉଡ଼େଇ ଦେବ, ଖଣ୍ଟକୁ ଉପାୟ କଅଣ ? ସେତେବେଳକୁ କାଳିଆ କାଳିଆ ଭୁଷୁଣ୍ଡା ଲୋକ ୫, ୬ ଜଣ ରାସ୍ତା ଉପରକୁ ଚାଲିଆସିଲେଣି । ପଳେଇବାକୁ ଆଉ ଉପାୟ ନାହିଁ । ଗୋଡ଼ ହାତରୁ ଜୀବ ଗୁଡ଼ି ଆସିଲା ପରି ଲାଗିଲା । ଏତିକି ମାତ୍ର ହେମନ୍ତ ହେଲା ଯେ ପାଖରେ ମାତ୍ର ବାରଅଣା ପଇସା ଅଛି । ଖଣ୍ଟମାନେ ଘେରିଗଲେ ସେତକ ତାଙ୍କ ହାତକୁ ବଢ଼େଇଦେଇ ଆପଣା ଜୀବନଟାକୁ ଫେରାଇ ଆଣିବ । ଏହି ସାହସ ମନରେ ବାନ୍ଧି ଛେଳି ହାଣକୁ ଗଲା ପରି ସେ ଆଗେଇଲା । ପାଖାପାଖି ହୋଇଯିବା ମାତ୍ରେ "କିଏ ରେ, ତୋ ଘର କେଉଁଠି" କହି ୫, ୬ ଜଣ ତାକୁ ଘେରିଗଲେ । ସନିଆ ଗୋଡ଼ ହାତରୁ ଜୀବନ ଗୁଡ଼ିଗଲା । ତଳେ ଗଡ଼ିଯାଇ ଖାଲି ପାଟିରେ କହିଲା, "ମୋତେ ମାଲ ନାହିଁ । ଏଇ ବାରଅଣା ପଇସା ଅଛି ନିଅ" ନିର୍ଦ୍ଦୟ ଖଣ୍ଟଗୁଡ଼ାକ ହୋ ହୋ ହୋଇ ହସିଉଠିଲେ । ଜଣେ ନଇଁପଡ଼ି ତା ମୁହଁ ପାଖକୁ ମୁହଁ ଆଣି କହିଲା—"ଆରେ ସନିଆ ଭାଇ କିରେ ?"

ଆହା ! ଅମୃତ କିଏ ଯେମିତି କାନରେ ଢାଳିଦେଲା । ଅଶୋକ ବନରେ ହନୁ ମୁଖରୁ ରାମନାମ ଶୁଣି ସୀତା ବି ଏମିତି ପୁଲକିତ ଉଠି ନଥିବେ । ସେ ଲୋକଟି ପୁଣି ହସି ହସି କହିଲା—"କି ଭାଣ୍ଡିଆ କଥା, ସେ ସପନପୁରିଆ ସନିଆ ଭାଇ । ଆମେ ଭାବିଛୁ ନାଲି ହାକିମ କିଏ ଆସିଲା !" ସନିଆ ଭାଇ ସେତେବେଳକୁ ଝାଡ଼ିଝୁଡ଼ି ହୋଇ ଠିଆ ହୋଇଗଲାଣି । ସେ ଲୋକର ମୁହଁ ପାଖକୁ ମୁହଁ ନେଇ କହିଲା, "ମଦନା

Digitized by srujanika@gmail.com

କରେ । ଏଠି କଣ କରୁଥିଲ ମ ।" ହୋ ହୋ ହୋଇ ସମସ୍ତେ ପୁଣି ପରସ୍ତେ ହସି-ଗଲେ । ମଦନା ସଜନିଆକୁ କଡ଼ନାଳ ବନ୍ଧକୁ ନେଇ ଗୋଟାଏ ଥାନ ଦେଖେଇ ଦେଲା । ସଜନିଆର ଆଖି ଖୋସି ହୋଇଗଲା । ଦେଖିଲା ଗୋଟାଏ ମାଛର ଗଦା ! ବାଲିଆ, ଶେଉଳ, ଚୋଡ଼ି, କଳାବାଉଁଶି, ସେରଣା ମାଛ ପ୍ରାୟ ୩/୪ ମହଣ କୁଢ଼ା ହୋଇଛି । କଡ଼ନାଳ କବାଟକୁ ଟେକ ଦେଇ କଡ଼ନାଳ ମୁହଁରେ କାଠିନାଳ ବାନ୍ଧି ପାଣି ଶୁଖେଇ ଦେବା ଦ୍ଵାରା ଏ ମାଛ ଗଦାର ଯେ ଆମଦାନି ହୋଇଛି ତାହା ବୁଝିବାକୁ ସଜନିଆକୁ ଆଉ ବାକି ରହିଲା ନାହିଁ । ବୋଧବାଧ ହୋଇ, ଏସବୁ କଥା ପ୍ରକଟ ନ କରିବାକୁ ପ୍ରତିଶ୍ରୁତି ଦେଇ ଓ ଗୋଟାଏ ବଡ଼ ବାଲିଆ ଉପହାର ସ୍ଵରୂପ ହାତରେ ଧରି ସଜନିଆଁ ପୁଣି ଘର ଆଡ଼କୁ ମୁହାଁଇଲା । ପଛରୁ ମଦନା ଟାପରି କରି କହିଲା—"ସଜନିଆ ଭାଇ । ବାଲିଅଣା ପଇସାତକ ଦେଲ ନାହିଁ ।" ସମସ୍ତେ ଖେଁ ଖେଁ ହୋଇ ହସିଉଠିଲେ । ହସ ଓ ଲାଜରେ ଲୁଟିପୁଟି ହୋଇ ସଜନିଆ ଆଗେଇଲା ।

× × × ×

ଗତ ରାତିରେ ସଜନିଆ ଯେ କେଉଁଠୁ ଏକ ମସ୍ତବଡ଼ ବାଲିଆ ଆଣିଥିଲା ସେ ଖବର କୌଣସି ଛିଦ୍ର ଦେଇ ପଦାକୁ ବାହାରି ପଡ଼ିଲା । ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀଙ୍କୁ ସାମ୍ବାଦିକମାନେ ବେଢ଼ି ପ୍ରଶ୍ନ କଲା ପରି ସପନପୁରିଆଏ ସଜନିଆକୁ ପ୍ରଶ୍ନ-ବାଣରେ ବାଲୁବାଲୁ କରି ପକାଇଲେ । ପୂର୍ବ ପ୍ରତିଶ୍ରୁତି ଭୁଲିଯାଇ ସଜନିଆ ନିଜର ବୀରତ୍ଵପୂର୍ଣ୍ଣ ଅଭିଯାନର ବର୍ଣ୍ଣନା କଲା—"ସମୁଦୀ ଘରୁ ଫେରୁଥିଲି, ରାତି ପ୍ରାୟ ୧୨ଟା ହେବ । ପିମ୍ପେଇ କଡ଼ନାଳ ପାଖରେ ପିମ୍ପେଇପୁରିଆ କବାଟକୁ ଟେକ ଦେଇ ମାଛ ଧରୁଥାନ୍ତି । ଓଃ କି ମାଛ ! ଖାଲି ତ ଗୁଣି ପକାଉଥାଆନ୍ତି । ମୁଁ ଏକା, ସେମାନେ ପନ୍ଦର କି ଶହେ । ମାଛ ଦେଖି ମୋର ମନ ହାଉଁପାଉଁ ହେଲା । ଗୋଟାଏ ଗଛ କଡ଼ରେ ଲୁଚି ରହି ରହିଥାଏ । ମୁଣ୍ଡକୁ ଗୋଟାଏ ବୁଦ୍ଧି ଆସିଲା । ବାଡ଼ ଅଗରେ ଗାମୁଛାକୁ ଗୁଡ଼ାଇ ମୁଣ୍ଡ ଭଳିଆ କରିଦେଲି । ଲଙ୍ଗଳା ହୋଇପଡ଼ି ଲୁଗାକୁ ମୁଣ୍ଡତଳୁ ଝୁଲେଇ-ଦେଲି । ବାଡ଼ିଟାକୁ ଟେକ ଧରିଲାରୁ ଗୋଟାଏ ଡେଙ୍ଗା ଭୂତପରି ଦେଖାଗଲି । ଗୋଟାଏ ହେଣ୍ଟାଳ ଗୁଡ଼ି ଗଛ ଆଡୁଆଳରୁ ବାହାରି ପଡ଼ିଲି ଓ ତାଙ୍କ ଆଡ଼କୁ ଟେପିଲି । ବ ସ୍ତରଟା ହେଣ୍ଟାଳରେ କାମ ଫତେ । ଲଙ୍ଗଳା ମୁକୁଳା ହୋଇ ଖାଉଡ଼ିକଯାକ ସବୁ ଛୁଡ଼ିଛୁଡ଼ି ଦେଇ ପାରି । ମାଛ ଗଦା ହୋଇଥାଏ, ଏତେ ମାଛ ଆଣିବି କେମିତି ? ବାଛି ବାଛି ବଡ଼ ବାଲିଆଟା ନେଇ ଆସିଲି । ସେମାନେ ବୋଧହୁଏ ପଛରେ ଆସି ନେଇ ଯାଇଥିବେ । ଏମିତି ପୁଣି ମାଛ ହେଠୁ ମରୁଛି, ହାପରେ ବାପ !"

Digitized by srujanika@gmail.com

ମାଛ କଥାଟା ଘୂରୁଁ ଘୂରୁଁ ସପନପୁରରେ ଠ ହୋଇ ବୁଲିଗଲା। ଟୋକାଙ୍କ ପାର୍ଟିରୁ ନାଳ ଗଡ଼ିଲା। ସେଠୁଁ କପଟ ମାରିବେ ତାହା ଠିକ୍ କରିବାକୁ ଟୋକାଏ ବସିପଡ଼ିଲେ। ଜଣେ କହିଲା, "ନାଳ ତ ସରକାରର, ସେମାନେ ଯେମିତି ମାଛ ନେଉଛନ୍ତି ଆମେ ସେମିତି ମାଛ ଆଣିବା।"

"ଅଧରାତିରେ ତ ସେମାନେ ମାରୁଛନ୍ତି। ଆମେ କେତେବେଳେ ମାରିବା ?"

"ଆମେ ଦିନବେଳା, ନ ହେଲେ ସନ୍ଧ୍ୟାବେଳା ମାରିବା।"

"ଆରେ, ଆକୁ ମାମୁଘର ଡାଲି ଭାତ ଖାଇବାକୁ ଭାରି ଇଚ୍ଛା ହେଲାଣି। ହଇରେ, ନାଳ ହାକିମସବୁ କଅଣ ମରିଗଲେଣି କିରେ, ତା ପାଣିରେ ହାତ ଦେବାକୁ ତୁମେ କିଏ ? ଏ କାମ ସିନା ଲୁଚେଇ ଚୋରେଇ କରନ୍ତି। ଲୋକ ଦେଖନ୍ତାରେ ତା କବାଟ ଟେକିବ ତ ଲୁହାଖଡ଼ୁ ସାଙ୍ଗେ ସାଙ୍ଗେ ଡାକିଆଣିବ।"

ତେବେ ପିମ୍ପେଇପୁରିଆଙ୍କୁ ଘଉଡ଼େଇ ସେଇ ଅଧ ରାତିରେ ଆମେ ଧରିବା।

ସେଇଟା ଠିକ୍ ଯେ, ଘଉଡ଼େଇବା କେମିତି ? ମାଡ଼ପିଟ୍ ହେଲେ କଥାଟା ପ୍ରଘଟ ହୋଇଯିବ। ଏଣେ ପୁଲିସ ଫୌଜଦାରୀରେ ପକେଇବ ତ ତେଣେ ନାଳ-ହାକିମ ଚୋରିପାଣି ବନ୍ଦେଇରେ ପକେଇବ।

'ପିମ୍ପେଇପୁରିଆଙ୍କ ସାଙ୍ଗେ ମିଶିମାଶି ମାରିଲେ ହବନି ?'

'ତାଙ୍କୁ କଅଣ ବଳିହଉଛି ଯେ ଆମକୁ ମିଶେଇବେ।'

ସବୁ ଉପାୟଗୁଡ଼ାକ ନାକଚ୍ ହୋଇଯିବାରୁ ସମସ୍ତେ ଭାଙ୍ଗିପଡ଼ିଲେ। ହଠାତ୍ ଜଣେ ପାଟିକରି ଉଠିଲା, "ଆରେ, ଆମେ ଏତେ କଥାଁ ଧନ୍ଦିହେଉଛୁ। ସନିଆ ଭାଇ ଏକୁଟିଆ ଯେମିତି ଭଗେଇ ଦେଲା, ସେମିତି ଭଗେଇଦେଇ ମାଛ ନେଇଆସିବା।"

କଥାଟା ସମସ୍ତଙ୍କ ମନକୁ ପାଇଗଲା। ଆଖି ଆଗରେ ଥୁଆ ହୋଇଥିବା ପନ୍ଥାଟା ଯେ ଏତେବେଳଯାଏ କେମିତି ଦିଶୁ ନ ଥିଲା ତାହା ଭାବି ଅନେକ ନିଜକୁ ଧିକ୍କାର କରିବାକୁ ଛାଡ଼ିଲେ ନାହିଁ।

ସଙ୍ଗେ ସଙ୍ଗେ ଯୋଜନା ହୋଇଗଲା। ସନିଆକୁ କାଛୁଆ ପିନ୍ଧେଇ, କଳା ବୋଳେଇ, ଆଗରେ ହାଣ୍ଡି ବନ୍ଧା ବାଡ଼ି ଧରେଇ ପହିଲେ ତାଙ୍କ ପାଖକୁ ପଠେଇ ଦିଆଯିବ। ତା ଉପରେ ପିମ୍ପେଇପୁରିଆ ଛାଡ଼ି ପଳେଇଲେ କାମ ଖତମ୍। ମାଛ ଭାରକରି ବୋହି ଆଣିବାକୁ ହେବ।

ସନିଆକୁ ଧରି କାମ ଆରମ୍ଭ କଲାବେଳକୁ କିନ୍ତୁ ବଗଡ଼ ଛିଙ୍କିଲା। ସନିଆ ସରଦି, ଜର, ଗୋଡ଼ରେ କଣ୍ଟା, ବାଗି ଇତ୍ୟାଦିର ଅବସ୍ଥିତି ଦେଖାଇ ଅଭିଯାନରେ

Digitized by srujanika@gmail.com

ଯୋଗଦେବାକୁ ଅକ୍ଷମତା ପ୍ରକାଶ କଲା । ସମସ୍ତଙ୍କ ଉତ୍ସାହ ଭୁଷ୍ଟୁଡ଼ି ପଡ଼ିଲା । ସନିଆ ନ ଗଲେ କିଛି କାମ ହୋଇପାରିବନି ବୋଲି କହି ତା ଯିବା ଉପରେ ସମସ୍ତେ ଜିଗର ଧରିବସିଲେ ।

ବିବ୍ରତ ହୋଇ ସନିଆ କହିଲା—"ଆଚ୍ଛା, ମୁଁ ତ ବାଟ ବତେଇଦେଲି, ବାକିତକ ତୁମେ ଯଦି କରି ନ ପାରିବ ମୁଁ ନାଚାର । ମୁଁ ବଗି ଉଆଁରି କରିବ, ତୁମ ପାଚି ଭିତରେ ଭର୍ତ୍ତି କରିବ, ଦୁଇ ମାଡ଼ିକୁ ଦୁଇ ହାତରେ ଧରି କୁଟେଇବ, ତଣ୍ଟି ଭିତରକୁ ଠେଲିବ, ସବାଶେଷରେ ପେଟକୁ ଚିପି ପାଇଖାନାରେ କଢ଼େଇବ—ଆଉ ତୁମେ ସବୁ କାଠ ପରି ବସି ରହିଥିବ ?"

ସନିଆର ବକ୍ତୃତା କାମ ଦେଖାଇଲା । ତା'ର ଯୋଜନାକୁ ମାର୍ଜିତ କରି ବଡ଼ ଆକାର କରାଗଲା । ରାତି ଏଗାରଟାବେଳକୁ କାଳିଆ କାଳିଆ ୬-୭ ଜଣ ଭୂତ ବସ୍ତା ଓ ଝୁଣାଗୁଣ୍ଡ ଧରି ବାହାରିପଡ଼ିଲେ । ପଛେ ପଛେ ୪-୫ ବଚ୍ଛା ବଚ୍ଛା ଟେଣ୍ଡିଆ ଗଲେ । ସନିଆ ପିଣ୍ଡାରେ ଶୋଇ ଭାବୁଥାଏ ମାଡ଼ ଖାଇ ପଳେଇ ଆସି ଯଦି ସମସ୍ତେ ମତେ ପଚାରିବେ ମୁଁ କହିଦେବି—ମୋର କି ଦୋଷ । ପିମ୍ପେଇପୁରିଆ ଥରେ ହେଚି ବିଲକ୍ଷ ପାଳିଟିଗଲେ । ଗୋଟାଏ କାମକୁ ଦୁଇଥର କଲେ ତାର ଆଉ ଇଜ୍ଜତ ରହେନା ।

ରକ୍ଷା ପାଇବାର ବାଟଟା ସିନା ଠିକ୍ କରିଦେଲା, ହେଲେ ତା' ମନଟା ଖାଲି ଗୋଳେଇ ପୋଳେଇ ହେଲା । ସତ କଥାଟା କହି ଦେଇଥିଲେ କି ମୁସ୍କିଲଟା ହୋଇଯାଇ ଥାଆନ୍ତା । ହସିଥିଲେ ହସିଥାଆନ୍ତେ, ମୋର କିଛି ନାକ କାନ ଛିଣ୍ଡି ଯାଇ ନଥାନ୍ତା । ଏବେ ତୁଚ୍ଛାଟାରେ ଯାହା ଏତେଗୁଡ଼ାଏ ଟେଣ୍ଡିଆଙ୍କୁ କନ୍ଦେଇଲି ସିନା । ମାଡ଼ପିଟ୍ ହେଲେ କାହାର କଅଣ ହେବ ତା'ର କିଛି ଠିକଣା ଅଛି ? ଜୀବନ ଯେ କାହାର ବୁଲି ନ ଯିବ ତାହା କିଏ କହିବ ?

ଏମିତି ଗୁଡ଼ାଏ ଭାବ ଭାବି ସନିଆର ମୁଣ୍ଡ ଗରମ ହୋଇଗଲା । ନିଦ ହେଲାନାହିଁ । ପିଣ୍ଡାରେ ପଡ଼ି ଖାଲି ଛଟର ପଟର ହେଉଥାଏ ଓ ସମସ୍ତଙ୍କ ଫେରନ୍ତା ବେଳକୁ କାନେଇ ରହିଥାଏ ।

× × ×

ପିମ୍ପେଇପୁରିଆଙ୍କ ମାଛମରା ପ୍ରାୟ ବାରଅଣା ସରିକି ହେଲାଣି । ଠିକ୍ ଏତିକିବେଳେ ଜଣେ ଦେଖିଲା ଗୋଟାଏ ଝିପଣ୍ଡ କଳା ଝପିସ ମୁହଁରୁ ଭକ୍ ଭକ୍ ନିଆଁ ହୁଳା ବାହାରି ଦହିଁଅଡ଼ୁ ମାଡ଼ିଆସୁଛି । 'ବାପ ଲୋ' କହି ସେ ଥାଉ ଜଲ୍କୁ

Digitized by srujanika@gmail.com

କୁଣ୍ଢାଇ ପକେଇଲା । ପଛେ ପଛେ ଉତ୍ତର ଓ ପଶ୍ଚିମ ଦିଗରୁ ଆନ୍ଦାଜ ୪-୫ ଖପିସ ପାଟିରୁ ନଆଁ ଓକାଳି ଧାଇଁ ଆସୁଥିବାର ଦେଖାଗଲା । ବାପା ଲୋ, ମାଆ ଲୋ ହୋଇ ସମସ୍ତେ ଆଗ ପରସ୍ତେ କୁଣ୍ଢାକୁଣ୍ଢି ହୋଇ ଗଡ଼ିଗଲେ । ଖାଗ୍ୟେ ଟାଁ ଭିତରୁ ଆସିଥିବା ପୂର୍ବଦିଗର ରାସ୍ତାରେ ଖପିସ ନ ଥିଲେ । ବାଟ ସାଫ୍ ଦେଖିବାମାତ୍ରେ ଜୀବନ ବିକଳରେ ମାଛ, ବଜା, ଜାଲ ସବୁ ଛାଡ଼ିଦେଇ ଅତି ପ୍ରିୟ ଜୀବନଟାକୁ ଧରି ଗାଆଁ ଭିତରକୁ ସମସ୍ତେ ପଳେଇଲେ । ଯେ ଯାହା ଘର ଭିତରେ ଥାଇ ମନକୁ ପ୍ରବୋଧ ଦେବାକୁ ଲାଗିଲେ—ଜୀବନଟା ଥିଲେ କେତେ ଜାଲ, କେତେ ବଜା କରିହେବ, କେତେ ମାଛ ବି ମାରିହେବ । ଜୀବନଟା ରହିଯାଇଛି ସେଇ ଯଥେଷ୍ଟ ।

× × ×

ସନିଆ ସେମିତି ଛଟପଟ ହେଉଛି । ରାତି ସରିଆସୁଛି, ଏତିକିବେଳେ ସମସ୍ତଙ୍କର ଚୁପ୍‌ଚୁପିଆ ପାଟିଗୋଳ ଶୁଭିଲା । ତା ଛାତି ଦାଉ ଦାଉ ହୋଇ ପଡ଼ିଲା । ବିଶଲ୍ୟକରଣୀ ପତର କେଉଁଠି ମିଳିବ ମନେ ମନେ ଠିକ୍ କରିନେଲା ଆଉ କଅଣ ଔଷଧ ହେଲେ ଭଲ ହେବ ତାହା ଭାବୁଛି, ଠିକ୍ ସେତିକିବେଳେ ମାଛ ଖାର ତା' ପିଣ୍ଡାତଳେ ଲୁଟେଇ ହୋଇଗଲା । ସନିଆ ଉଲୁଆ ହୋଇ ବସିଗଲା । ତା ପାଟି ମେଲା ହୋଇଗଲା ।

ସାଥେ ସାଥେ ମାଛ ବଣ୍ଟା ହୋଇଗଲା । ବଜା, ଜାଲ ସବୁ ଠାକୁରଘର ସମ୍ପତ୍ତି ହୋଇଗଲା । କାମ ଦେଖାଇଥିବା ଉପାୟଟା ବତେଇ ଦେଇଥିବାରୁ ସନିଆକୁ ଅଧିକା ଭାଗ ଓ ସବା ବଡ଼ ମାଛଟି ଦିଆଗଲା । ସନିଆ ଜନ୍ମ ମନରେ ଭାବିଲାଗିଲା — ଆଖି ବୁଜି ଡେଲାଟାଏ ମାରିଦେଲେ ବେଳେ ବେଳେ ଏମିତି ପୁଣି ବାଜେ !

—o—

Digitized by srujanika@gmail.com

# ଏରଣ୍ଡ ତ୍ରୟୋଦଶୀ

ବନାମା' ଗବମଞ୍ଜି ବାଛୁବାରେ ଲାଗି ପଡ଼ିଥାଏ, ବନମାଳୀ ଯଜମାନମାନଙ୍କ ଘରୁ ଦୈନିକ ଠାକୁର ପୂଜା ସାରି ମଞ୍ଜି ବସ୍ତା ପାଖରେ ଆସି ବସିଗଲେ । ବନାମା' ବୋହୂକୁ ଶୀଘ୍ର ଭାତ ବାଢ଼ିବାକୁ କହିଲାରୁ ବନମାଳୀ ବାରଣ କରି କହିଲେ— "ନାହିଁ, ଆଉ ଆଜି, ଗୋପାଳ ମିଶ୍ର ପର୍ଫେସର ଘରେ ଦ୍ରବ୍ୟ ଭୋଜନଟା ହୋଇଯାଇଛି । ତା ପୁଅର ଏକୋଇଶା ପୂଜାପୃଜ ସାରି ଆସୁଥିଲି । ଗେରସ୍ତ ଭରିଯା ଦୁହେଁ ଏକ ଜଗର କରି ବସେଇଲେ । ଓଃ ଯେଉଁ ଦହିଟା ଆଣିଥିଲେ ସେଇଟା ଏକଦମ୍ ଫାଷ୍ଟ୍‌କ୍ଲାସ, ହାତରୁ ଚକଟା ଛାଡ଼ୁଲା ନାହିଁ । ଆଉ ଖାଇବା ନାଆଁ ଧରନା ।"

ଏତକ କହି ବନମାଳୀ ବହୁ ଖଣ୍ଡିଆ ଲୁଷ୍ଠାଯୁକ୍ତ ଏକ ତାଳପତ୍ର ବ୍ୟଞ୍ଜଣା ଆଣି ବିଞ୍ଚି ହେବାରେ ଲାଗିପଡ଼ିଲେ ଓ ବୋହୂର ଗବମଞ୍ଜି ବସ୍ତା ଆଡ଼େ ଚାହିଁ କହିଲେ, "ବୋଉ ! ଯେତେକ ମଞ୍ଜି ବାଛୁଲୁଣି ସେତକ ପ୍ରାୟ ୨ସେର ହେବ, ଆଚ୍ଛା ତାକୁ ଗାନ୍ଧିଲେ ସେଥିରୁ କେତେ ତେଲ ବାହାରିବ ?"

"ଛୁଆ ! ଦେଖିବାକୁ ଅଦସେର ନା, ଯେତେ ବାଗେଇ ଗାନ୍ଧିଲେ ବି ତେଲ ଛଟାଙ୍କି ହବ କି ନହବ । ଅକାଠିଆ ମଞ୍ଜିଗୁଡ଼ାକ । ମନ ହେଉଛି ବନ୍ଧନ ଛୁଡ଼େଇ ଦେବି । କଅଣ କହିବି ରେ ପୁଅ, ମଞ୍ଜି କରିଚି ସପନାମାଇପ । ସେରେ ମଞ୍ଜି ଯାହି-ତାଇ କରି ଗାନ୍ଧି ଦେଢ଼ପା ତେଲ କାଢୁଚି । ଆଖି ଖୋସି ହୋଇଯିବ ପରା ! ହାତ-ଗୋଡ଼ଖାଉକୁ କେତେ ନେହୁରା ହୋଇ କହିଲଣି, ଯୋଡ଼ାଏ ଦେଲେ ମଞ୍ଜି ଦେ, ସେ କାହିଁକି ଶୁଣିଯିବ ? ଯୋଟଗୋଣୀଖିଆ କଏ ଗୋଟାଏ ତାକୁ ବଶେଇ ଦେଇଚି, ମଞ୍ଜି ଆଉ କାହାକୁ ଦେଲେ ବନ୍ଧନ ଛୁଡ଼ିଯିବ । ନ ଛୁଡ଼ିଲେ ବି ଉପୁଜାତ କମିଯିବ । ହାତଗୋଡ଼ଖାଇଟା ତା'ରି କଥାରେ ଭଳିଯାଇଛି । ମଞ୍ଜି ତ ମଞ୍ଜି, ଖୈପାଟାଏ ବି ଦେବାକୁ ଅମଙ୍ଗ ।"

"ଦୁଇଟି ମାତ୍ର ମଞ୍ଜି ଦେବାକୁ ଅମଙ୍ଗ । ଆଚ୍ଛା ବୋଉ, ତୁ ଥୟ ଧର । ମୁଁ ଏମିତି ମଙ୍ଗ ମୋଡ଼ିଦେବି ଯେ ସପନାମାଇପ ଠିକ୍ ବାଟକୁ ଆସିଯିବ । ଦୁଇଟା ମଞ୍ଜି

Digitized by srujanika@gmail.com

କଅଣ, ମାଣେ ମାଣେ ମନ୍ତ୍ରି ତୋ ଗୋଡ଼ ପାଖରେ କୁଢ଼େଇ ଦେଇଯିବ । ଗୋଟାଏ କାହା କଥାରେ ସେ ଅବାଟକୁ ଚାଲିଯାଇଛି, ମୋ କଥାଟା ଯେତେବେଳେ ବେଶି କାଟୁ କରିବ, ସେତେବେଳେ ସେ ଠିକ୍ ବାଟକୁ ଆସିଯିବ ।”

“ନାହିଁରେ ପୁଅ, ସେ କାମ କରିବୁ ନାହିଁ ! ଦ’ଟା ମନ୍ତ୍ରି ପାଇଁ ଗୋଳରେ କି ଦରକାର ? ଯିଏ ଶୁଣିବ, ହସିବ, ଛି ଛାକର କରିବ । ପୋଡ଼ଯାଉ ସେ ମନ୍ତ୍ରି, ନହେଲା ନାଇଁ ।”

“ଆଲୋ ନାହିଁ ଲୋ, ନାହିଁ ତୁ କଅଣ ଏକଥା ଠଉରେଇଲୁ । ଆମ ହାତରେ ମନ୍ତ୍ରଯନ୍ତ୍ର ଥାଉ ଥାଉ ଆମେ ଗଣ୍ଡଗୋଳକୁ କଆଁ ପଶିବା ? ମୁଁ ତ ଏଇଠି ବସି ଏମିତି ମନ୍ତ୍ର କରିଦେବି ଯେ ସେ ଏଠିକି ଆସି ମନ୍ତ୍ରି ଦେଇଯିବ । ତାକୁ କେହି ମନ୍ତ୍ରି ମାଗିବେ ନାହିଁ, ସେ ସ୍ୱଇଚ୍ଛାରେ ଦେବ ।”

“ହଉରେ ପୁଅ, କଅଣ କରୁଛୁ କର । ହାତଗୋଡ଼ଖାଇର ଆଗକୁ କେହି ନାହିଁ ନା ପଛକୁ କେହି ନାହିଁ, କାହା ପାଇଁ ଲୋଭ କରୁଛି କେଜାଣି ? ମଲାବେଳେ ଯେମିତି ମନ୍ତ୍ରି ବସ୍ତାଏ ପିଠିରେ ପକେଇ ଯିବ । ଆଣ୍ଠୁଭୁଡ଼ୀର ଏଡ଼େ ଲୋଭ, ତାକୁ କଅଣ ମନ୍ତ୍ର ସହଜରେ କାଟୁ କରିବ ?”

“ତୁ ଅସ୍ଥ ହୋ ନ ବୋଉ ! ମୋ ପାଖରେ ଖୁବ୍ କଡ଼ା ମନ୍ତ୍ର ଅଛି । ସିଏ ତ ସିଏ, ତା ଚଉଦ ପୁରୁଷ ବି ମୋ ମନ୍ତ୍ରରେ ତଳ ପଡ଼ିବେ । ପୂଜାପୂଜି ସାମଗ୍ରୀ ଟିକିଏ ଜୁଟ୍‌ଜାଟ୍ କରିବାକୁ ମାସେ ଖଣ୍ଡେ ଲାଗିଯିବ । ତା’ପରେ କାମ ଫତେ । ଆଉ ଦେଖ ବୋଉ, ମୁଁ ଯେମିତି ଯାହା କହିବି ତୁ ଠିକ୍ ସେହିପରି କରିବୁ ।”

ବନମାଳୀ ପୂଜା ସାମଗ୍ରୀ ଆୟୋଜନରେ ଲାଗିପଡ଼ିଲା । ଖୁବ୍ କଠିନ ପରିଶ୍ରମ କରି ମାସକ ଭିତରେ ଗୋଟିଏ ଚଟି ବହି ଲେଖି ତାକୁ ତାଳପତ୍ର ପୋଥିରେ ଗୋଟିଏ ନାହାକ ସାହାଯ୍ୟରେ ଉତୁରେଇ ନେଲା । ଠାକୁର ଘରେ ଗୋଟିଏ କଡ଼ ସଫାସୁତୁରା କରି ଇଟା ଓ ମାଟିରେ ଗୋଟିଏ ଆସ୍ଥାନ ତିଆରି କଲା । ଆସ୍ଥାନ ଉପରେ ଗୋଟିଏ ଆସନୀ ଓ ଆସନୀ ଉପରେ ଏକ ଚନ୍ଦନ ସିନ୍ଦୂର ମଣ୍ଡିତ ଓ ପାଟକନା ପରିବେଷ୍ଟିତ ଭଗ୍ନ ଶିଳପୁଆ ଥୋଇଲା । ଚାରିକଡ଼େ ସବୁ ସବୁ ବାଉଁଶ ପୋଡି ଓ ଚାନ୍ଦୁଆ ଖଣ୍ଡେ ଉପରେ ଝୁଲେଇ ଗୋଟିଏ ଆଖିଦୃଶିଆ ସିଂହାସନ ମଣ୍ଡପ ତିଆରି କଲା । ବୋଉଦ୍ୱାରା ସଂଗୃହୀତ ଶବମନ୍ତ୍ରିତକ ଗୋଟିଏ ଗ୍ରେଟ ଟୋକେଇରେ ଭର୍ତ୍ତିକରି ମଣ୍ଡପ ପାଖରେ ଥୋଇଲା । ସବୁ ସରିବା ପରେ ତା’ ପାଖରେ ଯଜମାନ କାମ ଶିଖିଥିବା ଦୁଇ-ଚାରିଜଣ ଯୁବକଙ୍କୁ ପ୍ରଚାର କାମରେ ଲଗେଇଦେଲା ।

ପ୍ରଚାରକମାନେ ‘ଏରଣ୍ଡ ତ୍ରୟୋଦଶୀ’ ନାମକ ଏକ ନୂଆ ପୂଜାର ମାହାତ୍ମ୍ୟ ଆଖ ପାଖର ସ୍ତ୍ରୀଲୋକ ବିଶେଷତଃ ଆଣ୍ଠୁଭୁଡ଼ୀ ସଯନାମାଇପ ପାଖରେ ବର୍ଣ୍ଣନା କରି

Digitized by srujanika@gmail.com

କହିଲେ—"ବନାନ୍ନ ପରି ବେଦ ଘାଣ୍ଟୁ ଘାଣ୍ଟୁ ଏ ନୂଆ ପୂଜାଟିକୁ ଦେଖିଲେ । ସେ ପୂଜାର ଜାଙ୍କ ଆଉ କଅଣ କହିବା, ଦୁର୍ଗା ପୂଜାର ଜାଙ୍କ ବି ତାକୁ ଲକ୍ଷ୍ୟ ନୁହେଁ । ପୂଜା ସହଜ ଯେମିତି, ସଙ୍ଗେ ସଙ୍ଗେ ଫଳ ଦେବାକୁ ସେମିତି । ଆସନ୍ତା ଶନିବାର ଦିନ ସନ୍ଧ୍ୟା ବେଳକୁ ବନାନ୍ନାଙ୍କ ଘରେ ଏ ନୂଆ ପୂଜାର ଆରମ୍ଭ ହେବ । ସମସ୍ତଙ୍କର ଏହା ଦେଖିବା ଉଚିତ ।"

ଶନିବାର ଦିନ ସନ୍ଧ୍ୟାବେଳକୁ ସପନାମାଇପ, ପଖାଳ ଖାଇଦେଇ କଂସାଟା ପିଛୁଳେଇ ଦେଲା । ତରତରରେ କଂସାଟା ସେଇଠି ଥୋଇଦେଇ ପଦାକୁ ଆସିଲା ଓ ବାହାର ଦୁଆରରେ ଖିଲ ପକାଇ ବନମାଳୀ ଘରକୁ ଗଲା ।

ଅନ୍ୟାନ୍ୟ ସ୍ତ୍ରୀଲୋକମାନଙ୍କ ଗହଣରେ ସପନାମାଇପ ବସିସାରିବା ମାତ୍ରେ ବନମାଳୀ ପୋଥିପଢ଼ା ଆରମ୍ଭ କରିଦେଲା । ଝୁଲୁଝୁଲିଆ ପବନ, ପଖାଳର ନିଶା ତାର ଆଖିପତାକୁ ବୁଜିପକାଉଥାଏ । ଶୋଇବା ଓ ଚେଇଁବା ଭିତରେ ଘାଣ୍ଟି ହୋଇ ସେ ପୁରାଣ ପାଠରୁ ଖଣ୍ଡେ ଖଣ୍ଡେ ଆପଣା ମୁଣ୍ଡରେ ସଞ୍ଚୟ କରିବାକୁ ଲାଗିଲା । ଗଳା ଖଙ୍କାର, ଏଁ ଏଁ, ତୀବ୍ର ଓ କୋମଳ ସ୍ୱର, ଦ୍ରୁତ ଓ ବିଲମ୍ବିତ ଲୟଯୁକ୍ତ ହୋଇ ବନମାଳୀ ବୋଲି ଲାଗିଥାଏ ।

× × ×

କହନ୍ତି ପ୍ରଭୁ ନାରାୟଣ
ଶୁଣ ହୋ ବ୍ରହ୍ମାଙ୍କ ନନ୍ଦନ
ଘୋର କଳିରେ ମର୍ତ୍ତ୍ୟେ ଯିବୁ
ଏରଣ୍ଡ ରୂପେ ଜାତ ହେବୁ
କଳିରେ ଦରିଦ୍ର ବହୁତ
ଧନ ଅଭାବେ ହନ୍ତସନ୍ତ
ଅଧିକ ବ୍ୟୟେ ପୂଜାମାନ
କରିଣେ ନୋହିବେ ଭାଜନ
ସେମାନଙ୍କୁ ମୁଁ ଦୟା କରି
ରହିବ ଅପନ୍ତା ଆଡ଼ବାରି
ସେମାନେ ମୋତେ ତୋଳି ନେବେ
ବିନା ବ୍ୟୟରେ ପୂଜୁଥିବେ

× × ×

ବୁଢ଼ୀକୁ କହନ୍ତି ବ୍ରାହ୍ମଣ
ପୂଜାର ଏମନ୍ତ ବିଧାନ
ଗଭ ଗଛରୁ ଫଳ ନେଇ

Digitized by srujanika@gmail.com

ଖଟରେ ଦେବଟି ଶୁଆଇ
ତହିଁରୁ ମଞ୍ଜିକୁ କଢ଼ାଇ
ରଖିବ ପାତ୍ରରେ ପୂରାଇ
ଏପର ମଞ୍ଜି ମାଣେ ନେଇ
ଠାକୁର ପାଶେ ଦେବ ଥୋଇ
ପୁରାଣ ବସିଣ ଶୁଣିବ
ଆପଣା ଇଚ୍ଛା ମନାସିବ

× × ×

ଦକ୍ଷିଣା ରୂପେ ମଞ୍ଜି ମାଣ
ପୂଜକେ ଦେବ ଜଣ ଜଣ

× × ×

ବୁଢ଼ୀର ପିଲା ଝିଲା ନାହିଁ
ମଲା ଯେ ଆଣ୍ଠୁକୁଡ଼ୀ ହୋଇ
ତକ୍ଷଣେ ଯମଗଣ ଆସି
ବୁଢ଼ୀକୁ ଧଇଲେ ଆକର୍ଷି
ଘୋଷାଡ଼ି ନ୍ୟନ୍ତି ଚୁଟି ଧରି
ବୁଢ଼ୀ ଗୁଡ଼ଇ ଡକା ହୁରି
ଏରଣ୍ଡ ରୂପୀ ନାରାୟଣ
ଶୁଣିଲେ ତାହାର କ୍ରନ୍ଦନ
ଧାଇଁଲେ ବିଷ୍ଣୁଗଣ ସହ
କ୍ରୋଧେ ଡାକଲେ ରହ ରହ
ଥୋଇଲେ ଯମଗଣେ ମାଡ଼
ଭାଙ୍ଗିଣ ଦେଲେ ଗୋଡ଼ ହାଡ଼
ସଭିଙ୍କ ନଶ ଓପାଡ଼ଲେ
ମୁଣ୍ଡକୁ ସାତବେଣ୍ଟି କଲେ
କ୍ରୋଧେ କହିଲେ ନାରାୟଣ
ରେ ଦୁଷ୍ଟ ଏହା କି ନ ଜାଣ
ଏ ବୁଢ଼ୀ କରିଛି ବହୁତ
ଏରଣ୍ଡ ଷଷ୍ଠୋଦଶୀ ବ୍ରତ
ତେଣୁ ତା ଅସୁନିକ ଦୋଷ
କାଟିଛୁ ହୋଇଣ ହରଷ
ଏବେ ଏହାକୁ ଆମ୍ଭେ ନେବା

Digitized by srujanika@gmail.com

ବୈକୁଣ୍ଠେ ନେଇ ବସାଇବା
ଯମଗଣ ଯେ ଭସ୍ମ କଲେ
ବୁଢ଼ୀ ଉପେକ୍ଷି ପଳାଇଲେ

× × ×

ଦେଖିଲା ବାଳୀ ଭସ୍ମେ ବୁହିଁ
ଗଳାରେ ସୁନା କଣ୍ଠି ନାହିଁ
ସମସ୍ତ ସ୍ଥାନ ଦରାଣ୍ଡିଲା
ପୋଖରୀ ତୁଠ ବି ଖୋଜିଲା
କେଉଁଠି ନ ପାଇଣ ହାର
ଭୟରେ ବାଳୀ ଥରହର
ଯୋଗକୁ ସେଦିନ ଆଗତ
ଏରଣ୍ଡ ଦ୍ୱାଦଶୀ ବ୍ରତ
ଯୋଗାଡ଼ ଗବମଞ୍ଜି ମାଣେ
ଚଳିଲା ବାଳୀ ପୂଜା ଆନେ
ତାକୁ ପୂଜକେ ସମର୍ପିଲା
ମୋ କଣ୍ଠି ମିଳୁ ମନାସିଲା
କ୍ଷଣାରେ ଦେଖିଲା ସପନ
କହନ୍ତି ଶବ ନାରାୟଣ
ହେ ବାଳି ନଳା ମୁହେଁ ଯିବୁ
ସେଠାବେ ତୋ କଣ୍ଠି ପାଇବୁ
ଏ ପୂଜା ଗୋଟି ଯେଣୁ କଲୁ
ହଜିଲା କଣ୍ଠିକୁ ପାଇଲୁ

× × ×

ଅଣ୍ଟୁକୁଡ଼ୀ ଦୋଷ ପାଇଁ ସପନାମାଇପ ଏରଣ୍ଡ ଦ୍ୱାଦଶୀ ବ୍ରତ ଯାହା କରିଥାଅନ୍ତା କ ନାହିଁ, ଯୋଗକୁ ଥରପାଳର ଆଗ ଦିନ ତା'ର ପଖାଳଖିଆ କଂସାଟି ହଜିଲା । ଜଣେ ବ'ଳଣ ଠୋକାଙ୍କ କଥାରେ ରାଜି ହୋଇ ସେ ବ୍ରତ କରିବ ବୋଲି ସଂକଳ୍ପ କଲା । ସତକୁ ସତ ସେ ପାହାନ୍ତିଅରେ ପରସ୍ତା କରିବାକୁ ଯାଇ ଦେଖେ ତ ନଳା ମୁହଁରେ କଂସାଟି ଥୁଅ ହୋଇଛି । ସେ ସେଇଠି ଭକ୍ତି ଗଦ୍‌ଗଦ ଭାବେ ମୁଣ୍ଡିଆ ମାରି କହିଲା, "ହେ ଏଣ୍ଡେର ମାପୁରୁ ମତେ ବଞ୍ଚେଇଲୁ । ତୋଠି ଶରଣ ପଶିଲି ।"

ଏହି ବ୍ରତ କଲାଦିନୁ ସପନାମାଇପର ଆଉ ଅଣ୍ଟୁକୁଡ଼ୀ ଦୋଷ ବା ଚୋର ଟହର ଭୟ ନାହିଁ । ସେ ମହା ଖୁସି । ବନାମା ବୁଢ଼ୀ ବି ତା' ଖୁସିରେ ଭାଗୀଦାର ।

—o—

Digitized by srujanika@gmail.com

# ଗୋଡ଼ିଟିଏକୁ ପଥରଟାଏ

ଘାସ କେରାଏ ଆଗରେ ଦେଖାଇ ଚାଲିଲେ ଓଳିଆ ଗାଈ ଯେପରି ଦୁନିଆର ଏ ମୁଣ୍ଡରୁ ସେମୁଣ୍ଡ ଯାଏ ଗୋଡ଼େଇ ଗୋଡ଼େଇ ଚାଲିଯାଏ, ଅନ୍ତା ସେହିପରି ତା' ଏନ୍ତୁଡ଼ିଶାଳ ତନରଡ଼ା ସହରରୁ ପଇସା ଆଶାରେ ଯାଉ ଯାଉ ଏକାବେଳେକେ ମହେଞ୍ଜୋଦାରୋ ପର୍ଯ୍ୟନ୍ତ ଚାଲିଗଲା । ମାଟିଖୋଳାଟା ତାର ଅତି ପ୍ରିୟ କାମ । ତା'ର ଗଇନ୍ତି କାଳେ କେତେବେଳେ ଭୂଇଁ ତଳେ କେଉଁ ଅଜ୍ଞାତ କାଳରୁ ପୋତା ହୋଇ ରହିଥିବା ସୁନା ମୋହରର ହଣ୍ଡାରେ ବାଜି ବୀଣା ଓ ନୂପୁରବିନିନ୍ଦିତ 'ଝମ୍' ଶବ୍ଦ ସୃଷ୍ଟି କରିବ, ସେହି ଶବ୍ଦ ଟିକିକ ଶୁଣିବାକୁ ତା'ର ଦୁଇ କାନ ସବୁବେଳେ ଟେକା ହୋଇ ରହିଥାଏ, କିନ୍ତୁ ତା ବଦଳରେ ତା କାନ ଶୁଣିଥାଏ ଖଡ଼୍ ଖାଡ଼୍, ଭଡ଼୍ ଖଡ଼୍, ଭୂଇଁ ତଳେ ଥିବା ଗୋଡ଼ି ପଥର ଖପରରେ ତା' ଗଇନ୍ତିର ମୁନ ବାଜିବାର ଶବ୍ଦ । ଭୂଇଁ ତଳେ କାଁ ଭାଁ ଲୁଚି ରହିଥିବା ଖପରର ଯେ ଗୁଡ଼ାଏ ଦାମ୍ ହୋଇପାରେ; ତାହା ସେ ପ୍ରଥମ ଥର ପାଇଁ ମହେଞ୍ଜୋଦାରୋରେ ଯେଠା ପ୍ରତ୍ନତତ୍ତ୍ୱ ବିଭାଗ ନିର୍ଦ୍ଦେଶରେ ଖୋଳାଯାଉଥିବା ଖଣିରେ ଶୁଣିଲା । × × ×

ବଡ଼ ହୁସିଆରରେ ଓ ବହୁ ପରିମାଣରେ ମାଟି ଖୋଳି ପାରୁଥିବାରୁ ହାକିମ-ମାନଙ୍କର ତା' ପ୍ରତି ବଡ଼ ସୁପାରିଶ ଥାଏ । ସେଦିନ ସବା ବଡ଼ ହାକିମ ନିଜେ ଖଣି ଭିତରେ ଠିଆହୋଇ ନିର୍ଦ୍ଦେଶ ଦେଉଥାନ୍ତି ଓ ଅନ୍ତା ଖୋଳିଚାଲିଥାଏ । ଗଇନ୍ତିର ମୁନ ଗୋଟିଏ ଅଧା ଇଟା କାନ୍ଥ ପାଖରେ ଥିବା ଗୋଟାଏ ଟାଣୁଆ ମାଟିପିଣ୍ଡ ଭିତରକୁ ପଶିଯାଇ ମାଟିକୁ ହୁଗୁଳାଇଦେଲା । ଅନ୍ତା ବେଶ୍ ବାରିପାରିଲା ଯେ ସେ ମାଟିପିଣ୍ଡ ଭିତରେ ଅପେକ୍ଷାକୃତ ଅଧିକ ଟାଣ କିଛି ଏକ ଜିନିଷ ଅଛି । ବଗ ମାଛ ଚାହିଁଲା ପରି ବଡ଼ ହାକିମ ସେ ମାଟି ପିଣ୍ଡକୁ ଡିମା ଡିମା ଆଖିରେ ଚାହିଁ ରହିଥାନ୍ତି । ଅନ୍ତା ହୁଗୁଳା ମାଟିକୁ ହାତରେ ଖେଳାଇଦେଲା । ମାଟିତକ ଅଲଗା ହୋଇଯିବାରୁ ଗୋଟାଏ ଭଙ୍ଗା ମାଟି ସୋରେଇ ଭଳିଆ ଜିନିଷ ଆତ୍ମପ୍ରକାଶ କଲା । ଅନ୍ତା ମନେ ମନେ ଭାବିଲା—ଉଃ ! ଏତେ ପରିଶ୍ରମରେ ବାହାରିଲା, ଦେଖିଲବେଳକୁ ଭଙ୍ଗା ସୋରେଇଟାଏ । ଆହାରେ ଅମୂଲ୍ୟ ନିଧି ! ମନେହେଉଛି ଗଇନ୍ତିରେ ପାହାରେ ଦେଇ ଚୂନା କରିଦିଅନ୍ତି''—। ଆଉ ଅଧିକ କିନ୍ତୁ ସେ ଭାବିପାରିଲା ନାହିଁ । ଘଟଣାର ତୋଡ଼ ତା'ର ସବୁ ଭାବନାକୁ ଓଲଟ ପାଲଟ କରିଦେଲା । ଖୋଦ୍

Digitized by srujanika@gmail.com

ବଡ଼ ସାହାବ ଛଞ୍ଚାଣ ପରି ଭଙ୍ଗା ଯୋରେଇଟାକୁ ଝାମ୍ପି ନେଇ କୁହାଟ ଦେଲେ, "ଓଃ ଏ ଅମୂଲ୍ୟ ରତ୍ନ ବର୍ତ୍ତମାନ ମିଳିଲା, ତାହା କେହି କଳ୍ପନା କରିପାରିବ ନାହିଁ । ଆମର ବିପୁଳ ଅର୍ଥବ୍ୟୟ ସାର୍ଥକ ହୋଇଛି । ଏ ଜମି ଉପରେ ଘରକରି ରହିଥିବା ଲୋକଙ୍କୁ କ୍ଷତିପୂରଣ ଦେଇ ଏଠାରୁ ହାଟିବା, ଏଥିପାଇଁ ଆଇନ ଅଦାଲତରେ ମକଦ୍ଦମା ଲଢ଼ିବା, ତା ଘର ଭାଙ୍ଗିବା, ମାଟି ଖୋଳିବା ଆଦିରେ କେତେ ଯେ ଟଙ୍କା ଖର୍ଚ୍ଚ ହୋଇଗଲାଣି, ତା'ର ଇୟତ୍ତା ନାହିଁ । ହେଲେ ଏ ଟଙ୍କା ପାଣିରେ ପଡ଼ିନି, ଚକ୍ରବୃଦ୍ଧି ସୁଧ ସହ ମୂଲ୍ୟ ଫେରିଆସିଛି । ସମୁଦାୟ ଖର୍ଚ୍ଚ ଏ ଅମୂଲ୍ୟ ରତ୍ନର ପାସଙ୍ଗରେ ପଡ଼ିବ ନାହିଁ ।"

ଏହିପରି କହି କହି ସେ ତାଙ୍କର ଅଧସ୍ତନ କର୍ମଚାରୀମାନଙ୍କୁ ସେହି ଯୋରେଇ ବିଷୟରେ ନାନା ତଥ୍ୟ କହିବାକୁ ଲାଗିଲେ, କିନ୍ତୁ ଅନ୍ତ୍ୟାକୁ ସେସବୁ ମୂଳା ଚୋବାଇବା ଶବ୍ଦ ପରି ଶୁଭିଲା । ମନେ ମନେ ପେଟେ ହସି ସେ ଭାବିଲା—ଖଣ୍ଡେ ଭଙ୍ଗା ଯୋରେଇ ପାଇଁ ଗୋଟାଏ ଲୋକ ଯାନାସନ ଗୁଡ଼ି ଅଲଗା ଥାନକୁ ଯିବା ଲାଗି ବାଧ୍ୟ ହେଲା । ବଡ଼ ଲୋକଙ୍କୁ ଉତ୍ତର ନାହିଁ ।

ଦ'ପହର ବିଶ୍ରାମ ଓ ଖାନା ପାଇଁ କାମ ବନ୍ଦ ରଖି ସମସ୍ତେ ନିଜ ନିଜ ଘରକୁ ଚାଲିଗଲେ । ଅନ୍ତ୍ୟା କିନ୍ତୁ ସେଇ ଖଣି ଭିତରେ ବିଶ୍ରାମ କଲା । ଦସାରୁ ସାଙ୍ଗରେ ଆଣିଥିବା ପୋଟଳିରୁ ଜଳଖିଆ ଟିକେ ଖାଇଲା । ଦେହ ତା'ର ବିଶ୍ରାମ ଲୋଡ଼ୁଥିଲା । ମନ କିନ୍ତୁ ଭଙ୍ଗା ଯୋରେଇରେ ଘାଣ୍ଟି ହୋଇ ଦେହକୁ ଚଞ୍ଚଳ କଲା । ଗଯ୍ନନ୍ତଟା ଧରି ସେ ଆଉ ଗୋଟିଏ ଥାନ ଖୋଳି ଲାଗିଲା । ଦୁଇ ତିନ ବୋଝ ମାଟି ଆଢ଼େଇଛି କି ନାହିଁ ପୂର୍ବଠାରୁ ଅଧିକ ସୁନ୍ଦର ଓ ନିଖୁଣ ଯୋରେଇଟାଏ ବାହାରିଲା । ତା' ଉପରେ ତା'ର ଭାରି ଲୋଭ ହେଲା । ତରତର କରି ତାକୁ ନେଇ ଆଉ ଗୋଟିଏ ଥାନରେ ପୋତି ପକାଇଲା ।

ସନ୍ଧ୍ୟାବେଳକୁ ଖୋଲାଖୋଲି କାମ ସାରି ସମସ୍ତେ ଘରକୁ ଗଲେ । ନିଚ୍ଛୁଟିଆ ହେବାରୁ ଅନ୍ତ୍ୟା ସେ ମାଟି ଯୋରେଇଟି ପୋତା ହୋଇଥିବା ଥାନରୁ କାଢ଼ି ପୋଟଳି ଭିତରେ ଭର୍ତ୍ତି କରି ବସାକୁ ଚାଲିଲା । ମନ ସବୁବେଳେ ପାପ ଛୁଉଁଥାଏ, କାଳେ ବଡ଼ ସାହାବ କୁଡ଼ିଆ ଭିତରକୁ ପଶିଆସି ଦେଖିନେବ । ସବୁବେଳେ ମନଟା ଚଙ୍ଗ ଚଙ୍ଗ ହେବାରୁ ସେ ଯୋରେଇଟାକୁ ନେଇ କୁଡ଼ିଆ ପଛପଟେ ଗୋଟାଏ ବଡ଼ ଗାତ କରି ପୋତି ପକାଇଲା ।

ଅକ୍ଳାନ୍ତ ପରିଶ୍ରମ କରିବା ଫଳରେ ଅନ୍ତ୍ୟାର ଭଣ୍ଡାରେ କିଛି ପଇସା ଜମି ଆସିଲା । ତା' ମୁଣ୍ଡକୁ ବୁଦ୍ଧି ପଶିଲା ଯେତେବେଳେ ବୁଝେଇଲା, ସେତେବେଳେ ଘର

Digitized by srujanika@gmail.com

କଥା ତା'ର ମନେପଡ଼ିଲା । ଏତେ ବେଶୀ ମନେପଡ଼ିଲା ଯେ ସେ ଆଉ ଭଲ ଭାବରେ କାମ ଧାମ କରିପାରିଲା ନାହିଁ । ଘରେ କନମଜଲା ମାଆଟି ବଡ଼ ଝଗୁଟିଆ ହୋଇ ରହିଥିବ । ଏଥରକ ଯାହା କମେଇଥିଲା ସେଥିରେ ଘର ମରାମତି ଓ ହାତକୁ ଦ'ହାତ କାମଟା ହୋଇଯିବ । ତା' ପରେ ଆଉ ଘର ଛାଡ଼ି ଏତେ ଦୂରକୁ ଆସିବ ନାହିଁ । କାମ ଯେମିତି ହାଉଯାଉ ସେଥିରେ ଘରପାଖରେ ତେର କାମ ମିଳିଯିବ । ଏମିତିଆ ଗୁଡ଼ାଏ ଚିନ୍ତା ତା' ମୁଣ୍ଡ ଭିତରେ ଘାଣ୍ଟି ଚକଟି ହେଲା । ଶେଷରେ ଦିନେ ଗୋଧୂଳିର ଗୋଟ୍ ପକ୍ ଗୁଟିପିକି ହୋଇ ଘରମୁହାଁ ଧାଇଁଲା । ଖଣିରୁ ପାଇଥିବା ସୋରେଇ ଉପରେ ମାଟି ଗୋବର ପାଣି କରି ଲିପିଦେଲା, ଯେମିତି କି କେହି ତା' ଉପରେ ହୋଇଥିବା ନିପୁଣ ଚିହ୍ନଗୁଡ଼ିକ ଦେଖି ସନ୍ଦେହ ନ କରନ୍ତୁ । ସତକୁ ସତ ସୀମା ପାର ହେଲାବେଳେ ପ୍ରହରୀମାନେ ମାମୁଲି ସୋରେଇଟାଏ ଓ ତା ଭିତରେ ଥିବା ଛତୁଆ ଚୂନା ଦେଖି ଛାଡ଼ିଦେଲେ । ତା' ପରେ ଅନ୍ତା ଝଗପଥରେ ସିଧାସଳଖ ଯାଇ ଘରେ ପହଞ୍ଚିଲା ।

ଅନ୍ତା ଆସିଛୁ, ଅନ୍ତା ଆସିଛୁ ବୋଲି ଦୁଇ ଦିନ ହୁମଧୁମା ପରେ ସାଆଟା ପୁଣି ଅଣ୍ଡା ପଡ଼ିଗଲା, କିନ୍ତୁ ତା' ମାଆର ମନ ଅଣ୍ଡା ପଡ଼ିଲା ନାହିଁ—ଶୂନ୍ୟେ ଶୂନ୍ୟେ ଉଡ଼ି ଯାଁ ଘରେ ତା' ଘରେ ପଶି ବୋହୂ ଅଣ୍ଡାଳିବାରେ ଲଗିଲା ।

ଘର ମରାମତି ପରେ ଅନ୍ତା ଚାରିଆଡ଼ ଆପଟ କରିବାକୁ ପାଚେରି ଉଠେଇବାର ଯୋଗାଡ଼ କଲା । ତା' ବାଡ଼ିକୁ ଲଗି ରଘୁଆ ଶଗଡ଼ିଆର ଘର । ସେ ଦେଖିଲା ପାଚେରି ଉଠିଲେ ତାକୁ ମହା ଅଡ଼ୁଆ ହେବ । ଶଗଡ଼ଟାକୁ ସେ ଯାହା ଏବାବେଳେକେ ଘର ପଛକୁ ନେଇଯାଇ ପାରୁଥିଲା ଓ ବଳଦ ଦ'ଟାକୁ ଖୋଲାରେ ବାନ୍ଧି ଦେଇ ପାରୁଥିଲା, ପାଚେରି ଉଠିଲେ ସେତକ ଶେଷ । ନାନା ଛଳଖଣ୍ଡ ବଖେଡ଼ା କାଢ଼ି ପାଚେରି ଉଠାଇବାରେ ସେ ବାଧା ଦେଲା । ଅନ୍ତା କିନ୍ତୁ ନଛୋଡ଼ବନ୍ଦା । ସାହିର ପାଞ୍ଚ ଜଣ ଭଲ ଲୋକଙ୍କ ଆଗରେ ମାପଚୁପ୍ କରି ପାଚେରି ଉଠେଇଦେଲା । ରଘୁଆ ରକ୍ତଗୁହାଳ ଶ୍ଳେଦେଇ ହୋଇ କେସ୍ କଚେରିରେ ସେ ପାଚେରିଟାକୁ ତାଡ଼ିଦେବ, ସେଇ ବାଟ ଉଣ୍ଡିବାରେ ଲଗିଲା । ପାଞ୍ଚ ଜଣକୁ ଏକାଠି କରି ମନେଇ ଦେଇ ପାରିଲେ କାମଟା ହାସଲ ହୋଇଯିବ । ବିରାଡ଼ି ଉପାଳକୁ ଶିକା ଛିଣ୍ଡିଲା ପରି କୁଆଡ଼େ ଥିଲା କେଜାଣି ଭୋଟ୍ ବଢ଼ିଟା ଭୁସ୍ କରି ଅଚାନକ ମାଡ଼ିଆସିଲା । ଗୋଟି ଗୋଟି ହୋଇ ଏଣେ-ତେଣେ ବଛେଇ ହୋଇଥିବା ଲୋକେ ସବୁଥର ପରି ଏଥରକ ବି ଦୁଇଟା ମନ୍ଦା ବାନ୍ଧିଲେ—ଗୋଟାଏ ରବି ମନ୍ଦା ତ ଆରଟି ମହେଶ ମନ୍ଦା । ରବି ମନ୍ଦାକୁ ଟାଣୁଆ ଦେଖି ରଘୁଆ ସେଇ ମନ୍ଦାରେ ପଶିଲା । ଭୋଟବେଳେ ପାଞ୍ଚ ଉନ୍ନତି ନାଆଁରେ ନିଜ ନିଜ ଉନ୍ନତି କରିନେବା ହେଲା ସାହୁବାଲାଙ୍କ କାମ । ରଘୁଆ ଏଡ଼େ ସୁଯୋଗ

Digitized by srujanika@gmail.com

ଟାଏ ଗ୍ଳୁଡ଼େ କମରି ! ନିଜ ମହାଲରେ ଥିବା ଦେଶୀଆଗୁଡ଼ାଙ୍କୁ ସାହିର ଗୋଟିଏ ଉନ୍ନତ ମାର୍ଗର ନକ୍ସା କାଢ଼ି ଦେଖେଇଦେଲା । ସେ ସମସ୍ତଙ୍କୁ ବୁଝେଇ ଦେଲା — "ହେଇ ଦେଖ, ଅନ୍ୟା ସେପଟେ ପାଚେରି ଉଠେଇଦେଲା, ତା'ର ବଦଫଳ ସମସ୍ତେ ବର୍ଷାଦିନକୁ ଭୋଗିବେ । ସେଇ ବାଟଦେଇ ବର୍ଷାପାଣି ଗଡ଼ିଯାଉଥିଲା । ବର୍ଷାଦିନର ପଚର ପଚରଟା କେମିତିଆ ଜିନିଷ ଆମେ ଆଜିଯାଏ ଜାଣିପାରୁ ନ ଥିଲୁ । ଏବେ ସେ ପାଚେରି ଲାଗି ଆଉ ପାଣି ଗଡ଼ିଯାଇ ପାରିବ ନାହିଁ । ପାଣି ହରଦମ୍ ଜମି ଘରଆଡ଼ ପଚର୍ ପଚର୍ କରିବ । ପାଣି ଜମିରହିଲେ ମଶାପଲ ମାଡ଼ିଯିବେ । ଗାଈ ପଛେ ପଛେ ବାଛୁରି ଗୋଡ଼ାଇଲା ପରି ମାଆଙ୍କ ପଛେ ପଛେ ଧାଇଁବେ ମେଲେରିଆ, ତା' ପଛକୁ ଫିଲେରିଆ, ତା' ପଛକୁ ହେଁସ କତସ କାମୁଡ଼ା, ଶେଷରେ ଯମ ସଙ୍ଗରେ ଭେଟ । ମାସେ କି ତି'ମାସ ଭିତରେ ସାହିର ଚଉଦ ଅଣା ଲୋକ ଯମ ସଙ୍ଗେ ଭେଟ କରିବେ ! ଲୋକଙ୍କୁ ନେଇ ସାହି । ଲୋକ ମୂଳ-ପୋଛ ହେବା ଅର୍ଥ ସାହି ମୂଳପୋଛ । ଗୋଟିଏ ପାଚେରି ପାଇଁ ସାହି ମୂଳପୋଛ ହେବାକୁ ବସିଲାଣି । ସମସ୍ତେ ଜାଣି ଜାଣି ଏଇଆ ହେବାକୁ ଦବ ତ ?"

ସମସ୍ତେ ଗୁଣୁ ଗୁଣୁ ହୋଇ ପ୍ରତିବାଦ କଲେ "ନା, ନା, ଜାଣି ଜାଣି ସହ୍ୟ କରିବାକୁ ହେବ ?"

ଆଉ ଜଣେ କହିଲା—ସେ ତ ଠିକ୍ । ତେବେ କରିବା କଅଣ ? ଅନ୍ୟାର ପଟ୍ଟା ଅଛି, ପାଉତି ଅଛି, ଆଇନ ପରମିଟ୍ ବି ଅଛି । ତା' ଜାଗାରେ ସେ ପାଚେରି ଉଠେଇଛି, ଆମେ କହିବାକୁ କିଏ ?"

କଥାଟାକୁ ଫୁ କରି ଉଡ଼େଇ ଦେଇ ରଘୁଆ କହିଲା—"ଆରେ ରଖ ମ ତା' ପଟ୍ଟା ପାଉତି, ତା ଆଇନ୍ । ତା'ର ସବୁ ଆଉ, ଆଉ ତା'ର କଲେକ୍ଟର, ଆଉ ତା'ର ପୁଲିସ ସାହାବ । ଏକା ଆମ ରବିବାବୁଙ୍କ ଗୋଟାଏ ଚିଟ୍‌କୁ ସବୁ କଅଣ । କିଏ କୁଆଡ଼େ ଉଡ଼ି କେଉଁଠି ପଡ଼ିବେ ତା'ର ପତ୍ତା ରହିବ ନାହିଁ । ସବୁଥର ପରି ଏଥର ବି ମୁଣ୍ଡପିଛା ପାଞ୍ଚ ପାଞ୍ଚ ଟଙ୍କା ପାଇବା । ଏହା ବାଦ୍ ସାହି ପାଇଁ ସମସ୍ତେ ମିଶି ଓକିଲ ଆପତ୍ତି କରିବା, ଯେମିତି କି ପାଣି ଗଡ଼ିଯିବାକୁ ଅଟକାଉଥିବା ଅନ୍ୟା ପାଚେରିଟି ଉଠିଯାଏ । କେମିତି ଉଠିବ, ସେ ବାଟ ସେ କରିବେ । ସେ କଲେକ୍ଟର ସାହାବର ଗୁମୁଦାନ୍ତ ଖର୍ଚ୍ଚିଲାବାଲା, ପୁଲିସ ସାହାବର ମୂଛ ଓପାଡ଼ିଲାବାଲା । ଏ କିବା କାମ, ତାଙ୍କର ଗୋଟିଏ ଫୁଟ୍‌କିକୁ କଅଣ । ଆମକୁ ଯିନା ପାହାଡ଼ ପରି ଦିଶୁଛି, ହେଲେ ତାଙ୍କୁ ବାଲିଗରଡ଼ାଠୁଁ ବି ଛୋଟ ।"

କଥାଟା ସମସ୍ତଙ୍କ ମନକୁ ପାଇଗଲା । ମୁଣ୍ଡପିଛା ଭୋଟ ଟଙ୍କାଟା ହାତପଇଠ କରିବା ପରେ ସମ୍ମିଳିତ ମାଗୁଣିଟା ପେଶ୍ କରାଗଲା । ଭୋଟ ସମସ୍ୟାଟା ହେଉଛି ଏକ

Digitized by srujanika@gmail.com

କରୁଣ ପରିସ୍ଥିତି, ଆଉ ରବିବାବୁ ହେଉଛନ୍ତି ଜବରଦସ୍ତ ସ୍ଥିତିସ୍ଥାପକ । ତାଙ୍କ ବୁଦ୍ଧିକ ବାଡ଼ିର ଚାଳନାରେ ସରକାରୀ ନାଲିଫିତାସବୁ ନେଳି ଫିତାରେ ପରିଣତ ହୋଇଗଲା । ଶେଷ୍‌ ନିଆଁପିବାକୁ ବାକିଥିବା ମାତ୍ର ଦୁଇ ଦିନ ଭିତରେ ସର୍ବସାଧାରଣଙ୍କ ହିତାର୍ଥେ କ୍ଷତିପୂରଣ ସହ ଜମି ଦଖଲ ଓ ପାଚେରି ଭଙ୍ଗା କାମ ବଢ଼ିଗଲା । ଅନ୍ୟା ଆଗରେ ଗ୍ରୀଡ ଫୁଟିଲେଇ ଚାଲିବାକୁ ରଘୁଆର ବାଟ ଖୋଲିଗଲା । ଅନ୍ୟା ବିଚରା ଝାଙ୍ଗି ପଡ଼ିଲା । ମସିଣା ଉପରେ ଗଡ଼ିଯାଇ ସେ ପ୍ରତିଶୋଧ ନେବାର ବାଟ ଖୋଜିଲାଗିଲା । ତା' ପାଚେରି ତଡ଼ା ମୂଳରେ ଯେ ରଘୁଆର ହାତ ପୂରା କାମ କରିଛି, ତାହା ତାକୁ ବୁଝିବାକୁ ବାକି ରହିଲା ନାହିଁ । ଅନ୍ୟମନସ୍କ ଭାବେ ଘରଆଡ଼କୁ ଆଖି ବୁଲାଉ ବୁଲାଉ ହଠାତ୍‌ ତା'ର ନଜର ବିଦେଶରୁ ଆଣିଥିବା ମାଟି ସୋରେଇ ଉପରେ ପଡ଼ିଲା । ମାଟି ସୋରେଇ ପାଖରୁ ତା' ମନଟା ପଛେଇ ପଛେଇ ମହେଞ୍ଜୋଦାରୋ ଖଣି ପାଖକୁ ଚାଲିଗଲା । ମାଟି ଖୋଳା ବେଳର ଘଟଣାବଳୀ ତା' ଆଖି ଆଗରେ ନାଚିଗଲା । ବଡ଼ ସାହାବର ବକ୍ତୃତା ରେକର୍ଡ଼ ବାଜିଲା ପରି ତା' କାନରେ ପରିଷ୍କାର ବାଜିଲା । ହଠାତ୍‌ ତା'ର ମୁଖ ଉଜ୍ଜ୍ୱଳ ହୋଇଉଠିଲା । ମସିଣାରୁ ଧଡ଼ପଡ଼ ହୋଇ ଉଠିପଡ଼ି ଓ ଦାନ୍ତ କଡ଼ମଡ଼େଇ ଅସ୍ପଷ୍ଟ ସ୍ୱରରେ କହିଲା—"ଏମିତି ବଦଳା ନେବି ରଘୁଆ, ତୁ କାଳ କାଳକୁ ମନେ ପକଉଥିବୁ । ମୋତେ ଗୋଡ଼ଟିଏ ପକେଇଛୁ, ଏବେ ପଥର ପଡ଼ିବା ପାଇଁ ପିଠିରେ ଗ୍ରୁଲ ବାନ୍ଧି ବସିଥା ।"

ଅପେକ୍ଷା କରିବାକୁ ତା'ର ଫୁରୁସତ୍‌ କାହିଁ ? କଥା ସାଙ୍ଗେ ସାଙ୍ଗେ କାମ ଆରମ୍ଭ । ପହିଲେ ସେ ମାଟି ସୋରେଇରେ ବୋଳା ହୋଇଥିବା ମାଟି ଗୋବର ଲେପକୁ ପାଣିରେ ଧୋଇ ସଫା କରିଦେଲା । ପୋଛି ଶୁଖାଇ ଦେବାରୁ ସେଇଟି ବେଶ୍‌ ସୁନ୍ଦରିଆ ହୋଇ ଦିଶିଲା । ତା' ପରେ ବହୁତ ଖୋଜାଖୋଜି ପଚରା ପଚରି ପରେ ସେ ଜାଣିପାରିଲା ଯେ, ଏ ଓଡ଼ିଶାମୁଲକରେ ଭୂଇଁ ତାଡ଼ି ପୁରୁଣା ଜିନିଷ ସବୁ କାଢ଼ିବା ଓ ତା'ର ରିପୋର୍ଟ କରିବାରେ ଡାକ୍ତର କୁମୁଦ ଦାସେ ସମସ୍ତଙ୍କଠାରୁ ତାବେ, ଆଉ ସେ ରହନ୍ତି ଭୁବନେଶ୍ୱର ନୂଆ ରାଜଧାନୀରେ । କାଳ ବିଳମ୍ବ ନ କରି ଅନ୍ୟା ସେ ସୋରେଇଟିକୁ ଅତି ସାବଧାନତାର ସହ ଧରି କୁମୁଦ ଦାସଙ୍କ ପାଖକୁ ଧାଇଁଲା । ବହୁତ ଖୋଜାଖୋଜି ପରେ ସେ କୁମୁଦ ବାବୁଙ୍କୁ ପାଇଲା । ତାଙ୍କୁ ମାଟି ସୋରେଇଟି ଦେଖାଇ କହିଲା—"ଆଜ୍ଞା, ମୋ ଘର ପାଖରେ ଥିବା ଜଣେ ଲୋକର ଘର ଅଗଣାରେ ଗୋଟିଏ କୂଅ ଖୋଳା ହେଲାବେଳେ ଏ ସୋରେଇଟିକୁ ମୁଁ ପାଇଲି । ଏଇଟା କୁଆଡ଼େ ଖୁବ ଦାମିକା ସୋରେଇ ଓ ଆପଣ କେବଳ ଏହାକୁ ଚିହ୍ନିପାରିବେ ବୋଲି ଅନେକ ଅଚ୍ଛା ଅଚ୍ଛା ଲୋକ ମୋତେ କହିବାରୁ ମୁଁ ଆପଣଙ୍କ ପାଖକୁ ଆସିଲି ।"

Digitized by srujanika@gmail.com

କୁମୁଦବାବୁ ପାଙ୍କଟି ନେଇ କିଛୁକ୍ଷଣ ପରୀକ୍ଷା କଲେ । ହଠାତ୍ ତାଙ୍କ ମୁଖମଣ୍ଡଳ ଆନନ୍ଦରେ ଦୀପ୍ତ ହୋଇଗଲା । ଆଖି ଦିଓଟି ବିସ୍ଫାରିତ ହୋଇଗଲା । ବାରବାଟୀ ର୍‌ୟାଙ୍ଗଲର ପ୍ରଥମ ପୁରସ୍କାର ପାଇଲା ପରି ସେ ଆନନ୍ଦରେ ଅଧୀର ହୋଇ ଚିତ୍କାର କରିଉଠିଲେ—"କି ଅମୂଲ୍ୟ ରତ୍ନ ତୁମେ ଆବିଷ୍କାର କରିଛ ! ଏହା ଗୋଟିଏ ଯୁଗାନ୍ତକାରୀ ଘଟଣା । ଏ ଆବିଷ୍କାରର ପ୍ରଚଣ୍ଡ ସ୍ରୋତରେ ଶତାବ୍ଦୀ ଶତାବ୍ଦୀ ଧରି ପ୍ରବହମାନ ଇତିହାସର ଗତି ବଦଳିଯିବ । ପ୍ରତ୍ନତତ୍ତ୍ୱ-ଜଗତରେ ଏକ ତୁମୁଳ ବିକ୍ଷୋଭ ସୃଷ୍ଟି ହେବ । ସାରା ଭାରତ ଉଠିବ ପଡ଼ିବ । ତୁମ ପାଖରେ ଏ ମାଟି ପାଙ୍କର ମୂଲ୍ୟ ମାତ୍ର କେତେ ଅଣା; କିନ୍ତୁ ଜଣେ ପ୍ରତ୍ନତାତ୍ତ୍ୱିକ ପାଖରେ ଏହା କୁବେରଭଣ୍ଡାରରୁ ଅଧିକ ଐଶ୍ୱର୍ଯ୍ୟବନ୍ତ । ପରିଷ୍କାର କରି ମୋତେ କହିବଟି—କେଉଁଠୁ ପାଇଲ, କେତେବେଳେ ପାଇଲ, କେମିତି ପାଇଲ, କେତେ ଦିନରୁ ପାଇଲ ?"

ଚତୁର ଅନ୍ଧା କୌତୂହଳ ଓ ଉତ୍ତେଜନା ବଢ଼େଇବା ପାଇଁ କାଳକ୍ଷେପଣ ନ କରି କହିଲା—"ଆଜ୍ଞା, ସେ ବହୁତ କଥା, ମୁଁ ବଜାରରୁ ଗଣ୍ଡେ ଖାଇଦେଇ ଆସେ, ବସି କହିବ । ମୋତେ ଭାରି ଭୋକ ହେଲାଣି ।"

"ଏକ ମୂହୂର୍ତ୍ତି ବି ମୋତେ ବର୍ତ୍ତମାନ ଏକ ଯୁଗ ପରି ଲାଗିବ । ମୁଁ ତୁମର ଖାଇବାର ସମସ୍ତ ବନ୍ଦୋବସ୍ତ କରିଦେଉଛି । ଖାଇବା ଭିତରେ ସବୁକଥା କହିଯାଅ, ମୁଁ ଶୁଣିଯାଏ"—ଏତିକି କହି କୁମୁଦ ବାବୁ ନୌକର ହାତରେ ହୋଟେଲରୁ ଦ୍ରବ୍ୟ-ଭୋଜନ ଅଣାଇ ପରଷେଇ ଦେଲେ । ଉତ୍ଫୁଲ୍ଲ ଅନ୍ଧା ଗିଳି ପକାଉ ପକାଉ କହିଲାଗିଲା—"ଆଜ୍ଞା, ସାତ ଆଠ ଦିନ ତଳର କଥା, ମୋ ପଡ଼ୋଶୀ ରଘୁଆ ତା' ଅଗଣା ଭିତରେ ଥିବା କୂଅକୁ ଅଧିକା ଗହୀରା କରୁଥିଲା । ମୁଁ ତା' କୂଅ ଭିତରେ ପଶି ଖୋଳୁଥିଲି । ମାଟି ଅଡ଼ୁଆ ଆଡ଼ୁଆ ସ୍ଥାନରୁ ପାଇଲି । ସ୍ଥା ଭିତରେ ଚଉଦଟା ସୁନା ମୋହର ଥିଲା । ଉପରକୁ ଉଠେଇଆଣି ତାହା ଦେଖିଲି । ତାକୁ ଦେଖିବାମାତ୍ରେ ରଘୁଆ ମୋଠୁଁ ଛଡ଼େଇ ନେଇଗଲା । ଏ କଥା କେଉଁଠାରେ ପ୍ରଘଟ ନ କରିବା ଲାଗି ସେ ମୋତେ ଦଶ ଟଙ୍କା ଲାଞ୍ଚ ଦେଲା । କାଳେ କିଏ ଜାଣିଲେ ପୁଲିସ୍ ଆଗରେ କହି-ଦେବ, ତାହାହେଲେ ପୁଲିସ୍ ତା' ଘର ଖାନତଲାସ କରି ସୁନା ମୋହରତକ ଛଡ଼େଇ ନେଇଯିବ—ଏହି ଭୟରେ ସେ କଥାଟାକୁ ଖୁବ୍ ଗୋପ୍ୟ କରି ରଖିଛି । ସୁନାତକ ଆଉଟି ସରିଆ ବେକକୁ କଣ୍ଠି ଓ ହାତକୁ ଚୂଡ଼ି ତିଆରି କରିସାରିଲାଣି । ଏ ସୋରେଇ ଉପରେ ତା'ର ଆଗ୍ରହ ନ ଦେଖି ମୁଁ ନେଇଆସିଲି ! ତାକୁ ପଚରା ପଚରି କରି କିଛି ଲାଭ ନାହିଁ ବାବୁ ! ଏ ସୋରେଇ କଥା ମାନିଲେ ତାକୁ ସୁନାତକ ଦେବାକୁ ପଡ଼ିବ, ଏଥିଲାଗି ସିଏ ସବୁ କଥା ଫାଙ୍କିରେ ଉଡ଼େଇ ଦେଉଛି । ଧମକାଧମକିରେ ବି ସେ ନାହିଁ । ଭୋଟ ବେଳକୁ ରବିବାବୁଙ୍କ ମୁହଁ ପାଇ ଗୋଟାଏ

Digitized by srujanika@gmail.com

ହୋଇଯାଉଛି । ବନ୍ଦ ହୋଇଯାଇଛି । ଡାକଫୁକାର କରୁଛି—ଡର କାହାକୁ, ଭୟ କାହାକୁ, ଉବବାବୁ ଅଛି ଦୁଇବାହାକୁ । ଏ କଷ୍ଟସ୍ଥ ତାଙ୍କୁ ପଗୁରିବା ଅର୍ଥ ଢ଼'ଗ୍ଗରଟା ବଧା ଗୁପୁଡ଼ା ଖାଇବା । ଖାଲି ଏଇଥିଲାଗି ସାହାରୁ ଅଧେ ଲୋକ ମାଡ଼ ଖାଇଲେଣି । ସେ ଯଦି ଜାଣିବ ମୁଁ ଆପଣଙ୍କୁ ଆସି ଏସବୁ କଥା କହୁଛି, ତେବେ ମାଡ଼ ଭରଣ ଢ଼' ପଇସା ହୋଇଯିବ । ବାବୁ, ଆପଣଙ୍କୁ ନେହୁରା ହେଉଛି ସେ ଯେମିତି ଏ କଥା ନ ଜାଣେ । ଦେଖନ୍ତୁ ଘର ପାଖେ ଘର, ମୋ ତଣ୍ଟି ହଳେ କାଟିଦେବ । କେହି ମୋତେ ରକ୍ଷିପାରିବେ ନାହିଁ ।''

ଅଭୟ ଦେଇ କୁମୁଦବାବୁ ତାଙ୍କୁ କହିଲେ—''ଦେଖ, ଭୟ କରିବାର କୌଣସି କାରଣ ନାହିଁ । ତୁମେ କହୁଛ ବୋଲି ସେ ଯେମିତି ନ ଜାଣେ ତା'ର ଯଥାସାଧ୍ୟ ଚେଷ୍ଟା ମୁଁ କରିବି; କିନ୍ତୁ ଆଜି ଏ ଯେଉଁ ପାଣ ଆବିଷ୍କୃତ ହୋଇଛି ତାହା ଏତେ ମୂଲ୍ୟବାନ୍ ଯେ ଏହାର ପୂର୍ଣ୍ଣ ଅନୁସନ୍ଧାନ ପାଇଁ ଭାରତ ସରକାର ଦରକାର ପଡ଼ିଲେ ସୈନ୍ୟବାହିନୀ ଲଗେଇଦେବେ । ମୁଁ ବର୍ତ୍ତମାନ ଦିଲ୍ଲୀ ଖବର ଦେଉଛି, ସେଠୁ ଅଫିସରମାନେ ଏଠାକୁ ଆସିବା ପର୍ଯ୍ୟନ୍ତ ତୁମେ ମୋର ଘରେ ରୁହ, ତୁମର କୌଣସି ଅସୁବିଧା ହେବନି ।''

କୁମୁଦବାବୁ ଏତେଦୂର ଉତ୍ତେଜିତ ହୋଇପଡ଼ିଥିଲେ ଯେ, ସେ ଛଟି ପଣ୍ଡିତଙ୍କୁ ଗୋଟିଏ ଲମ୍ବା ତାର କରିଦେଲେ । ସେଥିରେ ସେ ଉଲ୍ଲେଖ କଲେ ଯେ, ହଜାର ହଜାର ବର୍ଷ ତଳର ମହେଞ୍ଜୋଦାରୋ ସଭ୍ୟତାର ନିଦର୍ଶନ ଉନରଙ୍ଗା ସହରରେ ଖୋଳାହେଉଥିବା ଏକ କୂଅ ଭିତରୁ ବାହାରିଛି, ତେଣୁ କେନ୍ଦ୍ର ଅଫିସର ମାନଙ୍କ ଆଗମନ ଅତି ଶୀଘ୍ର ଓ ନିତାନ୍ତ ଦରକାର । କେନ୍ଦ୍ର ଅଫିସରମାନେ ଆଜିସାଜି ଯେତେ ଚଞ୍ଚଳ ଆସି ପହଞ୍ଚିଲେ, ଗୋଆ ମୁକ୍ତି ପରେ କୌଣସି କେନ୍ଦ୍ର ଅଫିସର ଏତେ ଚଞ୍ଚଳ ଠିକଣା ସ୍ଥାନରେ ପହଞ୍ଚି ନ ଥିବେ । କୁମୁଦବାବୁଙ୍କ ଘର ଉଚ୍ଛୁଳିପଡ଼ିଲା । ଯେତେ ଆଗ୍ରହ ଓ ଯତ୍ନର ସହ ସମସ୍ତେ ସେ ପୋଡ଼େଇକୁ ପରୀକ୍ଷା କଲେ ତାହା କଥାରେ କହିହେବନି । କୋହିନୁର ହୀରାକୁ ବି ଏତେ ଯତ୍ନରେ କେହି ପରୀକ୍ଷା କରି ନ ଥିବେ । ଅଜ୍ଞାତଙ୍କୁ ଜେରା ଓ କୁମୁଦଙ୍କ ସଙ୍ଗେ ଆଲୋଚନା ଫଳରେ ସମସ୍ତେ ଏକମତ ହେଲେ ଯେ ତାହା ମହେଞ୍ଜୋଦାରୋ ସଭ୍ୟତାର ଏକ ଜ୍ୱଳନ୍ତ ନିଦର୍ଶନ । ଏହାର ଆବିଷ୍କାର ଫଳରେ ଇତିହାସ ଓଲଟ ପାଲଟ ହୋଇଯିବ । ଏହାର ପ୍ରାପ୍ତିସ୍ଥଳକୁ ଆହୁରି ବ୍ୟାପକ ଭାବେ ଖୋଳି ଖୁଣ୍ଟିନାଣ୍ଟି ଅନୁସନ୍ଧାନ କରିବା ନିତାନ୍ତ ଦରକାର ।

ଆନନ୍ଦ ରାଜନୀତି ବିଷ୍ଠାରେ ଦୂଷିତ, ତେଣୁ ଖନନ କାର୍ଯ୍ୟରେ ବାଧାବିଘ୍ନ ଓ ଗଣ୍ଡଗୋଳ ଥିବାର ଆଶଙ୍କା ଅଛି ବୋଲି କୁମୁଦବାବୁ ସବୁ କଥା ବୁଝେଇଦେଲେ ।

Digitized by srujanika@gmail.com

କେନ୍ଦ୍ର ଅଫିସରମାନେ କନ୍ତୁ କଥାଟା ହସରେ ଉଡ଼େଇ ଦେଇ କହିଲେ—"କେନ୍ଦ୍ର ସରକାର ନିଜେ କ୍ଷତିପୂରଣ ଦେଇ ଜମି ଦଖଲ କରିବେ ଓ ଖୋଳିବେ । ଏଥିରେ ଯିଏ ଗୁଣ୍ଡାମି ଦେଖେଇବ, ପୁଲିସ୍ ବା ଦରକାର ପଡ଼ିଲେ ସୈନ୍ୟବାହିନୀ ସେ ଗୁଣ୍ଡାମି ଛଡ଼େଇଦେବେ ।" ସବୁପ୍ରକାର ପ୍ରସ୍ତୁତ କରିସାରି ପନ୍ଦର ଦିନ ଭିତରେ ଦିଲ୍ଲୀରୁ ପୁନର୍ବାର ଆସି ଖନନ କାର୍ଯ୍ୟ ବର୍ଷା ପୂର୍ବରୁ ଚଟାପଟ୍ ସାରିଦେବାକୁ ମନ୍ତ୍ରଣା କରି କେନ୍ଦ୍ର ଅଫିସରମାନେ ଫେରିଗଲେ ।

ନୋଟିସ୍, କ୍ଷତିପୂରଣ ଟଙ୍କା, ଘରବାଡ଼ି ଦଖଲ, ମିଲିଟାରି ପୁଲିସର ପହରା ଆଦି ଘଟଣା ଦେଖି ରଘୁଆ ହାଉଳି ଖାଇଗଲା । ସାଙ୍ଗବାଲାଏ ବି ହାଉଳି ଖାଇଗଲେ । ଟାଉଟର ଦଉଡ଼ି ଦଉଡ଼ି ମନ୍ତ୍ରୀ ଯାଏଁ ଗଲା ପରି ରଘୁଆ ଓ ତାଙ୍କର ସାଥିମାନେ ରବିବାବୁ ପାଖେ ଅଧିଆ ପଡ଼ିଲେ । ଏଣେ କନ୍ତୁ ଅନ୍ତା ଆନନ୍ଦରେ କୁଲୁବୁ ଉଠି ପେଟ ଭିତରେ କହୁଥାଏ—"କୋଉ ବୋପା ବି ରଖିପାରିବେ ନାହିଁରେ ରଘୁଆ ! ଏ ଯେ ତୋ ରବିବାବୁଙ୍କ ବଡ଼ ବୋପାଙ୍କ ହୁକୁମ—"

ଆଖି ଆଗରେ ଘରଦ୍ୱାର ତଡ଼ା ହେଲାବେଳେ ରଘୁଆ ମନକୁ ପାପ ଛୁଇଁଲା । ତା ପାଟିରୁ ଫସ୍‌ଫାସ୍ ହୋଇ ବାହାରିଲା—"ଯେହୁ ପାଞ୍ଚଇ ପର ମନ୍ଦ, ତା' ମନ୍ଦ ଚନ୍ତନ୍ତି ଗୋବିନ୍ଦ ।"

Digitized by srujanika@gmail.com

# ଗଣେଶ ପୂଜା

ସାହି, ସାହି ଭିତରେ ଗୋଟିଏ ହାଇସ୍କୁଲ, ହାଇସ୍କୁଲ ଭିତରେ ଗୋଟିଏ ହଷ୍ଟେଲ, ହଷ୍ଟେଲ ଭିତରେ ଦୁଇ ଶହ ପିଲାଙ୍କ ହାଉଯାଉ । ଏହି ଦୁଇ ଶହଟି ଗଜାଭେଣ୍ଡିଆ ସାହିର ଏକ ବଡ଼ ଅଂଶ କହିଲେ ଚଳେ । ସାହିର ବାସିନ୍ଦାଙ୍କ ଭିତରୁ ଖୁବ୍ ଅଣ୍ଡାଳି ବସିଲେ ଦଶୋଟି ମାତ୍ର ଆଖିଦୁର୍ଶିଆ ଭେଣ୍ଡିଆ ବାହାରିବେ । ଭେଣ୍ଡିଆ ଯେ ବଲ୍‌କୁଲ୍ ନ ଥିଲେ ତା ନୁହେଁ । ଅଧିକାଂଶ ପେଟପାଟଣା ପାଇଁ ବିଦେଶକୁ ଚାଲିଯାଇଥିଲେ । ସାହିରେ ରହିଥିବା ଏହି ଦଶ ଜଣ ବାସିନ୍ଦା ଭେଣ୍ଡିଅଙ୍କୁ ଛାଡ଼ିଦେଲେ ବାକିତକ ବୁଢ଼ା ହାଡ଼ା, ନ ହେଲେ ବେମାର ଦେବତାଙ୍କ ଭକ୍ତ । ଆଇ ନଥାଇ ଏକା । ଫଳରେ ସାହିର ବାସିନ୍ଦା କହିଲେ ଏଇ ଦଶ ଜଣଙ୍କୁ ବୁଝାଏ । ଜନମ ମାଟି ନିଜ ସାହି ଭିତରେ ଥାଇ ସୁଦ୍ଧା ଏମାନେ ଏକପ୍ରକାର ସଂଖ୍ୟାନ୍ୟୂନ କହିଲେ ଚଳେ । କାରଣ ସଂଖ୍ୟାଗରିଷ୍ଠ ପଦବୀଟାକୁ ହାଇସ୍କୁଲର ଏକମଛା ଦୁଇଶହ ଭେଣ୍ଡିଆ ମାଡ଼ିବସିଥାଆନ୍ତି । ସଂଖ୍ୟାନ୍ୟୂନ ଓ ସଂଖ୍ୟାଗରିଷ୍ଠ ଦଳ ମଧ୍ୟରେ ସଚରାଚର ଯେଉଁ ନାକଟେକାଟେକି ଦେଖାଯାଏ, ଏଠି ତା'ଠାରୁ ଟିକିଏ ବେଶୀ ଦେଖାଯାଉଥିଲା । ସାହି ଟୋକାରୁ ଗୋଟାଏ କେଉଁଠି କେମିତି ହଷ୍ଟେଲ ଟୋକାରୁ ଗୋଟାକୁ ଦେଖିଲେ ତା ନାକ ସାଙ୍ଗରେ ଓଠଟା ବି ଟେକି ହୋଇ ଯାଇ ଦାନ୍ତ ବାହାରିପଡ଼େ ଓ କଡ଼ମଡ଼ ହୁଏ—ଦୁଇଟା ଅଣ୍ଡିରା କୁକୁର ସାମନା ସାମନି ହୋଇଗଲେ ଠିକ୍ ଯାହା ହୁଏ । ସ୍କୁଲ୍ ଟୋକାଙ୍କ ଫିଟ୍‌ଫାଟ୍, ବଡ଼ଲୋକୀ ଅଡ଼୍‌ଡ଼ା, କଥା କଥାକେ ଇଂରେଜୀ ସାହି ଟୋକାଙ୍କ ହଜମରେ ଯାଉନଥିଲା । ହଷ୍ଟେଲ ଟୋକାଏ ବି ସାହି ଟୋକାଙ୍କୁ ଅସଭ୍ୟ, ଅସାମାଜିକ, ଗୁଣ୍ଡା ବୋଲି ଭାବି ଅପେକ୍ଷା କରୁଥାଆନ୍ତି ।

ଏମିତିଆ ଭଡ଼ାଓଟର ଭିତରେ ଗଣେଶ ଚତୁର୍ଥୀ ଆସି ଦୁଆର ଠକ୍ ଠକ୍ କରିବାକୁ ଲାଗିଲା । ବାକି ରହିଲା ମୋଟେ ଦଶ ବାରଟା ଦିନ । ଗଣେଶ ଚତୁର୍ଥୀଟି ଉଭୟ ସାହି ଓ ହାଇସ୍କୁଲ ହଷ୍ଟେଲର ଧୂମ୍‌ଧାମର ଦିନ । ଉଭୟେ କିନ୍ତୁ ଭିନ୍ନ ଭିନ୍ନ ପନ୍ଥାରେ ଧୂମ୍‌ଧାମ୍ କରିଥାଆନ୍ତି । ସାହିବାଲାଙ୍କ ମାଡ଼ ପଡ଼େ ମୂର୍ତ୍ତି, ମେଢ଼ ଓ ଆଲୁଅରେ, ଆଉ ହଷ୍ଟେଲବାଲାଙ୍କର ମାଡ଼ ପଡ଼େ ଖିଆପିଆ, ମଉଜ୍ ମଜଲିସରେ ।

Digitized by srujanika@gmail.com

ପୂଜା ଏତେ ପାଖରେ । ହଷ୍ଟେଲ ପିଲ ୨୦୦ ହେଲେ କଅଣ ହେବ, ଦୁଇ ଜଣଙ୍କର ଗଣ୍ଡି ବ ଏଥିପାଇଁ ହଲବାକୁ ନାରାଜ । କଥାରେ କନ୍ତୁ ଏକୁ ଆରେକ ବଲଥାର । "ହଁ", ଚାନ୍ଦା ଆରମ୍ଭ କରଦଅ, ମୂର୍ତ୍ତି ପାଇଁ ଚକଦର ପାଖରେ ଅର୍ଡ଼ର ଦେଇଦଅ, ଜନଷପତ୍ରର ତାଲକା କରଦଅ, ଗବେସ୍ତା କାହାକୁ କାହାକୁ ଡକାଯିବ ଲକ୍ଷ୍ଣ କର ।" ଇତ୍ୟାଦ ଆଦେଶମାନ ସମସ୍ତେ ସମସ୍ତଙ୍କୁ ଖୁବ୍ କମ୍‌ରେ ଦଶ ବାର ଅର ଲେଖାଏଁ ଦେଇଗଲେ । ପୂଜା ଯେତେ ପାଖେଇ ଆସୁଥାଏ ଆଦେଶର ତୀବ୍ରତା ମଧ ସେତକ ବଢ଼ୁଥାଏ । ବେଶି ଘଣ୍ଟାଚକେଟା ହେଲେ ଉତ୍ତର ବାହାରେ— କାହିଁକ ତୁମେ କରୁନ, ମୁଁ କଅଣ ଏଇଟା କରବାକୁ ମୁଚୁଲକାଟାଏ ଲେଖି- ଦେଇଛ ।"

ହଷ୍ଟେଲ ଅଧିକାରୀ ଦେଖିଲେ ଯେ ପୂଜା ଆଉ ମୋଟେ ଛଅ ଦନ ରହଲ । ଏମିତଥା ଥେଣ୍ଟାଥେଣ୍ଟିରେ ଚାନ୍ଦା ଆଦାୟ ପାଇଁ ଖାତା ସୁଦ୍ଧା ବନ୍ଧା ହୋଇପାରନ ନାହିଁ । ମୁଖିଆ ମୁଖିଆ ଦୁଇ ଚାରି ଜଣ ପିଲଙ୍କୁ ଡାକ ବୁଝେଇ କହିଲେ—"ହଇରେ, ତୁମେ ୨୦୦ ପିଲ ଥାଉଁ ଥାଉଁ ହଷ୍ଟେଲରେ ଗଣେଶ ପୂଜା ବନ୍ଦ ହୋଇଯିବ ? ଲୋକେ ତୁମକୁ କଅଣ କହିବେ ? ଯେଉଁଠି ଦୁଇ ଚାରୋଟି ପିଲ ଅଛନ୍ତ, ସେମାନେ ମିଳିମିଶି କେଡ଼େ ମାଡବରରେ ପୂଜା କରୁଛନ୍ତ । ତୁମ୍ଭେମାନେ ଦୁଇ ଶହ ହୋଇ କେଉଁ କାମକୁ ଆସୁନ । ପ୍ରତ୍ୟେକ ଯଦ ଭାବବ ଯେ ଅନ୍ୟ କେହ ଜଣେ ଏହ କାମକୁ କରଦେବ, ତେବେ କାମଟି ହେବ କପର ? ପରସ୍ପର ସହତ ସହଯୋଗ ନ କରି ଖାଲ ଥେଣ୍ଟାଥେଣ୍ଟି ହେଲେ କୁଟା ଖିଅକ ବ ଦ'ଖଣ୍ଡ ହୋଇପାରବ ନାହିଁ । ଯାଅ, ସମସ୍ତେ ଏକଜୁଟ ହୋଇ ଏକମନରେ କାମରେ ଲଗିଯାଅ । ପୂଜା ଆଉ ଯେ ମୋଟେ ଚାରି ପାଞ୍ଚ ଦନ ରହଲ ।"

ହଷ୍ଟେଲ ଅଧିକାରୀ କେବଳ ଯେ ଏତକ ଉପଦେଶ ଦେଲେ ତା ନୁହେଁ, ଚାନ୍ଦା ଆଦାୟ ପାଇଁ ଖାତାଟିଏ ବାନ୍ଧି ସଙ୍ଗେ ସଙ୍ଗେ କାମ ଆରମ୍ଭ କରିଦେବାକୁ ସେମାନଙ୍କ ହାତକୁ ବଢ଼ାଇଦେଲେ । ଦୁଇ ଚାରଜଣଙ୍କର ଉତ୍ସାହ ପଇସିକିଆ ଘଡ଼ିବାଣ ପରି ଭସ୍ କର ଉଠିପଡ଼ିଲ । ସେହଦନ ରାତରେ ସେମାନେ ପ୍ରତ କୋଠରୀକୁ ଯାଇ ମ୍ୟୁନସିପାଲିଟି ଟ୍ୟାକ୍ସ କଲେକ୍ଟର ପରି ସମସ୍ତଙ୍କୁ କାଲୁବାଲୁ କରପକାଇଲେ । ସାରା ହଷ୍ଟେଲରେ ବାକ୍ୟବୀରମାନେ ହାଲହୋଲ ପକାଇଦେଲେ । ଲମ୍ବା ଚଉଡ଼ା ବଚନମାନ ଦେବାରେ ଗୋଟିକୁ ଗୋଟିଏ ବଳିପଡ଼ିଲେ । କିଏ କହିଲ ନାଚ ସଙ୍ଗେ ସଙ୍ଗେ ସଙ୍ଗୀତ ପାଇଁ ବାଲକୃଷ୍ଣ, କିଏ କହିଲ ସଙ୍ଗୀତ ସଙ୍ଗେ ତବଲ ସଙ୍ଗତ କରବାକୁ କ୍ଷେତ୍ରମୋହନ, ଅନ୍ୟ କେହ କେହ କହିଲେ ବଂଶୀ ପାଇଁ ହରିଦାସ, ଦାସକାଠିଆ ପାଇଁ ବୈଦ୍ୟନାଥ, ପାଲ ପାଇଁ ହରନାଥ ଇତ୍ୟାଦ

Digitized by srujanika@gmail.com

ଇତ୍ୟାଦିଙ୍କୁ ନିମନ୍ତ୍ରଣ କରାଯାଇ ପୂଜାକୁ ସରଗରମ କରିବାକୁ ହେବ । ବରାଦ କରିବାକୁ କିଏ ମନା କରୁଛି ? ସେଥିଲାଗି କୋଉ ଏବେ ପଇସା ଦେବାକୁ ପଡ଼ୁଛି ।

ତହିଁ ଆରଦିନ ସମସ୍ତଙ୍କଠାରୁ ବେଶି ଆଗୁଆ ହରି ଓ ରଘୁ ଯେତେବେଳେ ଚାନ୍ଦା ଆଦାୟ କରିବାକୁ ବାହାରିଲେ ସେତେବେଳେ ସେମାନେ ଦେଖିଲେ ଯେ ଆଗଦିନ ହୋଇଥିବା ହାଉଯାଉ ତର୍ଜନ ଗର୍ଜନର ପଦର ଅଣା ତିନି ପଇସା ଲୁଆଡ଼େ ଉଭେଇ ଯାଇଛି । ଚାନ୍ଦା ଆଦାୟ କରିବାକୁ ଦୁଇରୁ ତିନି ହେଲେ ନାହିଁ । ଯୋକେ ପେଟଫଣା, ମୁଣ୍ଡବ୍ୟଥା, କାନଫଟା ଆଦି କଳ୍ପିତ ରୋଗମାନଙ୍କର ଆଶ୍ରା କରି ଚାନ୍ଦା ଆଦାୟ କାମରୁ ଅବ୍ୟାହତି ନେଇଗଲେ । ଆଉ ଅନେକ ହରି ଓ ରଘୁର ଚାନ୍ଦା ଆଦାୟର ପାରଙ୍ଗମତାକୁ ମୁକ୍ତ କଣ୍ଠରେ ପ୍ରଶଂସା ଓ ତହିଁରେ ଅନ୍ୟ କାହାର ସାହାଯ୍ୟ ନିଷ୍ପ୍ରୟୋଜନ ବୋଲି ମନ୍ତବ୍ୟ ଦେଇ ଚୁପ୍ ହୋଇ ବସିଲେ । କେତେକ ଚାନ୍ଦା ଆଦାୟର ସମସ୍ତ ଆପତ୍ତି ଜାଣି ଆଗରୁ ବାଟ କାଟି କାର୍ଯ୍ୟାନ୍ତରରେ ଚାଲିଗଲେ ।

ଏମିତିଆ ହାଲ ଦେଖି ହରି ଓ ରଘୁ ଦୁହେଁ ବିବ୍ରତ ହୋଇପଡ଼ିଲେ । ସମସ୍ତଙ୍କର ଫରମାସ ମୁତାବକ ଦୁଇ ଶହ ଟଙ୍କାର ଆୟବ୍ୟୟ ଅଟକଳ କରାଯାଇଛି । ଆୟ ଏପର୍ଯ୍ୟନ୍ତ ଅଧାଅଧିର ପାଖ ମାଡ଼ିଲା ନାହିଁ । ଦୁଇ ଦିନ ପରେ ପୂଜା । ଗଣେଶମୂର୍ତ୍ତି ପାଇଁ ବରାଦ ଏପର୍ଯ୍ୟନ୍ତ ଦିଆଗଲା ନାହିଁ । ଖିଅପିଆ ପାଇଁ ଜିନିଷପତ୍ରର ତାଲିକା ବି ହୋଇପାରିଲା ନାହିଁ । କେଉଁ ଭଦ୍ରଲୋକମାନଙ୍କୁ ନିମନ୍ତ୍ରଣ କରାଯିବ, ତାର କିଛି ଠିକଣା ହେଲା ନାହିଁ । ମୋଟ ଉପରେ କାମଟା କେମିତି ଉଠିବ, ତାହା କାହାରି ମୁଣ୍ଡରେ ପଶିଲା ନାହିଁ । ଏ ଦୁହିଁଙ୍କର ମନ ଭାଙ୍ଗିପଡ଼ିବାର ଦେଖି ହଷ୍ଟେଲ ଅଧିକାଂଶ ସମସ୍ତଙ୍କୁ ଏକାଠି କରି ପୁଣି ବୁଝେଇଲେ—ହଇରେ, ଏ ପୂଜା କଅଣ କେବଳ ଏଇ ଦୁଇ ଜଣଙ୍କର ? ତୁମ୍ଭେମାନେ କଅଣ ଏ ପୂଜାରେ ଆମୋଦ ପ୍ରମୋଦ କରିବ ନାହିଁ ? ସମସ୍ତେ ବଡ଼ାଏ ବଡ଼ାଏ କାଠ ନେଇଗଲେ ଦୁଇ ଶହ ବଡ଼ା କାଠ ଅନାୟାସରେ ଉଠିଯିବ । ଜଣେ ବା ଦୁ'ଜଣ ଦୁଇ ଶହ ବଡ଼ା କାଠ ଉଠେଇ-ପାରିବେ କି ? ଏଥରକ ସମସ୍ତେ କାନ୍ଧ ନ ଲଗେଇଲେ ପୂଜା ହୋଇପାରିବ ନାହିଁ । ପୂଜା ନହେଲେ ମଉଜ ମଜଲିସ୍, ଭୋଜି ସବୁ ବନ୍ଦ । କ୍ଷତିଟା କେବଳ ହରି, ରଘୁଙ୍କର ହେବ ନାହିଁ, ସମସ୍ତଙ୍କର ହେବ ।"

ଭୋଜିଟା ବନ୍ଦ ହୋଇଯିବାର ଆଶଙ୍କା ଦେଖି ପୁଣି ସମସ୍ତେ 'ହଁ, ହଁ' ହୋଇଉଠିଲେ ହାତ ଗୋଡ଼ରେ ନୁହେଁ, ଖାଲି ପାଟିରେ । କେବଳ ଗଣ୍ଡଗୋଳ ହିଁ ସାର ହେଲା । ଅଧିକାଂଶ ଦେଖିଲେ ଏମାନଙ୍କୁ ପୂଜା ବିଷୟ କହି ଲାଭ ନାହିଁ ।

Digitized by srujanika@gmail.com

ନ ଠିକଲେ ଏମାନେ କେବେହେଲେ ଶିଖିବେ ନାହିଁ । ତହୁଁ ସେ ନିଜେ ଲଗି-ପଡ଼ିଲେ । ସମସ୍ତ ତ ଆଉ ନାହିଁ । ତେଣୁ କେବଳ ଖାଇବା ପିଇବାଟାକୁ ରଖି ଆମୋଦ ପ୍ରମୋଦର ବ୍ୟବସ୍ଥା, କଳାକାର ଓ ଭଦ୍ରବ୍ୟକ୍ତିମାନଙ୍କର ନିମନ୍ତ୍ରଣ ଆଦି ସବୁ କାମ ବାଦ ଦେଇଦେଲେ । ଟଙ୍କାକିଆ ଗ୍ଲେଟ ମୂର୍ତ୍ତିଟିଏ ଆଣି ଟେବୁଲ ଉପରେ ଅତି ମାମୁଲି ଭାବରେ ସଜେଇ ଥୋଇଦେଲେ । ଜଣେ ଭଲ ପୁରୋହିତଙ୍କୁ ନିଯୁକ୍ତ କରି ତା ପାଖରେ ତାଲିକା ହୋଇଥିବା ସମସ୍ତ ଜିନିଷ ଥୋଇଦେଲେ । ହଷ୍ଟେଲ ପାଚେରିକୁ ଲାଗି ଖନ୍ଦାଶାଳ ତିଆରି ହେଲା । ତା'ର ପାଖ ପଡ଼ିଆକୁ ସଫାସଫି କରାଇ ଓ ପାଣି ଭଲ ଭାବରେ ଛିଞ୍ଚି ପଙ୍କତର ଥାନ ତିଆରି କରାଗଲା । ଅଧ୍ୟକ୍ଷ, ହରି, ରଘୁ ଓ ହଷ୍ଟେଲର ଚାକର ବାକରଙ୍କ ହାତରେ ଏତିକ କାମ ଚଟାପଟ୍ ଓ ଅତି ସୁରୁଖୁରୁରେ ହୋଇଗଲା । ବାକି ସମୟରେ ତାଆସ, କେରମ୍ ଆଦି ଖେଳରେ ମାତିଗଲେ ।

ଏତେଗୁଡ଼ାଏ ପିଲା ଥିବା ହଷ୍ଟେଲରେ ସାଧାସିଧା ଏକ ମୁରୁକୁଟିଆ ଗଣେଶ ମୂର୍ତ୍ତି ହେଲାବେଳକୁ ମାତ୍ର ଦଶଟି ଟୋକା ଓ ସାମାନ୍ୟ କିଛି ଟଙ୍କାରେ ସାହିରେ ନାହିଁ ନଥିବା ଗଣେଶ ମୂର୍ତ୍ତି, ଅତି ମେଢ଼, ଦ'ଡଟା ତେ ଲାଇଟ୍ ଆଖି ଝଲସେଇ ଦେଉଥାଏ । ଜଣେ ସ୍କୁଲ ପିଲା ଅବାକ୍ ହୋଇଯାଇ ଜଣେ ସାହିବାଲାକୁ କହିଲା— "ବାଃ ଏତେ କମ୍ ସମୟ ଓ ଖର୍ଚ୍ଚରେ ଯେଉଁ ମାତବରିଆ କାମ ହୋଇଛି, ତାହା ସହଜ କଥା ନୁହେଁ ।"

କିନ୍ତୁ ସାହି ଟୋକାଙ୍କୁ ଖୁବ୍ ସହଜ ଜଣାଯାଇଥିଲା । ମାତ୍ର ପନ୍ଦର ଦିନ ପୂର୍ବରୁ ଟୋକାଙ୍କ ସର୍ଦ୍ଦାର ଭରତିଆ ସବୁ ଟୋକାଙ୍କୁ ଏକାଠି କରି କହିଲା, "ଦେଖ, ଏଥର କାମରୁ ଫେରି ବୁଲାବୁଲି, ଖେଳ ମଉଜ ସବୁ କିଛି ବନ୍ଦ କରିବାକୁ ପଡ଼ିବ । ଦି' ଜଣ ଖାଲି ଚାନ୍ଦା ଆଦାୟରେ ଲାଗିପଡ଼ । ଆଉ କୋଉଥିରେ ତାଙ୍କର ମୁଣ୍ଡ ଖେଳାଇବା ଦରକାର ନାହିଁ । ଚାରି ଜଣ ଥାଟ କାମ ପାଇଁ ରହିଲେ—କାରିଗର ପାଖରେ ଜଗି ରହି ଅତି କଟାଡିଟି, ଅଠା ରନ୍ଧାରନ୍ଧି କାମ ସବୁ କରିବେ । ଦୁଇ ଜଣ ପ୍ରତିମା ପାଇଁ ରହିଲେ—ମାଟି ଚକଟା ଚକଟି ଛଣାଛଣି କରି ସବୁ ଠିକ୍‌ଠାକ୍ କରି ରଖିବେ । କାରିଗର ଆସିବ ତ ଯେମିତି କୁଟା ବାନ୍ଧି ଏକମାଟିଆ ଆରମ୍ଭ କରିଦେବ । ଆଉ ଜଣେ ଖୁଚୁରା କାମ, ବୋଲହାକ କରିବାକୁ ରହିଲା । କେହି ଅନ୍ୟ କାହାରି କାମରେ ପଶି ଗଣ୍ଡଗୋଳ କରିବ ନାହିଁ । ଦେଖ, ସମସ୍ତେ ଏଥର ଲାଗିପଡ଼ । ଏମିତିଆ ଥାଟ ଓ ମୂର୍ତ୍ତି ଗଢ଼ିବା ଯେମିତି କି ସେ ହଷ୍ଟେଲ ପିଲାଗୁଡ଼ାଙ୍କର ଆଖି ଖୋସି-ହୋଇଯିବ । ସେମାନେ ତ ଶହ ସଂଖ୍ୟାରେ, ଆମେ ମୋଟେ ଦଶ, ତାଙ୍କ ଗର୍ବ ଏଥର ଯେମିତି ଚୂନା ହୋଇଯାଏ ।"

Digitized by srujanika@gmail.com

ଦଶ ଜଣ ହେଲେ କଅଣ ହେବ, ଏକମନ ଏକପ୍ରାଣ ହୋଇ ଯୋଜନା ମୁତାବକ ସମସ୍ତେ ପୂରା ଜୋରରେ କାମରେ ଲଗିଗଲେ । ନିଜ କାମ ପଛ, ସାଙ୍ଗ ଓ ପାଞ୍ଚଜଣଙ୍କ କାମ ଆଗ—ଏହି କଥାଟି ସମସ୍ତଙ୍କ ମନରେ ଅଠା ପରି ଲଗି ରହିଥାଏ । ସମ୍ମିଳିତ ଉଦ୍ୟମ ଫଳରେ ଚତୁର୍ଥୀ ଆଗରୁ ସବୁ କାମ ଖତମ୍ ହୋଇଗଲା । ଚତୁର୍ଥୀ ଦିନ ସନ୍ଧ୍ୟାବେଳକୁ ୬ ଘଣ୍ଟା ଡେଲାଇଟ୍ ଲାଟ ଆଗରେ ଜଳି ଯେତେବେଳେ ସମସ୍ତଙ୍କ ଆଖି ଝଲସାଇଦେଲା ସେତେବେଳେ ଦଶ ଜଣଙ୍କର ତୃପ୍ତି ସନ୍ତୋଷ ଓ ଗର୍ବରେ ଫୁଲିଉଠିଲା । ହଷ୍ଟେଲରେ କେମିତି ହୋଇଛି ଜାଣିବା ଲାଗି ଭରତିଆ ଚର ପଠେଇଲା । ସେ ଫେରିଆସି କହିଲା—"ଦୂର ଦୂର୍, ସେଗୁଡ଼ାକ କ'ଣ ଗଣେଶ କରିବେ ମ ! ଆମ ଗଣେଶର ଗୋଡ଼ କାଣିଆଙ୍ଗୁଠିକୁ ବି ସେ ସମାନ ହେବ ନାହିଁ । ଥାଟ ତ ଥାଟ, କେହିଏ ଦେବଦାରୁ ପତ୍ର ବି ନାହିଁ । ହେଲେ ଖାଇବା ପିଇବାର ଆୟୋଜନଟା ଖୁବ ଜବର କରୁଛନ୍ତି । ଟୋକେଇ ଟୋକେଇ ପୁରି, କଡ଼େଇ କଡ଼େଇ ତରକାରୀ ହାଣ୍ଡି ହାଣ୍ଡି ରସଗୋଲା ଖାଦ୍ୟଶାଳା ପାଖରେ ଥୁଆହେଲାଣି । ଓଃ ତରକାରୀ ବାସନାରେ ମୋ ପାଟିରୁ ନାଳ ଗଡ଼ିପଡ଼ିଲା ।"

ଖିଆପିଆରେ ହଷ୍ଟେଲ ପିଲାଏ ଟପିଗଲେ ଭାବି ସମସ୍ତଙ୍କର ମୁହଁ ଶୁଖିଗଲା । ଭରତିଆ ଏତିକି ଠଉରେଇ ସମସ୍ତଙ୍କୁ ହିମ୍ମତ ଦେଇ କହିଲା, "ଅସ୍ଥ ଧର, ସେମାନେ ଯା'ହା ଯାହା କରିଛନ୍ତି, ଆମେ ସେସବୁ ଖାଇବା, ଆଉ ଚିନ୍ତା କଅଣ ? ମୁଁ ଯାହା କହୁଛି କର ।" ଭରତିଆ କଥାରେ ଅମଙ୍ଗ ହେବ କିଏ, ବିଶେଷରେ ପୁଣି ଖାନା ପିନା କଥାରେ ।

ସ୍କୁଲ ଖାଦ୍ୟଶାଳାକୁ ଟିକିଏ ଲାଗି ପାଚେରିର କିଛି ଅଂଶ ଅଳପ ଭାଙ୍ଗି ଯାଇ-ଥିଲା । ରାତିରେ ଲୁଚି ପଦାକୁ ଯିବାକୁ ହଷ୍ଟେଲ ପିଲାଏ ଏତିକି କରିଥିଲେ । ପାଚେରିର ବାହାରଟା ଜଙ୍ଗୁଲିଆ ଓ ଅନ୍ଧାରୁଆ । ଦଶଜଣଯାକ ସାଙ୍ଗଟୋକା ବାଲ୍‌ଟି, ଟୋକେଇ ଧରି ସେଇ ଆଡ଼ରେ ଜମା ହେଲେ । ଇଟା, ବୋଲୁଅ ଗାଡ଼ିଏ ଖଣ୍ଡେ ପହଲେ ସେଠି ଜମାକରି ପକେଇଲେ । ପାଚେରିରୁ ଧୀରେ ଧୀରେ ଆଉ କିଛି ଇଟା କାଢ଼ିଦେଲେ । ଉଙ୍କିମାରି ଚାରିଆଡ଼ ଦେଖି ଭରତିଆ କହିଲା—"ଏଥରକ ପକାଅ ।" କଥା ନସରୁଣୁ ବୋଲୁଅ ସବୁ ଦୁମ୍‌ଦାମ୍ ହୋଇ ପଡ଼ିଲା । ବିନା ମେଘରେ ବଜ୍ରପାତ ! ସ୍କୁଲ ପିଲାଏ ହାଉଳି ଖାଇଗଲେ । ଜଣେ ଦି'ଜଣଙ୍କର ମୁଣ୍ଡ ଖଣ୍ଡିଆ ହେଲା । ଖିଦ୍ ଖାଦ୍ ହୋଇ ଯେ ଯୁଆଡ଼େ ପ୍ରାଣ ବଞ୍ଚେଇ ପଳାଇଗଲେ । ଅଧିକାରୀ ଠେକାଟାଏ ଭିଡ଼ି ଓ ଠେଙ୍ଗାଟାଏ ହାତରେ ଧରି ଖଣ୍ଡିଆ ପାଚେରି ପାଖକୁ ଆଗେଇଲେ ଓ ପିଲାମାନଙ୍କୁ ତାଙ୍କ ପଛେ ପଛେ ଆସିବାକୁ ଡାକଦେଲେ । ଡାକ କିଏ ଶୁଣୁଛି କିଏ ? ଦୁଇ-ଚାରି ଜଣ ଯାଇଛନ୍ତି କି ନାହିଁ, ଅଧିକାରୀଙ୍କ ତୁଣ୍ଡରେ

Digitized by srujanika@gmail.com

ଗୁମ୍ କରି ଗୋଟାଏ ବୋଲୁଅ ପଡ଼ିଲା । ସେଇଠି ସେ ମାଟି କାମୁଡ଼ି ପଡ଼ିଗଲେ । କାହାରିକୁ ସାହାଯ୍ୟ କରିବାକୁ ଆସିବାର ନ ଦେଖି ଶେଷରେ ସେ ବି ଘୁଷୁରି ଘୁଷୁରି ହଷ୍ଟେଲ ଭିତରକୁ ପଳାଇଗଲେ । ଭରଣ୍ଡିଆ ଦେଖିଲା ସବୁ ସାଫ୍ । ସେ ଚଟପଟ୍ କହିଲା—"ଯାଅ ଏଥର ନେଇଆସ ।" ମୁହଁରେ କଳା ବୋଳିଥିବା ଛଅ ଜଣ ଟୋକା ବାଲ୍‌ଟି, ଟୋକେଇସବୁ ଧରି ପାଚେରି ଡେଇଁ ଖାଦ୍ୟଶାଳା ଆଡ଼େ ଧାଇଁଗଲେ । ବାଲ୍‌ଟି ବାଲ୍‌ଟି ତରକାରି, ପାୟସ୍, ଟୋକେଇ ଟୋକେଇ ପୁରି ମନ ଉଲ୍ଲାସରେ ବୋହି ନେଇଗଲେ । ଦୁଇଟା ବଡ଼ ହାଣ୍ଡିରେ ରସଗୋଲା ଥିଲା । ତାକୁ ଆଉ କିଏ ଛାଡ଼େ ? ଏଣେ ପାଚେରି ପାଖରୁ ଗୋଟାଏ ଗୋଟାଏ ବୋଲୁଅ ହଷ୍ଟେଲ ଉପରକୁ ଛଡ଼ାଯାଉଥାଏ । ଜଲଷପଣ ପାଚେରି ଡିଆଁ ହେବା ସଙ୍ଗେ ସଙ୍ଗେ ଡେଲାଇଟ୍ ଦୁଇଟା ବୋଲୁଅ ମାଡ଼ରେ ଚୂର୍‌ମାର୍ ହୋଇଗଲା । ତା' ପରେ ସବୁ ଅନ୍ଧାର ।

ଅଧଘଣ୍ଟା ଖଣ୍ଡେ ଶୁନ୍‌ଶାନ୍ ପଡ଼ିବା ପରେ ପିଲାଏ ହଷ୍ଟେଲ ଘର ଭିତରୁ ବାହାରିଲେ । ସେତେବେଳକୁ ସାହୁବାବୁଏ ତରକାରି ହାପୁଡ଼ିବାରେ ଲାଗିଥାନ୍ତି । ଆଲୁଅ ଲଗାଇ ଖାଦ୍ୟଶାଳାର ଶୋଚନୀୟ ଅବସ୍ଥା ଦେଖି ସମସ୍ତଙ୍କର ମନ ଭାଙ୍ଗି-ପଡ଼ିଲା । ଶୋକ ଦୁଇ ଗୁଣ ତେଜିଉଠିଲା । ଗୁମ୍ଫ ଆଉଁସୁ ଆଉଁସୁ ଅଧିକାରୀ କହିଲେ, "ତୁମମାନଙ୍କ ମନ ନେଇ ଠିକ୍ ଫଳ ମିଳିଛି । ତା ନ ହେଲେ ସାତ ଆଠଟା ଗୁଣ୍ଡା ଦୁଇଶ ଟୋକାଙ୍କୁ କାବୁକରି ମୁହଁରୁ ଆହାର ଛଡ଼େଇ ନେଇଥାନ୍ତେ ? ସହଯୋଗର 'ସ' ଅକ୍ଷର ବି ତୁମକୁ ମାଲୁମ ନାହିଁ । ଯେ ପର୍ଯ୍ୟନ୍ତ ତୁମ ଭିତରେ ସହଯୋଗ ଦେଖା-ନ ଦେଇଛି, ସେ ପର୍ଯ୍ୟନ୍ତ ତୁମେ ଏହିପରି ହୀନସ୍ଥା ଭୋଗୁଥିବ ।"

Digitized by srujanika@gmail.com

# ଚୋଖା ଚୋଖୁଣିଆ

କୁଆ କା କଲାବେଳରୁ ପେଟା ବାଞ୍ଛାଗୁଣ୍ଡିଆର ବଟାବଟି, କଟାକଟି ସବୁ କାମ ଖତମ୍ ହୋଇସାରିଥାଏ । ଚୁଲିରେ କୁହୁଳା ପକାଇଦେଇ ସେ ସାଜସରଞ୍ଜାମସବୁ ସଜାଳି କରିନିଏ । କାଠରେ ନିଆଁ ଧରିଗଲେ ସେ ତେଲ କରେଇଟି ଚୁଲି ଉପରେ ବସାଇଦିଏ ଓ ଜାଲିଚଟୁଟି ଧରି ପାଖରେ ଖଣ୍ଡିଏ ଗୋଟ ପିଢ଼ା ଉପରେ ବସିଯାଏ । ତା'ର ବିରାଟ ପିଚ୍ଛ ଦୁଇଟା ପିଢ଼ାର ଦୁଇ ପାଖରେ ତଳକୁ ଝୁଲିପଡ଼େ । ଧୁମ ପରି ପେଟ ଓ ତହିଁରେ ଥିବା ଜୈନ ଗୁମ୍ଫା ପରି ନାଭି ତେଲ କରେଇ ଆଡ଼କୁ ଆଗେଇ ଯାଇଥାଏ, ସତେ କି ଯେପରି ତେଲ କରେଇରୁ ଛଣାହୋଇ ବାହାରୁଥିବା ପଦାର୍ଥ-ମାନଙ୍କ ସହିତ ମିତ୍ରତା ବାନ୍ଧିବାକୁ ସେ ଅତି ଉତ୍ସୁକ । ତେଲ କରେଇରେ କଡ଼ମଡ଼ ହୋଇଗଲେ ସେ ଗଣେଶ ଦେବତାଙ୍କୁ ସ୍ମରଣ କରି ପହିଲି ଘାନି ପିଆଜି ପକାଏ । ଚେଏଁ, ଚଡ଼ ଚଡ଼, ଗବ ଗବ ଶବ୍ଦରେ ଥାନଟା ସରଗରମ ହୋଇଉଠେ । ତହିଁରୁ ନିର୍ଗତ ଉତ୍କଟ ବାସ୍ନା ଚତୁର୍ଦ୍ଦିଗକୁ ଖେଳିଯାଇ ବାଟୋଇଙ୍କ କଣ୍ଠରୋଧ କରିପକାଏ । କେତେକ ଖୁଁ ଖୁଁ ହୋଇ କାଶି କହିପକାନ୍ତି—"ଉଃ ଶଳାଟା କି ତେଲ ନାହିଁ କି ତେଲରେ ତିଆରି କରୁଛୁ !" ଏ କଥା ସେ ବାଞ୍ଛା କାନରେ ନ ବାଜେ ତା ନୁହେଁ । ସେ ତାକୁ ଏ କାନରେ ପୂରାଇ ସେ କାନରେ କାଢ଼ିପକାଏ । ପହିଲି ଘାନି ପିଆଜି ଛଣା ହେବା ମାତ୍ରେ ସହକାରୀ ଅଳୁଆ ପାଖରେ ବସିଥିବା ଗରାଖମାନଙ୍କୁ ସେମାନଙ୍କ ପ୍ରୟୋଜନ ଅନୁଯାୟୀ ପତ୍ରର ଠୋଲାରେ ପିଆଜି ପରଷିଦିଏ । କାନ ଦୁଇଟା ଗରାଖଙ୍କ ପାଖରେ ଓ ଆଖି ଦୁଇଟା ତେଲ କରେଇ ଉପରେ ରଖି ବାଞ୍ଛା ଘାନି ପରେ ଘାନି ପିଆଜି, ପକୁଡ଼ି, ବାଇଗଣୀ, ବରା ଆଦି ପଦାର୍ଥମାନ ଛାଣିବାରେ ଲାଗି ପଡ଼ିଥାଏ । କାନ ଦୁଇଟା ଗରାଖମାନଙ୍କଠାରୁ ବେଶୀ ମିଠା କଥା, [illegible] ଗପ ପ୍ରଶଂସା ଶୁଣିବାରେ ଅଭ୍ୟସ୍ତ ହୋଇଥାଏ—ସେଗୁଡ଼ାକ କିନ୍ତୁ ତା' ଉପରେ କୌଣସି ପ୍ରଭାବ ପକାଇ ପାରେ ନାହିଁ । ନିନ୍ଦା ହେଲା ବେଳେ ନହକା ଗଛ ମୁଣ୍ଡ ନୁଆଁଇ ଝଡ଼ଠାରୁ ଆତ୍ମରକ୍ଷା କଲା ପରି ସେ ଚୁପ୍ ରହେ । ତା'ର ବେଶୀ ଡର ଥାଏ କାଳେ କଥାଟା ବଢ଼ି ବଢ଼ି ମ୍ୟୁନିସିପାଲିଟି ହାକିମ ଯାଏ ଗଡ଼ିଯିବ । ଆଉ ବି ଗରାଖଙ୍କ

Digitized by srujanika@gmail.com

ସଙ୍ଗେ ବକର ବକର ହେଲେ କାମ ମାଗ ଓ ଗରାଖ ବି ପାଖ ମାଡ଼ିବେ ନାହିଁ । ଏହିସବୁ ଡର ତା ପାଟିରେ ଚୁଣ୍ଡା ମାଡ଼ିଦିଏ । ଏ ଡରଠାରୁ ବେଶୀ ଡର ଥାଏ ପ୍ରଶଂସା କରିବାଲ ଗରାଖଙ୍କଠାରେ । ପ୍ରଶଂସା ପରେ ପରେ ଯେ ଲାଭ ସ୍ୱରୂପ ପିଆଜଟାଏ ବା ପକୁଡ଼ି ଦିଖଣ୍ଡ ପାଇଁ ଦାବୀ ଆସିବ, ସେ ବିଷୟରେ ବାଞ୍ଛା ଖୁବ୍ ସତର୍କ ଥାଏ । ସେ ମାଡ଼ ସହିବ, ଗାଳି ସହିବ. ସାତପୁରୁଷର ଅପମାନ ସହିପାରିବ; କିନ୍ତୁ ବିନା ମୂଲ୍ୟରେ ପକୁଡ଼ିର ଦାନାଏ ବା ପିଆଜର ଟୁକୁରା ଖଣ୍ଡେ ବି ଦେବା ତାହାର ଅସହ୍ୟ । ଏହି ଲାଭ ଦାବୀର ଭୟରେ ସେ ପ୍ରଶଂସା କଥାକୁ ଶୁଣି ନ ଶୁଣିଲା ପରି ରହେ ।

ବାଞ୍ଛା ଯେ କେବଳ ପିଆଜି, ପକୁଡ଼ି ତିଆରି କରେ ତା ନୁହେଁ, ଲଡ଼ୁ, ବାଲୁସାଇ, ଗଜା, ଗୋଲାପଜାମୁ, ରସଗୋଲା ଆଦି ମିଠା ମଧ୍ୟ ତିଆରି କରେ । ହେଲେ ଏସବୁର କାଟତି କମ୍ । ସେସବୁର ପ୍ରସ୍ତୁତି ବିଷୟରେ ଗରାଖମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ । କାରଣ ରାତିରେ ଦୋକାନ ଶୂନ୍‌ଶାନ୍ ହୋଇଗଲେ ମିଠା ଜିନିଷର ତିଆରି ଆରମ୍ଭ ହୁଏ । ଆଉ ବି ଥରେ ତିଆରି ହେଲେ ତାହା ଖୁବ୍ କମ୍‌ରେ ପକ୍ଷେ ଚାଲିଯାଏ । ଏ ସବୁ ଜିନିଷ ଯେ କାଣ୍ଟି ଡାଲଡ଼ାରେ ତିଆରି ତାହା ଲୁଚାଇ ଦେବା ପାଇଁ ବାଞ୍ଛା ଗୋଟିଏ ଡାଲଡ଼ା ଟିଣ ଦୋକାନ ଘରେ ରଖିଥାଏ । ଟିଣ କଣା ହେବା ଦିନଠାରୁ ଯେ ଖୋଲା ହୋଇ ନାହିଁ, ଏକଥା ଜାଣିବାକୁ କେହି ଆଗ୍ରହାନ୍ୱିତ ହେବେ ନାହିଁ ବୋଲି ସେ ମନରେ ପୂରା ଭରସା ରଖିଥାଏ । ଡାଲଡ଼ା ଟିଣକୁ ଦେଖିଲେ ମିଠା ଜିନିଷ ସବୁ କେଉଁଥିରେ ଯେ ତିଆରି ହେଉଛି ସେ ବିଷୟରେ କେହି ମୁଣ୍ଡ ଖେଳାଇବେ ନାହିଁ, ସେ ଆଶା ମଧ୍ୟ ବାଞ୍ଛା ରଖିଥାଏ ।

ସେ ଯେ ଏସବୁ ବେଖାତିର ଭାବେ କରିଯାଉଥିଲା ତା ନୁହେଁ, ତା'ର ଏଥିପାଇଁ ଡର ଥାଏ କେବଳ ମ୍ୟୁନିସିପାଲିଟି ଖାଦ୍ୟ ହାକିମଙ୍କୁ । ସେଥିଲାଗି ସେ ସହକର୍ମୀ ଅନୁଆକୁ କଡ଼ା ତାଗିଦ୍ କରି କହିଦେଇଥାଏ, "ଦେଖ୍, ମ୍ୟୁନିସିପାଲିଟି ହାକିମ ଯଦି କେତେବେଳେ ଦୋକାନକୁ ଆସେ ତେବେ ସେ ଶଳାକୁ ଜିନିଷ ଦେଖି ଗୁହିଁ ଦେବୁ, ଯୋଉ ଜିନିଷ ଗମିଯାଇଥିବ ତାହା ତାକୁ ଦେବୁ ନାହିଁ । ଜାଣିଥା, ଆମ ଜନେ ନାଟିକ ଯେ ଶଳାଟିର ହାତରେ ଅଛୁ । ସେ ଆସିଲେ ଭଲ ଜିନିଷ ଦେଇ ଧାମେଲା ପାମେଲା, ଝେକାଝେକ କରି ବିଦାୟ କରିଦେବୁ ।" ଅନୁଆ ଏ କଥାକୁ ବେଦର ଗାର କରି ମନରେ ରଖିଥାଏ ଓ ତଦନୁଯାୟୀ କାମ କରୁଥାଏ । ଫଳରେ ବହୁଦିନ-ଯାଏ ମୁଣ୍ଡ ଉପରକୁ କିଛି ଆଞ୍ଚ ଆସି ନ ଥିଲା ।

ଏମିତି ବାଞ୍ଛାର ବେଉସା ସୁରୁଖୁରୁରେ ଚାଲୁଥିବାବେଳେ ଅକସ୍ମାତ ହଇଜା ଆସି ସହରରେ ପଶିଲା । ସ୍ୱାସ୍ଥ୍ୟ ବିଭାଗ ପ୍ରାଣପଣେ ଯତ୍ନ କଲେ ହେଁ ତାହା ସହରରୁ

Digitized by srujanika@gmail.com

ଉଠିବାର ନାଆଁ ଧରୁନି ନାହିଁ । ବରଂ ତା'ର ଚେର ଭିତରକୁ ବେଶି ବେଶି ମାଡ଼ିବାକୁ ବସିଲା । କର୍ମକର୍ତ୍ତାମାନଙ୍କର ଆଖି କ୍ରମେ ଗୁଡ଼ୁଆ ଦୋକାନ ଉପରେ କେନ୍ଦ୍ରୀଭୂତ ହେବାକୁ ଲାଗିଲା । ଅଳୁଆ ବିଚରା ପ୍ରମାଦ ଗଣିଲା । ସେ ବାଞ୍ଛାକୁ ସତର୍କ କରାଇ କହିଲା, "ଦେଖ, ସ୍ବାଡ଼କୁ ହୁସିଆର ନ ହେଲେ ଆଉ ରକ୍ଷା ନାହିଁ । ଏଥରକ ଭଲ ବାଦାମ ତେଲ ଆଣିବାକୁ ପଡ଼ିବ ଓ ଡାଲଡ଼ା ଟିଣକୁ ଫିଙ୍ଗାଇବାକୁ ପଡ଼ିବ ।" ଘାଣ୍ଟଏ ପିଆଜ ଚେଁ ଷୁଁ କରି ତେଲ କଡ଼େଇ ଭିତରକୁ ଗୁଡ଼ିଦେଇ ବାଞ୍ଛା କହିଲା, "ଆରେ ରଖ ରଖ ତୋ ହାକିମ" ମୋର ଏହି ପିଆଜ ଭିତରେ କେତେ ହାକିମଙ୍କୁ ପୋଡିଦେବି । ମାଗଣାରେ ମୁଁ ମ୍ୟୁନିସିପାଲିଟି ହାକିମଙ୍କୁ ଏତେ ସାଭିଲା ସାଭିଲା କରି ରଖିଛୁ ! ତାଙ୍କ ଝାଭିର କାଟପାଣି ମୋତେ ଜଣା ।"

ସେଦିନ ସକାଳୁ ତିନି ଚାରି ଜଣ ସାହି ଟୋକା ଜଳଖିଆ ଖାଇବାକୁ ଆସି ପହଞ୍ଚିଲେ । ବାଞ୍ଛା ଠିକ୍ ସେତିକବେଳକୁ ପିଆଜ ପକାଇବାକୁ ଯାଉଥାଏ । ସମସ୍ତେ ପାଖରେ ପଡ଼ିଥିବା ଗୋଟିଏ ବେଞ୍ଚ ଉପରେ ବସି ଗରମାଗରମ ତଟକା ପିଆଜର ପ୍ରତୀକ୍ଷାରେ ରହିଲେ । ପିଆଜ କଡ଼େଇରେ ପଡ଼ିବାମାତ୍ରେ ଉତ୍କଟ ବାଷ୍ପ ତହିଁରୁ ବାହାରି ସମସ୍ତଙ୍କୁ ବିଚଳିତ କଲା । ସେହି ଗନ୍ଧରେ ଜଣେ ବିବ୍ରତ ହୋଇପଡ଼ି କହିଲା, "ହଇରେ, ଏଗୁଡ଼ାକ କି ତେଲରେ ଗୁଣ୍ଡୁଛୁ ? ବାଦାମ ତେଲ ତ ଏମିତି ଗନ୍ଧେଇବ ନାହିଁ । ଲାଭ କରିବ ବୋଲି କ'ଣ ଲୋକଙ୍କୁ ବିଷ ଦେଇ ଲାଭ କରିବ !" ଆଉ ଜଣେ କହିଲା, "ଆରେ ବାଞ୍ଛା ସାହୁ କଥା ଛାଡ଼ । ଯାହା ହାତକୁ ଟଙ୍କା ଲାଗିବ, ତାହା ବାଞ୍ଛା ସାହୁର ତେଲ । ଆଉ ସେହି ତେଲରେ ସେ ପିଆଜ ଗୁଣିବ । ଶସ୍ତା ଲାଗି ସେ ଦୁନ୍ଆର ଚର୍ବିକୁ ବି ତେଲରେ ଆଣି ମିଶାଇଦେବ । କହାତ ନାପନା ଲୋକଟା । ଯାହା ଯୋଗୁଁ ସହରରୁ ହଇଜା ମୋଟେ ଯାଉନାହିଁ ।"

ଆଉ ଜଣେ ବାଧା ଦେଇ କହିଲା, "ଯାହା କୁହ ବାଞ୍ଛା ସାହୁର ପିଆଜର ମହିମା କିଛି କମ୍ ନୁହେଁ । ଥରେ ମୋର ଏମିତି ଝାଡ଼ା ବାନ୍ତି ହେଲା ଯେ, ଯେତେ ବୈଦ୍ୟ ଥିଲେ ସମସ୍ତଙ୍କୁ ଚିତା କାଟିଲା । ଶେଷରେ ଡାକ୍ତର ପାଖକୁ ଗଲି । ଡାକ୍ତର ବି ଚାରି ପାଞ୍ଚ ରକମର ଔଷଧ ଦେଇ ହାରି ମାନିଲା । ଜଣେ ମୋତେ ଏହି ପିଆଜ କଥା କହିଲା । ଶେଷକୁ ଏଠିକୁ ଆସି ଗରମ ଗରମ ଆଠଟି ପିଆଜ ଖାଇଦେଲି । ଓଃ, ଯାଏ କୁଆଡ଼େ, ସବୁ ତନଟାରୁ ପାଇପ ମୁହଁ ଫିଟିଲା । ବାହାରକୁ ଦଉଡ଼ ଦଉଡ଼ ଆକ୍ରାନ୍ତ । ଶେଷକୁ ଏମିତି ହେଲା ଯେ ଲୋକେ କହିଲେ ହଇଜା । ମୋ ଗୋଡ଼କୁ ବି ବାଉଲ ଉଠିଲା । ଅବଶେଷରେ ଯେଉଁ ଡାକ୍ତର ଝାଡ଼ା ହେବାପାଇଁ ଔଷଧ ଦେଇ-ଥିଲେ, ସେ ଆସି ମୋ ଝାଡ଼ା ବନ୍ଦ କରାଇଲେ । ସେହିଦିନଠାରୁ ବାଞ୍ଛା ପିଆଜକୁ ମୁଁ ଜୁଲାପ କହେ ।"

Digitized by srujanika@gmail.com

ଏହିପରି କଥାବାର୍ତ୍ତା ଚାଲିଥିଲାବେଳେ ଅନୁଆ ସମସ୍ତଙ୍କ ହାତରେ ପିଆଜି ଧରାଇଦେଲା । କଥାରେ ଅଛି ଗରମାଗରମ ଥିଲେ ଶୁଖୁଟି ବି ଭଲ ଲାଗେ । ସମସ୍ତେ ଗରମାଗରମ ପିଆଜିତକ ଆରାମରେ ଖାଇଦେଲେ । ହାତ ଧୋଇସାରିବା ପରେ ତଣ୍ଟିଟା କେମିତି ଗଡ ଗଡ ହବାକୁ ଲାଗିଲା । ଜଣେ ରାଗିଯାଇ କହିଲା, "ହଇରେ, ଏଗୁଡ଼ା ପିଆଜି ନା ଗୁହ ।" ବାଞ୍ଛା ପାଟିରୁ ବଚରା ନାହାଣ ପଡ଼ିଲା, "କେମିତି ଲାଗିଲା ?" ସେ ରାଗିଯାଇ କହିଲା, "କେମିତି ଲାଗିଲା ? ରହ ତୋତେ ବତାଇ ଦେଉଛୁ, ଆଜି ମ୍ୟୁନିସିପାଲିଟି ବାବୁ ଆଗରେ କହୁଛୁ ।" ମ୍ୟୁନିସିପାଲିଟି ବାବୁ ନାଆଁ ଶୁଣି ବାଞ୍ଛା ପେଟ ଭିତରେ ଟିକେ ହସିଦେଲା । କଥାଟାକୁ ବଢ଼ାଇ ନ ଦେବା ଲାଗି ସେ କହିଲା, 'ଦେଖ ଭାଇ, ସାହି ଭିତରେ ଘର କରି ସମସ୍ତେ ଧରାଧରି ହୋଇ ରହୁଛୁ । କେଉଁଠି କେମିତି କାହାର ଟିକେ ଗଲତି ହୋଇଗଲେ ଅନ୍ୟମାନେ ତାକୁ ଚଳେଇ ନେବେ । ସମସ୍ତେ ମୋତେ ଯଦି ଟିକେ ଚଳେଇ ନ ନେବେ, ତେବେ ମୁଁ ବୁହାଭେଦା ଦେବି କାହିଁକି ?"

ବାଞ୍ଛାର ଏ ନରମା କଥାରେ ସମସ୍ତେ ନରମିଗଲେ । ଜଣେ କିନ୍ତୁ ମ୍ୟୁନିସି-ପାଲିଟି ବାବୁ ପାଖରେ ଚୁଗୁଲି କରିଦେଲା । ସହଜେ ତ ହଇଜା ସମୟ । ମ୍ୟୁନିସିପାଲିଟି ବାବୁ ଏକଥା ଶୁଣି ବଡ଼ ତତ୍ପର ହୋଇଉଠିଲେ ।

ବାଞ୍ଛା ସାହୁ ପିଆଜି ଛାଣୁଥିଲାବେଳେ ଜଣେ ଅପରିଚିତ ବାବୁ ହଠାତ୍ ତା ଦୋକାନ ଭିତରେ ପଶିଲେ । ଅତି ନମ୍ରତାର ସହିତ ଅନୁଆ ପଚାରିଲା, "ଆଜ୍ଞା, କଣ ଦେବି ?" ସେ କହିଲେ, "ମିଠା ଜିନିଷ କ'ଣ ଅଛି ଆଣ ।" ଅନୁଆ ଗୋଟିଏ ଠୋଲାରେ ଦୁଇଟି ଲଡ଼ୁ ଆଣି ହାତରେ ଧରାଇଦେଲା । ବାବୁ ଜଣକ ତାକୁ ନାକ ପାଖକୁ ନେଇ ଓ ଟିକେ ପାଟିରେ ପକାଇ କହିଲେ, "ହୁଁ, ଇମିତିକିଆ ଖରାପ ଜିନିଷ ତିଆରି କରି ତୁମେ ସହରରେ ହଇଜା ବୁଣୁଛ । ଆଜି ଏସବୁ ଜିନିଷ ସିଲ୍ କରି ଅଫିସକୁ ପଠାଇବି ।"

ବିଚରା ବାଞ୍ଛା ସାହୁ ହାତରୁ ଜାଲିଚଟୁ ଖସିପଡ଼ିଲା । ଯା ଭିତରେ ତା ହେଲ୍ଥବାବୁ ଜଣକ ବଦଳରେ ଆଉ ଜଣେ ବାବୁ ଯେ କେଉଁଦିନ ଆସି ରହିଗଲେଣି, ତାହା ତାକୁ ଜଣା ନ ଥିଲା । ଅଗ୍ନିକ ବାଘ ହାବୁଡ଼ିଲା ପରି ଆସି ଏ ହାବୁଡ଼ିଗଲା । ବିପଦ ପଡ଼ିଗଲେ ବିପଦ ପ୍ରତି ଥିବା ଭୟ ଚାଲିଯାଏ । ବାଞ୍ଛା ସାହୁ ମୁହୂର୍ତ୍ତକ ମଧ୍ୟରେ ନିଜ କର୍ତ୍ତବ୍ୟ ଠିକ୍ କରିନେଲା । ତରତରରେ ତେଲ କରେଇଟାକୁ ଚୁଲି ଉପରୁ ଓହ୍ଲାଇଦେଲା । ବାବୁଙ୍କୁ ଅତି ନମ୍ରତାର ସହିତ ପଚାରିଲା—"ଆଜ୍ଞା, ସେ ବାବୁ କଅଣ ଆଉ ନାହାନ୍ତି ?" ଟିକିଏ ବିରକ୍ତିର ସହ ସେ କହିଲେ—"ସେ କାମରୁ ଡିସ୍‌ମିସ୍ ହୋଇଯାଇଛନ୍ତି । ମୁଁ ତାଙ୍କ ଜାଗାରେ ରହିଛି ।" ବାଞ୍ଛା ସାହୁ ଅନୁଆ ଅଡ଼କୁ ବୁଲିପଡ଼ି ଟିକିଏ ଅଙ୍ଗିଠାର ଅଗ ମାରିଦେଲା ଓ ତା'ପରେ ବାଘ ଗର୍ଜନ

Digitized by srujanika@gmail.com

କଲପରି ପାଟିକରି କହିଲା—"ହଇରେ ଶଳା କଣା ! ତଳେ ଲୋକ ଜଣାଯାଉଛନ୍ତି । ହଇବେ ଶଳା, କୋଉ ଲୋକ ସାଙ୍ଗରେ କେମିତିଆ କାମ ? ଅରେ ସେ ହେଲେ ଆମ ଦାନାଦାର ବାପ, ମା ! ଶଳାଟି, ତାଙ୍କୁ ଦେଖିକରି ଜିନିଷ ଦେଉନି ତ ଆଉ କାହାକୁ ଦେବୁ ?" ମୁଣ୍ଡ ତଳକୁ ପୋତି ଅନୁଆ ଗୁଁ ଗୁଁ ହେଲା । ପେଟ ଭିତରେ ତାର ହସର ଅଙ୍କୁରୋଦ୍‌ଗମ ହେଉଥାଏ । ବାଞ୍ଛା ସାହୁ ପୁନର୍ବାର ବାବୁଙ୍କ ଆଡ଼କୁ ବୁଲିପଡ଼ି ଅତି ନ୍ୟନରେ କହିଲା, "ଅଜ୍ଞା ଏ ଟୋକା ଏହି ଲଡ଼ୁ ଆପଣଙ୍କୁ ଦେଲା ?" ଏହା କହି ସେ ଟିକେ ଲଡ଼ୁକୁ ଶୁଙ୍ଘିଦେଲା ଓ ଅବାକ୍ ହୋଇଗଲା ପରି ଆଁ କରି ବାବୁଙ୍କ ମୁହଁକୁ ବାଲୁ ବାଲୁ କରି ଚାହିଁଲା । ବାବୁ ତା'ର ଏପରି ବ୍ୟବହାରରେ ଟିକିଏ ବିସ୍ମୟ ପ୍ରକାଶ କରିବାରୁ ସେ ଗଳାକୁ ତୋଳିଆଣିଲା ପରି କହିଗଲା, "ଆଜ୍ଞା ଏହି ଦୋକାନରୁ ଶହ ଶହ ଲୋକ ଏହି ଲଡ଼ୁ ଖାଇଲେଣି, ହେଲେ ଆପଣଙ୍କ ପରି ଜିଭର କାଟ୍ ଆଉ କାହାଠାରେ ନାହିଁ । ଆଜଯାଏ ଜଣେହେଲେ କେହି ଏ ଜିନିଷକୁ ବାରି ନାହାନ୍ତି । ଓହୋ ଆପଣଙ୍କ ଜିଭ ପୁଣି ଏପରି ବାରିଦଏ ! ସତ କହୁଛି ବାବୁ ! ଏ ଲଡ଼ୁର ଶେଷ ଘାନିବେଳକୁ ଘିଅର ଟିକେ ଟାଣ ହେବାରୁ ଡଙ୍କିଏ ଖଣ୍ଡେ ବାଦାମତେଲ ମିଶାଇ ଦେଇଥିଲି । କେତେ କେତେରେ ବା କେତେ ? କାହାରି ଜିଭ ବାରିପାରିଲା ନାହିଁ, ଆପଣଙ୍କ ଜିଭ ବାରିଦେଲା । ସତ କହୁଛି ବାବୁ, ଆପଣଙ୍କ ଜିଭ ପରି ଓଖା ଜିଭ ମୋ ଜୀବନଭରି କାହାଠି ଦେଖିନାହିଁ ।" ଅନୁଆ ବି ଠିକ୍ ଶେଷଆଡ଼କୁ ଯୋଖିଦେଲା, "ହଁ ମ ଭାଇ, ଖାଇଲା ଘରର ପୁଅ ସିନା ବାରିବ ! କାଙ୍ଗାଳିଏ ବାରିବେ କୁଆଡ଼ୁ ?" ବାଞ୍ଛା ସାହୁ ତରତର ହୋଇ ଗୋଟିଏ ପଟରେ ଛେନାଗଜାଟିଏ ନେଇଆସି ବାବୁଙ୍କ ହାତକୁ ବଢ଼ାଇଦେଲା ଓ ଗଦ୍ ଗଦ୍ ହୋଇ କହିଲାଗିଲା, "ବାବୁ ଏହାକୁ ଚାଖି କହନ୍ତୁ ତ ଘିଅ ନା ତେଲ । ସତେ ଆପଣଙ୍କ ଜିଭର କରାମତି ଦେଖି ମୋ ଆଖି ଖୋସି ହୋଇଯାଇଛି ।" ବାବୁ ଛେନାଗଜାରୁ ଟିକେ ପାଟିରେ ପକାଇଲେଇ ଗମ୍ଭୀର ଭାବରେ କହିଲେ, "ନା, ଏଇଟା ଖାଣ୍ଟି ଘିଅ" ଅନୁଆ ମୁହଁଟାକୁ ବୁଲାଇଦେଇ ଟିକେ କୁରୁକୁରୁ ହୋଇ ହସିଲା । "ଆଃ ଦେଖିଲ ଖଣ୍ଡେ ଜିଭ" ଅନୁଆ ଯୋଖିଦେଲା, "କେମିତି କହୁଛ ମ' ବୁନିଆଦରୁ ଖାଇଆସିଛନ୍ତି, ଜାଣିପାରିବେ ନାହିଁ ?"

ବାଞ୍ଛା ଗୋଟିକ ପରେ ଗୋଟିଏ ବହୁ ଜିନିଷ ଚଖାଇଲା । ବାବୁ ବି କେଉଁଟା ଖାଣ୍ଟିଘିଅ ଓ କେଉଁଟା ତେଲ ଘିଅ ମିଶା ସବୁ ଠିକେ ଠିକେ କହିଗଲେ । ବିଶେଷ-କରି ଗୋଟିଏ ରସଗୋଲା ଚାଖିଲାବେଳେ ସେ ଯେତେବେଳେ ସାମାନ୍ୟ ବାଦାମତେଲ ମିଶିଥିବାର କହିଲେ, ସେତେବେଳେ ଅନୁଆ ଛୁଙ୍କିବାର ବାହାନା କରି ପୁଳାଏ ହସିଦେଲା । ଉଚ୍ଛ୍ୱସିତ ପ୍ରଶଂସା ଭିତରେ ବାଞ୍ଛା ସାହୁ ପୁନର୍ବାର କହି ଲାଗିଲା, "ସେ ବାବୁ ଥିଲେ ଯେ, ଏତେ ବାରିଲାପଣ ତାଙ୍କର ନ ଥିଲା । ତାଙ୍କ ସମୟରେ ହାଣ୍ଡି ବି

Digitized by srujanika@gmail.com

ଗଲିଯାଉଥିଲି । ଏବେ ମୁଁ ଦେଖୁଛି, ଆପଣଙ୍କ ଅମଳରେ ପିମ୍ପୁଡ଼ିଟିଏ ବି ଯାଇପାରିବ ନାହିଁ ।”

ବାଞ୍ଛା ସାହୁ ଓ ଅଜୁଆର ସମ୍ମିଳିତ ଅନୁରୋଧ ଏଡ଼ି ନପାରି ବାବୁ ପେଟପୂରା ଜଳଖିଆ କରିନେଲେ ଏବଂ ଗଲାବେଳେ ବାଞ୍ଛା ସାହୁଙ୍କୁ ସତର୍କ କରାଇ କହିଲେ, “ଦେଖି ଶୁଣି ଆଉକୁ ଜିନିଷ ତିଆରି କରିବ । ଚେୟାର୍‌ମ୍ୟାନ୍ ଖୁବ୍ କଡ଼ାକଡ଼ି ହୁକୁମ ଜାରି କରିଛି ।”

ବାବୁ ଚାଲିଯିବା ପରେ ବାଞ୍ଛା ସାହୁ ଦୀର୍ଘ ନିଶ୍ୱାସଟାଏ ପକାଇ କହିଲା, “ଶଳା କାଡ଼ୁମର୍ଦ୍ଦନ ଚାଖୁଣିଆ ଏକା । ଶଳା ଆସିଥିଲା ମୋତେ ପାଠ ପଢ଼ାଇବାକୁ । ତେଲରେ ଆମର ଜୀବନ ବିତିଲା । ତେଲ ଆଗରେ ଶଳାର ଦଉଡ଼ କେତେ ।” ଅଜୁଆ ବି ଯୋଖିଦେଲା, ଶଳାଟା ଯେତେ ଖାଇଛି ହଇଜା ଓ୍ୟାର୍ଡ଼ ନିଶ୍ଚେ ଦେଖିବ ।

Digitized by srujanika@gmail.com

# ଓଜୋକ ଦରଜୀ

ଟାଇଁଟାଇଁଆ ଖରାଦିନ ପରେ ଅସରାଏ ବର୍ଷା ଯେପରି ମନଟାକୁ ଉଲୁସାଇ ଦିଏ, ବହୁଦିନ ଧରି ବେକାର ହୋଇ ରହିଥିବା ହରିର ମନରେ ପ୍ରଥମ ସାକ୍ଷାତ୍କାର ପତ୍ର ବା ଇଣ୍ଟରଭିଉ ଲେଟର ଖଣ୍ଡିକ ବେଶ୍ ଉଲ୍ଲାସ ଆଣିଦେଇଥିଲା । ମାଳ ମାଳ ଦରଖାସ୍ତ ଚାରିଆଡ଼େ ବାଣ୍ଟିଦେଇଥିଲା; କିନ୍ତୁ ତା'ବଦଳରେ ଖଣ୍ଡେ ସାକ୍ଷାତ୍କାର ପତ୍ରର ଆଗମନ ଏଇ ପ୍ରଥମ ପତ୍ରର କାମ । ପୂର୍ଣ୍ଣଚ୍ଛେଦ ବି ହରିର ମୁଖସ୍ଥ ହୋଇଗଲା । ଅନ୍ୟ ଯେଉଁମାନଙ୍କ ପାଖକୁ ସାକ୍ଷାତ୍କାର ପତ୍ର ଯାଇଥିଲା, ସେମାନଙ୍କୁ ସେ ଯେ ଜାଣି ନଥିଲା, ତାହା ନୁହେଁ । ଚାଷୀ ଯେପରି ଆଳୁଗଦାରୁ ବାଛି ବାଛି ପଚାଆଳୁସବୁ କାଢ଼ି ଫୋପାଡ଼ିଦିଏ, ସେ ସେହିପରି ଗୋଟି ଗୋଟି କରି ପ୍ରାର୍ଥୀମାନଙ୍କୁ ବାଛି ଫିଙ୍ଗି-ଦେବାରେ ଲାଗିଲା ।

ରାମ ? ହୋଃ, ତା'ର ଗୋଟାଏ ବ୍ୟକ୍ତିତ୍ୱ ନାହିଁ । ତା ହେଙ୍ଗେଲାପଣିଆ ଦେଖିଲେ ବଡ଼ଲୋକମାନେ ମୂଳରୁ ନାକ ଟେକିବେ । ଗଳାପଟିଟା ଏପର୍ଯ୍ୟନ୍ତ ବାନ୍ଧି ଆସିନାହିଁ । ଛୁଚ୍ଛାଟାରେ ଦରଖାସ୍ତ କଲା କାହିଁକି କେଜାଣି ?

ଦାମ ? କମ୍ୟୁନିଷ୍ଟ ଧାସ ତା ଦେହରେ ବାଜୁଛି ବୋଲି କିଏ ନ ଜାଣେ ? ମୂର୍ଖଟା ଭାବିଛି ଏକଥା ବଡ଼ଲୋକମାନେ ଜାଣନ୍ତି ନାହିଁ । ବୋକା ଏତିକି ଜାଣିନି ଯେ ସାକ୍ଷାତ୍କାର ପୂର୍ବରୁ ପୋଲିସ୍ ରିପୋର୍ଟଟା ବଡ଼ଲୋକମାନେ ଦେଖିଥାନ୍ତି ଓ ପାଖରେ ରଖିଥାନ୍ତି ।

ଶାମ ? ଓଲୁ ! ମୁଖ୍ୟ ବଡ଼ଲୋକଙ୍କ ନାଆଁରେ ଖବର କାଗଜରେ ଅଣ୍ଡୁସାଣ୍ଡୁ ଗୁଡ଼ାଏ କାଢ଼ିଥିଲା । ସେ କଅଣ ଏଡ଼େ ଚଞ୍ଚଳ ସେଗୁଡ଼ାକ ଭୁଲିଯିବେ ?

ଯଦୁ ? ବଡ଼ଲୋକ ଚଉଧୁରୀ ବାବୁଙ୍କ ମହାଶତ୍ରୁ କପିଳବାବୁଙ୍କ ଝିଅକୁ ବାହା-ହୋଇଛି । ସେ ତାକୁ ଆଉ ଦୁଇ ଆଖିରେ ଦେଖିପାରିବେ ନା !

ଏହିପରି ପଚାଆଳୁ ବାଛୁ ବାଛୁ ଗଦା ଶେଷ । ବାକି ରହିଲା କେବଳ ମାତ୍ର ଗୋଟିଏ ନିଖୁଁତ୍ ଗୋଲଗାଲ ଆଳୁ ସେ ନିଜେ, ସର୍ବଲକ୍ଷଣଯୁକ୍ତ, ଷୋଳକଳାରେ ପରିପୂର୍ଣ୍ଣ, ଗୋଟାଏ ଟିପ ଦେବାକୁ ଜାଗା ନାହିଁ, ସୁରୁଖୁରୁରେ ସାକ୍ଷାତ୍କାରଟା

Digitized by srujanika@gmail.com

ହୋଇପାରିଲେ ସୁବିଧା ଅଛି । ଏଣୁ ସେ ଖୁବ୍ ଜୋର୍‌ସୋରରେ ସାକ୍ଷାତ୍କାର ପାଇଁ ପ୍ରସ୍ତୁତିରେ ଲାଗିପଡ଼ିଲା ।

ପୋଷାକ ଭିତରେ ଦୁଇଖଣ୍ଡ ମାତ୍ର ଧୋତି ଓ ଖଣ୍ଡେ କାମିଜ । ଏଥିରେ କି ସାକ୍ଷାତ୍କାର ଚଳେ ? ଏଥିପାଇଁ ଦରକାର କୋଟ୍ ଓ ପ୍ୟାଣ୍ଟ, ନେକଟାଇ । କିନ୍ତୁ ମିଳିବ କେଉଁଠୁ ? ଏତେ କମ୍ ସମୟ ଭିତରେ ତିଆରି ହେବା ଅସମ୍ଭବ । ସମ୍ଭବ ହେଲେ ବି ଧନ କାହିଁ ? ବଡ଼ଲୋକମାନଙ୍କ ଉପରେ ତା'ର ଭାରି ରାଗ ହେଲା । ଘରୁ ବାହାରି ପରି କୁହୁଳି ମନେ ମନେ ଗାଳିଦେବାକୁ ଲାଗିଲା—"ମୂର୍ଖ, ବର୍ବର, ଅଲପେଇସେ ଭାବନ୍ତି ଯେ ସବୁ ଗୁଣଯାକ କେବଳ କୋଟ୍, ପ୍ୟାଣ୍ଟରେ ଲାଗି ରହିଥାଏ । ଅଲକ୍ଷଣାଏ, କୋଟ୍ ପ୍ୟାଣ୍ଟ ତଳେ ଥିବା ଜନ୍ତୁଟିର ସନ୍ଧାନ ଯିନା ନେଲେ ହୁଅନ୍ତା ! ଓଲୁଙ୍କ ବୋକଷ୍ଟ ବୁଦ୍ଧିଆଳିଆ ପ୍ରାର୍ଥୀମାନଙ୍କର ଭିତର ଗୁଣର ସନ୍ଧାନ ନନେଇ କୋଟ୍, ପ୍ୟାଣ୍ଟରୁ ବାଛୁଥାଅନ୍ତି କାହିଁକି ?"

ବଡ଼ଲୋକମାନଙ୍କୁ ମନେ ମନେ ଗାଳିଗୁଲଜ କରି ଆଶ୍ୱସ୍ତ ହେଲା ସତ; କିନ୍ତୁ କୋଟ୍ ପ୍ୟାଣ୍ଟ ଯେ ନିତାନ୍ତ ଦରକାର ଓ ତାହା ଯେ କୌଣସି ଉପାୟରେ ଯୋଗାଡ଼ କରିବାକୁ ହେବ, ଏ ବିଷୟରେ ସେ ଧନ୍ଦହେବାକୁ ଲାଗିଲା । ଶେଷରେ ସେ ସ୍ଥିର କଲା ଯେ କୌଣସି ବନ୍ଧୁଠାରୁ ଦିନେ ଦୁଇ ଦିନ ପାଇଁ ଏହା ଯୋଗାଡ଼ କରିବାକୁ ହେବ । ଚାରିଆଡ଼େ ଆଖି ବୁଲାଉ ବୁଲାଉ ନଜର ପଡ଼ିଲା ସାଙ୍ଗ ବ୍ରଜ ଉପରେ । ପ୍ରଦର୍ଶନୀକୁ ସେ ଯେଉଁ ସୁଟ୍‌ଟି ପିନ୍ଧି ଯାଇଥିଲା, ତାହା ଏ ପର୍ଯ୍ୟନ୍ତ ତା ଆଖିରେ ଝଟକୁଅଛି । ତରତର ହୋଇ ଯାଇ ସେ ବ୍ରଜ ପାଖରେ ପହଞ୍ଚିଲା ଓ ନିଜର ମନକଥା ପ୍ରକାଶ କଲା । ସବୁ ଶୁଣିସାରି ବ୍ରଜ କହିଲା—"ଆଚ୍ଛା ଚାଲ, ମୋ ଗୋଦାମ ଘରକୁ, ପସନ୍ଦ ମୁତାବକ କୋଟ୍, ପ୍ୟାଣ୍ଟ, ନେକ୍‌ଟାଇ ବାଛି ଆଣିବୁ ।"

"ସୁଟ୍‌ର ଗୋଦାମ ଘର !" ଶୁଣିବା ମାତ୍ରେ ହରି ଚମକିପଡ଼ି ବ୍ରଜ ମୁହଁକୁ ବାଲୁ ବାଲୁ କରି ଚାହିଁଲା । ବ୍ରଜ କଥାଟା ଠିକ୍‌ରେଇ ନେଇ ମୁରୁକିହସା ସହିତ କହିଲା—"ଆରେ ଚାହୁଁଛୁ କଅଣ ଓଲୁ, ଚାଲ ନାରଣା ଧୋବା ଘରକୁ, ସେଇଠି ମୋ ସୁଟ୍ ଗୋଦାମ ଦେଖିବୁ ।"

ହରିର ସମର୍ଥନକୁ ଅପେକ୍ଷା ନ କରି ବ୍ରଜ ତାକୁ ଧୋବା ଘରକୁ ନେଇଗଲା । ବେଶ୍ ଭଲ ଭାବରେ ଇସ୍ତ୍ରୀ କରାଯାଇଥିବା ଗୋଟିଏ ସୁଟ୍ ଓ ନେକ୍‌ଟାଇ ଟଙ୍କାଏ ଭଡ଼ାରେ ଦୁଇ ଦିନ ପାଇଁ ନେଇ ଆସିଲା ।

× × × ×

କାଲି ସକାଳେ ସାକ୍ଷାତ୍କାର ଦିନ । ହରି ଆଜ ସନ୍ଧ୍ୟାବେଳୁ ସଜବାଜ ହେଲା । ନୂଆ ଖୁରପାଟିଆଟିଏ ଆଣି ଚକ୍‌ଚକ୍ କରି ମୁହଁରମ୍ପା ସାରିଦେଲା । ସୁଟ୍‌ଟି

Digitized by srujanika@gmail.com

ଠିକ୍ ଖାପୁଛି କି ନା ଦେଖିବା ଲଗି ଅତି ଜୁପିଆରରେ ପିନ୍ଧିଲା ଓ କୁକୁର ଆପଣା ଦେହରେ ଟିକିଏ ଖୋଜିଲା ପରି ଏ ପାଖ ସେ ପାଖ ବଙ୍କେଇ ନିଜ ଦେହକୁ ସୁଙ୍ଘିଲା । କୋଟ୍‌ଟା ଠିକ୍ ଖାପିଯାଇଛି ଜାଣି ମନଟା ଖୁସି ହେଲା । କିନ୍ତୁ ପ୍ୟାଣ୍ଟଟା କେମିତି ଟିକିଏ କମ୍ ହେଲା ପରି ଜଣାଗଲା । କମ୍ ହେଲେ ଯେ ବସି ଉଠିପାରିବନି, ସବୁ ଭଣ୍ଡୁର ହୋଇଯିବ ! ଆଗରୁ ପରଖି ନେବା ଦରକାର । ଏହା ଭାବି ସେ ବସିବାର ଉପକ୍ରମ କଲା । ବସିବାଟା ଯେମିତି ଆଗଉଥାଏ, ପ୍ୟାଣ୍ଟଟା ସେତିକି ଅଧିକ କମ୍ ଜଣାଯାଉଥାଏ । "ଆଉ ଅଧିକ ଆଗେଇବା ଉଚିତ୍ ନୁହେଁ ।" ଏତିକି ଭାବୁଛି କି ନାହିଁ ଏକ ଶବ୍ଦ ତା କଳିଜାକୁ ବରଫ କରିଦେଲା । ପ୍ରାଣ ବିକଳରେ ସେ ଠିଆ ହୋଇଗଲା । ଛାତି ଦାଉଁ ଦାଉଁ ହୋଇପଡ଼ିଲା । ପିଚ୍ଛର ଚମ ଉପରେ ଶୀତଳ ପବନ ସ୍ପର୍ଶ ଅନୁଭବ କଲା । ପ୍ୟାଣ୍ଟ୍ ପଛପଟେ କମ୍ପିତ ଅଙ୍ଗୁଳିଗୁଡ଼ିକ ପିଚ୍ଛର ଚମକୁ ଅନୁଭବ କଲେ । ଭଗବାନ ! କି ସର୍ବନାଶ ! ନିଶ୍ଚିନ୍ତ ହେବା ଲଗି ସେ ପ୍ୟାଣ୍ଟ ଆଗପାଖକୁ ଶୁଙ୍ଘି ଦେଖିଲା ପରସ୍ରା କରିବା ବାଟ ଠିକ୍ ଯେଉଁଠି ରହିବାର କଥା ସେଇଠି ରହିଛି । ପ୍ୟାଣ୍ଟରେ ହଗିବାର ରାସ୍ତା ନ ଥାଏ । ତେଣୁ ସର୍ବନାଶ ଯେ ଘଟିଛି ସେ ବିଷୟରେ ଆଉ ତିଳେ ହେଲେ ସନ୍ଦେହ ରହିଲା ନାହିଁ । ପ୍ୟାଣ୍ଟଟା କାଢ଼ି-ପକାଇ ସେ ଧାଇଁଲା ଦରଜି ପାଖକୁ । ପରି ପ୍ୟାଣ୍ଟ, ତା ଉପରେ ଗନ୍ଧ ପାଇଲେ କାମ ଶେଷ, ଆଉ ଗୋଟାଏ ପ୍ୟାଣ୍ଟ ଯୋଗାଡ଼ କରିବା ବି ଅସମ୍ଭବ । ଗନ୍ଧ ଭିତରେ ଦରଜି ଦ୍ୱାରା ଯେ କୌଣସିମତେ ମରାମତି କରିବାକୁ ହେବ ହିଁ ହେବ ।

ପ୍ୟାଣ୍ଟ୍ ଚିରିଯାଇଥିବା ସ୍ଥାନକୁ ଦେଖାଇ ହରି ଦରଜିକୁ ଚଟାପଟ୍ ମରାମତି କରିଦେବାକୁ କହିଲା । ଦରଜିଟି ପ୍ୟାଣ୍ଟ୍‌କୁ ଓ ତା ଶରୀରକୁ ବାରମ୍ବାର ଶୁଙ୍ଘୁଥିବାର ଦେଖି ହରି ଟିକିଏ ବିରକ୍ତ ହୋଇ କହିଲା—"ଆରେ, ଏମିତି ବାଲୁ ବାଲୁ କରି ଶୁଙ୍ଘୁଛ କଅଣ ? ଚଞ୍ଚଳ ସିଲେଇ କରିଦେଲେ ମୁଁ ଯିବି ଯେ, ମୋର ଅନ୍ୟଆଡ଼େ ଜରୁରୀ କାମ ଅଛି । ଅତି ଶୀଘ୍ର ସିଲେଇ ଆରମ୍ଭ କର ।"

ଉପଦେଷ୍ଟା ସାଜି ଦରଜି ଆରମ୍ଭ କଲା—"ସିଲେଇ ତ ସାଙ୍ଗେ ସାଙ୍ଗେ କରିଦେବି । କିନ୍ତୁ ଯାହା କୁହ ବାବୁ, ଏ ରଙ୍ଗଟା ଆପଣଙ୍କ ଦେହ ଲାଖି ହେଲା ନାହିଁ । ଏ ରଙ୍ଗର ପ୍ୟାଣ୍ଟ କାହିଁକି କଲେ ବାବୁ ?"

"ଓଃ ତୁମେ ଚଞ୍ଚଳ ସିଲେଇ କରିଦିଅ । ମୁଁ ତ ପସନ୍ଦ ନାପସନ୍ଦ କଥା ତୁମକୁ ପଚାରୁ ନାହିଁ । ମୋର ନଗଦାନଗଦ ଦରକାର ।"

"ସିଲେଇ ତ ବାବୁ ପାଞ୍ଚ ମିନିଟରେ ହେବ, କିନ୍ତୁ ପସନ୍ଦ କଥାଟା ସମସ୍ତଙ୍କର ଜାଣିବା ଉଚିତ୍ ନୁହେଁ କି ? କିଣିବା ପୂର୍ବରୁ ମୋତେ ଟିକିଏ ପଚାରି ଦେଇ-ଥିଲେ—"

Digitized by srujanika@gmail.com

"ଆରେ, ତୁମେ ପିଲେଇ କରନା । ମୋର ଯାହା ପସନ୍ଦ ହେଲା ମୁଁ କଣିଲି, ସେଥିରେ ତୁମର ମୁଣ୍ଡ ଖେଲେଇବା କ ଦରକାର ?"

"ଆହା ବାବୁ । ସେଇଠି ତ ଭୁଲ କରୁଛନ୍ତି, ପାଠ ପଢ଼ି କହୁଛି—ଆପ୍ ତୁଚ ଖାନା ପର ରୁଚ ପହ୍ନନା ।"

"ଓଃ ! ମୁଁ ତୁମଠାରୁ ପାଠ ଶିଖିବାକୁ ଆସିନି, ମୁଁ ଆସିଛି ପ୍ୟାଣ୍ଟଟା ସିଲେଇ କରାଇନେବାକୁ । ତୁମେ ଚଞ୍ଚଳ ସିଲେଇ କରିଦବଟି ।"

"ମୁଁ କଅଣ ସିଲେଇ କରିଦେବାକୁ ମନା କରୁଛି । ପାଞ୍ଚ ଦଶ ମିନିଟ ଲାଗିବ କ ନାହିଁ । ତେବେ ଦେହ ରଙ୍ଗକୁ ସୁଟ୍ ରଙ୍ଗଟା କେମିତି ଖାପିବ, ସେଇଟା ଜାଣିଗଲେ କ୍ଷତି କଅଣ ? ସେଥିପାଇଁ ଆପଣଙ୍କୁ କଅଣ ଦବାକୁ ପଡ଼ୁଛି ?

ଆରେ ବାବୁ, କ ମୁସ୍କିଲ ଲୋକ ତୁମେ । ପିଠା ଖାଇଲା ଲୋକ ତୁମେ ବନ୍ଧ ଗଣୁଛ କାହିଁକ ? ଚଞ୍ଚଳ ସିଲେଇ କରିଦେଲେ ମୁଁ ଯିବି, ମୋର ଅନ୍ୟ ଆଡ଼େ କାମ ଅଛି, ମୁଁ ତୁମଠୁ ପାଠ ଶୁଣି ପାରିବ ନାହିଁ ।"

"ବାବୁ, ଏଇଟା ପାଠ କାହିଁକ ଭାବୁଛନ୍ତି, ଏଇଟା ସାଧାରଣ କଥା । ଏଇଟା ଜାଣିଗଲେ ଭବିଷ୍ୟତରେ ଆପଣ କୋଉଠି ଠକିବେ ନାହିଁ । ମୋର ଏତିକ କହିବାର କଥା ଯେ ଆପଣଙ୍କ ଗୋରା ତକ୍ ତକ୍ ରଙ୍ଗକୁ ନାଭିବ୍ଲୁ ରଙ୍ଗର କନାଟା, ଆଃ, ବଢ଼ିଆ ମାନିଥାନ୍ତା ।"

"ଆଃ ! ତୁମ ପାଠ ସରିଲା ଏଥର, ସିଲେଇ କର, ତୁଚ୍ଛାଟାରେ ଘୁଡ଼ାଏ ସମୟ ଗଲାଣି ।"

ଦ୍ରୁଷ୍ଟବୃତ୍ତ ଧଳ ଦରଜୀଟି ଫାଟିଯାଇଥିବା ଜାଗାଟି ଦବଷ୍ଟ ଚଷ୍ମାରେ ପରୀକ୍ଷା କରିବାକୁ ଲାଗିଲା । କନାକୁ ଟିକଏ ଟଣାଟଣି କରି ପୁଣି ଆରମ୍ଭ କଲା, "ହାଁ ଏଇଥି-ଲାଗି ଚିରିଗଲା । ବାବୁ, ଆପଣ ସାନ୍‌ଫୋରାଇଜଡ଼ କନା ନ କରି ଏ ସାଧା କନା କଣିଲେ କାହିଁକ ?"

"ମୁଣ୍ଡ ଗର୍ଣ୍ଣି ରାଇଜଡ୍ କନା ମୁଁ କଣିଲି, ତୁମର କଅଣ ଗଲା ? ତୁମର ସିଲେଇ କରିବା କାମ, ସିଲେଇ କର । ମୁଁ ତୁମ ସଙ୍ଗେ ବକର ବକର ହୋଇ-ପାରିବ ନାହିଁ ।"

"ବାବୁ ଏମିତି ରାଗୁଛ କା'ହିଁକ ?" ମୁଁ କଅଣ ନା'କରି କଥା କହୁଛି ! ଏ କନାଟା ସାଧା ଥିବାରୁ ଛୋଟେଇ ଚଲା, ଛୋଟେଇ ଯିବାରୁ ଦହକୁ କମ୍ ହୋଇଗଲା ।

Digitized by srujanika@gmail.com

କମ୍ ହେବାରୁ ସିନା ଫାଟିଗଲା । ସାନ୍‌ଫୋରାଇଜ୍‌ଡ଼ କନା ହୋଇଥିଲେ ଏସବୁ କିଛି ହୋଇ ନ ଥାନ୍ତା ।"

"ତୁମ ପାଖକୁ ସିଲେଇ କରିବାକୁ ଆସି ନ ଥିଲେ ମୋତେ ଏତେ ବକର ବକର ହେବାକୁ ପଡ଼ି ନ ଥାନ୍ତା । ତୁମେ ସିଲେଇ କରିବ କି ନାହିଁ କହିଲ ?"

"ଆଚ୍ଛା ହଉ ବାବୁ, ମୁଁ ସିଲେଇ କରିଦେଉଛି, ଆପଣ ଖାଲି ବ୍ୟସ୍ତ ହେଲେଣି" —ଏହା କହି ଦରଜୀଟି ପ୍ୟାଣ୍ଟଟା ଲେଉଟେଇ ପାଖର ସିଲେଇକୁ ଛୁଞ୍ଚି ମୁନରେ ଫିଟେଇବାକୁ ଚେଷ୍ଟା କଲା । ଗୋଟିଏ କି ଦୁଇଟି ଫେର୍ ସିଲେଇ ଫିଟେଇଛି କି ନାହିଁ ପୁଣି ପାଟି କରିଉଠିଲା—"ବାବୁ, ଏଇଟା କାହା ପାଖରେ ସିଲେଇ କରାଇଥିଲେ ? ସେଇଟା ଦରଜୀ ନା ମୋଚି ।"

ହରି ରାଗିଯାଇ କହିଲା—"ସେ ହେଉଛି ମୋଚିଙ୍କ ବୋକସ୍ୱଶୁର ।"

"ଆଜ୍ଞା, ଆପଣ ଠିକ୍ କହୁଛନ୍ତି । ତା' ନ ହୋଇଥିଲେ ଅନାଡ଼ିଟା ଏମିତିଆ ଅବାଗିଆ ସିଲେଇ କରିଥାଆନ୍ତା ! ଅନାଡ଼ିଟା ଏଠି ପାଖରେ ଥିଲେ ତା କାନ ଧରି ପଚାରିଥାନ୍ତି ସେ ପେଣ୍ଟ ସିଲେଇ କରିଛି ନା ଧାନବସ୍ତା ସିଲେଇ କରିଛି ।"

ହରିର ସେତେବେଳକୁ ପ୍ରଚଣ୍ଡ ରାଗ ହେଲାଣି । ମୁଣ୍ଡ ଉପରେ ବହୁତ କାମ ବାକି । ଆଉ ସମ୍ଭାଳି ନ ପାରି ସେ ପାଟି କଲା, "ଆରେ ତୁମେ କେମିତିଆ ଅଖାଡ଼ୁଆ ଲୋକ ହେ, ଚଞ୍ଚଳ ସିଲେଇ କରିଦେଲେ ମୁଁ ଯିବ ନା ତମ ବକ୍ତୃତା ଶୁଣିବାକୁ ଏଇଠି ବସିଥିବ ।"

"ଆଜ୍ଞା, ମୁଁ କଅଣ ଖରାପ କଥା କହିଲି ! ସେ ଅନାଡ଼ି ଦରଜୀଟାକୁ ଆପଣଙ୍କୁ ଚିହ୍ନେଇ ନଦେଲେ ଆପଣ ଥରକୁ ଥର ଠକିବେ ନାହିଁ କି ? ଆପଣଙ୍କର ମଙ୍ଗଳ କରୁଛି; କିନ୍ତୁ ଆପଣ ଓଲଟା ଚିଡ଼ୁଛନ୍ତି ।"

"ଦବଟି ପ୍ୟାଣ୍ଟଟା । ତମର ସିଲେଇ କରିବାର ଇଚ୍ଛା ନାହିଁ, ତମର ଖେଳିବାର ଇଚ୍ଛା ।" ଏହା କହି ହରି ପ୍ୟାଣ୍ଟ ଦରଜୀଠାରୁ ଛଡ଼େଇଲା ।

"ହଉ ହଉ ବାବୁ, ସିଲେଇ କରିଦଉଚ, ଆପଣ ତୁଚ୍ଛାଟାରେ ମୋ ଉପରେ ରାଗିଗଲେଣି ।" ଏହା କହି ଦରଜୀଟି ହରି ହାତରୁ ପ୍ୟାଣ୍ଟ୍‌ଟି ପୁଣି ଛଡ଼ାଇନେଇ କାମରେ ଲାଗିଲା । ପାଞ୍ଚ ମିନିଟ୍ ଯାଇଛି କି ନାହିଁ, ତା ମୁହଁରୁ ପୁଣି ପାଲବଣ୍ଡା ବାହାରିଲା । ସେ କହିଉଠିଲା—"ବାବୁ ! ଯାହା କଲେଣି, କଲେଣି । ଲେଣ୍ଡି ଧୋବାଙ୍କ ପାଖରେ ଏ ପ୍ୟାଣ୍ଟକୁ ଆଉ ପକେଇବେ ନାହିଁ ।"

Digitized by srujanika@gmail.com

"ଲେଣ୍ଟି ନା ଆଉ କଣ୍ଟ । ମୋ ପାଟିରେ ଏବେଳଷଣି କଅଣ ନା କଅଣ ପଶିବଟି ! ତମକୁ କଏ ଏସବୁ କଥା ପଚାରୁଛି ? ଅଭଦ୍ର !"

"ଆଜ୍ଞା, ଦେଖନ୍ତୁ, ମୁଁ ଯଦି ମିଛ କହୁଛି କେଉଁ ଲେଣ୍ଟି ଧୋବା ପାଖେ ଦେଇଥିଲେ, ଦେଖନ୍ତୁ ଘୋଡ଼ାରେ ସିଝେଇ ଦେଇ କଅଣ କରିଛି । ସ୍ୟାଙ୍କୁ ଦରକାର କେବଳ ଲଣ୍ଡ୍ରି ଆଉ ପେଟ୍ରୋଲ ଧୁଲାଇ ।"

"ମୋ ସଙ୍ଗେ ଅଛା, ବଜାରଗିରି । ଅଭଦ୍ର କେଉଁଠିକାର !" କହି ହରି ପ୍ୟାଣ୍ଟ ଛଡ଼ାଇ ନେଇ ପଳାଇଲା । ପଛରୁ ତାକୁ ଶୁଭୁଥାଏ—"ବାବୁ ଦେଖ, ମୁଁ ବାଜିମାରି କହୁଛି, ମୋ ଛଡ଼ା ଆଉ କୋଉ ଦରଜୀ ତାକୁ ଠିକ୍ କରିପାରିବେନି । ପୁଣି ବାବୁ, ପରେ ପସ୍ତାଉଥିବ ।"

× × × ×

ସକାଳ ଆଠଟା ବେଳକୁ ବ୍ରଜ ହରିକୁ ସଜାସଜ କରିଦେଲା । 'ମଙ୍ଗଳଂ ଭଗବାନ୍ ବିଷ୍ଣୁ' ସ୍ମରଣ କରି ହରି ଘରୁ ବାହାରିପଡ଼ିବା ମାତ୍ରେ ଆଗରେ ଦେଖିଲା ପୂର୍ବ ସନ୍ଧ୍ୟାର ସେହି ଦରଜୀ । ଦେଖିବା ମାତ୍ରେ ଦରଜୀ ହରି ପିଠି ପାଖକୁ ଡେଇଁପଡ଼ି କହିଲା—"କଅଣ କହୁଥିଲି ବାବୁ, ଦେଖନ୍ତୁ କେମିତିଆ କଡ଼କଆ କରିଦେଲା ।" ଏତିକି କହି ସେ କ୍ଷାନ୍ତ ହେଲାନାହିଁ । କୋଟ୍‌ଟା ପଛଆଡ଼ୁ ଟେକିଦେଇ ପିଠି ପାଖ ପ୍ୟାଣ୍ଟ୍‌କୁ ଟଣାଟଣି କଲା ଓ ବ୍ରଜକୁ ଦେଖାଇ ପୁଣି କହିଲା—"ହେଇଟି ଦେଖନ୍ତୁ ବାବୁ, ସିଲେଇଟା କେମିତି କଡ଼କଆ ହୋଇଗଲା ।"

ଧକ୍‌କାଟାଏ ପକାଇ ହରି ପାଟିକଲା, "କେମିତିଆ ବଦମାସ୍ ଲୋକଟା ହୋ, କାଲଠୁ ଜୋକ ପରି ଲାଗିଛି ।" ଏତିକି କହି ହରି ରିକ୍‌ସାରେ ବସି ଆଗେଇଲା । ତଥାପି ପଛରୁ ଶୁଭୁଥାଏ, "ହଉ ହଉ ବାବୁ ପସ୍ତେଇବ, ପରେ ଯଦି ପୁଣି ଥରେ ସେହି ଜାଗାରୁ ଚିରି ନ ଯାଏ, ତେବେ ମୋ ନାଁରେ ଗୋଟାଏ କୁକୁର ପୋଷିବ ।"

× × × ×

ସାକ୍ଷାତ୍‌କାର ସରିଲା । ଧୋବାକୁ ସୁଟ୍ ଫେରସ୍ତ ଦେଇ ହରି ସାଇକଲ୍‌ରେ ଘରକୁ ଫେରୁଛି, ହଠାତ୍ ଜଣେ ଲୋକ ଆଗରେ ଠିଆ ହୋଇଗଲା । ହରି ଓହ୍ଲେଇ-ପଡ଼ି ଦେଖିଲା ସେଇ ଦରଜୀ ଜୋକ ପରି ଲାଗିଛି । ମୁରୁକିହସା ଦେଇ ଦରଜୀଟି କହିଲା "ଆଜ୍ଞା, ପୁଣି ଚିରିଗଲାଟି ! ମୁଁ କଅଣ କହୁଥିଲି ! ପୁଣି କାହାକୁ ସିଲେଇ କରିବାକୁ ଦେଲେ ?"

ହରିର ବ୍ରହ୍ମ ତାତିଉଠିଲା । ଉହୁଁକି ଯାଇ କହିଲା, "ତୋ ବୋପାକୁ ଦେଲି, ବଦମାସ୍ କେଉଁଠିକାର !" ଏତିକି କହି ପୁଣି ସେ ସାଇକେଲରେ ଉଠି ପଳାଇଲା

Digitized by srujanika@gmail.com

ବେଳେ ପଛରୁ ଶୁଣିପାରିଲେ—"ବାବୁ, ଆପଣ ନିଶ୍ଚୟ ଭୁଲରେ ଆଉ କାହାକୁ ଦେଇଛନ୍ତି । ମୋ ବାପା ତ ସିଲେଇ କାମ କରେ ନାହିଁ ।"

ସନ୍ଧ୍ୟାବେଳେ ହରି ବସାରେ ବସି' ଜଳଖିଆ ଖାଇଲାବେଳେ ବ୍ରଜକୁ ଜୋକ ଦରଜିର ଦୌରାତ୍ମ୍ୟ ବର୍ଣ୍ଣନା କଲା । କଥା ସରିଛି କି ନାହିଁ, ବାହାରେ 'ବାବୁ ! ବାବୁ !' ଡାକ ଶୁଭିଲା । ହରି କବାଟ ଖୋଲି ଦେଖେ ତ ସେହି ଜୋକ ଦରଜି ଓ ସାଙ୍ଗରେ ଗୋଟାଏ ବୁଢ଼ା । ତାକୁ ଦେଖିବାମାତ୍ରେ ଦରଜି କହିଲା—"ଆଜ୍ଞା, ଏ'ଟି ମୋ ବାପା, ସେ' ତ ମନାକରୁଛନ୍ତି ଆପଣଙ୍କ ପେଣ୍ଟ୍ କଥା କିଛି ଜାଣନ୍ତି ନାହିଁ ।"

ମହା କ୍ରୋଧରେ ହରି ଧଡ଼ାଟାଏ ଆଣିବାକୁ ଘର ଭିତରକୁ ପଶିଗଲା । ଅବସ୍ଥାର ଗୁରୁତ୍ୱଟା ବୁଝି ନେଇ ବ୍ରଜ ଚଟ୍‌କରି କବାଟଟା କିଳିଦେଲା ଓ ଦରଜିକୁ କହିଲା—"ତୁମେ ଯାଅ, ଭାଙ୍ଗ ଖାଇ ବାବୁଙ୍କର ମୁଣ୍ଡ ଟିକିଏ ବିଗିଡ଼ି ଯାଇଛି । ତୁମ ବାପା ବୋଲି ସେ ଆଉ ଜଣକୁ ପ୍ୟାଣ୍ଟ୍ ଦେଇଥିଲେ । ଚଣ୍ଡାଳଟା ପ୍ୟାଣ୍ଟକୁ ବିଲକୁଲ୍ ନଷ୍ଟ କରିଦେଲା । ଶେଷରେ ସେ ବାବୁ ପ୍ୟାଣ୍ଟ୍‌ଟା ଗୋଟାଏ ଭିକାରିକୁ ଦେଇ-ଦେଲେ ; ସେ ପ୍ୟାଣ୍ଟ୍ କଥା ସରିଗଲାଣି ।"

ନିଜର ଭବିଷ୍ୟତବାଣୀ ଅକ୍ଷରେ ଅକ୍ଷରେ ଠିକ୍ ହୋଇଥିବା ଜାଣି ଦରଜିଟି ମହୋଲ୍ଲାସରେ ନିଜ ବାପା ସହ ସେଠାରୁ ଚାଲିଗଲା ।

Digitized by srujanika@gmail.com

# ଟିହାଣ

"ଆରେ କିଏ ବନ୍ଧୁ ! ଖବର ସବୁ ଭଲ ତ ?"—

"ହଁ ବାପୁ, ଚାଲିଆସିଲି । ଆଜି ସକାଳୁ ତାହା ମୁହଁ ଶୁଙ୍ଘିଲି କେଜାଣି, ଦେଖିଲି ଖାଲି ପ୍ୟାକେଟ୍ ଝାଡ଼ିଝୁଡ଼ି । ଦ' ପଇସିଆ ପୁଡ଼ିଆଟାଏ ଅଥବା ନେଇ ଆସିଥାଆନ୍ତି, ଦେଖିଲି ପାତ୍ରର ଦୁଧ ଶିଶିଟା ପରିଷ୍କାର । ବିଲକୁଲ ଚକ୍ ଚକ । କାଲି ସନ୍ଧ୍ୟାବେଳେ ଧୋଇ ଧାଇ ରଖିଥିବା କଥା ମନେପଡ଼ିଗଲା । ଦେଖିଲି କେବଳ ଚିନି ଶିଶିରେ ଆଠ ଦଶଟା ଚିନି ଦାନା ଲାଗିଛି, ତାହା ଅଧ ଗ୍ଲାସ୍ ପାଣିର ମିଠାକରେ କି ନ କରେ । ବିରକ୍ତ ହୋଇ ଭାବିଲି— ଯାଉଛି ଗୋଟାଏ ଦ ପଇସିଆ ପ୍ୟାକେଟ୍ ଆଣି, ଗରମ ପାଣିରେ ପକାଇ ଲୁଣ ସଂଯୋଗ କରି ଗୋଳିଆଙ୍କ ପରି ପିଇଦେବି । ଷ୍ଟୋଭରେ କେତେ କିରାସିନ୍ ଅଛି ଅନୁମାନ କରିବା ଲାଗି ତାକୁ ଟେକି କାନ ପାଖରେ ହଲାଇଲି । ହେ ଭଗବାନ, ନଡ଼ିଆଟା ଶୁଖାଶୁଖି ଶୁଷ୍କ ହୋଇଗଲା, ଟୋପେ ହେଲେ କିରାସିନ ନାହିଁ । ଚାହା କିଛି ଖାଇବାର ଆଶା ଏକାବେଳକେ ଛାଡ଼ିଦେଲି ବାଧ୍ୟ ହୋଇ । ଏମିତି କେତେ ଜିନିଷ ଥରେ ଥରେ ଛାଡ଼ିବାକୁ ପଡ଼ୁଛି ଏଇଟା ନୂଆ ନୁହେଁ ବୋଲି ମନକୁ ପ୍ରବୋଧ ଦେଇ ପୋଖରୀପାଣି ଯିବାର ଯୋଜନା କରିବସିଲି । ବିଦେଶଯାତ୍ରା ପୂର୍ବରୁ ଭିସା, ପାସପୋର୍ଟ ସଂଗ୍ରହ କଲା ପରି ଚଡ଼ି, ଢଆସିଲ ଖୋଜିବସିଲି । କିନ୍ତୁ ହାୟ ହାୟ— କଥାରେ ଅଛି ଅଭାଗା ଯଦ୍ୟପି ଯିବେଁ, ସମୁଦ୍ର ଶୁଖି ବି ଯାଏ । ଖଣ୍ଡିଏ ବି ଚଡ଼ି ନାହିଁ, ଢଆସିଲ ଖୋଳ ବି ଗାଏବ୍ । ଏବେ ଅସଲ ଖୋଇଟାଏ ହୋଇଯାଇଛି ଯେ ଏ ପାସପୋର୍ଟ ଓ ଭିସା ହାତରେ ନ ଧରିଲେ ପାଇଖାନା ଯାତ୍ରା ବନ୍ଦ ହୋଇଯିବ ଓ ଦିନଟାଯାକ ଖରାପ ଲାଗିବ । କୌଣସି କାମରେ ଇଚ୍ଛା ହେବ ନାହିଁ । ଖାଇବାକୁ ରୁଚିବନି । ଏ ତ ଧରାବନ୍ଧା କଥା । ଅନ୍‌ଲୋଡିଂ ନ ହେଲେ ଲୋଡିଂ ହେବ କିପରି ? କେଉଁଠି ଖଣ୍ଡିଆ ଚଡ଼ିଟାଏ ହେଲେ ବି କାମ ଚଳେଇ ନେବି ଭାବି ଘର ଅନ୍ଧକନ୍ଧି ଧୁଣ୍ଡିଲି । ଭାଗ୍ୟଟା ଫଟା ଥିଲେହେଁ ଦୁଇଗଡ଼ ହୋଇ ଯାଇ ନ ଥିଲା । ଫଳରେ ତିନିଟା ଖଣ୍ଡିଆ ଚଡ଼ି ପାଇ ଝାଡ଼ିଝୁଡ଼ି ରଖିଲି । ବାକି ରହିଲା ଜିଆଁ । ଚଡ଼ି ମିଳିଲାଣି, ସେଇଟା ଆଉ ବାକି ରହିବ ? ଅପେକ୍ଷାକୃତ ବଡ଼ ଖଣ୍ଡିଆ ଚଡ଼ିଟା

Digitized by srujanika@gmail.com

ମୁହଁରେ ଗୁଞ୍ଜି ବାହାରିପଡ଼ିଲି ନିଆଁର ସନ୍ଧାନରେ । ବେଶୀ ବାଟ ବା ସମୟ ଅତିକ୍ରମ କରିବାକୁ ପଡ଼ିଲା ନାହିଁ । ପଡ଼ୋଶୀଟି ତାଙ୍କ ଦାଣ୍ଡଦୁଆରେ ଠିଆହୋଇ ସିଗାରେଟ୍ ଲଗାଉଥିଲେ । ସିଧାସଳଖ ତାଙ୍କ ପାଖକୁ ଚାଲିଗଲି । ଖଣ୍ଡିଏ ବିଡ଼ିରେ ନିଆଁ ଧରେଇ ଫେରିଆସୁଛି, ସେ ପଛଆଡ଼ୁ ପାଟିକରି ଉଠିଲେ—ହୋ ବନୁବାବୁ, ବନୁ ବାବୁ ଶୁଣିଯାଅ, ଶୁଣିଯାଅ । ଆଶ୍ଚର୍ଯ୍ୟ ହୋଇ ମୁଁ ପୁଣି ତାଙ୍କ ପାଖକୁ ଫେରିଲି । ସେ ମୁରୁକିହସା ଦେଇ କହିଲେ—ବେଦରେ ଲେଖାଅଛି, ବିଡ଼ିଖୋରଙ୍କୁ ଦିଆସିଲି କେବେହେଲେ ଦେବ ନାହିଁ । ଦେଲେ ଫେରି ପାଇବାର ଆଶା ରଖିବ ନାହିଁ । ଏଇଟା କଅଣ ସତ ? ପଚାରିଲେ କିଛି ବୁଝିପାରିଲି ନାହିଁ । ହଠାତ୍ ମୋ ବାଁ ହାତ ମୁଠା ଭିତରେ ତାଙ୍କ ଦିଆସିଲିଟି ଆବିଷ୍କାର କଲି । କାଣ୍ଡୁଆ ହେବାର ସୀମା ରହିଲା ନାହିଁ । ଭଲ ମଣିଷ ପରି ତାଙ୍କ ହାତକୁ ଦିଆସିଲିଟା ଦେଇ ପଳାଇ ଆସିଲି । ସେଥିକରେ କଅଣ ଦୁଃଖ ସରୁଛି ! ଅଧ ଘଣ୍ଟା ହୋଇଛି କି ନା, ମେହେନ୍ତାଣୀ ଆସି ତଳେ ଧୁଡ଼ୁ ଧୁଡ଼ୁ କଲା । ଆଜି କି ଝାଡ଼ା ଖୋଲସା ହୁଏ ? ବିରକ୍ତ ହୋଇ ଉଠି-ଆସିଲି । ନିତ୍ୟକର୍ମଟା ଯାହିତାହି କରି ସାରିଦେଲି । ମନଟା କିନ୍ତୁ ପିତେଇ ଉଠିଲା । ଭାବିଲି ନା, ଯାଉଛି ସିଧାସଳଖ ନାଗୁ ପାଖକୁ । ତା'ର ଚାହା ତ ହେଉଥିବ, ସିଗାରେଟ ଟିଣ ତ ତା ପାଖରେ ସବୁବେଳେ ମହଜୁତ । ଆଉ ନାଗୁ ଯେମିତିଆ ଦୋସ୍ତ, ସେ କଅଣ ଖାଲି ଚାହା ପିଆଇବ, ନିଶ୍ଚେ କିଛି ବରା, ପକୁଡ଼ି ସଂଯୋଗ କରିବ । ବାସ୍ ଫୁଟ୍‌କିଟାଏ ମାରିଦେଇ ସିଧା ଚାଲିଆସିଲି ତୋ ପାଖକୁ । କଅଣ ଠିକ୍ କରିଛି ନା ଭୁଲ କରିଛି ?"

ନାଗୁ ହସିଦେଇ କହିଲା, "ତୁ କଅଣ କେବେ ଭୁଲ୍ କରୁ ! ହଉ, ତାହା-ହେଲେ ଭଲ କରି ଚାହା ଜଳଖିଆଟାଏ ହେଉ ।"

"ହଁ ହଁ ନିଶ୍ଚୟ ହେଉ, ଚଞ୍ଚଳ ହେଉ । ଏସବୁ ଜିନିଷରେ ମୋ ପାଟିରୁ ନ ହେଉ କେବେ ବାହାରିଲାଣି ନା କେବେ ବାହାରିବ ?"

ସବୁ ଜିନିଷ ଯୋଗାଡ଼ଯନ୍ତ କରାଇବାକୁ ବେଶି ସମୟ ଲାଗିବନି । ଅଳ୍ପ ସମୟ ଭିତରେ ଟେବୁଲ ଉପରେ ବରା, ପକୁଡ଼ି ଥୁଆହୋଇଗଲା । ସେତିକି ସଦ୍‌ବ୍ୟବହାର କରାଯିବା ସଙ୍ଗେ ସଙ୍ଗେ ଚାହା ଦୁଇ କପ୍ ଏକ ପ୍ୟାକେଟ୍ କ୍ୟାପ୍‌ଷ୍ଟେନ୍ ସିଗାରେଟ୍ ଟେବୁଲ ଉପରେ ଥୁଆ ହୋଇଗଲା । ସୋଡ଼କାଏ ଚାହା ପିଇ ବନୁ ଖଣ୍ଡିଏ ସିଗାରେଟ୍‌ରେ ନିଆଁ ଧରେଇଲା । ବାଁ ହାତରେ ସିଗାରେଟ୍ ଓ ଡାହାଣ ହାତରେ ଚାହା କପ୍‌ଟା ଧରି ସେ ବକ୍‌ବକେଇଲା—"ଆଃ—କେଡ଼େ ଭୁଲ୍ କଥାଟାଏ ନ କହିଲି—ସକାଳୁ ଗୋଟାଏ ଖରାପ ଲୋକର ମୁହଁ ଚାହିଁଛି ବୋଲି

Digitized by srujanika@gmail.com

କହିଦେଲି ! ପ୍ରକୃତରେ ଗୋଟାଏ ଭଲ ଲୋକର ମୁହଁ ଦେଖିଛୁ । ତା ନ ହେଲେ ଦ୍ରବ୍ୟ ଜଳଖିଆ, ବଢ଼ିଆ ସୁହା ଆଉ କ୍ୟାପ୍‌ଷ୍ଟେନ୍ ମିଳିଥାନ୍ତା ନା ?"

ଏତକ କହି ସେ ସୁହା କପ୍‌ଟା ଧରି 'ସୋଡ଼କାଏ ନେଲା । ସିଗାରେଟ୍‌ଟା ମୁହଁରେ ଗୁଞ୍ଜି ପୂର୍ବ ଠାଟ୍‌ରେ ଗୁଡ଼ ଫୁଲେଇ ଚଉକି ପଛକୁ ଆଉଜିଗଲା । ଆଉଜି-ବାର ଟାଣଟା ଖୁବ୍ ବେଶି ହୋଇଗଲା । ଭାରସାମ୍ୟରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବାରୁ ଗୋଟିଏ ଦଦରା ପଛଗୋଡ଼ ରଟ୍ କରି ଭାଙ୍ଗିଗଲା । ବିଚରା ବନ୍ଧୁ ! କାନ୍ଥ ଭୂମ୍ଭୂଡ଼ିଲା ପରି ତଳେ ପଡ଼ିଗଲା । ବେଢ଼ି ଉପରକୁ କୋରଡ଼ା ମାଡ଼ ପରି ଗରମ ସୁହାତକ ତା'ର ଉପରେ ଇଡ଼ିଗଲା । "ହାଁ ହାଁ କହି ନାଗୁ ତାକୁ ଉଠେଇଦେଲା । ଝାଡ଼ିଝୁଡ଼ି ହେଉ ହେଉ ବନ୍ଧୁ ବଲ୍‌ବଲେଇଲା—"ହେଃ—ସକାଳ ମୁହଁଚୂହଁ । ଲୋକଟା ସତରେ ଖରାପ, ମୁଁ ତାକୁ ଭଲ ବୋଲି କହୁଛି ! ଇସ୍, ଏମିତିଆ ଗନ୍ଧିଆ ଲୋକ ପୁଣି ଦୁନିଆରେ ଥାଆନ୍ତି । ଆଜି ଯଦି ଆକବର ବାଦଶା ଥାଆନ୍ତେ, ତେବେ ଲୋକଟାକୁ ସଙ୍ଗେ ସଙ୍ଗେ ଶୂଳରେ ବସାଇଥାଆନ୍ତେ ।"

ନାଗୁ ତାକୁ ସାନ୍ତ୍ୱନା କରି ବସେଇ, ଗେଞ୍ଜି କାମିଜ ଧୁଆଧୋଇ କରି ଆଉ ଏକ ସୁହା ଓ ଗୋଟିଏ ସିଗାରେଟ୍‌ର ବ୍ୟବସ୍ଥା କଲା । ତା' ପରେ ଭଙ୍ଗା ଚଉକିର ଗୋଡ଼ଟା ପରୀକ୍ଷା କରୁ କରୁ କହିଲା, "ଓଃ ବଢ଼େଇଙ୍କ ଭିତରେ ରତ୍ନ ଖଣ୍ଡିଏ । ଭଙ୍ଗା ଗୋଡ଼ଟାକୁ ବଦଳେଇ ଦେବାକୁ ମୁଁ କହିଥିଲି । ବଳରା ଛଅ ମାସ କାଳ—ହଁ ଦଉଛି, ହେଉ ଦେଉଛି କହି କହି ଶେଷରେ ଭଙ୍ଗା ଗୋଡ଼କୁ ଯୋଖିଦେଇ କଣ୍ଟାଟିଏ ବାଡ଼େଇ ଦେଇଛି । କେଡ଼େ ଅବିଶ୍ୱାସୀ ବଢ଼େଇଟା !"

ସାନ୍ତ୍ୱନା ହୋଇ ବନ୍ଧୁ କହିଲା—"ଛାଡ଼ ସେ କଥା । ଆଉ କପେ ସୁହା ଓ ସିଗାରେଟ୍‌ଟାଏ ତ ମିଳିଲାଣି । ଆଉ ସେ ବଢ଼େଇକୁ ନିନ୍ଦି ଲାଭ ନାହିଁ । ମୋର ଯୋଗ ଅଛି କଚଡ଼ା ଖାଇବାକୁ···।"

"ଆରେ, ତା'ର ଗଲତି କାମ ଯୋଗୁଁ ସିନା ତୁ କଚଡ଼ା ଖାଇଲୁ ! ତାକୁ କଅଣ ଭଲ ଲୋକ କହିବା ? ସାମାନ୍ୟ ଚଉକିର ଗୋଡ଼ଟାକୁ ବଦଳେଇ ଦେବାକୁ ଛଅ ମାସ ଲାଗିଲା, ତଥାପି ସେ ପାରିଲା ନାହିଁ ଯେ କଣ୍ଟାଠାଏ ମାରି ଯୋଖିଦେଲା । ଏମିତିଆ ଅଳସୁଆ ବଢ଼େଇ ସାରା ବିଶ୍ୱରେ ନ ଥିବ । "

ଦ' ତିନି ସୋଡ଼କା ସୁହା ଓ ସିଗାରେଟ୍ ଟାଣ୍‌ଟାଏ ଦେଇ ବନ୍ଧୁ ପୁଣି ପ୍ରବୋଧ ଦେଲା ପରି କହିଲା—"ଛାଡ଼, ସେ କଥାକୁ ଅଉ କଅଣ ମିଳିବ ?"

"ମିଳିବା କଥା ପଡ଼ୁଚି ନା ! ସାମାନ୍ୟ ବୋଲି କାମଟାଏ, ତାହା ପୁଣି

Digitized by srujanika@gmail.com

ଛଅ ମାସରେ ବ ଠିକ୍ ହୋଇପାରିବ ନାହିଁ ! ଏଥିରେ କିଏ ଭଲ ବିରକ୍ତ ନ ହେବ !"

"କାମଟା କରିବାକୁ କଅଣ ଛଅ ମାସ ଲାଗିଲା ? ହେଲାରେ ହେଲାରେ କାମରେ ବିଲ୍‌କୁଲ୍ ସେ ହାତ ଦେଇ ନଥିବ । ଓଡ଼ିଆ କାରିଗର ମାନେ ସେଇଆ । ପଛରୁ ଜଣେ କିଏ ନ ଠେଲିଲେ କି ଚାଆଁ ନ ଦେଲେ ସେମାନେ କାମରେ ମୋଟେ ହାତ ଲଗେଇବେ ନାହିଁ । ଓଡ଼ିଆ ଅଳ୍ପକେ ସନ୍ତୁଷ୍ଟ । ଘଡ଼ା ଭିତରେ ହାତଟା ପୂରେଇଦେଇ ଯଦି ଦେଖିବେ ଅଧିକା ଦିନେ ପାଇଁ ଖାଦ୍ୟଦ୍ରବ୍ୟତକ ମହଜୁଦ ଅଛି, ତେବେ ଆଉ କାମ କରେ କିଏ ? ତାଆସ, ପଶାରେ ଦିନତକ କଟିଯିବ । କିଛି ନ ହେଲେ ଗାମୁଛାଟା ପାରିଦେଇ, ଗଡ଼ିଯାଇ ଚମ୍ପୁ ମେଲିଦେବେ— 'କି ହେଲରେ କହ୍ନୁ ତ ନୁହଁଇ ଭାରତୀରେ ।' ଏଗୁଡ଼ାକ ଅଳସୁଆ ନୁହନ୍ତି କି କାମ-କୋଢ଼ିଆ ନୁହନ୍ତି, ଏ ଧରଣର ଲୋକେ ଗୋଟିଏ ଗୋଟିଏ ଫଟକ ବସିକି । "

"ତୁ ତାକୁ ମୋଟେ ଜାଣିନୁ । ମହା ଅଳସୁଆ ସେ । କେବଳ ଏଇ କାମଟା ନୁହେଁ, ଯେତେ କାମ ତାକୁ କରିଦେବାକୁ କହିଲଣି, ସବୁଥିରେ ଡେରି । ଯେତେ ଛୋଟ କାମଟାଏ ହେଉ ପଛେ ଚାରି ପାଞ୍ଚ ମାସ ଧରି ହଇରେ ହେଲା, ହଇରେ ହେଲା ନ କହିଲେ କଅଣ ହଉଛି । ସୃଷ୍ଟିଛଡ଼ା ଅଳସୁଆ ସେ । ତୁ ତାକୁ ଚହ୍ନିନୁ । ଖାଲି ଘର ପାଖ ବୋଲି ଯାହା କିଛି ଦରକାର, ଡେରି ହେଉ ପଛକେ ତାକୁଇ ଦେଉଛି ।"

"ତୁ ଯାହା କହି ନାଗୁ, ମୁଁ ସିନା ତାକୁ ବ୍ୟକ୍ତିଗତ ଭାବରେ ଜାଣିନି, କିନ୍ତୁ କାରିଗର ଜାତିଟାକୁ ଭଲକରି ଚହ୍ନିଛି ।"

"ତୁ ତାହେଲେ କହିବାକୁ ଚାହୁଁ ସେ ଖାଲି ଫୁର୍ତ୍ତିହାଉଆ !"

"ପୂରାପୂରି ଫୁର୍ତ୍ତିହାଉଆ ନୁହେଁ । କିନ୍ତୁ ମୁଁ ବାଜିମାରି କହିପାରେ ତାକୁ ଠିକ୍ ଭାବେ ଚିହ୍ନାଇ ଦେଇପାରିଲେ ସେ ସାଙ୍ଗେ ସାଙ୍ଗେ ଫୁର୍ତ୍ତି ହୋଇଯିବ ।"

"ତୋ ମତ ତ କଥାରେ ପାରିହେବ ନାହିଁ । ଏତେ ଯୁକ୍ତିତର୍କରେ ଲାଭ ନାହିଁ । ମୋର ଗୋଟିଏ ରେଡିଓ ବାକ୍ସ ଦରକାର । ଦିନକର କାମ, ତୁ ତାକୁ ଚିହ୍ନାଇ ଗୋଟିଏ ମାସରେ କରାଇଦେଲୁ ଦେଖି ! ତୋ କାରିଗରି ଦେଖିବା ।"

"ଏବା ଦିନକରେ କରିଆଣିବ । ମାରି ବାଜି, ଦେ ଗୋଟାଏ ସିଗାରେଟ୍ । ଆଉ ଦେଖ ମୁଁ ତାକୁ ଚିହ୍ନାଇଲା ବେଳେ ତୁ ହସିବୁ ନାହିଁ, ତୁ ଖାଲି ତା'ର ଆଡ଼କୁ ଅନେଇ ପଡ଼ିଥିବୁ । ତାକୁ ଖୁବ୍ ଟେକାଟେକି କରୁଥିବୁ । କାମଟା ମୋର ବୋଲି ସେ

Digitized by srujanika@gmail.com

ଯେମିତି ଜାଣେ । ଏଣିକି କେବଳ ତୁ ନିର୍ଭୁଲ ଭାବେ ଅଭିନୟ କରିବୁ, ତେଣିକି ଦେଖ ମୁଁ କେମିତି ତାଠୁଁ କାମ ଆଦାୟ କରୁଛି ।"

ପ୍ରସ୍ତୁତି ପରେ ଯୋଜନା ଅନୁଯାୟୀ ନାଗୁ ବଢ଼େଇକୁ ଡାକି କହିଲା—"ହଇରେ, ଏ ବାବୁଙ୍କର ମୋର ଗୋଟାଏ ବାଜି ମରାମରି ହୋଇଛି । ତାଙ୍କର ଗୋଟିଏ ରେଡ଼ିଓ ବାକ୍ସ ଦରକାର । ସେ କହନ୍ତି କି ଏଠି ସେମିତିଆ ବାକ୍ସ ତିଆରି ହୋଇ ପାରିବନି । ମୁଁ ତାଙ୍କୁ ଜିଗର କରି କହିଲି—ତୁ ନିଶ୍ଚୟ କରିଦେଇ ପାରିବୁ । ତାଙ୍କର ଜମା ବିଶ୍ୱାସ ହେଉନାହିଁ । ତାଙ୍କ ମୁହଁରେ ସେଇ ଗୋଟିଏ କଥା ଲଗିରହିଛି । ଏ ଖଣ୍ଡମଣ୍ଡଳରେ ଏମିତି ଗୋଟିଏ କିଏ ବଢ଼େଇ ପୁଅ ଜନ୍ମ ହୋଇଛି ଯେ ଏ ରେଡ଼ିଓ ବାକ୍ସଟାଏ ତିଆରି କରିଦେବ ? ମୁଁ ତାଙ୍କୁ ଜବରଦସ୍ତ ଏଠାକୁ ଘୋଷାଡ଼ି ଆଣିଛି । ତୁ ପାରିବୁ କି ନା କହିଲୁ ?"

ଅସ୍ୱାଭାବିକ ରୂପେ ଧୀର ସ୍ଥିର ହୋଇ ବଢ଼େଇଟି କହିଲା—"କାହିଁ ସେ ନକ୍ସାଟା ଟିକିଏ ଦେଖାଅ ।"

ବିନୁ ଗୋଟିଏ ରେଡ଼ିଓ ବାକ୍ସର ଚିତ୍ର ତା ହାତକୁ ବଢ଼େଇଦେଲା । ସେ ପାଞ୍ଚ ଦଶମିନିଟ ଭଲ ଚିତ୍ରଟାକୁ ଗାରଡ଼େଇ ଗାରଡ଼େଇ ଖୁନ୍ଦିଲା । ତା'ପରେ ତାଚ୍ଛଲ୍ୟଭାବ ପ୍ରକାଶ କରି କହିଲା—"ସ୍ୱାଠୁଁ ଆହୁରି ଭଲ କାମ ହୋଇପାରିବ । ଏଇଟା କି କାମ ହୋଇଛି ! ଗଣ୍ଠି ଯୋଡ଼ ହୋଇନି, କଣରେ ସବଂନାସା ହୋଇ ଖପା ହୋଇଥାଆନ୍ତା । ଶାଳ, ଶାଳବନ୍ଧ ଖପାଚ ହୋଇ ଫିନିସି ହୋଇଥାଆନ୍ତା । ଇଏ ତ ଖାଲି ଠକେଇ କାମ ହୋଇଛି । ପାତାମ୍‌ରେ ଗୋଡ଼ଶାଳ ଯୋଡ଼େଇ ହୋଇ ପୁଟିଣି ଭର୍ତ୍ତି କରାହୋଇଛି । ଏସବୁ ଠକେଇ କଳକଣା କାମ କରିବାକୁ ଆମ ହାତ ଯିବନି । କାମଟା କରି ଛ'ଫୁଟ ଉପରୁ ତଳକୁ କଚଦେବ । ନିଖୁଣ ରହିଲେ, ଗରାଖକୁ ଦେବ, ନହିଲେ ଶଳାକୁ ଚୁଲି ଭିତରେ ଭର୍ତ୍ତି କରିଦେବ । କୋଉ କଳକଣା କାରିଗରଟା ଏମିତିଆ କାମ ଦବ ବାହାରିଆସୁ ।"

ବଢ଼େଇର କ୍ରମବର୍ଦ୍ଧିଷ୍ଣୁ ଉତ୍ତେଜନା ଓ ବକ୍ତୃତାରେ ବାଧା ଦେଇ ବିନୁ କହିଲା—"ଆରେ ହୋ ! ତୁମ ଶାଳ, ଶାଳବନ୍ଧ, ଗଣ୍ଠି, ସବଂନାସା, ପାତାମ ଆଦି କାଠଡାକୁସା ଶବ୍ଦରୁ ଆମେ କଅଣ ବୁଝିବୁ ? ତୁମେ ଯେଉଁ କାରିଗରମାନଙ୍କୁ ଫୁ କରି ଉଡ଼େଇ ଦେଉଛ, ଜାଣିଛ ସେମାନେ କେଡ଼େ ବଡ଼ ? ଲକ୍ଷ୍ ଲକ୍ଷ୍ ଟଙ୍କା କମଉଛନ୍ତି । ଲଖ୍ ଲଖ୍ ଟଙ୍କାର ଘର ବନାଉଛନ୍ତି । ଠକମାନେ କଅଣ ଏତେ ଟଙ୍କା କମେଇପାରିବେ ନା ଏମିତିଆ ମକାନ ତୋଳି ରହିବେ ?"

"ଦିଅ ବାବୁ, ତରକ୍ କରି କି ଲଭ ? ବଡ଼ଲୋକଙ୍କୁ ଉତ୍ତର ନାହିଁ । ଦେଖୁଥିବ ତ କେତେ ମନ୍ତ୍ରୀଙ୍କୁ ? କୋଉ କାରିଗରୀ କାମଟା ତାଙ୍କୁ ଆସେ ? ଲଖ୍ ଲଖ୍

Digitized by srujanika@gmail.com

ଟଙ୍କାର କୋଠା ତ ବନେଇଛନ୍ତି । ଆଜିକାଲି ନ ଠକିଲେ କିଏ ବଡ଼ଲୋକ ହେଲଣି ନା ହେବ ?"

ନାଗୁ କଥାର ଗତି ବଦଳେଇ ଦେଇ କହିଲା—"ଓଃ ଛାଡ଼, ସେଥିରୁ ଆମକୁ କି ମିଳିବ ? ତୁ କରିପାରିବୁ କି ନା କହ । ଦେଶୀ ବଢ଼େଇ କରିପାରିବେନି ବୋଲି ତାଙ୍କ ଧାରଣା । ମୋର କିନ୍ତୁ ବିଶ୍ୱାସ ତୁ କରିଦେବୁ । ମୋ ଅନ୍ଦାଜଟା ଠିକ୍ କି ଭୁଲ୍, ତାଙ୍କୁ କହିଦେ ।"

ବଢ଼େଇଟି ଉତ୍ତେଜିତ ହୋଇ କହିଲା—"କହିଲି ପରା ସ୍ୱାଠୁଁ ଆହୁରି ଭଲ ହେବ ।"

ବନୁ ପଚାରିଲା—"ଏ ନକ୍ସା ସଙ୍ଗେ ମିଶେଇଦେବ ?"

"ମିଶେଇ ନ ପାରିଲେ—ଶଳା ବଟାଳିକୁ ଚୁଲିରେ ଭର୍ତ୍ତିକରିଦେଇ ଲେଙ୍ଗୁଟି ପିନ୍ଧି ଚାଲିଯିବି ।"

ଉତ୍ସାହିତ ହୋଇ ନାଗୁ କହିଲା—"କି ବନୁ ! କଅଣ କହୁଥିଲୁ ?"

"ହଁ, କରି ଦେଇପାରନ୍ତି । ହେଲେ କରିବାକୁ ତାଙ୍କୁ ଖୁବ୍ କମ୍‌ରେ ମାସେ ସମୟ ଲାଗିବ । କାଠ ଦାମ୍ ଉପରେ ମାସେ ମଜୁରି ଭିଡ଼ିଲେ ତାକୁ କିଣିବ କିଏ ? କରିବା ନ କରିବା ସଙ୍ଗେ ସମାନ ।"

ବଢ଼େଇଟି ଆହୁରି ଉତ୍ତେଜିତ ହୋଇ କହିଉଠିଲା—"ଏକାଦିନକେ କରିଦେବି । ସେ କାରିଗର ଯାହା ଗୁରଜ୍ କରିଛି, ତା ଅଧା ଗୁରଜ୍‌ରେ ମୁଁ କରିଦେବି ।"

ଅଧିକ ଆନନ୍ଦ ଦେଖାଇ ନାଗୁ ବନୁକୁ କହିଲା—"ଜି, ଶୁଣିଲୁ, ମନ ବୁଝିଲା । ଏଠା କାରିଗରଙ୍କୁ ତୁ ଚିହ୍ନିନୁ । ଚିହ୍ନିଥିଲେ ଅବିଶ୍ୱାସ କରିନଥାନ୍ତୁ ।"

କୁନ୍ଥେଇ କୁନ୍ଥେଇ ବନୁ କହିଲା—"ଯେତେ ତୁ କହ ପଛକେ, ମୋର ଜମା ବିଶ୍ୱାସ ହଉନି । ସମସ୍ତେ ତ ଏମିତି କହୁଥାଆନ୍ତି । ଏମିତି ମୁଁ ବହୁତ ଶୁଣିଛି, କିନ୍ତୁ କାମ ସରିବେଳେ ଫୁସ୍ ।"

"ଆରେ ଯା ଯା, ଆମ ଏ ବଢ଼େଇ ପାଖକୁ କେବେ ଆସିଛୁ ? ସ୍ୱା ପାଖରୁ ଫେରିଲେ ପଛେ ଏ କଥାଗୁଡ଼ାକ କହିବୁ ।"

"ଆରେ ସମସ୍ତେ ଭାତ ହାଣ୍ଡିରୁ ଗୋଟିଏ ଚିପନ୍ତି । ମୁଁ କିନ୍ତୁ ଗୋଟିଏ ଗୁଡ଼ ସମସ୍ତଙ୍କୁ ଚିପିସାରିଲଣି । ସବୁଗୁଡ଼ାକ ଟାଣ । ଆଉ ଏଇ ଗୋଟିକ ଯେ ସିଝିଥିବ,

Digitized by srujanika@gmail.com

ତା କେମିତି ବିଶ୍ୱାସ କରିବ ? ଆଚ୍ଛା କାଗଜରେ ! ହଉଥାଉ ଧର କହିଲ—ତୁମେ ସତ କହୁଛ, ଏକାଦିନକେ କରିଦେବ ?"

ବଢ଼େଇଟି ଅସ୍ୱାଭାବିକ ଭାବେ ଗମ୍ଭୀର ହୋଇଯାଇ କହିଲା—"ମୋର ଗୋଟିଏ ବାପ, ଗୋଟିଏ କଥା । ଦୋଗଲା କଥା ମୋତେ କହିଆସେନା । ନାହିଁ ତ ନାହିଁ । ରେଣ୍ଟ୍ ପଡ଼ିଲେ ଜାନ୍ ଦେଇ ଆନ୍ ରଖିବ ।"

"ମୋର ତ ଜମାରୁ ବିଶ୍ୱାସ ହଉନଥିଲା, ତେବେ ତୁମେ ଯେତେବେଳେ ଏତେ ଜୋରରେ କହିଲଣି ଆଉ ଥରେ ପରୀକ୍ଷା କରି ଦେଖିବା । ଆଚ୍ଛା ଦେଖ, ଠିକ୍ ଠିକ୍ କରି ବୁଝ । ଏ ବାକ୍ସର କୋମ୍ପାନୀ ଦାମ୍ କୋଡ଼ିଏ ଟଙ୍କା । ତୁମେ କେତେ ଦିନରେ କେତେ ଟଙ୍କାରୁ ଦେବ । ସ୍ରେଟ୍‌ଫୋକ୍ ଗୋଟିଏ କଥା କୁହ ।"

ବଢ଼େଇଟି ପୁଣି ସେମିତି ଉତ୍ତେଜିତ ହୋଇ କହିଲା—"ଏକାଦିନକେ ଦଶଟଙ୍କାରେ କରିଦେବ । ଥରେ କହିଛୁ, ପୁଣି ଥରେ କହୁଚୁ ।"

"ଏତେ ଜୋରରେ ତ କହୁଚ, ଦେଖାଯାଉ ଫଳରେ କଅଣ ହଉଛି । ଏଇ ନିଅ ପାଞ୍ଚଟଙ୍କା ଅଡ୍‌ଭାନ୍ସ । କାଲି ଦିନ ଗୁଡ଼ା ପଅର ଦିନ ମୁଁ ଏ ବାବୁଙ୍କ ଘରକୁ ଆସିବ । ସେଇଠି ତୁମ ଜୋରର ପରୀକ୍ଷା କରାଯିବ ।"

ଦୁହେଁ ଫେରିଲାବେଳେ ବିନୁ ଶୁଣେଇ କହିଲାଗିଲା—"ଏତେ ଜୋରରେ ସିନା କହୁଚୁ, କଅଣ କରୁଚୁ କେଜାଣି ।"

× × ×

ଠିକ୍ ଦିନକ ପରେ ବିନୁ ନାଗୁ ଘରେ ପହଞ୍ଚି ରେଡ଼ିଓ ବାକ୍ସଟି ଟେବୁଲ ଉପରେ ଥୁଆ ହୋଇଥିବାର ଦେଖିଲା । ଅବିକଳ ନକ୍‌ସା ପରି ଖୁବ୍ ଚକ୍ ଚକ୍ । ନାଗୁ ତାକୁ ପ୍ରଶଂସା କରି କହିଲା—"ତୋ ଚିହ୍ନାଙ୍କୁ ସାବାସୀ ନଦେଇ ରହିପାରୁନି ।"

ବିନୁ ବିଜୟୀ ଭାବେ ବଲ୍‌ବଲେଇଲା—"ଆରେ ରଖ ତୋ ବକ୍ତୃତା, ପହିଲେ ବୁହା, ସିଗାରେଟ୍, ଜଳଖିଆ ଆଣ । ବାକି କଥା ମନେନାହିଁକି ?"

●

# ଠିକଣା ଗରାଖ

ଘନୁଆ ତା'ର ଟ୍ରେଜେରି, ଏକ ଲୁଣ ପୋତା ଘଡ଼ି ଭିତରେ ହାତ ଭର୍ତ୍ତିକରି ଦେଖିଲା ମୋଟେ ଗୋଟିଏ ଆଠଣି, ଦୁଇଟା ଦଶ ନୂଆ ପଇସା ଓ ଗୋଟିଏ ପାଞ୍ଚ ନୂଆ ପଇସା । ସର୍ବମୋଟ ହାତଜମା ୭୫ ନୂଆ ପଇସା । ଘଡ଼ି ଭିତରଟାଯାକ ଯେତେ ଅଣ୍ଡାଳିଲେ ବି ଗୋଟାଏ ଫଟା ନୂଆ ପଇସାର ସନ୍ଧାନ ନାହିଁ । ତା' ଦେହ ଟିକିଏ କାଳୁଆ ହୋଇଆସିଲା । ଏ ବାନ୍ଧଅଣା ପଇସା ବାର ଅଧା ଛଅ ଘଣ୍ଟାକୁ ବି ନଅଣ୍ଟ । ମୁଣ୍ଡକୁ ପାଣି ଛଡ଼େଇ ଏ ଯେଉଁ ରୋଜଗାର ହେଉଛି, ତା' ଠିକ୍ ପାଣି ପରି ତ ବୋହିଯାଉଛି । କୋଉବାଟେ ଗଲା, କୁଆଡ଼େ ଗଲା, କେତେବେଳେ ଗଲା, ତା'ର କିଛି ପତ୍ତା ବି ମିଳୁନି । ଏକା ସଢର ଜମାଇ ହାଣ୍ଡି, କୁଆଡ଼େ ପାଠ ହୋଇ ପଳାଉଛି । ମୋଟେ ଛନଟା ଦିନ ଯାଇଛି କି ନାହିଁ, ସାଆନ୍ତଙ୍କ ଘରୁ ଖଲାସ କରା-ଯାଇଥିବା ବାସନକୁସନରୁ ଏକା ତାକୁ ଭାଗ ମିଳିଥିଲା ଚାଳିଶ ଟଙ୍କା ସତେଇଶ ନୂଆ ପଇସା । ଜୀବନଟାକୁ ନିଜ ଘରେ ଥୋଇଦେଇ ସିନା ସେ ସାଆନ୍ତଙ୍କ ଘରେ ପଶିଗଲା । ସେ ଶଶୁରପୁଅଟି ଯଦି ଉଠିପଡ଼ିଥାନ୍ତା, ତେବେ ସିଧାସଳଖ ଯମପୁରକୁ ବାଟ ସଫା ହୋଇ ଯାଇଥାଆନ୍ତା । ତା'ର ଯେଉଁ ଜବଲନଳୀ ବନ୍ଧୁକ ! ବାପରେ ବାପ ! ଯୋଡ଼ା ଯୋଡ଼ା ଯମଦୂତ ଦୁଇ ନଳୀରୁ ସନାଟି ଆସିଥାଆନ୍ତେ ଓ ବେକରେ ଦଉଡ଼ି ବାନ୍ଧି ଘିଡ଼ିଘାଡ଼ିଆ ଘୋସାଡ଼ି ନେଇ ଯାଇଥାଆନ୍ତେ । ଖାଲି କଅଣ ଏତିକି, ସ୍ୱା ଉପରେ ପୁଣି ସଢବୁଲା ନାଲିପଗଡ଼ିଆ । ଶଶୁରପୁଏ ନଳୀଠୁ ବି ଆହୁରି କଡ଼ା । ନଳୀରୁ ଖସି ଯାଙ୍କ ହାବୁଡ଼େ ପଡ଼ିଥିଲେ ଦଫାରଫା ସାଙ୍ଗେ ସାଙ୍ଗେ । ବୁଟ୍ କୋତା ପିଠିର କଅଁଳିଆ ଚମଟାକୁ ବିଲ୍‌କୁଲ୍ ଉତ୍ତର ଦେଇଥାଆନ୍ତେ । ଏତେ ବିପଦରେ ପଡ଼ି ଅର୍ଜିଥିବା ଧନ ଦିନ ଦୁଇଟାରେ ଫୁସ୍ । ସେ ଯାହାହେଉ, ଏ ବାରଭାଇ ଆଖଡ଼ା ଆଉ ପୋଷେଇବ ନାହିଁ—ଏକୁଟିଆ ବେପାର କରିଥିଲେ ଦୁଇଶହ ଅଢ଼େଇଶହ ଟଙ୍କା ହାତପେଠ ହୋଇଥାଆନ୍ତା । ନାଃ—ଆଉକୁ ଏକୁଟିଆ ବେପାର ହବ । ମନେ ମନେ ଏସବୁ ବିଷୟ ସ୍ଥିର କରି ଘନୁଆ ତା'ର ‘ସଢକେ ହାଣ୍ଡି କମେଇ’ ବେପାରର ସନ୍ଧାନରେ ଲାଗିପଡ଼ିଲା । ଆଉ ସାଙ୍ଗ ସାଥୀଙ୍କ ପାଖ ମାଡ଼ିଲା ନାହିଁ ।

ସଠିକ ସନ୍ଧାନଟାଏ ବେପାରରେ ହେଲା ସବୁଠାରୁ ବଡ଼ କଥା । ଏକା ସନ୍ଧାନଆର ଭାଗେ, ଦି ଭାଗ ଖଲାସିଆଙ୍କର । ଘନୁଆ ମନେ ମନେ ଠିକ୍ କରିନେଇଥିଲା

Digitized by srujanika@gmail.com

ସନ୍ଧାଣିଆ ଓ ଖଳସିଆ ସେ ଜଣେ ହେବ, ଯେମିତି କି ପଇସାଟିଏ ବି ଆଉ କାହା ହାତରେ ନ ପଡ଼େ । ଏଣେ ଜଣେ ସନ୍ଧାନ ନେଇ ନେଇ ଦିନେ ଉପାସ ବି ରହିଗଲା । ବଜାରରେ ସହରର ତମାମ ପାଣି ପାଇପ ମୁହଁଗୁଡ଼ାକର ସନ୍ଧାନ ନେଲା । ମନେ ମନେ ପାଇପବାଲାଙ୍କ ସାତପୁରୁଷଙ୍କୁ ନର୍କ କୁଣ୍ଡରେ ଶିଙ୍ଗଭୁଡ଼ା ଦେଲା — "ଅଲପେଇସେ ପିତଳ ମୁହଁ ନ ଦେଇ ଲୁହା ମୁହଁଗୁଡ଼ାଏ ଦେଲେଣି । କିଏ ବା ସେଗୁଡ଼ାକ ନବ । ସହରରେ ତ ଆଉଟି ହେବ ନାହିଁ । ପିତଳ ମୁହଁ ଥିଲା କେଡ଼େ ବଢ଼ିଆ ଥିଲା । କିଛି ନ ହେଲା ବେଳକୁ ସେଥିରୁ ଗୋଟାଏ ଖୋଲି ନେଇଆସିଲେ ଜଳଖିଆ, ପାନଟା ଚଳିଯାଉଥିଲା । ଏ ଭିକ୍‌ଚଟାଗୁଡ଼ାକ ଲୁହା ମୁହଁ ଦେଇ ସେ ସୁବିଧାଟା ବନ୍ଦ କରିଦେଲେ ।" ଘଣିଆ ମନେ ମନେ ଖାଲି ସମ୍ଭୁଡ଼ି ବିଦାରି ହେଲା ।

ସବୁଦିନେ କିଛି ଅନ୍ଧାର ନଥାଏ । ଦିନେ ଆଲୁଅ ଦିଶିଲା । ଗଦେଇ ସାହୁର ନବପ୍ରତିଷ୍ଠିତ ଦେଉଳରେ ଠାକୁରଙ୍କ ପାଖରେ ମୁଣ୍ଡିଆ ମାରିଲାବେଳେ ଘଣିଆ କଣେଇ କଣେଇ ଠାକୁରଙ୍କ ଦେହ ଉପରେ ଆଖି ବୁଲେଇନେଲା । ମନେ ମନେ ଠାକୁରଙ୍କୁ ଧନ୍ୟବାଦ ଦେଇ କହିଲା—ଆଗରୁ ଟିକିଏ ଦର୍ଶନ ଦେଲ ନାହିଁ ଠାକୁରେ, ବିଚରା ଦୁଇଦିନ ଉପାସ ରହିଲିଣି । ଯାହାହେଉ ମୋ ଡାକ ଶୁଣିଛ, ସେଇ ଯଥେଷ୍ଟ । ଅନ୍ଦାଜ ସାତ ଆଠ ସେର ପିତଳର ମୂର୍ତ୍ତି ହେବ । ଭିକଚଟା ସାହୁଟା ଦେହରେ ଖଣ୍ଡେ ହେଲେ ରୁପା କି ସୁନାର ଗହଣା ମଣ୍ଡେଇ ନାହିଁ । ସେତିକି କରିଥିଲେ ତହିଁ ଉପରେ ହାତ ପକେଇବା ଦରକାର ପଡ଼ି ନ ଥାନ୍ତା । ହଉ ଯେତିକି ମିଳିଲା ସେତିକରେ ସଇ । ଠାକୁରଙ୍କ ଯାହା ବରାଦ ।

ଅତି ଭକ୍ତି ଦେଖାଇ ଘଣିଆ ବିଲବିଲେଇଲା—"ଠାକୁରେ, ମୋ ପେଟମରା ଭଲ କରିଦିଅ, ମୁଁ ତୁମକୁ ସୁନା ମୁକୁଟ ପିନ୍ଧେଇବ ତ ତୁମ ସେବକଙ୍କୁ ଶହେ ଟଙ୍କା ଦେବ ।"

'ଶହେ ଟଙ୍କା' ଶୁଣିବା ମାତ୍ରେ ସେବକ ବାପୁଡ଼ା ହାତରୁ ପଞ୍ଚୁପାତ୍ରି ଖସି-ପଡ଼ିଲା—ଏଁ ଶହେ ଟଙ୍କା ! ଟଙ୍କାକ ଶହେ ନୂଆପଇସା । ଅପଚ୍ଛ'ଣିଆ ଲୋକଗୁଡ଼ାକ ଆସୁଛନ୍ତି ଯେ ଗୋଟିଏ ନୂଆ ପଇସା ବି ବଢ଼େଇ ଦେବାକୁ ଯେତ ବଳୁନ, ଆଉ ଇଏ ଦିବ ମୋତେ ଶହେ ଟଙ୍କା, ଶହେ ନୂଆ ପଇସା ଲେଖାଏଁ ଶହେ ଥର ! ସେ ଉପରେ ପୁଣି ଠାକୁରଙ୍କୁ ସୁନା ମୁକୁଟ । ପାଟି ତା'ର ଲାଳେଇ ଆସିଲା । ଅଙ୍ଗପ୍ରତ୍ୟଙ୍ଗସବୁ ଝମ୍ଝମ ହୋଇଗଲା । ଆନନ୍ଦରେ ବିହ୍ୱଳିତ ହୋଇପଡ଼ି ସେ ଗୁହାରି ଦେଲା—"ହେ ବାଳଗୋପାଳ ! ଭକ୍ତ ଏତେ କଷ୍ଟ ପାଉଛି, ତୁ କେମିତି ଚୁପ୍ ହୋଇ ବସିଛୁ ? ତୋ ଭକ୍ତବତ୍ସଳ ବାନା ଆଉ ରହିବନି ! ହେ ବାଳଗୋପାଳ, ହେ ନନ୍ଦ ଦୁଲାଳ, ହେ

Digitized by srujanika@gmail.com

ଗୋପିକାବଲ୍ଲଭ, ହେ ଦ୍ରୌପଦୀ ଲଜ୍ଜାନିବାରକ, ଶୁଣ ଶୁଣ, ଭକ୍ତର ଡାକ ଶୁଣ । ଟେକ ଟେକ ତୋର ଅଭୟ ହାତକୁ ଟେକ । ଦେ ଦେ ତୋ ପାଦପଦ୍ମରେ ଭକ୍ତକୁ ଟିକିଏ ସ୍ଥାନ ଦେ ।”

“ପ୍ରଭୁ, ତୋ ପାଦଧୂଳି ଟିକିଏ ଦେ, ଟିକିଏ ଦେ—” କହି ଘନିଆ ଘୁଷୁରି ଘୁଷୁରି ଠାକୁରଙ୍କ ପାଦ ଯାଏ ଚାଲିଗଲା ଓ ହାତ ବଢ଼େଇ ପାଦକୁ ଧରିଲା । ବାହାରକୁ କୁନ୍ଥେଇ ଭିତରେ ଭିତରେ ମୂର୍ତ୍ତିକୁ ହଲେଇ ଓଜନ କରିବାକୁ ଲାଗିଲା । ଭଲକରି ଝୁଙ୍କେଇ ଭାବିଲା—“ନାଃ ଏଇଟା ନିଦା ହବ ନା କଅଣ ? ଦଶ ସେରକୁ ଟପିବ ବୋଧହୁଏ । ନାଃ ଏ ଜଣକ କାମ ନୁହେଁ । ବଟିଆକୁ ସାଙ୍ଗ ନକଲେ କାମଟା ଉଠିବ ନାହିଁ । ନହି ପଛେ ଭାଗେ ନହି, ମୋର ତ ଦୁ'ଭାଗ ରହିଗଲାଣି ।” ଝୁଙ୍କେଇବା ଜନିତ ମାଂସପେଶୀର କମ୍ପନ ଦେଖି ସେବକଟି ଭାବିଲା—ଓଃ କି ଜୋର୍‌ରେ ତା ପେଟକୁ ନ ମାରୁଛି, ସାରା ଦେହକୁ ଥରାଇଦେଉଛି । ତା କଷ୍ଟ ଓ ଶହେ ଟଙ୍କାର ଲୋଭ ସମ୍ଭାଳି ନପାରି ପୁଣି କୁହାଟିଲା—“ହେ ବକାସୁରମର୍ଦ୍ଦନ, ହେ କାଳୀୟଦଳନ, ହେ ଅସୁରକୁଳନିପାତନ ! ଶୁଣ ଶୁଣ, ଭକ୍ତର ଆର୍ତ୍ତି ଡାକ ଶୁଣ । ତୋ ପାଦ ଧରିଛି, ତୁ ଜାଣି ପାରୁନୁ । ଭକ୍ତର କଷ୍ଟ ହରନେ । ତୋ ଯଶ ସେ ଗାଇ ବୁଲିବେ । ତୋ ଶରଣରକ୍ଷଣ ବାନା ଫଡ଼ଫଡ଼ ହୋଇ ଉଡ଼ିବ ।”

ଏତକ କୁହାଟି ସାରି ସେବକ ଟିକିଏ ତୁଳସୀ ଓ ପଞ୍ଚାମୃତରୁ ଟିକିଏ ପାଣି ଘନିଆକୁ ଦେଇ କହିଲା—“ଖାଅ ପିଇଦିଅ, ଠାକୁରେ ନିଶ୍ଚେ ଶୁଣିବେ ।”

ଧକେଇ ଧକେଇ ଘନିଆ ସେତକ ଗର୍ଭସାତ୍ କଲା । ଦୁ' ଚାରି ମିନିଟ୍ ପରେ କହିଲା—“ପଣ୍ଡାଏ, ମୁଁ ଜାଣୁଛି, ଠାକୁରେ ନିଶ୍ଚୟ ମୋ ପେଟ ଭଲ କରିଦେବେ । ଏଇ ତୁଳସୀପଣରେ ମୋର ଦୁ'ଅଣା କମିଗଲା । ଯାଉଛି ଘରେ କହିଦେଇ ଆସେ, ଏଇଠି ଆଜି ରାତିଟା ଅଧିଆ ପଡ଼ିବ । ମୁଁ ଠିକ୍ ଜାଣୁଛି କାଲି ସକାଳକୁ ମୋ ପେଟମରା ଏକଦମ୍ ଭଲ ହୋଇଯାଇଥିବ । ଟିକିଏ ପଣା ଛଡ଼ା ଆଉ କିଛି ଖାଇବି ନାହିଁ । କାଲି ସକାଳେ ହୁଏତ ଏଇଠି ଠାକୁରଙ୍କୁ ସୁନା ମୁକୁଟ ଓ ତମକୁ ଶହେ ଟଙ୍କା ଦେଇ ଘରକୁ ଯିବି, ନହେଲେ ସିଧା ମଶାଣି ।”

ଆନନ୍ଦରେ କୁରୁଳିଉଠି ସେବକଟି ଗଦଗଦ କଣ୍ଠରେ କହିଲା—“ଆହା ବାବା ! ବିଶ୍ୱାସ ରଖ, ନିଶ୍ଚେ ଭଲ ହୋଇଯିବୁ । ଯା, ଘରେ ପୂଜାସାମଗ୍ରୀ ଯୋଗାଡ଼ କରି ଚାଲିଆସିବୁ । ରାତିରେ ଏଇଠି ଅଧିଆ ପଡ଼ିବୁ ।”

ବଟିଆ ପାଖରେ ସବୁ ବିଷୟ ଠିକ୍‌ଠାକ୍ କରି ଘନିଆ ମନ୍ଦିରକୁ ଫେରିଲା । ପହଞ୍ଚିଲେ ସେବକର ଗୋଡ଼ ତଳେ ପଡ଼ି ପାଦଧୂଳି ନେଇ ମୁଣ୍ଡରେ ମାରିଲା । ‘ଶହେ

Digitized by srujanika@gmail.com

ଟଙ୍କା' ସେବକର ପେଟ ମଧ୍ୟ ପକାଇଲା । ସେ ଭକ ଭକ କରି ଅଶୀର୍ବାଦଗୁଡ଼ାକ ବାନ୍ତି କରିପକେଇଲା । ଘଣ୍ଟିଆ ସେଗୁଡ଼ାକ ଦେହରେ ବୋଳିହୋଇପଡ଼ି ଅତି ଭକ୍ତିର ସହ ଠାକୁରଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ପଡ଼ିରହିଲା ।

× × × ×

ସନ୍ଧ୍ୟା ହେଲା । ବଟିଆ ଦୁଇ ଗ୍ଲାସ ପଣା ନେଇ ସେଠିରେ ପହଞ୍ଚିଲା । ଘଣ୍ଟିଆର ଅନୁରୋଧ ଏଡ଼ି ନ ପାରି ସେବକ ତାହା ଠାକୁରଙ୍କ ନିକଟରେ ଭୋଗକଲା । ବଟିଆ ଭୋଗ ଶେଷରେ ଗୋଟିଏ ଗିଲାସ ସେବକଙ୍କୁ ଦେଇ ପ୍ରସାଦ ସେବାକରିବାକୁ ଅନୁରୋଧ କଲା । ଯାହା ବା ସେ କୁଣ୍ଠକୁଣ୍ଠ ହୋଇଥାଆନ୍ତେ, ଗିଲାସ ଭିତରେ ଦିଶୁଥିବା ଦୁଧ, କଦଳୀ ଓ ରସଗୋଲା ଚକଟା ତାଙ୍କ ହାତକୁ ଟାଣିନେଲା ଓ ହାତରେ ଧରାଇ ମୁହଁ ପାଖକୁ ଟେକାଇଦେଲା । ଦମକଲ ପାଣି ଶୋଷିଲା ପରି ମୁହଁଟା ଚୁହୁଁ ଚୁହୁଁ ଶୋଷିନେଲା ।

× × × ×

ରାତି ଦୁଇଟା ହେଲା—ସହରଟା ସତେ କି ଯେମିତି ଭାଙ୍ଗ ଖାଇ ଘୋର ନିଦରେ ଶୋଇପଡ଼ିଲା । ବେଳେ ବେଳେ ପେଚା ଓ ଅନ୍ୟ ରାତିଚର ଚଢ଼େଇମାନଙ୍କ ଶବ୍ଦ, ସ୍ଥିର ପୋଖରୀରେ ମାଛ ଗୋଟାଏ ଦି'ଟା ପିଟି ହୋଇ ବିକ୍ଷୋଭ ସୃଷ୍ଟି କଲା ପରି ରାତିଚର ଜୀବମାନଙ୍କ ଶବ୍ଦ ରାତିର ନିଃଶବ୍ଦତାରେ ବ୍ୟାଘାତ ଘଟାଉଥାଆନ୍ତି । ବୁଟ୍ ଶବ୍ଦ କରି ଚାରିଜଣ ପୁଲିସ ମନ୍ଦିର କଡ଼ଦେଇ ରାସ୍ତାରେ ଚାଲିଗଲେ । ପନ୍ଦର ମିନିଟ୍ ବାଦ୍ ଘଣ୍ଟିଆ ମନ୍ଦିର ପଛପଟୁ ହେଁସ ଗୁଡ଼ିଆ ପୁଟୁଳା ଧରି ରାସ୍ତାଉପରକୁ ଚାଲି ଆସିଲା । ପଛରେ ବଟିଆ କୋଡ଼ି ଓ ମାଠିଆ ଧରି ସକେଇ ସକେଇ ଧାଇଁଲା । ଗୋଟିଏ ମୋଡ଼ ଉପରେ ଦୁଇଜଣ ପୁଲିସ୍ ହଠାତ୍ ସାମନାସାମନି ହୋଇଗଲେ । ବଟିଆ ଜୋର୍‌ରେ ସକେଇ ହୋଇ କହିପକେଇଲା—"ଅରେ ମୋତେ ଅଣ୍ଟୁକୁଡ଼ା କରି ଚାଲିଯିବାକୁ କେମିତି ସତ ବଳାଇଲୁରେ ! ଆରେ କାହା ଲାଗି ଆଉ ଜୀବନ ରଖିବିରେ, ଗଣ୍ଠି ଧନ କଅଣ କଲୁରେ ।" ମୁର୍ଦ୍ଦାର ଖବ ପୁଲିସ ଦୁଇଟା ବୁଟ୍ ଝଡ଼୍-ଝାଡ଼୍ କରି ସଲାମ ଦେଲେ । ଜଣେ ପୁଲିସ ପଚାରିଲା—"କଣ ହୋଇଥିଲା କି ?" ଭୋ କରି କାନ୍ଦିପକାଇ ବଟିଆ କହିଲା—"ଝିଅଟାର ଚେହେରା ଦେଖି ମାଆ ତ ଲେଉଟିଗଲେ । ମାଆ ତ ମାଆ, ଏକାବେଳକେ ଅଖା ବସନ୍ତ, ଆଉ କି ମୋ ଗଣ୍ଠି ଧନ ରହେ !"

ଅଖା ବସନ୍ତ ନା ଶୁଣି ପୁଲିସ ଦି'ଟା ଭୟରେ ଆଡ଼େଇଗଲେ । ଜଣେ ଉପଦେଶ ଦେଇ କହିଲା—"ଖୁବ୍ ଗହିରା କରି ପୋତିବୁ ।" ଜଣେ ମୁଣ୍ଡ ବଢ଼ିଲେ

Digitized by srujanika@gmail.com

ଆଉଜଣକୁ ମୃତ ମାରେ । ସେହିପରି ଜଣେ ପୁରୁଷକୁ ଉପଦେଶ ଦେବା ଦେଖି ଆଉଜଣକୁ ଉପଦେଶ ଚଳିବ ଦେଖେଇଲା । ସେ ବି କହିପକେଇଲା—"ଭଲକରି ଲେସନ ପାଣିରେ ଗାଧୋଇ ପଡ଼ିବ ଓ ଶୀଘ୍ର ଟିକା ନେଇନେବ ।" ଘନିଆ ପେଟ ଭିତରେ କ'ଣ ଯେମିତି କହୁଥାଏ—ହଁ ବେ ଶଶୁରପୁଅ, ସ୍ୱାକୁ ଖୁବ୍ ଗହିଡ଼ା କରି ଯେଉଁଠି ହେଲେ ଯୋଉ ରଖିବା ଓ ବାସନା ତେଲ ଲଗେଇ ଗାଧୋଇବା । ତୋ କଥା ଅକ୍ଷରେ ଅକ୍ଷରେ ମାନିବା ।"

× × × ×

ପିତଳ ମୂର୍ତ୍ତିଟାକୁ ପୋଡ଼ିଦେଇ ଘନିଆ ଗୋଟାଏ ହାତୁଡ଼ିରେ ମୁଣ୍ଡ ଗୋଡ଼ ହାତ ପିଟି ଟିକିଏ ଟିକିଏ ଚେପା କରିଦେଲା । ଗଦେଇ ସାହୁର ଠାକୁର ବୋଲି ଚିହ୍ନିବାକୁ ଆଉ କାହାର ଯୁ ନଥିଲା ।

ସାଢ଼େ ଦଶସେର ଓଜନର ପିତଳ ମୂର୍ତ୍ତିକୁ ଦଣ୍ଡିମାରି ଅନାଦି ସାହୁ ଅଟାରି ଯେତେବେଳେ ପାଞ୍ଚସେର କଲା ଓ ସେର ବାରଟଙ୍କା ଥିବା ସ୍ଥଳେ ଦୁଇଟଙ୍କାରେ ହିସାବ କଲା ଓ ତା' ଉପରେ ପୁଣି ଆଉଟ ପାଇଁ ଚାରି ଟଙ୍କା କାଟିଲା, ସେତେବେଳେ ବଟିଆ ମୁହଁ ଟାଣି ଦେଖାଇ କହିଲା, "କଣ ଚୋରିମାଲ ପାଇଛୁ କିରେ ? ଏମିତି କିଏ ଲୁଟିନେଲାଣି ନା ତୁ ଲୁଟିନେବୁ ।"

ଅନାଦି ସାହୁ ଦେଖାଣିଆ ଭାବେ କହିଲା—"ହଉ ହଉ ଯା, କୋଉ ଗରାଖଟା ତୋତେ ସୁନା ଢାଳିଦେଇ ଭଙ୍ଗାଚେପା ମୂର୍ତ୍ତିଟା ନେଇଯିବ ମୁଁ ବସି ଦେଖିବି ନା ! ଯୋଉ ସୁନ୍ଦର ମୂର୍ତ୍ତି ହୋଇଛି ଗରାଖ ଖାଲି ଦଉଡ଼ିଆସିବେ । ଏଖୁଣି ଭଲ ମୂର୍ତ୍ତି ହୋଇଥାଆନ୍ତା—ତାହାହେଲେ ଯାଇ ମୂର୍ତ୍ତି ରେଟ୍‌ରେ ବିକ୍ରି ହୋଇ-ଥାଆନ୍ତା । ଏ ମୂର୍ତ୍ତିକୁ ଯାଉଟି ଆଉ କିଛି ଜିନିଷ ଗଢ଼ିଲେ ଯିନା ପଇସା ମିଳିବ । ଆଉଟାରେ ତ ଦୁଇଟଙ୍କାର ଅଙ୍ଗାର ଖର୍ଚ୍ଚ । ତା'ପରେ ମଜୁରି । ପୋଡ଼ିରେ ପୁଣି ଓଜନରୁ ଚଉଠ କମିଯିବ । ଦଉ ତ ଭଲ କୋଉ ଧନାଶେଠ ଗରାଖଟା ମୋଠୁଁ ବେଶି ଦାମ୍ ଦେବ ।"

ଘନିଆର ଭାରି ଇଚ୍ଛା ହେଉଥିଲା ଦେଇଦେବ; କିନ୍ତୁ ବଟିଆ ବାଧାଦେଇ କହିଲା—"କାହିଁକି ଏ ପାଜିଆ କଥା ଶୁଣୁଛୁ ମ ! ଠିକଣା ଗରାଖ ପାଖରେ ଏହାକୁ ହାବୁଡ଼େଇଦେଲେ ଛଅଟଙ୍କା କଅଣ, ଛ'ଅଣ ଟଙ୍କା ମିଳିବ ।"

ଅନାଦି ସାହୁ ଅଟେଇ କରି କହିଲା—"ମୁଁ ତ ପାଜିଆ, ଯା ତୁ କୋଉ କାଜୁଆ ଗରାଖ ପାଖରୁ ଛଅଣ ଦୂରେ ଥାଉ ଯଦି ଶହେଟଙ୍କା ଆଣିପାରିବୁ, ତେବେ

Digitized by srujanika@gmail.com

ମୁଁ ଆଜ୍ଞ ପାଞ୍ଚଟଙ୍କା ତୋତେ ପୁରସ୍କାର ଦେବ ।" ଚଢ଼ିଯାଇ ବଟିଆ କହିଲା—"ରଖିଥା ତୋ ପୁରସ୍କାର, ଯିଏ ଶ୍ବେତ ମାଲ ନେଇ ତୋ ପାଖକୁ ଆସିବ, ତାକୁ ଦେବୁ ।"

× × × ×

ଆସନ୍ନ ଉପବାସ ଆଶଙ୍କାରେ ଭୟବିହ୍ୱଳିତ ଘନଆକୁ ପ୍ରବୋଧ ଦେଇ ବଟିଆ କହିଲା—"ଆରେ, କଥାରେ କହନ୍ତି ଶୃଷ ତରତର ବଣିଜ ମଠ । ଇଏ ତ ହେଲା ବଣିଜ । ଏଥିରେ ତରତର ହେଲେ ଚଳିବନି । ପାଖରେ ଯଉ କିଛି ନାହିଁ ମୁଁ ତ' ଶୁଭଟଙ୍କା ଦେଉଛି ନେଇ ଚାଲ । ଠିକଣା ରାସ୍ତାଟାଏ ଖୋଜିବା । ଧୀରେ ସୁସ୍ଥେ ବେପାର କରିବା ।" ମଲ୍ଲ ମୁଖା ପରି ଘନଆ କହିଲା—"ହଉ, ଯାହା କରୁଛୁ କର ।"

ବଟିଆ ରାତିରେ ଚୁପ୍ ହୋଇ ଶୋଇ ମନଟାକୁ ଦଉଡ଼େଇଦେଲା । ବହୁ ଦୋକାନବଜାର, ଗାଁ ପାରହୋଇ ମନଟା ଠିକ୍ କରି ଅଟକିଗଲା ରାଜଧାନୀର ଯାଦୁଘର ପାଖରେ । ଦେଖିଲା କେତେ ଚନ୍ଦାମୁଣ୍ଡିଆ ପଣ୍ଡିତ ଲେନସ୍ କମ୍ପାସ ଧରି ଖଣ୍ଡିଆ ଭଙ୍ଗା ଚେପା ମୂର୍ତ୍ତିସବୁ ପରୀକ୍ଷା କରୁଛନ୍ତି, ପୁଣି କେତେ ଭଙ୍ଗା ମୂର୍ତ୍ତିକୁ ପାଟ କନାରେ ଗୁଡ଼ାଇ ବଡ଼ିଆ ବଡ଼ିଆ ଆଲମାରି ଭିତରେ ଥୋଉଛନ୍ତି । ମନଟା ସିଧାସଳଖ ଦଉଡ଼ିଆସି ବଟିଆକୁ ଉଠେଇଦେଲା । ବଟିଆ ତାଳିଟାଏ ମାରି ଦେଇ ପାଟି କରିଉଠିଲା—'ପାଇଲି, ପାଇଲି ।'

ପାଟିରେ ତା ସ୍ତ୍ରୀର ନିଦ ଭାଙ୍ଗିଗଲା । ସେ ହାଉଳି ଖାଇ ଫସରଫସର ଗଳାରେ କହିଲା—"ଆଣ ମୁଁ ଚୁଲି ମୁଣ୍ଡରେ ପୋଡିଦେବି ।"

ବିଗିଡ଼ିଯାଇ ବଟିଆ କହିଲା—"ହଟ୍‌ବେ ହଟ୍ । ତୋ' ଭାଇ ମୁଣ୍ଡକୁ ନେଇ ପୋଡ ।" ମନେ ମନେ ସ୍ତ୍ରୀ ତା ସ୍ୱାମୀକୁ ମା' ଯୋଗଣୀକୁ ଖାଦ୍ୟ ରୂପେ ଅର୍ପଣ କରି ନୀରବ ରହିଲା ।

ସକାଳୁ ମେଞ୍ଚାଏ କାଦୁଅ ନେଇ ବଟିଆ ଘନଆ ଘରେ ପହଞ୍ଚିଲା । ଘନଆକୁ କିଛି କହିବାକୁ ଅବସର ନଦେଇ ସେ ପିତ୍ତଳ ମୂର୍ତ୍ତି ଦେହରେ କାଦୁଅଟିକ ବୋଳି-ଦେଲା । ଘନଆ ବାଲୁବାଲୁ କରି ଚାହିଁ ରହିଲା । କ'ଣ ହଉଛି କିଛି ବୁଝିପାରିଲା ନାହିଁ । ଅନୁମାନ କଲା ବଟିଆ ମୁଣ୍ଡ ବିଗିଡ଼ିଯାଇଛି । ବଟିଆର କାଦୁଅ ହାତକୁ ଧରି କହିଲା — 'ମୂର୍ତ୍ତି ଦେହରେ ନ ବୋଳି ନିଜ ମୁଣ୍ଡରେ ଲଦ । ମୁଣ୍ଡ ଠିକ୍ ରହିବ ।"

ବଟିଆ ହସି ହସି କହିଲା—"ସବୁର କର ବୁଝିବୁ । ଚାଲ ଯିବା ରାଜଧାନୀ ମୂର୍ତ୍ତିକୁ ନେଇ । ତୋର କାହାକୁ କିଛି କହିବା ଦରକାର ନାହିଁ । ମୋର ସବୁ

Digitized by srujanika@gmail.com

କଥାରେ କେବଳ ହୁଁ ମାରୁଥିବୁ । ଯେତେବେଳେ ଦଶ ଦଶ କରି ପାଞ୍ଚଶହଟଙ୍କା ନେଇ ଆସିବ, ସେତେବେଳେ ତୁ ସବୁ ବୁଝିବୁ ।” ମୂର୍ତ୍ତିକୁ ଅଳ୍ପ କିଛିଏ ଧୋଇଦେଇ ଓ କାଦୁଅ ପେ ପୋଛି କରି ଦୁହେଁ ଗୋଟିଏ ସିମେଣ୍ଟ ବସ୍ତାରେ ମୂର୍ତ୍ତିକୁ ଭର୍ତ୍ତି କରି ରାଜଧାନୀଆଡ଼େ ଚାଲିଲେ ।

× × ×

ମୂର୍ତ୍ତି ଉପରୁ ଦୃଷ୍ଟି ଉଠାଇ ଚଷମା ଫାଙ୍କା ବାଟେ ଚନ୍ଦାମୁଣ୍ଡିଆ ଜଣେ ବୃଦ୍ଧ ବଳିଆ ଆଡ଼େ ଚାହିଁ ପଚାରିଲେ—“ଠିକ୍ କେଉଁ ସ୍ଥାନରୁ ଏଇଟା ପାଇଲ ?” ବଳିଆ ଗପିଗଲା—“ଗଡଖାଇର ଠିକ୍ ଈଶାନ କୋଣକୁ ବନଶି ପକେଇବାକୁ ଯାଇଥିଲି । ଚରେଇ ହାଣ୍ଡିଟା ଟାଙ୍ଗିବା ପାଇଁ ବାଡ଼ଟା ଯେତେବେଳେ ପଙ୍କରେ ଗେଞ୍ଜିଦେଲି, ସେତେବେଳେ ବାଡରେ ଥିବା ସାମିଟା ଏଇ ମୂର୍ତ୍ତି ଉପରେ ଠକ୍ କରି ବାଜିଲା । ମୁଁ ଦୁଇ ତିନିଥର ବାଡ଼ି ଉଠାଇ ଗେଞ୍ଜିଲି । ସବୁ ଥର ସେମିତି ଠକ୍ ଠକ୍ ହେଲା । ଆଉ ବନଶି ପକେଇବ କଅଣ, କାଦୁଅ ଆଡ଼େଇଲି । ଅଣ୍ଟାଏ ଖଣ୍ଡେ ଖୋଳି ସ୍ବାଳୁ ପାଇଲି । ଧୋଇଧାଇ ଘରେ ନେଇ ରଖିଲି । ଭାବିଥିଲି ଦେବତାଟିଏ ମୋତେ ସ୍ବପ୍ନ ସ୍ବପ୍ନ ଦେଖାଦେଲେ, ତାଙ୍କୁ ଘରେ ରଖି ପୂଜିବି । ହେଲେ ଦୁ’ ଦିନ ଯାଇଛି କି ନାହିଁ ଦୁଇଜଣ ବୁଢ଼ା କେଉଁଠୁ କେମିତି ସନ୍ଧାନ ନେଇ ମୋ ଘରେ ହାଜର । ସେ ମୂର୍ତ୍ତିଟିକୁ ନେବା ଲାଗି ଜଣେ ଯାଚିଲେ ପାଞ୍ଚ ଶହ ତ ଆଉ ଜଣେ ଆଠ ଶହ ଟଙ୍କା । ପରେ ବୁଝିଲି ଜଣଙ୍କ ନାଁ କୁଆଡ଼େ ପରମାନନ୍ଦ ଆଚାର୍ଯ୍ୟ, ଆଉ ଜଣଙ୍କ ନାଁ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ । ମୋଟା ମୋଟା କାଚ ଧରି ମୂର୍ତ୍ତିକୁ ଖିନ୍‌ଭିନ୍ କରି ଦେଖିଗଲେ ।” ଏ ଦୁହିଁଙ୍କ ନାଁ ଶୁଣି ବୃଦ୍ଧ ଜଣକ ଚମକିପଡ଼ିଲେ । ଆଉ କେତେ ଜଣ ବାବୁ ବି ଆସି ଘେରିଗଲେ । ଭାରତ ବିଖ୍ୟାତ ପ୍ରତ୍ନତାତ୍ତ୍ୱିକ ଦୁହେଁ କଅଣ ତୁଚ୍ଛାଟାରେ ସ୍ବାଳୁ ପାଞ୍ଚଶହ, ଆଠଶହ ଯାଚିଲେ ! ନିଶ୍ଚୟ ଏ ମୂର୍ତ୍ତିରେ ଏକ ବିରାଟ ଇତିହାସ ଲୁଚି ରହିଛି । ବୃଦ୍ଧ କିଛି ସ୍ଥିର କରି ନପାରି ପ୍ରାୟ ଅଧଘଣ୍ଟାଏ ମୂର୍ତ୍ତି ଉପରେ ଦୃଷ୍ଟି ରଖି ଧ୍ୟାନମଗ୍ନ ହୋଇଗଲେ । ଏହାପରେ ହଠାତ୍ ତାଙ୍କ ମୁଖମଣ୍ଡଳ ସତେଜ ହୋଇଉଠିଲା । ମୁହଁସାରା ଆନନ୍ଦ ମାଖିହୋଇଗଲା । ସମସ୍ତଙ୍କୁ ମୂର୍ତ୍ତି ଦେଖାଇ ସେ କହିଲେ—“ଓହୋ ଶତାବ୍ଦୀ ଶତାବ୍ଦୀ ଧରି ଯାହାର ସନ୍ଧାନ ମିଳୁ ନଥିଲା, ତା’ର ସନ୍ଧାନ ଆଜି ମିଳିଛି ।”

ଘଣ୍ଟାଏ ବଳିଆ ଗୋଟିପଣ ଅଶିଲଣି । ସେ ଭାବିଲା ଇଏ ଆଉ କ’ଣ ଗଢେଇ ସାନ୍ଧୁ ଠାକୁର ପ୍ରତିମା ବୋଲି ଜାଣିପାରିଛନ୍ତି କି ? କାହାଠୁ ସନ୍ଧାନ ପାଇଗଲେ କି ? ତା’ର ଭାବନାରେ ବାଧାଦେଇ ବୃଦ୍ଧ ପୁଣି କହିଲାଗିଲେ—“କୋଣାର୍କର ଯେଉଁ ସୂର୍ଯ୍ୟମୂର୍ତ୍ତି ଇତିହାସ ଜଗତରେ ବିକ୍ଷୋଭ ସୃଷ୍ଟି କରିଛି, ଏ ହେଉଛି ତା ଚକ୍ଷୁ

ପ୍ରତିମା । କଳାପାହାଡ଼ ଭୟରେ ଏହା ଦକ୍ଷିଣ କବାଟଙ୍କ ଘରେ ରଖାଯାଇଥିଲା; କିନ୍ତୁ କଳାପାହାଡ଼ ତାହାରୁ ରକ୍ଷା କରାଯାଇ ପାରିଲା ନାହିଁ । କଳାପାହାଡ଼ ଏ ମୂର୍ତ୍ତିଟାକୁ ଛେଚ ଛେଚ ଗୋଟାଏ ମଇଳା ଗଦାକୁ ଫୋପାଡ଼ିଦେଲା । ସେଠୁ ଦକ୍ଷିଣ କବାଟ କୌଣସିମତେ ଉଦ୍ଧାର କରି ବାରବାଟୀ ଦୁର୍ଗରେ ଓଡ଼ିଶା ରାଜାଙ୍କ ପାଖେ ଲୁଚାଇ ରଖିଲେ । ପଠାଣମାନେ ଯେତେବେଳେ ଦୁର୍ଗ ଉପରେ ଚଢ଼ାଉ କଲେ, ସେତେବେଳେ ମୂର୍ତ୍ତିକୁ ଅପମାନ ମିଳିବା ଆଶଙ୍କାରେ ରାଜା ଗଡ଼ଖାଇ ଭିତରେ ପୋତି ଦେଇଥିଲେ । ମୁଁ ବର୍ତ୍ତମାନ ଦୃଢ଼ତାର ସହିତ କହିବି ଯେ କୋଣାର୍କ ସୂର୍ଯ୍ୟ ଦେବତାଙ୍କ ଚଳନ୍ତି ପ୍ରତିମା ଏହି ଗୋଟିକ । ଓଃ କି ମୂଲ୍ୟବାନ୍ ଆବିଷ୍କାର ! ଆମ ମିଉଜିଅମ୍‌ରେ ଏହା ସର୍ବଶ୍ରେଷ୍ଠ ସମ୍ପଦ ହେବ ।

ଆନନ୍ଦରେ କୁଳୁକୁଳୁଉଠି ବଟିଆ କହିଲା—"ବାବୁ, ଆପଣ କେତେ ଦେବେ ? ମୁଁ ତ ଆଠଶହ ଟଙ୍କାକୁ ଦେଇନ ।"

ବୃଦ୍ଧ ଆବେଗଭରା କଣ୍ଠରେ କହିଲେ—"ଏହାର ମୂଲ୍ୟ ତୁମକୁ ଦେବ କିଏ ? ଏହା ଅମୂଲ୍ୟ । ଏହା ଏକ ଜାତୀୟ ସମ୍ପଦ । ଜାତିର ହୋଇ ରହିବ । ଏଥିରେ କି ବେପାର କରାଯାଏ ! ତେବେ ତୁମ ତ୍ୟାଗକୁ ଅବହେଳା କରିବି ନାହିଁ । ଚାରି ଶହଟି ଟଙ୍କା ନେଇ ଏ ମୂର୍ତ୍ତିଟି ଦେଇଯାଅ । ଏ ମୂର୍ତ୍ତି ତୁମେ ପାଇ ଦେଇଛ ବୋଲି ଲିପିବଦ୍ଧ ହୋଇ ରହିବ । ତୁମ ଦୁହିଁଙ୍କ ଜୀବନ ଧନ୍ୟ ହେବ । କୋଟି କୋଟି ଲୋକ ଏ ମୂର୍ତ୍ତି ସହ ତୁମ ନାମକୁ ଦେଖିବେ । ଏପରି ଗୌରବ କାହାକୁ ମିଳେ ?"

ଘନିଆ ଓ ବଟିଆ ଉଭୟେ ଭାବିଲେ ଯେ ଶଶୁରପୁଅ ପୁଲିସ ଯଦି କୌଣସି ପ୍ରକାରରେ ସନ୍ଧାନ ପାଇ ମୂର୍ତ୍ତି ପାଖରେ ଆମ ନାଁ କୁ ଦେଖେ, ତେବେ ଆମ ଜୀବନ ଧନ୍ୟ ହେବ କି ଧନଅ ହେପା ହବ ତାହା ଜଳ ଜଳ ଦିଶୁଛି । ବେଇମାନ ଅନାଡ଼ ସାହୁଟା ଯଦି ନ ପାଇଲି ବୋଲି ଝଗଡ଼ା କାଢ଼େ, ତେବେ ସର୍ବନାଶ । ଦୁହେଁ ଭୁଲା ନାଁ ଓ ଠିକଣା ଦେଇ ଟଙ୍କାତକ ବାନ୍ଧି ଆନନ୍ଦରେ ହୋଟେଲ ମାରି ଫେରିଲେ ।

ଫେରିଲାବେଳେ ବଟିଆ ଘନିଆକୁ କହିଲା—"ଦେଖିଲୁ ! ଠିକଣା ଗରାଖ ମିଳିଲେ ବେପାର କେମିତି ଜମେ ?"

Digitized by srujanika@gmail.com

# ଚେଢ଼ିଆ କପାଳ

ଭେଣ୍ଡି କିଆରିକୁ ଦେଖିଲା ମାତ୍ରେ ମଣିଆର ପେଟ ପୂରିଯାଉଥାଏ । ଛାତି କୁଣ୍ଢେମୋଟ ହୋଇଯାଉଥାଏ । ଗଛଗୁଡ଼ାକ କଳା । କୁଳି ପରି ପତରମାନ ମେଲାଇ ଦେଇଥାଏ । ହଳଦିଆ ରଙ୍ଗର ଫୁଲ ସବୁ ଦେହରେ ଅଳଙ୍କାର ଝଞ୍ଜା ହେଲା ପରି ଦିଶୁଥାଏ । ବର୍ଚ୍ଛା ଅଗ ପରି କଞ୍ଚିସବୁ ମୁନେଇ ଆସୁଥାଏ । ପ୍ରତ୍ୟୁଷେ ଉଞ୍ଚ ଗଛଗୁଡ଼ାକ ଯେତେବେଳେ ପବନରେ ଦୋହଲିଯାଏ, ମଣିଆ ସେତେବେଳେ ଝଲସିଉଠେ । ତା ମନଟା ବି ଗଛ ସଙ୍ଗେ ତାଳ ଦେଇ ଦୋହଲିଯାଏ । ବୈଶାଖ, ଜ୍ୟେଷ୍ଠ ମାସରେ ନିଜକୁ ଖରାରେ ପୋଡ଼ି, ଗଛଗୁଡ଼ିକୁ ଟୋପେ ଟୋପେ ପାଣି ଦେଇ କୌଣସି ପ୍ରକାରେ ବଞ୍ଚେଇ ରଖିଥିଲା ବୋଲି ଆଜି ଗଛମାନେ ଏପରି ଲହଡ଼ି ଖେଳୁଛନ୍ତି । ନିଜ ପୌରୁଷ ଉପରେ ମଣିଆର ଆସ୍ଥା ଆସିଲା । ସାଥୀମାନଙ୍କର ପ୍ରଶଂସା ତା' ମନକୁ ଆହୁରି କୁଣ୍ଢେମୋଟ କରିଦେଲା । କ୍ଷେତ ଚାରିପାଖରେ ବଲ୍ଲ ପରି ବାଡ଼, ଛନଟା କାମୁଡ଼ା ଦିଆହୋଇ ଅତି ନିଘଞ୍ଚ ଭାବରେ ବୁଜା ହୋଇଛି । ମୂଷାଟିଏ ବି ଗଳିବାର ଯୁ ନାହିଁ । ସାଥୀ ଧୋବେଇ ତା ପିଠିରେ ହାତମାରି କହିଲା, "କାଳିଆ ଷଣ୍ଢ ମୁହଁରୁ ଉବୁରିଲେ ଏକା ଭେଣ୍ଡି କିଆରିରୁ ସବୁ ଟଙ୍କା ଆଦାୟ ହୋଇ କିଛି ହାତପେଠ ହୋଇଯିବ । ବାକି ଫସଲତକ ଅଧିକା ଲାଭକୁ ରହିଲା ।" ମଣିଆ ବି ମନେ ମନେ ଭେଣ୍ଡି ପଇସାରେ ମହାଜନ ଘରୁ ଘରଯାର ଗହଣାଗାଣ୍ଠି ମୁକୁଳାଇ ଆଣି ତା ଦେହରେ ପୁଣି ପିନ୍ଧାଇଦେବ । ଘରଯା ପାଇଁ ଖୁବ୍ ମଜବୁତିଆ ମାଣିଆବନ୍ଧ କସ୍ତା ଓ ନିଜ ପାଇଁ ମାନ୍ଦ୍ରାଜି ଧୋତି ଖଣ୍ଡେ ଆଣିବାକୁ ଛାଡ଼ିବ ନାହିଁ । ବହୁତ ଦିନ ହେଲା ଘରଯାଟା ଲଗେଇଥିବ ବାଇସିକୋପ ଦେଖିବାକୁ । ଟିକଟ କିଣିବାକୁ ଗଲାବେଳକୁ କାଳିଆ ଷଣ୍ଢଟା ତା ମନ ଭିତରେ ବାଡ଼ ଭାଙ୍ଗି ପଶିଗଲା । ସେ ଚମକି ପଡ଼ି କିଆରି ଆଡ଼େ ଚାହିଁଦେଲା, ଦେଖିଲା, ଗଛଗୁଡ଼ାକ ଆନନ୍ଦରେ ଲହଡ଼ି ଖେଳୁଛନ୍ତି । ଚାରିପାଖ ବୁଲି ବାଡ଼ ତନଖି କଲା । ଦେଖିଲା ସବୁ ଠିକ୍ ।

ନାହାକଠାରୁ ଶୁଭବେଳ ବୁଝି ମଣିଆ ବଡ଼ ସକାଳୁ ଭେଣ୍ଡି କିଆରିରେ ପଶି ଅନୁକୂଳ କଲା । ସାଙ୍ଗ ଧୋବେଇ ବି ସାଙ୍ଗରେ ଥାଏ । ଭେଣ୍ଡି ଅଁଷ ଲାଗି ଦିହ ଗଲଗଲ ହେଉଥାଏ । କେତେ ଜାଗା ଘର୍ମ ହୋଇ ଲହୁଲୁହାଣ ହୋଇଗଲା ।

Digitized by srujanika@gmail.com

ବୁଢ଼ୀଙ୍କର ସେଥିପ୍ରତି ନଜର ନଥାଏ । ଓଲଟି ଲଡୁକୁ ଭେଣ୍ଡି ପଥରରେ ଘଷି ଦେଉଥାନ୍ତି । ମଣିଷ ଲଡୁ ଖାଇଲେ ଭେଣ୍ଡିଗଛ ଆହୁରି ତେଜିବ, ବେଶି ଫଳିବ । ଭେଣ୍ଡି ଛୁଣ୍ଡେଇଲାବେଳେ ଯୋଉ ଗଛଟା ବେଶି ଝିଙ୍କି ହୋଇଯାଉଥାଏ, ତାକୁ ମଣିଆ ସ୍ନେହରେ ଆଉଁସି ଦେଉଥାଏ ।

ପହିଲି ଫଳଟା ମହାଦେବଙ୍କର । ବେପାରିଦିଆ ଅଢ଼େଇ ଟଙ୍କାକୁ ମଣିଆ ମୁଣ୍ଡରେ ମାରି ଅଣ୍ଟାରେ ଖୋସିଲା । ଗାଧୂଆ ପାଧୂଆ ସାରି, ସେ ଟଙ୍କାରେ ଲଡୁଣୀ, କନ୍ଦ, କଦଳୀ ଓ ମିଠେଇ କିଣି ସେ ସିଧା ମହାଦେବଙ୍କ ମନ୍ଦିରକୁ ଗଲା । ବ୍ରାହ୍ମଣ ଲଡୁଣୀ, କନ୍ଦ ମହାଦେବଙ୍କ ମୁଣ୍ଡରେ ମନ୍ତ୍ର ପଢ଼ି ଘଷୁଥାଏ । ମଣିଆ କିନ୍ତୁ ସେଥିକରେ ସନ୍ତୁଷ୍ଟ ହେଲା ନାହିଁ । ବ୍ରାହ୍ମଣଠୁ ମେଞ୍ଚାଏ ଲଡୁଣୀ କନ୍ଦ ଆଣି ଟିକିଏ ଦୂରକୁ ଥିବା ପଥର ବୃଷଭ ମୂର୍ତ୍ତି ପାଖଆଡ଼େ ଭଲକରି ଘଷିବାକୁ ଲାଗିଲା ଓ ମନେ ମନେ ନିଜ ମାନସ ଜଣାଇଲା, "ହେ ବୃଷଭ ଦେବତା, ସେ ଶଳା କାଳିଆପଣ୍ଡ ଭିତରେ ଦୟାକରି ବଳେ ଭର, ତାକୁ ବୁଦ୍ଧି ଦିଅ, ଯିମିତି ମୋ କିଆରି ନ ଉଜାଡ଼େ ।"

ଦିନେ ଗୁଡ଼ା ପୁଣି ଦି'ଜଣଯାକ କିଆରିରେ ପଶିଲେ । ସେଦିନ ଭେଣ୍ଡି ହେଲା ଛଅ ଟଙ୍କାର । ତା ବାଦ ମଣିଆ ଧୋବେଇକୁ କିଛି ଭେଣ୍ଡି ଦେଲା ତ ଘର ପାଇଁ କିଛି ରଖିଲା । ଧୋବେଇ ମୁନେଇ ଆସିଥିବା କଷିଗୁଡ଼ାକ ଦେଖି ମତ ଦେଲା ଯେ, ଆଉ ପାଳିକୁ ଟଙ୍କା ଆଠ ଦଶଟା ଘରେ ଥୁଅ । ଖୁବ୍ ପାଞ୍ଚ ପାଳିଯାଏ ଏମିତି ମିଳିବ । ସାଢ଼କୁ ଭେଣ୍ଡି ବେଶି ଫଳିଲେ ବି ଯୋଉତାକୁ ସେଇତା । ଭେଣ୍ଡି ଲାଭ ସାଢ଼କୁ ଜମିଯିବ । ପରିସ୍ଥିତିର ସୌନ୍ଦର୍ଯ୍ୟ ଦର୍ଶନରେ ମଣିଆ ଏତେ ମଜ୍‌ଗୁଲ ହୋଇଯାଇଥିଲା ଯେ ଭବିଷ୍ୟତ ଆଡ଼କୁ ତା'ର ଦୃଷ୍ଟି ଗଲାନାହିଁ ।

ପରଦିନ ବଡ଼ି ଭୋରରୁ ମଣିଆ ଆନନ୍ଦର ଉଷ୍ମତାରେ ଦେହ ଉଲୁସାଇ ବିଲ ଭିତରକୁ ପଶିଲା । ଆଖି ଯୁଆଡ଼କୁ ବୁଲାଇ ଯାହା ଦେଖିଲା, ସେଥିରେ ସେ କାଠ ପାଲଟିଗଲା । ପୁଷମାସିଆ କନକନିଆ ଶୀତ ତାକୁ ଘୋଟିଗଲା । ଦୁଇ ଟୁଆ ପୁଅଙ୍କଠାରୁ ଅଧିକ ସ୍ନେହ କରିଥିବା ଭେଣ୍ଡି ଗଛମାନଙ୍କ ମଧ୍ୟରୁ ଗୋଟିକର ସନ୍ଧାନ ନାହିଁ । ମାତ୍ର କେତୋଟି ଥୁଣ୍ଟା ତାଙ୍କ ଅସ୍ତିତ୍ୱର ସାକ୍ଷୀରୂପେ ଠିଆହୋଇଛି । ବାଡ଼ ତନଖି କରି ଦେଖିଲା ଗୋଟାଏ ଜାଗାରେ ମେଲା । ଗଟାଯାକ କାମୁଡ଼ାଭିଡ଼ି ଚୂନ୍‌ଭୂନ୍ । କାଳିଆ ପଣ୍ଡ ଛଡ଼ା ଏହା ଆଉ କାହାରି କାମ ନୁହେଁ । ଗୋଡ଼ଆଡ଼୍ ତା'ର ସଗ ଶିର୍‌ଶିର୍ ହୋଇଉଠି ମୁଣ୍ଡ ଗରମ କରିଦେଲା । ଗର୍‌ରଗର୍‌ର ହୋଇ ସେ କହିଲା, "ଶଳା ହାବୁଡ଼ରେ ଏଇକ୍ଷଣି ପଡ଼ନ୍ତା କି ଫାର୍ଶାରେ ପୋଛିଦିଅନ୍ତି । ଦାନ୍ତରେ କୁଟା, ବେକରେ ପାଳଦଉଡ଼ି ପଛେ ପକେଇଲେ ପକାନ୍ତୁ ।" ମହାଦେବଙ୍କ

Digitized by srujanika@gmail.com

ନୂଆଣ୍ଡ ଉପରେ ବି ରାଗ ହେଲା । ଭାବିଲା ଏତେ ଲକ୍ଷଣୀ, କନ୍ଦ ତା ପଛରେ ଘସିଲି, ସବୁ ବୃଥା ହେଲା । ମନରେ ସ୍ଥିର କଲା—"ଆଜି ଶଳା ଷଣ୍ଢଟାକୁ ଜବତ୍ କରିବ, ତା ବଦମାସିର ବଦଳା ନେବ । କିଛି ନ ହେଲେ ଗୋଟାଏ ଗୋଡ଼ର ଟାଙ୍କି ଛେଚି ଭାଙ୍ଗିଦେବ, ଯେମିତି କାଲକାଲକୁ ଆଉ ଦୁଷ୍ଟାମି କରିପାରିବ ନାହିଁ ।"

ଧୋବେଇ ଦେଖି ସମବେଦନା ଜଣାଇଲା । ଭଙ୍ଗାବାଡ଼କୁ ଭଲ କରି ପରୀକ୍ଷା କରି କହିଲା—"ବାଡ଼ଟା ଏଇଠି ଟିକିଏ ପତଳା ଥିଲା । ଶଳାଟା ସେଇଥିଲାଗି ମାଡ଼ିଦେଲା । ଏଠି ଦୁଇଟା ଗମ୍ବୁଲ ପୋତିଦେଇ ବାଡ଼ ବୁଜିଦେ, ତା ବୋପା ବି ଝୁଙ୍କିଇ ପାରିବ ନାହିଁ । ଆଉ ସବୁଆଡ଼େ ଟାଣ ଅଛି । ଶଳାଟା ଏଇଠି ବାଟ ଫିଟେଇଛି । ଏଇ ଲାଗ୍ ଲାଗ୍ ନିଶ୍ଚେ ଆସିବ । ଦେ ତାକୁ ଗମ୍ବୁଲ ପୋତି ବୁଜିଦେ ।"

ଗର୍ଜିଉଠି ମଣିଆ କହିଲା—"ନା ଶଳାକୁ ନିଶ୍ଚେ ଜବତ୍ କରିବ—ତା ଟାଙ୍କି ଛେଚିବ । ଶଳା ତ ଏଇବାଟେ ଆଜି ନିଶ୍ଚେ ଆସିବ, ପାକଳ ଦଉଡ଼ିରେ ଫାଶ ବସେଇ ଶଳାକୁ ଧରିବ ।"

"ଷଣ୍ଢଟାକୁ ଧରି କରିବୁ କଅଣ ? କାଞ୍ଜିଆଗଦା କଅଣ ତାକୁ ରଖିବ ? ଓଲଟା ଚୋର ଖିଆଇବା ହିଁ ସାର ହେବ । ଦେ ବୁଜିଦେ କେତେ ଲୋକ ଲାଗିଲେଣି ଧରିବାକୁ ଶଳା ମହା ତରକା ରାତରେ ବି ଅନ୍ଧାର ସାଙ୍ଗେ ମିଶିଯାଉଛି । ରାତରେ ଜଗିଲେ ବି ଜାଣିହେଉନି ।"

ମଣିଆ ମନ ତେବେ ବି ମାନିଲା ନାହିଁ । ସେ ଭାବିଲା ଷଣ୍ଢ ତ ଏଇବାଟେ ନିଶ୍ଚେ ଆସିବ, ଖୁଲାଖିଁ କରି ଫାସ ବସେଇଲେ ତା' ବୋପା ପଡ଼ିବ । ପାକଳ ଦଉଡ଼ିକୁ କ'ଣ ଛିଣ୍ଡେଇ ପାରିବ ଯେ କିଆରିରେ ପଶି ଖାଇବ ।

ଉଭୟେ ରାଜି ହୋଇ ଫାସ ବସେଇଲେ, ଦଉଡ଼ିକୁ ଲଟା ପତରରେ ଲୁଚେଇଦେଲେ ।

ବଡ଼ ଭୋରରୁ ମଣିଆ ଠେଙ୍ଗା, ଫାର୍ଶା, ଦଉଡ଼ି ନେଇ ବିଲକୁ ଧାଇଁଲା ! ଦୂରରୁ ଚାହିଁ ଦେଖିଲା ଷଣ୍ଢର ସନ୍ଧା ନାହିଁ । ଭାବିଲା କାଳି ଆଉ କାହା ବାଡ଼ରେ ପଶିଛି, ଆଡ଼େ ଆସିନାହିଁ । ପାଖକୁ ଯାଇ ଦେଖେ ତ କଥା ଶେଷ । ଅଧା ଭେଣ୍ଡିଗଛ ଚଉଠରୁ ଅଧିକ ବୃଦ୍ଧି ପାଇଛି । ଫାସ ଗ୍ରୁଏଁ ଫାସ ଝୁଲୁଛି । ଧୋବେଇ ସବୁ ଦେଖି କହିଲା—"ମୁଁ ସବୁ କହୁଛି ସେ ଶଳା ମହା ଚାଲାଖ । ଥୋମଣିରେ ଫାସକୁ ଟେକିଦେଇ କିଆରିରେ ପଶିଛି ଓ ଯେମିତି ବାହାରି ଯାଇଛି । ଶଳାଟା ଦଉଡ଼ିର ବାସନା ବାରିପାରେ । ଦେ, ଏଥର ବାଡ଼ ବୁଜିଦେ ।'

Digitized by srujanika@gmail.com

'ନା, ଏଥର ଡବଲ ଫାସ ବସେଇବ । ଉପର ଫାସକୁ ଟେକ ଖସିଲେ ତଳ ଫାସରେ ପଡ଼ିବ । ଶଳା ମୋତେ ଏତେ ଅବସ୍ଥା କଲଣି, ମୁଁ ତାକୁ ଛାଡ଼ିବ ? ଶଳାର ଦଫାରଫା କରିବ ।'

ଅତି ସତର୍କତାର ସହିତ ସେଦିନ ଡବଲ ଫାସ ବସାଗଲା । ବଡ଼ିସକାଳୁ ଧୋବେଇ, ମଣିଆ ଦୁହେଁ ବିଲକୁ ଧାଇଁଲେ । ଯାହା ଦେଖିଲେ ସେଥିରେ କଲିଜା ଥଣ୍ଡା । ଥୁଣ୍ଟାଗଛ ଅଧାରୁ ବାରଣା ଯାଏ ବଢ଼ିଛି । ଗୋଟାଏ ବୁଲା ଗାଈ ଫାସରେ ପଡ଼ିଛି । ଶଳା କାଳିଆ ଷଣ୍ଢଟା ପେଟ ଫିଙ୍କି ପରି କରି ଗାଈ ପାଖରେ ଠିଆ ହୋଇଛି । ମଣିଷ ଦେଖିବା ମାତ୍ରେ ଷଣ୍ଢ ଛୁ' ଦେଲା । ଗାଈଟାକୁ ବାହାରେଇବାକୁ ଉଠନ୍ତେ ଧୋବେଇ ମଣିଆକୁ ଅଟକାଇ କହିଲା—"ତାକୁ କିଆଁ ମାରୁଛ, ସେ କ'ଣ ଖାଇଛି ? ସେ ଫାସରେ ପଡ଼ିଯିବାରୁ ପରେ ଷଣ୍ଢ ପଶିବାକୁ ବାଟ ସଫା ହୋଇଗଲା । ଦେ ଏଥର ବୁଜିଦେ ।" ମଣିଆ କି ମାନେ ? ସେ କହିଲା—"ଶଳା ମୋତେ ତ ବୁଢ଼େଇ ଦେଲଣି, ତାକୁ ମୁଁ କେବେ ଛାଡ଼ିବ ନାହିଁ ଶଳାକୁ ଗାତରେ ପକାଇ ମାରିବ ।'

ଦୁଇଜଣଯାକ ସିଦ୍ଧାନ୍ତ କରି ସେଇ ବାଟକୁ ଲାଗି ଗୋଟିଏ ଦେଢ଼ ପୁରୁଷିଆ ଖଣି ଖୋଳିଲେ । ସବୁ ଡାଳ ପତର ଘୋଡ଼ାଇ ମାଟି ଚଳେଇଦେଲେ । ଠିକ୍ ଭୂଇଁ ସାଙ୍ଗରେ ମିଶିଗଲା । ଧୋବେଇର ଏଥର ବିଶ୍ୱାସ ହେଲା, ଷଣ୍ଢ ଏଥର ନିଶ୍ଚୟ ପଡ଼ିବ । ବାଟ ମୁହଁକୁ ଚାହିଁ ସେ ଦେଖିଲା ଡାଳ, ଲଟାଗୁଡ଼ାକ ଅଲୁରୁବାଲୁରୁ ହୋଇ ବାଟକୁ ଘୋଡ଼ାଇ ଦେଇଛି । ତାକୁ ସଫା କରିଦେବା ଦରକାର । ମୁହଁ ପାଖକୁ ଆଉ ଯାଇହେବ ନାହିଁ । ତାକୁ ଲାଗି ଖଣିଟା ଖୋଳା ହୋଇଛି । ତେଣୁ ଧୋବେଇ ଛଅ ସାତ ହାତ ଦୂରରେ ବାଡ଼ର କାମୁଡ଼ା ଉପର ଓ ତଳକୁ ଖସାଇଦେଇ ବାଡ଼ରେ ଗୋଟିଏ ବାଟକଲା ଓ ଆରପଟକୁ ଯାଇ ବାଟକୁ ଆବୋରିଥିବା ଲଟା, ପତର, ଡାଳସବୁ ଛିଞ୍ଚି ସଫା କରିଦେଲା । ବାଡ଼ ଭିତର ଦେଇ ଫେରି ଆସିଲାବେଳେ ଯାହା ତାହା କରି ବାଡ଼କୁ ସଜାଡ଼ିଦେଲା । ସବୁଆଡ଼ୁ ସାହାଯ୍ୟ ନେବା ଉଚିତ୍ । ଦେବତା ଆଶ୍ରୟ ନେଲେ କ୍ଷତି କ'ଣ ? ତା ପରାମର୍ଶରେ ମଣିଆ ମହାଦେବଙ୍କ ପାଖରେ ବଟାଏ ଭାଙ୍ଗ, ସିଠେଇ ଭୋଗ କରି ନିଜେ ଖାଇଲା ଓ ଧୋବେଇକୁ ଦେଲା । ମାଟିଖୋଳା ମକରାଟା ଭାଙ୍ଗରେ କମିଯାଏ ବୋଲି ସେ ଶୁଣିଥିଲା ।

ଭାଙ୍ଗର ଘମାଘୋଟ ନିଦ ଭାଙ୍ଗିଲା ବେଳକୁ ମଣିଆ ଦେଖିଲା ଖରା ପଡ଼ିଗଲଣି । ଷଣ୍ଢ କଥା ମନେପଡ଼ିଗଲା । ଚଟାପଟ ଉଠିପଡ଼ିଲା । ଭାଙ୍ଗ ନିଶାଟା ପୂରାପୂରି ଛାଡ଼ି ଯାଇଥାଏ । ଘର ଶୂନ୍‌ଶାନ, ଭାରିଯା ଓ ଦୁଇ ପୁଅ କାହାରିକୁ ବି ଦେଖିଲା ନାହିଁ ।

Digitized by srujanika@gmail.com

ଗାଧୋଇ ଯାଉଥିବେ ଭାବ ସେ ଅଧୁଆ ମୁହଁରେ ଟଳି ଟଳିକା ଚାଲିଆଡ଼େ ଗଲା । ଭେଣ୍ଡି କଥାରକୁ ଦେଖିଲା ସବୁ ସାଫ୍ । ଭଣ୍ଡାର ଖୁବରେ ଲଣ୍ଡା କରଦେଲା ପରି ଦଶୁଛି । ଝଣିଆଡ଼େ ଚାହିଁଲା, ଦେଖିଲା ମାଟି ଧସିଯାଇଛି । ଟିକଏ ଆଶ୍ୱାସନା ପାଇଲା । ଶଳା ଖାଉ ପଛେ ଖାତରେ ପଡ଼ିଛି । ଗୋଟାଏ ଗୋଡ଼ ଚାଲୁଥିଲ ହାଣିଦେବ । ଟଳି ଟଳି ଓ ତର ତର ହୋଇ ଖଣିଆଡ଼େ ଗଲା । ଧୋବେଇ ପାଟି ବି ଠିକ୍ ଏତିକବେଳେ ଦୂରରେ ଶୁଭିଲା ।

ଖଣି ଭିତରୁ ଷଣ୍ଢ ଶବ୍ଦ ପରିବର୍ତ୍ତେ ମିଳାମିଶା ଏକ ଅଦ୍ଭୁତ ସ୍ୱର ଶୁଣି ମଣିଆ ଚମକିପଡ଼ିଲା । ଭଙ୍ଗୁଆ ଆଖିରୁ ଜଲକର ମଳି ଓ ଝାଡ଼ିଦେଇ ଭିତରକୁ ଚାହିଁଲା, ଦେଖିଲା ତା'ର ଭାରିଯା ଓ ଦୁଇପୁଅ । ଆବେଗରେ ସେ ଖଣିର ଫନ୍ଦ ପର୍ଯ୍ୟନ୍ତ ଚାଲିଗଲା । ଟଳି ମଟଳ ଗୋଡ଼ଟାକୁ ସିଧା ରଖିପାରିଲା ନାହିଁ । ଫନ୍ଦରୁ ଗୋଡ଼ତଳ ମାଟି ବି ଧସିଗଲା । ପରିବାର ସହିତ ସେ ବି ଖଣି ଭିତରେ ବନ୍ଦୀକଲା । ତା' ମୁହଁରେ କଥା ନାହିଁ, ମୁଣ୍ଡରେ ବି କିଛି ପଶୁନାହିଁ । ଭାରିଯା ବୁଝେଇଦେଲା—

"ଭୋର୍‌ରୁ ତମକୁ ଡାକିଲି, ତମେ ଉଠିଲ ନାହିଁ । ଝିଅ ଦୁ'ଟା ଷଣ୍ଢକୁ ଗାତରେ ଦେଖିବେ ବୋଲି ମନା କରୁ କରୁ ଦଉଡ଼ି ଆସିଲେ । ହାଣ ଅଛି ଲଭ ଅଛି ଭାବି ମୁଁ ବି ତାଙ୍କ ପଛେ ପଛେ ଆସିଲି । ଝିଅ ଦୁ'ଟା ଖମା ଓ ଭୁଲି ବାରି ପାରିଲେ ନାହିଁ । ହାଁ ହାଁ କରୁ କରୁ ଧସ୍‌ଧସ ହୋଇ ଦହେଁ ଗଳିପଡ଼ିଲେ । ଫନ୍ଦ ପାଖରେ ବସି ଉଠାଇବାଲାଗି ହାଣ ବଢ଼ଉଛି, ଏତିକବେଳକୁ ଫନ୍ଦରୁ ମାଟି ଧସିଗଲା, ମୁଁ ବି ପଡ଼ିଗଲି । ବସିଛୁ ତମେ ଆସିଲେ ଉଠେଇବ ।"

ଯାହାହେଉ ଧୋବେଇ ଚେଷ୍ଟାରେ ସମସ୍ତେ ଉଠିଲେ । ସେ ଚାରିଆଡ଼ ତଲାସ କଲା । ଯେଉଁଠାରେ ସେ ବାଡ଼ କଣା କରି ଆରପଟକୁ ଯାଇଥିଲା, ସେଇଠି ଷଣ୍ଢ ମାଡ଼ ଦେଇଛି । ଆରପଟକୁ ଯାଇ ଦେଖିଲା, ଷଣ୍ଢ ପାଦଚିହ୍ନ ଖଣିଯାଏ ଯାଇ ନୂଆ ବାଟଯାଏ ଫେରିଆସିଛି ।

ଧୋବେଇ କହିଲା, "ଶଳା ଜସ୍ କନ୍ଦରରେ ଜାଣି ପକେଇ ଆଉ ସେ ବାଟେ ଗଲା ନାହିଁ । ସନ୍ଦେହକୁ ସାବ୍ୟସ୍ତ କରିବା ପାଇଁ ବାଟ ମୂଳରେ ଆଗ ଗୋଡ଼ ଦବ - ସିବାର ଗୋଟିଏ ଚିହ୍ନ ଥିଲା ।

ପ୍ରବୋଧ ଦେଇ ସେ ମଣିଆକୁ କହିଲା, "ଦେଖିଲୁ ତ, ଚେଟ୍ଟିଆ କପାଳ ନ ନ ହେଲେ ଘରର ଷଣ୍ଢଟାଠାରୁ ଗଞ୍ଜଣା ସହିବାକୁ ପଡ଼ି ନଥାନ୍ତା । ଚାଲ ଏଥର ବାଡ଼ ବୁଜିଦେବା ।" ମଣିଆ ଆଉ ଆପତ୍ତି କଲା ନାହିଁ ।

Digitized by srujanika@gmail.com

# ଦେଶୀ ଜର୍ଜ ୱାଶିଂଟନ

ପେନ୍‌ସନ୍ ଦିନ ଆସିଗଲେ ପ୍ରାୟ ସଭିଏଁ ଉପରିସ୍ଥ କର୍ମଚାରୀଙ୍କୁ ପୂଜା ଅର୍ଚ୍ଚନା, ତେଲ ଆଉ ଅଷ୍ଟ ଉପଚାର ଦ୍ୱାରା ମୁଗ୍ଧ କରାଇ ଚାକିରିରେ କାର୍ଯ୍ୟକାଳ ବଢ଼ାଇ ଥାଆନ୍ତି । ବ୍ରଜସୁନ୍ଦର ଓରଫ ବାଜ ଦାସଙ୍କ କଥା କିନ୍ତୁ ନିଆରା । ଉପରିସ୍ଥ କର୍ମଚାରୀ, ସହକର୍ମୀମାନେ ହଜାରେ ବୁଝେଇଲେ ସୁଦ୍ଧା ପେନ୍‌ସନ୍ ହେବା ତାରିଖରୁ ଦିନେ ସୁଦ୍ଧା ଚାକିରି ବଢ଼େଇବାକୁ ସେ ରେକ୍‌ଠୋକ୍ ନାସ୍ତି ବାଣୀ ଶୁଣେଇଦେଲେ । ଚାକିରି ଭିତରେ ତାଙ୍କ ପ୍ରାଣଟା ଯେମିତି ତାତିଆ ଉପରେ ଜାଆନ୍ତା କେଉଣ୍ଟି ପରି ଛଟପଟ ହେଉଥିଲା । ସଲାମ ପକେଇ ହାତ ଯୋଡ଼ିଲେଇ ହୋଇ ଯାଇଥିଲା, 'ଅଜ୍ଞା, ଅଜ୍ଞା' କହି ପାଟିରୁ ବଡ ବାହାରି ପଡ଼ୁଥିଲା । କାଗଜରେ ସହି ସହି ହାତରେ କଣ୍ଟି ହୋଇଯାଇଥିଲା । ଦୀର୍ଘ ତିରିଶ ବର୍ଷ ଚାକିରି ଘଣାରେ ପେଷି ହୋଇ ସେ ସବୁ ସାଧାରଣ ଜ୍ଞାନ ଭୁଲିଯାଇଥିଲେ । ଗୋଟିଏ କଥା କିନ୍ତୁ ସେ ଭୁଲି ପାରି ନଥିଲେ । ତାହା ହେଉଛି 'ଭାରତ କୃଷିପ୍ରଧାନ ଦେଶ ଅଟେ' । ଚାକିରିରୁ ବିଦାୟ ନେବା ଦିନ ତାଙ୍କ ମୁହଁରୁ ସମସ୍ତେ ଅନବରତ ଶୁଣିବାକୁ ପାଇଲେ –'ବାଣିଜ୍ୟେ ବସତେ ଲକ୍ଷ୍ମୀ, ତଦର୍ଦ୍ଧଂ କୃଷି କର୍ମଣି' । ବାଣିଜ୍ୟକୁ ତ ମାରୁଆଡ଼ି ଓ ଗୁଜଟିଆମାନେ ଏକଚାଟିଆ କରିନେଲେ । ଆମ ଓଡ଼ିଆଙ୍କ ପାଇଁ ରହିଲା କୃଷି । ଏଇଟା ବାଜ ଦାସଙ୍କ ଆଖିରେ ଝଲସି ଉଠିଲା ।

ଘରକୁ ଲାଗି ରହିଥିବା ପ୍ରାୟ ଦେଢ଼ ଏକର ପଡ଼ିଆ ପୈତୃକ ଜମି ଉପରେ ବାଜ ଦାସେ ତାଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଓ ପେନ୍‌ସନ ଟଙ୍କାକୁ ଖଞ୍ଜିଦେଲେ । ଖଞ୍ଜିବାରେ ବି କିଛି ବାଧା ନ ଥିଲା । ୨୫ ବର୍ଷିଆ ସବା ବଡ଼ପୁଅ ଓ ୮ ବର୍ଷିଆ ସବା ସାନପୁଅ ଭିତରେ ଖାହଡ଼େ ଝିଅ ସଂସାରରୁ ବିଦାୟ ନେଇ ଯାଇଥିଲେ । ବଡ଼ପୁଅ ଚାକିରି କରି ସାନପୁଅର ଖବର ନେଉଥିଲା । ଚାହାଳୀରେ ମାଷ୍ଟର ଦରମା, ବହିପତ୍ରର ଖର୍ଚ୍ଚ ଠିକ୍ ମାସକୁ ମାସ ଯୋଗାଇ ଦେଉଥିଲା । ବାଜ ଦାସଙ୍କ ସବୁଆଡ଼ୁ ନିଶ୍ୱାସ । ସେ ମନପ୍ରାଣ ବଗିଚାରେ ପୂରାପୂରି ଲଗେଇଦେଲେ । ଦୁଇଟା ତିନିଟା ବର୍ଷ ଭିତରେ ବଗିଚାଟି ହସିଉଠିଲା । ହରେକ ରକମ ଫୁଲ ଓ ଫଳ ଗଛରେ ବଗିଚାଟି ଭରିଉଠିଲା । ବାଜ ଦାସେ ପୁଅ ମାଇପ ସହ ନିଜକୁ ବି

Digitized by srujanika@gmail.com

ଭୁଲିଗଲେ । ଗଛ ପ୍ରତି ମାୟା ମମତା ଏତେ ବଢ଼ିଗଲା ଯେ ସେ ବିଦେଶରୁ ଅଣାଇ ଲଗେଇଥିବା କେତୋଟି ମୂଲ୍ୟବାନ୍ ଗଛ ମୂଳରେ ଗୋଟିଏ ପିଣ୍ଡି ତିଆରି କରି ବିଶ୍ରାମ ସମସ୍ତଙ୍କ ସେହିଠାରେ କଟେଇଲେ ।

ଦିନେ ବଗିଚା ବୁଲି ଆସିଥିବା ଜଣେ ସାଙ୍ଗ ସେ ଗଛରୁ ଗୋଟିଏ ପତ୍ର ଛିଣ୍ଡେଇ ଦେଲେ । ଆଉ ବାଳ ଦାସଙ୍କୁ ସମ୍ଭାଳେ କିଏ ? ସତେ କି ଯେପରି ତାଙ୍କର ଗୋଟାଏ କାନ କିଏ ଛିଣ୍ଡେଇ ନେଲା । ଯନ୍ତ୍ରଣାରେ ସେ ଚିତ୍କାର କରିଉଠିଲେ—"ଓହୋ ହୋ ହୋ, କଅଣ କଲ, ତଟକା ପତ୍ରଟି ଛିଣ୍ଡେଇ ଦେଲ ! ଗଛଟିକୁ କେତେ ବାଧୁ ନ ଥିବ । ତା'ର ଜୀବନ ଅଛି, ସେ ମଧ୍ୟ ଅନୁଭବ କରିପାରୁଛି । ବାଳଟାଏ ତୁମର ଓପାଡ଼ି ଦେଲେ ତୁମକୁ କେତେ କଷ୍ଟ ନ ଲାଗୁଛି । ମୋ ଗଛ ହାଲିଆ ହୋଇ-ଯାଇଥିବ ।" ଏତିକି କହି ସେ ଗଛକୁ ବାରମ୍ବାର ଆଉଁସି ପକେଇଲେ । ସାଙ୍ଗ ଜଣକ ଆମୋଦକୁ ପେଟରେ ଚିପିରଖି ବଗିଚାରୁ ପଳେଇଗଲେ । ଏହି ଘଟଣା ପରେ ଅନ୍ୟ କେହି ତାଙ୍କ ଗଛରେ ହାତ ଦେବାକୁ ସାହସ କରନ୍ତି ନାହିଁ ।

ଯେ ପର୍ଯ୍ୟନ୍ତ ପିଜୁଳି, ଅମଳା, ଗୋଲାପଜାମୁ, ଜାମୁରୋଳି ଗଛସବୁ ଫଳି ନ ଥିଲା, ସେ ପର୍ଯ୍ୟନ୍ତ ସାନ ପୁଅ ବଗିଚା ପ୍ରତି ଆକୃଷ୍ଟ ହୋଇ ନ ଥିଲା କି ବାପାଙ୍କର ବିରାଗଭାଜନ ହୋଇ ନ ଥିଲା । ଗଛ ଫଳିବା ସଙ୍ଗେ ସଙ୍ଗେ ବଗିଚାକୁ ବିପଦ ଘୋଟି-ଆସିଲା । ବାଳ ଦାସେ ସାନ ପୁଅ ଦାଉରେ ଅତିଷ୍ଠ ହୋଇପଡ଼ିଲେ । ମେଞ୍ଚାଏ ଟୋକାଟାଏ, ବାପାକୁ ବି ସତରଘଟା ଚିତା କାଟିବାରେ ସିଦ୍ଧହସ୍ତ । ଟିକିଏ ଆଖି ବୁଜିଲେ ପିଜୁଳି ଗଛକୁ ଉଠିଯାଇ ଗୋଟାଏ ଦୁଇଟି ଡାଳ ମୋଡ଼ି ପିଜୁଳି ନେଇ ଚମ୍ପଟ୍ । ରାଗରେ ଅଥୟ ହୋଇ ବାଳ ଦାସେ ରଡ଼ି ଛାଡ଼ନ୍ତି—"ହାଃ ଅଲକ୍ଷଣା, ମାଙ୍କଡ଼, ପିଜୁଳି ଗୋଟାଏତ ମାଗିନେଇ ଖାଇଥାଆନ୍ତୁ, ଏତେ ଡାଳ ଭାଙ୍ଗିଲୁ କାହିଁକିରେ ଚଣ୍ଡାଳ ।" ବାପାର ଏ ଚଡ଼ଭଡ଼ ପ୍ରତି ପୁଅର ଅଳ୍ପ ଖାତିର ଥାଏ । ସେ ଭଲକରି ଜାଣିଥାଏ ଯେ ବୋଉ ପୁରସ୍କାର ତା ପଟେ ।

ପୁଅ ଏଭଳି ବଗିଚାରେ ଲୁଟପାଟ କରିଥିଲେ ଚଳି ଯାଇଥାଅନ୍ତା । କିନ୍ତୁ ବଗିଚାର ଐଶ୍ୱର୍ଯ୍ୟ କଥା କ୍ରମେ ତା'ର ବୃହାଳୀ ସାଙ୍ଗସାଥୀଙ୍କ କାନରେ ପଡ଼ିଲା । ତ' ଗୋଡ଼ିଆ ମାଙ୍କଡ଼ ଦଳଙ୍କ ଆବିର୍ଭାବରେ ବାଳ ଦାସ ଏକାବେଳକେ ହାଉଳି ଖାଇଗଲେ । ପୁଅ ଛଡ଼ା ଆଉ କାହାରିକୁ ବଗିଚା ଫାଇଦା ମଡ଼ାଇ ନ ଦେବାକୁ ମାଳୀ ଦୁଇଟାଙ୍କୁ କଡ଼ାକଡ଼ି ତାଗିଦ୍ କରିଦେଲେ ।

ସାଙ୍ଗ ପିଲାମାନଙ୍କ ମଧ୍ୟରେ ଗୋଟାଏ ଚହଳ ପଡ଼ିଗଲା । ପ୍ରବେଶାଧିକାରଟା କିପରି ପୁନର୍ବାର ମିଳିବ ସେଥିଲାଗି ନାନା କଳ୍ପନା ଜଳ୍ପନା ଓ ସଭା ସମିତି ଆରମ୍ଭ

Digitized by srujanika@gmail.com

ହୋଇଗଲା । ସମସ୍ତେ ସ୍ଥିର କଲେ ଯେ ତା'ର ବାପା ତାକୁ ଭଲ ପାଉ ନ ଥିବାରୁ ଯାବତ ଅସୁବିଧା ହେଉଛି । ଏଣୁ ପ୍ରଥମେ ତା'ର ବାପାଙ୍କୁ ସନ୍ତୁଷ୍ଟ କରିବା ଦରକାର । ବାପା ଖୁସି ହୋଇଗଲେ ତେଣିକି ଯାହା ଇଚ୍ଛା ତାହା ହେବ । ବେଲ ଉଣ୍ଡି ସେ ସାଙ୍ଗମାନଙ୍କୁ ବଗିଚା ଭିତରେ ପଶିବା ଲାଗି ବାପାଙ୍କୁ ଅନୁମତି ମାଗି ଦେବ, ବାପା ବି ଅନୁମତି ଦେଇଦେବେ ।

ବାପାଙ୍କୁ କିପରି ସନ୍ତୁଷ୍ଟ କରିବ ତାହା ସେ ବିଚରା ବହୁତ ଭାବିଚିନ୍ତି ସ୍ଥିର କରିପାରିଲା ନାହିଁ । ଶେଷରେ ଦିନେ ବୋଉ ବିଷୟରେ ବିରକ୍ତ ଯଥେଷ୍ଟ ହେଲା ପରେ ଯଥିହୋଇ କହିଲା—

"ବୋଉ, ବାପା ମତେ ମୋଟେ ଭଲ ପାଉନାହାନ୍ତି ।"

"ତୁ ଭଲ କରି ପଢ଼, ତାଙ୍କ କଥା ମାନ, ସେ ନିଶ୍ଚେ ଭଲ ପାଇବେ ।"

"ମୁଁ କଣ ପଢୁନି, ତାଙ୍କ କଥା ମାନୁନି ? ମତେ ଦେଖିଲେ ତ ସେ ଚିଡ଼ି ଉଠୁଛନ୍ତି, ଗାଳି ଦେଉଛନ୍ତି, ମୁଁ ଆଉ କଅଣ କରିବି ?"

"ତୁ ଯା, ଆହୁରି ଭଲ କରି ପଢ଼ । ତାଙ୍କ ପାଖରେ ଗୋଳେଇପୋଳେଇ ହୁ, ଦେଖିବୁ ସେ ଭଲ ପାଇବେ ଯେ ।"

ତହିଁ ଆରଦିନ ସେ ବେଲ ଉଣ୍ଡି ଗୋଳେଇ ପୋଳେଇ ହେବା ଲାଗି ବାପାଙ୍କ ପାଖରେ ଠିଆ ହୋଇ କହିଲା—"ବାପା !"

ବାଜ ବାପେ ମୁହଁ ନେଫେଡ଼ି, ଖଡେଇ ହେଲା ପରି କହିଲେ—"କଅଣ କି ହୋ ପୁଅମଣି, ବାଳୁଙ୍ଗା ଚନ୍ଦ୍ର ଚୂଡ଼ାମଣି ।"

ପ୍ରତିଧ୍ୱନିଟା ଏପରି ଅପ୍ରୀତିକର ହେବା ଦେଖି ପୁଅ ଆଖିପିଛୁଳାକେ ସେଠାରୁ ଚମ୍ପଟ ଦେଲା । ସାଙ୍ଗସାଥୀମାନଙ୍କଠାରୁ ପୁନର୍ବାର ପରାମର୍ଶ ଲୋଡ଼ିଲା ।

ଜଣେ ପୋଖତ ଟୋକା ତାକୁ ବୁଝେଇ ବୁଝେଇ କହିଲା—"ତୁ ଥରକରେ ଏମିତି କଅଣ ହୋଇଯାଉଛୁ ମ ? 'ସାହିତ୍ୟ କଡ଼ି'ରୁ ସେ ଗପଟା ଭୁଲିଗଲୁ କି ? ସେଇ ଯୋଉ ବୃହସ୍ ଛଅ ଥର ଲଗି ଲଗି ସାତଥର ବେଳକୁ ପାରିଲା । ତୁ ସେମିତି ଆହୁରି ଛଅ ଥର ଚେଷ୍ଟା କର । ଆଉ ଦେଖ ସମସ୍ତଙ୍କୁ ଭଲ ଭଲ ବୋଲି କହିଲେ ସମସ୍ତେ ଭଲପାଆନ୍ତି, ତୁ ସେମିତି ବାପାଙ୍କୁ ଟେକାଟେକି କରି କହ, ସେ ନିଶ୍ଚେ ତରଳିଯିବେ ।"

ଏକୁଟିଆ କହିବାକୁ ତା'ର ସାହସ ହେଲାନାହିଁ । ବାପା ବୋଉ ଏକାଠି ବସି ଦୁଃଖସୁଖ ହେଉଥିବାବେଳେ ମଉକା ଉଣ୍ଡି ଛେପ ଢୋକି ସେ କହିଦେଲା—

Digitized by srujanika@gmail.com

"ବା-ପା, ତୁମେ ଖ-ରା ଭଲ ।" ହୋଉ ହସିଦେଲେ—ବାପା ହସକୁ ପେଟରେ ଚାପି କହିଲେ—"ବୁଝିଲି, ପିଲାଙ୍କୁ ଦରକାର ପଡ଼ିଲାଣି ।"

ସାନପୁଅ ବାବୁଡ଼ି ମାରିଲା ପରେ ସେ ଆଉ ଗୁଡ଼ ପଳେଇଲା । ତାକୁ ଜଣାପଡ଼ିଲା ଯେପରି ସମସ୍ତେ ତାକୁ ଭୁଲ ଉପାୟ ବତେଇଦେଇଛନ୍ତି । ମନେ ମନେ ସେ ସ୍ଥିର କଲା—ନାଃ ଆଉ କାହା କଥା କରିବ ନାହିଁ, ମତେ ଯାହା ଦିଶିବ ମୁଁ କରିବି । ମନେ ମନେ ଉପାୟ ଖୋଜି ଲାଗିଲା ।

ଦିନେ ସେ ପୁସ୍ତକାଳୀରେ 'ସାହିତ୍ୟ କଳି' ପଢ଼ୁ ପଢ଼ୁ ଅଟକିଗଲା । ତାକୁ ଜଣାଗଲା ସତେ କି ଯେମିତି ଉପାୟଟା ଅଶୁନକ ତାକୁ ମିଳିଗଲା । ଜର୍ଜ ଓ୍ୱାଶିଂଟନ ପାଠଟାର ନିମ୍ନଲିଖିତ ଅଂଶରେ ତା'ର ଆଖି ଲାଖିଗଲା ।

× × × ×

"ତାଙ୍କର ପିତା ତାଙ୍କୁ ଗୋଟିଏ ଧାରୁଆ ଶ୍ରେଷ୍ଠ କୁରାଢ଼ି ଉପହାର ଦେଇଥିଲେ । ବାଳକ ଜର୍ଜ କୁରାଢ଼ି ପାଇ ଖୁବ୍ ଖୁସି ହୋଇଗଲେ । ଧାର ପରୀକ୍ଷା କରିବା ଲାଗି ସେ ପିତାଙ୍କ ବଗିଚାକୁ ଗଲେ । ପିତାଙ୍କର ଏକ ପ୍ରିୟ ଗଛରେ ଧାର ପରୀକ୍ଷା କରୁ କରୁ ତାକୁ ଦୁଇଗଡ଼ କରିଦେଲେ । ତାଙ୍କର ପିତା ଉଦ୍ୟାନ ବୁଲିଚାଲାବେଳେ ସେ ଗଛ କଟା ହୋଇଥିବାର ଦେଖି ଅତ୍ୟନ୍ତ କ୍ରୁଦ୍ଧ ହୋଇଗଲେ । ଏପରି କିଏ କରିଅଛି ବୋଲି ସମସ୍ତଙ୍କୁ ପଚାରିଲେ । ବାଳକ ଜର୍ଜ ଭୟ ନ କରି ସଙ୍ଗେ ସଙ୍ଗେ କହିଦେଲେ—"ପିତା ମୁଁ ଏହା କରିଅଛି ।" ତୁମ୍ଭେମାନେ ଭାବୁଥିବ ଯେ ଜର୍ଜକୁ ତାର ପିତା ଖୁବ୍ ବାଡ଼େଇଥିବେ—ନା, ସେ ତାହା କଲେ ନାହିଁ । ଜର୍ଜକୁ ଆନନ୍ଦରେ କୁଣ୍ଢାଇ ପକାଇ କହିଲେ—"ପୁଅ ! ତୋର ସତ୍ୟବାଦିତା ଓ ସାହସ ଦେଖି ଖୁବ୍ ଖୁସି ହୋଇଅଛି । ମୁଁ ତୋତେ ଅଢ଼େଇ ପୁରସ୍କାର ଦେବି ।"

ଯାହା ବି ଟିକିଏ ବୁଝିପାରିଥାଆନ୍ତା କି ନାହିଁ ଅବଧାନେ ଭଲକରି ବୁଝେଇ-ଦେଲେ ଓ ପ୍ରଶ୍ନୋତ୍ତରଦ୍ୱାରା ସବୁ ମାଜିମୁଜି ଦେଲେ । ଗୋଟିଏ ବଡ଼ ପ୍ରତିବନ୍ଧକ ଡେଇଁଗଲା ପରି ତାକୁ ଜଣାଗଲା । ଜର୍ଜ ଓ୍ୱାଶିଂଟନଙ୍କୁ ସେ ମନେ ମନେ ଭକ୍ତି କଲା, ଦେବତା ପରି ଜ୍ଞାନ କଲା । ତାଙ୍କ କଥାକୁ ଅନୁସରଣ କରି ସେ ପାଞ୍ଚ ମିନିଟ୍‌ରେ ପିତାଙ୍କୁ ଖୁସି କରିଦେବାକୁ ବଦ୍ଧପରିକର ହୋଇଗଲା । ସାଥୀ ପିଲାମାନଙ୍କୁ ଜଣାଇ ସେମାନଙ୍କର ଅନୁମୋଦନ ବି ପାଇଗଲା ।

ବାପା ଘରକୁ ଖାଇ ଆସିଲାବେଳେ ସେ ବଗିଚାରେ ପଶିଲା । ଚାରିଆଡ଼କୁ ଚାହିଁ ଦେଖିଲା, ତାକୁ ଦେଖିବାକୁ କେହି ନାହିଁ । ମାଳୀ ଦୁଇଟା ପୋଖରୀ ଭିତରେ

Digitized by srujanika@gmail.com

ଙ୍କାଧୋଇବାରେ ବ୍ୟସ୍ତ । ବାଃ କ ମୌକା । ସେ ବଗିଚ୍ଚ ଘର ଭିତରୁ ଧାରୁଆ ହାତ କଟୁରିଟି ଧରି ସିଧା ସିଧା ଚାଲିଗଲା ପିଣ୍ଡି ପାଖକୁ । ପିଣ୍ଡି ପାଖରେ ଥିବା ଗଛତଳ ଯେ ବାପାଙ୍କର ସବୁଠାରୁ ବେଶି ପ୍ରିୟ, ତାହା ଜାଣିବାକୁ ଆଉ ତାକୁ ବାକି ନ ଥିଲା । ସବୁ ସବୁ ଗଜା ଗଛଗୁଡ଼ିକୁ ପଦା କରିଦେବାକୁ ତାକୁ ଖୁବ୍ ଅଳ୍ପ ସମୟ ଲାଗିଲା ।

ମାଳୀ ଦୁଇଟା ତାଲୁ ଓ କଣ୍ଟାଗଛତକ ଦେଖି ଭୟରେ ଥରହର ହେଲେ । କଅଣ କହିବେ, କିଛି ଠିକ୍ କରି ନ ପାରି ସେ ଆନ ମୁଣ୍ଡ ପଲେଇଲେ । ବାଜ ଦାସେ ଦେଖିବା ମାତ୍ରେ ସ୍ତବ୍ଧ ଗଲେ ! ତାଙ୍କ ମୁହଁରୁ କିଛି କଥା ବାହାରିଲା ନାହିଁ । ଏଣେ ପଦାରେ ବଡ଼ ଫାଙ୍କବାଟେ ସ୍ୱହାଲୀ ପିଲାଏ ଉଙ୍କିମାରି ଚାହିଁଥାଆନ୍ତି । ପୁଅ କେବଳ ଅପେକ୍ଷା କରିଥାଏ କେତେବେଳେ ବାପା ପଚାରିବେ—'କିଏ ଏପରି କଲା ?' ବାପାଙ୍କୁ ଆଜି ଯେ କୌଣସି ପ୍ରକାରେ ଖୁସି କରାଇଦେବାକୁ ସେ ଦୃଢ଼ପ୍ରତିଜ୍ଞ କରିଛି । କାହିଁ, ବାପା ତ ପଚାରୁନାହାନ୍ତି, ବାଡ଼ପାଖରେ ଯେ ସାଥୀମାନେ ଚାହିଁ ରହିଛନ୍ତି । ବାପାଙ୍କର ପ୍ରଶ୍ନ, ତା'ର ଉତ୍ତର, ବାପାଙ୍କ ଖୁସି, ସାଥୀମାନଙ୍କୁ ପ୍ରବେଶାଧିକାର ପ୍ରାପ୍ତି, ସମସ୍ତଙ୍କର ଆନନ୍ଦ, ଏହି ବିଷୟଗୁଡ଼ିକ ତା ଆଖି ଆଗରେ ଅଭିନୀତ ହୋଇଯାଉଥାଏ । ବାପାଙ୍କ ପ୍ରଶ୍ନକୁ ସେ ଆଉ ଅପେକ୍ଷା କରିପାରିଲା ନାହିଁ । ଖନେଇ ଖନେଇ କହିଦେଲା—ପି-ତା-ମୁଁ-ଉଁ-ଉଁ-ଏହା କ-ରି-ଅ-ଛି ।

ହୂଇ ହନୁମାଙ୍କଡ଼ ପରି ଖିଙ୍କାରିହୋଇ ବାଜ ଦାସେ ରଡ଼ିଛାଡ଼ିଲେ—"ଏହା ନାହିଁକି କଲୁରେ ଅଲକ୍ଷଣା ଅଲପେଇସା ! ହଇରେ ସଇତାନ୍, କଅଣ କଲୁ !"

କାନରେ ଓ ପିଠିରେ ବେଦନା ପାଇ ପୁଅ ପାଟିକରି ଉଠିଲା—"ବାପା, ମରିଗଲି, ମରିଗଲି, ବହିରେ ଲେଖାହୋଇଥିଲା ।" ବାଜ ଦାସେ ଅଟକିଗଲେ । ବହିରେ ପୁଣି ଏ ଗଛକଟାର ସମ୍ବନ୍ଧ କଅଣ କିଛି ଠଉରେଇ ପାରିଲେ ନାହିଁ । ସନ୍ଧ୍ୟାବେଳେ ସ୍ୱହାଲୀ ମାଷ୍ଟର ସବୁକଥା ବୁଝାଇଦିଅନ୍ତେ ସେ ପୁଣି ଦାନ୍ତ କଡ଼ମଡ଼େଇ କହିଲେ—"ଉଃ ସଇତାନ ଦେଶୀ ଜର୍ଜ ଓ୍ୱାଶିଂଟନ ପାଲଟିଥିଲା ।"

Digitized by srujanika@gmail.com

# ଟିନପଟିଆ ଦଳ

ପାଞ୍ଚଜଣଯାକ ଗଛମୂଳରେ ବସି ଖଣ୍ଡିଆ ବିଡ଼ି ଟାଣିବାରେ ଲାଗିପଡ଼ିଥାଆନ୍ତି । ଦୁଇ ପାଖରେ ରାସ୍ତା ଦୂରକୁ ଲମ୍ବି ଯାଇଥାଏ । ସମସ୍ତେ ଏପାଖ ସେପାଖକୁ ବହୁ ସମୟ ଧରି ଚାହିଁ ଚାହିଁ କୋଟିଏ ଲେଖାଏଁ ଦୀର୍ଘଶ୍ୱାସ ପକାଉଥାନ୍ତି । କେତେ ମଟର-ଗାଡ଼ି, ମଟରସାଇକଲ, ସାଇକଲ ଫସ୍‌ଫାସ୍ ହୋଇ ସେମାନଙ୍କ ଆଗରେ ଏପାଖ ସେପାଖ ଚାଲିଯାଉଥାଆନ୍ତି । ସେମାନଙ୍କ ନଜର ସେଆଡ଼େ କିନ୍ତୁ ପଡ଼ୁ ନ ଥାଏ । ସେମାନଙ୍କ ଆଖି ଖୋଜୁଥାଏ ଗୋଟାଏ ପେଦଲବାଲା । ବହୁ ସମୟ ଚାହିଁବା ପରେ ଜଣେ ଖଣ୍ଡିଆ ବିଡ଼ିଟାକୁ ଖଟେଲ କଚଦେଇ କହିଲା—"ହାଃ ଶଳା, ଆଜି କାହା ମୁହଁ ଚାହିଁଥିଲି କେଜାଣି ଏତେବେଳଯାଏ ଗୋଟାଏ ହେଲେ ବାଟୋଇର ଦେଖା ମିଳିଲା ନାହିଁ । ଦେଖୁଛୁ ସେ ଅସନା ଭଗବାନର ଆଜି ମତିଗତି ଖରାପ ଅଛି । ଆମ ପାଞ୍ଚଜଣଙ୍କୁ ଆଜି ଭୋକରେ ଆଉଟ ପାଉଟ କରି ମାରିବ । ସେଇଟାର ଖାଉଡ଼େ ଦଲାଲ୍ ଅଛନ୍ତି, ଖାଲି ଚଳେଇଛନ୍ତି ଯେ ୩୭ କୋଟି ଜୀବଙ୍କ ପାଇଁ ସେ କୁଆଡ଼େ ପଡ଼ି ଖଞ୍ଜି ଦେଇଛନ୍ତି । ଖାଇବା ଯାହାର ଯେମିତି ଦରକାର ତା ପାଇଁ ସେମିତିଆ ଖାନା ଜୁଟେଇ ଦେଉଛନ୍ତି । ବାଘକୁ ମିରିଗ, ମିରିଗକୁ ଘାସ, ଘାସକୁ ଖତ ଯାହାକୁ ଯାହା ଦରକାର । ସେ ଦଲାଲଙ୍କ ଭିତରୁ ଗୋଟିଏ ଏହୁକ୍ଷଣି ହାବୁଡ଼ନ୍ତା କି, ତା ଚୁଟି ଧରି ପଚାରନ୍ତି, ଆବେ ଶଳା—ଆମେ କଅଣ ପାଞ୍ଚଟା ଜୀବ ନୋହୁଁ, ଆମର କଅଣ ପେଟ ନାହିଁ, ସେ ନକମା ଭଗବାନ କୋଉଠି ଆମ ପାଇଁ ଖଞ୍ଜିଦେଇଛୁ ଦେଖା । ଆଜି ଏତେବେଳଯାଏ ମଣିଷ ଭୋକରେ ଆଉଟ ପାଉଟ ହେଲଣି । ସେ ଦଲାଲର ତଣ୍ଟି ଚିପି ପଚାରନ୍ତି ।"

ତା ପଛଆଡ଼ୁ ହଠାତ୍ ଜଣେ ଧୁଡ଼ାଏ ଦେଇ ଫସ୍ ଫସ୍ କରି କହିଲା, "ଚୁପ୍ ବେ ଶଳା ଚୁପ, ଶଳା ଭଗବାନଙ୍କୁ ନିନ୍ଦୁଛୁ ।" ହେଇ ଶଳା ଦେଖ୍ ଗଡ଼ୁଛି ।" ଏତିକି କହି ସେ ରାସ୍ତାର ଗୋଟିଏ ପାଖକୁ ଆଙ୍ଗୁଠିରେ ଦେଖାଇଦେଲା । ସମସ୍ତେ ସେଇ ଆଡ଼କୁ ଚାହିଁଲେ, ଦେଖିଲେ ସତକୁ ସତ ଗୋଟିଏ ବାଟୋଇ ଆସୁଛି । ସମସ୍ତଙ୍କ ମନ ଚଞ୍ଚଳ ଓ ଦେହ ଉନ୍ମୁଖ ହୋଇଉଠିଲା । "ଚଢ଼ଉ କର" ଆଦେଶ ପାଇବା ପୂର୍ବରୁ ସୈନ୍ୟମାନେ ଯେମିତି ତାଉ ହୋଇ ରହନ୍ତି, ପାଞ୍ଚଜଣ ଯାକ ଠିକ୍ ସେମିତି ତାଉଆ ହୋଇ ରହିଲେ । ନନ୍ଦୁକଟି କାନ ମୋଡ଼ି ହୋଇ କହିପକେଇଲା, "ହେ ଭଗବାନ୍ !

Digitized by srujanika@gmail.com

କାନ ମୋଡ଼ି ହେଉଛୁ ଆଉ ଉନେ ଗାଳି ଦେବ ନାହିଁ, ପେଟ ବଳକଲରେ ପଦେଅଧେ କହିଦେଇଛୁ, ସେଗୁଡ଼ାକ ଧରବ ନାହିଁ । ତୁମେ ଏତେ ଭଲ ବୋଲି ମୁଁ ଜାଣି ନ ଥିଲି । ଓହୋ ସେ ଦଲାଲ୍‌ଗୁଡ଼ାକ ଯାହା କହୁଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ ।''

ବେଶି କ୍ଷମା ମାଗିବାକୁ ଆଉ ସମୟ କାହିଁ ? କାମର ବଖତ । ସମସ୍ତେ କାମରେ ଲାଗିଗଲେ । ରାସ୍ତା କଡ଼ରେ ଗାମୁଛାଟା ପାରିଦେଇ ଜଣେ ବସିପଡ଼ିଲା ଓ ପାକେଟରୁ ଛଅପଟ ତାଆସ କାଢ଼ି ଗାମୁଛା ଉପରେ ପକେଇଲା । ତା ଆଗରେ ଆଉ ଦୁଇଜଣ ବସିଗଲେ । ପ୍ରଥମ ଜଣକ ତାସ୍ ଛଅପଟ ଭଟ୍ ବାଗିଆ ଏପଟ ସେପଟ କରି କହି ଲାଗିଲା—''ଲଗାଅ ବାବୁ ଲଗାଅ, କଳାରେ ଲାଗିଲେ ମୋର, ନାଲିରେ ଲାଗିଲେ ତମର ଦଦୁଣା । ଲଗାଅ ବାବୁ ଲଗାଅ, ଭାଗ୍ୟକୁ ପରଖି ନିଅ । ମାଲଦାଅ ଦେଲ, କପାଳ ବାଜ ଟଙ୍କାତୋଡ଼ା ଯଦି ଉପରେ ଛିଣ୍ଡିପଡ଼େ, ତେବେ ଗ୍ରୁଡ ଫୁଲେଇ ଘରକୁ ଫେରିବ, ଘର ମଜଗୁଲ୍ ହୋଇଉଠିବ ।

ଲଗାଅ ବାବୁ ଲଗାଅ, ଦଶ ଲଗେଇଲେ କୋଡ଼ିଏ, କୋଡ଼ିଏ ଲଗେଇଲେ ଚାଳିଶ । ଶହେ ଲଗେଇଲେ ଦୁଇଶହ ପାଇବ । ଦେଖିନିଅ, ପରଖି ନିଅ ।'' କଥା-ଗୁଡ଼ିଆ ମନ୍ତ୍ରୀ ଭୋଟ୍‌ବେଳେ ସାଧାରଣ ସଭାରେ ଯେମିତି ବକ୍ତୃତା ଦିଏ, ତାସ୍‌ବାଲା ତାଙ୍କଠାରୁ ଦ'ଗୁଣ ଜୋର୍‌ରେ ବକ୍ତୃତା ଦେବାକୁ ଲାଗିଲା । ପାଟି ସଙ୍ଗେ ସଙ୍ଗେ ତଳେ ହାତ ତିପଟ ତାସ୍‌କୁ ବିଜୁଳି ବେଗରେ ଏପଟ ସେପଟ କରିବାକୁ ଲାଗିଲା । ଖେଳାଳୀମାନଙ୍କ ଭିତରୁ ଜଣେ ପଟେ ତାସ୍ ଉପରେ ଟଙ୍କାଟିଏ ମାଡ଼ିଧରି ପାଟିକଲା —''ଦେ ମୋତେ ଦ'ଟଙ୍କା ଦେ । ମୁଁ ନାଲିରେ ଲଗେଇଛି ।''

ଟଙ୍କା ଲଗାଯାଇଥିବା ତାସ୍ ପଟକ ଓଲଟେଇ ଦେଖିଲାବେଳକୁ ସତକୁ ସତ ନାଲି । ''ଦେ ଟଙ୍କା ଆଣ୍ ଟଙ୍କା'' କହି ଖେଳାଳୀଟା ଏକାବେଳକେ ଚଢ଼ି-ବସିଲା । ତାସ୍‌ବାଲା ଟିକିଏ କୁଣ୍ଠ୍ କୁଣ୍ଠ୍ ହୋଇ କହିଲା, ''ହେ ବାବୁ, ତାସଟା ଦେଖି ଲଗେଇଦେଲ, ସେମିତି କଅଣ ହୁଏ ? ଆଉଥରେ ଲଗାଅ ।'' ଭୀମ ଗର୍ଜନ କରି ଖେଳାଳୀ ଉହୁଙ୍କିଗଲା ଓ ତାସବାଲାର ମୁହଁ ଉପରକୁ ବାଧା ଉଞ୍ଚାଇ ରଡ଼ି ଛାଡ଼ିଲା—''ଆବେ ଶଳା ହାରାମ ? ଏମିତି ଲାଙ୍ଗୁଡ଼ ଜାକିଲେ ଶୁଣୁଛୁ କିଏ ? ଚୁପ୍‌କରି ଦ'ଟଙ୍କା କାଢ଼ି ଥୋଇଦେ । ଶଳା ତୋ ବୋପାବଳି ଟଙ୍କା ନେବ । ଆଣ ଶଳା, ଆଣ ଦ ଟଙ୍କା ।''

ବାଟୋଇ ସେତେବେଳକୁ ପାଖାପାଖି ହୋଇଗଲାଣି ଖେଳାଳୀ ଓ ତାସ-ବାଲାମାନେ କଣେଇ କଣେଇ ଚାହିଁଲେ । ଗୋଡ଼ ଉପରେ ଦୃଷ୍ଟି ପଡ଼ିଲା । ମୁହଁଯାଏ ନଜର ଟେକିବାକୁ ଫୁରୁସତ୍ କାହିଁ ? ପାଖାପାଖି ହୋଇଗଲା ଜାଣି ସମସ୍ତେ କୁଲୁରି

Digitized by srujanika@gmail.com

ଉଠିଲେ । ଖେଳାଳୀ ପାଖରେ ଯେଉଁ ଦୁଇ ଜଣ ଭଲ ଲୋକ ଠିଆ ହୋଇଥିଲେ ସେମାନେ ଖେଳାଳୀ ପକ୍ଷ ହୋଇ ପାଟିକରି ଉଠିଲେ, "ହୁଁ ହୁଁ ଶଳା, ଦମ୍ଭ କାହିଁକ ? ବାବୁଙ୍କର ହକ ଉଠିଛି, ନଦବୁ କାହିଁକ ଶଳା ! ବାବୁଙ୍କୁ ମଫସଲିଆ ଦେଖି ଭୁର୍‌କ ମାରିବାକୁ ବସିଛୁ । ଶଳା ଚୁପ୍‌କରି ଦୁଇଟା ଟଙ୍କା ଦେଇଦେ, ପରେ ଯୋଉ କଥା । ଆଉ ଜଣେ ତାସ୍‌ବାଲାର ବେକଟାକୁ ଧରିପକାଇ ପାଟି କଲା, "ଆବେ ଶଳା, ଚୁପ୍‌କରି ଦେଇଦେ ନ ହେଲେ ତୋ ବେକ ଚପିଦେବି ।"

ତାସବାଲା ପକେଟରୁ ଦୁଇଟା ଟଙ୍କା କାଢ଼ିପକାଇ ଦେଇ ନୁଆଁଣିଆ କଣ୍ଠରେ କହିଲା, "ବାବୁମାନେ ଏମିତି ରାଗୁଛ କାହିଁକି ? ତାଙ୍କର ଜିତାପକ୍ଷ ହେଲା, ତାଙ୍କ ହକ୍ ଦେବିନି ଆଉ କଅଣ ମୁଁ ରଖିବି । ହଉ ବାବୁ ଆଉଥରେ ଖେଳ ଲାଗୁ । ଲଗାଅ, ଲଗାଅ ବାବୁମାନେ ସମସ୍ତେ ଲଗାଅ ।"

ହଠାତ୍ ତା'ର ପାଟି ଓ ତାସ ତିନିଟାକୁ ଏପଟ ସେପଟ କରୁଥିବା ହାତ ଦୁଇଟା ବନ୍ଦ ହୋଇଗଲା । ସମସ୍ତେ ଅକାମାରି ରହିଗଲେ, କିଛିବେଳଯାଏ କାହାରି ପାଟିରୁ କଥା ବାହାରିଲା ନାହିଁ । ସମସ୍ତେ ଆଁ କରି ରହିଗଲେ । ବାଟୋଇର ଠୋଠୋ ହସମିଶା କଥାଗୁଡ଼ାକ ସେମାନଙ୍କ କାନରେ ଘଡ଼ଘଡ଼ି ପରି ଅଚଡ଼ା ଖସେଇ ପକେଇଲା ।

"ଆବେ ଖୁବ୍ ବଢ଼ିଆ ଥେଟର୍ ହଉଛି ବେ, ଥେଟର୍‌ରେ ଏମିତି ମଜଯାଇଛି ଯେ ଲୋକ ଠଉରେଇ ପାରୁନ । ଆଜି ମଫସଲିଆ ବାଟୋଇ କେହି ହାରୁଡ଼ି ନାହାନ୍ତି ପରା !"

ସମସ୍ତେ ଆଗନ୍ତୁକଙ୍କୁ ଚହ୍ନିପାରି କାଣ୍ଡୁଆ ହୋଇଗଲେ । ଆଗନ୍ତୁକଙ୍କୁ ସାଦର ସମ୍ଭାଷଣ କରି ଜଣେ ପଚାରିଲା—"ସନିଆଭାଇ ! କୁଆଡ଼ୁ ଆସିଲ ମ, କୋଉଠି ହାତଫାଟ ବାଜିନ ?" ଦୀର୍ଘଶ୍ୱାସ ଛାଡ଼ି ସନିଆ କହିଲା—"କହନା ଭାଇ ସେ ଫଟାକପାଳ କଥା, ହାତମୁଠାରୁ ଗୁଣ୍ଡା ଖସିପଡ଼ିଲା । କାଲି ରାତିରେ ଛତିଆ ନନ୍ଦ ବଉଁଶଙ୍କ ଘରେ ଆମେ ଚାରିଜଣ ପଶିଥିଲୁ । ହଳଦିଆ ମାଲ ଚାରି ସେର ଯାଏ ହାତ କରି ଯାଉଥିଲୁ, ଚଣ୍ଡାଳଟା ଗୋଟାଏ ଟୁଲ୍‌କୁ ଝୁଣ୍ଟିପକେଇଲା । ଟୁଲ୍ ଉପରେ ଥିବା ତାଳଟାଏ ତଳକୁ ଖସିପଡ଼ି ସବୁ ସାରିଦେଲା । ସବୁ ଛାଡ଼ିଛୁଡ଼ି ଦେଇ କୌଣସିମତେ ଜୀବନଟା ବଞ୍ଚେଇ ପଳେଇ ଆସିଲୁ । ଆଉ ତମ ଖାଲେଇରେ ଆଜି ଗୋଟିଏ ହେଲେ ବାଟୋଇ କଅଣ ପଶିନି ?"

ତାସ ଖେଳାଳୀଙ୍କ ଭିତରୁ ଜଣେ ଦୀର୍ଘନିଶ୍ୱାସ ପକେଇ କହିଲା, "ଆଜି ଭଗବାନଙ୍କ କ ବରିଦ କେଜାଣି ଗୋଟାଏ ବରଡ଼ିଚୁଆର ବି ଦେଖାନାହିଁ ।"

Digitized by srujanika@gmail.com

ଭଗବାନଙ୍କ ନାଁ ଶୁଣିବାମାତ୍ରେ ଦାନ୍ତ କଡ଼ମଡ଼ କରି ନନ୍ଦକିଶୋର ପୁଣି ଉଲ୍‌ଟି-ପଡ଼ିଲା "ହଟ୍ ବେ ହଟ୍, ସେ ଶଳା ଭଗବାନର ଗୋଷ୍ଠୀକୁ ଠେଙ୍ଗା, ତା ଦଲାଲ-ମାନଙ୍କ ବଉଁଶକୁ ଠେଙ୍ଗା, ଆଉ—"

ଆଉ କଅଣ ମୁହଁକୁ ଗାଳି ପକେଇଥାଆନ୍ତା କେଜାଣି ହଠାତ୍ ତା ପିଠିରେ ଗୋଟାଏ ମାରିଦେଇ ସଜନ କହିଲା, "ଚୁପ୍ ବେ ଚୁପ୍ ଶଳା, ସବୁବେଳେ ଭଗବାନଙ୍କୁ ନିନ୍ଦିଲୁ । ହେଇ ଦେଖ—"

ସମସ୍ତେ ଦେଖିଲେ ଠିକ୍ ଲୋଡ଼ାହେବା ଭଳି ଗୋଟାଏ ଲୋକ ଗଡ଼ୁଛି । ଓଳିଆ ଗାଈକୁ ଘାସ ବିଡ଼ାଏ ଦେଖାଇ ଖୁଆଡ଼ ଆଡ଼କୁ ଅଣେଇଲା ପରି ବାଟୋଇକୁ ଖେଳ ଥାନକୁ ମନେଇ ମାନେଇ ଆଣିବା ଲାଗି ଜଣେ ଥୋଡ଼ାଏ ଦୂରକୁ ଆଗେଇଗଲା, ଆଉ ବାକିତକ ଓଣପଟିଆ ତାସରେ ଲାଗିଗଲେ ।

ଯାତ୍ରୀଟି ଆଣିବାକୁ ଯାଇଥିବା ଲୋକଟି ମୁହୂର୍ତ୍ତକ ମଧ୍ୟରେ ବନ୍ଧୁତା ଜମାଇ ଓ ନିଜକୁ ମକଦ୍ଦମା ସମ୍ପର୍କରେ ସହରର ଓକିଲ ପାଖକୁ ଯାଉଥିବାର କହି ଠକଣା ଥାନରେ ଠିଆ କରେଇଦେଲା ।

ବାଟୋଇଟି ନିଜ ଦୁଇ ଆଖିରେ ଦେଖିଲା ଜଣେ ଟଙ୍କାଟିଏ ଲଗାଇ ଦୁଇ ଟଙ୍କା ପାଇଗଲା । ଏଣେ ନୂତନ ବନ୍ଧୁଟି ବି ଖୁବ୍ ଟିହାଇ ଲାଗିଲା । ମନ୍ତ୍ରମୁଗ୍ଧ ପରି ସେ ଗାଣ୍ଠିଆରୁ ଟଙ୍କାଟିଏ କାଢ଼ି ଲଗେଇଲା—ଦୁର୍ଭାଗ୍ୟକୁ ତାହା କଳାରେ ପଡ଼ିଗଲା । ବନ୍ଧୁଟି ତାସବାଲା ଉପରେ ରାଗିଯାଇ କହିଲା, "ଆବେ ଶଳା, ଖେଳ ବନ୍ଦ କରୁଛୁ କଅଣ ? ମଉସାଙ୍କ ସେ ଟଙ୍କା ଓ ତୋଠାରୁ ଯେତିକ ଆଦାୟ ନ କରି ଛାଡ଼େ ଗ୍ରାଉଛୁ ! ଲଗେଇଦେଇଟି ମଉସା, ଏଥରକ ଦୁଇ ଟଙ୍କା ଲଗାଅ । ଗଲାଟଙ୍କା ସାଥିରେ ଏ ଦୁଇ ଟଙ୍କା ଓ ଆଉ ଗୋଟାଏ ଟଙ୍କା ଲାଭ ରୂପେ ତୁମ ପାଖକୁ ଫେରିଆସିବ ।"

ଆଉ ଜଣେ ଖେଳାଳୀ ତା ସଙ୍ଗେ ଯୋଡ଼ିଦେଲା—"ବାବୁ, ଏହିକୁ ଖେଳରେ ନିୟମ ସେଇଆ, ଜିତିବା ପର୍ଯ୍ୟନ୍ତ ସବୁବେଳେ ଡବଲ ଲଗେଇ ଚାଲିଥିବ । ଯେଉଁଥର ଜିତିବ ସେଥିରେ ତୁମର ସବୁ ଟଙ୍କା ପୁଣି ଫେରିଆସିବ । ଏକ ଗଲେ ଦୁଇ ଲଗାଅ, ଦୁଇ ଗଲେ ଚାରି ଲଗାଅ, ଚାରି ଗଲେ ଆଠ, ଏମିତି ବଢ଼ି ଚାଲିଥିବ ।"

ତାସବାଲାଟି ପ୍ରତିବାଦ କରି କହିଲା, "ଏଁ ବାବୁ, ଏମିତି ତରକ୍ କରି ମେଣ୍ଟବାନ୍ଧି ଖେଳିଲେ ମୁଁ ଖେଳ ବନ୍ଦ କରିଦେବି ।"

ବାଟୋଇର ନୂଆ ମଉସାଟି ଖିଙ୍କାରି ହୋଇ ଉଠି କହିଲା—"ଆବେ ଶଳା, ତେରି ବାପ୍ ଖେଲେଗା, ଶଳା ନିରୀହ ଲୋକ ଦେଖି ଠକିଦବାକୁ ବସିଛୁ ?"

Digitized by srujanika@gmail.com

"ବାବୁ ତ ଖେଳୁଛନ୍ତି କି ଖେଳିବେ, ତେମେସବୁ ଆବୁରି ପଡ଼ୁଛ କାହିଁକି ? ତେମେସବୁ ଏଠୁ ଘୁଞ୍ଚି ନଗଲେ ମୁଁ ଖେଳ ଆରମ୍ଭ କରିବ ନାହିଁ ।"

"ଏଁ, ଶଳା ପିଠିରେ ଦି ଚାରିଟା କମେଇ ଦେବ ଯେ ଅଣ୍ଡା ହୋଇଯିବୁ । ଆମେ ଘୁଞ୍ଚିଗଲେ ବାବୁଙ୍କୁ ଭୁଲେଇ ଦେବାକୁ ସୁବିଧା ହୋଇଯିବ । ପକା ବେ ଶଳା ତାସ ପକା, ନ ହେଲେ ଶଳାର ତଣ୍ଟି ଚିପିଦେବ ।"

"ହଉ ହଉ ବାବୁ ତାସ ପକାଉଛୁ, ହଲ୍ଲା ବନ୍ଦ କର । ଏମିତି ତେରମେର ହୁଅନା ।"

ପୁଣି ଖେଳ ହେଲା । ସାଥୀମାନଙ୍କ ସାହସ ପାଇ ବାଟୋଇଟି ପୁଣି ଦୁଇଟଙ୍କା ଲଗେଇଲା । ସେ ବି ଘୁଞ୍ଚିଗଲା । ବୁଡ଼ିଗଲା ଲୋକର ଗୋଡ଼ ତଳକୁ ତଳକୁ । ସେତେବେଳକୁ ବାଟୋଇର ମୁଣ୍ଡରେ ଗୋଟାଏ ଜିଗର୍ ଭୂତ ଚାପି ବସି ସାରିଥିଲା । ସାଥୀମାନଙ୍କର ନାନାପ୍ରକାର ଉତ୍ସାହ ଉଦ୍ଦୀପନା ଫଳରେ ସେ ଗାଣ୍ଠିଆରୁ ଆହୁରି ଚାରିଟି ଟଙ୍କା କାଢ଼ିଲା । ସେତକ ଯିବା ପରେ ଅବଶିଷ୍ଟ ପାଣ୍ଠି ଦଶଟି ମାତ୍ର ଟଙ୍କାରୁ ଆଠଟି ଟଙ୍କା କାଢ଼ୁଛି, ଠିକ୍ ଏହି ସମୟରେ କିଏ ଜଣେ ପଛଆଡ଼ୁ ପାଟିକରି କହିଦେଲା, "ଆରେ ହେ ପଳେଇଆ, ଆଉ ଖେଳ ନାହିଁ । ସର୍ବସ୍ୱ ଘୁଞ୍ଚିଯିବ ।" ବାଟୋଇର ଚେତା ପଶିଗଲା । ସେ ଆଠଟା ଟଙ୍କା ନ ଲଗେଇ ଗାଣ୍ଠିଆ ଭିତରେ ଭର୍ତ୍ତି କରିବାକୁ ଚେଷ୍ଟାକଲା । କିନ୍ତୁ ଏ କଅଣ ?

ବାଟୋଇ ଜଳ ଜଳ କରି ଚାହିଁଛି । ତାକୁ ପରିଷ୍କାର ଦେଖାଗଲା ପୃଥିବୀଟା ସତେ ଯେମିତି ପିଠା ଲେଉଟିଲା ପରି ଭୁପ୍ କରି ଲେଉଟିପଡ଼ିଲା । ଆଖିପିଛୁଳାକେ ସାଥୀମାନେ ତା ଉପରେ କୁଦିପଡ଼ି ପାଟି କରି ଉଠିଲେ—"ହଇବେ ଶଳା, ଟଙ୍କା ଫେରେଇ ନେଉଛୁ କଅଣ ? ଶଳା, ତୋ ବେପାର ଆମେ ନଉକର ! ଆମକୁ ଖେଳରେ ଖଟେଇଥିଲୁ ?" କଥା ସଙ୍ଗେ ସଙ୍ଗେ ଦି ଚାରିଟା ଚାପୁଡ଼ା ବିଧା ପଡ଼ିଲା ଓ ବାକି ଦଶଟଙ୍କାଯାକ ତା ପାଖରୁ ଗାଣ୍ଠିଆ ସହ ଉଭାନ ହୋଇଗଲା । କେବଳ ଏତିକି ନୁହେଁ, ଚେତେଇ ଦେଇଥିବା ଝରପ ଲୋକଟାକୁ ମଧ୍ୟ ପିଟିପାଟି ତାଠୁଁ ସମସ୍ତ ଟଙ୍କା ଛଡ଼େଇ ସମସ୍ତେ କିଏ କୁଆଡ଼େ ଛୁ ଦେଲେ ।

ଚେତେଇ ଦେଇଥିବା ଲୋକଟି ବେହୋସ୍ ହୋଇପଡ଼ିଥିବା ବାଟୋଇକୁ ସାନ୍ତ୍ୱନା କରି ଉଠେଇଲା । ଅଦୂରରେ ଥିବା ଚାରି ପାଞ୍ଚ ଜଣ ଲୋକ ଆସି ବକ୍ତୃତା ଦେବାରେ ଲାଗିଗଲେ—"ଓଃ ତା ଗାମୁଛାଟା ହେଲେ ଛଡ଼େଇ ରଖି ପାରିଲାନି । ଗାମୁଛାଟା ହାତରେ ପଡ଼ିଥିଲେ ପୁଲିସକୁ ଦେଇ ସମସ୍ତଙ୍କୁ ପକଡ଼ ଆଆନ୍ତେ । ପୁଲିସ୍ କୁକୁର ବି ଲଗାଇ ପକଡ଼ା ଯାଇଥାଆନ୍ତା । କିଛି ନହେଲା ବେଳକୁ ପୁଲାଏ କାମୁଡ଼ ଦେଇଥିଲେ ଗୋଟିଏ ଚିହ୍ନ ତାଙ୍କ ଦେହରେ ରହିଯାଇଥାଆନ୍ତା ।'

Digitized by srujanika@gmail.com

ତେଣେତେଇ ଦେଇଥିବା ଲୋକଟି ଆଉ ସମ୍ଭାଳି ହୋଇ ରହିପାରିଲା ନାହିଁ, ଚିତ୍କାର ମାରିଲା ପରି କହିଲା, "ଆଜ୍ଞା ଆପଣମାନେ, ଆମେ ମାଡ଼ ଖାଉଥିଲା-ବେଳେ ଯେଉଁଠି ଜଳ ଜଳ କରି ଚାହିଁଥିଲେ । ଠିକ୍ ସେତିକିବେଳେ ଅନ୍ୟାୟର ପ୍ରତିବାଦ କରି ଯଦି ଆମକୁ ସାହାଯ୍ୟ କରିଥାଆନ୍ତେ, ତେବେ ଏହିକ୍ଷଣି ଆପଣମାନଙ୍କୁ ଏପରି ଶସ୍ତା ବକ୍ତୃତା ଦେବାକୁ ପଡ଼ି ନଥାନ୍ତା ।"

ଭଦ୍ରଲୋକଗୁଡ଼ାକ ମନ ପିତା କରି ଚାଲିଗଲେ । ବାଟୋଇଙ୍କୁ ଧରି ସେ ଲୋକଟି ପୁଲିସ୍‌ସାହେବଙ୍କ କୋଠିକୁ ଗଲା ।

ପୁଲିସ୍‌ସାହେବଙ୍କୁ ଦେଖିବା ମାତ୍ରେ ପାଟି କରି ଉଠିଲେ—"କିରେ, ତୁ ତ ପରିବା ପାଇଁ ଟଙ୍କା ନେଇ ଗଲୁ । ପରିବା କାହିଁ, ଏଥିରୁ ଗୋଟିଏ କାହାକୁ ସାଙ୍ଗରେ ଆଣିଲୁ ?"

ତିନପଟିଆ ଦଳଙ୍କ ତାଙ୍କ କଥା ମୂଳରୁ ଅଗଯାଏ ଶୁଣିବା ପରେ ପୁଲିସ୍‌ସାହେବ ଗର୍ଜିଉଠିଲେ—"ଏଁ ଯମ ଘରେ ଘାଉଡ଼ି । ଶଳେ ମୋ ଲୋକ ଉପରେ ତ ଏତେ ଜୁଲମ, ସାଧାରଣ ଲୋକଙ୍କ ଉପରେ କେତେ ନହଉଥିବ । ଆଚ୍ଛା, ଦେଖୁଛି ତୁମ ଦିମାକ୍ ।"

ତ'ତିନଥର ଟେଲିଫୋନ୍ କରିବା ପରେ ଇନସ୍‌ପେକ୍ଟର, ସବ୍‌ଇନସ୍‌ପେକ୍ଟର, ଜମାଦାର, ସିପାହି ଖାଉଡ଼େ ଆସି ପୁଲିସ୍ ସାହେବଙ୍କ ଘରେ ଜମା ହୋଇଗଲେ । ପୁଲିସ୍‌ସାହେବ ବିରକ୍ତ ହୋଇ କହିଲେ, "ଲୋକ ଚାରିପାଞ୍ଚଟାଙ୍କୁ କେହି ଜବତ୍ କରି ପାରିଲ ନାହିଁ । କେତେ ଦୁର୍ନାମ ହେଲାଣି, କେତେ ଖବରକାଗଜରେ ବାହାରିଲାଣି, ବିଧାନସଭାରେ ମଧ୍ୟ ଏ କଥା ଉଠିଲା, ତେବେ ବି କାହାରି ନିଦ ଭାଙ୍ଗିଲା ନାହିଁ । ଯଦି ସେମାନେ ସାରା ପୋଲିସ୍ ଫୋର୍ସକୁ ଜିତିଗଲେ, ତେବେ ମୁଁ ଇସ୍ତଫା ଦେଉଛି । ସେ ତିନପଟିଆଙ୍କ ଭିତରୁ ଜଣେ କିଏ ପୁଲିସ୍‌ସାହେବ ହେଉ, ତୁମେ ସମସ୍ତେ ତାକୁଇ ଦିନରାତି ସଲାମ ବଜେଇବ ।"

ସମସ୍ତେ ଚୁପ୍ । କେବଳ ଇନସ୍‌ପେକ୍ଟର କହିଲେ, "ଆଜ୍ଞା ଆଉ ଅପମାନ ଦିଅନ୍ତୁ ନାହିଁ, ମୁଁ ନିଜେ ଏହା ମୁଣ୍ଡକୁ ନେଉଛି ।"

× × × ×

ଦିନେ ଦୁଇଦିନ ପରେ ତିନପଟିଆ ଦଳର ସମସ୍ତେ ସେହି ପୂର୍ବ ସ୍ଥାନରେ ମଫସଲ ବାଟୋଇଙ୍କୁ ଚାହିଁ ବସି ରହିଥାଆନ୍ତି । ଅଳ୍ପ ସମୟ ଅପେକ୍ଷା କରିବା ପରେ ଦୂରରେ ଦୁଇଟି ଗଣ୍ଠିଲିଧରା ବାଟୋଇ ଦେଖାଦେଲେ । ଭଗବାନଙ୍କ ଉପରେ ଥଣ୍ଡା ଓ ଗରମ ପାଣି ହରଦମ୍ ଇଡ଼ୁଥିବା ଲୋକଟି କହିଲା—"ଆଃ ଆମ କପାଳ ଆଜି ତେଜ୍ ଅଛି । ଭଗବାନଙ୍କର ଆମଠାରେ ଖୁବ୍ ବେଶି ଦୟା ।"

Digitized by srujanika@gmail.com

ମୁହୂର୍ତ୍ତ ମଧ୍ୟରେ ସବୁ ପ୍ରସ୍ତୁତ ହୋଇଗଲା । ବାଟବରଣିଆ ମଇଜ ବନ୍ଧ ବାଟୋଇ ଦଳଙ୍କୁ ନେଇ ଖେଳ ଥାନରେ ପହଞ୍ଚିଗଲା । ଖେଳ ଆରମ୍ଭ ହୋଇଗଲା । ବାଟୋଇଙ୍କ ଗାଞ୍ଜିଆ ଦେଖିବାମାତ୍ରେ ସମସ୍ତଙ୍କ ପାଟିରୁ ଲାଳ ଟପ୍ ଟପ୍ ଗଡ଼ିଲା । ଟଙ୍କା କିଛି ଦଶ ପାଞ୍ଚ ନୁହେଁ, ତାହା ଦୁଇଶହ ତିନିଶହରୁ, ଟପିବ ପର ! ଭଗବାନଙ୍କ ଉପରେ ପ୍ରଶଂସାମୁଣି ଏକାବେଳେକେ ଝାଡ଼୍‌ଝୁଡ଼୍ ହୋଇଚଲା ।

ଜୋଡ଼ିଏ ତିନିଶ ଟଙ୍କା ହାରିବା ପରେ ବାଟୋଇ ଦୁ'ଜଣ ଖେଳିବାକୁ ଅମଙ୍ଗ ହେବାକୁ ବସିଲେ । ସୁର ପାଞ୍ଚ ଜଣ ସେ ଦୁଇଜଣଙ୍କ ଉପରେ ଲୁଣ୍ଠପଣ୍ଡ ଟଙ୍କା ବଢ଼େଇବାର ଉପକ୍ରମ କଲେ । କିନ୍ତୁ ଏ କ'ଅଣ ? ସୁର ମଫସଲିଆ ଦିହାଙ୍କ ଦେହରେ ପୁଣି ଏତେ ତେଜ, ଏତିକ ବଳ, ଏତିକ ସାହସ ! ଦୁ' ଜଣଯାକ ମଇଦାକୁ ବଧା ସୁପୁଡ଼ା ଦେଇ ଦଲିଲା ପର ଦଳଟାକୁ ଦଲିପକାଇଲେ । କେବଳ ଏତିକରେ ସରିଲା ନାହିଁ । ବାଟୋଇ ଦୁହିଁଙ୍କ ହାତରେ ଦୁଇଟା ପିସ୍ତଲ ସେମାନଙ୍କ ଆଡ଼କୁ ଆଁ କରି ରହିଲା । ଜଣେ ପାଟିକରି କହିଲା, "ଖବରଦାର୍, ପଳେଇବାକୁ ଚେଷ୍ଟା କଲେ ମରିବ ।" ଦଳର ସବୁଠାରୁ ବେଶି ଚାଗଡ଼ା ଲୋକଟାକୁ ସୁର ପାଞ୍ଚ ଗୋଇଠା ଓ ଦୁ ସୁରଟା ମୁଥି ଦେଇ ଆରଜଣକ କହିଲା—"ଆବେ ଶଳା, ଏଥରକ ଚହ୍ନିଲୁ ମୁଁ କିଏ ? ମୋ ନାଁ ବଳିଆର ସିଂ । ହଇବେ ଶଳା, ଗଣ୍ଠିଲି ଖୋଲ, ଆହୁରି ଟଙ୍କା ଅଛି ।"

ପହିଲେ ସେ ଠାପୁଆ ବଳଦ ପରି ମଠେଇଲା । ଦୁ' ସୁରଟା ବାଇଶିପଲିଆ ବଧା ପଡ଼ିବାରୁ କଲବଲିଆ ହୋଇ ଗଣ୍ଠିଲିଟି ଖୋଲିପକେଇଲା । ସମସ୍ତଙ୍କ ଦିହରୁ ଆହୁରି ଛଟାଙ୍କିଏ କରି ରକ୍ତ ଶୁଖିଗଲା । ସେଗୁଡ଼ାକ ଥିଲା ହାତକଡ଼ି ବେଡ଼ି । ଓଡ଼ିଶୀ ନାଚରେ ଯେମିତି ପହିଲେ ଗୀତ, ତା'ପରେ ନାଚ ଦେଖାଇ ଦର୍ଶକମାନଙ୍କୁ ତୋଷ କରାଯାଏ, ବଳିଆର ସିଂ ଠିକ ସେମିତି ଦୁ' ପଦ ଗାଳି, ତା'ପରେ ଦୁ'ପୁଞ୍ଜା ବଧା, ଗୋଇଠା ଦେଇ ତିନିପଟିଆ ଦଳଙ୍କୁ ଆପ୍ୟାୟିତ କରିଦେଲେ ।

ହୁଇସିଲ୍ ବାଜିଉଠିଲା, କୋଉଠି ଛପି ରହିଥିଲେ କେଜାଣି ଦଶ ବାର କନେଷ୍ଟବଲ ବି ଆସି ପହଞ୍ଚି ହାତଗଲି କିଛି କିଛି ମାରିଦେଲେ । ହାତରେ ଖଡ଼୍ ଓ ଅଣ୍ଟାରେ ଦଉଡ଼ି ପିନ୍ଧେଇ ପୁଲିସ୍‌ବାଲାମାନେ ତିନିପଟିଆ ଦଳଙ୍କୁ ପୁଲିସ ସାହେବଙ୍କ କୋଠିକୁ ନେଲେ ।

କାହାର ମନ ଆନନ୍ଦ ହେଉ ବା ନହେଉ ପୁଲିସ୍‌ସାହେବଙ୍କ ଚାକରର ମନ କୁଣ୍ଡେମୋଟ ହୋଇଗଲା । ତା' ଉପରେ ହୋଇଥିବା ଆକ୍ରମଣର ସୁଧ ମୂଳ

Digitized by srujanika@gmail.com

ଶୁଝେଇବା ଲାଗି ସେ ଗୋଟାଏ ଗୋଟାଏ ଖୁନ୍ଦା ବସେଇଦେଇ କହିଲା—"ହଇବେ ଶଳେ, ଖାଲି ଦେଖାବ ତ ଦେଖେଇଥିଲ ସେଦିନ, ଆଉ ଆଜି···"

ପୁଲିସସାହେବ ଘର ଭିତରୁ ବାହାରି ଆସିଲେ । ଖୁଦିରକୁ ସଙ୍ଗେ ସଙ୍ଗେ ପଚାରିଲେ, "ହଇରେ, ଏଇ ବଦମାସଗୁଡ଼ାକ ତୋଠୁଁ ଟଙ୍କା ଛଡ଼େଇ-ନେଲେ ?"

"ଆଜ୍ଞା ହଁ । ଏଇ ଯେଉଁ ବିଶଲପାଢ଼ିଆ ବଙ୍କାଝଣ୍ଟିଆ ତା ଟୋଢ଼ କାହିଁରେ କଥଣ । ଏଇ ଶଳାଟି ସେଦିନବେଳେ ଦାଦଗିରି ପାଲଟିଯାଇଥିଲା । ଟଙ୍କା ଛଡ଼େଇ ନେଇ ଓଲଟି ପୁଣି ମାଡ଼ ।" ଏତକ କହି ସେ ଚୁପ୍ ହୋଇ ରହିପାରିଲା ନାହିଁ, ତା ଝଣ୍ଟିକୁ ଧରି ଦୁଇ ତିନି ଝିଙ୍କା ଦେଲା । ଝଣ୍ଟିଆଟା ଚିତ୍କାର କରିଉଠିଲା । ପୁଲିସ୍ ସାହେବ ହସ୍ତକ୍ଷେପ କରି ନଥିଲେ ଝଣ୍ଟିରୁ ଫାଟେଲ ଉପୁଡ଼ି ଯାଇଥାଆନ୍ତା ।

ପୁଲିସ୍ ସାହେବ ଦେଖିଲେ ମାଡ଼ ଭରଣ ଦ' ପଇସା ହୋଇସାରିଛି । ତେଣୁ ସେ ଟିକିଏ କଅଁଳେଇ ପଚାରିଲେ, "ହଇରେ, ତୁମେ ସବୁ ଭେଣ୍ଡିଆଗୁଡ଼ାକ କାମ କଲେ ପୃଥିବୀ ଓଲଟାଇ ପକାନ୍ତ, ଭଲ କାମ ଛାଡ଼ି ଏ ମାଡ଼ଖିଆ କାମଗୁଡ଼ାକ କରୁଛ କାହିଁକି ?"

"ଆଜ୍ଞା, ହଜୁର ଯଦି ଏ ମୁଣ୍ଡ ରଖିବେ ତେବେ କହିବି ।"

"ହଉ, ତମ ମୁଣ୍ଡ ରଖିବି, କୁହ ।"

"ଆଜ୍ଞା ହଜୁର, ଦୁନିଆରେ କିଏ ମାଡ଼ଖିଆ କାମ ନ କରୁଛି ? ମାଡ଼ଖାଉଛି ବଳୁଆ ଥିଲେ ଖସିଯାଏ, ଦୁର୍ବଳ ଥିଲେ ମାଡ଼ ଖାଏ ।"

"ଜୁଆ ଖେଳିବାକୁ ମନା, ତୁମେସବୁ ଭେଣ୍ଡିଆ ହୋଇ ଜୁଆ ଖେଳୁଛ କାହିଁକି ?"

"ଆଜ୍ଞା ଆଉ କାହା କଥା କହିବି, ଖୋଦ ମନ୍ତ୍ରୀମାନେ ବି ଜୁଆ ଖେଳୁଛନ୍ତି । ଆମେ ତ ଆଠ ଦଶ ଟଙ୍କାରେ ଖେଳୁଛୁ, ହଜୁର ! ସରକାର ତ ଆଠ ଦଶ କୋଟି ଟଙ୍କାରେ ଜୁଆ ଚଳେଇଛନ୍ତି ।"

"ଚୁପ୍ କର, ମନ୍ତ୍ରୀଙ୍କ ନାଁ ଧରିବୁ ନାହିଁ । ହଇରେ, ସେମାନେ ଦେଶର ମଙ୍ଗଳ ପାଇଁ କେତେ ସ୍ୱାର୍ଥ ତ୍ୟାଗ କରି, କେତେ ପ୍ରକାର ଯୋଜନାସବୁ କରି ଦେଶସେବାରେ ଲାଗିଛନ୍ତି, ତାଙ୍କ ନାଁରେ ବଦ୍‌ନାମ !"

"ଆଜ୍ଞା ସେହି ଯୋଜନାଠେଇଁ ତ ସବୁ ଜୁଆଡ଼କ ଠୁଳ ହୋଇଛି, ଆଉ ବି ସେଇ ଯୋଜନା ନାଁରେ ଜୁଆ ଖେଳିଲେ ହାରି ଗୁହାରି ନାହିଁ ।"

Digitized by srujanika@gmail.com

“ଆରେ ଦୂର୍ ଦୂର୍, କାହାକୁ କାହା ସଙ୍ଗେ ତୁଳୁଛୁ ? ତୁମେ ସବୁ ଜୁଆ ଖେଳି ପଇସା ଆପଣା ଅଣ୍ଟାରେ ଗୁଞ୍ଜୁଛ; କିନ୍ତୁ ଯୋଜନା ଜୁଆର ଟଙ୍କା ଦେଶରେ ବାଣ୍ଟା ହେଉଛି ।”

ଆଜ୍ଞା ହଜୁର୍, ଆମେ ଘରେ କାମ୍ପଟାଏ ଫୁଟିଲେ ହଜୁରଙ୍କ ନାକରେ ବାସନା ବାଜୁଛି । ଆଉ ଯୋଜନା-ଜୁଆରେ ଲାଗୁଥିବା ଟଙ୍କା ମନ୍ତ୍ରୀ, ବି. ଡ଼ି. ଓ ଓ ଅନ୍ୟାନ୍ୟ ବଡ଼ ବଡ଼ ହାକିମଙ୍କ ଅଣ୍ଟାକୁ ଯାଉଛି କି ନା ହଜୁର କଅଣ ଜାଣିପାରୁ ନାହାନ୍ତି ।

ପାହ୍ୱାକୁ ଆସିବା ପରେ ସେମାନେ କେତେ ଦରମା ପାଉଛନ୍ତି ଓ କେତେ ସମ୍ପତ୍ତି କରୁଛନ୍ତି ସେଇ ତାଲିକା ଦେଖିଲେ କଅଣ ଜଣାପଡ଼ିବ ନାହିଁ । ହଜୁରଙ୍କୁ କୋଉ କଥାଟା ଅଜଣା ଅଛି ?

“ଗୁଡ଼ ସେସବୁ ଗାଧୋଇ ଗଲା । ତୁମେ ସବୁ ବାଟୋଇଙ୍କୁ ପ୍ରଲୋଭନ ଦେଖାଇ, ତାଙ୍କୁ ମିଛ କଥା କହି ଠକଉଅ ନାହିଁକି ?”

“ଆଜ୍ଞା ହଜୁର, ଆମେ ଜଣେ ଦି’ଜଣ ଲୋକଙ୍କୁ ସିନା ଲାଲଚ୍ ଦେଖାଇ ଭଣ୍ଡି ଦେଉଛୁ, ଆଉ ହାଲି ମନ୍ତ୍ରୀ ସମସ୍ତଙ୍କର ଖପରଲି ଘର କରିଦେବୁ, ସବୁ ଗାଁରେ କାରଖାନା ବସେଇଦେବୁ, କଳପାଣି ଯୋଗାଇଦେବୁ କହି ମୁଲକଟାଯାକ ସମସ୍ତଙ୍କୁ ଠକେଇ ଦେଲେ, ତାଙ୍କୁ ସେ କଥା କିଏ ପଚାରୁଛି ?”

“ଏତେ ଇସ୍ପାତିଆ ବୁଦ୍ଧି ତୋର, ମୋ ସ୍ୱକରକୁ ବାଡ଼େଇଲୁ କାହିଁକି ? ଜୁଆରେ ଟଙ୍କା ଲଗେଇବାକୁ ଜଣେ ତାକୁ ମନା କଲା, ତୁମେ କାହିଁକି ଉପରେ ପଡ଼ି ତାକୁ ମାରିଲ ?”

“ଆଜ୍ଞା ହଜୁର, ସେତିକି ଭୁଲ ହୋଇଯାଇଛି । ଆପଣଙ୍କ ସ୍ୱକର ବୋଲି ଜାଣିଥିଲେ ଆମେ କେଭେଁ ଏମିତିଆ ଦୁଃଖିଆ କାମ କରି ନ ଥାନ୍ତୁ; ବରଂ ପାନ ଖଣ୍ଡେ, ସିଗ୍ରେଟ୍ ଗୋଟାଏ ଦେଇ ହାତ ଗୋଡ଼ ଧରି ସବାଶେଷକୁ ଟଙ୍କେ ଦି’ଟଙ୍କା ଦେଇ ବିଦା କରି ଦେଇଥାଆନ୍ତୁ । ଆପଣଙ୍କ ସ୍ୱକର ନ ହୋଇଥିଲେ ଆମର ଭୁଲ କାହିଁକି ହୁଅନ୍ତା ?”

“ଆଉ ଯେ ସ୍ୱେ ହୋଇଥିଲେ ତମର ବାଡ଼େଇବାଟା କଅଣ ଠିକ୍ ହୋଇ-ଥାଆନ୍ତା ?”

“ଆଜ୍ଞା ହଜୁରଙ୍କୁ ଆମେ କଅଣ କହିବୁ, ହଜୁର ତ ଆମ ଅପେକ୍ଷା ବେଶି ଜାଣନ୍ତି । ମୁଲକଯାକ ଲୋକ ଯେଉଁ ଖଜଣା ଦେଉଛନ୍ତି, ସରକାର ତ ସେଥି

Digitized by srujanika@gmail.com

ଖଜଣାରେ ଜୁଆ ଖେଳୁଛନ୍ତି । ଯଦି କେହି କୁହାଳିଆ ବାହାଣପଢ଼ି ସମସ୍ତଙ୍କୁ କହିବ —ଆରେ ହେ, ସରକାର ଟଙ୍କାରେ ଜୁଆ ଖେଳୁଛ, ତାକୁ ଖଜଣା କେହି ଦିଅ ନାହିଁ, ତେବେ ହଜୁର ସେମିତିଆ ଲୋକଙ୍କୁ କ'ଣ ଛାଡ଼ିଦେବେ ? ଏମିତିଆ ଲୋକଙ୍କ ପିଠିରୁ ଯେ ହଜୁର କେତେ ଚେପା ଛଡ଼େଇଥିବେ ତାହା ହଜୁରଙ୍କର ଆଉ ମନେ ନଥିବ । ହଜୁର ଏଇଥିରୁ ବିଚାର କରି ଯାହା ଦଣ୍ଡ ଦେବେ ଦିଅନ୍ତୁ ।"

ପୁଲିସ୍‌ସାହେବ ଆଉ ଅଧିକା କିଛି ନକହି ଇନ୍‌ସପେକ୍ଟରଙ୍କୁ ସେମାନଙ୍କୁ ଥାନାକୁ ନେଇଯିବା ଲାଗି ଇଙ୍ଗିତ ଦେଇ କୋଠି ଭିତରକୁ ପଶିଗଲେ । ସେ ଦିନଟାଯାକ ସମସ୍ତେ ତାଙ୍କୁ ଅନ୍ୟମନସ୍କ ଥିବାର ଦେଖିଲେ ।

Digitized by srujanika@gmail.com

# ପଙ୍ଗପାଳ

ଅକର୍ମୀ ଦଳର ନେତା ସ୍ୱରରେ ଶୋବରା, ଯାହୁର ଚକରା ଓ ଅନ୍ୟାନ୍ୟ ଅକର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲା, "ଦେଖ ସେ ଶୁଣ୍ଢା ରଘୁ ସ୍ୱାଇଁର ନୂଆ-ପଇସାଟାଏ ବି ଆମ ପେଟରେ ପଡ଼ିଲା ନାହିଁ । ଯାହୁର କାହିଁକି ଆଖପାଖ ସାତ ଯାହୁର ଯେତେ ଲୋକ, କାହା ମାଲ ଆମ ପେଟରେ ନ ପଡ଼ୁଛି, ଏମିତ ନୁହେଁ । ଶାଗ, ମୁଗ, ପଇସା ପତର କୋଉ ଆକାରରେ ହେଲେ ବି ଆମ ପେଟରେ ପଶିଛି, ପଶୁଛି, ପଶିବ । ଆଉ ସେ ଶୁଣ୍ଢା ରଘୁଆ—ଅଲପେଇଷାଟା ନିର୍ବଂଶରେ ଯାଉ । ଅଲକ୍ଷଣାଠୁଁ କସ୍ କଦରରେ ନୂଆ ପଇସାଟାଏ ବି ହାତପେଠ କରିହେଲାନି । ପଇସା ତ ପଇସା, କନସିରି ପତର କେରାଏ ବି ଶାଗ କରିବାକୁ ମିଳିଲା ନାହିଁ । ଶଶୁରପୁଅଟା କେଉଁ ବଳଟାଏ ନ କରିଛି । କୋଉ ଜିନିଷଟା ସେଠି ନ ହଉଛି । କଦଳୀ, ପିଜୁଳି, ଅମୃତଭଣ୍ଡା, ଆମ୍ବ, ସପୁରି, ଆଳୁ, ପୋଟଳ, ବାଇଗଣ, କୋବି, ମୂଳା, ପିଆଜ ଆଉ ଫସଲ ସେଠି ଚଉଠେ ପଡ଼ିଲେ ଗୋଟାଏ ହଉଛି । ଧାନ କଥା କହିବ କଅଣ, ଅଃ କି ବାସନା ଧାନ ! ପାଚିଲାବେଳେ ଆଖପାଖ ମହକାଇ ଦିଏ । ହେଲେ କୁଟା ଖିଏ କି ମଞ୍ଜାଖଣ୍ଡିଏ ଆମକୁ ହାତଟେକି ଦେଲା ନାହିଁ । ଦବା ତ ଦୂରର କଥା ବାଲ ଭିତରକୁ ଟିକିଏ ପଶେଇ ଦେଲା ନାହିଁ । ଯେବେ ବା ଯଦି କସ୍ କଦର୍‌ରେ ପଶିଗଲ, ତେବେ ଗୋଡ଼େ ଗୋଡ଼େ ଜଗିଥିବ । ଗଛ ପତରରେ ଟିକିଏ ଆଙ୍ଗୁଠି ମାରିଦେଲେ ଗୋରୁଅଡ଼ା ପାଞ୍ଚଟାଏ କରି ଏକାବେଳକେ ମିଶିଆସିବ । ଅଲପେଇସା କଣ୍ଠରେ ଦିନେହେଲେ ସରସ୍ୱତୀ ବସିଲେ ନାହିଁ କି ତା ପାଟିରୁ ଦିନେହେଲେ ବାହାରିଲା ନାହିଁ --"ଚକରା କରେ, ଏ ଖଣ୍ଡିଆ ପିଜୁଳିଟା ନେ ।"

ଉପରେ ପଡ଼ି ସରୁଆ ଭହୁଉଠିଲା, "ସେ ଶାଗ ମୁଗ ଗାଧୋଇଗଲା, ମୁଦାଏ ବାସି ତୋରାଣି ଆମକୁ କୋଉଦିନ ଯାଚି ଦେଲାଣି ନା ? ଭିକାରୀଟାଏ ତା ଦୁଆରୁ ଖୁସି ମନରେ ଫେରିବା କିଏ କେବେ ଦେଖିଛ ? ଆମ ଭିତରୁ କେହି ତାଠୁଁ ଅଣାଟାଏ ବି ଧାର କେବେ ପାଇଛ ? ଆଉ ସ୍ୱେଠାର ଯଦି କାହାର କିଛି କାମ ହାସଲ କରିବାକୁ ଥିବ, ତେବେ ତା ପାଖରେ ହାତ, ମୁହଁ, ହାଣ୍ଡି ସବୁ ଖୋଲା । ଆଉ ଆମ ପରି ଯାହା ପାଖରେ କିଛି କାମ ନାହିଁ, ତା ପାଖରେ ସବୁ ମୁଦା, ଏକା-ବେଳକେ ଜଉମୁଦା । ମନହୁଏ ସମସ୍ତେ ଦଳ ବାନ୍ଧି ତା ବାଲ ଭିତରେ ଲୁସ୍ କରି ପଶିଯାଆନ୍ତେ, ଆଉ ମନଇଚ୍ଛା ଫଳଫୁଲର ଖାଇ ସଲେଇ ଆସନ୍ତେ ।"

Digitized by srujanika@gmail.com

ମକଦମ କାନରେ ହାତ ଦେଇ ପାଟିକରି ଉଠିଲା—"ଆରେ ବାପ୍‌ରେ ବାପ, ସେ କଥା ବୁଝନା । ଏତେ ତ ତା ଉଦରରେ ଏଡ଼େଟା ବାଘର ବଳ, ତା ଉପରେ ପୁଣି ଯୋଉ ପାଞ୍ଚହାତିଆ ତେଲ ପଗ୍ଗ ଠେଙ୍ଗା ଖଣ୍ଡିକ ତା ପାଖରେ ସବୁବେଳେ ଥାଏ, ତାକୁ ବାବା ଦଶ ହାତ ଦୂରରୁ ଜୁହାର । ଓଲିଆ ଗାଈଟାଏ କି ଷଣ୍ଢଟାଏ ତା ବାଡ଼ ଭିତରକୁ ପଶିବାକୁ ସାହସ କରନ୍ତି ନାହିଁ । ଆମେ କଟା ଗୁର, ଆମ ଭଳିଆ ଦଶଟାକୁ ଆଖିପିଛୁଳାକେ ମଞ୍ଛି ଦେବ । ଜୋରଜୁଲମ କରି ତାଠୁଁ ଝଡ଼େଇବା ଏକାବେଳକେ ଅସମ୍ଭବ । ବରଂ ସାମଲା ସାମିଲ କରି ମୁଣ୍ଡରେ ପିଠିରେ ହାତ ବୁଲେଇଲେ କିଛି ହାତପେଠ ହୋଇଯାଇପାରେ । ଯେକୌଣସିମତେ ତାଠୁଁ କିଛି ନ ଝଡ଼େଇଲେ ମନରେ ଗୋଟାଏ ଅରମାନ ରହିଯାଉଛି, ହୃଦଟା ବଦାଶ ହୋଇଯାଉଛି । ସମସ୍ତେ ମିଶି ଗୋଟାଏ କିଛି ଉପାୟ କର, ଯେମିତିକି ସୁରୁଖୁରୁରେ ତା ଜିନିଷ କିଛି ଆମ ପେଟରେ ପଶିବ । ତାହାହେଲେ ଯାଇ ସାତସାହିଗିଲା ଭାବରେ ଆମ ଟେକ ରହିବ । ଆମ ମନରେ ତ ଗୋଟାଏ ସନ୍ତୋଷ ହେବ ଯେ ସାତ ସାହି ଭିତରୁ ଆମ ଦାଉରୁ କେହିହେଲେ ବର୍ତ୍ତିନାହାନ୍ତି ।"

ସମସ୍ତଙ୍କ ମନକୁ କଥାଟା ପାଇଲା, ଆଉ ସମସ୍ତେ ବି ଗୋଟାଏ ଉପାୟ ଉଦ୍ଭାବନରେ ଲାଗିଗଲେ । ବହୁତ ଭାବି ଭାବି ଜଣେ କହିଲା, "ତା ଘରେ ମାମଲା ଭିଡ଼ି କରିଦେବା, ଆଉ ଆମେ ଦି' ଭାଗ ହୋଇ ଦି'ତରଫରୁ ଉଖାରୁଥିବା । ବାସ୍, ତା' ପରେ ହିଁଙ୍କ ଲାଗିଲା ପରି ଦୁହିଁଙ୍କ ଉଦରରେ ଲାଗିଯିବା । ତେଣିକି କାମ ଫତେ ।"

ଭୁଲେଇ ଭୁଲେଇ ଆଉ ଜଣେ କହିଲା, "କଥାଟା ବଢ଼ିଆ ହେଲେ ମନକୁ ପାଉନି । ମାମଲାର ତ ଗୋଡ଼ ନାହିଁ ଯେ ସେ ଟୁଙ୍ଗ୍ ଟୁଙ୍ଗ୍ ତା ଘର ଭିତରେ ପଶିଯିବ । ସେଇଟା କାହା କାନ୍ଧରେ ବସି ତା ଘରେ ପଶିବ । କେଉଁ ପୁଅଟାର ହିମତ୍ ଅଛି ତ ବାହାକୁ ମାମଲାକୁ କାନ୍ଧରେ ବସାଇ ତା ଘରକୁ ଯିବ, ଆଉ ବା ଯଦି ବା ମୁଣ୍ଡରୁ ପାଣି ଛଡ଼େଇ କେହି ତାହା ଘରକୁ ମାମଲା ନେଇ ପଶେ, ତେବେ ତା ଘରେ ଯେଉଁ 'ଠେଙ୍ଗା' ଜଜ୍ ବସିଛି, ସେ ସାଙ୍ଗେ ସାଙ୍ଗେ ଲେକ ସହ ମାମଲାକୁ ଡିସ୍‌ମିସ୍ କରିଦେବ । ତେଣିକି କି ଉପାୟ ?"

ଆଉ ଉପାୟ କାହା ମୁଣ୍ଡରେ ପଶୁଛି ! ସମସ୍ତେ ଅଡ୍ଡାକରି ବସିଥିବା ଗୋଟିଏ ଡାଳ ହଠାତ୍ ଭାଙ୍ଗିଗଲେ ଯାହା ହୁଏ, ତାହାହିଁ ହେଲା । କାହାରି ମୁଣ୍ଡକୁ ଆଉ ବୁଦ୍ଧି ପଇଟିଲା ନାହିଁ । ସମସ୍ତେ ଏକପ୍ରକାର ଭକୁଆ ପାଲଟିଗଲେ ।

ପଞ୍ଚ ଚପି ଚପି ତୋଡ଼େ ପାଇଲା ପରେ ଆଉ ଜଣେ ଖୁବ୍ ମୁଣ୍ଡ ଖେଳାଇ କହିଲା, "ହେ ! ଶୁଣ ସମସ୍ତେ ଯାଇଁ ତାକୁ ଡାକଦେଇ କହିବା—ସାଇଁଏ, ଗୋଟାଏ

Digitized by srujanika@gmail.com

ହରିହାଟ ବସାଅ । ଧର୍ମ କାର୍ଯ୍ୟ ହେବ । ଆରପାରିକୁ କିଛି ଧର୍ମ ସାଇତିବା ତ ଦରକାର, ମଣିଷ ଜୀବନ ପାଣିଫୋଟକା ସଙ୍ଗେ ସମାନ, କେତେବେଳେ ଯେ ଠୋ କରି ଫୁଟିଯିବ ତା କିଏ କହିବ ? ତେଣୁ ହାତ ଗୋଡ଼ ଥିଲୁ ଥିଲୁ ଧର୍ମ ସାଇତି ରଖିବା ଦରକାର । ଗଲାବେଳେ ସେଇ ଧର୍ମ ଖାଲି ସାଙ୍ଗରେ ଯିବ, ଆଉସବୁ ଏଇଠି ପଡ଼ିରହିବ । ଏମିତି ବୁଝେଇଦେଲେ ସ୍ୱର୍ଗ କୋଚଆ ହୋଇଯିବ । ହରିହାଟ ବସେଇଲେ ମନଇଚ୍ଛା ଖାନା ପିନା ମିଳିବ ଓ ଫେରିବାଟରେ ହାତ ସଫେଇ କଲେ ସେ ବାଟରେ ବି ଢେର ପଇସା ହାତପେଠ ହୋଇଯିବ ।”

ଆଜି ଜଣେ ହସି ହସି କହିଲା, “ଖାଇଥା ଖାଇଥା, ଆକାଶ କଇଁଆ ଓ ଚଲ୍ଲକା ମାନ୍ଧ । ଆରେ ବାବୁ, ସ୍ୱର୍ଗ ସେ ବାଗରେ ପଡ଼ିବା ଲୋକ ନୁହେଁ । ମୁଁ ଜାଣେ ଶୁଣିଛି —ଥରେ ବୁଢ଼ାବ୍ରାହ୍ମଣ ଜଣେ ତାଙ୍କୁ ଖାଲେଇରେ ଭର୍ତ୍ତି କରିବାକୁ ବସିଥିଲା । ସେ ଖାଲେଇରେ ପଶିବ କଅଣ, ଓଲଟି ଠୋ ଠୋ ବଜେଇଦେଲା, ହଇ ହୋ ! ମୁଁ କ ପାପ କରିଛି ଯେ ପଇସାରେ ଧରମ କିଣି ପାପତକ ଫେଣ୍ଡେଇବି । ଯା ଯା, ଯେଉଁ-ମାନେ ହାତ ନ ହଲେଇ ହାତୀ ପରି ଗଣ୍ଡି ଫୁଲେଇ ବସିଛନ୍ତି, ଭେଳକି ଦେଖାଇ ଶହ ଶହ ଲୋକଙ୍କୁ ଲୁଟି ନଉଛନ୍ତି, ତାଙ୍କ ପାଖକୁ ଯାଅ । ସେଇମାନେ ତ ଧର୍ମ କର୍ମ ଭରି କୋଉରେ କରନ୍ତୁ । ଜମା ହେଇଥିବା ପାପତକ ଖଣ୍ଡିଯିବ । ଆଉ ମୁଁ ତ ନିଜ ହାତ ଗୋଡ଼ ଖଟେଇ ଫସଲ ଉପୁଜାଉଛି । ମୁଁ ଖାଉଛି ଓ ମୋ ପିଲାକବିଲା ସହ ମତେ ସାହାଯ୍ୟ କରୁଥିବା ଲୋକଙ୍କୁ ଖୁଆଉଛି । ମୋର ପାପ କୁଆଡ଼ୁ ହବ ଯେ ଧରମ କରି ତାକୁ ପୋଛିବ । ଯୋଉ ଲୋକ ଏମିତି ମୁହେଁ ମୁହେଁ ବାଢ଼େଇ ଦେଇପାରେ, ତାକୁ ପୁଣି ତୁମେ ହରିହାଟ ଖାଲେଇରେ ପୂରେଇବ ? ତୁଚ୍ଛା କଥାଗୁଡ଼ାକ କହି ଲାଭ ନାହିଁ ।”

କଅଁଳି ଆସୁଥିବା କଟା ଗଛକୁ ପୁଣି ଯେମିତି କିଏ ହଞ୍ଚି ପକେଇଲା । ଥଳ କୂଳ ନ ପାଇ ସମସ୍ତେ ଯେମିତି ମଝି ଦରିଆରେ ଭାସିଲାଗିଲେ । ମନରୁ ସମସ୍ତେ ସେ ଆଶାକୁ ପୋଛି ପୋଛି କାଢ଼ି ଫୋପାଡ଼ି ଦବାକୁ ବସିଛନ୍ତି, ଠିକ୍ ଏତିକିବେଳକୁ ଚଇଁଆ ଆସି ପହଞ୍ଚିଗଲା । ସମସ୍ତଙ୍କୁ ଏମିତି ମୂକ ହୋଇ ବସିଥିବାର ଦେଖି ତା’ର କାରଣ ପଚାରିଲା । ଚକରା ଠିକେ ଠିକେ ସବୁ କହିଗଲା । ସବୁ ଶୁଣିସାରି ସେ ଆଉ ଟିକିଏ ଗୁମ୍‌ମାରି ବସିଗଲା । ସେଦିନ ଖବରକାଗଜରେ ପଢ଼ିଥିବା ଗୋଟିଏ ଖବର ତା’ର ମନେପଡ଼ିଗଲା । ତା’ ପରେ ସମସ୍ତଙ୍କୁ ସାହସ ଦେଇ କହିଲା—“ଏଇ ତ । କବା କଥାକୁ ଏତେ ମୁଣ୍ଡ ଖରଚ । କିଛିଦିନ ଅସ୍ୱଧର, ମୁଁ ତାର ବାଟ ଖୋଲି-ଦେବି, ତେଣିକି ତୁମେ ତାଠୁଁ ଯେତେ ଝଡ଼େଇ ପାରିବ ଝଡ଼ା ।”

ଝାଁଟାସିଆ ଖରାରେ ଶୁଖିଯାଉଥିବା ଗଛ ଉପରେ ଯେମିତି କିଏ ପାଣି ଢାଳିଦେଲା । ସମସ୍ତଙ୍କ ପାଟିରେ ଲାଳ ଜକେଇ ଆସିଲା । ପ୍ରଭୁବାଣରେ

Digitized by srujanika@gmail.com

ସମସ୍ତେ ଚଇଁଆକୁ କାଲୁବାଲୁ କରିପକାଇଲେ । ଚଇଁଆ ସମସ୍ତଙ୍କୁ ପ୍ରବୋଧ ଦେଇ କହିଲା—"ଏତେ ଉଛୁନ୍ନ କାହିଁକି ? ଯେତେବେଳେ ଯାହା କରିବାର ହେବ ମୁଁ ବତେଇ ଦେବିନି ? ଇଆଡ଼ୁ ଏତେ ଅସମ୍ଭାଳ କାହିଁକି ? ଏମିତି ହେଲେ ସବୁ ଭଣ୍ଡୁର ହୋଇଯିବ ।"

× × × ×

'ସବୁ କାମଦାମ ସାରି ରଘୁ ସାଇଁ ଦାଣ୍ଡ ପିଣ୍ଡାରେ ଟିକିଏ ବସି ମଜଗୁ ମାରୁଥାଏ । ସନ୍ଧ୍ୟା ହୋଇଆସିଥାଏ । ଏତିକିବେଳେ ଚଇଁଆ ଧଇଁସଇଁ ହୋଇ ଆସି କହିଲା—"ରଘୁଆଭାଇ, ଶୁଣିଲଣି ନା, ଇଆଡ଼େ ପଙ୍ଗପାଳସବୁ ମାଡ଼ି-ଆସୁଛନ୍ତି ।"

"ଏଁ ପଙ୍ଗପାଳ, ସେ କାହିଁକି ଆସୁଛନ୍ତି ?"

"ଆରେ କାହିଁକି ଆସୁଛନ୍ତି କହୁଣ କହୁଛ ମ ! ଆସୁଛନ୍ତି ଚାଷୀଙ୍କ ଗଳା କାଟିବାକୁ । ସୁନାର ଭୂଇଁକୁ ଚୂନା କରିବାକୁ । ଏଠି ଆଉ ଶାଗୁଆ ପତର ଗୋଟିଏ ହେଲେ ଦେଖିବ ନାହିଁ । ଗଛଆଡ଼ ଅଣ୍ଟା କରିଦେବେ । ଧାନ, ରବି, ପନିପରିବା କିଛୁ ତାଙ୍କ ମୁହଁରୁ ବର୍ତ୍ତିବ ନାହିଁ । ବିକଳସଙ୍କ ପେଟରେ ସବୁ ଶେଷ ପାଇଯିବ ।"

ରଘୁଆ ପଛଲେ ଅବା ହୋଇ ରହିଗଲା । ଆଗରୁ ସେ ଥରେ ତା ବୁଢ଼ାବାପାଠୁ ଶୁଣିଥିଲା । ସେମାନେ କୁଆଡ଼େ ସେମିତିଆ କଅଣ ଫସଲସବୁ ଖାଇଯାଉଥିଲେ ବୋଲି ତା'ର ଟିକିଏ ଟିକିଏ ମନେପଡ଼ିଲା । ହେଲେ ଚଇଁଆ ଯାହା କହୁଛି ସେ ତ ଏକାବେଳକେ ମୁଣ୍ଡକାଟ କଥା । ବିଚରା ଖନେଇ ଖନେଇ ପଚାରିଲା--"ଆରେ, ସେଗୁଡ଼ାକ କେତେ ଆସୁଛନ୍ତି ?"

"ଆରେ, କେତେ କଅଣ ପଚାରୁଛୁ । ସେ ସମୁଦ୍ର ଲେଖା ମାଡ଼ିଆସୁଛନ୍ତି । ତାଙ୍କୁ ଗଣିବ କିଏ ? ସେମାନେ ଆସିଲାବେଳେ ସୂର୍ଯ୍ୟ ଲୁଚ ଯାଉଛନ୍ତି । ସେଥିରୁ ଯାହା ବୁଝିବୁ । ଖବରକାଗଜରେ ପୁଣି ବାହାରିଛି ଯେ ଯୋଉଠି ପତର ବାଟର ସରିଯାଉଛି ସେଠି ଲୁଗାପଟା ବି ଖାଇଯାଉଛନ୍ତି ।"

ଆତଙ୍କିଆ ହୋଇଯାଇ ରଘୁଆ ପୁଣି ପଚାରିଲା—"ସେମାନଙ୍କୁ ଆଉ କଅଣ ରୋକ ହେବ ନାହିଁ ?"

"ହଁ ରୋକହବ ଯେ ସେଥିପାଇଁ ବହୁତ ଲୋକ ଦରକାର । ପଙ୍ଗପାଳ ଆସିବା ପୂର୍ବରୁ ଲୋକଙ୍କୁ ହାତମୁଠାରେ ରଖିବା ଦରକାର । ଆସିଲାବେଳେ ଖୋଜିଲେ ଆଉ ନ ମିଳନ୍ତି । ଯେ ଯାହା ବାଙ୍ଗ ବଳରେ ଲାଗିଯିବେ । ତୁମର ତ ଦେଖି ବଳ, ବହୁତ ଲୋକ ଦରକାର, ଇଆଡ଼ୁ ଯୋଗାଡ଼ ନ କଲେ ନ ଚଳେ ।"

Digitized by srujanika@gmail.com

"ସେମାନେ କଅଣ କରିବେ ?"

"ସେମାନେ ଗୋଟାଏ ଗୋଟାଏ ଗଛ ଉପରେ ଚଢ଼ି ନଗି ଅଗରେ ନାଲିକନା ବାନ୍ଧି ଝୁଲେଇବେ, ଆଉ ହୋ ହୋ ଧୋ ଧୋ ପାଟିକରି ଘଉଡ଼ିବେ । ଫୋଟକା ଚେଙ୍ଗାମାନ ଗ୍ରୁଣ୍ଡି ଗୁଡୁରୁଡ଼େଇ ଦେବେ । ତଳକୁ ଓହ୍ଲେଇଲେ ସିନା ଫସଲ ଖାଇବେ ! ଏସବୁ କାଣ୍ଡ ତଳେ ଦେଖିଲେ ସେମାନେ କି ଆଉ ତଳକୁ ଆସନ୍ତି । ସିଧା ଉପରେ ଉପରେ ଅନ୍ୟ ଆଡ଼କୁ ଉଡ଼ିଯିବେ । ଆଉ ଯୋଉଠି ବସନ୍ତି ସେଥିରେ ଆମର ଯାଏ କେତେ ଆସେ କେତେ ? ପର ପୁଅ ମଲା ନା ଶେଗ ବାହାରେ ବାହାରେ ଗଲା । ଏତିକିମାତ୍ର ଜଗିନେଲେ ଆମ କାମ ଫତେ ।"

"ଏତେ ଲୋକ ମୁଁ ପାଇବି କୁଆଡ଼ୁ ।"

"କାହିଁକି ? ଆମର ଏ ଚକରି ଦଙ୍ଗଲକୁ ଧରିଲେ ବୁଝେଇ ପଡ଼ିବ । ହେଲେ ସେମାନଙ୍କ ପିଛା କିଛି ଖର୍ଚ୍ଚ କରିବାକୁ ପଡ଼ିବ । ସେମାନଙ୍କର ମନ ନେବାକୁ ହେବ । ଏଠି ଖର୍ଚ୍ଚରେ କୁଣ୍ଠ କୁଣ୍ଠ ହେଲେ ଚଳିବ ନାହିଁ ; ଫସଲ ଥିଲେ କେତେ ପଇସା ଆସିବ ।"

କଥାଗୁଡ଼ାକ ରଘୁଆ ମନ ଭିତରେ ଏକାବେଳେକେ ପୋଖ ହୋଇଗଲା । ଅଥଳ ଦରିଆ ଭିତରେ ଚଇଁଆ ତାକୁ ଟାପୁ ପରି ଦିଶିଲା । ସେ ତାକୁ ଜକଟି ମକଟି ଧରିଲା । ଚକରି ଦଙ୍ଗଲ ତ ସହଜେ ଚଇଁଆର ଲାଙ୍ଗୁଡ଼ ।

ପଙ୍ଗପାଳ ତାଡ଼ନ ଅଭିନୟର ଧମାଧମ୍ ରିହର୍ସାଲ ଚାଲିଲା । ଯେଉଁ ଗଛରେ ପାଚିଲା ପିଜୁଳି, ସପେଟା ଆଦି ସେଇ ସବୁ ଗଛରେ ଚକରି ଦଙ୍ଗଲ୍ ରିହର୍ସାଲ୍ ଆରମ୍ଭ କଲେ ।

ଚଇଁଆ ଖାଲି ରେଡ଼ିଓ ଖବର ରଘୁଆକୁ ଯୋଗାଇବାରେ ଲାଗିପଡ଼ିଥାଏ । ହେଇ ପଙ୍ଗପାଳ ଆଉ ୨୦ ମାଇଲ ଦୂରରେ, ହେଇ ଦଶ ମାଇଲ ଦୂରରେ, ହେଇ ପାଞ୍ଚ ମାଇଲ ଦୂରରେ, ହେଇ ଅମୁକ ଗଁାର ସାଫ୍ କରିଦେଲେ, ହେଇ ସମୁକ କିଆର ଉଜାଡ଼ିଦେଲେ । ପଙ୍ଗପାଳ ଯେତେ ଯେତେ ପାଖେଇ ଆସୁଥାଆନ୍ତି, ଚକରି ଦଙ୍ଗଲ୍ ସେତିକି ପାନଖିଆ, ଜଳପାନ, ପିଜୁଳି, ସପେଟା, ଖାନା, ସର୍ବୋପରି ରଘୁଆର ଖୋସାମଦରେ ଭାସୁଥାଆନ୍ତି । ଆନନ୍ଦରେ କୁଳୁରିଉଠି ପଙ୍ଗପାଳଙ୍କୁ ମନ-ଖୋଲା ଧନ୍ୟବାଦମାନ ଦେଉଥାଆନ୍ତି । ରଘୁଆର ନଜର ବି ସେମାନଙ୍କ ଉପରେ ରଥାଏ । ସେ ସବୁବେଳେ କାକୁସ୍ଥ ହୋଇ ଉପରକୁ ଚାହିଁଥାଏ ।

ସେଦିନ ଦିନ ୧୨ଟା ବେଳକୁ ଆକାଶର ଦକ୍ଷିଣ ପଟେ ରଘୁଆ ଆଖିକୁ ଚକ୍ ଚକ୍ ହୋଇ କଅଣ ଦେଖାଗଲା । ଗୋଟାଏ ମସ୍ତବଡ଼ ବଉଦ ଯେମିତି ମାଡ଼ିଆସୁଛି ।

Digitized by srujanika@gmail.com

ଚଇଁଆ ଚଳେଇଦେଲା—"ହୁସିଆର, ହୁସିଆର, ଆସିଗଲେ ପଙ୍ଗପାଳ । ଲାଗିଯାଅ କାମରେ ।" ତକଣ ଦଙ୍ଗଲ୍ ଆସି ବେଢ଼ିଗଲେ ରଘୁଆକୁ । ଚଇଁଆ ବାହାଘରେ ହଜମା ମାମଲତକାର ବଡ଼ ପାଟିକରି କାମ ବନ୍ଦ କଲା ପରି ରଡ଼ିଦେଇ ରଘୁଆକୁ କହିଲା. "ଚଞ୍ଚଳ ତାକୁ ପଚାଶ ଟଙ୍କା ଦିଅ, ସେ ଯାଇ ଫୋଟକା ଚେଙ୍ଗା ନେଇ ଆସୁ. ଚଞ୍ଚଳ ଦିଅ, ଆଉ ଭାବିବାକୁ ସମୟ ନାହିଁ ।"

ବାଧ ଗ୍ରହଟି ପରି ରଘୁଆ ଘରୁ ପଚାଶ ଟଙ୍କା ଆଣି ତକର ଲୋକ ହାତରେ ଦେଲା । ଚଇଁଆ ଅତି ସାବଧାନତାର ସହ ତାକୁ ଆଙ୍ଗୁଠି ବଙ୍କା କରି ଠାରିଦେଲା । ସେ ଲୋକ ବି ଅଧାଟଙ୍କା ଅଣ୍ଟାରେ ମାରି ଅଧା ଟଙ୍କାର ବାଣ ଆଣିବାକୁ ହେବ ବୋଲି ଦିଆଯାଇଥିବା ଇଙ୍ଗିତକୁ ଅନାୟାସରେ ବୁଝି ବାଣ ଆଣିବାକୁ ଚାଲିଗଲା । ଅନ୍ୟମାନେ ନାଲିକନାବନ୍ଧା ନଗି ଖଣ୍ଡେ ଖଣ୍ଡେ ଧରି ଗଛ ଉପରକୁ ଉଠିଗଲେ । ନାଲି କନା ସିନା ନଗି ଅଗରେ ଦୋହଲିଲା, ହେଲେ ହୋ ହୋ, ଧୋ ଧୋ ପାଟିଟା ଆଶାନୁରୂପ ହେଲା ନାହିଁ । ଖାଲି ଗୋଦଡ଼ା ଗୋଦଡ଼ା ଶୁଭିଲା । ରଘୁଆ ସିନା ହାଉଳିଖାଇ କିଛି ବାରିପାରିଲା ନାହିଁ, ଚଇଁଆ କିନ୍ତୁ ଏହାର କାରଣ ଠଉରେଇ ନେଲା । ପାଟିର ଅଧିକାଂଶ ଥାନ ପାଚିଲା ଫଳସବୁ ଅଧିକାର କରି ନେଇଥିଲା । ତେଣୁ ଶବ୍ଦ ପାଇଁ, ଖୁବ୍ କମ୍ ଜାଗା ଥିଲା । ପଙ୍ଗପାଳ ଦଳ ଧୀରେ ଧୀରେ ତଳକୁ ଖସୁଥିବାର ଦେଖାଗଲା । ଜଣେ କହିଲା—"ଦିଟା ଘଣ୍ଟା ଓ ଦଶ ବାରଟା ଖାଲି ଟିଣ ଦରକାର । ସେଗୁଡ଼ାକ ବାଜେଇଲେ ପଙ୍ଗପାଳ ଛାଡ଼ି ପଳାଇବେ ।"

ଚଇଁଆ ପାଟି କରି କହିଲା—"ଆଉ ଚାହିଁଛ କଅଣ, ଶୀଘ୍ର ଟଙ୍କା ଦିଅ, ଦିଟା ଘଣ୍ଟା ଓ ଦଶଟା ଖାଲି ଟିଣ ସେ ନେଇଆସୁ । ଜଲ୍ଦି ଜଲ୍ଦି କର, ଖସି ଆସିଲେ ଯେ ।" ହାଉଳିଖାଇ ରଘୁଆ ପୁଣି ଟଙ୍କା କାଢ଼ିଦେଲା । ସେ ଗଲାବେଳେ ଚଇଁଆ ତାକୁ ବୁଝେଇଦେଲା—"ଦି'ଗୁଣା ପଡ଼ୁ ତିନିଗୁଣା ପଡ଼ୁ ଘଣ୍ଟା, ଟିଣ ନିଶ୍ଚୟ ଆଣିବୁ । ଟଙ୍କାକୁ ଏହିକ୍ଷଣି ଚାହିଁଲେ ଚଳିବନି । ଯା, ଯା ଶୀଘ୍ର ଯା ।"

ଏହାର ଅର୍ଥ ବୁଝିବାକୁ ତାକୁ ଡେରି ଲାଗିଲାନି । ସେ ବିଜୁଳି ବେଗରେ ଜିନିଷ ଆଣିବାକୁ ଚାଲିଗଲା ।

ନଗି ହୁଲା, ପାଟି, ଘଣ୍ଟା, ଟିଣ ବାଡ଼ିଆ, ଫୋଟକା ଫୁଟା, ଚେଙ୍ଗାମନ୍ତ୍ର ସତ୍ତ୍ୱେ ପଙ୍ଗପାଳମାନେ ମେଘ ଖସିଆସିଲା ପରି ବିଲ ଉପରେ ଓହ୍ଲେଇ ପଡ଼ିଲେ । ପାଚିଲା ଧାନକ୍ଷେତ ଉପରେ ଯେମିତି ଗୋଟାଏ କଏ ଗାଲିଚା ଚଳେଇଦେଲା । ଗଛ-ମାନଙ୍କରେ ଦହଲ ଫୁଟିଲା ପରି ଦେଖାଗଲା । ଗୁଣିଆଡ଼ଯାକ ପଙ୍ଗପାଳ ବସିଗଲେ । ରଘୁଆ ଝାଁମ ଖାଇଗଲା । ଗଛ ଉପରୁ ଟୋକାଗୁଡ଼ାକ ଭୟରେ ଖସିପଡ଼ିଲେ ।

Digitized by srujanika@gmail.com

ଗୋଟାଏ ଖଡ଼କା ସ୍ୱରରେ ପଙ୍ଗପାଳମାନଙ୍କୁ ପିଟୁ ପିଟୁ ରଘୁଆ କହିଲା—"ଆଃ ଏତିକବେଳେ ଫାରମରୁ କୀଟମାର ଆଣି ପିଚ୍‌କାରୀରେ ପକେଇଦେଲେ ସବୁ ଖତମ ପାଇଯାଆନ୍ତେ ।"

ଗୋଟାଏ ଟୋକା କହିଲା—"ମୋ ଦାଦା ଫାରମରେ ଅଛି । ଖର୍ଚ୍ଚା ଦେଲେ ମୁଁ ତାକୁ କୀଟମାର ଆଣି ଆସିବାକୁ ଖବର ଦିଅନ୍ତି । ହାକିମ ହୁକୁମା ଲୋକ; ସେଠି ଖୁବ୍ କମ୍‌ରେ ଦୁଇ ଶହ ଟଙ୍କା ନପାଇଲେ ଦାଦା କଥା ଶୁଣି ଯିବ କାହିଁକି ?"

ଚଇଁଆ ରଘୁଆକୁ ପାଟିକରି କହିଲା—"ଆରେ ଭାବୁଛୁ କଅଣ ମ ! ଦୁଇ ହଜାର ଟଙ୍କାର ଫସଲ ଉଜୁଡ଼ିଯିବ ଯେ । ଦୁଇଶହ ଟଙ୍କାକୁ ଭାବୁଛୁ କଅଣ—ଯା ଜଲ୍‌ଦି ଟଙ୍କା ଆଣ ।"

ପ୍ରାଣବିକଳରେ ରଘୁଆ ଘରକୁ ଧାଇଁଲା । ଚଇଁଆ ଚୁପ୍ ଚୁପ୍ କରି ସେ ଟୋକାକୁ କହିଲା—"ଦେଖ ଏତିକ ପୂର୍ବାପର ରଖିନେବୁ । ଫାରମବାଲା ଖବର ପାଇବା ମାତେ ଗ୍ରୁଏଁ ଗ୍ରୁଏଁ ଆସି କୀଟମାର ପକେଇଦେବେ । ସେମାନେ ତ ଆଗରୁ ତିଆର ହୋଇ ରହିଛନ୍ତି । ଦେଖ ସବୁ ଟଙ୍କାର ହିସାବ କିତାବ ରଖିଥିବ, କାମ ସରିଲେ ବାଣ୍ଟିବୁଣ୍ଟି ନେବା ।"

ମୁହୂର୍ତ୍ତିକ ମଧ୍ୟରେ ରଘୁଆ ଦୁଇ ଶହ ଟଙ୍କା ଆଣି ଦେଲା । ଟୋକାଟା ସେତିକ ନେଇ ଚାଲିଗଲା ।

ଗଡ଼ ପଡ଼ିଲା, କୀଟମାରୀଙ୍କ ଦେଖାନାହିଁ । ରଘୁଆର ଉଦ୍‌ବେଗ ଦେଖି ଚଇଁଆ ବୁଝେଇଦେଲା, "ଆରେ କୀଟମାର ସରି ସରିଯାଇଥିଲା ଯେ ଫାରମବାଲା କଲିକତାକୁ ତାର କରିଛନ୍ତି । ନୂଆ କାଲି ସକାଳେ ଉଡ଼ାଜାହାଜରେ ଆସି ପହଞ୍ଚିଯିବ । ପୁରୁଣା କୀଟମାରଗୁଡ଼ାକ ଗମଗି ହୋଇଯାଇଥିଲା । କୀଟମାରରେ ବଢ଼ିଆ କାମ ହେବ । ଏକାବେଳକେ ମୂଳପୋଛ ହୋଇଯିବେ ।"

ଭଙ୍ଗା ଗଳାରେ ରଘୁଆ କହିଲା—"ଏ ଗଡ଼ଟାରେ ଫସଲ ବର୍ତ୍ତିବଟି !"

ଅଲବତ୍ତ ବର୍ତ୍ତିବ । ସେମାନେ ଗଡ଼ରେ ଖାଆନ୍ତି ନାହିଁ, ଖାଲି ଶୋଇ ରହନ୍ତି । ସେମାନଙ୍କୁ ସହଜେ ଦଣେ ନାହିଁ । ତୋ ଧାନର ଯଦି କିଛି କ୍ଷତି ହେବ, ତେବେ ମୋ ନାଁରେ କୁକୁରଟାଏ ପାଳିବୁ । ଧାନର ଯାହା କ୍ଷତି ହେବ, ସବୁ ମୁଁ ଦେବି । ତୁ ବେଧଡ଼କ୍ ରହ ।"

ରଘୁଆ ମଳମୂଷାଟି ପରି ଘରେ ପଡ଼ିରହିଲା । ଗୋଟାଏ ଟୋକା ଚଇଁଆକୁ ପଚାରିଲା—"ହେ, ତୁମେ କେମିତି ଏଡ଼େବଡ଼ ପ୍ରତିଜ୍ଞା କରିପକେଇଲ ? ଯେତେ ପଙ୍ଗପାଳ ଓହ୍ଲାଇଛନ୍ତି, କାଲି ସକାଳକୁ ଆଉ କୁଟାଖିଏ ରଖିଥିବେନା ?"

ମୁରୁକିହସା ଦେଇ ଚଇଁଆ କହିଲା—"ଆରେ ସେତିକ ବୁଝିଁଆ ନ ହେଲେ ଚଇଁଆକୁ ବୁଝିବ କିଏ ? ଆରେ ଓଲୁ ! ରଘୁଆକୁ ସିନା ମାଲୁମ ନାହିଁ, ମତେ ସବୁ

Digitized by srujanika@gmail.com

ମାଲୁମ । ପଙ୍ଗପାଳ ପାଚିଲା ଧାନକୁ ଛୁଇଁବେ ନାହିଁ । ତାଙ୍କର ଲୋଡ଼ା ଶାଗୁଆ ଶାଗୁଆ କଅଁଳିଆ ପତ୍ର । ମୁଁ ବି ଭଲକରି ଦେଖିନେଇଛି ସେଗୁଡ଼ାକ ପତର ବି ଖାଉନାହାଁନ୍ତି । ବୋଧହୁଏ ପେଟ ପୂରି ଅଛି । ଉଡ଼ି ଉଡ଼ି ଥକି ପଡ଼ିଛନ୍ତି । ସେଇଥିଲାଗି ଖାଲି ବିଶ୍ରାମ ନେଉଛନ୍ତି । ସେମାନେ ବି ଗୋଟାଏ ଜାଗାରେ ରହିବା ଜନ୍ତୁ ନୁହନ୍ତି । କାଲି ସକାଳେ ଦେଖିବ ପୁଣି କୁଆଡ଼େ ଉଡ଼ି ପଳେଇବେ । ସକାଳୁ ଆସି ଘଉଡ଼ା ଘଉଡ଼ି କରିଦେବା ।"

ସକାଳ ହେଲା । ରଘୁଆ, ଚଇଁଆ ଓ ଚକରା ଦଙ୍ଗଲ ବିଲକୁ ଧାଇଁଲେ । ରଘୁଆର ଦେହରେ ଟିକିଏ ଜୀବ ପଶିଲା । ପଙ୍ଗପାଳ ଯେମିତି ଶୋଇଲା ଧାନ ଉପରେ ବସି ରହିଥିଲେ ତହିଁ ଧାନ ସେମିତି ରହିଛି, କିଛି କ୍ଷତି ହୋଇନି । ତା ଗୋଡ଼ ହାତରେ ଟିକିଏ ବଳ ଆସିଲା ।

ଝିଟିମାଛି ଦଳ ଆସିଲା ବେଳକୁ ପଙ୍ଗପାଳମାନେ ଉଡ଼ିଯାଇଥିଲେ । କାଁ ଭାଁ ଗୋଟାଏ ଅଧେ କେଉଁଠି ଲୁଚି ରହିଯାଇଥିଲେ । ତାଙ୍କରି ଉପରେ ଛୁ ଛୁ କରି ଝିଟିମାଛି ପାଣି ଟିକିଏ ଟିକିଏ ଛୁଇଁଦେଇ ସେମାନେ ଚାଲିଗଲେ ।

"ପୁଣି ଆଉ ଗୋଟାଏ ଦଳ ଆସିବେ, ଏ ଦଳଟା ଆହୁରି ବଡ଼, ଆହୁରି ବେଶି ମାରାତ୍ମକ, ତଡ଼ିବା ପାଇଁ ଡବଲ ପରିଶ୍ରମ ଲୋଡ଼ା ।" ଇତ୍ୟାଦି କହି ଚଇଁଆ ଆଉ କିଛିଦିନ ଆସ୍ଥାନ ଜମେଇବାକୁ ଜୋର୍‌ସୋର୍‌ରେ ଲାଗିପଡ଼ିଲା । ମନେ ମନେ ତା'ର ବଡ଼ ଅବଶୋଷ ହେଉଥାଏ । କାହିଁକି ପଙ୍ଗପାଳ ଦଳ ଏତେ ଶୀଘ୍ର ତାଙ୍କୁ ଅନାଥ କରି ପଳାଇଲେ । ସେମିତି ନଖାଇ ନପିଇ ଆଉ ଚାରି ପାଞ୍ଚଟା ଦିନ ରହିଯାଇଥିଲେ ହାତଟା ଭଲକରି ଟାଙ୍କଣେଇ ଯାଇଥାନ୍ତା ।

ପରିଲେ ରଘୁଆ ଅକ୍କାମାରି ଯାଇଥିବାରୁ ଚଇଁଆ କଥାରେ ଉଁ ଚୁଁ ନକରି ସବୁସବୁ କରିଗଲା । କ୍ରମେ ତା'ର ଆଖି ଖୋଲିଲା, ସେ ଗାରଡ଼େଇ ଗାରଡ଼େଇ ଚଇଁଆକୁ ଚାହିଁଲା । ଚଇଁଆକୁ ଅବସ୍ଥାଟା ବୁଝିବାକୁ ଡେରି ଲାଗିଲାନି । ଧରାପଡ଼ିଯିବା ପୂର୍ବରୁ ଉଡ଼ି ପଳେଇବା କୋଟି ଗୁଣେ ଭଲ । ବେଳ ବୁଝି ଚକରା ଦଙ୍ଗଲ ସହି ଫର୍‌ର କରି ଉଡ଼ିପଳେଇଲା ।

ବିଲରେ ନିଶ୍ୱାସ ପକାଇ ରଘୁଆ ଆରାମରେ ବସିଥାଏ । ତା'ର ବନ୍ଧୁ ଜଣେ ବିଦେଶରୁ ଆସି ପହଞ୍ଚିଲା । ପଙ୍ଗପାଳ କେମିତିଆ ସେ ଜାଣିଥିଲା । ରଘୁଆକୁ କୌତୂହଳର ସହ ପଚାରିଲା—"ରଘୁଆ ଭାଇ ! ସେ ପଙ୍ଗପାଳଗୁଡ଼ାକ କେମିତିଆ ମ ?"

ରଘୁଆ ଗମ୍ଭୀର ହୋଇଯାଇ କହିଲା—"ଅଲପେଇସାଙ୍କର ଯୋଡ଼ାଏ ଗୋଡ଼, ଯୋଡ଼ାଏ ହାତ, ଗୋଟାଏ ବିକଟାଳ ପାଟି ଓ ଗୋଟାଏ ସର୍ବଗିଳା ପେଟ ।"

●

Digitized by srujanika@gmail.com

# ପିଲାଚୋର

"ଆରେ ଅବାଇଜା, ବାଜୁଙ୍ଗା, ଛତରା, ଅଲଣାକ୍ଷାଗୁଡ଼ାକ ! ପଣକିଆ ମଡ଼ୁଛ ନା ବସିଛ ? ପିଠି ଖଲୁ କରୁଛୁ କରେ ?" ଏତକ କହି ପାଣୁ ଅବଧାନ ପାଖରେ ଥିବା ବେତଟାକୁ ଉଠେଇ ତଳେ ଭୂଇଁ ଉପରେ ପଟାସ୍ କରି ବାଡ଼େଇ-ଦେଲେ । ଅସ୍ମନକ ଘଡ଼ଘଡ଼ି ମାଇଲେ ଲୋକେ ଯେମିତି ଚମକି ପଡ଼ନ୍ତି, କୋଡ଼ିଏ ଛବିଶି କଚରମଚର ହେଉଥିବା ଟୁଆ ସେମିତି ଚମକିପଡ଼ି ଏକାସ୍ୱରରେ ରଡ଼ି ଛାଡ଼ିଲେ—"ଦୁଇକେ ଦୁଇପଣ, ଦୁଇ ଦୁଣେ ଚାରିପଣ, ଦୁଇ ଛଗ ନଅ ପଣ, ଦୁଇ ଚଉ ସାତ ପଣ —" ପାଣୁ ଅବଧାନେ ପିଲାଙ୍କୁ କାମରେ ଏହିପରି ଲଗେଇଦେଇ ପୁନର୍ବାର ଲେଖନ, ତାଳପତ୍ର ଧରିଲେ । ପିଠିରେ ଥିବା ମଦାଏ ଘୋଡ଼ାଯାକୁ ଖଲୁର ଉନ୍ମେଷକୁ ଲେଖନ ମୁଣ୍ଡରେ ଦମନକରି ତାଳପତ୍ର ଉପରେ ଚର୍ ଚର୍ କରି ଲେଖିଲାଗିଲେ । ଗୃହପାଳୀ ସମସ୍ତ ଭିତରେ ତାଙ୍କୁ ଗୋଟିଏ ନୂଆଁ ଛନୋଟି ଜାତକ ତିଆରି କରିବାକୁ ହେବ । ସେଥିଲାଗି ସେ ମନଧ୍ୟାନ ଲଗାଇ ଜାତକ ଲେଖାରେ ବିଲ୍ କୁଲ୍ ବୁଡ଼ିଗଲେ । ପିଲାଙ୍କର ଦୁଇ ଛଗ ନଅ ପଣ, ଦୁଇ ଚଉ ସାତ ପଣ ଚିତ୍କାର ତାଙ୍କ କାନ ଦେଇ ଚେତନ ମନକୁ ଯିବାର ବାଟ ଆଉ ପାଇଲା ନାହିଁ । ଅବଧାନଙ୍କ ଦୃଷ୍ଟି ଅନ୍ୟ ଆଡ଼କୁ ଯିବାର ଦେଖି ପିଲାମାନଙ୍କର ଦୃଷ୍ଟି ମଧ୍ୟ ସିଲଟ ଉପରୁ ଖସି କେଞ୍ଚାକେଞ୍ଚି, ଚିମୁଟାଚିମୁଟି ଇତ୍ୟାଦି କର୍ମ ଉପରକୁ ଗଲା । ଗୀତ ବୋଲିଲାବେଳେ ଯେପରି ତାନ୍‌ପୁରାର ନିରବଚ୍ଛିନ୍ନ "ଟେଂ, ଟାଂ, ଟିଂ, ଟୁଂ" ଧ୍ୱନି ବାଜୁଥାଏ ପିଲାମାନଙ୍କର କେଞ୍ଚାକେଞ୍ଚି ଓ ଚିମୁଟା କାର୍ଯ୍ୟ ସଙ୍ଗରେ "ଦୁଇ ଛଗ ନଅ ପଣ, ଦୁଇ ଚଉ ସାତ ପଣ" ଧ୍ୱନି ଠିକ୍ ସେହିପରି ଲାଗି ରହିଥାଏ । ଉନ୍ମେଷୋନ୍ମୁଖୀ ପିଲାମାନଙ୍କର ସାହସ କ୍ରମେ ବଢ଼ିଚାଲିଲା । ସେମାନଙ୍କର ଚିତ୍କାର, କ୍ରନ୍ଦନ, ଫେରାଦ ଅବଧାନଙ୍କ ଭାବନା ଓ ଲେଖନକୁ ଅଚଳ କରିଦେଲା ।

"ହଇରେ ବାଜୁଙ୍ଗା, ଅଲପେଇସିଆ" ବୋଲି ଧମରଡ଼ି ଦେଇ ଅବଧାନେ ବେଗହସ୍ତରେ ଟୁଆଙ୍କ ଆଡ଼କୁ ହୁଙ୍କି ଗଲେ । ସଙ୍ଗେ ସଙ୍ଗେ ପିଲାଙ୍କ ଭିତରୁ "ଇଲୋ ବୋପାଲୋ ମରିଗଲି ଲୋ, ମାଷ୍ଟ୍ରେ, ଆଉ ଦିନେ ନାହିଁ, ଆଉ ଦିନେ ନାହିଁ" ଇତ୍ୟାଦି କରୁଣ ଓ ବିକଟ ଚିତ୍କାର ଗୃହପାଳୀଟାକୁ ଥରାଇଦେଲା । କେତୋଟି ମିନଟ୍ ଭିତରେ ପୁଣି ଧରୁ ଅମିଆସିଲା । ନ ଦେଖିଲା ବାହାର ଲୋକଙ୍କ ମନରେ ସିନା ଏହା ବିକାର

Digitized by srujanika@gmail.com

ଜାତ କରାଇବ, କିନ୍ତୁ ଖୋଦ ଅବଧାନେ ଓ ଚାଟମାନେ ଏଥିରେ ନିର୍ବିକାର । ଏଇଟା ସେମାନଙ୍କ ପକ୍ଷରେ କିଛି ନୂଆ ନୁହେଁ, ଊଣା ଅଧିକେ ସବୁଦିନେ ଏଇଟା ଘଟିବାର କଥା ।

ତିନି ଚାରି ବର୍ଷ ପଢ଼ିବା ପରେ ବି ପଣକିଆ ସାଧି ହୋଇ ପାରିଲା ନାହିଁ । ପାଣ୍ଡୁ ଅବଧାନଙ୍କ ଚାଟଶାଳୀରେ ସରସ୍ୱତୀ ବିଜେ ନକରୁଥିବାର ଦେଖି ଅନେକ ଅଭିଭାବକ ନିଜ ନିଜ ପିଲାଙ୍କୁ ସେ ଚାଟଶାଳୀରୁ ହଟାଇ ନେଇ ଅନ୍ୟ ଚାଟଶାଳୀ-ମାନଙ୍କରେ ଭର୍ତ୍ତି କରାଇଦେଲେ । ଯେଉଁମାନେ କେବଳ ବିଛୁଆତି, ବାଇଡଙ୍କ ସମଧର୍ମ-ସମ୍ପନ୍ନ ସ୍ୱସ୍ୱ ସନ୍ତାନମାନଙ୍କର ଦୌରାତ୍ମ୍ୟରୁ ରକ୍ଷା ପାଇବା ଲାଗି ପାଣ୍ଡୁ ଅବଧାନଙ୍କ ଚାଟଶାଳୀ ଗାରଦ ଭିତରେ ଭର୍ତ୍ତି କରାଇଥିଲେ, ସେମାନେ ନିଜ ନିଜ ପିଲାମାନଙ୍କୁ ଅନ୍ୟତ୍ର ନେବାର ଆବଶ୍ୟକତା ଅନୁଭବ କଲେ ନାହିଁ ।

ଘରେ ଲୁଚି ରହିଲେ ବାପ ମା'ଙ୍କ ଠେଙ୍ଗୁଣି, ଚାଟଶାଳୀକୁ ଗଲେ ଅବଧାନଙ୍କ ଛେଚା ପିଲାମାନଙ୍କ ପକ୍ଷେ ସହିବା କାଠିକର ପାଠ ହେଲା । ହାଡ଼େ ହାଡ଼େ ଦୁଷ୍ଟ ଦଣ୍ଡାବାଳୁଙ୍ଗା ଧଡ଼ିଆକୁ ସବୁଠୁ ବେଶି ବାଧିଲା । ଦିନେ ସେ ଚାଟଶାଳୀକୁ ଯିବା ପାଇଁ ଖାଇ ପିଇ ଘରୁ ବାହାରି ଦୈନନ୍ଦିନ ରାସ୍ତାକୁ ବର୍ଜ୍ଜେଇ ଗଲା । ଚାଟଶାଳୀକୁ ପଛରେ ପକାଇ ସେ ଯାଇ ଉଠିଲା ନଈପାଖ ଆମ୍ବ ତୋଟାରେ । ପାଖରେ ହରିଜନ ସାହି, ଚାଟଶାଳୀ ନଯିବା ଛୁଆଙ୍କର କିଛି ଅଭାବ ନାହିଁ । ସେମାନଙ୍କ ସାଙ୍ଗରେ ମିଶିଯିବାକୁ ଧଡ଼ିଆକୁ ମୁହୂର୍ତ୍ତିଟାଏ ବି ଲାଗିଲା ନାହିଁ । ସ୍ୱର୍ଗ ତାକୁ ହ' ଖଣ୍ଡ ପରି ଜଣାଗଲା । ଜାମୁକୋଳି ତୋଳେଇ, ପିଜୁଳି ଚୋରେଇରେ ଚାଟଶାଳୀ ସମୟଟକ ଫୁଟ୍ କରି ଚାଲିଗଲା । ଘରକୁ ଫେରିବା ସମୟ ହେବାରୁ ଅତି ସୁଧୀର ପିଲାଟି ପରି ବସ୍ତାନି ଧରି ଘରକୁ ଚାଲିଗଲା । ତା'ର ସେଦିନ ଅସ୍ୱାଭାବିକ ଧୀରସ୍ଥିର ଭାବ ଦେଖି ତା'ର ବାପ ଭାବିଲା, ଅବଧାନ ବୋଧହୁଏ ଅଚ୍ଛା କରି ଛେଚିଛି । ତା ନ ହେଲେ ଏଡ଼େ ସୁଧାର-ପଣିଆ ଆସନ୍ତା କୁଆଡ଼ୁ ? ଯେତେହେଲେ ବାପ ! ମନରେ ଟିକିଏ ଦୟା ଆସିଲା । ଚିରାଚରିତ ପନ୍ଥା ଛାଡ଼ି ସେଦିନ ସେ ପୁଅ ପ୍ରତି ବେଶ୍ ଆଦର ଦେଖେଇଲା । ଭଲ ପିଲା ହେବା ଲାଗି ବୁଝେଇଲା । ସାଙ୍ଗରେ ଗୁଡ଼ିଆ ଦୋକାନକୁ ନେଇ ପକୁଡ଼ି ଖୁଆଇଲା । ଧଡ଼ିଆ ମନେ ମନେ ଭାବୁଥାଏ—"ଆଃ ଏଡ଼େ ବଢ଼ିଆ ବାଟଟାଏ ମୋତେ ଆଗରୁ ନଦିଶିଲା କାହିଁକି, ପିଠିରେ ବେତ ଦାଗ ଚିହ୍ନ କେତେଟା ନିଶ୍ଚେ କମି ଯାଇଥାନ୍ତା ।"

ମଜାକଥା ଏକୁଟିଆ କଲେ ଭଲ ଲାଗେନି । ଧଡ଼ିଆ ଦିନେ ସନ୍ଧ୍ୟାବେଳେ ଚାଟଶାଳୀ ସାଙ୍ଗ ଗୋବରା କାନରେ ଫୁସ୍ ଫୁସ୍ କରି ନିଜର କୃତିତ୍ୱ ବିଷୟ କହିଲା ଓ ତା'ର ପନ୍ଥା ଅନୁସରଣ କରିବାକୁ ତାକୁ ପ୍ରବର୍ତ୍ତାଇଲା । ଗୋବରା ବି ସଙ୍ଗେ ସଙ୍ଗେ

Digitized by srujanika@gmail.com

ରାଜି ହୋଇଗଲା । ହରିଜନ ସାହି ପାଖରେ ଥିବା ଆମ୍ବ ତୋଟାରେ, ନୂଆ ଖୋଲା ଚାହାଳୀରେ ଧୀରେ ଧୀରେ ପାଣ୍ଡି ଅବଧାନ ଚାହାଳୀରୁ ୪ ଜଣ ପିଲା ପଳେଇଆସି ଯୋଗଦେଲେ । ଅଭି କେତେଜଣ ଦିନେ ଏଠି ତ ଦିନେ ସେଠି । ଧରି ପଡ଼ିଯିବା ଭୟ ସେମାନଙ୍କୁ ଏପାଖ ସେପାଖ କରୁଆଏ ।

ପାଣ୍ଡି ଅବଧାନର ଏଥିକୁ ଚିନ୍ତା ନ ଥିଲା । କିନ୍ତୁ ହଠାତ୍ ଦିନେ ତା ପାଖକୁ ଉପର ହାକିମଠାରୁ ଏକ ନିର୍ଦ୍ଦେଶନାମା ଆସିଲା ଯେ ଚାହାଳୀରେ ୩୫ରୁ କମ୍ ପିଲା ହେଲେ ଦିଆଯାଉଥିବା ଗ୍ରାଣ୍ଟ ବନ୍ଦ କରି ଦିଆଯିବ । ଅବଧାନଙ୍କ ମୁଣ୍ଡରେ ବଜ୍ର ପଡ଼ିଲା । କିଛି ସମୟ ପାଇଁ ଜାତକ ବଡ଼ାରେ ଡୋର ବାନ୍ଧି ସେ ଚାହାଳୀ କାଗଜପତ୍ର ଓ ଗ୍ରନ୍ଥମାନଙ୍କ ଉପରକୁ ନଜର ଦେଲେ । ତହିଁଆରଦିନ ପିଲାମାନଙ୍କ ଘରକୁ ଦଉଡ଼ିଲେ । ଯେଉଁମାନେ ପାଠ ପାଇଁ ପିଲାଙ୍କୁ ଅନ୍ୟତ୍ର ଉଠାଇ ନେଇଥିଲେ, ସେମାନେ ମୁହେଁ ମୁହେଁ ଦି' ଚାରି ପଦ କଡ଼ା କଥା କହି ପୁନର୍ବାର ପିଲାଙ୍କୁ ତାଙ୍କ ଚାହାଳୀକୁ ପଠାଇବାକୁ ଅସ୍ୱୀକାର କରିଦେଲେ । ଅନ୍ୟମାନେ ସେମାନଙ୍କ ପିଲାମାନେ ନିୟମିତ ଭାବରେ ଚାହାଳୀକୁ ଯାଉଛନ୍ତି ବୋଲି କହି ପିଲାମାନଙ୍କଠାରୁ କଥାଟା ବୁଝିବେ ବୋଲି ପ୍ରତିଶ୍ରୁତି ଦେଲେ ।

ସନ୍ଧ୍ୟାବେଳକୁ ଧଡ଼ିଆ ତା ତୋଟା ଚାହାଳୀରୁ ଫେରିଆସିଲା । ବାପ କାମରୁ ଫେରି ପଚାରିଲା—"ହଇରେ, ତୁ ଚାହାଳୀକୁ ଯାଉନୁ ଟି ଆଉ କୁଆଡ଼େ ଯାଉଛୁ ?" ଇସ୍ପାତମୁହାଁ ଧଡ଼ିଆର ବୁଦ୍ଧି କଣ ଊଣା । ଗଛରୁ ତୋଳା ଆଣିଲା ପରି ସେ କହିଲା—"ମାଷ୍ଟ୍ରେ ମୋତେ ଦୋକ୍ତା, ପାନ, ଗୁଆ ଘରୁ ଆଣିବାକୁ ସବୁବେଳେ କହୁଛନ୍ତି । ମୁଁ ନ ନବାରୁ ମୋ ନାଆଁରେ ମିଛରେ କହୁଛନ୍ତି । ଗୋବରା ହେଉରିକାଙ୍କୁ ପଚାର ମୁଁ ଯଦି ମିଛ କହୁଛି ? କୁଆଟାଏ ଏଡ଼େ ସୁନ୍ଦର ବାର୍ନିଶ୍ ଦିଆ ମିଛ କହିପାରେ ବୋଲି ଧଡ଼ିଆ ବାପାର ପ୍ରତେ ଗଲା ନାହିଁ । ପୁଅ ଆଗରେ ସେ ଅବଧାନ ଉଦ୍ଦେଶ୍ୟରେ- ନାନା ଅଶ୍ରାବ୍ୟ ବାକ୍ୟ ପ୍ରୟୋଗ କରି ତା ମକଦ୍ଦମାକୁ ଡିସ୍‌ମିସ୍ କରିଦେଲା । ସେଦିନ ଧଡ଼ିଆ ବିଜୟ ଶ୍ରୀମଣ୍ଡିତ ହୋଇ ସୁ-ପ୍ରତିଷ୍ଠିତ ତୋଟା ଚାହାଳୀରେ ଗୋବରା ଆଦି ସଙ୍ଗୀମାନଙ୍କ ଆଗରେ ତା'ର କୃତିତ୍ୱ ବର୍ଣ୍ଣନା କଲା ଓ ଅନ୍ୟାନ୍ୟମାନଙ୍କୁ ସେହିପରି କରିବାକୁ ନିର୍ଦ୍ଦେଶ ଦେଲା ।

ପାଣ୍ଡି ଅବଧାନେ ଧଡ଼ିଆ ବାପାକୁ ଆଉଥରେ ଧଡ଼ିଆର ଅନୁପସ୍ଥିତି ବିଷୟରେ ଜଣାଇବାରୁ ସେ ଠୋ ଠୋ ବତେଇ ଦେଲା—"ମୁଁ ଏତେ ପାନ, ଦୋକ୍ତା ଯୋଗେଇ ପାରିବି ନାହିଁ । ପଢ଼ାଇବ ତ ପଢ଼ା'ଅ, ନୋହିଲେ ତାକୁ ଆଉ ଗୋଟିଏ ଚାହାଳୀରେ ନେଇ ବସେଇଦେବି । କୁଆଟା ନାଆଁରେ ଲଗେଇ ସୁଟେଇ କହିବାକୁ କେମିତି ତୁମକୁ ଭଲ ଲାଗେ ହୋ !" ଅବଧାନେ ଏକାବେଳକେ ଭକୁଆ ।

Digitized by srujanika@gmail.com

ଦଣ୍ଡାବାଳୁଙ୍ଗା ଧଡ଼ିଆର ଫିସାଦ ଛଡ଼ା ଏସବୁ ଆଉ କିଛି ନୁହେଁ ବୋଲି ଅନୁମାନ କରି ସେ ଫେରିଲେ । ଆଉ କାହା ଘରକୁ ଯିବାକୁ ତାଙ୍କ ଗୋଡ଼ ଉଠିଲା ନାହିଁ ।

ବୋର୍ଡ ଉପରେ ନଳିତା ବଡ଼ାପଣ ଜଣେ ମନ୍ତ୍ରୀ-ଅବଧାନ ଖବର ଦେଲା ଯେ ତା' ପରଦିନ ହାକିମ ତାଙ୍କ ଚଟଶାଳୀକୁ ଅଚାନକ ତଦାରଖ କରିବାକୁ ଆସିବେ । ପାଣ୍ଡୁ ଅବଧାନେ ମନେ ମନେ ଠିକ୍ କରିନେଲେ—ଯା, ଏଇଥର ଗ୍ରାଣ୍ଟି ଗଲା ।

ଅବଧାନଙ୍କ ଶୁଖିଲା ମୁହଁଟା ଦେଖି ତାଙ୍କ ବିଶ୍ୱାସୀ ସାଙ୍ଗ ବନମାଳୀ ମିସ୍ତ୍ରୀ ପଚାରିଲା—"କଥା କଅଣ ?" ସବୁ କଥା ଜଣାଇ ଅବଧାନେ କହିଲେ—"କାଲି ଦିନଟା ପାଇଁ କେଉଁଠାରୁ ପୁଳାଏ ଟୁଆ ଯୋଗାଡ଼ ହୋଇପାରନ୍ତେ କି ? ତା'ପରେ ମୁଁ ସବୁ ଠିକ୍ କରି ନଅନ୍ତି, ମେଞ୍ଚଡ଼ ଟୁଆଏ ମୋତେ କଅଣ ବଳେଇ ଯାଆନ୍ତେ ?"

ମାତ୍ର ଘଣ୍ଟାକ ପାଇଁ ଟୁଆ ଦରକାର ଥିବାରୁ ମିସ୍ତ୍ରୀ ଅବଧାନଙ୍କୁ ପ୍ରବୋଧ ଦେଇ କହିଲା—"ଅସ୍ଥ ଧର, କାଲି ମୁଁ ମୋର କୋଦା ବାଡ଼ିଆ ଟୁଆଙ୍କୁ ଆଣି ଏଠି ହାକିମ ଯିବାଯାଏ ବସାଇଦେବି ।" ଅବଧାନେ ହତାଶାର ଅନନ୍ତସାଗର ମଧ୍ୟରେ ଗୋଟିଏ ଟାପୁ ଦେଖିଲେ । ତାଙ୍କ ମନରେ ଟିକିଏ ଦମ୍ଭ ଆସିଲା ।

ହାକିମ ଭରପୂର ଚଟଶାଳୀ ଦେଖିଲେ ସତ, କିନ୍ତୁ ଅସଲ କଥାଟା ଠଉରେଇବାକୁ ତାଙ୍କୁ ବେଶି ଡେରି ଲଗିଲା ନାହିଁ । ସେ ଟୁଆଙ୍କୁ ପଚାରିଲେ "କାଠ ଆମର କି ଦରକାରରେ ଆସେ ?" ଟୁଆଙ୍କଠାରୁ ଚଟ୍‌ପଟ୍ ଉତ୍ତର ଆସିଲା—"କାଠରେ କୋବା ତିଆରି ହୁଏ ।" ହାକିମ ପଚାରିଲେ, "ଜଣେ ପିଲା ଦିନକୁ ଦୁଇଅଣା ମଜୁରି ପାଇଲେ ଚାରିଜଣ ଦିନକୁ କେତେ ମଜୁରି ପାଇବେ ?" ଟୁଆ ଜଣେ ଉତ୍ତର ଦେଲା—"ଆଜିକାଲି ଆଉ ଦିଅଣା ମଜୁରି ନାହିଁ, ଆମେ ତ ନିତି ବାରଅଣା ଲେଖାଏଁ ମଜୁରି ପାଉଛୁ ।" ଅବଧାନଙ୍କ ପାଟି ଖଜିବାଜିଗଲା, ଦେହସବୁ ଗମଗମ ହୋଇ ଝାଳ ବାହାରିପଡ଼ିଲା । ତାଙ୍କ ଦୁର୍ଦ୍ଦଶା ଦେଖି ହାକିମଙ୍କ ମନରେ ଟିକିଏ ଦୟା ହେଲା । ଅତିଶୀଘ୍ର ଚଟଶାଳୀ ଅବସ୍ଥା ସୁଧାରିବାକୁ କଡ଼ା ତାଗିଦ୍ କରି ସେ ଚଟଶାଳୀ ଛାଡ଼ିଲେ ।

ଶିକାରୀ କବଳରୁ ଖସିଗଲା ବାଘ ପରି ପାଣ୍ଡୁ ଅବଧାନେ ଅତି ଭୟଙ୍କର ହୋଇଉଠିଲେ । ସବୁଯାକ କ୍ରୋଧ ଚଟଶାଳୀକୁ ଆସୁ ନଥିବା ପିଲାମାନଙ୍କ ଉପରେ ପଡ଼ିଲା । ରାଗରେ ଦାନ୍ତ କଡ଼ମଡ଼ କରି ସେ ପ୍ରତିଜ୍ଞା କଲେ—"ଦାଳୁଙ୍ଗାଙ୍କ ପିଠିରୁ ଛାଲି ଉତ୍ତାରି ସାବାଡ଼ ଯଦି ନକରିଛି, ତେବେ ମୋ ନାଁ ପାଣ୍ଡୁ ଅବଧାନ ନୁହେଁ ।"

ଟୁଆଙ୍କ ଘରକୁ ଯିବାର ସାହସ ଆଉ ତାଙ୍କର ନଥିଲା । ତେଣୁ ସେ ଟୁଆଙ୍କ ଅଡ଼ା ଜାଗାର ଓର ଉଣ୍ଡିଲେ । ଧଡ଼ିଆ ଚଟଶାଳୀର ଶତ୍ରୁସ ଦ'ଆଡ଼େ ଗୋଡ଼

Digitized by srujanika@gmail.com

ଦେଉଥାଏ । ଦି'ଦିନ ଏ ଗୁହାଳୀ ତ ଦି'ଦିନ ସେ ଗୁହାଳୀ । ପାଣ୍ଡୁ ଅବଧାନଙ୍କର ତା'ଉପରେ ସନ୍ଦେହଟା ଜମାଟ ବାନ୍ଧିଲା । କାଲିଶୀ ଲଗିଲା ପରଦିନେ ସେ କୁହାଟ ମାରି ତା ପିଠିରେ ବେତଟାଏ ଫଟେଇଦେଲେ । ଅଧା କଟା ହେଲା ପରେ ବୋବାଳି ଛାଡ଼ି ଶତ୍ରୁଘ୍ନ ସବୁକଥା କହିଦେଲା । ଗଡ଼ ଜୟ କରିସାରି ଅବଧାନେ ପୁଣି ବେତ ଉଞ୍ଚେଇ କହିଲେ—"ଦେଖ୍ ବାଳୁଙ୍ଗା, ଏକଥା ଯଦି ସେମାନଙ୍କ ଆଗରେ କହିବୁ ତେବେ ତୋ ଗୋଡ଼ଆଡ଼୍କୁ ବାନ୍ଧି ଶେଣିରେ ନଟକେଇ ଦେବି ଓ ପିଠିକୁ ଲୁଗା କାଢ଼ି ବେତରେ ସେକିଦେବି ।" ଭୟରେ ଥରହର ହୋଇ ଶତ୍ରୁଘ୍ନ ତାହା ନ କହିବାକୁ ଅଙ୍ଗୀକାର କଲା । ତା'ପରେ ଅବଧାନେ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ଦାନ୍ତଚିପି କହି-ଲାଗିଲେ—"ରହିଥା, ଛତରା ବାଳୁଙ୍ଗାଙ୍କ, ତମ ମିଟିଙ୍ଗ କାଲି ଛଡ଼େଇ ଦେଉଛି । ଗୋଟା ଗୋଟା କରି ଯଦି ସାବାଡ଼ ନକରିଛି, ତେବେ ମୋ ନାଁ ପାଣ୍ଡୁ ଅବଧାନ ନୁହେଁ ।"

ଛୁଟି ହେବା ସଙ୍ଗେ ସଙ୍ଗେ ଶତ୍ରୁଘ୍ନ ସବୁ ମାଡ଼ ସବୁ ଆକଟ ପାସୋରି ପକାଇଲା । ଏ ବିଷୟରେ ଗଧଠାରୁ ତା'ର ଯଥେଷ୍ଟ ବେଶି ଯୋଗ୍ୟତା ଥିଲା । ଧଡ଼ିଆ, ଗୋବରା ଆଦି ସାଙ୍ଗଙ୍କ ଆଗରେ ଏ କଥାଟା ନ କହିବା ଯାଏ ତା'ର ବାହାର ସହିଲା ନାହିଁ । କହିଲାବେଳେ ବଜ୍ରପରି ଅବଧାନଙ୍କ ବେତ, ବାଘ ପରି ଅବଧାନଙ୍କ ଗର୍ଜନ, ଗରଳ ପରି ତାଙ୍କ ମୁଖବିକୃତି ଓ ଯମ ପରି କାଳାନ୍ତକ ମୂର୍ତ୍ତି ଆଦି ସବୁକିଛି ଶତ୍ରୁଘ୍ନର ସ୍ମୃତିପଟରୁ ଏକାବେଳକେ ପୋଛି ହୋଇ ଯାଇଥିଲା ।

ତହିଁ ଆରଦିନ ଧଡ଼ିଆର ତୋଟା ଗୁହାଳୀରେ ଜରୁରୀ ବୈଠକ ବସିଲା । କାର୍ଯ୍ୟସୂଚୀର ପ୍ରଧାନ ବିଷୟ ହୋଇଥାଏ—"ପାଣ୍ଡୁ ଅବଧାନର ନୃଶଂସତା ଓ ତାହାର ଆଶୁ ପ୍ରତିକାର ।" ଧଡ଼ିଆ ଗଣ୍ଡିର ଚିନ୍ତାମଗ୍ନ ହୋଇ ଅସ୍ୱାଭାବିକ ଭାବେ ଗମ୍ଭୀର ଦିଶୁଥାଏ । ଅବଧାନଙ୍କର ନିଷ୍ଠୁରତାର ପ୍ରତିଶୋଧ ନେବା ପାଇଁ ନାନା ପ୍ରସ୍ତାବ ଆଗତ କରାଗଲା । କିଏ କହିଲା, ଅବଧାନଙ୍କ ପିଇବା ପାଣିରେ ମଶାମରା ପାଉଡ଼ର ପକାଇଦେବା । କିଏ କହିଲା, କୂଅରୁ ପାଣି କାଢ଼ୁଥିବାବେଳେ ପଛଆଡ଼୍କୁ ପେଲିଦେବା । କିଏ କହିଲା, ବଟୁଆ ଭିତରେ ଥିବା ଗୁଣ୍ଡିରେ ବିଛୁଆତି ଗୋଳି ଗୋଳେଇଦେବା । ଏସବୁ ପ୍ରସ୍ତାବ ଆସିଲା ସତ, କିନ୍ତୁ ବିରାଡ଼ି ବେକରେ ଘଣ୍ଟି ବାନ୍ଧିଲା ପରି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ କାହାରି ସାହସ ହେଲା ନାହିଁ ।

ସୁରୁଖୁରୁରେ ମନ୍ତ୍ରଣା ଚାଲିଥିବାବେଳେ ହଠାତ୍ ବିନା ମେଘରେ ଅଶନିକ ଘଡ଼ଘଡ଼ି ମାରିଲା । ଛୁଆମାନେ ହାଉଳି ଖାଇଗଲେ । ଟିକିଏ ହୋସ୍ ଆସିବାରୁ ସମସ୍ତେ ଜାଣିଲେ ଯେ ତାହା ପାଣ୍ଡୁ ଅବଧାନଙ୍କ ବିଚକଟିଆ ପାଟି । ଖଣ୍ଡିଆଭୁତ ପରି ମାଡ଼ି ଆସିବା ସଙ୍ଗେ ସଙ୍ଗେ ସେ ପାଟି କରୁଥାଆନ୍ତି—"ହଇରେ ବାଳୁଙ୍ଗା,

Digitized by srujanika@gmail.com

ଅଲକ୍ଷଣା, ଛତରା, ଅବାଇଜ ! ଆଜି ତୁମ ପିଠିରୁ ଯଦି ଗୁଳ ନ ଉତାରିଛି, ମୋ ନାଁ ପାଣ୍ଡୁ ଅବଧାନ ନୁହେଁ ।" ସେ ଯେ କେତେବେଳେ ଲୁଚି ଛପି ସେଇଆଡ଼କୁ ଆସୁଥିଲେ, ତାହା ପ୍ରତି କାହାରି ଲକ୍ଷ୍ୟ ନଥିଲା । ଜୀବନ ବିକଳରେ ଜଣେ କୁଆଡ଼େ ଛୁଡ଼ି ପକେଇଲେ । ଶରୁବେଣ୍ଟା ଛତରା ଅବଧାନଙ୍କ ହାତରେ ପଡ଼ିଗଲା । ତା ଦେହରୁ ରକ୍ତ ଶୁଖିଗଲା । ଅବଧାନେ ବଜ୍ରମୁଷ୍ଟିରେ ତା'ର ହାତ ଧରି ଗୁଲିଲେ । ଅନ୍ୟମାନେ ଅଦୂରରେ ରହି ସାଙ୍ଗର ଦୂରବସ୍ଥା ଲକ୍ଷ୍ୟ କରୁଥାଆନ୍ତି । ହଠାତ୍ ଧଡ଼ିଆ ମୁଣ୍ଡରେ ଗୋଟାଏ ବୁଦ୍ଧି ଖେଳିଗଲା । ଅନ୍ୟମାନଙ୍କୁ ସାଙ୍ଗରେ ନେଇ ସେ ହରିଜନ ସାହି ଭିତରକୁ ଦଉଡ଼ିଗଲା ।

ପିଲାଚୋରଙ୍କ ଉପଦ୍ରବରେ ଲୋକେ ସର୍ବଦା ଆତଙ୍କିତ ହୋଇଥାଆନ୍ତି । ନିଜ ନିଜ ପିଲାଙ୍କ ଉପରେ ସମସ୍ତେ ତୀକ୍ଷ୍ଣ ନଜର ରଖିଥାଆନ୍ତି । ଠିକ୍ ଏତିକବେଳେ ଧଡ଼ିଆ ସାଥୀମାନଙ୍କ ସହ ହରିଜନ ସାହି ଭିତରେ ପଶିଯାଇ କୁହାଟିଦେଲା— "ହେଇ ଗୋଟାଏ ଚୋର ଗୋଟିଏ ଛୁଆକୁ ନେଇଯାଉଛି ।" ବାସ୍, ଏତିକି ତୋପରେ ନିଆଁ ଲଗାଇବାକୁ ଯଥେଷ୍ଟ । "ମାର ଶଳାକୁ, ଧର ଶଳାକୁ" ସହିତ ଅନ୍ୟାନ୍ୟ ଅଶ୍ରାବ୍ୟ ଓ ଅବୈଧାନିକ ଭାଷା ମୁଖରେ ମୁହୁର୍ମୁହୁଃ ଉଚ୍ଚାରଣ କରି, ଯଷ୍ଟି ଲଗୁଡ଼ହସ୍ତ ହରିଜନମାନେ ଶବ୍ଦ ଆଡ଼କୁ କଳିଙ୍ଗ ସେନା ଧାଇଁଲା ପରି ପିଲାଚୋର ଆଡ଼େ ଛେପି ଆସିଲେ । କିଂକର୍ତ୍ତବ୍ୟବିମୂଢ଼ ପାଣ୍ଡୁ ଅବଧାନେ ନିଜର ପରିଚୟ ଦେବା ପୂର୍ବରୁ ଠେଙ୍ଗା ମାଡ଼ରେ ତଳେ ଲୋଟିଗଲେ । ସମ୍ପୂର୍ଣ୍ଣଭାବେ ସଂଜ୍ଞା ଲୋପ ହେବା ପର୍ଯ୍ୟନ୍ତ କୁଆପଥର ବର୍ଷା ପରି ବଧା ଗୁପୁଡ଼ା ଗୋଇଠା ବର୍ଷି ଚାଲିଥାଏ । ମରିବାର ଆଶଙ୍କା ଦେଖାଇ କେତେଜଣ ବୃଦ୍ଧ ସମସ୍ତଙ୍କୁ ନିବାରଣ ନ କରିଥିଲେ ପାଣ୍ଡୁ ଅବଧାନଙ୍କ ପତ୍ନୀର ବୈଧବ୍ୟ ସୁନିଶ୍ଚିତ ହୋଇଥାଆନ୍ତା ।

ଧଡ଼ିଆର ବୁଦ୍ଧି ଓ ସାହସକୁ ଉଚ୍ଛ୍ୱସିତ ପ୍ରଶଂସା କରି ତାର ସାଥୀମାନେ ନିଜ ନିଜ ଘରକୁ ଫେରିଆସିଲେ । ଡାକ୍ତରଖାନାରୁ ଚାହାଳୀକୁ ଆସିବା ପାଇଁ ପାଣ୍ଡୁ ଅବଧାନଙ୍କୁ ପୂରା ତିନିମାସ ଲାଗିଲା । ତାଙ୍କର ଏପରି ଅଭାବନକ ଦୁର୍ବିପାକ ପାଇଁ ଯେ କେଉଁ ଗ୍ରହ ଦାୟୀ, ତାହା ସେ ନିଜ ଜାତକକୁ ଖୁବ୍ ଅନୁସନ୍ଧାନ କଲେ । ଦାୟୀ ଥିବା ଗ୍ରହ ଯେ ଜାତକ ଭିତରେ ନରହି ଚାହାଳୀ ଭିତରେ ଧଡ଼ିଆ ରୂପରେ ଥିଲା, ତାହା ଜାଣିବାର କୌଣସି ଉପାୟ ତାଙ୍କର ନଥିଲା ।

Digitized by srujanika@gmail.com

# ପ୍ରେମ ଉପରେ

ଓହୋ-ହୋ-ହୋ-ହୋ-ଇ-ଈ ଲି-ଈ ଇଲେ ବୋପାଲେ, ମରିଗଲି ଲେ, ଇଟରେ ବାପ୍‌ରେ କହି ହରି ଶେଯରୁ ପଟ୍‌କରି ଉଠିପଡ଼ି ବସିଗଲା ଓ ମୁଣ୍ଡକୁ ଗୋଟାଏ କଡ଼କୁ ବଙ୍କେଇ ପାପୁଲିରେ ମୁଣ୍ଡ ତଳ କଡ଼କୁ ବାରମ୍ବାର ଆଘାତ କରିବାରେ ଲାଗିଲା । ଆହା, ଇହି, ହୁହୁ, ଏହେ, ଓହୋ ଆଦି ସମସ୍ତ ସ୍ୱରବର୍ଣ୍ଣ ଯୁକ୍ତ ଧ୍ୱନି ତା ପାଟିରୁ ଅନବରତ ବାହାରିବାକୁ ଲାଗିଲା । ତାର ଚିତ୍କାରରେ ବସାରେ ଥିବା ସମସ୍ତଙ୍କର ନିଦ ଭାଙ୍ଗିଗଲା ସତ କିନ୍ତୁ କାହାରିଠାରେ ବିଶେଷ ପ୍ରତିକ୍ରିୟା ଦେଖା-ଦେଲା ନାହିଁ । ଏପରି ଚିତ୍କାର ବସାରେ ନିତିଦିନିଆ କଥା । ପ୍ରତିଦିନ ରାତିରେ ଜଣେ ଦି'ଜଣ ଏପରି ଚିତ୍କାର ଛାଡ଼ିଥାନ୍ତି । ଜଣେ ଉଠିପଡ଼ି ଲଣ୍ଠନଟା ଲଗେଇଦେଲା । ଅନ୍ୟମାନେ ଆପଣା ଆପଣା ବିଛଣା ଉପରେ ପଡ଼ିରହି ଉପଦେଶ-ମୁଣି ଝାଡ଼ିବାକୁ ଲାଗିଲେ—ଆରେ କାନରେ ବଳିତାଟାଏ ଭର୍ତ୍ତିକରି ଜଳେଇ ଦେ, କାନରେ ପାଣ ପତ୍ରର ଅଗଟା ଭର୍ତ୍ତିକରି ଦେ, କାନରେ ପାଣି ପୂରେଇ ଦେ, କାନରେ ତେଲ ପୂରେଇ ଦେ, କାନରେ ଆଙ୍ଗୁଠି ପୂରେଇ ଖଡ଼ ଖଡ଼ କର ଇତ୍ୟାଦି । ହରି ଯନ୍ତ୍ରଣାରେ ଛଟପଟ ହେଉ ହେଉ ବିରକ୍ତିରେ କହିଲା—"ରଖ ରଖ ତମ ଶସ୍ତା ଉପଦେଶସବୁ, ମୋ ଜୀବନଟା କାଲୁବାଲୁ ହୋଇଯାଉଛି, ପ୍ରାଣଟା ଛାଡ଼ିଯିବା ଉପରେ, ଟିକିଏ ଆସି ସାହାଯ୍ୟ କରିବା କୁଆଡ଼େ ଗଲା, ଶେଯ ଉପରେ ଶୋଇ ଉପଦେଶ ଦେବା ଚାଲିଛି । ଓହୋ-ହୋ ହୋ-ହୋ, ଇ ଲି-ଲି-ଲି-ଲି, ମରିଗଲି, ମରିଗଲି, ଇଲେ ବୋପାଲେ—।"

ଦି' ଚାରିଜଣ ଚକିଆ ଭିତରେ ମୁହଁ ଗୁଞ୍ଜି କୁର୍‌କୁର୍ ହୋଇ ହସିଲାଗିଲେ । ଗଣି କିନ୍ତୁ ଶେଯରେ ଆଉ ରହିପାରିଲା ନାହିଁ । ଧୈର୍ଯ୍ୟ ଧର, ଧୈର୍ଯ୍ୟ ଧର କହି କହି ସେ ହରି ପାଖକୁ ଚାଲିଆସିଲା ଓ ସାନ୍ତ୍ୱନା ଦେଇ କହିଲା—"ଜୀବନଟା କଅଣ ଏଡ଼େ ଶସ୍ତା ଯେ ଟିକିକରେ ଠୋ ହୋଇଯିବ—ନିତି ତ ଏମିତିଆ କାଣ୍ଡ ଘଟୁଛି, କେତେ ଜଣଙ୍କର ଭଲା ପ୍ରାଣ ଛାଡ଼ିଗଲାଣି କହିଲୁ !" ବିରକ୍ତ ହୋଇ ହରି ପାଟିକଲା, "ଚୁପ୍ କର ଚୁପ୍ କର, ଇହି-ହି-ହି-ହି, ପ୍ରାଣଗଲା, ଇଲେ ବୋପାଲେ ।" ଗଣି ନଛୋଡ଼-ବନ୍ଦା, ସେ ବୁଝେଇ ଲାଗିଲା—"ଏତିକି ଟିକିଏ କଷ୍ଟ ସମ୍ଭାଳି ପାରିବ ନାହିଁ, ଆଉ କରିବ କଅଣ ? ସ୍ୱାଧୀନ ଭାରତର ନାଗରିକ । ଦେଶକୁ ନୂଆ କରି ଗଢ଼ିବାରେ

Digitized by srujanika@gmail.com

ଅସୀମ କଷ୍ଟ ତୁମକୁ ସହ୍ୟ କରିବାକୁ ପଡ଼ିବ । ଏଇ ସାମାନ୍ୟ କଷ୍ଟରେ ତ ହାମେଇ ପଡ଼ୁଛ, ଦେଶକୁ ଗଢ଼ିବ କପରି ?'' ଦାନ୍ତ କଡ଼ମଡ଼େଇ ହରି ଚତ୍କାର କଲା— ''ଷ୍ଟପ୍ ଭାଗ ଯା, ଯା ମ୍ୟୁନିସିପାଲଟି ସଭାରେ ବକ୍ତୃତା ଦେବୁ । ଓ-ହୋ-ହୋ-ହୋ ମୋ ପ୍ରାଣ ଗଲା ।'' ବାକଲରେ ସେ ଶେଯ ଉପରେ ଗଡ଼ାଗଲା ଓ ବାଡ଼େଇ କଚାଡ଼ି ହେବାକୁ ଲାଗିଲା । ମହା ବେହେଲ ପରି ଗଣି ପୁନର୍ବାର କହିଲାଗିଲା—''ମୁଁ ବୁଝୁଛି ତୁମର କଷ୍ଟ ହେଉଛି । ଆଚ୍ଛା କହିଲ ଦେଖି ଏପରି ଛଟପଟି ବାଡ଼େଇ କଚାଡ଼ି ହେବାଦ୍ୱାରା କଷ୍ଟର କିଛି ଉପଶମ ହେବ ନା କଷ୍ଟକୁ ବୃଦ୍ଧି କରିବ ? ଅଯଥା ଅଙ୍ଗଚାଳନା କରିବାଦ୍ୱାରା କ୍ରମେ ହାଲିଆ ହୋଇପଡ଼ିବ ସିନା ! ଧୀର ସ୍ଥିର ଭାବରେ ବସି ବିପଦରୁ ମୁକ୍ତ ପାଇବାର ପନ୍ଥା ଚିନ୍ତା କରିବା ଉଚିତ୍ । ଧୀରସ୍ଥିର ହୋଇ ନ ବସିଲେ ମୁଣ୍ଡକୁ ଚିନ୍ତା ଢୁକିବ ନାହିଁ । ଉପ'ସ୍ଥ ମୁଣ୍ଡରେ ନ ଢୁକିଲେ ଏହିପରି କଷ୍ଟ ଭୋଗୁଥିବ ।'' ହରି ଗର୍ଜିଉଠିଲା—''ଅଛା ଲାଗିଛି କରେ ! ମୋର ପ୍ରାଣ ଛାଡ଼ିଯାଉଛି, ସ୍ୱାକୁ ଖେଳ ଲାଗିଛି । ଉହୁ-ହୁ-ହୁ-ହୁ ବୋପାଲୋ ।''

ଅଛା ବୋଲି ମୋ କଥାକୁ କାହିଁକି ଭାବୁଛ ? ଦୁଃଖ ଦୁର୍ଦ୍ଦିନରେ ପଡ଼ିଥିବା ସହାନୁଭୂତି ସୂଚକ କଥା କହିଲେ କଷ୍ଟ ବହୁତ ଊଣା ହୋଇଯାଏ । ମୁଁ କେବଳ ସହାନୁଭୂତି ଓ ସାନ୍ତ୍ୱନା ଦେଉଛି । ମୋର ଦୃଢ଼ ଧାରଣା ଏହା ତୁମର କଷ୍ଟକୁ କିଛିଟା ପରିମାଣରେ ଲାଘବ କରିବ । ହେ ଭଗବାନ ! ହରିକୁ ଏ ଦୁଃସହ କଷ୍ଟରୁ ଉଦ୍ଧାର କର । କଷ୍ଟରୁ ତ୍ରାଣ ପାଇବାର ଉପାୟ ତାଙ୍କ ମୁଣ୍ଡରେ ପୂରାଇ ଦିଅ । କଷ୍ଟ ସହ୍ୟକରିବାର ଶକ୍ତି ଦିଅ ।

ହେ ଭଗବାନ ! ଏ ଗଣି ଦାଉରୁ ମୋତେ ରକ୍ଷାକର । ମୋ'ର ଭଲ ଯନ୍ତ୍ରଣା ତାକୁ ଦିଅ । ଏ ହେ-ହେ-ହେ-ହେ ମାଆ ଲୋ ।

ଗଣି ପୁନର୍ବାର କହିବାର ଉପକ୍ରମ କରିବାରୁ ହରି ପାଟି କରିଉଠିଲା— ''ତୋ ଗୋଡ଼ ତଳେ ପଡ଼ୁଛି । ଏଠୁ ଫିଟିକି ହ-ହୁ-ହୁ'' ହରି ତୁନି ହୋଇପଡ଼ିଲା । ଆଉ ଜଣେ ଖଟ ଉପରୁ ଉଠିଆସି କହିଲା, ''ରହ ରହ ଏମିତି ଆଉ ହୋନା । ନିଶ୍ୱାସଟା ବନ୍ଦ କରି ଦେ । ସେହି କାନକୁ ତଳକୁ କରି, ମୁଣ୍ଡକୁ ଭାଙ୍ଗି, ନାକକୁ ଚପିଧରି, ନିଶ୍ଚଳ ହୋଇ ବସ । କଷ୍ଟ ସମ୍ଭାଳି ଟିକିଏ ବସିଲେ କାମ ବଢ଼ିଯିବ ।''

ବୁଡ଼ିଗଲା ଲୋକ କୁଟାଖିଅଟାକୁ ବି ଆଶ୍ରା କରେ । ହରି ବାକ୍ୟ ବ୍ୟୟ ନକରି ତା'ର ଉପଦେଶକୁ ପାଳନ କଲା । ସତକୁ ସତ ଟିକିଏ ନିଶ୍ୱାସ ରୁନ୍ଧି ବସିବା ପରେ କାନ ଭିତରେ ଯେଉଁ ଚୁଙ୍ଗୁଚୁଙ୍ଗା ପରି ବେଦନା ହେଉଥିଲା, ତାହା ହଠାତ୍ ଥମିଗଲା । କାନ ଭିତରେ ଭର୍ ଭର୍ ଅବାଜ ହେଲା, ସତେ କି ଯେମିତି ଲଣ୍ଟି

Digitized by srujanika@gmail.com

ଭିତରୁ ଗୋଟାଏ ଜନ୍ତୁ ବାହାରି ଆସୁଛି । ପଦାର୍ଥଟି ଧୀରେ ଧୀରେ କାନ ପଦାକୁ ଖସିଆସିବା ମାତ୍ରେ ହରି ଟପ୍ କରି ତାକୁ ଝାମ୍ପି ଆଣି ଟିପରେ ଧରିଲା ଓ ତାକୁ କଟମଟ କରି ଚାହିଁଲା । 'ବାହାରିଲା ? ବାହାରିଲା !' କହି ଅନ୍ୟ ଦି'ଜଣ ବି ତାକୁ ଚାହିଁଲେ । ସ୍ୱପନ ପ୍ରତିଶୋଧଲିପ୍ସୁ ହରି ଦାନ୍ତ କଡ଼ମଡ଼ କରି ଅନୁଚ୍ଚ ଗଳାରେ କହିଲା—"ଚୋର ପିମ୍ପୁଡ଼ିଟାଏ, ଏତେ ହିମାକ୍, କୋଉ ବୋପାଟି ଅଛି ପିଠିରେ ପଡ଼ିବ ଦେଖିବ ! ମୋତେ ଯେଉଁ କଲବଲ କରିଛୁ ତା'ର ଲକ୍ଷେ ଗୁଣ ବଦଳା ନେବି । ଏଇ ଶିଶି ଭିତରେ ତୋତେ ବନ୍ଦ କରି ଅଖିଆ ଅପିଆ ଶୁଖେଇ ଶୁଖେଇ ମାରିବି । ତା ଭିତରେ ତୁ କେମିତି ଛଟପଟ ହେବୁ ତାହା ମୁଁ ପଦାରୁ ବେଶ୍ ଆନନ୍ଦରେ ଦେଖିବି ।" ଏତିକି କହି ହରି ଗୋଟିଏ ଖାଲି ହୋମିଓପାଥି ଔଷଧ ଶିଶିରେ ପିମ୍ପୁଡ଼ିକୁ ଭର୍ତ୍ତିକଲା ଓ ଠିପିଟା କସିକରି ଆଣ୍ଟି ଦେଇ ବିଜୟୋଲ୍ଲାସରେ ଶିଶି ପ୍ରତି ପୁନଃ ପୁନଃ ଦୃଷ୍ଟିପାତ କରିବାକୁ ଲାଗିଲା । ନିରୀହ ଜୀବଟି ପ୍ରତି ଏପରି ଅମାନୁଷିକ ଅତ୍ୟାଚାର ଦେଖି ଗଣିର ହୃଦୟ ଦୟାରେ ଓଦା ହୋଇଗଲା । ମନ, ଦଳ ପରିତ୍ୟାଗ କରୁଥିବା ସଭ୍ୟ ପରି ବିଦ୍ରୋହୀ ହୋଇଉଠିଲା । ତୀବ୍ର ପ୍ରତିବାଦ କରି ସେ କହିଲା, "ଏଗୁଡ଼ାକ କ୍ଷମତାର ଘୋର ଅପବ୍ୟବହାର । ତୁମେ ନିଜ ପରିଷ୍କାର ପରିଚ୍ଛନ୍ନ ରହୁଥାଅ, ଘରକୁ ସବୁବେଳେ ସଫାସୁତୁରା ରଖୁଥାଅ, ତେବେ ସେମାନେ ଏଠାକୁ ଆସନ୍ତେ କାହିଁକି ? ସେମାନଙ୍କର ଉପସ୍ଥିତି ମଇଳା ପରିପାର୍ଶ୍ୱର ଏକ ସତର୍କଘଣ୍ଟି । ସଫାସୁତୁରା ନ ହୋଇ ଓଲଟି ସେମାନଙ୍କୁ ଦୋଷ ଦେବା ଓ ସେଥିପାଇଁ ସେମାନଙ୍କୁ ଜାଲୁବାଲୁ କରି ମାରିବା ଅତି ଜଘନ୍ୟ ବିଷୟ ।"

—ହଁ, ତୋ କାନରେ ଗୋଟାଏ ପଶନ୍ତା କି ତୋ ଯୋଡ଼ିରୁ କେତେ ବକ୍ତୃତା ବାହାରନ୍ତା, କେତେ ନୀତି ବାକ୍ୟ ବାହାରନ୍ତା ଟିକିଏ ଦେଖନ୍ତେ ।

"ମୋ କାନରେ କାହିଁକି ପଶିବେ ? ମୋ ଖଟ ବିଛଣା ଏତେ ପରିଷ୍କାର ଯେ ସେମାନେ ତହିଁରୁ କୌଣସି ପ୍ରକାର ଖାଦ୍ୟର ସନ୍ଧାନ ପାଆନ୍ତି ନାହିଁ । ତା' ଉପରେ ବି ସେମାନଙ୍କୁ ବାଡ଼ ଦେଲା ପରି ଖଟ ଚାରି ଖୁରାରେ କିରୋସିନ କନା ଗୁଡ଼େଇଛି । ବିଲକୁଲ ତ ମୋ ପାଖକୁ ଆସିବେ ନାହିଁ । କାମୁଡ଼ିବା କଥା ବା କାନରେ ପଶିବା କଥା ଉଠିବ କାହିଁକି ?"

ଗଣିର ଏତାଦୃଶ ପିମ୍ପୁଡ଼ି ପ୍ରତି ଦୟା ସାଥିମାନଙ୍କ ମନରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କଲା । ତା'ର ଅନୁପସ୍ଥିତିରେ ଏହି ବିଷୟରେ ନାନା ମନ୍ତ୍ରଣା ଚାଲିଲା । ଜଣେ କହିଲା—"ଓଃ ତା' ଆଗରେ ସିନା ପିମ୍ପୁଡ଼ି ମାରିବା ପନ୍ଥାସବୁ କରି ବସିଲେ ସେ ଯୋଡ଼ ହାତ ଧରି ଅତି ନଉନ ହୋଇ ବନ୍ଦ କରିଦେଉଛି । ସେ ନ ଥିଲାବେଳେ ସବୁ କାମ କଲେ କାମ ଖତମ । ସେ କାହିଁକି ଜାଣିବ ଯେ ବନ୍ଦ କରେଇବ । ତା'

Digitized by srujanika@gmail.com

ଅଜାଣତରେ ଗୋଟାଏ ଦୁଇଟା ଦିନରେ ପିମ୍ପୁଡ଼ି ୱାଳ ସାଫ୍ ହୋଇଯିବ ।" ଏ କଥାକୁ ଆଉ ଜଣେ ପ୍ରତିବାଦ କରି କହିଲା—"ଦୂର ବାଜଲା ! ତୋର ଟିକିଏ ହେଲେ କଳା ଜ୍ଞାନ ନାହିଁ । ହଇରେ ! ଆମେ ଯଦି ପିମ୍ପୁଡ଼ି ମାରିବା ତେବେ ସେଥିପାଇଁ ଏତେ ମନ୍ତ୍ରଣା ଯନ୍ତ୍ରଣା କାହିଁକି ? ସେ କାମଟା ଆମ ପିମ୍ପୁଡ଼ିବାନ୍ଧବ ଗଣି ହାତରେ ଟେରେଇ ପାରିଲେ ଯିନା ଆମର ଟେକ ରହନ୍ତା !" କଥାଟା ସମସ୍ତଙ୍କ ମନକୁ ଖାପିଗଲା । ଆଉ ଜଣେ ପଚାରିଲା—"କଥାଟା ଅବଶ୍ୟ ଚମତ୍କାର, କିନ୍ତୁ ହେବ କିପରି ? ଗୋଟାଏ ନିରୁତା ପିମ୍ପୁଡ଼ିବାନ୍ଧବକୁ ପିମ୍ପୁଡ଼ୀଶ କରିବା କେମିତି ?" ହରି ତାଳିଟାଏ ମାରି ଦେଇ କହିଲା, "ଆରେ ସେଇଠି ତ ରହିଲା ବାହାଦୁରି । ପିମ୍ପୁଡ଼ିଙ୍କ ପ୍ରତି ତା'ର ରାଗ ଜନମେଇ ପାରିଲେ ସେ ତାଙ୍କ ନିର୍ବଂଶ ପୋଛିବ । ଅସଲ କଥା ହେଉଛି ସେ ଘର ହୁସିଆର ହୋଇ ଚଳୁଛି, ତାକୁ ତେଣୁ ପିମ୍ପୁଡ଼ି କାମୁଡ଼ୁ ନାହାନ୍ତି, ତେଣୁ ତା'ର ରାଗ ହେଉନାହିଁ । ପିମ୍ପୁଡ଼ି କାମୁଡ଼େଇବା'ର ବ୍ୟବସ୍ଥା କରିଦେଲେ ସବୁ ଠିକ୍ ହୋଇଯିବ ।"

ଜଣେ ସବୁ ବସି ଶୁଣୁଥିଲା । ସେ କହିଉଠିଲା—"ଅଚ୍ଛା ସମସ୍ତେ ତ ହରିକଥା ଜାଣିଲ । ମୁଁ ଏବେ ଗୋଟାଏ ପୁରସ୍କାର ଘୋଷଣା କରୁଛି । ଯିଏ ଏହି କାମରେ ସଫଳକାମ ହେବ, ତାକୁ ମୁଁ ଚୋଟାଏ କପ୍ ଦେବି । ସେ କପ୍ ନାଁ ରହିବ ପିମ୍ପୁଡ଼ୀଶ କପ୍ । ଏଥର କାମ ଆରମ୍ଭ କରାଯାଉ ।"

ପାଳି ହୋଇ କାମ ସଙ୍ଗେ ସଙ୍ଗେ ଆରମ୍ଭ ହୋଇଗଲା । ପ୍ରତ୍ୟେକଙ୍କୁ ପକ୍ଷେ ଲେଖାଏଁ ସମୟ ଦିଆଗଲା । ପ୍ରଥମ ଜଣକ ଗଣି କୋଠରୀରେ ଶେଯରେ ଲୁଚେଇ ଲୁଚେଇ ରସଗୋଲା ଗିରି ବୋଳିଲା । ଏହାଦ୍ୱାରା ଘର ଭିତରେ ପିମ୍ପୁଡ଼ି ଭରଭର୍ ହେଲେ ଯତ, କିନ୍ତୁ ଗଣି ଉପରେ ଚଢ଼ଉ କରିପାରିଲେ ନାହିଁ । ତା' ଖଟ ଗୁଡ଼-ଗୋଡ଼ରେ କରାଯିବା କଳା ସର୍ବଦା ଜୁଡ଼ୁବୁଡ଼ୁ ହୋଇ ବନ୍ଧାହୋଇଥାଏ । ସେ ବି ଘରକୁ ଅଧିକରୁ ଅଧିକ ସଫା କରିବାକୁ ଲାଗିଲା । ପକ୍ଷେ କଟିଗଲା, ତଥାପି ତା'ର କ୍ରୋଧ ଦେଖାଗଲା ନାହିଁ ।

ଆଉ ଜଣକର ପାଳି ପଡ଼ିଲା । ସେ ନିତି ରାତିରେ ଗଣି ଶୋଇବା ପରେ ଗୋଟିଏ ଶିରିମଖା ବାଡ଼ି ତା ଶେଯକୁ ଲଗାଇ ତଳେ ଡେରିଦିଏ । ପିମ୍ପୁଡ଼ିମାନେ ବାଡ଼ି ବାଟ ଦେଇ ମହୋଲ୍ଲାସରେ ଖଟ ଉପରକୁ ଚଢ଼ିଲେ ଓ ଇଟ୍‌ରାଟ୍ ଘେରିବାଇଲେ । ନିତି ରାତି ଅଧରେ ଲଣ୍ଠନ ଲଗାଇ ଗଣି ଯେତେବେଳେ ଖଟ ଓ ବିଛଣା ଚଦରସବୁ ଫଡ଼ଫାଡ଼ କରି ଝାଡ଼େ, ସେତେବେଳେ ଅନ୍ୟମାନେ ମୁହଁମାଡ଼ି କୁରୁକୁରୁ ହୋଇ ହସନ୍ତି । ଜଣେ ଅଧେ ବି ମୁହଁଖୋଲି କହିଦିଅନ୍ତି—'ଆହା ? ଏମିତି

Digitized by srujanika@gmail.com

ଜୋର୍ କରି ଝାଡ଼ାଝଡ଼ି କଲେ ପିମ୍ପୁଡ଼ିଗୁଡ଼ାକ ମରିଯିବେ ଯେ ।' କଥାର ମଞ୍ଜି ନ ବୁଝି ଗଣି ନିର୍ଭୟ ଭାବରେ ଉତ୍ତର ଦିଏ, "ନାହିଁ, ମୁଁ ଆସ୍ତେ ଆସ୍ତେ ଝାଡ଼ୁଛି, ପିମ୍ପୁଡ଼ିଙ୍କର କିଛି କ୍ଷତି ହେବ ନାହିଁ ।" ଦିନ ପରେ ଦିନ, ରାତି ପରେ ରାତି ଯାଇ ପକ୍ଷେ ଗଲା, ତଥାପି ପିମ୍ପୁଡ଼ିବାନ୍ଧବ ଟଳିଲା ନାହିଁ ।

ଆଜି ଜଣଙ୍କର ପାଳି ପଡ଼ିଲା । ରାତି ଅଧରେ ସେ ଉଠି ଦେଖିଲା, ଗଣି ନିଘୋଡ଼ ନିଦରେ ଶୋଇଛି । ଟର୍ଚ୍ଚ ପକାଇ ସେ ଗୋଟାଏ ପିମ୍ପୁଡ଼ି ଖୋଜିଲା । କୋଉ ଅପ୍ରାପ୍ତ ଜିନିଷ ? ଗୋଟାଏ ବଡ଼ ମୁଣ୍ଡିଆ ନାଲି ପିମ୍ପୁଡ଼ି ତା ହାବୁଡ଼ରେ ପଡ଼ିଲା । ତାକୁ ଅତି ଧୀରେ ଚିପରେ ଧରି ଗଣି ପାଖକୁ ଗଲା । ଟର୍ଚ୍ଚ ପକାଇ ଠିକ୍ କାନପୁଡ଼ା ଭିତରକୁ ପିମ୍ପୁଡ଼ିଟିକୁ ପକାଇଦେଇ ପାର୍ । ବଡ଼ମୁଣ୍ଡିଆ ନାଲି ପିମ୍ପୁଡ଼ି ସହଜେ ତ ବଦରାଗୀ, ତା ଉପରେ ପୁଣି ଚିପର ଚାପ ! ଚିପରୁ ଯେମିତି ଖସି ହୋଇ କାନ ଭିତରେ ପଡ଼ିଛି ତାକୁ ସମ୍ଭାଳେ କିଏ ? ଗଣି ବିଚରା ଉଠିପଡ଼ି ଆଙ୍ଗୁଠିରେ ଅଟକାଇବା ପୂର୍ବରୁ ପିମ୍ପୁଡ଼ିଟା ପଶିଯାଇ ଗିଲକୁ ରଟ୍‌ରଟ କାମୁଡ଼ିବାରେ ଲାଗିଲା । ଗଣି ବିଚରା ପ୍ରାଣ ବିକଳରେ ଛଟିପିଟି ହୋଇ ବୋପାଲୋ ମାଆଲୋ ରଡ଼ି ଛାଡ଼ିଲା । ଏହି ରଡ଼ି ଶୁଣିବାକୁ ଅନ୍ୟମାନଙ୍କ କାନ ମେଲା ହୋଇ ରହିଥିଲା । ରଡ଼ି ଶୁଣି ସମସ୍ତେ ଉଠିପଡ଼ିଲେ । ହରି ଆଲୁଅ ଲଗେଇ ତା ପାଖରେ ଯାଇ ବସିଲା ଓ ତା' ବେଳକୁ ଗଣି ତାକୁ ଯେମିତି ସାନ୍ତ୍ୱନା ଦେଉଥିଲା ସେମିତିଆ ସାନ୍ତ୍ୱନାର ଏକ ଫନୋଗ୍ରାଫ୍ ରେକର୍ଡ଼ ଲଗାଇଦେଲା । ଗଣି ସବୁ ବୁଝିଲା ସତ; କିନ୍ତୁ କିଛି ଉତ୍ତର ନଦେଇ, ନାକ ଚିପି ନିଶ୍ୱାସ ରୁନ୍ଧ କରିବା ଯୋଗ ସାଧନା ଆରମ୍ଭ କରିଦେଲା । ପିମ୍ପୁଡ଼ିଟି ଘଳ ଘଳ ହୋଇ ପଦାକୁ ବାହାରିଆସିଲା । ଗଣି ତାକୁ ଅତି ହୁସିଆରରେ ନେଇ ପଦାରେ ଛାଡ଼ିଦେଲା । ଅନ୍ୟମାନଙ୍କ ମୁହଁ ଆମ୍ବିଲା ହୋଇଗଲା । ଥରେ ନୁହେଁ ତିନି ଚାରି ଥର ଏପରି ଘଟିଲା । ଶେଷକୁ ଗଣି କାନରେ ତୁଳା ଭର୍ତ୍ତିକରି ଶୋଇଲା । ପୂର୍ବପରି ସେ ପିମ୍ପୁଡ଼ିବାନ୍ଧବ ହୋଇ ରହିଲା । ଶେଷକୁ ରାଜୁର ପାଳି ପଡ଼ିଲା ।

ରାଜୁ ଗଣି ପାଖରେ ଏକ ପ୍ରସ୍ତାବ କଲା । ସେ କହିଲା, "ଦେଖ ଗଣି ! ପିମ୍ପୁଡ଼ିମାନଙ୍କୁ ବୁଝିଲ, ଗହମର ଅଟା ନେଇ ଖାଇବାକୁ ଦେଲେ ସେମାନେ ଆଉ ମଣିଷଙ୍କ ପାଖ ମାଡ଼ିବେ ନାହିଁ । ଅଟା ଖାଇ ସେମାନେ ମଉଜରେ ରହିବେ ।"

ଗଣି ଅତି ଉଲ୍ଲାସରେ କହିଉଠିଲା—"ଆଃ ଖାସା କଥାଟିଏ କହିଲୁ । ଧର୍ମକୁ ଧର୍ମ ହେବ, କାମୁଡ଼ା ବି ବନ୍ଦ ହେବ । ଚାଲ ତୋର ମୋର କାଲିଠୁ ଘର ଦୁଆର, ବାଡ଼ ବାରିଆଡ଼େ ପିମ୍ପୁଡ଼ି ଗାତ ଦେଖି ଅଟା ବୁଣିବା ।"

Digitized by srujanika@gmail.com

"ତୁ ଶୁଣ୍, ତୋର ଧର୍ମ ହେବ । ମୋର ସମୟ ନାହିଁ । ମୁଁ ଖାଲି ପିମ୍ପୁଡ଼ି ଦାଉରୁ ରକ୍ଷା ପାଇବା ପାଇଁ ସିନା କହୁଛି । ମୁଁ ପଛେ ଯେତେ ଅଟା ଦରକାର ଯୋଗାଇ ଦେବି, ତୁ କେବଳ ଘରଆଡ଼େ ନେଇ ବୁଣିବୁ । ସେ କାମ ତୋର ।"

ଏତେ ସୁବିଧା କି ଗଣି ଆଉ ଛାଡ଼େ ! ପଇସା ଖର୍ଚ୍ଚ କରିବ ରାଜୁ, ଧର୍ମ କରିବ ସେ ନିଜେ । ସକାଳୁ ଘଣ୍ଟାଏ ପରିଶ୍ରମ କରିଦେଲେ ଘରଆଡ଼େ ବୁଣିଦେଇ ପାରିବ । ଯୋଜନାଟିକୁ ଚଟାପଟ କାର୍ଯ୍ୟରେ ପରିଣତ କରିବାକୁ ସେ ରାଜୁକୁ ଅନୁରୋଧ କଲା । ରାଜୁ ବି ରାଜି ହୋଇଗଲା ଓ ତା ପରଦିନ ଗୋଟାଏ ବଡ଼ ଠୁଙ୍ଗାରେ ପ୍ରାୟ ଅଧସେରେ ଖଣ୍ଡେ ଅଟା ଆଣି ଦେଲା । ଗଣି ଆନନ୍ଦରେ ତାକୁ ନେଇ ଘରଆଡ଼େ ବୁଣିଲା । ରାଜୁ ଅଟା ଦେଉଥାଏ ଓ ଗଣି ବୁଣିବାରେ ଲାଗିଥାଏ ।

ଗଣିର ଏପରି କାରବାର ଦେଖି ଅନ୍ୟମାନେ ତାକୁ ଗଣି ମାରୁଆଡ଼ି, ଗଣି ମାରୁଆଡ଼ି ବୋଲି ଡାକିଲେ । ସେମାନଙ୍କର ମନରେ କିନ୍ତୁ ବଡ଼ ଆଶଙ୍କା ହେଉଥାଏ ଯେ ଖାଦ୍ୟ ପାଇ ପିମ୍ପୁଡ଼ିମାନେ ବେଶି ପ୍ରବଳ ହୋଇଉଠିବେ । ରାଜୁ ସେମାନଙ୍କୁ ସାନ୍ତ୍ୱନା ଦେଇ ଫୁସ୍ ଫୁସ୍ କରି କହିଲା—"ଚିନ୍ତା ନାହିଁ—ସେଥିରେ ଅଟା ଅଧେ ତ ଡି ଡି ଟି ଅଧେ । ଏଇ ଦିନ କେଇଟାରେ ଦେଖିବ, ଗଣି ପିମ୍ପୁଡ଼ି ବଂଶ ନିପାତ କରିଦେବ ।"

ହପ୍ତାକୁ ସାତ ଦିନ କେଇଟାରେ ପିମ୍ପୁଡ଼ି ଚିହ୍ନଟାଏ ବି ଦେଖିବାକୁ ମିଳିଲା ନାହିଁ । ପିମ୍ପୁଡ଼ିଙ୍କ କପ୍ ପାଇ ରାଜୁ ମନ ଖୁସ୍ । ପିମ୍ପୁଡ଼ିମାନଙ୍କୁ ଖାଇବାକୁ ଦେବାଦ୍ୱାରା ସେମାନଙ୍କର ଦୌରାତ୍ମ୍ୟ ଘୁଞ୍ଚିଗଲା ଭାବି ଗଣି ମନ ତା'ଠୁଁ ଆହୁରି ବେଶି ଖୁସ୍ ।

Digitized by srujanika@gmail.com

# ବାଦୁଡ଼ି

ସକାଳଟାରୁ ଖୀପୁ ଭାଗେ ବନ୍ଧୁ ଗୋବର୍ଦ୍ଧନ ବାବୁଙ୍କୁ ଦେଖି ଅତି ଆନନ୍ଦରେ ସ୍ୱାଗତ କଲେ । ଲେଡ଼ିଂ, ଅନଲେଡ଼ିଂ କାମ ବଡ଼ା ଆଉ ସବୁ ନିତ୍ୟକର୍ମ ସରିଯାଇ-ଥାଏ । "ଟିକିଏ ଚାହାପାଣି ହୋଇ ଯାଉ" ବୋଲି ଖୀପୁବାବୁ ଚାକରକୁ ଜଳଖିଆ ପାଇଁ ପଠାଇଦେଲେ ଓ ନିଜେ ଚାହା ତିଆରି କରିବାକୁ ଷ୍ଟୋଭ୍‌ଟା ଧରି ବସି ପଡ଼ିଲେ । କେଟ୍‌ଲ୍‌ଟା ପାଣିରେ ପୂର୍ଣ୍ଣହେବା ଦେଖି ଗୋବବାବୁ ପଚାରିଲେ—"ଆଉ କିଏ ଚାହା ଖାଇବ କିରେ ?"

"ନାହିଁ ଆମେ ଦି'ଜଣ ତ ।"

"ଏ ଯେ ପାଞ୍ଚ କପ୍ ଯାଏ ପାଣି ହେବ ।"

"ମୋର ଖୁବ୍ କମ୍‌ରେ ଚାରିକପ୍ ନ ହେଲେ ଦେହ ଓ ମନର ଚାଉ ଆସେ ନାହିଁ !"

"କୁଣ୍ଡେ ଚାହା ତିଆରି କରି ତହିଁରେ ଗାଧୋଇନୁ, ପୂରା ଚାଉ ହୋଇ-ଯାଆନ୍ତା ।'

ଖୀପୁ 'ହୋ ହୋ' କରି ଏମିତିର ରାକ୍ଷସିଆ ହସଟାଏ ହସିଲା ଯେ ଘର ଭିତରେ କେତେକ ମିଳିତ ହେଉଥିବା ପଞ୍ଝାଏ ଘରଚଟିଆ ଚଢେଇ ଫର୍‌ର ଫାର୍‌ର ହୋଇ ଉଡ଼ି ପଳାଇଲେ । ଚାହା ହୋଇ ଆସିଲାବେଳକୁ ଚାକର ଜଳଖିଆ ଆଣି ଟେବୁଲ ଉପରେ ଥୋଇଦେଲା । ପ୍ରାୟ ଆଠଦଶ ଜଣଙ୍କର ଜଳଖିଆ ସାମଗ୍ରୀ ଦେଖି ଗୋବ ପୁଣି ପଚାରିଲା—

"କିରେ, କି ପାର୍ଟିଟାଏ କରିବୁ କିରେ ?"

"ହଁ, ହଁ, କିନ୍ତୁ ମେମ୍ବର ଆମେ ଦି'ଜଣ ।"

"ହଇରେ, ଏଗୁଡ଼ାକ କିଏ ଖାଇବ ?"

"ଏ ବରା ମୋଟେ ଚାରିଣଟା, ପକୁଡ଼ି ପାଞ୍ଚଟା, ଏକା ମୋର ପେଟର କୋଉ କଣରେ ଲୁଚିଯିବ । ଆମେ ଦି'ଜଣ ହେଲୁଣି । ଆରେ, ତୁ ଏମିତି କ'ଣ ହଉଚୁନା । ପେଟ ପୂରେଇ ଗଣ୍ଡିଏ ଖାଇବ ନାହିଁନା, କେଇଦିନ ବା ସଂସାରରେ ମଣିଷ ରହିବ ? ଗଲାବେଳେ କଅଣ ସାଙ୍ଗରେ କିଛି ନେଇଯିବ ? ଯାହା ଖାଇଥିବ ଏଇତି ।"

Digitized by srujanika@gmail.com

ଗୋବର ଆଖି ଓ ପାଟି ମେଲା ହୋଇଗଲା । ସେ ଥରେ ଗଦା ହୋଇଥିବା ଗାଣ୍ଡୁଆଏ ଜଳଖିଆ ଓ ଥରେ ଧାପୁର ପେଟକୁ ଚାହିଁ 'ଫଁ' କରି ଗୋଟାଏ ନିଶ୍ୱାସ ଛାଡ଼ିଲା । ଅସ୍ପଷ୍ଟ ସ୍ୱରରେ ତା ପାଟିରୁ ବାହାରି ପଡ଼ିଲା—"ଏତକ ପୁଣି ତୋ ପେଟର କୋଉ କଣରେ ଲୁଚିଯିବ ! ହେ ଭଗବାନ୍ !!'

ଚାହା ପାଣିରେ ଡଳାହେଲା । ଗୋବକୁ ହାତ ଚଳାଇବାକୁ କହି ଧାପୁ ଏକାଥରକେ ଯୋଡ଼ାଏ ବରା ପାଟିରେ ଗୁଞ୍ଜିଦେଲା ଓ ଚାହୁଁ ଚାହୁଁ ଗୋଟାଏ ପରେ ଗୋଟାଏ ଶେଷ କରିଦେଲା । ପେଟରେ ଦୁଇ ଚାରଟା ଚାପୁଡ଼ା ଲଗାଇ କହିଲା—"ଆଃ, ଟିକିଏ ଅନ୍‌ଲୋଡ଼ିଂ କରିଦେଇଥିଲେ ଭାରି ଭଲ ହୋଇଥାନ୍ତା ।"

"ଯାଉନୁ ଯା, ଚଞ୍ଚଳ ଅନ୍‌ଲୋଡ଼ିଂ କରି ଚାଲିଆ, ମୁଁ ବସିଛି ।"

"ରଥ ଗୁଡ଼, ଗରମଟା ଭାଙ୍ଗିଯିବ । ଆଉ ଲୋଡ଼ିଂଟା ଠିକେଇଲେ ଯାଡ଼େ ଅନ୍‌ଲୋଡ଼ିଂଟା ଖୋଲସା ହୋଇଯିବ ।"

ଏହା କହି ଧାପୁ କପ୍‌ରେ ଚା' ଢାଳିଲା ଓ ବରା, ପକୁଡ଼ି ଇଞ୍ଜିନ୍‌ରେ କୋଇଲା ଭର୍ତ୍ତି କଲା ପରି ଭର୍ତ୍ତି କରିବାକୁ ଲାଗିଲା । ଖିଆ ଭିତରେ ଗପ ବି ଜମି-ଉଠିଲା ।

କଥାର ବଣ ଭିତରେ ବୁଲୁ ବୁଲୁ ଗୋବ କହିଲା, "ଶୁଣିଛୁନା ଧାପୁ, କଲେଜରେ ଷ୍ଟ୍ରାଇକ୍ ।"

ଧାପୁର ପାଟିରୁ ଅଧା ବରାଟା ଖସିପଡ଼ିଲା । ରଙ୍କ କୋଟିନିଧି ପାଇଲା ପରି ଉତ୍‌ଫୁଲ୍ଲ ହୋଇ ସେ ଅତି ଆଗ୍ରହରେ ପଚାରିଲା—"ଏଁ ଏଁ ଷ୍ଟ୍ରାଇକ୍, କୋଉଦିନ, କାହିଁକି, କିଏ, କିପରି, କେତେଦୂର, କେଉଁଠି, କଅଣ ହେଲା ??"

"ହାଁ ହାଁ, ସବୁର୍ କର, ସବୁର୍ କର—ସବୁ ପ୍ରଶ୍ନ ଯାକ ଏକାବେଳକେ ବାନ୍ତି କରିପକେଇବୁ ନା କଅଣ ? ଆରେ, କଲେଜ ହଷ୍ଟେଲ୍‌ର କମନ୍ ରୁମ୍‌ରେ ଥିବା କ୍ୟାରମ୍ ଗୋଟି ଭିତରୁ କୁଇନ୍‌ଟା ହଜିଗଲା । ସବୁ ପିଲେ ଏକଜୁଟ ହୋଇ କ୍ୟାରମ୍ କୁଇନ୍ ପାଇଁ ଏକ ଦାବୀପତ୍ର ସୁପରିନ୍‌ଟେଣ୍ଡେଣ୍ଟ ତଥା ପ୍ରିନ୍‌ସିପାଲଙ୍କ ପାଖରେ ଉପସ୍ଥାପିତ କଲେ । କେଉଁ କଥାଟାଏ ଯେ, ସେମାନଙ୍କର ମନେ ରହନ୍ତା ! ଏମିତିଆ ଦାବୀଟାଏ ହୋଇଛି ବୋଲି ସେମାନେ ଭୁଲିଗଲେ । ପିଲାଏ ଏବେ ଷ୍ଟ୍ରାଇକ୍ କରିବାକୁ ସଜବାଜ ହେଉଛନ୍ତି । ଅବଶ୍ୟ କେତେଜଣ ବୁଝିବା ସୁଝିବା ପିଲା ସମସ୍ତଙ୍କୁ ଏଥିରୁ ନିବର୍ତ୍ତାଇବାକୁ ଚେଷ୍ଟା କରୁଛନ୍ତି ।"

ଧାପୁର ହାତ ଏକଦମ୍ ବନ୍ଦ ହୋଇଗଲା । ଗୋଟିଏ ଧନୀ ମହାଜନ ହାତରୁ ଖସିଗଲେ ଓଜନିଆ ଯେପରି ଗୁଟିପିଟି ହୋଇ ବ୍ୟସ୍ତ ହୋଇପଡ଼େ, ଧାପୁ ସେହିପରି

Digitized by srujanika@gmail.com

ବଡ଼ ବ୍ୟସ୍ତ ହୋଇ ପଡ଼ି କହିଲା—"ଏଁ ଏଁ ଷ୍ଟ୍ରାଇକ୍ କରିବେ ନାହିଁ ! ଓଃ କେଡ଼େ ବଡ଼ ସୁଯୋଗଟାଏ ହାତରୁ ଖସିଯିବ ? ଇସ୍ ଟିକଏ ଆଗରୁ ଖବରଟା ଯାହା ନ ପାଇଲି । ନା-ନା, ଏ ସୁଯୋଗକୁ ଛାଡ଼ିବାର ନୁହେଁ । ଗୋବ, ତୁ ଖାଉଥା, ମୁଁ ଟିକଏ ହଷ୍ଟେଲରୁ ଆସେ । କିଛି ମନେକରିବୁନି ଭାଇ ମୁଁ ଏହିକ୍ଷଣି ଆସୁଛି ।"

ଏହା କହି ଧୀପୁ ଖଦଡ଼ ଲୁଗାଟା ପିନ୍ଧିପକାଇ ଖଦଡ଼ ପଞ୍ଜାବୀଟା ଗଳେଇ ପକାଇଲା । ଗାନ୍ଧିଟୋପି ମୁଣ୍ଡରେ ଦେଇ ଓ ଝୁଲା ମୁଣିଟା ହାତରେ ଧରି ବରୁଡ଼ି ମାରିଲା ପରି ଛୁଟିପିଟି ହୋଇ ପଳାଇଲା ।

ହତବାକ୍ ହୋଇ ଗୋବ ଭାବିଲାଗିଲା—ଆରେ ବାପ୍‌ରେ ବାପ୍, ନେତା ହେବା ଗଲୁ କି ଦୁସ୍ତର ! କି ଖ୍ୟପଣ ! ବନ୍ଧୁବାନ୍ଧବ, ଖାଇବା-ପିଇବା, ହଗିବା-ମୁତିବା ସବୁକିଛି ମଣିଷ ଭୁଲିଯାଏ । ସେ ଖଦଡ଼ ଟୋପିର କରାମତି କିଛି କମ୍ ନୁହେଁ ତ !

ଛାତ୍ରନେତାମାନଙ୍କ ଗହଣରେ ବସି ଧୀପୁବାବୁ ସ୍ୱାହା, ସିଗାରେଟ୍ ଖାଉ ଖାଉ କହିଲେ—'ଏ ଘଟଣାକୁ ଛୋଟ ବୋଲି ମନେକର ନାହିଁ । ଯିଏ ଏଡ଼େ ଟିକଏ କଥାକୁ ଶୁଣି ଯାଉ ନାହିଁ, ସେ କେବେହେଲେ ବଡ଼ ବଡ଼ କଥା ଶୁଣିବ ? ଏ ଛୋଟ ଦାବୀକୁ ଯଦି ହାସଲ କରି ନ ପାରିବ, ତେବେ ବଡ଼ ଦାବୀର ପ୍ରଶ୍ନ ଆଉ ଉଠିବ ନାହିଁ । କର୍ତ୍ତୃପକ୍ଷ ମହା ଶ୍ୱଲାଖ । ସେମାନେ ଏଇଥିକୁ ତୁମର ଦାବୀର ଅଙ୍କୁରକୁ ମୂଳପୋଛ କରିଦେବାକୁ ଚାହାଁନ୍ତି, ତୁମ ମେଣ୍ଟକୁ ଭାଙ୍ଗୁଦେଇ ଦେବାକୁ ଚାହାନ୍ତି । କେହି କେହି ଭାବୁଥିବେ—ଯାଆମ ଟଙ୍କାଟାଏ ପକେଇଦେଲେ ଗୋଟିଏ ସେଟ ହୋଇଯିବ । ଏତେ ନେଣ୍ଟରା ଭିତରକୁ ପଶେ କଏ ? ମୁଁ ପରିଷ୍କାର ଜଣେଇ ଦେଉଛି ଏପରି ଚିନ୍ତାଧାରା ଆତ୍ମଘାତୀ । ଆଜି ଟଙ୍କାଟାଏ ଯଦି ତୁମେ ଆଦାୟ ନ କରି ପାରିବ, କାଲି ଦଶ ଟଙ୍କା ଦେଲକୁ ଆଉ ତୁମ ଦାନ୍ତ ଭୁକବଟି ? ତୁମର ଦାବୀ ତ କିଛି ଅନ୍ୟାୟ ନୁହେଁ । ସେମାନେ ନ ଦେବେ କାହିଁକି ? ତାଙ୍କ ବୋପା ଘରୁ କଅଣ ଦେବେ ? ତୁମମାନଙ୍କର ଅଭିଭାବକମାନଙ୍କଠାରୁ ଜବରଦସ୍ତ କରି ନେଇଥିବା ଟିକସ୍‌ରୁ ଦେବେ । ସେଥିରେ ଆଉ କୁନ୍ଥୁ କୁନ୍ଥୁ କାହିଁକି ? ଅସଲ କଥା ହେଉଛି, ସେହି ନ୍ୟସ୍ତସ୍ୱାର୍ଥ, ମୁନାଫାଖୋର, ପ୍ରତିକ୍ରିୟାଶୀଳ, ପ୍ରଗତିବିରୋଧୀ କର୍ତ୍ତୃପକ୍ଷଗୋଷ୍ଠୀ ତୁମ ସଙ୍ଗଠନ ଓ ଜାଗରଣକୁ ଦୁଇ ଆଖିରେ ଦେଖି ପାରୁ ନାହାନ୍ତି । ବ୍ରିଟିଶ ଅମଳର ଗୋଲାମୀ ମନୋବୃତ୍ତି ସେମାନଙ୍କର ଏ ପର୍ଯ୍ୟନ୍ତ ଯାଇନି । ସେମାନେ ଚାହାନ୍ତି ତୁମେମାନେ ଗୋଟିଏ ଗୋଟିଏ ପକ୍‌କା ଗୋଲାମ ପାଲଟ । ମୁଁ ଜୋରଦେଇ କହୁଛି, ତୁମେମାନେ ଯେଉଁ ଦାବୀ କରିଛ, ସେଥିରେ ଆଉ ପଛଘୁଞ୍ଚା ନାହିଁ । କର୍ତ୍ତୃପକ୍ଷ ନ ଶୁଣିଲେ ଷ୍ଟ୍ରାଇକ୍ ହେବ ହିଁ ହେବ ।"

Digitized by srujanika@gmail.com

ଭୁଣ୍ଡ ହୋଇଥିବା ପିଲାମାନେ ଏକସ୍ୱରରେ ରଡ଼ ଛାଡ଼ିଲେ—"ଅଲବତ୍ ହେବ ।"

× × × ×

ଖଦଡ଼ ଟୋପି ତଳେ ଦାସୁର ମସ୍ତିଷ୍କ ଯୋଜନାର ଜାଲ ବୁଣିଚାଲିଲା । ସେ ଭାବିଲା—ଯଦି କର୍ତ୍ତୃପକ୍ଷ କ୍ୟାରମ୍ ଗୋଟିଏ ଆଣି ଦେବେ, ତେବେ ତ ସବୁ ଶେଷ । ବାରବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବ । ନା ନା, ଏହାକୁ ଯେ କୌଣସି ପ୍ରକାରେ ରୋକିବାକୁ ହେବ । ଏହାପରି ଭାବୁ ଭାବୁ ଦାସୁବାବୁ ପ୍ରିନ୍‌ସିପାଲଙ୍କ ଘରଆଡ଼େ ମୁହାଁଇଲେ ।

ଖଦଡ଼ ପଞ୍ଜାବୀ, ଗାନ୍ଧିଟୋପି, ଫୁଲମୁଣି ଦେଖି ପ୍ରିନ୍‌ସିପାଲ ଟିକିଏ ଶଙ୍କିଗଲେ । ଏମାନେ ଯେ ସରକାରଙ୍କ ଚଳନ୍ତି ପ୍ରତିମା ଓ ସେ ନିଜେ ଯେତେହେଲେ ସରକାରୀ ଚାକିରି, ଅଭିବାଦନ କରି ଆସନ ଦେଲେ ଓ ଜଳପାନର ବ୍ୟବସ୍ଥା କଲେ । ସୁଜି, କେକ୍, ବିସ୍କୁଟ୍‌ରେ ଆପ୍ୟାୟିତ ହୋଇ ଦାସୁ ଆରମ୍ଭକଲେ—"ଦେଖନ୍ତୁ ଆପଣଙ୍କ କଲେଜ ଉପରେ ଘୋର ବିପଦ ମାଡ଼ିଆସିଲାଣି । ବଦମାସ କମ୍ୟୁନିଷ୍ଟମାନେ ପିଲଙ୍କୁ ମତେଇ ଗଣ୍ଡଗୋଳ ମର୍ଜି ପୋଡିଲେଣି । ବଡ଼ ସୁଯୋଗଟାଏ ସେମାନେ ଖୋଜୁଥିଲେ । ଦୈବଯୋଗକୁ ତାଙ୍କୁ ମିଳିଯାଇଛି । ସେମାନେ ଦେଖିଲେ କ୍ୟାରମ୍ ଗୋଟି ଦାବିଟା ସହଜରେ କର୍ତ୍ତୃପକ୍ଷ ପୂରଣ କରିଦେବେ, ତେଣୁ ସେଇଟାକୁ ଆପଣା ହାତକୁ ନେଇଯାଇଛନ୍ତି । ପିଲଙ୍କୁ ଦେଖେଇଦେବେ—ଦେଖ ଆମେ ଥିବାରୁ କେମିତି କାମ ହାସଲ ହୋଇଗଲା । ବାସ୍ ଏଥିରେ ସେମାନଙ୍କର ପ୍ରତିପତ୍ତି ପିଲାଙ୍କ ପାଖରେ ଯଥେଷ୍ଟ ବଢ଼ିଯିବ । ତା'ପରେ ଦାବି ଉପରେ ଦାବି ବଢ଼ିଚାଲିବ, ଦୁଷ୍ଟ କମ୍ୟୁନିଷ୍ଟଗୁଡ଼ାକ ନିରୀହ ପିଲାଗୁଡ଼ାକୁ ଅକ୍ତିଆର କରି ସବୁବେଳେ ଗଣ୍ଡଗୋଳ ସୃଷ୍ଟି କରିବେ । ଏ କଲେଜର ସୁନାମ ଏକାବେଳକେ ଲୋପ ପାଇଯିବ । ନଗଣ୍ୟ ହେଲେ ସୁଦ୍ଧା ଏ ଦାବିକୁ ଏକାବେଳକେ ପ୍ରତ୍ୟାଖ୍ୟାନ କରନ୍ତୁ, ନଚେତ୍ କମ୍ୟୁନିଷ୍ଟମାନଙ୍କ ମୁହିଁ ବଢ଼ିଯିବ । ଏଇ ଆରମ୍ଭବେଳୁ ଆପଣ ଯଦି ଦାବି ନଦେବେ, ତେବେ ପଛକୁ ଆଉ ସମ୍ଭାଳି ପାରିବେ ନାହିଁ । ଉଦ୍ଧତ କମ୍ୟୁନିଷ୍ଟଗୁଡ଼ାଙ୍କର କାହାରି ପ୍ରତି ଟିକିଏ ହେଲେ ଖାତିର ନାହିଁ । ଟିକିଏ ଢିଲା ଯଦି ଆପଣ କରିଦେବେ, ତେବେ ସେମାନେ ଏ କଲେଜକୁ ବେମଲିନ୍ କରିଦେବେ । ଦେଖନ୍ତୁ ସାବଧାନ, ମୁଖ୍ୟମନ୍ତ୍ରୀ ବଡ଼ ଉଦ୍‌ବେଗରେ ସହିତ ଏ ଘଟଣାକୁ ଲକ୍ଷ୍ୟ କରୁଛନ୍ତି । ପିଲଙ୍କୁ ଆପଣ ପରିଷ୍କାର କହିଦିଅନ୍ତୁ ଯେ ଯେଉଁମାନେ କ୍ଲବ୍‌କୁ ଡକେଇଛନ୍ତି, ସେଇମାନେ ହାତରୁ ପଇସା ଦେଇ ଆଣନ୍ତୁ । କଲେଜରୁ ଏକ ପଇସା ବି ଦିଆଯାଇ ପାରିବ ନାହିଁ ।"

Digitized by srujanika@gmail.com

ପ୍ରିନ୍‌ସିପାଲ ଯାହା ବା ଟିକିଏ ଏପାଖ ସେପାଖ ହେଉଥିଲେ, ମୁଖ୍ୟମନ୍ତ୍ରୀଙ୍କ ନାଁ ଶୁଣି ଏକାବେଳକେ ଅଡଚନ୍ଦ୍ର ହୋଇପଡ଼ିଲେ । ଘଟଣାସବୁ ମୁଖ୍ୟମନ୍ତ୍ରୀଙ୍କ କାନଯାଏ ଗଲଣି, ଅଥଚ ସେ ନିଜେ ଏଡ଼େବଡ଼ ଷଡ଼ଯନ୍ତ୍ର ଓ କଲେଜ ଦ୍ରୋହର ସନ୍ଧାନ ପାଇପାରିଲେ ନାହିଁ । ଦେଖିବାଗରେ କମ୍ୟୁନିଷ୍ଟଗୁଡ଼ାକ ଆସି କଲେଜରେ ମଧ୍ୟ ବାଛି ନେମ୍‌ଲିନ୍‌ର ମୂଳଦୁଆ ପକେଇ ଦେଲେଣି ତାହାର ସନ୍ଧାନ ସୁଦ୍ଧା ସେ ପାଇପାରିଲେ ନାହିଁ । ମୁଖ୍ୟମନ୍ତ୍ରୀ ତାଙ୍କୁ ବି ଯଦି କମ୍ୟୁନିଷ୍ଟ ବୋଲି ମନରେ ସନ୍ଦେହ କରନ୍ତି, ତେବେ କଥା ଶେଷ । ଗ୍ଲାନି ଭିତରେ ଦୃଢ଼ତା, କଠୋରତା, ନିର୍ଦ୍ଦୟତା, ନିର୍ମମତା ଠୁଳକରି ସେ ଦୀପୁବାବୁଙ୍କୁ କହିଲେ—"ଆଜ୍ଞା, ଅବସ୍ଥା ଏପରି ହାତଛଡ଼ା ହୋଇଯିବା କଥା ମୁଁ ଜାଣିନଥିଲି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କହିବେ, ଏ ଆଡ଼କୁ କଲେଜ ଖୁଆଡ଼ ଭିତରେ କମ୍ୟୁନିଷ୍ଟ ପିମ୍ପୁଡ଼ିଟାଏ ବି ରଖେଇ ଦେବେନି । ଏ ବିଷୟରେ ସେ ନିଶ୍ଚିନ୍ତ ରହନ୍ତୁ । ତାଙ୍କ ଡିମାଣ୍ଡ ଫିମାଣ୍ଡ ଛଡ଼େଇଦେବି ।"

× × ×

ଗଡ଼ ଜିତି କରି ଦୀପୁ ବାପେ ଫେରିଲେ । ଅତି ଗୁପ୍ତ ଓ ସତର୍କତାର ସହିତ କାମଟି ହାସଲ କରିପାରିଛନ୍ତି ବୋଲି ଭାବି ସେ ମନରେ ବଡ଼ ଆତ୍ମପ୍ରସାଦ ଅନୁଭବ କଲେ । ଖୋଦ୍ ପ୍ରିନ୍‌ସିପାଲ ଓ ତାଙ୍କର ସ୍ବକର ଟୋକା ଛଡ଼ା ଅନ୍ୟ କେହି କଥାବାର୍ତ୍ତାବେଳେ ନଥିଲେ । ତେଣୁ ଛାତ୍ରମାନେ ଏସବୁର ସନ୍ଧାନ ଯେ ପାଇପାରିବେ ନାହିଁ, ଏ ବିଷୟରେ ସେ ଏକାବେଳକେ ନିଃସନ୍ଦେହ ହୋଇଗଲେ । ଘରକୁ ଫେରିଲାବେଳେ ବାଟରେ ଭାବୁଥାଆନ୍ତି, ପହିଲେ ଷ୍ଟ୍ରାଇକ୍‌ଟା ହୋଇଯାଉ, ତା' ପରେ ମୃଦଙ୍ଗର ଦୁଇପଟେ ହାତ ମାରିବା । ମୁଖ୍ୟମନ୍ତ୍ରୀଙ୍କ ପାଖରେ ଛାତ୍ରନେତା, ଛାତ୍ରଙ୍କ ପାଖରେ ରକ୍ଷାକର୍ତ୍ତା ସାଜିବାକୁ ସହଜ ହୋଇଯିବ । ଟୋକାଗୁଡ଼ାଙ୍କୁ ହାତମୁଠାରେ ରଖିପାରିଲେ ମୁଖ୍ୟମନ୍ତ୍ରୀଙ୍କୁ ବି ବେଳେବେଳେ ହଲେଇ ଝିଙ୍କାଝିଙ୍କି କରିହେବ ।

× × ×

ସନ୍ଧ୍ୟାବେଳେ ଗୋବ ସଙ୍ଗେ ଆଳାପ ଚାଲିଥିଲାବେଳେ ଖବରକାଗଜ ଆସି ପହଞ୍ଚିଲା । ଦୀପୁ ତରତର ହୋଇ ତାକୁ ଲେଉଟେଇ ପକେଇଲା । ଷ୍ଟ୍ରାଇକ୍ ଫ୍ରାଇକ୍‌ର ନାମ ଗନ୍ଧ ନାହିଁ । ବନଶିବୁ ଦଶ ସେରିଆ ସେହିଟା ଖସିଗଲା କି ଆଉ ? ବଡ଼ ବ୍ୟସ୍ତ ହୋଇପଡ଼ି ସେ ଗୋବକୁ କହିଲା—"ଭାଇ, ତୁ ଏଠି ଟିକିଏ ବସିଥା, ମୁଁ ଅଧଘଣ୍ଟା ଭିତରେ ଆସୁଛି । ତୋ ସାଙ୍ଗରେ ଟିକିଏ ପରାମର୍ଶ କରିବା ।"

ଗୋବ କିଛି କହିବା ପୂର୍ବରୁ ସେ ଖଦଡ଼ ଲୁଗା, ପଞ୍ଜାବି, ଟୋପି ପିନ୍ଧିପକାଇ ଝୁଲିମୁଣିଟା ଧରି ତରତର ହୋଇ ବାହାରିଗଲା । ହଷ୍ଟେଲ କମନ୍‌ରୁମ୍ ଭିତରକୁ

Digitized by srujanika@gmail.com

ପଶିଲାବେଳକୁ ଦେଖିଲା ପ୍ରିନ୍‌ସିପାଲଙ୍କ ସ୍ବକର ଟୋକାଟା ଛାତ୍ରମାନଙ୍କ ମଝିରେ ବସିଛି, କଅଣ ଫୁସ୍‌ଫୁସ୍ କଥାବାର୍ତ୍ତା ଚାଲିଛି । ଟୋକାକୁ ଦେଖିବାମାତ୍ରେ ତା ଛାତିଟା ଧାଇଁ ଧାଇଁ ହୋଇପଡ଼ିଲା । ଏତିକବେଳକୁ କିଏ ଗୋଟାଏ କହିଦେଲା, "ହେଇଟି ତ ବାବୁଡ଼ି ।" ହାଲପା ପବନ ବେଳେ ଯେମିତି କିଏ ବରଫ ପାଣି ଅଜାଡ଼ିଦେଲା । ଧୀପୁବାବୁଙ୍କ ଦେହ ମନ ଶୀତେଇଉଠିଲା । ବାଘକୁ ବଳିଆ ପଲ ବେଢ଼ିଗଲେ । ଗୋବ ପାଖକୁ ପଳେଇଯିବାକୁ ତାକୁ ବାହାର ସହଳ ନାହିଁ । ଗୋବ କାବାହୋଇ ଦେଖିଲା ଧୀପୁର ଟୋପି ଓ ଝୁଲା ମୁଣି ଅଦୃଶ୍ୟ । ଲୁଗା ଓ ପଞ୍ଜାବି ଚିରା । ଗାଲଟା ଓଉ ଫଡ଼ା ପର ଫୁଲ ପଞ୍ଚାଙ୍ଗୁଳି ଚିହ୍ନଯୁକ୍ତ ।

ଏଣେ ପ୍ରିନ୍‌ସିପାଲ ଦେଖିଲେ ଆଉ ଡମାଣ୍ଡ ଫିମାଣ୍ଡର ନାମ ଗନ୍ଧ ନାହିଁ, ଷ୍ଟ୍ରାଇକ୍‌ର ସୁର୍ ଶବଦ ବି ନାହିଁ । ଓଲଟି ହାତକୁ ନୂଆ କ୍ୟାରମ ଗୋଟି ଆଣି ପିଲାଏ ମହାନନ୍ଦରେ କ୍ୟାରମ ଖେଳୁଛନ୍ତି ।

●

Digitized by srujanika@gmail.com

# ବ୍ରହ୍ମ ଅଭିଶାପ

"ଆରେ ଚାହିଁଛୁ କଅଣ, ଜୋର୍‌ରେ ଘଣ୍ଟା ମର୍ଦ୍ଦଳ ପିଟ୍" କହି ରଘୁ ପଣ୍ଡା ଗାଁ ଠାକୁର ମଦନମୋହନଙ୍କ ପୂଜାରେ ଲାଗିଗଲେ । ଘଣ୍ଟା ମର୍ଦ୍ଦଳର ସ୍ୱନ ମୁହୂର୍ତ୍ତକ ମଧ୍ୟରେ ସବୁ ବୁଡ଼ାଇଦେଲା । କାନ୍‌କାଳିଆ ବଡ଼ ପାଟିଟାଏ କଲେ ବି ଶୁଭିବା ମୁସ୍କିଲ, ମନ୍ତ୍ର ବା ଶୁଭିବ କାହାକୁ ? ଏହି କାନ୍‌ତାଳ୍‌ଦା ସ୍ୱନ ଭିତରେ ରଘୁ ପଣ୍ଡା ପୂଜାମନ୍ତ୍ର ବୋଲି ଚାଲିଲେ—"କଣ୍ଠିତ୍ର କାନ୍ତା ବିରହି ଗୁରୁଣା ସ୍ୱାଧିକାର ପ୍ରମତ୍ତ, ଶାପେନାସ୍ତଂ ଗମିତ ମହିମା ବର୍ଷ ଭୋଗ୍ୟେଣ ଭର୍ତ୍ତୁଃ, ଯକ୍ଷେନ ଯୁଜ୍ୟତେ ଲୋକେ ବୃଧସ୍ତତେନ ଯୋଜୟେତ୍‌, ଅହମନ୍ନଂ ଭବାନ୍ ଭୋକ୍ତା କଥଂ ପ୍ରୀତି-ର୍ଭବିଷ୍ୟତି, ଉତ୍ତମା ଚଟକା ପାଡ଼ା ଟୁଁ ଟାଁଇ ଚ ମଧ୍ୟମା, ଖୁଂପି ନିବଂଶୀ, ଗୋଲା ପ୍ରାଣଘାତକା ।" ଭକ୍ତିରେ ଗଦ୍‌ଗଦ୍‌ ହୋଇପଡ଼ିଥିବା ଭକ୍ତବୃନ୍ଦ ମୁହୁର୍ମୁହୁଃ ସାଷ୍ଟାଙ୍ଗ ପ୍ରଣିପାତ କରି ରଘୁ ପଣ୍ଡାର ମୁହଁକୁ ଚାହିଁରହିଥାନ୍ତି । ସେ ତ ଏକ ମୁହଁ ନୁହେଁ, ସେଇଟା ସାବ୍‌ଲୁଦର ସ୍ଲୁଇସ୍ ପରି ଏକ ମନ୍ତ୍ରବୁହା ସ୍ଲୁଇସ୍ । ଧୁ-ଧୁ ହୋଇ ମନ୍ତ୍ରର ସୁଅ ଛୁଟିଚାଲିଥାଏ । ରଘୁ ପଣ୍ଡା ପାଟିର ଆର ପଟକୁ ଯେ ମନ୍ତ୍ରର ଏକ ବିରାଟ ଭଣ୍ଡାର ରହିଛି ସେ ବିଷୟରେ ଆଉ କାହାରି ସନ୍ଦେହ ରହିଲା ନାହିଁ । ଭକ୍ତି ତଥା ଭୟରେ ସମସ୍ତଙ୍କ ମୁଣ୍ଡ ନଇଁଆସିଲା । ଏତେଗୁଡ଼ାଏ ମନ୍ତ୍ରର ସାଧନା । କିଛି ଟିକିମିକି ସାଧକ ନୁହେଁ । ଏଥିପାଇଁ ହେଲା ଭକ୍ତି । ଆଉ ଏତେ ମନ୍ତ୍ର ଯନ୍ତ୍ର ଜାଣିଥିବା ଲୋକ ତ ଖୋଦ୍‌ ଠାକୁରଙ୍କ ସଙ୍ଗେ କଥାବାର୍ତ୍ତା କରୁଥିବ । ଟିକିଏ ଯଦି ସେ କେଉଁ କାରଣରୁ ଅସନ୍ତୁଷ୍ଟ ହେବେ ତେବେ କଥା ଶେଷ । ଟିକିଏ ଦିଖଡ଼ ବିଖଡ଼ ହେଲେ ଠାକୁରଙ୍କ ପାଖରେ ଲଗେଇ ଯୁଟେଇ କହି ଅଭିଶାପଗୁଡ଼ାଏ ବର୍ଷେଇଦେବେ । ଏଇଥିପାଇଁ ଭୟ । ପ୍ରାୟ ସମସ୍ତେ କାବୁଛି । କିନ୍ତୁ ହୋମ ଓ ପୂଜାସାମଗ୍ରୀର ରକ୍ଷଣାବେକ୍ଷଣରେ ନିଯୁକ୍ତ ଥିବା ଅନ୍ତା ବାରିକ ଡରିଲାବାଲା ନୁହେଁ । ରଘୁ ପଣ୍ଡା ଉପରେ ତା'ର ଭକ୍ତି ମନୋଭାବ ସବୁବେଳେ ଲାଗିରହିଥାଏ । ପୂଜାସାମଗ୍ରୀର ଚଢ଼ଉଣା ରଘୁ ପଣ୍ଡା ମାରିନିଏ । ବାକୀ ତା'ର ଭାଗ ଦୁଇଅଣା ଉପରେ ବି ବେଳେବେଳେ ଆଖି ପକେଇଦେଉଛି । କେଡ଼େ ନିଆଁଗିଳାଟା ମ । ସେ ବି ଡରିବ କାହିଁକି ? ରଘୁ ପଣ୍ଡା ଠାକୁରଙ୍କ ପାଖରୁ ଦୁଇ ଇଞ୍ଚ ଛଡ଼ା ସତ, ସେ ବି ଦୁଇ ଫୁଟ ଛଡ଼ାରେ ଅଛି । ଦେଖିବାକୁ ଗଲେ ଦୁଇ ଇଞ୍ଚ ଓ ଦୁଇ

Digitized by srujanika@gmail.com

ଫୁଟରେ କେତେ ବା ତଫାତ୍ । ଠାକୁରଙ୍କ ପାଖରେ ତା ନାଁରେ ରଘୁ ପଣ୍ଡା ଚୁଗୁଲି କଲେ ସେ ବ ତା'ର କାଟପାଣି ଲଗେଇଦେବ । ଏଥିପାଇଁ ଡର କଅଁ ?

ପୂଜାର ଗତି ସଙ୍ଗେ ସଙ୍ଗେ ଅନ୍ତା ବାଉକର ମନର ଗତି ଏହିପରି ଚାଲି ଦେଇଥାଏ । ତା'ର ଚଞ୍ଚଳ ଆଖି ଦୁଇଟି ସବୁ ପୂଜାସାମଗ୍ରୀ ଉପରେ ଖେଳିଯାଉଥିଲେ ସୁଦ୍ଧା କଳସ ଦେହରେ ଗୁଡ଼ାହୋଇଥିବା କଉଆ ଉପରେ ବେଳେବେଳେ ଲଖି ରହିଯାଉଥିଲା—ଅଃ ବଢ଼ିଆ କଉଆ ଖଣ୍ଡେ ହୋଇଛି । ଖିଅର ଶେଷରେ ବଢ଼ିଆ ଝୋଡ଼ଣର କାମ ଦେବ । ନିହାତ ଦରକାର ସେଇଟା । ହେଲେ ପାଞ୍ଚଆଙ୍ଗ ଠି ପାଟିରେ ପୂରେଇବା ଏ ଗୋସେଇଁର ଦେବାକୁ ମନ ବଳିବଟି ! ତା ହାତ କଅଣ ସତରେ ଉଠିବ ! ହଉ ଚେଷ୍ଟା କରିବା, ଚେଷ୍ଟାର ଅସାଧ କିଛୁ ନାହିଁ । ପୂଜାଟା ପଡ଼ିଲେ ସରୁ ।

ପୂଜା ସରିଲା ଗତାନୁଗତିକ ଭାବରେ । ରଘୁ ପଣ୍ଡା ଓ ଅନ୍ତା ବାଉକଙ୍କ ବ୍ରହ୍ମାଧିକ୍ୟର ମାତ୍ରା ଊଣା ପଡ଼ିବାର ଦେଖି ରଘୁ ପଣ୍ଡା ଟିକେ ବିସ୍ମିତ ହେଲା । ଅନ୍ତା ଯେ ସୁପଥଗାମୀ ହେବାକୁ ଆରମ୍ଭ କଲଣି, ଏହା ଭାବି ରଘୁପଣ୍ଡା ମନେ ମନେ ତାକୁ ପ୍ରଶଂସା କରିବାକୁ ଲାଗିଲେ । ତା'ର ପରଦ୍ରବ୍ୟ ପ୍ରତି ଲୋଲୁପ ଦୃଷ୍ଟି ତଥା ଲୋଭ ଯେ ଆଶାତୀତ ଭାବରେ କମିଗଲାଣି, ଏ ବିଷୟରେ ରଘୁ ପଣ୍ଡା ଏକାବେଳକେ ନିଃସନ୍ଦେହ ହୋଇଗଲେ ।

ଏଣେ ରଘୁ ପଣ୍ଡାଙ୍କ ଅପ୍ରତ୍ୟାଶିତ କୋମଳ ବ୍ୟବହାରରେ ଅନ୍ତା ଉତ୍ଫୁଲ୍ଲ ହୋଇ ଭାବିଲା—ଗୋସେଇଁକୁ କିଏ ଶିଖେଇଦେଲା କି ଆଉ, ବେଶ୍ ନରମ ତ ଆଜି ଜଣାଯାଉଛି ! ଅଃ ! ଆଜି କଉଆ ଖଣ୍ଡିକ ହାତପୈଠ ହେଲା ଜାଣ । ଯାହାହେଉ ଗୋସେଇଁ ଟିକିଏ ବାଗକୁ ଆସିଲାଣି । ଏହିପରି ଭାବି ପୂଜାସ୍ଥାନ ସଫା କରିବା ସଙ୍ଗେ ସଙ୍ଗେ କଳସ କଉଆଟାକୁ ଧରିପକାଇ କହିଲା—"ଗୋସେଇ ! ଏ କଉଆଟା କଅଣ କରିବ ? ମୁଁ ନଉଛି, ଦରକାରରେ ଲାଗିବ ।"

ରଘୁ ପଣ୍ଡା ହାତକୁ ପଞ୍ଚୁପାଞ୍ଚୀଟା ଖସିପଡ଼ିଲା । ଅନ୍ତାକୁ ଡମା ଡମା ଆଖିରେ ଚାହିଁ ଚାହିଁ ଖିଙ୍କାରି ହୋଇଉଠିଲେ—"ଅଃ ଆସିଲେ ମୋ ସାଆନ୍ତେ କଉଆଟା ନେଇଯିବେ । ହଇରେ କଉଆ କାହାର, ତୁ ନବୁ କାହିଁକି ? ଆରେ, ମୁଁ କି ମୂର୍ଖ ! ଭାବିଲି ଏଇଟା ବଦଳିଗଲାଣି । ହେଃ ଅଙ୍ଗାର ଶତଧୌତେନ—ହେ ! ଖବରଦାର, ତାକୁ ଛୁଇଁବୁ ନାହିଁ ।"

ଅନ୍ତା ହାତରୁ କଉଆଟା କଳୁ ନବାହାରିବାର ଦେଖି ରଘୁ ପଣ୍ଡା ଅଗ୍ନିଶର୍ମା ହୋଇଯାଇ ତା ହାତରୁ ଛଡ଼ାଇନେଲେ ଓ ଗାଉଁ ଗାଉଁ ହୋଇ କହିଲେ—"ଆରେ ଭୋଉଠିକା ଲୋକ କୋଉଠୁ ଉଠିଲାଣି !"

Digitized by srujanika@gmail.com

ଅନ୍ତା ମନେ ମନେ ସମ୍ପୂର୍ଣ୍ଣ ଉଦାର ହୋଇଗଲା । ରଘୁ ପଣ୍ଡାଟା ଭଲ ହୋଇଗଲାଣି ଭାବିବା କେଡ଼େ ବୋକାମି । ତା' ପାଟିରୁ ଫସର୍ ଫସର୍ ହୋଇ ବାହାରି ଆସିଲା—"ମତେ ଯେତେ ମାଠେଇବୁ ମାଠେ, ମୁଁ ସେଇ ଦରପୋଡ଼ା ଭାଠ ।" ପ୍ରକାଶ୍ୟରେ ଅଧିକ କିଛି କହିବାକୁ ତା'ର ସାହସ ହେଲା ନାହିଁ । ରାଗରେ ଜୁହୁଲା ମନେ ମନେ କହିଲା—ହଉ ହଉ ପଣ୍ଡାପୁଅ, ତୋତେ ଦେଖୁଛି । କରିଆ ଝଣ୍ଡେ ଦେଲୁନି । ଠାକୁରଙ୍କ ଲାଗିକରାଇବାପାଇଁ ବାହାରୁ ଯେଉଁ ପାଟଲୁଗାଡକ ମିଳୁଛି ତାକୁ ତୁ କେମିତି ନେବୁ ମୁଁ ଦେଖିବି । ତୋ ମୁହଁରେ ପଶିଥିବା ପାଞ୍ଚ ଆଙ୍ଗୁଠିଯାକ ଯଦି ଟାଣି କାଢ଼ି ନଦେଇଛି, ତେବେ ମୋ ନାଁ ଅନ୍ତା ବାରିକ ନୁହେଁ । ଦେଖିବି ତୋ ପଇତା ଟାଣ କି ମୋ ଖୁର ଟାଣ ।

× × ×

ଗାଁ ଅଧିକାରୀର ସେଦିନ ଖିଅର ଅନ୍ୟାନ୍ୟ ଦିନଟାରୁ ସମ୍ପୂର୍ଣ୍ଣ ପୃଥକ୍ ଥିଲା । ସବୁଦିନେ ର, ଠ ହୋଇ ସାବୁନ ଗାଲରେ ବାଜେ, ସେଦିନ କିନ୍ତୁ ନଇବଢ଼ି ଫେଣ ପରି ସାବୁନ ଫେଣ ଦୁଇ ଗାଲ ଉପରେ ଫେଣେଇ ଉଠିଲା । ଖୁର ଶିଳ ଉପରେ ପନ୍ଦର ମିନିଟ୍ ପଟପାଟ୍ ହେଲା । ଖିଅର ହେଲାବେଳେ ଅଧିକାରୀ ଆଖିର ଲୁହ ବାହାରିଲା ନାହିଁ । ସବୁ ନଖ ମୂଳପୋଛ । ଆଉ ଯଦି କେଉଁଠି ନଖ ଥାଆନ୍ତା ଅନ୍ତା ତାକୁ ଛାଡ଼ିନଥାନ୍ତା । ସବା ଶେଷରେ ଦୋହରା ମର୍ଦ୍ଦନ ପରେ ମିଠାଲିଆ ମର୍ଦ୍ଦନ । ଅଧିକାରୀଙ୍କ ମିଜାସ୍ ଖୁସ୍ ହୋଇଗଲା । ଏତିକି ଠଉରେଇବାକୁ ଅନ୍ତାର ଆଉ ଡେରି ହେଲା ନାହିଁ । ଠିକଣା ବେଳ ଉଣ୍ଡି ସେ ଆରମ୍ଭ କଲା—

"ଜାଣିଲ ଅଧିକାରୀଏ ।"

"କଅଣ କିରେ ?"

"ଆମ ମଦନମୋହନ ଠାକୁରେ ମୋତେ କାଲି ରାତିରେ ଗୋଟାଏ ଅଜବ ସପନ ସ୍ୱପନେଇଲେ ।"

"କଅଣଟା ସପନେଇଲେ କି ?"

"ଓଃ କଅଣ କହିବି ଅଧିକାରୀଏ, ତାଙ୍କ ଦି ଆଖିରୁ ଗଙ୍ଗା ଯମୁନା ପରି ଦି' ଧାର ଲୁହ ଛୁଟିଥାଏ ।"

"ଏଁ, ଲୁହ !"

"ହଁ ହଁ ଲୁହ, କାନ୍ଦି କାନ୍ଦି କହିଲେ—ହଇରେ ଅନ୍ତା, ମୁଁ କଅଣ ସବୁଦିନେ ଏହିପରି ଛିଣ୍ଡାଲୁଗା ପିନ୍ଧିଥିବି । ରଘୁ ପଣ୍ଡା ମୋତେ ଆଉ ଲୁଗା ପିନ୍ଧାଉ ନାହିଁ ।

Digitized by srujanika@gmail.com

ସତକୁ ସତ ତାଙ୍କ ଲୁଗାକୁ ଗୁହାଁଲବେଳକୁ ସେଇଟା ଚ୍ଛିଣ୍ଡା, ଶ୍ରୀଅଙ୍ଗ ଗୁଣଆଡ଼େ ଦିଶୁଛି । ଆଉ କଅଣ କହୁଥାଆନ୍ତେ—ବେଧୂଆ ମୂଷାଟା ମଥାନରୁ ଦାଲୁକର ମୋ ଉପରେ ପଡ଼ିଲା । ନିଦଟା ଗୁଉଁକର ଭାଙ୍ଗିଗଲା ।

ଅଧିକାରୀ ଗୁମ୍ ହୋଇ ବସିରହିଲା । ଅନ୍ତା ଦେଖିଲା ତା ଔଷଧଟା ଭେଦ ଅଧିକାରୀର ବ୍ରହ୍ମରନ୍ଧ୍ରରେ ପହଞ୍ଚି ଯାଇଛି । ସେ ମନରେ ଖୁଲୁଶ ହେଠି ପୁଣି କହିଲା, "ଏ କି ସପନ, କାହିଁ ମୁଁ ତା'ର ଆଉ ଅନ୍ତ କିଛି ପାଇଲି ନାହିଁ ।"

ଅଧିକାରୀର ନଇଁଥ ପର ହୋଇଥିବା ଗମ୍ଭୀର ମୁହଁରୁ ବାହାରି ଆସିଲା, "ହୁଁ, ଆଚ୍ଛା ଦେଖିବ ରଘୁପଣ୍ଡାକୁ ।" ବିଜୟୋଲ୍ଲାସରେ ଅନ୍ତା ସେ ସ୍ଥାନ ପରିତ୍ୟାଗ କଲା ।

ଅଧିକାରୀ ତା ନାଉ ଏକୋଇଶିଆକୁ ଖଣ୍ଡିଏ ଭଲ ହଳଦିଆ ପାଟ ନେଇ ମଦନମୋହନଙ୍କ ଲାଗି କରାଇବାକୁ ରଘୁ ପଣ୍ଡାଙ୍କ ହାତରେ ଦେଲା । ପାଟକୁ ଦେଖି ପଣ୍ଡାର ପାଟି ଜକେଇ ଆସିଲା । ଅଧିକାରୀ ସେହିଠାରେ ବସିରହିଲା । ରଘୁ ପଣ୍ଡା କାନଧରା, ନାକଟିପା, ହାଣ୍ଡିଛଟା, ଆଙ୍ଗୁଠି ମୋଡ଼ା ଓ ତାଳି ସହ ଅସ୍ପଷ୍ଟ ସ୍ୱରରେ ମନ୍ତ୍ରଗୁଡ଼ାକ ଗ୍ରେବାଇ ପକାଇ ଅତି ଭକ୍ତିର ସହ ପାଟ ଖଣ୍ଡି ଠାକୁରଙ୍କ ଦେହରେ ଛୁଆଁଇ ଦେଲେ ଓ ଆଣି ପାଖରେ ରଖିଲେ । ଟିକିଏ ଦୂରରେ ଠିଆ ହୋଇଥିବା ଅନ୍ତା କଣେଇ ଗୁହିଁ ମୁରିକିହସା ଦେଉଥାଏ ! ପାଟଟା ଛୁଆଁ ହୋଇ ପାଖରେ ଥୁଆ ହେବାର ଦେଖି ଅଧିକାରୀ କହିଲେ, "ଗୋସେଇଁ ଏ, ଇଏ କଅଣ କରୁଛ ?"

"କଅଣ ?—ମୁଁ ତ ଛୁଆଁଇ ରଖିଲି ।"

"ପିନ୍ଧେଇଲେ ନାହିଁ କାହିଁକି ? ତାକୁ କିଏ ନବ ?"

"ଏଇଟା ତ ଶାସ୍ତ୍ର କଥା, ବସ୍ତ୍ର ଉତ୍ସର୍ଗ ଯାହା କିଛି ଲାଗି ହେବ ତାହା ପୂଜାକର । ମୁଁ ମନ୍ତ୍ର ପଢ଼ି ଛୁଆଁଇଛି କି ନା ଏଇଟା ତ ମୋ ମନକୁ ମୁଁ କହୁନି, ଋକ୍ ବେଦରେ ଏହାର ପ୍ରମାଣ ଅଛି ବସ୍ତ୍ର ଉତ୍ସର୍ଗ କରିଥା ସମେତଂ, ଅଙ୍ଗ ମଣ୍ଡନଂ ଯତ୍କିଛି ପ୍ରାପ୍ତମ୍ ଦେବତା ଦେହେ ସ୍ପର୍ଶ କରିହା, ସେବକ ସ୍ୱଗୃହେ ସେ ସବୁ ନିହା ।"

"ଓଃ ମୁଁ ତୁମ ବେଦଫେଦ କି ମନ୍ତ୍ରଫନ୍ତ୍ର ଶୁଣି ଯିବନି । ଠାକୁରେ ଜଣେ ଅନ୍ତାକୁ ସପନେଇ କହିଛନ୍ତି ଯେ ସେ ସବୁଦିନେ ଛିଣ୍ଡା ଲୁଗା ପିନ୍ଧିଛନ୍ତି, ଆଉ ତୁମେ ଲାଗି ହେଉଥିବା ସମସ୍ତ କପଡ଼ା ଘରକୁ ନେଉଛ । ଆଜିଠାରୁ ତୁମେ କରିଆ ନବ ପଛେ ନିଅ, ଠାକୁରଙ୍କ ଲାଗି ହେଉଥିବା କପଡ଼ାରେ ହାତ ଦେଇ ପାରିବ ନାହିଁ । ତାକୁ ଠାକୁରଙ୍କ ଶ୍ରୀଅଙ୍ଗରେ ମଣ୍ଡେଇ ଦେବ ।"

Digitized by srujanika@gmail.com

"ହଉ, ବେଦ ମନ୍ତ୍ର ନହେଲା ନାହିଁ, ଯାହା କହିବ ମୁଁ ତାହା କରିଦେବି । ସାହୁକୁ ତୁମେ ଓ ମଦନମୋହନ ବୁଝାବୁଝି ହୁଅ ।"

ଏହା କହି ରଘୁପଣ୍ଡା ପାଟଟି ଖୋଲି ମଦନମୋହନଙ୍କ ଶ୍ରୀଅଙ୍ଗରେ ଗୁଡ଼େଇଲେ । ହାତଟା ଚଳୁନଥାଏ, ପେଟଟା ଦୁହିଁ ହୋଇଯାଉଥାଏ । କ୍ରୋଧଭରା ମନ ସବୁଆଡ଼ୁ ଟାଣିହୁଣି ହୋଇଯାଇ ଅନ୍ଧା ଉପରେ କେନ୍ଦ୍ରୀଭୂତ ହୋଇଗଲା । ଏଥିରୁ ମୂଳରେ ଯେ କନିଆ ପାଇଁ ହତାଶ ହୋଇଥିବା ଅନ୍ଧା ଛପି ରହିଛି ତାହା ବୁଝିବାକୁ ଆଉ ବାକି ରହିଲା ନାହିଁ । ମନେ ମନେ ଗର୍ଜିଉଠି କହିଲେ, "ଅନ୍ଧା ବିଚ୍ଛୁ ମନ୍ତ୍ର ନ ଜାଣି ସାପ ଗାତ ଭିତରେ ହାତ ପୂରାଇଲୁ । ଏହାର ପ୍ରତିଫଳ ଯଦି ମୁଁ ନଦିଏ, ତେବେ ଏ ପଇତାକୁ ଛିଣ୍ଡେଇ ବଳୁର ବେକରେ ବାନ୍ଧିବି । ବେଇମାନ୍! ଏଠି ତେନାଏ ଜାଗା ତୋତେ ମିଳୁ ନଥିଲା । ମୁହିଁ ଅଧିକାରୀକୁ କହି ଠାକୁରଙ୍କ ଜାଗାରେ ଟିକିଏ ଥାନ କରାଇଦେଲି । ଏଇଟା ତାର ପ୍ରତିଫଳ । ଏଇ ପଇତା ଏମିତି ରହିଲା ଅନ୍ଧା ! ଯେଉଁଦିନ ପ୍ରତିଶୋଧ ନେବି ସେଇଦିନ ସ୍ନାକୁ ମାଜିବି ।"

× × ×

ସାକ୍ଷୀଗୋପାଳଙ୍କ ସେବକ ରଘୁ ପଣ୍ଡାର ବନ୍ଧୁ । ବହୁତ ଭ୍ରବଚନ୍ଦ୍ର ରଘୁ ପଣ୍ଡା ଖଣ୍ଡିଏ ରେଜିଷ୍ଟ୍ରି ଚିଠି ତା ପାଖକୁ ପଠାଇଲେ । ସପ୍ତାହକ ବାଦ ସାହୁ ଗୋଟିଏ ଲୋକ ଗୋଟିଏ ପୁଟୁଳି ଆଣି ରଘୁ ପଣ୍ଡା ଘରେ ପହଞ୍ଚିଲା । ପୁଟୁଳିଟାକୁ ଦେଖି ନେଇ ରଘୁ ପଣ୍ଡା ଖୁବ୍ ଖୁସିରେ ହେଣ୍ଡିଟାଏ ମାରିଦେଲେ । ତାଙ୍କ ପାଟିରୁ ବାହାରି ପଡ଼ିଲା, ' ଆରେ ବେଟା ଅନ୍ଧା ! ତୁ ଏଥର କୁଆଡ଼େ ଯିବୁ ଦେଖିବି ।"

ସେହିଦିନ ରାତିରେ ରଘୁ ପଣ୍ଡା ଠାକୁରଙ୍କ ପହଡ଼ ପକାଇବାକୁ ଖୁବ୍ ଡେରି କଲେ । ଦି'ଜଣ ଡୋଲେଇ ଡୋଲେଇ ଜୟଦେବଙ୍କ ଗୀତ ବୋଲୁଥିଲେ । ତାଙ୍କୁ ଚିଲମରେ ଦେଶୀ ଗଞ୍ଜେଇଦଳା ଭର୍ତ୍ତି କରି କଡ଼ାଗୁଲା ସହ ଧରାଇଦେଲେ । ଦୁହେଁ ସୁଁ ସାଁ କରି ଟାଣି ପକାଇଲେ । ଦୁଇ ଦୁଇ ଟାଣ ପରେ ଶ୍ଳୋକ ବାହାରିଲା, "ଏକ ଚିଲମ୍‌ମେ ଘସର୍ ମସର୍ ଦୋ ଚିଲମ୍‌ମେ ମଜା, ତିନ ଚିଲମ୍‌ମେ ମଦନମୋହନ, ଚାର ଚିଲମ୍‌ମେ ରଜା ।" ଏଣୁ ଖୁବ୍ କମ୍‌ରେ ଆଉ ଗୋଟାଏ ଗୋଟାଏ ହୋଇଗଲେ ଖୋଦ ମଦନମୋହନଙ୍କ ଦର୍ଶନ ମିଳିଯିବ । ଏ ଦର୍ଶନ ପାଇଁ ରଘୁ ପଣ୍ଡା ଯୋଗାଡ଼ ଦେଲେ ।

ମନ୍ଦାରଫୁଲିଆ ଆଖି କରି ଦୁହେଁ ମଦନମୋହନଙ୍କ ଆଡ଼େ ଚାହିଁଲେ । ରଘୁ ପଣ୍ଡା ଦୀପ ଆଗରେ ପାପୁଲିଟା ଚଳାଇନେଇ ଦି'ଜଣକୁ କହିଲେ, ହେଇ ହେଇ ଦେଖ, କିଏ ଆସି ମଦନମୋହନଙ୍କ ପଛଆଡ଼େ ଲୁଚିଗଲା ।" ପାପୁଲି ଛାଇଟା ଯେ

Digitized by srujanika@gmail.com

ଭିତରୁ ଯାଇ ଠାକୁରଙ୍କ ପାଖଯାଏ ଖୁଲିଗଲା, ତାହା ଗଣ୍ଡେଇ ବାଳକୁଳ ମୁଣ୍ଡ ଭିତରେ ପଶିବାକୁ ଦେଲାନାହିଁ । ଧନ ଚଳମିଆ ଖୁରଟା ଆଖିକୁ ପରିଷ୍କାର ଦେଖାଗଲା, କଣେ ବାହାରୁ ଆସି ମଦନମୋହନଙ୍କ ଶ୍ରୀଅଙ୍ଗରେ ମିଶିଗଲା । ଆନନ୍ଦରେ ଗଡ଼ିଯାଇ ଦୂହେଁ ପାଟିକଲେ, "ପ୍ରଭୋ ! କୋଟି ଜନମର କଲମଷ ଛୁଟିଗଲା । ପ୍ରଭୋ, ତୁମ ଦରଶନ ପାଇଲୁ । କରୁଣା ରଖିଥାଅ ପ୍ରଭୁ, କରୁଣା ରଖିଥାଅ ।"

× × ×

ସକାଳୁ ମଦନମୋହନଙ୍କ ମାଜଣା ସାରି ରଘୁ ପଣ୍ଡା ସଜବାଜ ହୋଇରହିଲେ । ଗାଧୋଇ ସାରି ଅଧିକାରୀ ଠାକୁରଙ୍କୁ ମୁଣ୍ଡିଆ ମାରିବା ପାଇଁ ଆସିଲେ । ଅଧିକାରୀ ହାତକୁ ତୁଳସୀ ଓ ମୁଣ୍ଡରେ ଚନ୍ଦନ ମାରି ଦେଇ ପଣ୍ଡା ଗଦ୍‌ଗଦ୍ କଣ୍ଠରେ ଆରମ୍ଭ କରିଦେଲେ, "ହେ ମଦନମୋହନ ! ମୋତେ କହୁ କ ଲଭ୍ ଅଧିକାରୀଙ୍କୁ ବୁଝ । ତୁମେ ଯଦି ଏ ଥାନ ଛାଡ଼ି ଚାଲିଯିବ, ତେବେ ମୁଁ ଆଉ କାହିଁକି ରହିବ ?"

ଅଧିକାରୀ ଲଥ୍‌କରି ବସି ପଡ଼ି ପଚାରିଲେ, "କଥା କଅଣ ?" ଶୁଷ୍କ ମୁଖ ରଘୁ ପଣ୍ଡା ବର୍ଣ୍ଣନା କଲେ, "ଆଜକୁ ମାସେ ହେଲା ମୁଁ ଦେଖିଥିଲି । କାଲି ବଇଦା ଓ ସଢ଼ିଆ ଦୁହେଁ ଦେଖିଛନ୍ତି, ତାଙ୍କୁ ପଚାରିଲେ ସେ କହିବେ । ନିଦ ପହଡ଼ ପଡ଼ିବା ପୂର୍ବରୁ ଛପି ଛପିକା କଣେ ବାହାରୁ ଘୁଞ୍ଚି ଭଲିଆ ଆସି ଠାକୁରଙ୍କ ପଛରେ ଲୁଆଡ଼େ ଉଭେଇଯାଏ । କାଲି କିନ୍ତୁ ଛ' ଆଖି ହୋଇଗଲା । ରାତିରେ ଶୋଇଛି, ମଦନ-ମୋହନ ସପନେଇ କହିଲେ—ଆରେ, ମୁଁ ଅଧିକାରୀର ଭକ୍ତିରେ ବଶ ହୋଇ ସାକ୍ଷୀଗୋପାଳ ଛାଡ଼ି ପଳେଇ ଆସିଲି । ସେଠା ଲୋକେ ମୋ ବଉଳ ବଣକୁ କାଟି-ପକେଇଲେ । ସେଠି ପୁଣି ଇସ୍କୁଲ ବସେଇଲେ । ଛୁଆଙ୍କ ପାଟିରେ ମୁଁ ଆଉ ସେ ବଉଳ ବଣକୁ ରାଧାଙ୍କୁ ନେଇ ପାରିଲି ନାହିଁ । ଏଠାକୁ ପଳାଇ ଆସିଛି । ଏଠି ସବୁ ଭଲ । କେବଳ ନିଗୁଛିଆ ଥାନ ନାହିଁ କ ବଉଳ ବଣଟିଏ ନାହିଁ । ନିଦ ରାତିରେ ମୁଁ ପଦାକୁ ଯାଉଛି; କିନ୍ତୁ ଲୋକବାକ ଥିବାରୁ ରାଧାଙ୍କ ସହ କେଳି କରି ନପାରି ମନ୍ଦିର ଭିତରକୁ ପଳାଇ ଆସୁଛି । ଯଦି ମନ୍ଦିର ପଛକୁ ନିଗୁଛିଆ ବଉଳ ବଣଟିଏ କରିଦେବ, ତେବେ ମୁଁ ରହିବ, ନଚେତ୍ ଫେରିଯିବ ।"

ଏତିକି କହି ଠାକୁରେ ଅନ୍ତର୍ଦ୍ଧାନ ହୋଇଗଲେ । ମୋ ଘରଟାଯାକ ଶ୍ରୀଖଣ୍ଡ-ଚନ୍ଦନ ବାସନାରେ ମହକି ଯାଉଥାଏ ।"

ଠାକୁରଙ୍କ ଶ୍ରୀମୁଖବାଣୀ ତୁମକୁ ଜଣେଇଲି । ଏଣିକି ତୁମର ଯାହା ଇଚ୍ଛା କର ।

Digitized by srujanika@gmail.com

ଅଧିକାରୀ ଆଗକୁ ଝେପିଯାଇ ମଦନମୋହନ ଜୀଙ୍କ ଦୁଇ ଗୋଡ଼ ଜାବୁଡ଼ି ଧରି ଲମ୍ବିଗଲେ ଓ କହିଁ କହିଁ ହୋଇ କହିଲେ—"ଠାକୁରେ, ତୁମ ଇଚ୍ଛା କି ଅପୂର୍ଣ୍ଣ ରହିବ ? ଏତେ ଦୟା ତୋର, ମୁଁ ତତେ କେମିତି ଛାଡ଼ିଦେବି ?"

ରଘୁ ପଣ୍ଡା କହିଲେ, "ଅଧିକାରୀଏ, ଠାକୁରଙ୍କ ଗୋଡ଼ରେ ମୁଣ୍ଡ ଲଗେଇ କହିଦଅ—ଠାକୁରେ, ମୁଁ ନଗ୍ରଛିଆ ବଉଳ ବଣ ନଷ୍ଟ କରିଦେବି ।"

ଅବଧାନଠାରୁ ଶୁଣି ଗୃହ ଗାଇଲା ପରି ଅଧିକାରୀ ଠାକୁରଙ୍କ ଗୋଡ଼ତଳେ ମୁଣ୍ଡ ଦେଇ କହିଲେ, "ଠାକୁରେ ! ମୁଁ ନଗ୍ରଛିଆ ବଉଳ ବଣ ନଷ୍ଟ କରିଦେବି ।"

ପାଦ ଉପରୁ ମୁଣ୍ଡ ଟେକିବା ମାତ୍ରେ ଅଧିକାରୀ ଗୋଡ଼ କଡ଼କୁ ଗୋଟିଏ ପୁଟୁଳି ଦେଖିଲେ । ସେଇଟା ନେଇଆସି ଦେଖନ୍ତି ତ ଦେବତାଙ୍କ ଅଙ୍ଗବାସ । ରଘୁ ପଣ୍ଡା ଚିତ୍କାର କରିଉଠିଲେ—"ସାକ୍ଷୀଗୋପାଳଙ୍କ ଏ ଅଙ୍ଗବାସ ଏଠିକି ଆଣିଲା କିଏ ? ପ୍ରଭୁ ତୋର ଏତେ ଦୟା !" ଏତକ କହି ରଘୁ ପଣ୍ଡା ଆନନ୍ଦରେ ଗ୍ରେବ ଖାଇଗଲେ ।

× × ×

କଥାଟା ଗ୍ରହୁଁ ଗ୍ରହୁଁ ସାହିଯାକ ବୁଲିଗଲା । ସାକ୍ଷୀଗୋପାଳ ସେବକ ପାଖକୁ ଅଙ୍ଗବାସତକ ନିଆଯାଇ ସାବ୍ୟସ୍ତ ହେଲା ଯେ ତାହା ସାକ୍ଷୀଗୋପାଳଙ୍କର ।

ବଇଦା, ସଉଆଙ୍କ ସ୍ୱପ୍ନରେ ମଦନମୋହନ ଦର୍ଶନର ସାକ୍ଷ୍ୟ, ସାକ୍ଷୀଗୋପାଳ ସେବକଙ୍କ ଅଙ୍ଗବାସ ଚିହ୍ନୋଟ, ଖୋଦ ଅଧିକାରୀଙ୍କ ଅଙ୍ଗବାସ ଆବିଷ୍କାର, ରଘୁ ପଣ୍ଡାଙ୍କ ସ୍ୱପ୍ନ, ସବୁ ମିଶି ଏକ ସୁଦୃଢ଼ ତଥ୍ୟ ତିଆରି ହେଲା । ତାହା ହେଉଛି ଏଇ—

ବକୁଳବନ କଟା ହୋଇଯିବାରୁ ସାକ୍ଷୀଗୋପାଳ ସେ ସ୍ଥାନ ବିରକ୍ତ ହୋଇ ଛାଡ଼ି ଦେଇଛନ୍ତି । ଅଧିକାରୀ ତଥା ଗାଁବାଲାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଏଠି ଅଟକି ଯାଉଛନ୍ତି । ପ୍ରତିଦିନ ରାତିରେ ରାଧାଙ୍କ ସହ କେଳି କରିବାକୁ ମନ୍ଦିର ପଛକୁ ଯାଉଛନ୍ତି । ସେଠି ଅନ୍ଧାରର ପାଟିତୁଣ୍ଡ ଯୋଗୁଁ ଓ ବଉଳ ବଣ ନଥିବାରୁ ଲାଜ ଅଧା କେଳିଆ ହୋଇ ମନ୍ଦିର ଭିତରକୁ ଫେରିଆସୁଛନ୍ତି । ସାବକ ପୋଷାକ ପିନ୍ଧିଲେ କାଳେ କିଏ ଚିହ୍ନି ପକାଇ ପୁଣି ନେଇଯିବା ଲାଗି ଆସିବ, ଏଇ ଭୟରେ ମଦନ-ମୋହନ ରାତିରେ ଅଙ୍ଗବାସତକ ପାଲଟି ପକାଇ ପୁଟୁଳି କରି ଗୋଡ଼ ପାଖରେ ଲୁଚାଇ ଦେଉଛନ୍ତି । ଅଧିକାରୀ ତଥା ଗାଁବାଲାଙ୍କ ପ୍ରତି ଅସୀମ କୃପା । ତାଙ୍କ ପାଇଁ ଅତିଶୀଘ୍ର ମନ୍ଦିର ପଛରେ ଏକ ନଗ୍ରଛିଆ ବଉଳ ବଣ ଉପୁଜେଇବାକୁ ହେବ ।

ମହାସମାରୋହ ଓ ହୈ ଚୈ ଭିତରେ ବଉଳ ମଞ୍ଜି ପୋତା ହୋଇ ଗଛ ଉଠାଇବାର ଯୋଗାଡ଼ କରାଗଲା ଓ ଅନ୍ୟାନ୍ୟଙ୍କୁ ଘର ଭାଙ୍ଗି ଉଠିଯିବାକୁ ଆଦେଶ

Digitized by srujanika@gmail.com

ଦିଆଗଲା । ଅନ୍ନା ପଢ଼ିଲେ ପଢ଼ିଲେ ହାଉସ୍ କଣ୍ଟୋସେଲ, ଓକିଲ, କଟଶ ଇତ୍ୟାଦି ଶବ୍ଦମାନ ପ୍ରୟୋଗ କରି ଉଖଡ଼ା ବିଖଡ଼ା ଝାଡ଼ିବାକୁ ଚେଷ୍ଟା କଲା, କିନ୍ତୁ ଯେଉଁଠି ଗାଁ ମେଳ ସେଠି ଅନ୍ନା ବା ତା ସରକାରଙ୍କ ଆଇନ୍ ସବୁ ଫୁସ୍ । ମେଳିଆଙ୍କ ଏକା ହୁଙ୍କାରରେ ଅନ୍ନା ଘର ଶୁଖିଲା ପତର ପରି କୁଆଡ଼େ ଉଡ଼ିଗଲା । ଏତେ ଭିତରକୁ ଅନ୍ନାର ମୁଣ୍ଡ କୁଆଡ଼ୁ ପଶିବ ? ସେ ମନେ ମନେ ଏହାକୁ ବ୍ରହ୍ମ ଅଭିଶାପ ବୋଲି ଧରିନେଲା ।

ଯେଉଁଦିନ ଅନ୍ନାଘର ସଫା ହୋଇ ବଢ଼ିଲଗଛ ଲଗାଗଲା, ସେଇଦିନ ରଘୁ ପଣ୍ଡା ଦନ୍ଥା ଦୋକାନରୁ ଗୋଟାଏ ସ୍ବଶପଢିଆ ସାବୁନ ଆଣି କୋଚଟ ପଢାତାକୁ ମାଜିଲେ···।

●

# ଭୈରବୀ ଡାକ

ସିନେମା ବିଜ୍ଞାପନ ସ୍ତମ୍ଭରେ ଆଖି ବୁଲାଉ ବୁଲାଉ ମଧୁ ଦେଖିଲା ତା'ର ବହୁ ଆକାଂକ୍ଷିତ ଇଂରାଜୀ ଖେଳଟି ପ୍ରକୃତରେ ମାତ୍ର ଦିନକ ପାଇଁ ପଡ଼ିଛି । ତାହା ପୁଣି ଥରକ ପାଇଁ । ଏ ସୁଯୋଗ ହରାଇବା ଅର୍ଥ ହାତମୁଠାରୁ ଖଇଗୁଣ୍ଡା ଖସିପଡ଼ିବା । ଚିରଦିନ ପାଇଁ ମନରେ ଗୋଟାଏ ଅବଶୋଷ ରହିଯିବ । ଖେଳଟା ନଆସିଥାଆନ୍ତା, ସେଥିରେ ଯାଏଆସେ ନ ଥିଲା । କିନ୍ତୁ ଆଖି ଆଗରେ ଘଟି ହୋଇ ଚାଲିଯିବ ଅଥଚ ଦେଖି ହବନି ସ୍ୱାଠୁଁ ବଳି ଅଧିକ ଉତ୍ତଳ ବିକଳିଆ କଥା ଆଉ କଅଣ ହୋଇପାରେ ? ନା, ଏ ଫିଲ୍ମଟାକୁ ନିଶ୍ଚୟ ଦେଖିବାକୁ ପଡ଼ିବ । ସବୁ ପଇସା ରହିବା ଥାନରେ ଓଲେଇ ଆଲେଇ ଦେଖିଲା ତିନି ଅଣା ହବ କି ନ ହବ । ଏତକ ତ ପାନ, ଚିନାବାଦାମକୁ ନିଅଣ୍ଟ । ଟିକେଟ ପାଇଁ ପଇସା ଆସିବ କୁଆଡୁ ? ମନେ ମନେ ସିନେମାଘର ମାଲିକକୁ ମନ ଇଚ୍ଛା ଗାଳି ଦେବାକୁ ଲାଗିଲା । ଜବୁଥିଆ ଭୂତ କୋଉଠିକାର, କେତେବେଳେ ଲୋକଙ୍କ ଅଣ୍ଟାରେ ପଇସା ଅଛି କେତେବେଳେ ନାହିଁ ଏତକ କଥା ଜାଣିବାର ଯୁ ନାହିଁ ସେଥିରେ ପୁଣି ଖୋଲିଦେଇଛି ଗୋଟାଏ ସିନେମା ହଲ୍ । ଏମିତିଆ ଭୂତଙ୍କ ବ୍ୟବସାୟରେ ନାଲିବତୀ ଜଳେଇବେ ନାହିଁ ତ ଆଉ କିଏ ଜଳେଇବ । ଛାଡ଼ ତା ନାଲିବତୀ ଜଳେଇବାରୁ ମୋତେ କଅଣ ମିଳିବ ? ମୋତେ ଯେ କୌଣସି ଉପାୟରେ ଫିଲ୍ମଟାକୁ ଦେଖିବାକୁ ପଡ଼ିବ ଓ ସେଥିପାଇଁ କାହାର ମୁଣ୍ଡରେ ହେଲେ ହାତ ବୁଲାଇବାକୁ ପଡ଼ିବ ।

ଏମିତିଆ ଘଣ୍ଟା ଚକଟା ମୁଣ୍ଡ ସହ ମଧୁ ଜଣେ ସାଥୀର କୋଠରୀ ଭିତରକୁ ପଶିଲା ଓ ଜଣେ ଶ୍ରେଷ୍ଠଭିକାରୀ 'ମୋତେ ଶ୍ରେଷ୍ଠ ଦିଅ' କହିବା ପୂର୍ବରୁ ଯେମିତି ଗୁଡ଼ାଏ ଅଲଗା ଭୂମିକା ଆରମ୍ଭ କରିଦିଅନ୍ତି ଠିକ୍ ସେମିତି ଆରମ୍ଭ କରିଦେଲା, "କିରେ ମଧୁ ! ତୋ ମୁହଁଟା କାହିଁକି ଶୁଖିଲା ଦିଶୁଛି କିରେ ? ଦେହ କଅଣ ଖରାପ ହୋଇଛି କି ?"

"ନାହିଁ ତ ମୋ ଦେହ କିଛି ହୋଇନି, ମୋ ମୁହଁ ଶୁଖିଲା ଦିଶୁଛି ? ମୁଁ ନିଜେ ତ କାହିଁ ଜାଣିପାରୁନି ।"

"ଆରେ, ତୁ ତୋ ନିଜ କଥା କେବେହେଲେ ଜାଣି ପାରିବୁନି । ଜାଣିବାକୁ ତୋର ସମୟ କାହିଁ ? ତୁ ତ ହେଲୁ ଗୋଟିଏ କର୍ମଯୋଗୀ । ମୁହୂର୍ତ୍ତେ ହେଲେ

Digitized by srujanika@gmail.com

ନିକମା ହୋଇ ବସି ରହିବାର ତୋତେ କେହି ଦେଖିନି କି ଦେଖିବ ବି ନାହିଁ । କିଛି ହେଲେ ନିଜ ପାଇଁ କରୁଛୁ, ତା ବି ନୁହେଁ । ନିଜ ପାଇଁ କଲେ ତ ନିଜ ଦେହ ଉପରେ ଟିକିଏ ଦୃଷ୍ଟି ପଡ଼ନ୍ତା । ନିଜ ଦେହ ବିଷୟରେ ବି ତୁ ଟିକିଏ ସଚେତନ ହୁଅନ୍ତୁ । ଅନ୍ୟ ପାଇଁ ତ ସବୁବେଳେ କାମରେ ଲାଗିଲୁ । ଅବଶ୍ୟ ନିଃସ୍ୱାର୍ଥପର କାମଟା ଭଲ । କୋଟିକେ ଗୋଟିଏ କେବଳ ଏପରି କରିପାରନ୍ତି, ତଥାପି ସବୁ କାମରେ ଗୋଟାଏ ସୀମା ତ ଅଛି । ସୀମା ଲଙ୍ଘିଲେ ସବୁ ଖରାପ । ନିଜକୁ ଭୁଲିଗଲେ ବାବୁ ଚଳିବନି । ହଁ ନ ଜାଣି ଜଗନ୍ନାଥ ଦାସ ଲେଖିଲେ—

ଅନ୍ନ ବସ୍ତ୍ରନେ ଦେହ ହାନି
ଯୋଗ ସାଧିବୁ କାହା ଘେନି ।

ନିଃସ୍ୱାର୍ଥ କାମ କରୁଛୁ, କରୁଥା, ଭଲ କଥା, କେହି ମନା କରୁନି, କିନ୍ତୁ ତା ସଙ୍ଗେ ସଙ୍ଗେ ବାବୁ ନିଜ ଦେହ ଉପରେ ଟିକିଏ ନଜର ଦେ ।"

ଯଦୁ ଏମିତି ଅନର୍ଗଳ ବକ୍ତୃତା ଘଣ୍ଟା ଘଣ୍ଟା ଧରି ଦେଇ ଲାଗିଥାଆନ୍ତା, କିନ୍ତୁ ମଧୁ ସତେ କି ଯେମିତି ମାଇକ୍ ଯନ୍ତ୍ରରୁ ତଡ଼ିତ୍ ସ୍ରୋତ ବନ୍ଦ କରିଦେଲା । ସେ ଆଉ ସମ୍ଭାଳି ନହୋଇ କହିପକେଇଲା—"ଆରେ ହେ, ରହ ରହ ଶୁଣ ଟିକିଏ ଶୁଣ । ତୁ କଅଣ କେଉଁଠି ବକ୍ତୃତା ଦେବା ଲାଗି ପ୍ରସ୍ତୁତ ହେଉଛୁ କିରେ । ମୁଁ ତ ତୋ ଅନର୍ଗଳ ବକ୍ତୃତାରୁ ଆଦ ଅନ୍ତ କିଛି ବୁଝି ପାରୁ ନାହିଁ ।"

ଦୀର୍ଘଶ୍ୱାସଟାଏ ପକେଇ ନଚ୍ଛେଡ଼ବନ୍ଧା ଯଦୁ ପୁଣି ଆରମ୍ଭ କଲା—"ତୋ ପ୍ରଶ୍ନରେ ମୁଁ ଟିକିଏ ହେଲେ ବିସ୍ମିତ ବା ବିଚଳିତ ନୁହେଁ । ତୋତେ ଚହ୍ନିବାକୁ ମୋତେ ଆଉ ବାକି ଅଛି ନା ! ମୁଁ ଭଲ କରି ଜାଣେ, ତୁ ନିଜ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ । ସେଇଟା ତୋତେ ଯେ ଭଲ ଲାଗିବନି ତାହା ମଧ୍ୟ ମୁଁ ଭଲ କରି ଜାଣେ । ଏ ଗୁଣଟା ଯେ କେବଳ ତୋଠେଇଁ ଦେଖାଦେଇଛି ତା ନୁହେଁ, ସବୁ ଆଦର୍ଶବାଦୀ ନିଃସ୍ୱାର୍ଥପର ମହତ୍ ବ୍ୟକ୍ତିମାନଙ୍କ ଠେଇଁ ମଧ୍ୟ ଦେଖା ଦେଇଥାଏ ଏଇଟା ।"

ଠୋ ଠୋ ହୋଇ ହସି ମଧୁ କହିପକେଇଲା—"ହଇରେ ହଇରେ ଏ କି କଥା ? ଆଦର୍ଶବାଦୀ, ନିଃସ୍ୱାର୍ଥପର ମହତ୍ତ୍ୱବ୍ୟକ୍ତି—ଏ ସବୁ ଶବ୍ଦର ଆବିର୍ଭାବ ତୋ ମୁହଁରେ କାହିଁକି ? ମୋତେ ତ ଏଗୁଡ଼ାକ କେମିତି କେମିତି ଲାଗୁଛି ।"

"ତୋତେ ଯାହା ମନେ ତାହା ଲାଗୁ, ମୋତେ କିନ୍ତୁ ଯାହା ଦିଶିଲା ମୁଁ କହିଲି । ତୋତେ ଭଲ ଲାଗୁ ବା ନଲାଗୁ । ମୋତେ ସେମିତି ପେଟରେ ଗୋଟାଏ ତ ମୁହଁରେ ଗୋଟାଏ କହିଆସେନି । ମୋ କଥା ସ୍ରେକ୍‌ଠୋକ୍ ।"

Digitized by srujanika@gmail.com

ଓଁ ହୁଁ, ତୁ ଯାହା ମାନେ ତାହା କହୁ ପଛକେ ମୋତେ କାହିଁକି ସେ କଥାରେ ବ୍ରାହ୍ମୀ ତେଲର ବାସନା ଥିବାର ଜଣାପଡ଼ୁଛି ।

"ଧେଃ, ତୁଚ୍ଛା କଥା କହୁଛୁ । ତୁ ତା'ହେଲେ ଖବୁରୁ ମୁଁ ତୋତେ କେଳଉଛୁ । ମୋର ସେଥିରେ କି ଲାଭ ? ଭଲରୁ ମନ୍ଦ କାଢ଼ି ବସିବା ତୋର ଏକ ଦୋଷ । ଏକା ଗାଁର ଲୋକ ବୋଲି ତୋତେ କହୁବା କଥା, ଆଉ କାହାକୁ ତ କହୁ ଯାଉନି ।"

"ହଉ ଛାଡ଼ ସେ କଥା, ଆଉ ସବୁ ଖବର ଆଜିର କଅଣ କହୁ ।"

"ଖବର ଭଳି ଖବର ଆଜି ବିଲ୍‌କୁଲ୍ ଶୂନ । ଖବର ପୃଷ୍ଠାଗୁଡ଼ାକ ବାଦ୍ ଦେଇ ଥିଏଟର ସିନେମା ବିଜ୍ଞାପନ ବରଂ ଦେଖିବାକୁ ଭଲ ଲାଗିଲା ।'

"କଅଣ ଥିଲା କି ସେଥିରେ ?"

"ଥିଲା ବୋଲି ଥିଲା, ଲରେଲ୍ ହାର୍ଡିର ଯେଉଁ ପୂର୍ବ ଫିଲ୍ମକୁ ଲୋକେ ଆଜିଯାଏ ଟାକି ରହିଥିଲେ ସେଇଟା ଆଜି ହେଉଛି । ବିଜ୍ଞାପନଟି ଦେଖିବା ମାନେ ମନ ଉଷୁମ ହୋଇଉଠିଲା ।"

"ଫିଲ୍ମଟା ଆସିଛି ତ ଦେଖିଆସିବୁ, ମନ ଉଷୁମ କରି କି ଲାଭ ?"

"ସେଇଟା ଠିକ୍ ଯେ; କିନ୍ତୁ ଏ ଅଳସେଇଷେ ସିନେମା କମ୍ପାନିଗୁଡ଼ାକ କଅଣ ଭଲ ସିନେମାଟାଏ ଦେଖେଇଦେବେ । ଭଲ ଚିଜଟକ ଆସିବେ ମାସ ଶେଷ ଆଡ଼କୁ ଯେତେବେଳେ କି ବାକ୍ସ ବାଡ଼େଇଲେ ଅଣ୍ଟାରୁ ନୂଆ ପଇସାଟିଏ ବି ବାହାରିବ ନାହିଁ ।"

"ଟିକେଟ ପାଇଁ ତୋ ପାଖରେ ପଇସା ହେଉନି କିରେ ?"

"ସେ ଚିନ୍ତା ମୁଁ କରୁନି ଯେ କହାଣି ଦେଖିବାକୁ ଇଚ୍ଛା ହେଲେ ତୋ ସାଙ୍ଗରେ ଚାଲିଯିବି । ତୁ ଥିବାଯାଏ ମୁଁ ବେଧଡ଼କ୍ ।"

ହୁଁ, ଏତେବେଳକେ ମଞ୍ଜିଟା ଦେଖିବାକୁ ମିଳିଲା । ମୁଁ ସେଇଆ ଖୋଜୁଛି କଥା କଅଣ । ମଞ୍ଜି ନାହିଁ, ମାଟି ନାହିଁ, ଏତେବଡ଼ ତେଲ ଗଛଟାଏ ଶୂନ୍ୟରେ ଯଦୁ ଠିଆ-କରିଦେଲଣି । ହଇରେ, ତୁ ତ ଏଇତକ କଥା ପହିଲୁ କହିଦେଇଥିଲେ ମୁଁ କହିଦେଇଥାଆନ୍ତି ଯେ ମୋ ଅଣ୍ଟା ବି ଶୂନ । ବାସ୍ ସେଇଠି କାମ ଛିଣ୍ଡିଯାଇଥାନ୍ତା, ତୋତେ ଆଉ ଏତେ ପରିଶ୍ରମ, ଏତେ ବାକ୍ୟ ବକ୍ତୃତା ଦେବାକୁ ପଡ଼ିନଥାନ୍ତା ।"

ଆଶ୍ରା ନେବାକୁ ଯାଉଥିବା ଡାଳଟି ସତେକି ଯେମିତି ରଟ୍ କରି ଭାଙ୍ଗି ଗଲା । କିଛି ସମୟ ପାଇଁ ତା ମୁହଁରୁ କଥା ବାହାରିଲା ନାହିଁ । ସେ ଏତେ କାଉଦା ହୋଇଗଲା

Digitized by srujanika@gmail.com

ଯେ ମଧୁର ପୁଟଣିଆ ଅଛି। ତାକୁ ଟିକିଏ ହେଲେ କାଟିଲା ନାହିଁ। ଶେଷ ଥରେ ଫୋପାଡ଼ ପୋଛି ଆଣି ମାଲିସ କଲା—"ଏଃ ତୋ ପାଖରେ ପୁଣି ପଇସା ନାହିଁ! ତୋ ଖୁସି, ସାଙ୍ଗରେ ନେଲେ ନେବୁ, ନ ନେଲେ ନାହିଁ।"

ମଧୁ ବି ପଇସା ମୁଣି ଅଣ୍ଡାଳି ଦେଖିଲା ଯେ ଯଦୁକୁ ସାହାଯ୍ୟ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ପଇସା ନାହିଁ। ସେ ଫିଲ୍ମ ଦେଖିବାକୁ ତା'ର ବି ବହୁତ ଇଚ୍ଛା। ଏଣେ କିନ୍ତୁ ଯଦୁକୁ ସାଙ୍ଗ କରିବା ଅର୍ଥ ଭୟଙ୍କର ସିନେମା ଦେଖା ବନ୍ଦ। ବହୁତ ଭାବିଚିନ୍ତି ଶେଷରେ ସେ ପଣ୍ଡିତଙ୍କ ପରି ଯଦୁ ଅର୍କକୁ ତ୍ୟାଗ କଲା। ଲୁଚିକରି ସେକେଣ୍ଡ ସୋ ଦେଖିବାକୁ ଚାଲିଗଲା। ଯଦୁକୁ କିନ୍ତୁ ଏଇଟା ଅଛପା ରହିଲା ନାହିଁ। ମଧୁକୁ କପଟ ଆଚ୍ଛା କରି ପାନେ ଦେବ, ତା'ର ଉପାୟ ଖୋଜି ଲାଗିଲା।

× × ×

ମେସ୍‌ର ଅନ୍ୟ ଛାତ୍ରଙ୍କୁ ବସାଇ ସେ ବୁଝେଇ ବସିଲା—"ଦେଖ ଏ ଥାନଟା ଯେମିତିଆ ଗୁଣ୍ଡ ଚପଟ ଜାଗା ସେଥିରେ ଟିକିଏ ଅଣହୁସିଆର ହେଲେ ଘରେ କଳାକନା ବୁଲିଯିବ। ବାବୁମାନଙ୍କର ସେକେଣ୍ଡ ସୋ ଦେଖାର ଅଭ୍ୟାସ ନଛଡ଼େଇଲେ ଆଉ ରକ୍ଷା ନାହିଁ। କଏ ରାତି ବାରଟାରେ ଆସିଲାଣି ତ କାହାର ରାତି ଗୋଟାଏ ବେଳଟା ବି ବାଜିଯାଉଛି। ସେତେବେଳେଯାଏ ଆମର ଆଉ କିଛି କାମ ନାହିଁ, ଦାଣ୍ଡ କବାଟଟିକୁ ଖୋଲି ଗୁଣ୍ଡି ବସିଥିବୁ। ନାହିଁ, ନାହିଁ ଯଦି ଟିକିଏ ଝାଳରେ ଘାଲେଇପଡ଼ିବ ତେବେ ଆଖପାଖରେ ସାଲୁସାଲୁ ହେଉଥିବା ଠାଉଆ, ଗୋଲ୍-ଅରରକ ଦେଖିଲା କାମ କରିଦେବେ। ଆଜି ସେକୌଣସିମତେ ସେକେଣ୍ଡ ସୋ ଦେଖାର ନିଶା ଛଡ଼େଇ ଦେବାକୁ ହେବ। ଏଗାରଟା ପରେ ଦାଣ୍ଡ କବାଟ କିଳି ହୋଇଯିବ। ଯିଏ ଯେତେ ଡାକୁ ପଛେ ଫିଟାଯିବ ନାହିଁ। ଜଣେ ଥରେ ହଇରାଣ ହୋଇଗଲେ ଅଭ୍ୟାସ ଛୁଡ଼ିଯିବ।"

ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ପାଶ୍ ହୋଇ ରାତି ଏଗାରଟାରେ କାର୍ଯ୍ୟକାରୀ କରାଗଲା। ମଧୁ ସାଢ଼େ ବାରଟାରେ ଫେରି ଦେଖେ ତ ଦାଣ୍ଡ ଦୁଆର ବନ୍ଦ। କୋଇଁପୁଅ ଡାକ, ଯୋଗୀ ଭିକାରି ଡାକ, ପିଆଦା ଡାକ, ପୋଷ୍ଟ ପିଅନ ଡାକ, ଡହଳିଆ ଡାକପରି ସବୁ କିସମର ଡାକ ଖୁଡ଼ୁଖୁଡ଼ୁ, ଧୁଡ଼ୁଧୁଡ଼ୁ, ଦୁମ୍‌ଦାମ୍, ଢୋଃ ଢାଃ ଆଦି କବାଟ ବାଡ଼ଆ ସତ୍ତ୍ୱେ ଘର ଭିତରୁ କୌଣସି ପ୍ରକାର ପ୍ରତିଧ୍ୱନି ନିର୍ଗତ ନ ହେବାରୁ ମଧୁ ଆଶ୍ଚର୍ଯ୍ୟ ହେଲା ଓ ଦୀର୍ଘ ଅଧଘଣ୍ଟାର ପରିଶ୍ରମଜନିତ କ୍ଳାନ୍ତି ଯୋଗୁଁ ବାରଣ୍ଡାରେ ବସିପଡ଼ିଲା। ସାଢ଼େ ଦୁଇ ହେଲା, ତଥାପି କବାଟ ଖୋଲିଲା ନାହିଁ। ରାତିଟା ଶୀତ ଓ ଅନାହାରରେ କଟାଇବାକୁ ପଡ଼ିବ ବୋଲି ମନେ ମନେ ଭାବୁଛି, ଠିକ୍ ଏହି ସମୟରେ ଘର ଭିତରେ ଶୁଭିଲା ଆ-ଆ-ହୁଁ।

Digitized by srujanika@gmail.com

ଚମକିପଡ଼ି ମଧୁ ପାଟିକଲା, "ହଇରେ ହେ, କଅଣ ସବୁ ହୋଉଛି ରେ ! ନଜାଣି ଲୋକେ କହନ୍ତି, ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ? ଆଚ୍ଛା ମୋତେ ଏପରି ହଇରାଣ କରିବାର ମତଲବଟା କଅଣ ?"

ଧୀର ସ୍ଥିର ହସ ଧୂନ ସହ ଦାଣ୍ଡକବାଟ ଖୋଲିଲା ଓ ମଧୁ ଘର ଭିତରକୁ ଗଲା । କବାଟ ବନ୍ଦ ରଖିବାର କାରଣ ଯଦୁ ଆରଦିନ ସକାଳେ ମଧୁକୁ ବଖାଣି-ବସିଲା । ମଧୁ କିନ୍ତୁ ଯଦୁର ନାଡ଼ିକୁ ଠିକ୍ ଠିକ୍ ଚପିନେଲା । ପ୍ରତିଶୋଧ ନେବା ଫଳରେ ଯଦୁ ମନରୁ ଅଭିମାନଟିକ ତୁଟିଯାଇଥିବ ଭାବି ମଧୁ ବରଂ ଆଶ୍ୱସ୍ତ ହେଲା । ତଥାପି ଯଦୁ ମଝିରେ ମଝିରେ କଥାଟାକୁ ଉଖାରିଦେଇ ପଚାରୁଥାଏ—"ହଇରେ ମଧୁ, ରାତିରେ ସେଦିନ ତୋତେ କଅଣ ଖୁବ୍ କଷ୍ଟ ଜଣାଗଲା ?"

ଅରେ ନୁହେଁ, ଦ'ଅର ନୁହେଁ, ସେହି କଥାଟାକୁ ଉହାଇ ଉହାଇ ପଚାରିବାରୁ ମଧୁ ହସି ହସି କହିଲା—"ହଉ ରହ କେମିତି କଷ୍ଟ ହେଲା ଦିନେ ତୁ ଗ୍ରୁଏଁ ଗ୍ରୁଏଁ ଜାଣିପାରିବୁ । ଟିକିଏ ସମ୍ଭାଳି ରହିଯା ।"

ମଧୁ ମନରେ ବଦଲା ନେବା କଥାଟା ଲୁଗାରେ ଗୁଗୁଚ୍ୟା ଲାଗିରହିଲା ପରି ରହିଲା । କିନ୍ତୁ ଯଦୁ ମନରେ ସେ କଥାର ଦାଗ ବି ରହିଲା ନାହିଁ । ଆସନ୍ନପ୍ରାୟ ଅଷ୍ଟଗ୍ରହକୂଟର ଲଙ୍ଗଳାମୁକୁଳା ପ୍ରଶ୍ନର ତା' ମନରେ ଅନ୍ୟ କିଛି ଜାଗା ରଖେଇ ଦେଲା ନାହିଁ । ଦିନ ରାତି ଅନ୍ଧାର, ଭୂମିକମ୍ପ, ମେଦନୀଫଟା, ରକ୍ତବର୍ଷା, ସମୁଦ୍ର ମାଡ଼ିଆସିବା, ନବକୋଟି କାତ୍ୟାନୀ, ଶହେ ଦଶ କୋଟି ପିଶାଚୁଣୀଙ୍କ ଅଧରାତିରେ ଉଦ୍ଦଣ୍ଡ ନୃତ୍ୟ, ଗଛମାନଙ୍କ ଖଣ୍ଡିରୁ ରକ୍ତସ୍ରାବ ଓ ଧୂମକେତୁ ଭ୍ରମଣ, ସର୍ବୋପରି ପରମାଣୁ ଯୁଦ୍ଧାରମ୍ଭ ଓ ସେଥିରେ କଳ୍କି ଅବତାରଙ୍କ ଅଶ୍ୱପୃଷ୍ଠରେ ବସି ଅଂଶ ଗ୍ରହଣ ଆଦି ମହା ମହା ବିପ୍ଳାତ ଯୋଗର ଆଗମନବାର୍ତ୍ତା ତାକୁ ହାଉଳି ଖୁଆଇଦେଲା । ବୋଝ ଉପରକୁ ନଳିତାବିଡ଼ା ପରି ଏସବୁ ଉପରକୁ ଆହୁରି ଗୋଟିଏ ଅସ୍ତ୍ର ବାହାରିଲା ଭୈରବୀ ଡାକ । ମଧୁ କୌତୂହଳାକ୍ରାନ୍ତ ହୋଇ ଏ ଅସ୍ତ୍ରର ବିବରଣୀ ସନ୍ଧାନରେ ଲାଗିଗଲା । ନିଃଶବ୍ଦ ଅର୍ଦ୍ଧ ରାତିରେ ଗୋଟାଏ ଭୟଙ୍କର ଓ କର୍କଶ ନାମ ଡାକିବ ଓ ଏହାକୁ ଶୁଣି ଉତ୍ତର ଦେବା ବ୍ୟକ୍ତିର ତତ୍‌କ୍ଷଣାତ୍ ମୃତ୍ୟୁ ଏ ଅସ୍ତ୍ରର ସ୍ୱରୂପ ବୋଲି ଜାଣିବା ମାତ୍ରେ ମଧୁର ମନଟା ଖୁସି ହୋଇଗଲା । ଯଦୁଠାରୁ ବଦଲା ନେବାକୁ ସେ ଯେଉଁ ବାଟ ଖୋଜୁଥିଲା, ସେ ବାଟର ନକସାଟା ଯେମିତି ଅଜହୃତ ତା ଆଗରେ କିଏ ଖୋଲି ପକେଇଦେଲା ।

ଯଦୁ କିନ୍ତୁ ଆସନ୍ନପ୍ରାୟ ଅଷ୍ଟଗ୍ରହକୂଟ ଓ ଭୈରବୀ ଡାକରୁ ରକ୍ଷା ପାଇବା ଲାଗି ଗାଁରୁ ପଳେଇବା ପାଇଁ ସ୍ଥିର କଲା । ଶନିବାର ଦିନ ଅଫିସ କାମ ସାରି ରାତି ରାତି ଗାଁକୁ

Digitized by srujanika@gmail.com

ପଳେଇବ ଓ ରବିବାର, ସୋମବାର ଗାଁରେ କଟେଇ ଫେରିବ ବୋଲି ଠିକ୍ କରି ଅନୁରୂପ ବ୍ୟବସ୍ଥା କରିବାକୁ ମଧୁକୁ ଅନୁରୋଧ କଲା । ମଧୁ ଶୁକ୍ରବାର ଦିନ ଅନ୍ୟତ୍ର ଯିବାକୁ ସ୍ଥିର କରିଥିବାରୁ ତା ସଙ୍ଗେ ଗାଁକୁ ଯାଇପାରିବନି ବୋଲି ସାଫ୍ ସାଫ୍ ଜଣାଇଦେଲା ।

ଶୁକ୍ରବାର ଦିନ ମଧୁ ନିଜର କାମ ଦାମ ସାରି ସ୍ଥାନାନ୍ତରକୁ ଯିବାକୁ ଆୟୋଜନ କଲା । ଯଦୁ ଜାଣି ନ ପାରିବା ଭଳି ସବୁ ବ୍ୟବସ୍ଥା କରି ସେ ନିଜ ଗାଁଆଡ଼େ ଯାତ୍ରା କଲା । ଦିନ ଦ'ପହରର ବେଳକୁ ଗାଁରେ ପହଞ୍ଚି ସିଧା ଯଦୁ ଘରକୁ ଗଲା । ତାକୁ ଦେଖିବା ମାତ୍ରେ ଯଦୁର ଭାଇ, ଭଉଣୀ, ବୋଉ ସମସ୍ତେ ବେଢ଼ିଯାଇ ଯଦୁର ଶାରୀରିକ କୁଶଳତା ଓ ଅଷ୍ଟଗ୍ରହକୂଟର ସମାଚାର ପଚାରିଲେ । ଯଦୁର ସମସ୍ତ ଭଲ ଓ ବଡ଼ ସାହେବ ଛୁଟି ଦେବାକୁ ରାଜି ନ ହେବାରୁ ସେ ଆସିପାରିଲାନି ବୋଲି ଜଣାଇସାରି ଅଷ୍ଟଗ୍ରହକୂଟର ସମାଚାର ଦର୍ପଣ ଖୋଲି ବସିଲା । ସମସ୍ତେ ଭୟବିହ୍ୱଳିତ ହୋଇ ଶୁଣିବାକୁ ଲାଗିଲେ । ମଧୁ ଆରମ୍ଭ କଲା—

"ସହରରେ ଯେମିତି ଭାବରେ ହୋମ, ଅଷ୍ଟପ୍ରହର, କୀର୍ତ୍ତନ, କାଙ୍ଗାଳି ଭୋଜନ, ହରିଲୁଟ, ଭାଗବତ ପାଠ, ରାମାୟଣ ପାଠ, ବଡ଼ପାଟିଆ ଯନ୍ତ୍ରରେ କାନଫଟା ମନ୍ତ୍ରପାଠ, ଦିନରାତି ଚବିଶ ଘଣ୍ଟା ଧର୍ମକର୍ମାଣି ଚାଲୁ ରଖିବା କାମ ମାସ ମାସ ଧରି ଅଣନିଃଶ୍ୱାସୀ ଚାଲିଛି ସେଥିରେ ସେଠି ଅଷ୍ଟଗ୍ରହକୂଟ ପଡ଼ିବା ପାଇଁ ସୋରିଷ ପରିମାଣରେ ବି ଜାଗା ନାହିଁ । ହେଲେ ସେ ଅଲକ୍ଷଣା ଭୈରବୀ ଡାକଟା ବେଳେବେଳେ ଅସାବଧାନ ଲୋକଙ୍କୁ ହଇରାଣ କରି ମାରିଦେଉଛି ।"

"ଇଲୋ ମା ! ସେ କେମିତି କଅଣ କରୁଛି ?" ବୋଲି ପଚାରି ସମସ୍ତେ ରୁମ ଟାଙ୍କୁରେଇ ଜାକଜୁକ ହୋଇ ବସିଲେ । ମଧୁ ପୁଣି କହିଲାଗିଲା—

"ଠିକ୍ ରାତି ଅଧ ବେଳକୁ କମ୍ପା ଶୂନ୍‌ଶାନ୍ ପଡ଼ିଗଲେ ରାତି ୮ଟା ୯ଟାରେ ବି ଦାଣ୍ଡ କବାଟ ଧଡ଼୍ ଧଡ଼୍ କରି ନାଁ ଧରି ଡାକୁଛି । ଯିଏ ଜାଣି ନପାରି 'ଓ' କରି ଫିଟାଉଛି ସେ ଗୋଟିଏ ଝାଡ଼ା ଗୋଟିଏ ବାନ୍ତିରେ ସେଇଠି ସାଙ୍ଗେ ସାଙ୍ଗେ ଖତମ । ଲୋକେ ସଲଖ ହୋଇଯିବାରୁ ଏବେ ଗୋଟାଏ ନୂଆ ଫେସନ କାଢ଼ିଲାଣି । ପୁଅ, ଭାଇ କି କେହି ଜଣାଶୁଣା ଲୋକର କଣ୍ଠ ଭଳି ଡାକିବା ଆରମ୍ଭ କଲାଣି । ଦୁଇ ଦିନ ହେଲା ଆମ ବସା ଆରପାଖ ଗଳିରେ ଗୋଟିଏ ବୁଢ଼ୀ ବିଚରା ଏମିତି ଠୋ କରି ମରିଗଲା । ମୋଟେ ରାତି ଆଠଟା ହେବ କି ନାହିଁ । ସମସ୍ତେ ସେ ଗଳିରେ ତାଟି କବାଟ ପକାଇଦେଲେ । ବୁଢ଼ୀ ପୁଅ ବିଦେଶରେ ତ ଥିଲା । ଏତିକି କେମିତି ଠଉରେଇ ଭୈରବୀ ଆସି ପହଞ୍ଚିଗଲା । ଠିକ୍ ତା'ରି ଭଳି କଣ୍ଠ କରି ଡାକିଲା—

Digitized by srujanika@gmail.com

ବୋଉ, ବୋଉ, ଗଉତମ, ଗଉତମ, ସକନା, ସକନା ! ଗଉତମ, ସକନା ବୁଢ଼ୀର ଘରେ ଥିବା ଆଉ ପୁଅଟିଏ । ବୁଢ଼ୀ ପୁଅ ବୋଲି ଭାବି ଧଡ଼ପଡ଼ ହୋଇ ଉଠି କବାଟ ଫିଟେଇ ଦିଏ ତ କାମ ଫତେ । ସେଇଠି କେଁ କରି ଟଳିପଡ଼ିଲା । ସେଇଦିନଠୁଁ ଲୋକେ ଆହୁରି ହୁସିଆର ହୋଇଗଲେଣି । ରାତିରେ ଯିଏ ବି ଡାକୁ ଆଉ କେହି 'ଓ' କରୁ ନାହାଁନ୍ତି କି କବାଟ ଫିଟାଉ ନାହାନ୍ତି । ରାତିରେ ଆଉ କେହି ବି କୁଆଡ଼େ ଯାଉନାହାନ୍ତି । ସେଠାର ଜଣେ ପଣ୍ଡିତ ବି ଏ ମନ୍ତ୍ରଟା ସମସ୍ତଙ୍କୁ ଶିଖେଇ ଦେଇ ତାଗିଦ୍ କରି ଦେଇଛନ୍ତି ଯେ, ଡାକ ବେଳେ କେହି 'ଓ' ନ କରି ଓ କବାଟ ନ ଫିଟେଇ ମନେ ମନେ ମନ୍ତ୍ର ବୋଲିବେ—ଓଁ ନମୋ ଭଗବତେ ବାସୁଦେବାୟ । ଭୈରବୀ ନାନା ପେଖନା ଦେଖେଇବ, କେତେବେଳେ କହିବ—ବୋଉ, ତୁ କେମିତି ଚୁପ୍ ହୋଇ ଶୋଇ ରହିଛୁ, ମୁଁ ପରା ଏଠି ଅଣ୍ଡାରେ ଥୁରୁ ଥୁରୁ ହେଉଛି । ଡାକି ଡାକି ମୁଁ ହାଲିଆ ହୋଇଗଲିଣି ପରା ! ଏମିତି କେତେ ରକମର ପେଖନା, ହେଲେ କେହି ଶୁଣି ଯିବନି କି କବାଟ ଫିଟେଇବନି ଭୁଆ କା କରିବା ଯାଏ । ଆଉଦିନେ ଭୈରବୀ ସେ ଥାନ ମାଡ଼ିବ ନାହିଁ ।"

ସମସ୍ତେ ହାଉଳି ଖାଇ ମନ୍ତ୍ରଟା ମୁଖସ୍ଥ କରିବାକୁ ଲାଗିଲେ ଏବଂ ମଧୁ ତା ଘରକୁ ଚାଲିଗଲା ଓ ଶନିବାର ସକାଳୁ ସକାଳୁ ସହରକୁ ଫେରିଗଲା ।

ରାତି ସାତଟା ବେଳକୁ ଯଦୁ ଘରେ ପହଞ୍ଚି ଦେଖେ ତ କବାଟ ବନ୍ଦ । କବାଟ ଧଡ଼ ଧଡ଼ କରି ଡାକିଲା—"ବୋଉ, ବୋଉ, ଟିମା, ମାରି······ଆରେ ମୁଁ ଯଦୁ ପରା ।"

ଏଣେ ଘର ଭିତରେ ସମସ୍ତଙ୍କ କାନରେ ତୁଳାବଣ୍ଡା ପୁରେଇ ସମସ୍ତଙ୍କୁ ଜକଟି ମକଟି ଯାକୁଡ଼ି ଧରି ଶୋଇଥିବା ଯଦୁବୋଉ ମନେ ମନେ ମନ୍ତ୍ର ବୋଲୁ ବୋଲୁ ଗାଳି ଦେବାକୁ ଲାଗିଲା, "ଯୋଗଣୀଖାଇ ବାଡ଼ପଶୀ, ତୋ ମୁହଁରେ ନିଆଁ ।"

ବାଧ୍ୟହୋଇ ପିଣ୍ଡାରେ ବସି ଥୁରୁ ଥୁରୁ ହେଲାବେଳେ ଯଦୁର ମନେପଡ଼ିଲା ମଧୁ ଘଟଣାଟା । ସେ ଭାବିଲା, ମଧୁର ଅଭିଶାପ ପଡ଼ିଲା କି ଆଉ ?

Digitized by srujanika@gmail.com

# ଭଣ୍ଟୁର୍ ଚୋପା

ସିଭିଲ୍ ସର୍ଜନ, ଡାଇରେକ୍ଟର, ଉପ-ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ଏମ୍ ଏଲ୍ ଏ, ଏମାନଙ୍କ ଛଡ଼ା ବେଳେବେଳେ କଲେକ୍ଟର ! ଓଃ ଏତେ ଘଇତା ସମ୍ଭାଳେ କିଏ ? ଡାକ୍ତର ବଟୁଙ୍କ ମନ ବିଦ୍ରୋହୀ ହୋଇଉଠିଲା । ଦରମା ମିଳି ମିଳି ଦୁଇଶ ଖଣ୍ଡେ, ଘରେଇ ଚିକିତ୍ସା ନ କଲେ ହାଣ୍ଡି ମାଙ୍କଡ଼ଚଟ୍ ମାରନ୍ତା । ତା ବି ଟାଉଟରିଆଙ୍କ ଦାଉରେ କ୍ରମେ ସଙ୍କୁଚିତ ହେବାକୁ ଲାଗିଲା । କାହା କାନରେ ମୁଖ୍ୟମନ୍ତ୍ରୀ ଦିନେ ହାତ ପକେଇ ଦେଇଥିଲେ, ତା ଘରେ ଅନାହାସ୍ତ ଚିକିତ୍ସା କରିବାକୁ ପଡ଼ିବ, କିଏ ମନ୍ତ୍ରୀଙ୍କ ସାଙ୍ଗରେ ହସି ହସି କଥାବାର୍ତ୍ତା କରେ, ତା ଘରେ ବି । ସବୁଠାରୁ ଶୋଚନୀୟ ବିଷୟ ହେଉଛି—ଏ ଟାଉଟରିଆଙ୍କ ପଛରେ ନପର ପସର ହେଉଥିବା ଅଧାଟାଉଟରିଆଙ୍କ ଘରେ ବି ଅନାହାସ୍ତ ଝଟଣି । ବିଷ-ଦାନ୍ତିଆଙ୍କ ଭିତରୁ ଜଣେ କାହାକୁ ଅବହେଳା କଲେ ସଙ୍ଗେ ସଙ୍ଗେ ସିଭିଲ୍ ସର୍ଜନଙ୍କ ବାଟଦେଇ ମନ୍ତ୍ରୀଙ୍କ ପାଖରେ ଦରଖାସ୍ତ ଉପରେ ଦରଖାସ୍ତ । ହକ୍ କଥି ଏତେ ଡର କାଆଁ ! ଡର ଖାଲି ସ୍ୱକର ପାଇଁ ସିନା ! ଗୋଟିଏ ଟାଉଟରକୁ ଭେଟିଲେ ସେ ମନେ ମନେ ଭାବନ୍ତି—ଶଳାକୁ କୁକୁର ମାରିଲା ପରି ନାକବାଟେ ଷ୍ଟ୍ରିଗ୍ନିନ୍ ପିଚ୍କାରି ଦେଇ କାଲୁବାଲୁ କରି ମାରିଦିଅନ୍ତା । କିନ୍ତୁ ପାଟିରେ କହନ୍ତି, "ଅଜ୍ଞା ସବୁ ଭଲ ତ ? ପିଲାପିଲି କିପରି ଅଛନ୍ତି ? ଆପଣଙ୍କ ଅଡ଼େ ଏଇ ଯିବି ବୋଲି ତ ବାହାରିଥିଲି"..... ଇତ୍ୟାଦି ଇତ୍ୟାଦି ।

ଏଇ ଜଞ୍ଜପଟା ବଟୁ ଡାକ୍ତରଙ୍କୁ କ୍ରମେ ବେଶି ବେଶି ଅସହ୍ୟ ବୋଧ ହେଲା । ଘରେଇ ଚିକିତ୍ସକମାନଙ୍କ ଅଡ଼କୁ ସେ ଦୃଷ୍ଟି ଫେରେଇଲେ । ବେଶ୍ କମେଇ, କାହାକୁ ଡର ନାହିଁ । ଓଲଟି ଲୋକେ ଅଠର ଖୋସାମତ କରୁଛନ୍ତି । ଖାଉଣି ଯେମିତି, ପଇସା ବି ସେମିତି । ଏ ଜଗତଟି ତାଙ୍କର ଏଡ଼େ ଲୋଭନୀୟ ହୋଇଉଠିଲା ଯେ, ଦିନେ ସିଭିଲ୍ସର୍ଜନ ସଙ୍ଗେ ଟିକିଏ ରଦ୍ଦବଦ୍ ହେବା ମାତ୍ରେ ସେ ଇସ୍ତଫାପତ୍ରଟା ଦାଖଲ କରିଦେଲେ । ସାଙ୍ଗମାନେ ଯିଏ ଯେତେ ବୁଝାଇଲେ, କେଉଁଥିକୁ କାନ ଡେରିଲେ ନାହିଁ । ଘରେଇ ଚିକିତ୍ସା ବେଉସା ତାଙ୍କ ଆଖିରେ ରଙ୍ଗୀନ୍ ହୋଇ-ଉଠିଥାଏ ।

Digitized by srujanika@gmail.com

ସହରର ଭଲ ଅଞ୍ଚଳର ଗୋଟିଏ ଘରେ ତାଙ୍କର ଘରୋଇ ଚିକିତ୍ସକ ଜୀବନ ଆରମ୍ଭ ହେଲା । ସ୍ୱାଧୀନତାର ମଧୁର ପଣାକୁ ଡାହାଣାଙ୍କ ପରି ସେ ପିଇଗଲେ । ଏତେଦିନ ଯାଏ ଚପି ହୋଇ ରହିଥିବା ପାଟି ଫଟ୍ କରି ଖୋଲିଗଲା । ଡିରେକ୍‌ଟର, ସିଭିଲ୍ ସର୍ଜନ, ମନ୍ତ୍ରୀ, ଏମ୍ ଏଲ ଏ ଆଦି ସମସ୍ତଙ୍କୁ ମନଇଚ୍ଛା ସମାଲୋଚନା କରିଗଲେ । ବେଳେ ବେଳେ ପରସ୍ତେ ଲେଖାଏଁ ଶୋଧି ବି ପକାଇଲେ, "ଡର କାହାକୁ ଭୟ କାହାକୁ, ଠାକୁରେ ଅଛନ୍ତି ଷ୍ଟେଥୋସ୍କୋପକୁ ।" ବିନାକେତେ ଅସମ୍ଭବ ଉତ୍ସାହ ଓ ଆନନ୍ଦରେ ଖୁରିଆଡ଼େ ମଛି ପକେଇଲେ, ମୋଟ ଉପରେ ଖୁଣ୍ଟରୁ ଫୁଗୁଲି ଯାଇଥିବା ଘୋଡ଼ା ଯାହା ହୁଏ ।

ଚାକିରି ବେଳେ କମେଇଥିବା ପାଣ୍ଠିତକ ଯେତିକି ଯେତିକି କମିଆସୁଥାଏ, ତାଙ୍କ ମୁଣ୍ଡରୁ ଘରୋଇ ଚିକିତ୍ସା ବେଉସାର ମଧୁର ନିଶା ସେତିକି ସେତିକି କମି ଆସୁଥାଏ । ଏହି ବେଉସାର ଗୋଟିଏ କଡ଼ ଦେଖି ସେ ମକ୍‌ଗୁଲ ହୋଇଯାଇଥିଲେ । ଯେଉଁଦିନ ରେକ୍‌ସାବାଲା ପାଣୁଆ ଉତ୍ତେଜିତ ଭାବରେ ଆସି କହିଲା, "ଡାକ୍ତର ବାବୁ, କି ଔଷଧ ଦେଲ ହେ, ଗୋଟିଏ ହେଲେ ଝାଡ଼ା ହେଲା ନାହିଁ, ଓଲଟି ପେଟଟା କଳ କଳ ହୋଇ ଗୋଳେଇ ଘାଣ୍ଟି ହେଉଛି । ମୋ ପଇସାରେ କଅଣ ସନ ନାହିଁ କହୋ, ଦିଅ ଦିଅ ମୋ ଚାରଣା ପଇସା ଫେରାଇ ଦିଅ, ତମ ଡାକ୍ତରଗିରି ଜଣାପଡ଼ିଲାଣି । ଠିକ୍ ସେହିଦିନ ବଟୁ ଡାକ୍ତରଙ୍କୁ ଘରୋଇ ବେଉସାର ଅନ୍ୟ ପାଖଟା ପରିଷ୍କାର ଦେଖାଗଲା । ମନେ ମନେ ସେ ଭାବିଲେ, ହାୟ ହାୟ, ମହର୍ଗରୁ ଯାଇ କାନ୍ତାରରେ ପଡ଼ିବା ସିନା ସାର ହେଲା ! ଚାରି ପାଞ୍ଚଟା ଘଇତାଙ୍କୁ ଡରି ଏଠିକି ଆସିଲି ଯେ, ଦେଖୁଛି ସହସ୍ର ଘଇତା । ପ୍ରତ୍ୟେକ ନାଗରିକ ଗୋଟିଏ ଲେଖାଏଁ ଘଇତା । ଏଠି ଯେ ପୁଣି ଦୋକାନଦାରି କରିବାକୁ ପଡ଼ୁଛି । ଚାକିରି ବେଳେ ଚାରି ପାଞ୍ଚଜଣ ଘଇତା ଓ ପୁଣି ପାଞ୍ଚଟା ଟାଉଟରଙ୍କୁ ଖୋସାମତ୍ କରିବାକୁ ଖରାପ ଲାଗିଲା, ଏଠି ଯେ ଫି ଲୋକଙ୍କୁ ଅନିଚ୍ଛା ସତ୍ତ୍ୱେ ଦାନ୍ତ ନେଫେଡ଼ି କଥା କହିବାକୁ ପଡ଼ୁଛି ! ଏଠି ତ 'ଶହେ ଘଇତାରେ ଘର, ମୁଁ କାହାକୁ କରିବି ଡର ।' ସେଠି କେଡ଼େ କେଡ଼େ ବିପଜ୍ଜନକ ଔଷଧ ଦେଇ ସୁଖା ମଣିଷ ବେପରୁଆ ହୋଇପାରୁଥିଲା, ଏଠି ସାମାନ୍ୟ ପାନେ ଝାଡ଼ା ଔଷଧ ବି ଦେଇ ଗଢଯାକ ମନ ଦୁଡ଼ୁଗୁଡ଼ୁ ହେଉଛି—ଝାଡ଼ା ହେଲା କି ନାହିଁ ? ଶେଷରେ ଟଙ୍କାର ଦର୍ଶନ କାହିଁ ? ଦିନେ ମିଳିଲେ ତ. ଚାରିଦିନ ଶୂନ୍ । ମନଟା ଭାଙ୍ଗି ଆସିଲା ବେଳକୁ ତା'ର ଜଣେ ଘରୋଇ ବେଉସା କରୁଥିବା ସଙ୍ଗୀ ଆସି ପହଞ୍ଚିଲେ । ବଟୁ ବାବୁଙ୍କ ଦୁରବସ୍ଥା ଦେଖି ସେ ଗୁଡ଼ାଏ ଦୁଃଖ କଲେ ଓ ଉପଦେଶ ଦେଇ କହିଲେ—"ଘରୋଇ ବେଉସା ତୋ ଦ୍ୱାରା କେବେ ହେଁ ହୋଇପାରିବ ନାହିଁ । ମିଛଟାରେ ଚାକିରି ଛାଡିଦେଲୁ । ତୋର ମନୋବୃତ୍ତି ଓ ଘରୋଇ ଚିକିତ୍ସକର ମନୋବୃତ୍ତି ଏକାବେଳକେ ଫରକ । ଘରୋଇ ବେଉସାରେ ପାଠ ଦରକାର ନାହିଁ ।

Digitized by srujanika@gmail.com

ଦରକାର ଖାଲି ଶାଠ ଓ ସଫେଇ । ତୁ ତ ଜାଣୁ, ମୋର ବିଦ୍ୟା କେତେ ଧାରୁଆ । ପାଞ୍ଚବର୍ଷର ପାଠକୁ ଦଶବର୍ଷ ଲଗିଲା । କିନ୍ତୁ ମୋ ଜାଗାରେ ମୁଁ ଜର୍ମାନୀ ଡାକ୍ତର ବୋଲି ପରିଚିତ । ଏହାର କାରଣ ହେଉଛି—ପହିଲେ ଗୋଟିଏ ରୋଗୀ ଦେଖିଲେ, ସାମାନ୍ୟ ଠେଙ୍ଗା ଜର ବା ମେଲେରିଆ ହେଉ ପଛକେ, ମୁଁ ଆଗ ତାକୁ ବଡ଼ ବଡ଼ କଥା କହି ଡରାଇଦିଏ । ପରିବାରବର୍ଗ ତେଣୁ ଖୁବ୍ ଭଲ ଭଲ ଔଷଧ ପାଇଁ ବ୍ୟଗ୍ର ହୁଅନ୍ତି । ମୁଁ ବି ଟିକିଏ ଚିନ୍ତିତ ହେଲା ପରି କହିଦିଏଁ—ଏ ଔଷଧ, ଏଠି ତ ଦୂରର କଥା, କଲିକତା, ବମ୍ବେଇରେ ମଧ୍ୟ ମିଳିବ ନାହିଁ । ତାର କଲେ ଜର୍ମାନରୁ ଉଡ଼ା-ଜାହାଜରେ ଆସିବ । ତେବେ ଜଣକ ପାଇଁ ମୁଁ ଅଣାଇ ରଖିଛି । ଚଉଠ ଭାଗରେ ସେ ଭଲ ହୋଇଗଲା, ଆଉ ତିନି ଭାଗ ଅଛି । ପରିବାରବର୍ଗ ସ୍ୱର୍ଗରୁ କଲ୍ୟାଣ ପାଇଲା ପରି ଅନୁଭବ କରନ୍ତି । ଏଥିରେ ରୋଗୀର ମନୋବଳ ବଢ଼େ । ମୋର ଯଶ ବି ବଢ଼େ । ଖାଲି ଏତିକି ଜଗିଥାଏ, ଔଷଧର ଖୋଳ କି କାଗଜ ଯେମିତି ସେମାନଙ୍କ ହାତରେ ନ ପଡ଼େ । ଏହାପରି ବେଶି ଜର୍ମାନୀ ଔଷଧ କାରବାର କରିବାରୁ ମୋ ନାଁ ଜର୍ମାନୀ ଡାକ୍ତର । କଣ୍ଟାକଣ୍ଟିରେ ବି ସେମିତି କେତେ ଭେଲ୍କି ଲଗାଇବାକୁ ହୁଏ । ତୁ ସେଗୁଡ଼ାକ ନ ଦେଖିଲେ ଜାଣି ପାରିବୁନି । ସାମାନ୍ୟ ଯାଦୁକରଟାଏ ପଇସା କମଉଛି, ଆମେ ପାରିବା ନାହିଁ ? ରୋଗୀ ମଲା କି ଜୀଇଁଲା ପଚ୍ଛରେ କିଏ ? ଜୀଇଁଲେ ଡାକ୍ତରର କରାମତି, ମଲେ ଭଗବାନଙ୍କ ଦୋଷ, ଆୟୁଷ ଦେଇ ନଥିଲେ । ମୋଟ ଉପରେ ମୁଁ ଦେଖୁଛି ତୋର ଏଥିରେ ଟିକିଏ ତାଲିମ ହେବା ଦରକାର । ତୁ ରହିଲୁ, ଅନ୍ତତଃ ମାସେ ଦି' ମାସ ମୋ ପାଖରେ କଟାଇ ଆସିବୁ ।"

ଏ ସମସ୍ତ ଗୁରୁ-ଉପଦେଶ ତୁଚ୍ଛ ଜ୍ଞାନ କରି ବଟୁବାବୁ ଜର୍ମାନୀ ଡାକ୍ତରଙ୍କ କାରବାର ଦେଖି ଦିନ କେଇଟାରେ ଭକୁଆ ପାଲଟିଗଲେ । ସେ ମନେ ମନେ ଭାବୁଥାଆନ୍ତି—ଓଃ ଠକେଇବାରେ ତ ଗୋଟାଏ ସୀମା ଅଛି, ଧରା ପଡ଼ିଲେ ଇଜ୍ଜତ ଦି'କଡ଼ାର ହେବ ସିନା !

ଦିନେ ବଟୁବାବୁ ଘରେଇ ଡାକ୍ତରଖାନାରେ ବସିଛନ୍ତି, ଏହି ସମୟରେ ଜର୍ମାନୀ ଡାକ୍ତରବାବୁ ରୋଗୀ ପରିଦର୍ଶନରୁ ଫେରି ଉତ୍ସାହର ସହ କହିପକାଇଲେ, "ବଟୁ, ଗୋଟିଏ ବଡ଼ ଶିକାର ହାବୁଡ଼ିଛି ।"

"କି ରୋଗୀ—କେଉଁଠି ?"

"ଛଗନଲାଲର ଡାହାଣ ଜଙ୍ଘରେ ଗୋଟିଏ ବଥ ମାତ୍ର ।"

"ସାମାନ୍ୟ ବଥଟାଏ, ବଡ଼ ଶିକାର ଆଉ କଅଣ ?"

Digitized by srujanika@gmail.com

"ଧେତ୍ ଓଲୁ, ତୁ ବୁଝିବୁ କଅଣ ! ମୁଁ କଅଣ ତାକୁ ବଥ କରି ରଖିଛି ! ଛଗନଲାଲ୍ ବାପ ଦାଦାଙ୍କୁ ବୁଝେଇ ଦେଇଛି—ତା ନାଁ ହେଉଛି 'ପାରାଙ୍କାଇମାଟସ୍ ଗ୍ଲୋମୋରୁଲୋନେଫ୍ରାଇଟିକ୍ ଆଡ଼େନୋମା'—ଯେମିତି କି ପ୍ରାଣପଣେ ଚେଷ୍ଟାକଲେ ସେ ମନେରଖିପାରିବ ନାହିଁ କି କହିପାରିବ ନାହିଁ । ଆଉ ବି ବୁଝେଇଦେଇଛି ସେଇ ଫୁଲ ପାଖରେ ଗ୍ଲସୋଫେରିନଜିଅଲ୍ ଓ ଟ୍ରାଇଜେମିନାଲ ନର୍ଭ ଏବଂ ଷ୍ଟେରନକ୍ଲି-ଡୋମାଷ୍ଟଏଡ଼ଆଲ ଆଟେରି ରହିଛି । ଛୁରୀ ଟିକିଏ ଓଲଟ ପାଲଟ ହେଲେ ଠୋ କରି ପ୍ରାଣଟା ଛୁଟିଯିବ । ନାନା ଯନ୍ତ୍ର ସାହାଯ୍ୟରେ ସେ ନର୍ଭ ଆଟେରିକୁ ଅସ୍ତ୍ରୋପଚାର କରିବାକୁ ହେବ । ଏମିତିଆ ସ୍ତ୍ରୀଟା ରୋଗୀ ମୁଁ ଭଲ କରିପାରିଛି । ତାକୁ ଆଉ ବି କହିଲି—ତୁମ ଭାଗ୍ୟ ଭଲ, ଯାହା କି ମୋତେ ଦେଖେଇଲ, ନ ହେଲେ ଆଉ ଯାହାକୁ ଦେଖେଇଥାଆନ୍ତ, ସେ ସାମାନ୍ୟ ବଥଟିଏ ଭାବି ଛୁରୀ ଲଗେଇ ଦେଇଥାଆନ୍ତା । ସାମାନ୍ୟ ବଥରେ ସେ ନାଡ଼ି ଗୁଡ଼ାକୁ କିଏ ଜଗେ ନା ସେ ଜଗିଥାଆନ୍ତା ? କଅଣ ଯେ ହୋଇଥାଆନ୍ତା ତାହା ଆଉ କହିହେବନି । ତାକୁ ବହୁତ ଟେକାଟେକି କରି କହିବାରୁ ସେ ପୁରାପୁରି ମୋ ଅକ୍ତିଆରକୁ ଆସିଯାଇଛି । ଯମଦୂତମାନଙ୍କ ସହ ଫୌଜଦାରି କରି ସେମାନଙ୍କୁ ଘଉଡ଼େଇ ଦେବାକୁ ମୋତେ ସେ ଏକମାତ୍ର ରଥୀ ବୋଲି ଭାବି ସାରିଛି । କାଲି ଅସ୍ତ୍ରୋପଚାର ହେବ । ଗୋଟାଏ ବଥପାଇଁ ସବୁ ଖର୍ଚ୍ଚ ବାଦ୍ ଠନ୍ ଠନ୍ ପାଞ୍ଚଶହ ଟଙ୍କା । ଏତିକି ତ ଶୁଣିଲୁ, କାଲି ଦେଖିବୁ କେତେ ଭେଲକି, ପାଠ ଓ ଶାଠର କେତେ ଦରକାର ।"

ସେହିଦିନ କମୀଣା ଡାକ୍ତରବାବୁ ସ୍ୱତାବତ ପ୍ରାୟ ୪୦/୫୦ ମାଇଲ ଦୂରରେ ଥିବା ଜିଲ୍ଲାବୋର୍ଡ଼ ଡାକ୍ତରଖାନାର ଆଉ ଜଣେ ସଙ୍ଗୀ ଡାକ୍ତରଠାରୁ କେତାଏ ଖଣ୍ଡେ ଯନ୍ତ୍ରପାତି ଦିନକ ପାଇଁ ନେଇ ଆସିଲେ ।

ସକାଳୁ ଡେକ୍ ଚି ୪/୫ଟା, ଷ୍ଟୋଭ, ଯନ୍ତ୍ରପାତି ରଖିବା ଟ୍ରେ, ଅସ୍ତ୍ରୋପଚାର ଟେବୁଲ ଆଦି ସଜଡ଼ା ହେଲା । ଶଗଡ଼ରେ ବୁହା ହେବା ଅସ୍ତ୍ର ଭିତରେ ପ୍ରସବ ଫଣ୍ଡ୍ରାସିକୁ ଦେଖି ଦଣ୍ଟୁ ଡାକ୍ତର ହୋ ହୋ ହୋଇ ହସିପକାଇ ପଚାରିଲେ, "ହଇରେ, ଏଇଟା କ'ଣ ହେବ ? ପିଲା ମୁଣ୍ଡକୁ ଧରିବା ଯନ୍ତ୍ରକୁ ନେଇ ଲଗେଇବୁ କୋଉଠି ? ଅତି ଅପସନ୍ଦିଆ କଥାଟାଏ !"

"ଦୂର୍ ମୂର୍ଖ, ସେ କଅଣ ଜାଣିଛି ଏଇଟା ପ୍ରସବ ଫଣ୍ଡ୍ରାସି । ସେ ଦେଖିବ ଏଡ଼େ ବଡ଼ ଯନ୍ତ୍ରଟାଏ କାମରେ ଲଗିଲା । ସ୍ୱାକୁ ତା ଆଣ୍ଠୁରେ ଛନ୍ଦି ଦେଇ ନର୍ଭ, ଆଟେରିଗୁଡ଼ାକ ଜଗିନେବ ।"

ଫେଁ ଫେଁ ହୋଇ ଦଣ୍ଟୁବାବୁ ହସିଉଠି କହିଲେ, "ହେଃ, ଅତି ଭେରସାଟାଏ—ଆଚ୍ଛା, ଆଉ ଯଦି କୋଉ ଡାକ୍ତର ଦୈବାତ୍ ଆସି ଦେଖିବଏ ?"

Digitized by srujanika@gmail.com

"ଆରେ ଓଲୁ ମିଛରେ ମୁଁ ଜର୍ମାନୀ ଡାକ୍ତର । ସେ ବାଟକୁ ମୁଁ ଆଗରୁ ରୋକ ଦେଇଛି । ତାକୁ ସାଫ୍ ସାଫ୍ କହିଦେଇଛି ଦେଖ, ତୁମ ଇଚ୍ଛା, ଆଉ କୋଉ ଡାକ୍ତର ପାଖକୁ ଯିବ ତ ଯାଅ, ମୋର ଆପତ୍ତି ନାହିଁ । ଯଦି ମୁଁ ଅସ୍ତ୍ର ଧରିବି, ତେବେ ସେଠିକି ଆଉ ଅନ୍ୟ ଡାକ୍ତର ଯେମିତି ନ ଆସନ୍ତି । ସେ ବି କହୁଛି, ବାବୁ ଆମେ ତ ଆପଣଙ୍କୁ ଧରିଲୁ, ଆଉ ଅନ୍ୟ ଡାକ୍ତରଙ୍କୁ ଡାକିବୁ କାହିଁକି ? ସେ ବିଷୟରେ ଆଉ ଚିନ୍ତା କରିବାକୁ ନାହିଁ । ଆଉ ଦେଖ, ମୁଁ ଯାହା କହୁଥିବି, ତୁ ପଟାପଟ୍ ସବୁ କରି-ଯାଉଥିବୁ । ସବୁ ଏଠି କହିବସିଲେ ଆଉ ସମସ୍ତ ହେବ ନାହିଁ । ପିଆଜ ସଢ଼ା ପାଣିକଖାରୁ ପରି ବଥଟା ଫୁଲି ହୋଇ ରହିଛି, ମନକୁ ଯଦି ଫାଟିଯାଏ, ସବୁ ଭଣ୍ଡୁର ହେବ ।"

ଏଡ଼େ ବଡ଼ ଅପରେସନ୍‌ଟା ହେବ, ସେଥିଲାଗି ଛଗନଲାଲର ୪।୫ ଜଣ ବନ୍ଧୁ ଆସିଥାଆନ୍ତି । ଚାରି ପାଞ୍ଚଟା ଚାକର, କମ୍ପାଉଣ୍ଡର, ଡାକ୍ତର ସମସ୍ତେ ଆଗ ହାତ ଗୋଡ଼ ଧୋଇ ଧୋଇ ଦୁଇଟା ପାଣି ସାବୁନ ଶିଶି ଖତମ କରିଦେଲେ । ଚାରି ପାଞ୍ଚଟା ଷ୍ଟୋଭ ଜଳିଉଠିବାରୁ ଗାଉଁ ଗାଉଁ ହୋଇ ଗୋଟାଏ କାରଖାନାର ଆବାଜ ବାହାରିଲା । ଯନ୍ତ୍ରପାତିସବୁ ଡେକ୍‌ଚିରେ ପଡ଼ିଲା । ଦୁଇ ତିନିଟା ଟେବୁଲ ଉପରେ ଟ୍ରେ ସବୁ ସଜା ହେଲା । ଯନ୍ତ୍ରପାତି ସବୁ ପ୍ରସ୍ତୁତ ହେବା ପରେ ଛଗନଲାଲକୁ ଆଣି ଅପରେସନ୍ ଟେବୁଲ ଉପରେ ଶୁଆଇ ଦିଆଗଲା । ଦୁଇ ଡାକ୍ତର ଆପ୍ରନ, ମୁଖୋସ ପିନ୍ଧିଲେ । ତାଙ୍କ ଜୋତା ଠକ୍ ଠକ୍‌ରେ ଘର କମ୍ପି ଉଠୁଥାଏ । ରୋଗୀକୁ ଗୋଟିଏ ମର୍ଫିନ ଆଟ୍ରୋପିନ୍ ଇଞ୍ଜେକ୍‌ସନ ଦିଆଗଲା । ଚାହୁଁ ଚାହୁଁ ସେ ଶୋଇଆସିଲା । ଜର୍ମାନୀବାବୁ ଗୋଟିଏ ଉଚ୍ଚା ଟୁଲ ଉପରେ ଅଣୁବୀକ୍ଷଣ ଯନ୍ତ୍ରଟା ଲଗାଇଦେଇ ଥୋଇ-ଦେଲେ ଓ ଯନ୍ତ୍ରର ନାକକୁ ବଥ ଆଡ଼କୁ କରି ଚାହିଁଲେ । ଯୋଡ଼ାଏ ଚାକର ଯୋଡ଼ାଏ ଟର୍ଚ୍ଚ ଧରି ଆଲୁଅ ବଥ ଉପରେ ପକାଇଲେ । ଅଣୁବୀକ୍ଷଣ ଯନ୍ତ୍ରରେ ଚାହିଁରହି ଜର୍ମାନୀ ଡାକ୍ତର ଆଦେଶ ଦେଲେ—"ହ ଜଏଣ୍ଟ୍‌ରେ ଆକ୍‌ସିସ୍ ଟ୍ରାକ୍‌ସନ୍ ଫର୍‌ସେପ୍‌ସ୍ ଲଗାଅ ।"

ଯନ୍ତ୍ରଚାଳିତବତ୍ ବଟୁବାବୁ ଆଣ୍ଠୁରେ ପ୍ରସବ ସଣ୍ଡାସିକୁ ଛନ୍ଦି ନିର୍ଦ୍ଦେଶାନୁଯାୟୀ ପେଞ୍ଚ ଅଣ୍ଟିଲେ । ଜର୍ମାନୀବାବୁ ଅଣୁବୀକ୍ଷଣ ଯନ୍ତ୍ରରେ ଚାହିଁ କହିଲାଗିଥାଆନ୍ତି, "ଆଗକୁ, ଆଉ ଟିକିଏ ଆଗକୁ, ଓହୋ ଆଉ ଟିକିଏ ପଛ, ଟିକିଏ ଉପର, ଟିକିଏ ତଳ, ଇତ୍ୟାଦି ଇତ୍ୟାଦି ।"

ସେତେବେଳକୁ ଛଗନର ପରିବାର ଓ ବନ୍ଧୁବର୍ଗ କୁହାକୋହି ହେଲେଣି, "ଓହୋ, ଭଗବାନ୍ କ ରୋଗ ସୃଷ୍ଟି ନ କଲେ । ଓହୋ ଦିଶୁଛି ଯେମିତି ଗୋଟିଏ ବଥ । ଭିତରେ ପୁଣି ଏତେ ଗହନ ଜଞ୍ଜାଳ । ଧନ୍ୟ ଏ ଡାକ୍ତର ବିଦ୍ୟା, ଆଉ ଏ

Digitized by srujanika@gmail.com

ଜର୍ମାନୀ ଡାକ୍ତରବାବୁ ! ଯେତେ ଡାକେ ଡାକେ ଗଲେ, ଡାକ୍ତରବାବୁ ପଛେ ପଛେ ଯାଉଛନ୍ତି । କି ଡରକରେ ଦେଖି ତାଙ୍କୁ ଠାବ କରୁଛନ୍ତି । ବାବୁଙ୍କ ଏ ପାଠପଢ଼ା ସାର୍ଥକ ହୋଇଛି ।"

ଗଣ୍ଡଗୋଳ ଟିକଏ ବଢ଼ିବାରୁ ଜର୍ମାନୀ ବାବୁ ବଲ୍‌କୁଲ୍ ଚୁପ୍ ହୋଇଯିବାକୁ ନିର୍ଦ୍ଦେଶ ଦେଲେ । ତାହା ସଙ୍ଗେ ସଙ୍ଗେ ପାଳିତ ହେଲା । ତାଙ୍କ କାର୍ଯ୍ୟର ଈପ୍‌ସିତ ଫଳ ମିଳୁଛି ବୋଲି ଭାବି ସେ ଅଧିକରୁ ଅଧିକତର ଉତ୍ସାହିତ ହୋଇଉଠୁଥାଆନ୍ତି । ବଥରେ ଛୁରି ଲଗିବା ପୂର୍ବରୁ ଥାଳରେ ସଜା ହୋଇଥିବା ଯନ୍ତ୍ରସବୁ ସେ ଜାଗାକୁ ଥରେ ଦୁ'ଥର ଛୁଇଁଲେ । ବନ୍ଧୁ ଡାକ୍ତର ବଥ ଉପରେ ଇଥିଲ୍ କ୍ଳୋରାଇଡ଼୍‌ର ଉସ୍ତ ଚର ଚର କରି ଚଳାଇଲେ ।

ଠିକ୍ ଏତିକବେଳେ ଆଉ ଜଣେ ମାରୁଆଡ଼ି ବୋକସ୍ମୃପଣ ସହ ମୋଟର ଗାଡ଼ିରେ ଆସି ପହଞ୍ଚିଲେ । ଛଗନର ବାପା ଓ ଆଉ କେତେଜଣ ତାଙ୍କୁ ପାଛୋଟି ଆଣିଲେ । ଡାକ୍ତର ବାବୁ ପାଟି କରିବାକୁ ମନା କରିଥିବାରୁ ସେମାନେ ଫୁସୁରୁ-ଫାସର ହୋଇ କଥାବାର୍ତ୍ତା ହେଲେ । ଜର୍ମାନୀ ଡାକ୍ତର ଟିକଏ କଣେଇ କରି ଦେଖିଲେ, ସେ ଲୋକ ମୁଣ୍ଡରେ ଗୋଟିଏ ବମ୍ବେଇ ଟୋପି, ଲମ୍ବା କୋଟ୍, ଚପା-ପାଇଜାମା । ମନେ ମନେ ସେ ଠିକ୍ କରିନେଲେ—ବମ୍ବେର କେଉଁ ଶେଠ ହୋଇଥିବ । ତାଙ୍କୁ ବି ଟିକଏ କ୍ରାଡସଫେଇ ଦେଖେଇବା ଦରକାର । ଆଗନ୍ତୁକ ଶେଠ ଟିକଏ ଦୂରରେ ଥାଇ ଦୁଇ ଡାକ୍ତର ଓ ଅପରେସନ ଜାଗା ଆଡ଼େ ଗ୍ରହିଁ-ରହିଲେ । ଜର୍ମାନୀ ଡାକ୍ତର ଦ୍ୱିଗୁଣ ବ୍ୟଗ୍ରତାର ସହ ଆଉ ଥରେ ଥରେ ଯନ୍ତ୍ରସବୁ ସେ ଜାଗାରେ ଛୁଆଁଇଦେଲେ । ଆଗନ୍ତୁକ ନିଜ ରୁମାଲରେ ଆପଣା ମୁହଁକୁ ଢାଙ୍କି ପକାଇଲେ । ଜର୍ମାନୀ ଡାକ୍ତର ଭାବିଲେ, ଶେଠଙ୍କୁ ଗନ୍ଧେଇଲା ବୋଧହୁଏ ।

ନୁରୁରୁ ପୁରୁରୁ ହେଉଥିବା ବଥରେ ଛୁରି ଅଗଟା ବାଜୁ ବାଜୁ ମେଲା ହୋଇଗଲା । ଲୋସନ ପାଣିରେ ପୂଜରକ୍ତ ସବୁ ଧୋଇଦେଇ ବଥ ଭିତର ଓ ବାହାର ଡାକ୍ତରବାବୁ ସଫା କରିଦେଲେ ଓ ବନ୍ଧୁ ଡାକ୍ତରଙ୍କୁ ପୁନର୍ବାର ଭଙ୍ଗା ହୋଇଥିବା ଅଣୁବୀକ୍ଷଣଯନ୍ତ୍ରରେ ଘାଆକୁ ଗ୍ରହିଁବାକୁ କହିଲେ ।

ଶେଠ କଣକ ମୁହଁରେ ରୁମାଲ ଖୁବ୍ ଜୋର୍‌ରେ ମାଡ଼ି ରଖି ଖୁଁ ଖୁଁ ହୋଇ ଟିକଏ କାଶିଲେ । ଅପରେସନ୍ ଦୃଶ୍ୟ ସମ୍ଭାଳି ନପାରି ଶେଠ୍ ଥରୁଛନ୍ତି ବୋଲି ଭାବି ଜର୍ମାନୀ ଡାକ୍ତରବାବୁ ତାଙ୍କୁ ସେ ଘରୁ ଅନ୍ୟ ଘରକୁ ନେଇଯିବା ପାଇଁ ଆଦେଶ ଦେଲେ । ଶେଠ୍ ମଧ୍ୟ ସେହିପରି ଖୁଁ ଖୁଁ ହୋଇ ସେଠାରୁ ଗ୍ରଲିଗଲେ ।

ଅପରେସନ୍ ସରିଲା । ଟେବୁଲ ଯନ୍ତ୍ରପାତିସବୁ ଗାଡ଼ିରେ ଲଦାହୋଇ ଜର୍ମାନୀ ଡାକ୍ତରବାବୁଙ୍କ ଘରକୁ ଗ୍ରଲିଗଲା । ଦୁଇଜଣଯାକ ଭଲଭାବରେ ଧୂଆଧୋଇ ହେଉଛନ୍ତି,

Digitized by srujanika@gmail.com

ଠିକ୍ ଏହି ସମୟରେ ଛଗନର ବାପା ଦୁହିଁଙ୍କୁ ଆସି କହିଲେ, "ଆଜ୍ଞା, ଚିରଞ୍ଜିଲାଲ ବାବୁ ଆମ ଘରେ ବସି ଡାକୁଛନ୍ତି, ଟିକିଏ ଯିବେ କି ?" ଶେଠ ଉପରେ ପ୍ରଭାବ ପକାଇପାରିଛନ୍ତି ବୋଲି ଭାବି ମନେ ମନେ ଖୁସି ହୋଇଯାଇ ଜମୀନ ଡାକ୍ତରବାବୁ ପଚାରିଲେ, "ସେ ବାବୁ କିଏ ?"

"ଆଜ୍ଞା, ସେ ଆମ ଦାଦପୁଅ ଭାଇ ଚିରଞ୍ଜିଲାଲ। ରାଜସ୍ଥାନ ମେଡ଼ିକାଲ କଲେଜରେ ସେ ପାଠପଢ଼ାନ୍ତି। ଓଡ଼ିଶା ମେଡ଼ିକାଲ କଲେଜକୁ ସର୍ଜରି ପରୀକ୍ଷକ ହୋଇ ଆସିଥିଲେ, ଏବାବେଳକେ ଆମ୍ଭମାନଙ୍କୁ ଟିକିଏ ସଙ୍ଗୁଳି ଦିବାକୁ ଇଆଡ଼େ ବୁଲିଆସିଲେ। ଦୈବଯୋଗ ତ, ଠିକ୍ ସମୟକୁ କେମିତି ଆସି ପହଞ୍ଚିଯାଇଛନ୍ତି।"

ଏଇ କେତେ ପଦ କଥା ଶୁଣି ଦୁଇ ଡାକ୍ତରଙ୍କ ମୁହଁ କଳାକାଠ ପଡ଼ିଗଲା। ଯାନବାହନ ନିୟନ୍ତ୍ରଣକାରୀ ପୁଲିସର ସୁସୁରି ଶବ୍ଦ ଶୁଣି ଯେପରି ଯାନବାହନସବୁ ଥପ୍ କରି ଠିଆହୋଇଯାଆନ୍ତି, ଠିକ୍ ସେହିପରି ଛଗନଲାଲର ବାପାଙ୍କର କଥାଟିକ ଶୁଣି ଦୁଇ ଡାକ୍ତରଙ୍କ ଉତ୍ସାହ, ଆନନ୍ଦ, ସ୍ଫୂର୍ତ୍ତି ଥପ୍ କରି ବନ୍ଦ ହୋଇଗଲା। ବଟୁ ଡାକ୍ତର ତ ସଙ୍ଗେ ସଙ୍ଗେ ମନରେ ଠିକ୍ କରିନେଲା—ଆଉ ଘରେଇ ବେଉସା କରିବ ନାହିଁ। ପୁଣି ଖଣ୍ଡେ ଚାକିରି ଖୋଜିବାର ଚେଷ୍ଟା କରିବ।

ଜମୀନ ଡାକ୍ତରଙ୍କ ମୁଣ୍ଡଟା ଠିକ୍ କଂକ୍ରିଟ-ଫେଣ୍ଟା ଯନ୍ତ୍ର ଘୂରିଲା ପରି ଘର୍ ଘର୍ ହୋଇ ବୁଲି ଲାଗିଲା। ଭାବନାଗୁଡ଼ାକ ଘାଣ୍ଟିଘୁଣ୍ଟି ହୋଇ ଏକାକାର ହୋଇଗଲା। ସେ କିଛି ସ୍ଥିର କରିପାରିଲେ ନାହିଁ। "ଡାକ୍ତରଖାନାରେ ଜିନିଷସବୁ ସଜାଡ଼ି ରଖି ପାଞ୍ଚ ମିନିଟ୍ ଭିତରେ ଆସିବା। ତାଙ୍କ ସଙ୍ଗେ ବହୁତ କଥାବାର୍ତ୍ତା ଅଛି" ବୋଲି କହି ଦୁହେଁ ସେ ଜାଗାରୁ ବଳୁଡ଼ି ମାଇଲା ପରି ପଳେଇ ଆସିଲେ। ଆସିଲାବେଳେ ଜମୀନ ଡାକ୍ତର ମନେ ମନେ ଭାବୁଥାଆନ୍ତି—ବେଳେବେଳେ ଦୋପାମିଟା ଏମିତି ପୁଣି ଭଣ୍ଡୁର ହୋଇଯାଏ !

Digitized by srujanika@gmail.com

# ଷଣ୍ଢ ଲଢେଇ

ଗାଁ ଭିତରେ ସାଧୁଆ ଥିଲା ଏକମାତ୍ର ଷଣ୍ଢ । ଭାଇକୁ ଭାଇ ବିରୁଦ୍ଧରେ ଲଢ଼େଇ, ପୁଅକୁ ବାପ ବିରୁଦ୍ଧରେ ମତେଇ, ଇସ୍କୁଲିଆ ଟୋକାଙ୍କୁ ମାଷ୍ଟରଙ୍କ ବିରୁଦ୍ଧରେ ଉତେଇ ନିଜ ଦାନାପାଣି ବେଶ୍ ସୁରୁଖୁରୁରେ ଆଦାୟ କରିପାରୁଥିଲା । ଓଦା ଖାଇ ବୁଲି ଗଣ୍ଡିଟାକୁ ବେଶ୍ ଫୁଲେଇ ପାରିଥିଲା । ଭାବିଥିଲା ବେଶ୍ ଆରାମରେ ତା ଦିନତକ କଟିଯିବ । କିନ୍ତୁ କାଳର କୁଟିଳା ଗତି । ଦିନ କେଇଟାରେ ସେ ଦେଖିଲା ମଧୁଆ ନାଆଁରେ ଗୋଟିଏ ଅଣ୍ଡିରା ବାଛୁରୀ ତା'ର ଆଗରେ ପେଦା ହୋଇ, ବଢ଼ି, କମିଳ ଓ ଶିଙ୍ଘ ବଢ଼େଇ ହୃଷ୍ଟ ହୃଷ୍ଟ ଗୋଟାଏ ଷଣ୍ଢ ହୋଇଗଲା । ହୋଇଗଲା ତ ହୋଇଗଲା, ସେଥିରେ ପୁଣି ତା ଆଡ଼କୁ ଆଡ଼ ପତେଇ, ଶିଙ୍ଘ ଦେଖେଇ, ଫଁ ଫଁ ନିଶ୍ୱାସ ଛାଡ଼ି ବେଳେବେଳେ ହେଣ୍ଟାଳ ଦେଲା, "ହୁକ୍ ଘଅଁ—ହୁକ୍ ଘଅଁ ।" ଷଣ୍ଢ ହୋଇ ଆଉ ଗୋଟିଏ ଷଣ୍ଢର ହେଣ୍ଟାଳ କି ସହି ହୁଏ ? ସାଧୁଆର ଅନ୍ତରାତ୍ମା ଦୁହିଁ ହୋଇଯାଏ । ତା ଅଙ୍ଗପ୍ରତ୍ୟଙ୍ଗ କନକନ ହୋଇଉଠେ । ଇଚ୍ଛାହୁଏ ଫଁ ଫଁ କରି ନୂଆ ଷଣ୍ଢ ସାଙ୍ଗରେ ଧୂଳି ଉଡ଼େଇ ମିଶିଯାଆନ୍ତା । ତାକୁ ଭୁସିଭାସି ମାଟିରେ ମିଶେଇ ଦିଅନ୍ତା । ପୁଣି ନିଜର ଏକଚ୍ଛତ୍ର ଆଧିପତ୍ୟ ଗାଁରେ ଜାହିର କରନ୍ତା । କିନ୍ତୁ ସାଧୁଆ ଶିକାର ବିଖଣ୍ଡରେ କୁଣ୍ଡା ଝାଡ଼ା ଫେରିଗଲା ପରି ଠିକ୍ ମୌକା ବେଳକୁ ପଛଘୁଞ୍ଚା ଦେଉଥିଲା । ଠିକଣାବେଳକୁ ତା ମନ ତାକୁ ଡରାଇଦିଏ—"ଖବରଦାର୍ ! ନୂଆ ଷଣ୍ଢର ତାକତ୍ ନ ଜାଣି ଭୁସ୍ କରି ମୁହାଁମୁହିଁ ହୋଇଯିବାରେ ମହା ବିପଦ ଅଛି । ଜିତିଗଲେ ବେଶିକିଛି ବାହାଦୁରୀ ମିଳିବନାହିଁ । ସମସ୍ତେ କହିବେ, ହଁ ପୋଖତ ଷଣ୍ଢଟା ଜିତନ୍ତା ନି କି ! କିନ୍ତୁ ହାରିଗଲେ ଏକାବେଳକେ ମୂଳପୋଛ । ସମସ୍ତେ ମଧୁଆ ଆଡ଼କୁ ଆଉଜିଯିବେ । ଯେଉଁମାନେ କରପତ୍ର ଯୋଡ଼ି ସବୁବେଳେ ହାଁ ଜି କହୁଥିଲେ ସେମାନେ ମଧୁଆର ବିଦ୍ରୂପ ପାଇ ତାକୁ ଟିଟିକାରି ମାରିବେ, ଚୁଗୁଲେଇ ବାରକଥା କହିବେ । କାଳିକା ଲଣ୍ଡି ବି ଉହିଟାଏ ପକେଇବ । ଏତେ ସ୍ୱାଭିମାନିଆ ଜୀବନ ଧରି ଆଉ ରହି ହେବନି, ଏହାଠୁଁ ମରିଯିବା ଶହେଗୁଣେ ଭଲ । ଗାଁ ଛାଡ଼ିଦେଇ ବଣରେ ରହିବା ଗୋଟିଗୁଣେ ଭଲ । ଏମିତିରେ ହେଲେ ସମସ୍ତେ ଭାବିବେ—ସେ ନୂଆ ଷଣ୍ଢକୁ ଉପେକ୍ଷା କରୁଛି । ଚୁଟୁନ୍ତ୍ରା ମାରି ହାତ ଗନ୍ଧେଇବାକୁ ଚାହୁଁନି । ଦୟାକରି ଛାଡ଼ିଦେଉଛି ।"

Digitized by srujanika@gmail.com

ମନର ଏ ସତର୍କବାଣୀକୁ ସେ ଏଡ଼ିଦେଇ ପାରୁନଥିଲା । ଫଳରେ ନୂଆ ଷଣ୍ଢ ସଙ୍ଗେ ମୁହାଁମୁହିଁ ହେବା ଆଗରୁ କିଛି ନଜାଣିଲା ପରି ନିଜ ବାଟ କାଟି ଆଡ଼େଇ ଯାଉଥିଲା । କିନ୍ତୁ ଏ ଆଡ଼ୁଆ ଆଡ଼େଇ କଅଣ ସବୁଦିନେ ଚାଲିଥିବ । ସବୁଦିନେ ତ ଲୋକଙ୍କୁ ଠକି ହେବନି । ଦିନେ ନା ଦିନେ ସ୍ୱେରଘରର ଆଲୁଅ ହୋଇଯିବ । ଅତଏବ ଅତି ଗୁପ୍ତରେ, କଳେ, ବଳେ, କୌଶଳେ ତା ବଳଟାକୁ କଳନେବା ଦରକାର । ଠିକ୍ ଥାଏ ତ ଭଲ ! ବେଠିକ୍ ଥିଲେ ତାକତ୍ ବଢ଼େଇବା କିମ୍ବା ଗାଁ ଛାଡ଼ି ଅନ୍ୟତ୍ର ଯିବା, ଏଇ ଦୁଇଟା କଥାରୁ ଯେକୌଣସି ଗୋଟିଏ ଅଲବତ୍ କରିଦବାକୁ ପଡ଼ିବ । ଅନିଶ୍ଚିତ ଅବସ୍ଥାରେ ଆଉ କାଳ ଗଡ଼େଇ ହେବନି । ସାଧୁଆ ଓର ଉଣ୍ଡିବାରେ ଲାଗିଗଲା !

ଖୋଜିବସିଲେ ବାଟ ମିଳିବାକୁ ଡେରି ହୁଏ ନାହିଁ । ମଧୂଆକୁ କାବୁ କରିବାକୁ ସାଧୁଆକୁ ଅଚିନ୍ତା ଏକ ବାଟ ମିଳିଗଲା । ଘଟଣାଟି ହେଉଛି—ଗୋଟିଏ ବାଡ଼ି ବୁଜା ବୁଜି କଲା ଅଟକେଇବା ପାଇଁ ଯାଇ ମଧୂଆ ଦୁଇ ଲଢ଼ୁଆଙ୍କ ଭିତରେ ପଶି ଜଣକୁ ଜୋର୍‌ରେ ପଛକୁ ପେଲିଦେଲା । ଲୋକଟା ସମ୍ଭାଳି ନ ପାରି ପଛଆଡ଼ୁଆ ନାଥି କରି ପଡ଼ିଗଲା । ଦୁର୍ଭାଗ୍ୟକୁ ପଛରେ ଥିବା ଗୋଟିଏ ପଥରରେ ତା ମୁଣ୍ଡ ପିଟି ହୋଇଯାଇ ଫାଟିଗଲା । ନାଲି ଝଣ୍ଡା ଦେଖିଲେ ରେଲଗାଡ଼ି ଯେମିତି ଅଟକିଯାଏ ନାଲି ରକ୍ତ ଦେଖି କଳି ପଟ୍ କରି ବନ୍ଦ ହୋଇଗଲା ସତ, କିନ୍ତୁ ମଧୂଆ ହାଉଳି ଖାଇଗଲା । ଦଉଡ଼ି ଯାଇ ଗୋଟିଏ ହୋମିଓପାଥି ଡାକ୍ତର ଡାକି ଆଣି ଚିକିତ୍ସାର ବ୍ୟବସ୍ଥା କରିଦେଲା । ଝଗଡ଼ା ହାଲୁକା ହୋଇଗଲା । ସାଧୂଆ ଏତିକି ଶୁଣିବା ମାତ୍ରେ ଫାଙ୍କଲରେ ବଧାଟାଏ ମାରି କହିଲା—''ରହ ବଟା, ଏତେଦିନେ ହାବୁଡ଼େ ପଡ଼ିଲୁ । ବାଟକୁ କଣ୍ଟା କାଢ଼ି ଫୋପାଡ଼ିଦେଲା ପରି ତୋତେ ମୋ ବାଟରୁ କାଢ଼ି ଫୋପାଡ଼ିଦେବି । ଏଇଥର ବୁଝିବୁ ମୋ କରାମତି ।''

ରାତିରେ ସେ ମୁଣ୍ଡଫଟା ଲୋକର ଘରକୁ ଯାଇ ସାଧୂଆ ଉଖାରିବାରେ ଲାଗିଲା—''ମଧୂଆ ଉପରେ ଟକ୍କର ସାଙ୍ଗ । ତା ସାଙ୍ଗରେ ସଲସୂତର ହୋଇ ସେ କଳି କରିବାକୁ ଯାଇଥିଲା । ଜାଣି ଜାଣି ମଧୂଆ ପଥରକୁ ଲକ୍ଷ୍ୟ କରି ତାକୁ ପେଲିଦେଲା । ଟିକିଏ ଅସୁବିଧା ହୋଇଗଲା, ନଚେତ୍ ତାକୁ ସେ ଜୀବନରେ ମାରିଦେଇ ଥାଆନ୍ତା । ଏତେ ଅବସ୍ଥା କରି ବି ମୁଣ୍ଡା ତା'ର ଅହଙ୍କାର ଯାଇ ନାହିଁ । ରଘୁଆ ଦୋକାନ ପାଟରେ କହୁଥିଲା ଯେ ଲୋକ ଜମି ଯିବାରୁ ତାକୁ ସୁବିଧା ହେଲା ନାହିଁ, ଏଥରକ ଆଉ କେଉଁଠି ବାଗରେ ପାଇଲେ ଏକାବେଳକେ ତଣ୍ଟିରେ କ୍ଷୁର ବସାଇଦେବ । ଏଣୁ ମୁଣ୍ଡ ଉପରେ ଏଡ଼େବଡ଼ ବିପଦର ବୋଝ ରଖି ଚୁପ୍ ହୋଇ ବସିବା ଠିକ୍ ପଥ ନୁହେଁ । ଅନ୍ୟାକାଳ ଥାନକୁ ଦାଇ ଏଠଲେ ଦେବାକୁ ହେବ । ତୋତେ କିଛି ଚିନ୍ତା

Digitized by srujanika@gmail.com

କରିବାକୁ ପଡ଼ିବନି, ଥାନା ଦାରୋଗା ମୋର ଅତି ଜଣାଶୁଣା । ମୋ କଥାକୁ ସେ କାଟି ପାରିବେନି । ମଧୁଆକୁ ମାମୁ ଘର ନିଶ୍ଚେ ଦେଖେଇ ଦେବେ । ଆଉ ବି ମଧୁଆ ଯେମିତି ଉଦଣ୍ଡ ପାଲଟିଲାଣି ଆଉ ତୋ ପିଛୁ ଧରିଲାଣି, ସେଥିରେ ତାକୁ ମାମୁ ଘରକୁ ନ ପଠେଇଲେ ଚଳିବ ନାହିଁ । ତୁ କାଲି ଦିନ ଦଶଟା ବେଳକୁ ଠିକ୍ ଠାକ୍ ହୋଇ ବସିଥା, ମୁଁ ତୋତେ ସାଙ୍ଗରେ ଧରି ଥାନା ବାବୁଙ୍କ ପାଖକୁ ନେଇଯିବି । ଆଉ ଦେଖ୍, ତୁ ଭାବୁଥିବୁ ତୋର ଟଙ୍କା ପଇସା ଖର୍ଚ୍ଚ ହେବ । ମୁଁ ଜବାବ ଦେଉଛି, ତୋ'ର ପଇସାଟିଏ ବି ଖର୍ଚ୍ଚ ହେବ ନାହିଁ । ପଇସା ବିଷୟ ମୁଁ ବୁଝିବି । ତୁ ସେ ବିଷୟ ମୋଟେ ମୁଣ୍ଡରେ ଭର୍ତ୍ତି କରିବୁନି ।"

ଏହିପରି ବହୁତ ବହୁତ ଢଥାଣ ସାଧୁଆ ନିଜ ଘରକୁ ଗଲା । ରାତିରେ ତାକୁ ନିଦ ହେଉ ନଥାଏ । ତା ପିଣ୍ଡିଟା ମସିଣା ଉପରେ, କିନ୍ତୁ ମନଟା ସକାଳୁ କେଉଁଠାରୁ ବଡ଼ କଦଳୀ କାନ୍ଦିଟାଏ ଓ ଗୋଟାଏ ସାତ ଆଠ ସେରିଆ ରୋହିମାଛ ମିଳିବ, ସେହି ଥାନ ଖୋଜିବୁଲିଲା ।

× × × ×

ସାଧୁଆ ହାତରେ ଗୋଟିଏ ବଡ଼ ରୋହିମାଛ ଓ କାନ୍ଦିଏ କଦଳୀ ଦେଖି ଥାନା ଅଫିସର ପଚାରିଲେ, "କି ସାଧୁ, କଅଣ ଖବର ? ଏସବୁ କଅଣ ?"

ମୁଣ୍ଡ ପଛ କୁଣ୍ଡିଆ ଓ ଆଙ୍ଗୁଠି ମକଚି ସହି ସାଧୁଆ କହିଲା—"କିଛି ନୁହେଁ ଆଜ୍ଞା, ପୋଖରୀରେ ଜାଲ ପକେଇଥିଲି, ଏଇଟା ପଡ଼ିଗଲା । ଭାବିଲି ଆପଣଙ୍କ ଲକ୍ଷ୍ମୀ ଜିନିଷଟା, ନେଇଆସିଲି । ଖାଲି ମାଛଟା ଆଣିବି କେମିତି, ସାଙ୍ଗକୁ କିଛି ପରିବା ନେବା ଦରକାର । ବାଡ଼ିରୁ କାନ୍ଦିଟା କାଟିଆଣିଲି ।"

ଧୂଆଁ ଯେପରି ନିଆଁର ନିର୍ଦ୍ଦେଶକ, ଏ ମାଛ, କଦଳୀ ଠିକ୍ ସେହିପରି କୌଣସି ମାମଲାର ନିର୍ଦ୍ଦେଶକ ବୋଲି ବୁଝିବାକୁ ଅଭ୍ୟସ୍ତ ଥାନା ଅଫିସରଙ୍କୁ ବାକି ରହିଲା ନାହିଁ । ଏତଲା କାମଟା ଚଟାପଟ୍ ସରିଗଲା । ସାଧୁଆ ଫେରିଲାବେଳକୁ ଥାନା ଅଫିସର ମୁରୁକିହସା ଦେଇ ପଚାରିଲେ—"ଆଚ୍ଛା ସାଧୁ ! ତମ ପୋଖରୀରେ ବଡ଼ ଶୁଖୁଆମଞ୍ଜି ମିଳିବନି ?"

ପୁଣି ଆଙ୍ଗୁଠି ମକଚି ଆରମ୍ଭ କରିଦେଇ ସାଧୁଆ କହିଲା—"ଆଜ୍ଞା, ଏଇ ଛୁର କଥାଟା ! କାଲି ଆଣି ହାଜର ହେବ ।"

× × ×

ମାଛ, କଦଳୀ, ଶୁଖୁଆମଞ୍ଜି ଓ ଶତ ଶତ ସାଷ୍ଟାଙ୍ଗ ପ୍ରଣିପାତ ସହ ଜାଲରେ ଘେରାଇ ମଧୁଆକୁ କାବୁ କରିବାକୁ ସାଧୁଆ ଯେଉଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଲଗାଇଥିଲା,

Digitized by srujanika@gmail.com

ତାହା ଫସ୍‌କି ଗଲା । ମଧୁଆ ଶେଉଳ ମାଛ ପରି ପଙ୍କ ଭିତରେ ପଶି ଜାଲରୁ ଖସି ପଳାଇଲା । ଥାନା ଅଫିସର ତାଙ୍କୁ ବୁଝାଇଦେଲେ, "ମୁଁ କଅଣ କରିବ ? ଉପ୍‌ରର ରିପୋର୍ଟ ଦେଇଥିଲି । ହେଲେ ଖଦଡ଼ିଆମାନେ ମୂଳ ଗଛକୁ ଧରିପକାଇ ସବୁ ଭଣ୍ଡୁର କରିଦେଲେ । ମୁଁ ଯେତେବେଳେ ମୂଳଗଛର ଗୁକର ପିନା ! ମୋର କିନ୍ତୁ ଅକଣ ରହିଲା, ଦିନେ ନା ଦିନେ ତାକୁ ଖାପଚରେ ପକାଇବି, ତୁ ଟିକିଏ ସବୁର୍ କରିଯା ।"

ଦ'ସ୍ବରିଦନ ପରେ ଲୁଚିରହି ସାଧୁଆ କିପରି ଅଧିକ ଶକ୍ତିଶାଳୀ ହେବ ତା'ର ଉପାୟ ଚିନ୍ତା କଲା । ଅସୀମ ଶକ୍ତିର ଉତ୍ସ ସ୍ବରୂପ ଖଦଡ଼ ଟୋପି ଓ ମୁଣି ତା ଆଗରେ ନାଚିଲେ ଓ ଆଶାର ମଶାଲ ଜଳେଇଲେ । ଶେଷରେ ସେ ଗୋଟିଏ ଖଦଡ଼ର ସାଜ ତିଆରି କଲା ଓ ଧୀରେ ଧୀରେ ପୁଣି ପଦାକୁ ବାହାରିଲା । ଖାଲି ସେ ଖଦଡ଼ର ସାଜ କରିଦେଲେ ଚଳିବ ତା ନୁହେଁ, ତା ସାଙ୍ଗକୁ କେତେଜଣ ଅନୁସରଣିଆ ଭକ୍ତ ଦରକାର, ଯେଉଁମାନେ କି ପଛରୁ ଠେଲିପାରିବେ, କାନ୍ଧ ଲଗାଇ ଟେକିପାରିବେ, ଢାଲ ପରି ନିଜ ପିଠି ଦେଖାଇ ଚାରିଆଡ଼ୁ ଆସୁଥିବା ମାଡ଼କୁ ଅଟକାଇବେ, ଭାଟ ପରି ସ୍ତୁତି ଗାନ କରିବେ, ଥୋପ କାମ କରି ଶିକାରମାନଙ୍କୁ ତା ପାଖକୁ ପହଣ୍ଡ ମଣାଇଁ ନେଇ ଆସିପାରିବେ । ସର୍ବୋପରି ନିଜ ପେଟରେ ଓଦାକନା ପକାଇ ତା ପେଟରେ ଦାନା ଭର୍ତ୍ତି କରିବେ । ଏପରି ଗୁଣଯୁକ୍ତ ବୀର ପାଞ୍ଚଟା ଅନୁସରଣିଆ ଭକ୍ତଙ୍କୁ ଯୋଗାଡ଼ କରିବାକୁ ସାଧୁଆକୁ ବି ବେଶି ସମୟ ଲାଗିଲା ନାହିଁ । "ନେହେରୁଙ୍କୁ ଅନେକ ଥର ପକୁଡ଼ି ଯୋଗେଇ ଦେଇଛି, ମହତାବ ତାଠୁଁ କେତେଥର ପାନ ମାଗିନେଇ ଖାଇଛନ୍ତି, ବିଜୁବାବୁ କେତେଥର ତାକୁ ସିଗାରେଟ୍ ଦେଇଛନ୍ତି, ବୀରେନ୍‌ବାବୁ ତାକୁ ଦେଖିଲା ମାତ୍ରେ ତା କାନ୍ଧରେ ହାତ ପକାଇ କହନ୍ତି, କି ସାଧୁ ! ସବୁ ଭଲ ତ ? ଆମେ ସବୁ ମନେଅଛୁ ତ ?" ଇତ୍ୟାଦି କଥାଗୁଡ଼ାକ ଶୁଣି ଏ ପାଞ୍ଚ ଛଅଟା ଭୂତ କାବା ହୋଇଯାଇ ଅନୁସରଣିଆ ଭକ୍ତ ପାଲଟିଗଲେ । ବ୍ୟୂହ ଠିକ୍ କରିସାରି ତା ଖଦଡ଼ ମୁଣି ଭିତରେ ମଧୁଆକୁ ଭର୍ତ୍ତି କରିବାକୁ ସାଧୁଆ ମୁଣି ମେଲା କରି ବସିଲା ।

ଜଣେ ପଣ୍ଡିତ କହିଥିଲେ ଯେ ସୁଯୋଗ ଜୀବନରେ ମାତ୍ର ଥରେ ଆସେ । ଏଇଟା କିନ୍ତୁ ସାଧୁଆ କ୍ଷେତ୍ରରେ ଭୁଲ ଜଣାପଡ଼ିଲା । ମଧୁଆକୁ କାବୁ କରିବାକୁ ପୁଣି ଗୋଟାଏ ସୁଯୋଗ ମିଳିଗଲା । ଗାଁର ମୁଦି ଦୋକାନୀ ବ୍ଲେଗ ଗଞ୍ଜେଇ ଅଫିମ ବିକି ଦି' ପଇସା କମେଇଥିଲା । ଗୋଟିଏ କିଏ ଖାଉଟି ବୋଧହୁଏ କାରବାରରେ ଅସନ୍ତୁଷ୍ଟ ହୋଇ ପୁଲିସ୍‌ରେ ଖବର ଦେଇଦେଲା । ବେଳକାଳ ଉଣ୍ଡି ପୁଲିସ ଆସି ବି ଖାନତଲାସ ପରେ ମାଲ ଜବତ କଲେ । ସାଧୁଆ ପାଖକୁ ଖବରଟା ବିଜୁଳି ପରି ବୁଲିଗଲା । ଖଦଡ଼ ସାଜଟା ଗଳେଇ ପକେଇ ମୁଦି ଦୋକାନ ଆଡ଼େ ଧାଇଁଲା ।

Digitized by srujanika@gmail.com

ଅନୁସରଣିଆଙ୍କ ବି ପଛେ ପଛେ ଗୋଡ଼େଇଲେ । ସରଜମିନ ଉପରେ ପହଞ୍ଚି ସାଧୁଆ ଦେଖିଲା ଦାରୋଗାବାବୁ ମାଲ୍ ଧରି ଦୋକାନ ଭିତରୁ ବାହାରୁଅଛନ୍ତି । ଫାଶୀ କାଠକୁ ଯିବା ଆସାମୀ ପରି ଦୋକାନୀ ବିଚରା ପଛେ ପଛେ ଆସୁଛି । ଦାରୋଗାଙ୍କୁ ଖୁବ ଅଣ୍ଟାଭଙ୍ଗା ନମସ୍କାରଟାଏ କରିଦେଇ ସାଧୁଆ ଦୋକାନୀ ପାଖକୁ ଚାଲିଗଲା ଓ ଗୋଟାଏ କଡ଼କୁ ଟିକିଏ ଡାକିନେଇ ତା କାନରେ ଫସ୍ ଫୁସ୍ କରି କହିଲା – "ତୁ କହିଦେ ମଧୁଆ ମୋ ପାଖରେ ଆଣି ଥୋଇ ଦେଇଥିଲା । ସେ ଡବା ଭିତରେ କଅଣ ଅଛି ମୁଁ କେମିତି ଜାଣିବି ? ଆମକୁ ସାକ୍ଷୀ କରିଦେବୁ । ବାସ୍ ତା'ପରେ ଯାହା ହେବ ସବୁ ମୁଁ ତୁଲେଇବି, କିଛି ଭୟ କରିବୁନି, ମୁଁ ଅଛି ।"

ବୁଡ଼ିଗଲାବେଳେ କୁଟା ଖିଅକୁ ଆଶ୍ରା କଲାପରି ଦୋକାନୀଟି ସାଧୁଆର ସୃଷ୍ଟିକୁ ଆଶ୍ରୟ କଲା ଓ ଦାରୋଗା ବାବୁ ଜମାନବନ୍ଦୀ ନେଲାବେଳେ ମଧୁଆ ତା ଘରେ ରଖିଛି ବୋଲି କହିଲା । ସାଧୁଆ ଓ ତା'ର ତିନି ଜଣ ଅନୁସରଣିଆ ମଧ୍ୟ ମଧୁଆ ଜବତ ହୋଇଥିବା ଡବାକୁ ଦୋକାନୀ ପାଖରେ ଥୋଇଥିବାର ଦେଖିଛନ୍ତି ବୋଲି ନିଷ୍କମ୍ପ କଣ୍ଠରେ କହିଦେଲେ । ଠିକ୍ ଦଶଦିନ ପୂର୍ବରୁ ଦିନ ବାରଟାବେଳେ ମଧୁଆ ଏ କାମ କରିଛି ବୋଲି ଘଟଣା ଦିନକୁ ମଧ୍ୟ ନିର୍ଦ୍ଦିଷ୍ଟ କରିଦେଲେ ।

ଉଭୟ ମଧୁଆ ଓ ଦୋକାନୀ ଥାନାକୁ ଯାଇ ଜାମିନ୍‌ରେ ଘରକୁ ଫେରିଲେ । ସାଧାରଣ ନିର୍ବାଚନର ଝାମେଲା ମୁଣ୍ଡ ଉପରେ ଥାଏ । ତେଣୁ ଦାରୋଗାବାବୁ ନିର୍ବାଚନ ଶେଷ ପର୍ଯ୍ୟନ୍ତ ରିପୋର୍ଟ ଦେବା କାମଟାକୁ ଗଡ଼େଇଦେଲେ । ସାଧୁଆକୁ ଫୁରୁସତ ମିଳିଗଲା । ଦିନେ ଛଡ଼ା ଦିନେ ମାଛ, ମାଂସ, ଡିମ୍ବ, ପରିବା ଆଦି ନେଇ ସେ ଦାରୋଗାବାବୁଙ୍କୁ ଦର୍ଶନ କଲା । ଦାରୋଗାବାବୁ ବି ଏହାର ଦାମ୍ ସ୍ୱରୂପ ଟିକିଏ ପ୍ରବୋଧ ଦେବାରେ ଲାଗିଥାଆନ୍ତି—"ଥୟ ଧର, ପୁଅ ଏଇଥରକ ମାମୁଘର ଦେଖି ଆସିବ । ଖାଲି ତୁ ସାକ୍ଷୀ ଠିକ୍ କରି ରଖିଥା । ମଧୁଆ ଯେମିତି ସରପଞ୍ଚ ଆଉ ଏମ୍.ଲ୍.ଏ.ଏମାନଙ୍କ ପଛେ ପଛେ ଲାଙ୍ଗୁଡ଼ ପରି ଗୋଡ଼େଇଛି ସେଥିରେ ତାକୁ ମୋଟେ ବିଶ୍ୱାସ ନାହିଁ । ମହାଦେବଙ୍କ ସାପ ଗରୁଡ଼କୁ ଡରେଇ ଦେଲା ପରି ଏମ୍.ଏଲ୍.ଏ. ଙ୍କ ଲାଙ୍ଗୁଡ଼ ହୋଇ ସେ ସାକ୍ଷୀମାନଙ୍କୁ ଡରେଇ ଦେଇ ଭଣ୍ଡୁର କରି ଦେଇପାରେ । ସାଧୁ ସାବଧାନ !"

ସାଧୁଆ ଅତି ସାବଧାନତାର ସହ ଦାରୋଗାବାବୁଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ମନେରଖିଲା । ଖୁବ୍ ଭାବି ସ୍ଥିର କଲା ଯେ ମଧୁଆ ଏମ୍.ଏଲ୍.ଏ. ଙ୍କ ଲାଙ୍ଗୁଡ଼ ହୋଇଛି । ତାକୁ ଦାବିବାକୁ ହେଲେ ମନ୍ତ୍ରୀ ଲାଙ୍ଗୁଡ଼ ବନିବା ନିହାତି ଦରକାର । ତାହାହେଲେ ତା ଅନୁସରଣିଆ ସାକ୍ଷୀମାନେ ସାହସ ପାଇବେ । ଲେଣ୍ଡି

Digitized by srujanika@gmail.com

ଏମ୍. ଏଲ. ଏ ଓ ପଞ୍ଚଗୁଡ଼ାଙ୍କ ଭୟ କରି ତାଙ୍କ ଆଡ଼କୁ ଆଉ ଜମିବେ ନାହିଁ । ସମସ୍ତ ବି ବେଶି ନାହିଁ । ଅତଏବ ଶୀଘ୍ର ମନ୍ତ୍ରୀଙ୍କ ଲାଙ୍ଗୁଡ଼ ବନିବାକୁ ପଡ଼ିବ ବୋଲି ଭାବିଲେ କୌଶଳେ । ସମସ୍ୟାଟା ବି ସାଧୁଆ ପକ୍ଷେ ବେଶ୍ ଅନୁକୂଳ ଥିଲା । ମନ୍ତ୍ରୀମାନଙ୍କ ପାଞ୍ଚବର୍ଷିଆ ରଥଯାତ୍ରା । ପୁରୀ ରଥଯାତ୍ରାରେ ଜଗନ୍ନାଥ ଯିବା ବର୍ଷକୁ ଥରେ ବାହାରି ସମାଜର ନୀଚ ଶ୍ରେଣୀସ୍ଥ ଲୋକଙ୍କୁ ଦର୍ଶନ ତଥା ସ୍ପର୍ଶ ଦେଇଥାଆନ୍ତି, କିନ୍ତୁ ମନ୍ତ୍ରୀମାନେ ୫ ବର୍ଷରେ ଥରେ ନିଜ ନିଜ ମନ୍ଦିରରୁ ବାହାରି ଗାଁ ଗଣ୍ଡାର ରାମା, ଦାମା, ଶାମା, ମଦଖିଆ, ଯୁଆଡ଼ି, କଳାପୋଷାକିଆ, ଧଳାବଗୁଲିଆ, ଟାଉଟର, ଚାଣ୍ଡିକଣ୍ଡା, ଗୁଣ୍ଡା, ଲଫଙ୍ଗା, ଚୋର, ଖଣ୍ଟ, ଡାକୁ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଓ ସାନ୍ନିଧ୍ୟ ଦିଅନ୍ତି, ସମସ୍ତଙ୍କୁ ନମସ୍କାର କହନ୍ତି, ଦେଖି ହସନ୍ତି ଓ ସମସ୍ତଙ୍କର କୁଶଳ କାମନା ବା ଆଶୀର୍ବାଦ କରନ୍ତି, ସମସ୍ତଙ୍କ ଘରେ ପଖାଳ ଖାଆନ୍ତି । ମନ୍ତ୍ରୀଙ୍କ ଏ ପାଞ୍ଚବର୍ଷିଆ ରଥଯାତ୍ରା ପାଖରେ ଜଗନ୍ନାଥଙ୍କ ରଥଯାତ୍ରା କିବା ଛାର, କି ତୁଚ୍ଛ ! ସାଧୁଆ ଏହି ରଥଯାତ୍ରାର ସୁଯୋଗ ନେଲା । ଏକାବେଳକେ ମୁଖ୍ୟମନ୍ତ୍ରୀଙ୍କ ପରମ ସେବକ ବନି ତାଙ୍କ ସହିତ ନିର୍ବାଚନମଣ୍ଡଳୀମାନଙ୍କରେ ମଟରଗାଡ଼ିରେ ବୁଲିବାକୁ ତାକୁ ମୋଟେ ଦିନ ଛଅ ସୁଦ୍ଧା ଲାଗିଲା । ମୁଖ୍ୟମନ୍ତ୍ରୀ ଯେତେବେଳେ ଗାଁ ଗାଁରେ ତା ସହିତ ଯାଇ ପହଞ୍ଚିଲେ ସେତେବେଳେ ତା'ର ଉତ୍ସାହ, ଉଦ୍ଦୀପନା, ବଡ଼ ପାଟିରେ ଚିତ୍କାର ଚିତ୍କାର ହେବା ଏକାବେଳକେ ସୀମା ଟପିଗଲା । ମୁଖ୍ୟମନ୍ତ୍ରୀ ବଢ଼ିଆ ସ୍ୱେଚ୍ଛାସେବକଟିଏ ପାଇଛନ୍ତି ଭାବି ଖାଲି ଖୁସିହେଲେ । ସେ କାହିଁକି ଜାଣିବେ ଯେ ସାଧୁଆ ତା'ର ପରାକ୍ରମଟାକୁ ଗାଁ ଭିତରେ ପ୍ରଚାର କରୁଛି, ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱସ୍ତ, କୃପାଲାଭକାରୀ ବୋଲି ଜଣେଇ ଦେଉଛି ।

ଏତିକରେ ସାଧୁଆ ମନ ମାନିଲା ନାହିଁ । ସେ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ରହି ଲୋକଙ୍କ ମନରେ ବଡ଼ ଦାଗ ପକାଇ ପାରିବ । ତାଙ୍କ ମଟରଗାଡ଼ିକୁ ଏକୁଟିଆ ବ୍ୟବହାର କରିପାରିଲେ ଲୋକେ ଜାଣିପାରିବେ ଯେ ସେ ଆଉ ମୁଖ୍ୟମନ୍ତ୍ରୀଙ୍କ ଭିତରେ କେତେ ନିବିଡ଼ ସମ୍ବନ୍ଧ ଓ ତା ବିରୁଦ୍ଧରେ କିଛି କାମ କେହି ବି ପକ୍ଷେ ନାହିଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିଜ ମଟରଗାଡ଼ିରେ ଏକୁଟିଆ ବସି ଥରେ ଏଇ ଗାଁବାଲାଙ୍କ ଆଗରେ ଘୂରି ଯିବାକୁ ହେବ । ଯେଉଁ ଜଣାଶୁଣା ମଟରଗାଡ଼ିରେ କୁକୁରଟାଏ ବି ଗଲେ ମୁଖ୍ୟମନ୍ତ୍ରୀ ଯାଉଛନ୍ତି ଭାବି ବାଟୋଇଏ ଉତ୍କଣ୍ଠିତ ହୋଇ ରହିଯାନ୍ତି ଓ ପୁଲିସ ସଲାମ୍ ପକାନ୍ତି ସେହି ଗାଡ଼ିରେ ଏକୁଟିଆ ବସି ଏ ଗାଁକୁ ଆସିବାକୁ ହେବ । ଏକା ବାଡ଼ିକେ ପୁଲିସ, ପଞ୍ଚ, ଏମ ଏଲ ଏ ଆଉ ଦୁସମନିଆ ଲୋକେ ସମସ୍ତେ ସାବାଡ଼ ହୋଇଯିବେ । ମନରେ ଏମିତିଆ ବିଚାର କରି ସେ ଧାଇଁଲା ମୁଖ୍ୟମନ୍ତ୍ରୀଙ୍କ ପାଖକୁ ।

ମୁଖ୍ୟମନ୍ତ୍ରୀଙ୍କ ମନ୍ଦିରରେ ସାହାଣ ମେଳା ପଡ଼ିଛି । ଭକ୍ତମାନଙ୍କର ସୁଅ ଛୁଟିଛି । ଧଇଁସଇଁ ହୋଇ ସାଧୁଆ ସମସ୍ତଙ୍କୁ ପେଲିପାଲି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଗଲା ।

Digitized by srujanika@gmail.com

ମୁଣ୍ଡିଆଟାଏ ମାରିଦେଇ ଉଚ୍ଚ ସ୍ୱରରେ କହିଲା—"ଆଜ୍ଞା, କଥା ସରିଗଲା । ଯୋଗାଳିଷ୍ଟମାନଙ୍କର ବଡ଼ ବଡ଼ ଆମ କର୍ମୀ ୫ ଜଣଙ୍କୁ ହାତ କରିନେଲେଣି । ଆପଣ ମଟରଗାଡ଼ି ପଠାନ୍ତୁ, ମୁଁ ସେମାନଙ୍କୁ ଆପଣଙ୍କ ପାଖକୁ ଯୋଗାଡ଼ ଆଣିବି । ଯୋଗାଳିଷ୍ଟମାନ ଜଣଙ୍କୁ ୮୦ଟଙ୍କା ଲେଖାଏଁ ଦେବେ ବୋଲି କହିଛନ୍ତି । ଆପଣ ଚାରିଟଙ୍କା ବୋଲି କହିଦେବେ, ଆଉ ଟାଇଲ୍‌ଘର କରିଦେବେ ବୋଲି କହିଦେବେ । ବାସ ସେମାନେ ଯୋଗାଳିଷ୍ଟଙ୍କ ଆଡ଼କୁ ମୁହାଁଇବେ ନାହିଁ । ସେମାନେ ଯଦି ଆମ ହାତରୁ ଖସିଯାଆନ୍ତି, ତେବେ ଆମ ଗାଁର ବାରଣ୍ଡା ଭୋଟ ହାତରୁ ଖସିଗଲା ବୋଲି ଜାଣିବେ ।"

ଜିପ୍, ପେଟ୍ରୋଲ, ପଇସାରେ ତ ଅଭାବ ନଥାଏ । ମୁଁ ଆଜ୍ଞେ ଦେଖିବ ହଁରିଲୁଟ । ମୁଖ୍ୟମନ୍ତ୍ରୀଙ୍କ ଦଳ ବି ବେପରୁଆ ଓ ମିଛ୍ଠାପ ବାଦ୍‌ସାହ ହୋଇଯାଇଥାଏ । ଗୋଟାଏ ଡ୍ରାଇଭର୍‌କୁ ଡାକି ସଙ୍ଗେ ସଙ୍ଗେ ଗୋଟାଏ ଜିପ୍ ନେଇଯିବାକୁ କହିଲେ । ଜିପ୍ କଥା ଶୁଣି ସାଧୁଆ ହାତ ମଳି ମଳି କହିଲା—"ଆଜ୍ଞା, ଆପଣଙ୍କ ନିଜ ଗାଡ଼ି ଯେଉଁ କାମ କରିପାରିବ, ଜିପ୍ ସେ କାମ କରିପାରିବ ? ଖୋଦ୍ ଆପଣଙ୍କ ଗାଡ଼ି ଦେଖିଲେ ସେମାନେ ଗୁଣିଆ ହୋଇ ଧାଇଁଆସିବେ । ଆପଣ ଡକାଇଛନ୍ତି ବୋଲି ସେମାନଙ୍କର ବିଶ୍ୱାସ ହେବ । ଜିପ୍‌କୁ ସେମାନେ ଖାତିର କରିବେନା ? ମାତ୍ର ୪ ଘଣ୍ଟାର ମାମଲା । ନିଜ ଗାଡ଼ିଟା ଦେଲେ ଖୁବ ଭଲ ହୁଅନ୍ତା ।" ସେ ଯେଉଁ ସମସ୍ୟ, ସେଥିରେ ମୁଖ୍ୟମନ୍ତ୍ରୀଙ୍କୁ ମାଗିଲେ ନିଜ ଜ୍ରେକେଶ ଖୁବ ବଡ଼ାଇ ଦିଅନ୍ତେ, ମଟରଗାଡ଼ିଟା କଥା ଛାର ! ଡ୍ରାଇଭରକୁ ସାଧୁଆ ସହ ସେହି ଗାଡ଼ି ନେଇଯିବାକୁ ଆଦେଶ ଦେଲେ । ସାଧୁଆକୁ ବସେଇ ଡ୍ରାଇଭର ଗାଡ଼ି ଛୁଟେଇଲା । ବାଟରେ ଗଲାବେଳେ ସାଧୁଆ ଟିକିଏ ନରମ ଗଳାରେ ଆରମ୍ଭକଲା—"ଡ୍ରାଇଭରବାବୁ ! ଟିକିଏ ମାଲ୍‌ପାଣି ଚଳିବ ।" ଉତ୍ଫୁଲ୍ଲ ହୋଇ ଡ୍ରାଇଭର ସଙ୍ଗେ ସଙ୍ଗେ ଉତ୍ତର କଲା—"ଆରେ ପଚାରୁଛନା, କୋଉଠି ଅଛି ଶୀଘ୍ର ଆଣ ମ । ଦେହ ମଳଟା ଖୁଲିଯାଆନ୍ତା ।"

ଡ୍ରାଇଭରକୁ ଖୁସି କରାଇ ହାତରେ ରଖିବା ଉଦ୍ୟମ ସଫଳ ହୋଇଥିବାର ଦେଖି ସାଧୁଆ ଆନନ୍ଦରେ ଗୁଲୁରିଉଠିଲା ଓ କହିଲା—"ଆଗରେ ମଙ୍ଗଳବାଡ଼ି ଥାନା ପାଖକୁ ଲାଗି ଯେଉଁ ଘରଟି ଅଛି, ସେଇଠି ଗାଡ଼ି ଅଟକେଇବେ । ଅହଲ ନମ୍ବର ମାଲର ଗଦ୍ଦିଘର ସେଇଠି ।"

ଗାଡ଼ି ସେଇଠି ଅଟକିଲା । ଡ୍ରାଇଭର ଓ ସାଧୁଆ ସେ ଘର ଭିତରକୁ ପଶିଗଲେ ଓ ମନ୍ଦାରଫୁଲିଆ ଆଖି କରି ଫେରିଆସିଲେ । ଗାଡ଼ି ପୁଣି ଗାଁ ଆଡ଼େ ଛୁଟିଲା । ମନ୍ଦାରଫୁଲିଆ ଆଖି କରି ଡ୍ରାଇଭର ଗାଡ଼ି ଚଳେଇବାରୁ ତାହା ଅତି ଶୀଘ୍ର ଗାଁରେ ପହଞ୍ଚିଗଲା । ବାଟରେ ସୃଜା ଖିଅ ଖିଅକେ ଯେ ଦୁଇଟିଣାଗୁଡ଼ାକ ନଦଟି ବନ୍ଦ ଦବି ଯାଉଥାଏ, ତାହା ଡ୍ରାଇଭର ମୁଣ୍ଡରେ ପଶୁନଥାଏ । ସାଧୁଆର ବି ସେଆଡ଼କୁ ନଜର ଯିବ କିଆଁ ? ସେ ଭାବୁଥାଏ ମୋ ଅନୁସରଣିଆଙ୍କୁ ବଡ଼ ବଡ଼ ୪ ଜଣ ନେଇଯିବ । ସେମାନଙ୍କୁ ଶିଖେଇଦେବ, ସେମାନେ ମାନିଯିବେ ଓ ମୁଖ୍ୟମନ୍ତ୍ରୀଙ୍କ

Digitized by srujanika@gmail.com

କଥାରେ ଲେଉଟିପଡ଼ିବେ । ଯେଉଁ ୪ ଟଙ୍କା ଲେଖାଏଁ ୮ଟଙ୍କା ମୋର ହାତପେଠ ହୋଇଯିବ ସେଥିରେ ଏକା ବାଟୁଳିକେ ଦୁଇ ଚଢ଼ିଆ ଶିକାର ହେବ ।

ଆଉ କଅଣ ଭାବ ଲଗିଥାଆନ୍ତା; କିନ୍ତୁ ହଠାତ୍ ସେ ଗାଡ଼ିରେ ଦୋହଲିଯାଇ ବାଡ଼େଇ ହୋଇଗଲା । ବ୍ରେକ୍‌ର ଓ 'ମାରିଦେଲାରେ, ମାରିଦେଲାରେ' ଶବ୍ଦ ତା କାନ ଅତଡ଼ା ପକାଇଦେଲା । ଆଖି ଟେକି ସେ ଚାହିଁଲା । ଦେଖିଲା ଗାଡ଼ିଟା ମେଣ୍ଢା ଚାଲି ପକେଇଲା ପରି ଗୋଟାଏ ଗଛକୁ ମୁଣ୍ଡିଆଟାଏ ମାରି ଅଟକିଯାଇଛି । ଆଖପାଖରୁ ଲୋକେ ଠେଙ୍ଗା ବାଡ଼ି ଧରି ଗାଡ଼ି ଆଡ଼କୁ ଧାଇଁଆସୁଛନ୍ତି । ବହୁ କଷ୍ଟରେ ପଦାକୁ ବାହାରି ଦେଖିଲା ଗୋଟାଏ ଲହୁଲୁହାଣ ଛୁଆକୁ ଧରି କେତେଜଣ ସାଷ୍ଟମ କରୁଛନ୍ତି । ଡ୍ରାଇଭର ବି ପଦାକୁ ବାହାରିଲା । ଉଭୟଙ୍କର ନିଶା ବାରପଣ କମିଗଲା । ଡ୍ରାଇଭରକୁ ଲୋକେ ବେଢ଼ିଗଲେ । ମାର ଶଳାକୁ, ଧର ଶଳାକୁ ଶବ୍ଦରେ ଥାନଟା କମ୍ପିଗଲା । ଡ୍ରାଇଭରକୁ ରକ୍ଷା କରିବାଲାଗି ସାଧୁଆ ମାମଲତକାରୀ ଦେଖାଇବାକୁ ଆରମ୍ଭକଲା । ଲୋକେ କିନ୍ତୁ ସେତେବେଳକୁ ତାଳୁରୁ ତଳିପାଯାଏ ରାଗରେ ପାଚି ଯାଇଥାଆନ୍ତି । ଯୋଗକୁ ମଧୁଆ ବି ସେଇଠି ଥାଏ । ବେଳ ବୁଝି ସେ ପଦେ ଯୋଖିଦେଲା—"ଆରେ ସେ ଡ୍ରାଇଭରକୁ ମାରି ଲାଭ ନାହିଁ, ସେ ତ ଜାଣିକରି ପିଲଟା ଉପରେ ମଡ଼େଇ ଦେଇନି । ସେ ଯେଉଁ କଳାପାଗୁଆ ଭଲଲୋକଟି ମାମଲତକାରୀ ଦେଖାଉଛି, ତାକୁଇ ଦେଖିନିଅ । ଏଇ କଥା କେଇପଦର କି ଯାଦୁକରୀ ପ୍ରଭାବ ! ଡ୍ରାଇଭରକୁ ଛାଡ଼ିଦେଇ ସମସ୍ତେ ସାଧୁଆକୁ ଘେରିଗଲେ । ମାଡ଼ ଭରଣକ ଏକ ନୂଆ ପଇସା ହୋଇଗଲା । ନାକ କାନ ପାଟିରୁ ଲହୁ ବାହାରି ବେହୋସ ହୋଇସିବା ଯାଏ ମାଡ଼ ଚାଲିଥାଏ । ଡ୍ରାଇଭର ବଟସ୍ ମାଡ଼ ଦେଖି ସେଠାରୁ ଖସି ପଳେଇଲା । ମଧୁଆ ନ ଅଟକାଇଥିଲେ ସାଧୁଆ ସେଇଠି ଖତମ ହୋଇଯାଇଥାଆନ୍ତା । ଶତ୍ରୁକୁ ବଞ୍ଚେଇ ରଖି ଶତ୍ରୁତା ସାଧିବାକୁ ହୁଏ । ସାଧୁଆ ଯେମିତି ବଞ୍ଚିରହେ, ମଧୁଆ ତା'ର ଉପାୟରେ ଲାଗିପଡ଼ିଲା ।

ଡାକ୍ତରଖାନାରୁ ସୁସ୍ଥ ହୋଇ ଫେରିବାକୁ ତାକୁ ଦୁଇମାସ ଲାଗିଲା । ମନଟା ତା'ର ଜଳି ପୋଡ଼ି ଯାଉଥାଏ । ଏତିକିବେଳେ ଅବକାରୀ କେସରୁ ମଧୁଆର ବେକସୁର ଖଲାସର ଖବର ତା' ଜଳନ୍ତା ନିଆଁରେ କୁଟା ପକାଇଲା । ସାକ୍ଷ୍ୟ ଦେଲାବେଳେ ସାଧୁଆ ଉବା ଥୋଇବାର ଯେଉଁ ନିର୍ଦ୍ଦିଷ୍ଟ ଦିନ ସେ କୋର୍ଟରେ କହିଥିଲା, ଠିକ୍ ସେହିଦିନ ଆଉ ଗୋଟିଏ କୋର୍ଟରେ ଗୋଟିଏ ମକଦ୍ଦମାରେ ମଧୁଆ ସାକ୍ଷ୍ୟ ଦେଇଥିବାର ଅକାଟ୍ୟ ପ୍ରମାଣ ମିଳିବାରୁ ସେ ଖଲାସ ହୋଇଗଲା । ସାଧୁଆ ଦୁଃଖ ଓ ଲଜ୍ଜାରେ ଆଉଟୁପାଉଟୁ ହୋଇଗଲା । ଏତିକିରେ ତା ଦୁଃଖ ସରିଲାନି, ମିଛ ସାକ୍ଷ୍ୟ ଦେଇ ତାକୁ ହଇରାଣ କରିଥିବାରୁ ମଧୁଆ ତା ନାଁରେ ମକଦ୍ଦମା କରିବ ବୋଲି ଘଣ୍ଟାକୁ ଘଣ୍ଟା ଧମକ ଦେଲା । ସାଧୁଆ ଆଉ ପାରିଲାନାହିଁ । ନୂଆ ଖଣ୍ଡ ପାଖରୁ ପଚିଘୁଞ୍ଚା ଦେଇ ସେ ଗାଁ ଛାଡ଼ି ପଳେଇଲା ।

Digitized by srujanika@gmail.com

# ସୁଟ୍‌କେଶ୍ ଟେଲିଫୋନ

( ଟେଲିଫୋନ୍ ବିଭାଗଙ୍କୁ କ୍ଷମାପ୍ରାର୍ଥନା ସହ )

କଲେଜ ୟୁନିଅନର କର୍ମକର୍ତ୍ତା ନିର୍ବାଚନ ପ୍ରାୟ ପନ୍ଦର ଦିନ ବାକି । ୟୁନିଅନ୍ ପ୍ରେସିଡେଣ୍ଟ ପଦ ପାଇଁ ଲଢ଼ିବା ଲାଗି ଇଚ୍ଛୁକ ଥିବା ଟଙ୍କପ୍ରସାଦ ତା'ର ନିର୍ବାଚନ କ୍ଷୁରରେ ଶାଣ ଦେବାକୁ ଲାଗିଲା । ଏହି କ୍ଷୁରରେ ସେ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ କଟ୍‌କଟ୍ ଫଟ୍‌ଫଟ୍ କାଟି ସାଫ୍ କରିଦେବ ଓ ବିଜୟଶ୍ରୀ ମଣ୍ଡିତ ହୋଇ ସଦର୍ପରେ ପ୍ରେସିଡେଣ୍ଟ ଆସନରେ ବସି ହୁକୁମ ଜାରି କରିବ । କେମିତି କ୍ଷୁର ବୁଲେଇବ, କେମିତି କଟ୍‌କଟ୍ କାଟିବ, ପ୍ରେସିଡେଣ୍ଟ ଆସନ ଯାଏ କେମିତି ଛାତି ଫୁଲେଇ ଚାଲିବ, ଆସନରେ କେମିତିଆ ଠାଟ୍‌ରେ ବସିବ ଓ ଅଧସ୍ତନ କର୍ମକର୍ତ୍ତାଙ୍କ ଉପରେ କେମିତି ହୁକୁମ ଜାରି କରିବ, ତା'ର ରିହର୍ସାଲ ସେ ବହୁବାର କରିନେଲା । ମାଙ୍କଡ଼ଟିଏ ମାରିଲେ ମୁହଁକୁ ଅଁମ୍ବିଲା କରି କେମିତି ଘରଟି ଭିତରେ କିଛିଦିନ ଲୁଚି ରହିବାକୁ ହେବ ସେଇଟା ତା ମୁଣ୍ଡରେ ପଶିବା ଦୂରେ ଥାଉ, ମୁଣ୍ଡ ପାଖ ବି ମାଡ଼ି ନଥିଲା ।

ଆଜିକାଲିକା ଲଢ଼େଇରେ ଜଣେ ଖାଲି କ୍ଷୁର ବା ଫରି ବୁଲେଇଲେ ତ ଚଳିବ ନାହିଁ, ଦଳେ ସାଥୀ ଦରକାର । ତା'ର ସାଥୀ ବି ଊଣା ନଥିଲେ । ସେ ବି ବହୁ ଆଗରୁ ଏକ ଭେଟେରାନ୍ ଗ୍ରୁପ ମଜଲିସ୍‌ର ମୂଳଦୁଆ ପକାଇ ଦେଇଥିଲା । କଲେଜର ଯେତେ ଭେଟେରାନ୍ ଗ୍ରୁପ ଥିଲେ ଅର୍ଥାତ୍ କାହାର ପାଞ୍ଚବର୍ଷ, କାହାର ଦଶବର୍ଷ, କାହାର ବାରବର୍ଷ କଲେଜ ସହିତ ଅଚ୍ଛେଦ୍ୟ ବନ୍ଧନ ଥିଲା, ସେମାନେ ସମସ୍ତେ ଅତି ଆଗ୍ରହର ସହିତ ଏହାର ସଭ୍ୟଶ୍ରେଣୀଭୁକ୍ତ ହୋଇଥିଲେ । ଟଙ୍କାପ୍ରସାଦ ଏହି ମଜଲିସର ଏକ ବିଶେଷ ଅଧିବେଶନର ଯୋଗାଡ଼ କଲା । ଅଧିବେଶନ ବି ସରଗରମ ହୋଇଉଠିଲା । ନିର୍ବାଚନ ଲଢ଼େଇରେ ଟଙ୍କପ୍ରସାଦଙ୍କ ଭାଗ ନେବା କଥାକୁ ସମସ୍ତେ ସ୍ୱାଗତ କଲେ । କାରଣ ସେ ସବୁଠାରୁ ବଡ଼ ଭେଟେରାନ୍ ଗ୍ରୁପ । କଲେଜ ସହିତ ତା'ର ଘନିଷ୍ଠ ସମ୍ପର୍କ ମାତ୍ର ବାରବର୍ଷ, ଯେତିକି ସମୟ କି ପାଣ୍ଡବମାନେ ବନବାସରେ ରହିଥିଲେ ।

ଜଣେ ସଭ୍ୟ ଉତ୍ତେଜିତ ହୋଇପଡ଼ି ବକ୍ତୃତା ଆରମ୍ଭ କରିଦେଲେ—"ଆରେ ଆମ ମଜଲିସ୍‌ର ପ୍ରାର୍ଥୀ ଚିଫ୍ ଭେଟେରାନ୍ ଟଙ୍କପ୍ରସାଦ ପ୍ରେସିଡେଣ୍ଟ ହେବନାହିଁ ତ ଆଉ

Digitized by srujanika@gmail.com

ହବ କିଏ ? କୋଉ ଇଡ଼ିଅଟ୍, ବୋକଡ଼୍‌ଟା ଆମ ଅପେକ୍ଷା ବେଶି ଚହ୍ନିଛି ଏ କଲେଜକୁ ? କଲେଜର ପ୍ରତି କୋଠରି, ପ୍ରତି ବେଞ୍ଚ୍, ପ୍ରତି ଚଉକିକୁ ଆମେ ଯେମିତି ଚହ୍ନିଛୁ, ଆଉ କିଏ ସେମିତି ଚହ୍ନିଛି ? ଆମ ଆଗରେ ଓ ପଛରେ ଯେତେ ଛାତ୍ରଙ୍କ ସହ ଆମେ ସମ୍ପର୍କ ସ୍ଥାପନ କରିପାରିଥିଲୁ, କୋଉ ଡେଞ୍ଜିଲ୍‌ଟା ସେତେ ସମ୍ପର୍କ ରଖିପାରିଛି ? ଆମେ ଯେତେ ଟଙ୍କା ଟିଉସନ୍, ପରୀକ୍ଷା ଆଦି ଫିଜ୍ ରୂପେ କଲେଜର ଶ୍ରୀବୃଦ୍ଧି ପାଇଁ ଦେଇଛୁ, କେଉଁ ସ୍କାଉଣ୍ଡ୍ରେଲ୍‌ଟା ସେତେ ଟଙ୍କା କଲେଜକୁ ଦେଇଛି ? କଲେଜ କର୍ତ୍ତୃପକ୍ଷଙ୍କ ସହ ଆମେ ଯେତେ ହନ୍ତସନ୍ତ ହୋଇଛୁ, କୋଉ ନାଲାଏକ୍‌ଟା ଏତେ ହନ୍ତସନ୍ତ ହୋଇପାରିଛି ? ଆମର ଏତେଗୁଡ଼ାଏ ପ୍ରାଧାନ୍ୟ ! ଆମ ପ୍ରାର୍ଥୀ ଥାଉ ଥାଉ କାଲ୍‌କା ଲେଣ୍ଡି ଛୁଆସଫର ପ୍ରାର୍ଥୀ ଗୋବିନ୍ଦ ଭୋଳଟା ପ୍ରେସିଡେଣ୍ଟ ହେବ, ଫୁଃ !”

ଆଉ ଜଣେ ତାକୁ ସମର୍ଥନ କରି କହିଲା—“ସମ୍ ସମ୍, ସେ ଆମ ପ୍ରାର୍ଥୀ ସହ ତାଳ ଦେବ କୁଆଡ଼ୁ ? ହେଲେ ତାଙ୍କ ବାହାପିଆ ପ୍ରଶ୍ନର ଯେମିତି ଆରମ୍ଭ ହୋଇଗଲାଣି ସେଥିରେ ନିଶ୍ଚିନ୍ତ ହୋଇ ବସିଗଲେ ଚଳିବ ନାହିଁ । ଛତରଗୁଡ଼ାକ ଗୋଟାଏ ସ୍ଲୋଗାନ ଆରମ୍ଭ କରିଦେଲେଣି—ଟଙ୍କର ଟାଙ୍କ ନେତେଦଅ ।”

ପୂର୍ବବକ୍ତା ସମ୍ଭାଳି ନପାରି ଗର୍ଜିଉଠିଲେ—“କେମନ୍ତ ! ଟଙ୍କର ଟାଙ୍କ ନେତ ଦେବେ ! ଆମେ ଖୋଲର ସେଇଟାକୁ ଛଡ଼େଇ ଦେବୁନି । ତାଙ୍କ ସ୍ଲୋଗାନ ଦେଇ ଆସେ, ଆମକୁ ଦେଇ ଆସିବନି ! ନାଃ, ଆମକୁ ବି ଜୋର୍‌ସୋର୍‌ରେ କାମ ଚଳାଇବାକୁ ହେବ ।”

କାର୍ଯ୍ୟାନୁଷ୍ଠାନ ଯେ ତୁରନ୍ତ ହେବା ଉଚିତ୍ ସେ ବିଷୟରେ ସମସ୍ତେ ଏକମତ ହୋଇ ପନ୍ଥା ସ୍ଥିର କରିବାକୁ ଲାଗିଗଲେ ।

ପନ୍ଥା ନିର୍ଦ୍ଧାରଣ ଆରମ୍ଭ ହୋଇଛି କି ନାହିଁ ହଠାତ୍ ଟଙ୍କପ୍ରସାଦ ପକେଟରୁ ଦଶଟଙ୍କିଆ ନୋଟ୍‌ଟିଏ କାଢ଼ି ଗଣି ହାତରେ ଦେଲେ ଓ ନେହୁରା ହୋଇ କହିଲେ—“ଗଣି ଭାଇ, କିଛି ମନେକରିବୁନି, ଯା ଯାଉଁଳିଆପଟି ରାମ ମହାନ୍ତିଙ୍କ ଦୋକାନରୁ ପୁରି, ତରକାରି ଓ ବୃନ୍ଦାବନଚୌକ କାମିନୀନନ୍ଦ ଦୋକାନରୁ ରସଗୋଲା ଶୀଘ୍ର ନେଇ ଆସିବୁ । ପେଟଟା ଥଣ୍ଡା ହେଲେ ବନ୍ଧୁର ବୁଦ୍ଧି ତୀକ୍ଷ୍ଣ ହୋଇଉଠିବ ।”

ଗଣି ଏସବୁ କାମକୁ ଆଗୁଆ । ସେ ଟଙ୍କା ଧରି ସଙ୍ଗେ ସଙ୍ଗେ ପଳାଇଲା । ତା’ର ଯିବା ବାଦ ଟଙ୍କ କହିଲେ—“ଦେଖ, ଯାହା କିଛି ଗୁପ୍‌ତୁପିଆ କଥା ଆମେ କରିବା ତାହା ଯେମିତି ଗଣି ନଜାଣେ । ତା’ ପେଟରେ ଟିକିଏ କିଛି କଥା ରହିବ ନାହିଁ । ଟିକିଏ ଗୁଡ଼େଇ ଗୁଡ଼େଇ ପଚାରିବା ମାତ୍ରେ ସବୁ ଓଗାଳି ପକେଇବ ! କହାଠ

Digitized by srujanika@gmail.com

ସାଦାସିଧା ଲୋକଟା, ସେଇଥିପାଇଁ ତାକୁ ଏକାବେଳକେ ସହର ସେ ପାଖକୁ ପଠେଇଦେଲ । ତା ଅନୁପସ୍ଥିତିରେ ଆମେ ସବୁ ଗୁପ୍‌ଚୁପ୍ ପନ୍ଥା ସ୍ଥିର କରିନେବା ।"

ଜଣେ ଏହାକୁ ନାପସନ୍ଦ କରି କହିଲା—"ଆମ କାମ କଅଣ ଅଧଘଣ୍ଟା ଭିତରେ ସରିବ ? ଗଣିକୁ ଫେରି ଆସିବାକୁ ଅଧଘଣ୍ଟାଏ ଲାଗିବ କି ନାହିଁ, ସେ ଆସିଗଲେ କରିବ କଅଣ । ତାକୁ କଅଣ କହିବ ତୁ ବୁଝିଲୁଯା, ଆମେ କେତେକ ଗୁପ୍‌ଚୁପ୍ କଥା ସ୍ଥିର କରିବୁ ?"

ଏକାବେଳକେ କେତେଜଣ କହିଉଠିଲେ—ହେଃ, ନା, ନା, ଏ ଗୋଟାଏ କଥା ନା । ସେ ମନରେ ଭାବିବ ଯେ ତା ପ୍ରତି ସମସ୍ତଙ୍କର ଅବିଶ୍ୱାସ । ଫଳରେ ସେ ଚୋର ସଙ୍ଗେ ଯୋଗ ଦେବ । ଏଇଟା ମିତ୍ରକୁ ଶତ୍ରୁ ପାଲଟେଇବା କଥା ।

ପୂର୍ବବକ୍ତା କହିଲେ—ମୁଁ ତ ସେଇଆ କହୁଥିଲି । ଲୋକଟା ଖରାପ ନୁହେଁ କି ବେଇମାନ ନୁହେଁ । ବରଂ ସାଦାସିଧା ବୋଲି ଅନ୍ୟମାନେ ସହଜରେ ତା ପେଟରୁ ଗୁପ୍ତ କଥାତକ ନେଇଯାଆନ୍ତି । ତେବେ ଏମିତି ଗୋଟାଏ କିଛି ଉପାୟ କରିବାକୁ ହେବ ଯେମିତି କି ସେ ଜାଣିବନି ତାକୁ ଆମ ମେଣ୍ଟ ଭିତରୁ କାଢ଼ି ଦିଆଯାଉଛି ଅଥଚ ସେ ବୁଝାବୁଝାରେ ମେଣ୍ଟରୁ ବାହାରି ଆମ କାମ ସରିବାଯାଏ ବାହାରେ କେଉଁଠି ରହିଯିବ; ବରଂ ଚୁପ୍ ଚୁପ୍ କାମ ନକରିବା, କିନ୍ତୁ ଜଣେ ମିତ୍ରକୁ ଶତ୍ରୁ କରିବା ନାହିଁ ।

ଏତକ କଥା ତା ତୁଣ୍ଡରୁ ସରିଛି କି ନାହିଁ ଗଣି ପୁରି, ତରକାରି ଓ ରସଗୋଲା ସହ ଆସି ପହଞ୍ଚିଗଲା । କଥାର ବି ଗତି ଓଲଟିଗଲା ! ଖାଇ ସାରି ସମସ୍ତେ ମୁହଁ ଚୁହାଁଚୁହିଁ ଦେଲେ । ପୁଣି ଗଣିକୁ କେମିତି ହଟେଇବେ ତା'ର ଉପାୟ ହଠାତ୍ କାହା ମୁଣ୍ଡକୁ ପଶିଥିଲା ନାହିଁ ।

କିଛିକ୍ଷଣ ପରେ ଜଣେ ଗଣିର ଖୁବ୍ ତାରିଫ୍ କରି କହିଲେ—"ଆଃ, ଗଣି ବଢ଼ିଆ ବଢ଼ିଆ ଚିଜ ଖିଲେଇଲା । ଲେକିନ୍ ସ୍ୱା ସାଙ୍ଗକୁ ଅସ୍ପୋଡ଼ଗାମା ସିଗାରେଟ୍ ଟିଣଟାଏ ନହେଲେ ସବୁ ପଣ୍ଡ ହୋଇଯିବ । ଗଣି ଭାଇ, ତୁ ନଗଲେ ସ୍ୱାଙ୍କୁ ଆଉ କେହି ଆଣି ପାରିବେ ନାହିଁ । ମୋଟ ଉପରେ ପାଇବେ ତ ନାହିଁ । ଭାଇ, ଦେ ଏତିକି ଟିକିଏ ଦୟାକର । ନ ହେଲେ ସବୁ ମାଟି ହୋଇଯିବ । ଗଣି ପହିଲେ ଟିକିଏ ଚଡ଼ବଡ଼ ହେଲା ସତ, କିନ୍ତୁ ଅନୁରୋଧ ଏଡ଼ି ନ ପାରି ଗୋଟିଏ ପାଞ୍ଚଟଙ୍କିଆ ନୋଟ୍ ଧରି ସାଇକେଲ୍‌ରେ ବାହାରି ପଡ଼ିଲା । ଗଲାବେଳେ ସେ ବରାବରି ଶୁଣିଲା ଯେ ତାହା କେବଳ ବଡ ବଡ଼ ଦୋକାନରେ ମିଳେ । ତା'ର ଯିବା ପରେ ଜଣେ

Digitized by srujanika@gmail.com

କହିଲା—"ହୁଁ, ସେ ଗଣି ବୋଲି ସିନା ଯାଉଛୁ, ଆଉ କିଏ ହେଲେ ଶୁଣି ଯାଆନ୍ତା ନାହିଁ । ସେ ତ ସଙ୍ଗେ ସଙ୍ଗେ ଚାଲିଆସିବ ସେଇଠୁ ।"

ବଗଦଆ କହିଲା—"ଆରେ ରହିମ ସେ କ'ଣ ଏତେ ଚଞ୍ଚଳ ଆସିବ ? ଷ୍ଟ୍ରୋଙ୍ଗାମା ସିଗାରେଟ୍ ପାଇଁ ସାରା ସହର ବୁଲିବାକୁ ପଡ଼ିବ, ତଥାପି ମିଳିବ ନାହିଁ । ଷ୍ଟ୍ରୋଙ୍ଗାମା ସିଗାରେଟ୍ ଅଛି ଯେ ପାଇବ । ତା'ର ଖୋଜିବା ଭିତରେ ଆମ କାମ ଖତମ ହୋଇଯିବ ।"

ପ୍ରଶ୍ନ ହେଲା କାମ ଯଦି ଖତମ ନହୋଇଥାଏ ଆଉ ସେ ଆସିଯାଏ । ତେବେ—

ପାଞ୍ଚ ଛଅ ମିନିଟ୍ ବାଦ୍ ଜଣେ ଫୁଟ୍‌କିଟାଏ ମାରିଦେଇ କହିଲା—"ତେବେ ତା ଭାର ମୋ ଉପରେ ଛାଡ଼ିଦେବେ । ଏମିତିଆ କାମରେ ମୁଁ ତାକୁ ଲଗାଇଦେବି ଯେ ସେ ଓଲଟାଯାକ ବାହାରେ ଗୋଟାଏ ଜାଗାରେ ରହିଯିବ । ତା'ର ବିଲ୍‌କୁଲ୍ କିଛି ପରିଶ୍ରମ ହେବ ନାହିଁ । ସେ ବି କିଛି ସନ୍ଦେହ କରିବ ନାହିଁ । ସମସ୍ତଙ୍କ ମୁହଁରେ ପ୍ରଶ୍ନବାଚକ ଚିହ୍ନ ଦେଖି ସେ ପୁଣି କହିଲା—ତାକୁ ଏକ ସୁଟ୍‌କେଶ୍ ଟେଲିଫୋନ୍ କରିବାକୁ ପଠେଇଦେବି । ବାସ୍ ଆମ ବାଟ ସଫା ହୋଇଯିବ ।"

ସମସ୍ତଙ୍କ ମୁହଁରୁ ଶୁଣାଗଲା—"ଏଁ, ସୁଟକେଶ୍ ଟେଲିଫୋନ୍ ! ସେ କେମିତିଆ ଚିଜ ?"

"ଆରେ ତୁମେ ଯାହାକୁ ଟ୍ରଙ୍କ ଟେଲିଫୋନ୍ କୁହ ମୁଁ ତାକୁ ସୁଟକେଶ୍ ଟେଲିଫୋନ କହେ । ତା ନାଁ ସିନା ଟ୍ରଙ୍କ୍ ଟେଲିଫୋନ୍, ସେ ଟ୍ରଙ୍କ୍ କାମ କରିପାରେନା ବୋଲି ମୁଁ ତାକୁ ସୁଟ୍‌କେଶ୍ ଟେଲିଫୋନ ବୋଲି ଡାକେ । ଛାଡ଼, ଏଥରକ ଆମ କାମ ଚାଲୁ ।"

× × × ×

ପ୍ରାୟ ଘଣ୍ଟାଏ ବିତିଗଲା । ଗୁପଚୁପ୍ କର୍ମପନ୍ଥା ଆରମ୍ଭ ହୋଇଛି କି ନା ଗଣି ଝଡ଼ପରି ଆସି ପହଞ୍ଚିଗଲା ଓ ପାଞ୍ଚଟଙ୍କିଆ ନୋଟ୍‌ଟା ବଗଦଆ ଉପରକୁ ଫୋପାଡ଼ି ଦେଇ କହିଲା—"ହେଃ, ମତେ ଖାଲି ଚକ୍ଷୁ କୁଟେଇଲୁ । ଯିଏ ଶୁଣୁଛି ସେ ହସୁଛି । କହୁଛି ଷ୍ଟ୍ରୋଙ୍ଗାମା ସିଗାରେଟ୍‌ର ନାଁ ଆମେ ହେତୁ ପାଇଲାଦିନରୁ ଶୁଣିନୁ ।"

ପ୍ରବଳ ହସ ପେଟରେ ଚାପିଧରି ବଗଦଆ କହିଲା—"ମୁଁ ଜାଣେ ପରା, ଏ ଲେଣ୍ଡି ଦୋକାନଗୁଡ଼ିକ ତା ସନ୍ଧାନ ପାଇବେ ଭୁଆଡ ? ଯୋଉ କମ୍ପାନୀ

Digitized by srujanika@gmail.com

ମାର୍କୋପୋଲେ ସିଗାରେଟ ଟାଣି କରୁଛୁ, ଭାସ୍କୋଡ଼ାଗାମା ସେହି କମ୍ପାନୀର ମାଲ । କଲମ୍ବସ ତା କମଳାଲେମ୍ବୁ ହୋଇଥାଆନ୍ତା । ଦେଖିଥାଆନ୍ତ—କେଉଁଠି ଟିଣ ଦରକାର ପଡ଼ିଥାନ୍ତା ଅଣିଦେଇ ଥାଆନ୍ତ । ଛାଡ଼ ସେ କଥା, ଏବେ ଆମ କଥା ପଡ଼ୁ ।”

ଯୋଜନା ଅନୁଯାୟୀ ଷ୍ଟେକେଣ୍ ଟେଲିଫୋନର ପ୍ରସ୍ତାବ ଜଣେ ଆଗନ୍ତୁ କଲା —“ଗୋବିନ୍ଦ ଖେଳର ବଡ଼ କାରପଟଦାର ବସ୍ତିଆଙ୍କୁ ଜବତ କରନେଲେ ଆମ କାମ ଜାଣ ବାରପଣ ହାସଲ ହୋଇଗଲା । ଯାହାକୁ ହାତ କଲେ ବସ୍ତିଆ ଜବତ ହେବ ସେ ମୋର ଅତି ଆପଣାର । ସେ ଅଛି ନୂଆ ରାଜଧାନୀରେ । ଶୁଣୁଛୁ ସେ ଦିନେ ଦୁଇଦିନ ଭିତରେ ମାସକ ପାଇଁ ବମ୍ବେ ଯିବ । ଯିବା ଆଗରୁ ତା’ର ମୋର ଦେଖା ହୋଇଗଲେ କାମ ଫତେ । ଆଜ ଟିକିଏ ଟ୍ରଙ୍କକଲ କରି ବୁଝିବାକୁ ହେବ ସେ ନୂଆ ରାଜଧାନୀରେ ଅଛି କି ନା ! ଯଦି ଥିବ, ତେବେ ମୁଁ ସଙ୍ଗେ ସଙ୍ଗେ ନ ବୁଝିଲେ କାମ ଭଣ୍ଡୁର ହୋଇଯିବ ।”

ସମସ୍ତେ ଗଣି ଆଡ଼କୁ ଚାହିଁଲେ । ମଜଲିସ୍ ପ୍ରତି ଗଣିର ଶ୍ରଦ୍ଧା ଥିବାରୁ ସେ ଚଟାପଟ ଉଠିପଡ଼ି ପଚାରିଲା—“କେଉଁଠୁ କରିବ, ନମ୍ବର କେତେ, ନାଁ କଅଣ ?”

“ରଗଡ଼ ଅଫିସ୍ ଟେଲିଫୋନ୍‌ଟା ଆମ ନିଜ ଟେଲିଫୋନ୍ ପରି । ସେଠି ଟେଲିଫୋନ୍ ପାଖରେ ଖଟ ପଡ଼ିଛି । ବେଶ୍ ଆରାମରେ ଟ୍ରଙ୍କକଲ୍ କରିହେବ । ସେଇଠାକୁ ସିଧା ଚାଲିଯା । ନୂଆରାଜଧାନୀର ନମ୍ବର ହେଉଛି ୪୫୬ । ତାଙ୍କୁ ଡାକି କହିବୁ, ନାଲୁବାବୁଙ୍କୁ ଟିକିଏ ଡାକିଦେବେ । ସେ ଆସିଲେ ତାଙ୍କୁ କହିବୁ ଯେ ମୁଁ ତାଙ୍କ ପାଖକୁ ଆଜ ଯିବି । ସେ କୁଆଡ଼େ ନ ଯାଇ ବସାରେ ଥିବେ । ଏତିକିଟି କାମ ଯଦି କରିଦେବୁ ତେବେ ମୁଁ ବାଜି ମାରି କହୁଛି, ଟଙ୍କ ନିଶ୍ଚୟ ପ୍ରେସିଡେଣ୍ଟ ହୋଇଯିବ ।” ଆଜ୍ଞାଧୀନ ଭୃତ୍ୟଟି ପରି ଗଣି ସଙ୍ଗେ ସଙ୍ଗେ ରଗଡ଼ ଅଫିସକୁ ବାହାରିଗଲା ।

× × ×

କାନରେ ରିସିଭରଟା ଲଗାଇ ଗଣି ଦଶମିନିଟ୍ ଯାଏ ଅପେକ୍ଷା କଲା । କାହାରି ସୁର ଶବଦ ନାହିଁ । ଭାବିଲା ଟେଲିଫୋନ୍‌ଟା ବିଗିଡ଼ି ଯାଇଛି କି ? ଟେଲିଫୋନ୍‌କୁ ଠକ୍ ଠକ୍ କରି ଟ୍ୟାପ୍ କଲା । ରିସିଭର୍‌ରେ ଟକ୍ ଟକ୍ ଆବାଜ ହେଲା । ଷେଁ ଷେଁ ଆବାଜ ବି ହେଉଛି । ତେଣୁ ଟେଲିଫୋନଟା ଠିକ୍ ଅଛି । ତେବେ କର୍ମୀମାନେ କଅଣ ଶୋଇପଡ଼ିଛନ୍ତି । ନାଃ ଦିନବେଳେ ଶୋଇବା ଅସମ୍ଭବ । ବୋଧହୁଏ ଏକାବେଳକେ ସମସ୍ତେ ବାହାରକୁ ଯାଇଛନ୍ତି । ବିରକ୍ତ ହୋଇ ସେ ଟେଲିଫୋନ ଠକ୍

Digitized by srujanika@gmail.com

ଠକ୍ କରିବାକୁ ଲାଗିଲା । ପ୍ରାୟ ପନ୍ଦର ମିନିଟ୍ ବାଦ୍ ରିସିଭର ଭିତରେ ଆବାଜ ହେଲା —ଏନ୍‌ଗେଜ୍‌ଡ୍ ।

"ହେଲୋ, ଏନ୍‌ଗେଜ୍‌ଡ କଅଣ, ମୁଁ ତ ନମ୍ବର କହିନି ।"

ସେତକ ଶୁଣିବାକୁ କିନ୍ତୁ ସେଠାରେ କେହି ନ ଥିଲେ । ପୁଣି ପାଞ୍ଚ ମିନିଟ୍ ଟ୍ୟାପ କରିବା ପରେ ରିସିଭର୍‌ରେ ଶୁଭିଲା—"ନମ୍ବର ପ୍ଲିଜ୍ ।

ରଣି ଖିଙ୍କାରି ହୋଇ କହିଲା—"ଟ୍ରଙ୍କ୍‌ସ ପ୍ଲିଜ୍ ।" "ଏନ୍‌ଗେଜଡ୍" କହି ରିସିଭର ପୁଣି ଚୁପ୍ ହୋଇଗଲା । ରଣି ଗର୍ ଗର୍ ହୋଇ କହିଲା—ତୁମେ ନିଜେ ଏନ୍‌ଗେଜ୍‌ଡ୍ ନା ଟେଲିଫୋନ । ସେତକ କିନ୍ତୁ କିଏ ଶୁଣିଲା କି ନାହିଁ ତାହା ଜାଣିବାର ଉପାୟ ରଣିର ନ ଥିଲା । ରାଗରେ ରିସିଭରଟାକୁ କଚ ଦେବାକୁ ତା ହାତ ଉଠିଗଲା । 'ପର ଟେଲିଫୋନ' ସଙ୍ଗେ ସଙ୍ଗେ ତା ହାତକୁ ସଂଯତ କରିଦେଲା । ପ୍ରାୟ ୪୫ ମିନିଟ୍ ବାଦ୍ ଟ୍ରଙ୍କ ମିଳିଲା । ଟ୍ରଙ୍କକଲ୍‌ଟା ବୁକିଂ କରିଦେଇ ରଣି ଖଟ ଉପରେ ଗୋଡ଼ହାତ ମେଲାଇ ଗଡ଼ିଗଲା । ଖାଲିଟା ବସିବ କାହିଁକି, ପାଖରେ ଥିବା ଗୋଟିଏ ପତ୍ରିକା ମେଲାଇ ଆଖି ବୁଲେଇଲା । ଆରାମର ପ୍ରିୟ ବାନ୍ଧବୀ ନିଦ କୋଉ ଛଟକରେ ଆସି ଧୀରେ ଧୀରେ ତା ଆଖିକୁ ବୁଜିଦେଲା । ପତ୍ରିକାଟି ମୁହଁ ଉପରେ ପଡ଼ିରହି ଆଲୁଅ ବନ୍ଦ କରିଦେଲା ।

ବଜରି ଦୁଇଘଣ୍ଟା ବାଦ୍ ରଣିର ନିଦ ଘୁଉଁକିନା ଭାଙ୍ଗିଗଲା । ବହୁ ଚେଷ୍ଟାରେ ଟ୍ରଙ୍କ୍ ସହିତ ସଂଯୋଗ ସ୍ଥାପନ କରି ପଚାରିଲା—"ଆଜ୍ଞା, ନୂଆ ରାଜଧାନୀ '୪୫୬କୁ ଯେଉଁ କଲ୍ ବୁକ୍ କରାଯାଇଥିଲା, ତାହା ଆଉ କେତେ ଡେରି ହେବ ?"

"ଆଉ ଦି' ଘଣ୍ଟା ଖଣ୍ଡେ ଡେରି ହେବ ।"

"ଅଚ୍ଛା, ମୁଁ ଏଠୁ ଯାଇ ଦି' ଘଣ୍ଟା ପରେ ଆସିଲେ ଚଳିଯିବ ?"

"ନା, ନା, ତା କେମିତି ହେବ, ଆମେ ଯେତେବେଳେ ଲାଇନ୍ ପାଇବୁ, ସଙ୍ଗେ ସଙ୍ଗେ ଦେଇଦେବୁ । ତେଣୁ ଆପଣ ଚାଲିଗଲେ ଚଳିବନି ।"

ରିସିଭର ଥୋଇ ଦେଇ ରଣି ମୁଣ୍ଡରେ ହାତ ଦେଲା । ତା ପାଟିରୁ ବାହାରି ଆସିଲା—"ବାପ୍‌ରେ ବାପ, ଆଉ ଦୁଇ ଘଣ୍ଟା ଯାଉଛି କି ଚାରି ଘଣ୍ଟା ଯାଉଛି ତା କିଏ କହିବ । ବରଂ ରାଜଧାନୀକୁ ବସ୍‌ରେ ଚାଲିଯାଇଥିଲେ ଭଲ ହୋଇଥାଆନ୍ତା । ଏତେବେଳକୁ କାମ ସାରି ମଣିଷ ଫେରନ୍ତାଣି । ଅଳନ୍ତୁକେ ଚଟାପଟ୍ କଥାବାର୍ତ୍ତା ପାଇଁ ଟେଲିଫୋନ କରିଛନ୍ତି । ଏଇଟା ଟ୍ରଙ୍କ୍ ଟେଲିଫୋନ ନୁହେଁ, ଏଇଟା ଗୋଟାଏ

Digitized by srujanika@gmail.com

ଜେଲ୍ ଦଣ୍ଡ । ଇସ୍ ହରି ମୁଣ୍ଡ ବ'ଯାଇ ପାରିବନି । ହଉ, ତାଙ୍କ ଦୟା, କେତେ ସମସ୍ତ ଜେଲଖାନାରେ ରଖୁଛନ୍ତି ରଖନ୍ତୁ ।”

× × ×

ମଜଲିସ୍‌ରେ ଗୁପ୍‌ଚୁପ୍ ଯୋଜନାର ଠିକଣଖି ରୂପରେଖ ସବୁ ସବୁ ସନ୍ଧ୍ୟା ହୋଇଗଲା । ତଥାପି ଗଣିର ଦେଖା ନାହିଁ । ସମସ୍ତେ ପୁଟକେଶ ଟେଲିଫୋନର ପ୍ରସ୍ତାବକୁ ଖୁବ ପ୍ରଶଂସା କଲେ । ଜଣେ କହିଲା—“ବଢ଼ିଆ ଉପାୟଟା ଶିଖିଲେଣି ଏବା । ଆଉରି ଯାହାର ଅନୁପସ୍ଥିତ ଲୋଡ଼ା ହେବ, ତାକୁ ସିଧା ପୁଟକେଶ୍ ଟେଲିଫୋନ କରିବାକୁ ପଠାଇଦେବା ।”

ଟଙ୍କପ୍ରସାଦ ବି ଏହାକୁ ସମର୍ଥନ କରି ଭାବିଲା—“ଆଃ, ଏ ଉପାୟଟା ଆଗରୁ ଜାଣିଥିଲେ ମୋତେ ଦଶଟା ଟଙ୍କା ଖର୍ଚ୍ଚ କରିବାକୁ ପଡ଼ି ନଥାନ୍ତା ।”

●

Digitized by srujanika@gmail.com

# ହୁଁ ଫଳେଷୁ ସଦାଚନ

ଭଗବତ ମଠ ପ୍ରେସ୍‌ର ମାଲିକ କାମରେ ମୋଡ଼ ଦେବାଲାଗି ହମ ହମ ହେଉଥିବା କର୍ମଚାରୀମାନଙ୍କୁ ଗୀତା ଧର୍ମର ମାହାତ୍ମ୍ୟ ବୁଝାଇ ବୁଝାଇ କହିଲେ— "ଦେଖ, ଏ ଅନିତ୍ୟ ସଂସାରରେ କି ଧନୀ କି ନିର୍ଦ୍ଧନ ସମସ୍ତେ ଦିନେ ନା ଦିନେ ମରିବେ, ତୁମ୍ଭେମାନେ ମରିବ, ମୁଁ ବି ମରିବି, ସମସ୍ତେ ମରିବେ, ମରିବାଟା ନିଶ୍ଚିତ୍ । ଯଦି ନିଶ୍ଚିତ୍ ମରିବା, ତେବେ ବଞ୍ଚିବା ସମୟର ସଦୁପଯୋଗ ନ କରିବା କାହିଁକି ? କଥା ହେଉଛି କେମିତି ସଦୁପଯୋଗ କରିବା । ସେ କଥା ମୁଁ କହିବା ଆଉ କେହି କହି ଲାଭ ନାହିଁ । ନିଜେ ଭଗବାନ ଯାହା କହିଛନ୍ତି ତାହା ଶୁଣ । ଗୀତାରେ ସେ ସବୁ ଲିପି ହୋଇ ରହିଛି । ମୋ କଥାରେ ବିଶ୍ୱାସ ନ ହେଲେ ନିଜେ ନିଜେ ପଢ଼ି ଦେଖ । ସେ କଥା ନିଜ ନିଜ ସାଙ୍ଗମାନଙ୍କୁ କୁହ । ଗୀତାକୁ ଚୁପୁଡ଼ି ଦେଲେ ସେଥିରୁ ଦେଖାଯିବ ସେ କର୍ମଯୋଗଟି ହିଁ ସାର । ଏହି କର୍ମଯୋଗଟି ମନୁଷ୍ୟର ଜୀବନକାଳକୁ ଠିକଣା ବାଟରେ ନେଇଯାଏ ।

ଏହି କର୍ମଯୋଗର ମୋଟାମୋଟି କଥା ହେଲା, 'ଖାଲି କାମ କର ।' ଦିନ ରାତି ସବୁବେଳେ କାମ କର । ଯାହାକୁ ଯେଉଁ କାମ ଆସେ ତାହା ତା'ର ଅନବରତ କରିବା ଉଚିତ । ଉଦାହରଣସ୍ୱରୂପ ତମକୁ ଅକ୍ଷର ଖଞ୍ଜାଇ ଆସେ, ତୁମେ କେବଳ ଖାଇବା, ଶୋଇବା, ଝାଡ଼ା ଯିବା, ଗାଧୋଇବା ଛଡ଼ା ଆଉ ସବୁବେଳେ ଅକ୍ଷର ଖଞ୍ଜିବ । ଅନିତ୍ୟ ମଉଜ ମଜଲିସ୍ ବା ଖଟିଗପ କରିବା କଥା ମନକୁ ସୁଦ୍ଧା ଆଣିବ ନାହିଁ । ସେହିପରି ତାହାକୁ ସଜେଇ ଆସେ, ସେ ସର୍ବଦା ସଜେଇବାରେ ଲାଗିଥିବ । ଏହିପରି ନିରବଚ୍ଛିନ୍ନ ଭାବରେ ପ୍ରତ୍ୟେକ ପ୍ରତ୍ୟେକଙ୍କର କାର୍ଯ୍ୟ କରି ଲାଗିଲେ କର୍ମଯୋଗରେ ସିଦ୍ଧି ଆସିଯିବ । ଭଗବାନଙ୍କୁ ପାଇଯିବ ।"

ଭଗବାନଙ୍କଠାରେ ଅପେକ୍ଷାକୃତ ଅଳ୍ପ ଶ୍ରଦ୍ଧା ଓ ଭକ୍ତି ରଖିଥିବା ଅକ୍ଷର ଖଞ୍ଜାଳି ପ୍ରଫୁଲ୍ଲ ଟିକିଏ ବିରକ୍ତ ଭାବ ପ୍ରକାଶ କରି କହିଲା—"ସବୁବେଳେ କାମ କରୁନୁ ତ ଆଉ କ'ଣ କରୁଛୁ ? ଅଉ ସବୁ ଛାପାଖାନାରେ ସାତ ଘଣ୍ଟା କାମ ହେଉଥିବାବେଳେ ଏଠି ଆମେ ତ ୧୬ଘଣ୍ଟା କଲୁ । ଭୋର ୬ଟାରୁ ଏକାବେଳକେ

Digitized by srujanika@gmail.com

ଘଣ୍ଟା, ମଝିରେ ଖାଲି ଖାଇବାକୁ, ଝାଡ଼ା ଯିବାକୁ ଟିକିଏ ଫୁରୁସତ । ଏହାଛଡ଼ା ମରିବାକୁ ବି ଫୁରୁସତ ନାହିଁ ।"

ବାଧାଦେଇ ମାଲିକ କହିଲେ—"ଆ—ହା—ନଇ ନଦେଖୁଣୁ ଲଙ୍ଗଳା ! କର୍ମଯୋଗ କେବଳ ଏତିକି ନୁହେଁ । ତହିଁରେ ଆହୁରି ମଜାଳି ଅଛି, ଧୈର୍ଯ୍ୟଧରି ଶୁଣ । କେବଳ କାମ କଲେ ଯେ କର୍ମଯୋଗ ହେଲା ତାହା ନୁହେଁ । କାମ କରିଯିବ ଓ ତାହା ସଙ୍ଗେ ଫଳପ୍ରାପ୍ତିର ଆଶା ରଖିବ ନାହିଁ । ଏହା ମୋ ତୁଣ୍ଡର କଥା ନୁହେଁ । ଭଗବାନଙ୍କ ଶ୍ରୀମୁଖରୁ ବାହାରିଥିବା ଶ୍ଲୋକଟି ଏବେ ଶୁଣ । 'କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ' । ଅର୍ଥାତ୍ କାମରେ ତୁମର ଅଧିକାର, ଫଳରେ କଦାପି ନୁହେଁ । ଫଳପ୍ରାପ୍ତି ବିଷୟରେ ମୁଣ୍ଡ ଘୂରାଇବ ନାହିଁ । ମୁଁ ମାନୁଛି ତୁମ୍ଭେମାନେ ୧୬ ଘଣ୍ଟା କାମ କରୁଛ । କର୍ମଯୋଗରୁ ଅଧେ ସାଧୁଅଛ । କିନ୍ତୁ ସେହି କାମ ପାଇଁ ଯେଉଁ ଅଧିକା ମଜୁରିରେ ଆଶା ରଖି ବେଳେବେଳେ କାମରେ ମୋଡ଼ ଦେଉଛ, ସେଥିରେ ହିଁ ସବୁ ପଣ୍ଡ ହେଉଛି । ବାରବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯାଉଛି । ତୁମର ଉଚିତ ହେଉଛି ସବଦା କାମ କରିବ, ମଜୁରି କଅଣ ମିଳିଲା, କଅଣ ନମିଳିଲା ସେଥିରେ ମୁଣ୍ଡ ଖେଳାଇବ ନାହିଁ । ଦେଲାବାଲା ଉପରେ ବସି ଦେଉଛି । ଛପନ କୋଟି ଜୀବଜନ୍ତୁ ସୃଷ୍ଟି ଯିଏ କରିଛି, ସେମାନଙ୍କ ଖାଇବା ପିଇବା ଭାର ସିଏ କରିବ । ସେଇ ଭଗବାନ ଉପରେ ଥାଇ ସବୁ କରୁଛି, ସବୁ ବୁଝୁଛି । ମୁଁ କିଛି ତୁମ୍ଭମାନଙ୍କୁ ମଜୁରି ଦେଉନାହିଁ, ମୁଁ କେବଳ ନିମିତ୍ତ ମାତ୍ର । ମୁଁ ତାଙ୍କର ଦୟାରୁ ଯାହା ପାଉଛି, ତୁମ ହାତକୁ ତାହା ବଢ଼େଇଦେଉଛି ।"

ପ୍ରଫୁଲ୍ଲ ଫୁସ୍ ଫୁସ୍ କରି ତା ସାଙ୍ଗକୁ କହିଲା—"ଉଃ, ଭଗବାନ ସ୍ୱାଙ୍କ ଲୁହା ସିନ୍ଦୁକରେ ତନି ଭାଗ ଟଙ୍କା ଜଗିକରି ଦେଇ ଭାଗେ ଟଙ୍କା ଆମପାଇଁ ସ୍ୱାଙ୍କ ହାତରେ ଦେଉଛନ୍ତି ।" ମାଲିକ ଶୁଣି ନପାରି କହିଲାଗିଲେ—"ଦେଖ, ତୁମ୍ଭେମାନେ ସମସ୍ତେ ଯୁବକ—କର୍ମଯୋଗ ସାଧିବାର ଏହାହିଁ ଠିକ୍ ସମୟ । ଫଳ ପ୍ରାପ୍ତିର କୌଣସି ଆଶା ନକରି କର୍ମ କରିଯାଅ । ଯାହା କିଛି ମିଳିଲା, ତାହା ଭଗବାନ ଦେଲେ ବୋଲି ଭାବି କାମରେ ଲାଗିଯାଅ । କଷ୍ଟ ନକରି କେହି କୃଷ୍ଣ ପାଇନାହାନ୍ତି । ବର୍ତ୍ତମାନ କଷ୍ଟ କରିଯାଅ, ପଛେ କୃଷ୍ଣ ପାଇବ । ମୋର ବିଶ୍ୱାସ ତୁମ୍ଭେମାନେ କର୍ମଯୋଗ ବିଷୟରେ ସବୁ ଜାଣିଗଲଣି । ମୋର ଦୃଢ଼ ଧାରଣା ତୁମ୍ଭେମାନେ ଅଳ୍ପଦିନରେ କର୍ମଯୋଗୀ ପାଲଟିଯିବ । ବର୍ତ୍ତମାନ ଏସବୁ କଥା ଥାଉ । ହଁ, କଅଣ କହୁଥିଲି କି, ହେଇ ଦେଖ, ଏଇ ପାଞ୍ଚଗୋଟି ପାଣ୍ଡୁଲିପି । ଏ ୫ଟି ବହି ପାଠ୍ୟପୁସ୍ତକ ଅଫିସ୍‌ରେ ଦାଖଲ କରାଯିବ; ମାତ୍ର ଦଶ ଦିନ ସମୟ ବାକି ଅଛି, ନିର୍ଭୁଲ ଓ ଉତ୍ତମ ଛପାଇ ହେବ, ୧୫ ଖଣ୍ଡ ଲେଖାଏଁ ଦାଖଲ କରିଦେବ । ଗୋଟାଏ ଜାଗାରୁ ଗୁଡ଼ାଏ କାମ ମିଳିବାର ଅଛି ତେଣୁ ମୁଁ ଏଠି ରହିପାରିବ ନାହିଁ, ତୁମ୍ଭେମାନେ ସମସ୍ତେ ମିଳିମିଶି

Digitized by srujanika@gmail.com

କାମଟା ଚଳାଇନେବ । ମୁଁ ଆସିଲାବେଳକୁ କାମ ସେପରି ଚାଲିଥିବ । ମନେରଖିବ, ଏ ଛାପାଖାନାର ନାମ ଭାଗବତ ପ୍ରେସ୍, ଭାଗବତ ଓ ଭଗବାନ ଏକା ଜିନିଷ । ଦେଖ ମେନେଜରବାବୁ, ତୁମକୁ ସବୁ ଲାଗିଲା—ମୁଁ ଚାଲିଲି ।”

× × ×

ମାଲିକ ଚାଲିଯିବା ପରେ ପ୍ରଫୁଲ୍ଲ ତା ଖଣ୍ଡାଙ୍ଗ ଗୀତା ସମସ୍ତଙ୍କୁ ବୁଝେଇ ବସିଲା—“ହଃ, ମାଲିକ ଆମର ଖୋଦ ଭଗବାନଙ୍କର ମୋହରିର, କେଇଟା ମୁହଁ କେଜାଣି । ଆମ ବେଳକୁ ବାହାରିପଡ଼ୁଛି—ଦିନ ରାତି କାମ କରିଯାଅ, ମଜୁରି କମ୍ ପାଇଁ ମୁଣ୍ଡ ବଥାଅ ନାହିଁ, ଆଉ ତାଙ୍କ ନିଜ ବେଳକୁ କହିବେ—ଏଁ, ତୋ ପଚାଶ ଏତେ ଟଙ୍କା ଦେଲି, କାମ ହେଉଚି ଏତିକି । ମୋର ସର୍ବସ୍ୱ ଲୁଟିନେବ କିରେ । ଗୀତାଟା ସତେକି ଯେମିତି ଆମରି ପାଇଁ ଲେଖାହୋଇଛି, ତାଙ୍କ ପାଇଁ ନୁହେଁ । ଦୁଇ ଓଳି ଦୁଇ ବଖତ ଖାଇବାକୁ ଦେଇ ଦଶଟା ବାରଟା ଟଙ୍କା ଦେବେ ବୋଲି ଦିନ ରାତି ଚଟେଇ ଖଟେଇ ଦିହରୁ ରସ ଚପୁଡ଼ି ନେଉଛନ୍ତି, ସେଥିରେ ପୁଣି ସେଇଁ ଦିବ୍ୟଖିଆ । ଭିକମଗା ଚାଉଳର ଭାତ, ଆଉ କଖାରୁସିଝା, ନିଜେ ଖାଇଲାବେଳକୁ ଲୁଚେଇ ଲୁଚେଇ ଦୁଧ, ସର, ଗୁଆଘିଅ ଆଉ କେତେ କଅଣ । ଭଗବାନଙ୍କ ନାଁରେ ବେଶ୍ ଗୋଟାଏ ପାଲି ଲଗେଇଛନ୍ତି । ତୁମ୍ଭେମାନେ ସମସ୍ତେ ଯଦି ମୋ ପଛରେ ଠିଆହୁଅନ୍ତି, ତେବେ ମୁଁ ତାଙ୍କର ଏହି ମା ଫଳେଷୁ କଦାଚନ—ଏକାଦିନକେ ଛଡ଼ାଇଦିଅନ୍ତି ।

ପୁଅ ମୁଣ୍ଡ ଓ ତେଲ ଘଡ଼ିକୁ ଆଶା ରଖିଥିବା ମେନେଜରବାବୁ ପ୍ରଫୁଲ୍ଲ କଥାର ମର୍ମଟା ବୁଝିପାରି ତାକୁ ବୁଝେଇ ବସିଲେ—“ନା ନା, ଏହି ମଠ ଭିତରେ ରହି କୌଣସି ପ୍ରକାର ଗଣ୍ଡଗୋଳ କରିବାଟା ଠିକ୍ ହେବନାହିଁ । ଚାଲ, ପଦାରେ ଯାଇ ଗୋଟାଏ ଭଡ଼ା ଘର କରି ରହିବା ।”

କଥାଟା ନ ସରୁଣୁ ପ୍ରଫୁଲ୍ଲ ଫାଇଁ କରି ମାଡ଼ିବସି କହିଲା—“ବରାବର ସେ ପଦାକୁ ଛାଡ଼ିଦେବେ ? ଚାଲାକିରେ ସେ ତୁମଠଁ ହାତେ ବେଶି । ଏଠୁ ଗୋଡ଼ କାଢ଼ିବା ଅର୍ଥ ଚାକିରି ଯିବା । ଆମ ପରେ ସେ ଆଉ ଗୋଟେ ଧରିଆଣି, ଧର୍ମଶାସ୍ତ୍ରୁ କହାଇ ପୁଣି—‘ମା ଫଳେଷୁ କଦାଚନ’ ଚଳାଇବେ । ଆମେ ଚାଲିଗଲେ ଏହି ମା ଫଳେଷୁର ପ୍ରତିକାର ତ ହୋଇପାରିବ ନାହିଁ । ଆମର ଉଚିତ ହେଉଛି ଏଇଠି ରହି ତାଙ୍କର ମା ଫଳେଷୁକୁ ହିଁ ଫଳେଷୁରେ ପରିଣତ କରେଇବା, ତା’ପରେ ଯାଇ ସେଉଁ କଥା । ହକ କଥାରେ ଡର କାହିଁ, କିଛି ନହେଲାବେଳକୁ ଲେବର କମିଶନର ଅଛନ୍ତି । ମୁଁ ବାଜି ମାରି କହୁଛି ସେ ଯଦି ଆମର ଦୁରବସ୍ଥା ବିଷୟ ଜାଣିପାରିବେ, ତେବେ ସେ ଆମକୁ ଏ ବିଷୟରେ ସାହାଯ୍ୟ କରିବେ । ଏ ମଠକୁ ଠିକ୍ ଗୋଟାଏ ବାଲେଶ୍ୱର

Digitized by srujanika@gmail.com

ମୂଲା ପଠେଇଦେବେ । ମୋ କଥା ମାନ, ଏଇଠି ସମସ୍ତେ ମଜବୁତ୍ ହୋଇ ରହିବା । ତାଙ୍କର କଥାରେ ତାଙ୍କୁ ସାବାଡ଼୍ କରିଦେବା ।"

କଥାଟା ସମସ୍ତଙ୍କ ମନକୁ ପାଇଲା । ସମସ୍ତେ ପ୍ରଫୁଲ୍ଲକୁ ସମର୍ଥନ କରିବେ ବୋଲି ଜବାବ ଦେଲେ । ଦୁଇ ଆଡ଼କୁ ଆଶା ରଖିଥିବା ମେନେଜର ମଧ୍ୟ ଚାଲିପଡ଼ିଲା । ମାଲିକର ଅନୁପସ୍ଥିତ ଷଡ଼ଯନ୍ତ୍ରକୁ ସୁରୁଖୁରୁରେ ଚଳାଇବାଲାଗି ଏକ ଚମତ୍କାର ବାତାବରଣ ସୃଷ୍ଟି କଲା ।

× × ×

ମାଲିକ ବାହାରୁ କାମତକ ସଂଗ୍ରହ କରି ବାଇଶରୁ ହୋଇ ମଠକୁ ଫେରିଲେ । ୫ଟି ଯାକ ବହି ଯଦି ପାଠ୍ୟପୁସ୍ତକ ରୂପେ ମଞ୍ଜୁର ପାଇଯାଏ, ତେବେ ଯେଉଁ ଧନତକ ମିଳିବ ତା'ର ସଂଖ୍ୟା କଳନା ଛଡ଼ା ଆଉ ଅନ୍ୟ କିଛି ତାଙ୍କ ମୁଣ୍ଡରେ ପଶୁନଥାଏ । ମଞ୍ଜୁରି କଲ ଭିତରୁ ତାଙ୍କର ୫ଖଣ୍ଡ ବହି ଯେ ଅତି ସୁରୁଖୁରୁରେ ଓ ନିରାପଦରେ ବାହାରିଆସିବ, ସେ ବିଷୟରେ ସେ ବଡ଼ ଆଶାବାଦୀ ଥିଲେ । କାରଣ କଲର ପ୍ରତ୍ୟେକ ଘାଟି ଜାଗାମାନଙ୍କରେ ସେ ଦରକାରଠାରୁ ଯଥେଷ୍ଟ ବେଶି ମୋବିଲ ତେଲ ଭରିଦେଇଥିଲେ । ତାଙ୍କ ନିର୍ଦ୍ଦେଶମତେ କର୍ମଚାରୀମାନେ ଅକ୍ଷରେ ଅକ୍ଷରେ ଆଦେଶ ପାଳନ କରିଥିବେ ବୋଲି ତାଙ୍କର ସମ୍ପୂର୍ଣ୍ଣ ଭରସା ଥିଲା ।

ସେ ଦିନ ୨ଟାରେ ମଠରେ ପହଞ୍ଚି ଦେଖିଲେ ଛାପାଖାନାରେ ନିୟମିତ ଭାବରେ କାର୍ଯ୍ୟ ଚାଲିଛି, ମେନେଜରଙ୍କଠାରୁ ବହି ୫ଟି ଦାଖଲ ହୋଇଥିବା କଥା ଶୁଣି ସେ ବିଶେଷ ଖୁସି ହେଲେ ନାହିଁ, କାରଣ ସେ କାର୍ଯ୍ୟଟି ହୋଇସାରିଥିବ ବୋଲି ସେ ଆଗରୁ ଅନୁମାନ କରି ନେଇଥିଲେ । ନିଜ କୋଠରି ଭିତରେ ବସି-ପଡ଼ିବା ମାତ୍ରେ ଆପଣା ଟେବୁଲ୍ ଉପରେ ୫ଟି ଯାକ ନମୁନା ବହି ଥୁଆ ହୋଇଥିବାର ଦେଖିଲେ ଓ ଅତି ଆଗ୍ରହରେ ଉଠାଇ ଦେଖିବାକୁ ଲାଗିଲେ ।

ହଠାତ୍ କାଲିସି ଲାଗିଲା ପରି ସେ ଘରୁ ଚିତ୍କାର ଆରମ୍ଭ ହେଲା । ଫୋଟକା ଦୋକାନରେ ନିଆଁ ଲାଗିଲା ବୋଲି କର୍ମଚାରୀମାନେ ମନେ ମନେ ସ୍ଥିର କରିନେଲେ । "ଆରେ ମାରି ଦେଲେରେ, ଆରେ ମାରି ଦେଲେରେ, ସର୍ବନାଶ ହୋଇଗଲାରେ" ଅାଦି ଚିତ୍କାର ଟେବୁଲ ବାଡ଼ିଆ, କଚଡ଼ା କଚଡ଼ି, ଆଦି କାର୍ଯ୍ୟକଳାପ ଏକ ବିଚିତ୍ର ବାୟୁମଣ୍ଡଳ ସୃଷ୍ଟି କଲା । କିଛି ନ ଜାଣିଲାପରି ମେନେଜର ଆସି ପଚାରିଲେ—"ଅଜ୍ଞା, କଅଣ ହୋଇଛି ?" ତାଙ୍କ ଉପରକୁ ବହିଟା ଫୋପାଡ଼ି ଦେଇ ମାଲିକ ବିକଟ ଚିତ୍କାର କରି କହିଲେ—ହୋଇଛି ଡମ୍ବ ।" ପ୍ରଫୁଲ୍ଲ କେଉଁଠି ଥିଲା ଦଉଡ଼ି ଆସି ପଚାରିଲା, "ଅଜ୍ଞା, ମଠ ଭିତରକୁ ଡମ୍ବ କିଏ ଆଣିଲା ?" ମାଲିକ ଚିତ୍କାର କରି କହିଲେ—ଚୁପ୍ କର, ସମସ୍ତଙ୍କୁ ଡାକ ଆଣ ।" ଆଦେଶ ସଙ୍ଗେ ସଙ୍ଗେ ପାଳିତ

Digitized by srujanika@gmail.com

ହେଲା । ମାଲିକ ପୁଣି କହିଲେ—"ହଇରେ, ତୁମେମାନେ ଏତେ ବର୍ଷ ଅକ୍ଷର ଖଞ୍ଜିଲଣି, ଏ କଅଣ ହୋଇଛି । ଏ ଗୁଡ଼ାକ ପରା ପାଠ୍ୟପୁସ୍ତକ ? ବଡ଼ ସାନ ଅକ୍ଷର ମନଇଚ୍ଛା ଖଞ୍ଜିଦେଲେ ଏହାର ଫଳ କଅଣ ହେବ ଜାଣିଛ ?"

"ଅଜ୍ଞା, ଫଳରେ ଲୋଡ଼ା ନାହିଁ, ମା ଫଳେଷୁ କଦାଚନ ।"

"ସ୍କ୍ରେପ୍, ଷ୍ଟକ୍, ପଲା ସଇତାନଗୁଡ଼ାକ । ହଇରେ, ତୁମ୍ଭେମାନେ ପରା ସଂଶୋଧନ ଏତେ 'ବର୍ଷ' ହେଲା କଲଣି । ଟିକିଏ ଆଖି ଖୋଲି କରି ପାରିଲ ନାହିଁ । ଗୋଟିଏ ଗୋଟିଏ ପୃଷ୍ଠାରେ ଦଶ ପନ୍ଦର ଭୁଲ୍, ଓଲ୍ଟା ଗୁଡ଼ାକ ଟିକିଏ ଭାବିଲ ନାହିଁ ଏହା ଫଳରେ ବହିତକ କଟିଯିବ ?"

"ଅଜ୍ଞା ଆମେ ଫଳକୁ ଚାହିଁ ନ ଥିଲୁ । ଗୀତାରେ ଅଛି—ମା' ଫଳେଷୁ କଦାଚନ ।"

"ଚୁପ୍‌କର, ଗୀତା ବୋକସ୍ବୁହା ହଇରେ ତୁ ପରା ଏତେଦିନ ହେଲା ଛାପୁଛୁ, ଏ ବହିତକ ଏମିତି ବଲି ବଲି କରି ଛାପି କି ଫଳ ପାଇଲୁ ?"

"ଅଜ୍ଞା, ମୋ ଫଳେଷୁ କଦାଚନ ।"

ସଜାଡ଼ିଲାବାଲା ବି କହିଲା—"ମା ଫଳେଷୁ କଦାଚନ ।" ରାଗ ଓ ଦୁଃଖରେ ଅଧୀର ହୋଇ ମାଲିକ କହିଲାଗିଲେ, "ରକ୍ଷାକର ବାବା ହଁ ଫଳେଷୁ ସଦାଚନ, ହଁ ଫଳେଷୁ ସଦାଚନ ।" ମୋ ଭାଗ୍ୟକୁ ସମସ୍ତେ ଦଗା ଦେଲ, ଓହୋ, ମୋର କ୍ଷତିଟା କଲ ଜାଣି ପାରିଲ ନାହିଁ । ୫ଟି ବହିରେ ୨୫ ହଜାର ଟଙ୍କା ଲାଭ ମିଳିଥାଆନ୍ତା ମୁଁ ସ୍ୱଣ୍ଡାଳଟା ବାହିଁକି ପଦାକୁ ଗଲି । ଏ କର୍ମଚାରୀଗୁଡ଼ାକୁ ବିଶ୍ୱାସ କରି ଏହି ଫଳ ପାଇଲି ।"

ପ୍ରବୋଧ ଦେବାକୁ ଯାଇ ମେନେଜର କହିଲେ, "ଛାଡ଼ନ୍ତୁ ଅଜ୍ଞା, ଯାହା ହେବାର ହୋଇଗଲାଣି । ଫଳ ପ୍ରତି ନଜର ନ ଦେଲେ ଚଳ । ଆପଣ ହିଁ ତ ସମସ୍ତଙ୍କୁ ମନ୍ତ୍ର ଦେଇଛନ୍ତି ମା ଫଳେଷୁ କଦାଚନ ।"

ମାଲିକ ଖିଙ୍କାରି ହୋଇ କହିଲେ—"ହଁ ଫଳେଷୁ ସଦାଚନ । ପଳାଅ ମୋ ଆଗରୁ, ଯାଅ ।"

ପେଟ ଠିଲେଇ ଥିବା ହସକୁ ଖଲାସ କରିବାକୁ ସମସ୍ତେ ସେ ସ୍ଥାନରୁ ଖିଦ୍ ଖାଦ୍ ହୋଇ ମଳାଇଗଲେ ।

●

Digitized by srujanika@gmail.com

# ଆ-ମୂଳା

ସକାଳୁ ଦାଣ୍ଡପଟରେ ଘସି ସାଷି ଜନତା ମେମ୍ବର ବସନ୍ତ କୁମାର ଦାସ ସାଥି କେଶବକୁ କହିଲେ—"ହଇଓ କେଶବବାବୁ, ଗୁଡ଼ଖାଇଟା ମୁଣ୍ଡ ଉପରେ, ଏଥରକ ମାତଦଶଥା ଭୋଜିଟାଏ କରିବା। ସବୁଦିନେ ଯେଉ ଦାଲ୍‌ମା, କଖାରୁ, ସାରୁରେ ପାଚି ଓ ମନ ଚଟା ଧରିଗଲାଣି, ଆଉ ସେଗୁଡ଼ାକ ଲୁଚୁନାହିଁ, ଗୋଟାଏ ଭୋଜି ଜମାଟ ଦରକାର।"

ପ୍ରସ୍ତାବଟାକୁ ହସରେ ଉଡ଼େଇ ଦେଇ କେଶବ ବାବୁ କହିଲେ—"ଦେଖୁଛି ତୁମେ ତ ସବୁବେଳେ ଖାଲି ଭୋଜିର ସ୍ୱପ୍ନ ଦେଖୁଛ ! ଗୁଡ଼ଖାଇ ପାଇ ନାହିଁ ! କୁମାରପୂର୍ଣ୍ଣିମା ଦୁଇ ତିନିଦିନ ହେଲା ଗଲା, ଇଆଡ଼ୁ ଗୁଡ଼ଖାଇ ପାଇଁ ସଜବାଜ। ପୁଣି ବରାଡ଼ ନ ଛୁଙ୍କିଲେ ହେଲା।"

ଅତୀତରେ ଥରେ ଦୁଇଥର ନୁହେଁ ଯେତେଥର ଆଗରୁ ଭୋଜିପାଇଁ ଆଡ଼ମ୍ବର-ପୂର୍ଣ୍ଣ ସଜବାଜ ହୋଇଥିଲା ସବୁଥର ବରାଡ଼ ଛୁଙ୍କିଥିଲା। କିଛି ନା କିଛି ଗୋଟାଏ ମେଘ ପଶି ସବୁ ଅଚଳ କରି ଦେଇଥିଲା। ଠିକ୍ ସମୟ ବେଳକୁ ଟଙ୍କା ସଙ୍କୁଳ ହୋଇ ପାରୁ ନଥିଲା, କାହାର କାହାର ଝାଡ଼ା, ପେଟମରା ଆରମ୍ଭ ହୋଇଯାଉଥିଲା, କାହାକୁ କାହାକୁ ବା ସରକାରୀ ବା ଅନ୍ୟ କୌଣସି ଜରୁରୀ କାମରେ ଅନ୍ୟତ୍ର ଯିବାକୁ ପଡ଼ୁଥିଲା। ଭୋଜିଟା ଏକାବେଳକେ ଭୁମ୍ଭୁଡ଼ି ପଡ଼ୁଥିଲା।

ବସନ୍ତବାବୁଙ୍କ ମନ ପରଦାରେ ଚଳଚ୍ଚିତ୍ର ପରି ଏ ଗୁଡ଼ାକ ଝଲସି ଉଠିଲା। ବହେ ପଚ୍ଛେଇ ହୋଇପଡ଼ି ସେ କହିଲେ—"ଆରେ ହୁଁ ହୁଁ, ଠିକ୍ କଥା କହୁଛ, ଏମିତି ଆଗରୁ ଯୋଗାଡ଼ କରିବା ଫଳରେ ସବୁଥର ବରାଡ଼ ଛୁଙ୍କିଛି। ଆଉ ସେ ଭୋଜି ଫୋଜିର ନାଁ ଧରିବା ନାହିଁ। ଯେତେବେଳେ କରିବାର ହେବ ସେତିକିବେଳେ ହୋ ହୋ ହୋଇ କରିଦେବା। ବରାଡ଼ ଛୁଙ୍କିବାକୁ ସମୟ ପାଇବ ନାହିଁ। ପ୍ରକୃତରେ ଦେଖିବାକୁ ଗଲେ ବୃଥାଟାରେ କାହିଁକି "ଏସା କରେଙ୍ଗା ତେସା କରେଙ୍ଗା" କହି ହଲ କରିବା ! ହଜାରେ କଥାଠାରୁ ଗୋଟିଏ କାମ ଢେର ଭଲ, ଖାଣ୍ଟି କଥାଟିଏ କହିଲ ଏଥର କେଶବ ବାବୁ ! କଥାଟା ମୋ ମନକୁ ପିଇ

Digitized by srujanika@gmail.com

ଯାଇଛୁ । ଗୁଡ଼ଖାଇ ଦିନେ ଥିବ, ସବୁ ଯୋଗାଡ଼ କରିପକେଇବା, ଭୁସ୍ କରି ଭୋଜଟା କରିଦେବା । ଏତେ ଆଗରୁ ବକର ବକର ହୋଇ ଲାଭ କଅଣ ? କହାଣ ଯଦି ଆଗରୁ କିଛି ଯୋଗାଡ଼ ଯନ୍ତ୍ର କରିବାକୁ ଦରକାର ପଡ଼େ, ତେବେ ମୁଁ ତୁମ କାନରେ ଚୁପ୍ ଚୁପ୍ କରି କହିଦେବି, କି ଅବା ତୁମେ ମୋ କାନରେ ଚୁପ୍ ଚୁପ୍ କରି କହିଦେବ । ବାସ୍, ଦୁହେଁ ମିଶି ଯୋଗାଡ଼ କରିଦେବା । କରିବା ବାଲା ତ ତୁମେ ଆଉ ମୁଁ, ଆଉ ଫାଲ୍‌ତୁ ଲୋକଙ୍କୁ କିଛି କହି ଲାଭ ନାହିଁ । ହଁ, ଗୁଡ଼ଖାଇ ଦିନ କିନ୍ତୁ ମାଉଁସ ସହଜରେ ନ ମିଳେ । ସହର ନେହୁରା ହୋଇ, ଧାଡ଼ି ବାନ୍ଧି, ଘୁରି ପାଞ୍ଚଘଣ୍ଟା ଖରାରେ ଠିଆହୋଇ ସେଉଁ ସେରେ କି ଅଧସେର ପାଇବ, ତାହା ଯେ କୁକୁର, ବିଲୁଆଙ୍କ ମାଉଁସ ନୁହେଁ, ତାହା କିଏ କହିବ ? ପୁଣି ସେଇ ଅଧସେର ବିଲୁଆ ମାଉଁସକୁ ଆମେ ହେଲୁଣି ବାର ଜଣ । ଜଣକେ ୪ ଭରି ପଡ଼େ କି ନ ପଡ଼େ ! ପୂର୍ଣ୍ଣିମୀ ଦିନ ଅବା ଫ୍ରିଜରେଇ ଲୁଚେଇ ମାଉଁସ କିଣି ଆଣି କସି କାଟି ରଖିଦେଲେ ମନ୍ଦ ହୁଅନ୍ତା କି ! ହେଲେ ଯଦି କାହା ନଜରରେ ପଡ଼ିଯିବ, ତେବେ ଛି ଛୁକର ଗୁଡ଼ାକ ଶୁଣିବାକୁ ପଡ଼ିବ । ଆଉ ବି ଏମିତିଆ ବୁଲାଖି ଲୋକ ଆଜିକାଲି ଏତେ ବଢ଼ିଗଲେଣି ଯେ କାର୍ତ୍ତିକ ପୂର୍ଣ୍ଣିମୀ ଦିନ ବି ମାଂସ ଦାମ୍ କାହିଁରେ କଅଣ ! ତେବେ ସବୁଠାରୁ ଭଲ ହେବ, ଇଆଡ଼ୁ ଗୋଟାଏ ଛେଳି ଖାସି ମଫସଲରୁ କିଣି ଆଣି ବାନ୍ଧି ରଖିଲେ ଖୁବ ଭଲ ହୁଅନ୍ତା । ଗୁଡ଼ଖାଇ ଦିନ ଗଫୁର ମିଆଁକୁ ଡାକି ଆଣିବା । ଆମର ଯେତେ ଦରକାର, ସେତିକି ମାଉଁସ ରଖନ୍ତେ, ବାକିତକ ଗଫୁର ହାତରେ ବିକେଇ ଦିଅନ୍ତେ, ସେ ଟଙ୍କାରେ ତେଲ, ଲୁଣ, ମସଲା, ଆଳୁ ଆଦି ସବୁ କିଣାଷ ହୋଇଯାଆନ୍ତା । ଆଃ କି ବଢ଼ିଆ ଭୋଜଟାଏ ହୁଅନ୍ତା !

ଏତିକି କହି ବସନ୍ତବାବୁ ଜକେଇ ଆସୁଥିବା ପାଟିର ଲାଳକୁ ଢୋକି ଦେଇ ଟାଭଗ ଫୁଟେଇଦେଲେ । କେଶବବାବୁ ହସି ହସି କହିଲେ, "ଆହା, ଏଡ଼େ ଚଞ୍ଚଳ ଭୋଜଟା ସାରିଦେଲ ନା ! ମାଉଁସ ତରକାରୀ ଅଲପ ଅଲପ କରି ଖାଇଥିଲେ ଭଲ ହୋଇନଥାନ୍ତା ? ଦେଖୁଛି ତୁମେ ପୁଣି ଗୋଟାଏ ବିଭଡ଼ି ନାଦରେ କାଠି ପୂରେଇଲଣି ।"

ଝଗଡ଼ା କଥା ଶୁଣିବା ମାତ୍ରେ ବସନ୍ତ ବାବୁ ପୁଣି ହୋସ୍‌କୁ ଆସିଲେ । ପ୍ରକୃତିସ୍ଥ ହୋଇ ପୁଣି ଆରମ୍ଭ କଲେ—"ଛାଡ଼, ସେ ଭୋଜଫୋଜକୁ ଗୋଲି ମାର । ଯଦି ହବାର ଥିବ, ହୋଇଯିବ । ମିଛରେ ଇଆଡ଼ୁ ଏତେ ଯୋଗାଡ଼ କରି ଲାଭ କଅଣ ? ସବୁ ହେବ, ହେଲେ ସାନ୍ଧୁଣିଆଟାଏ ସେତେବେଳକୁ ପାଇବା କାଠିକର ପାଠ ହେବ । ଆଗରୁ ବନ୍ଦନା ଦେଇ ଜଣକୁ ସଜାଇ ନ କଲେ ସବୁ ଭଣ୍ଡୁର ହୋଇଯିବ । କେବଳ ଖାସି ଓ ସାନ୍ଧୁଣିଆଟା ଯୋଗାଡ଼ କରିଦେଲା ପରେ ଆଉ ଭୋଜଫୋଜର୍

Digitized by srujanika@gmail.com

ନାଁ ଧରିବା ନାହିଁ । ପ୍ରକୃତ କଥା, ଆଗରୁ କଳ୍ପନା ଜଳ୍ପନା କରିବାରୁ ସିନା ବିଗିଡ଼ି ଛିଡ଼ୁଛି । ଯଦି ନିହାତି କିଛି ଯୋଗାଡ଼ଯନ୍ତ୍ର କରିବାକୁ ଦରକାର ପଡ଼େ, ତେବେ ତୁମର ମୋର ଚୁପ୍‌ଚାପ୍ ପରାମର୍ଶ କରି ଯାହାହେଲେ କରିବା ।"

କେଶବବାବୁ ଉପହାସ କରି କହିଲେ—"କିଛି ଯୋଗାଡ଼ଯନ୍ତ୍ର ବା ବିଚାର ଆଗରୁ କରିବା ନାହିଁ ବୋଲି କହି ଏବେ ଯୋଗାଡ଼ ଓ ବିଚାର କରିସାରିଲଣି । ମୋତେ କାହିଁକି ବିଗିଡ଼ିଟା ନାକ ଟେକୁଥିବାର ଜଳ ଜଳ ହୋଇ ଦେଖାଗଲଣି ।"

ବିଗିଡ଼ି ଭୟରେ ବସନ୍ତବାବୁ ପାଶ୍ଚିରୁଣ୍ଡ ନକରି ଗୁପ୍‌ଚୁପ୍ ଯୋଗାଡ଼ରେ ଲାଗିପଡ଼ିଲେ । ଜଣ ଜଣ କରି ସମସ୍ତଙ୍କଠାରୁ ସମ୍ମତି ଓ ଚାନ୍ଦା ସଂଗ୍ରହ କରି ଗୋଟିଏ ଗ୍ରେଟ ଖାସି କିଣି ଆଣିଲେ ଓ ତେଣେ ନାମଯାଦା ରାନ୍ଧୁଣିଆକୁ ବନ୍ଦୋବସ୍ତ ଦେଇ-ଦେଲେ । ମଫସଲ ସହର ବି କିଣିବାକୁ ଗୁଡ଼ିଲେ ନାହିଁ । ମେସ୍‌ରେ ଗୋଟିଏ ଘର-ଗୋଡ଼ିଆ ମେମ୍ବର ନୂଆ ହୋଇ ଅଣାଯାଇ ଅଗଣା ଭିତରେ ବନ୍ଧାଗଲା । ପହିଲେ ପହିଲେ ସମସ୍ତଙ୍କର ଆଦର ପାଇ ଓ ସମସ୍ତଙ୍କ ହାତରୁ ଖାଇ ସେ ପୋଷା ମାନିଗଲା । କିନ୍ତୁ ରାତିରେ ଯେତେବେଳେ ତା'ର ଘନ ଘନ ମେଁ ଏଁ ଏଁ ଡାକ ସମସ୍ତଙ୍କର ସୁଖ ନିଦ୍ରାକୁ ନିୟମିତ ରୂପେ ଭାଙ୍ଗିଲା, ସେତେବେଳେ ସମସ୍ତେ ପ୍ରମାଦ ଗଣିଲେ । ଦୂରରେ ଥିବା ମେସ୍ ପାଚେରୀ ପାଖରେ ତାକୁ ବାନ୍ଧିଲେ । ଗୁଡ଼ଖାଇ ଯେତିକି ନିକଟେଇ ଆସୁଥାଏ, ବସନ୍ତ ବାବୁଙ୍କ ଯତ୍ନ ଖାସି ପ୍ରତି ସେତିକି ବଢ଼ୁଥାଏ । ଖାସିକୁ ମୁଢ଼ି ଖୁଆଇବା ମଧ୍ୟ ବଢ଼ୁଥାଏ ।

ଆଜି ରାତି ପାହିଲେ ଗୁଡ଼ଖାଇ । ବସନ୍ତ ବାବୁଙ୍କ ରାତିରେ ନିଦ ନାହିଁ । ଭୋରରୁ ଗଫୁର ମିଆଁକୁ ଡାକି ସାଗୁଆତି ତିଆରି କରାଇ ନଦେଲେ ମୁସ୍କିଲ ହୋଇ-ପଡ଼ିବ । ଆଉ ଗଫୁର ମିଆଁ ମିଳିବ ନାହିଁ । ତା'ର କେତେଆଡ଼େ କାମ ଥିବ । ଭୋରରୁ କୁଆ କା କା ହେବା ମାତ୍ରେ ତାଙ୍କ ନିଦ ଗୁଡ଼ି ଭଙ୍ଗ ଭାଙ୍ଗିଗଲା । ସକାଳୁ ଜୀବହତ୍ୟାଟା ନ ଦେଖିବା ଲାଗି ଅନ୍ୟମାନେ ଗାଲେଇ ନିଜ ନିଜ ଖଟ ଉପରେ ପଡ଼ି-ରହିଲେ । ମୁହଁଟା ଧୋଇପକାଇ ବସନ୍ତ ବାବୁ ପହିଲେ ଖାସିଟାକୁ ଶେଷଥର ଦେଖିବା ପାଇଁ ପାଚେରୀ ଆଡ଼କୁ ଗଲେ ।

କିନ୍ତୁ ଏ କଅଣ ? ବସନ୍ତ ବାବୁ ହଠାତ୍ ଚଲେଇ ଉଠିଲେ । କେଶବବାବୁ ସଙ୍ଗୀମାନଙ୍କୁ କହିଲେ—"ହେ ହେ ! ଦେଖିବଟି ଗଫୁର ମିଆଁ ଖାସିକୁ ଗୁଡ଼ି ବସନ୍ତ ବାବୁଙ୍କୁ ଧରିଲା କି ?"

ହୋ ହୋ ହସି ହସି ସମସ୍ତେ ପଦାକୁ ବାହାରିପଡ଼ିଲେ, ଦେଖିଲେ ବସନ୍ତ ବାବୁ ହାଉଳି ଖାଇ ଏଣେ ତେଣେ ଭୂଇଁକୁ ଉଣ୍ଡୁଛନ୍ତି । ମଝିରେ ମଝିରେ ଅର୍ଦ୍ଧ

Digitized by srujanika@gmail.com

ଅର୍ଡର ବୋଲି ଡାକ ଗ୍ରୁଡ଼ୁଛନ୍ତି । ଅବସ୍ଥାଟା ବୁଝିବାକୁ ସମସ୍ତଙ୍କୁ ଡେରି ଲାଗିଲାନି । ଖାସି ବନ୍ଧା ଖୁଣ୍ଟ ଆଡ଼କୁ ଚାହିଁ ସମସ୍ତେ ଦେଖିଲେ ଖାସି ଉଭାନ ! ଖୁଣ୍ଟ ପାଖରେ ଖୁରାରେ ଖଣ୍ଡିଆ ମଣ୍ଡିଆ ହୋଇଥିବା ଭୂଇଁ ଓ କେତେ ଗୁଡ଼ାଏ ପାଦଚିହ୍ନ ଦେଖି ସମସ୍ତେ କଥାଟା ବୁଝି ପାରିଲେ । ବଦମାସ ସାହିବାଲାଏ ଯେ ସମସ୍ତ ଉଣ୍ଡି ପାଚେରୀ ଡେଇଁ ଖାସିକୁ ତଣ୍ଟି ଚିପି ମାରି, ନେଇଯାଇ ଗ୍ରୁଡ଼ଖାଇର ବ୍ୟବସ୍ଥା କରିଛନ୍ତି, ତାହା ସମସ୍ତେ ଯଥାର୍ଥ ଭାବେ ଜାଣି ପାରିଲେ ।

ବସନ୍ତବାବୁ ଭଗ୍ନକଣ୍ଠରେ କହିଉଠିଲେ—"ବଦମାସଗୁଡ଼ାକ ନେଲେ ଯଦି, ଆଗରୁ ହେଲେ ନେଇଥାଆନ୍ତେ, ଆମେ ହେଲେ ଆଉ କିଛି ଗୋଟାଏ କିନାରା କରିଥାଆନ୍ତୁ । ଏବେ କରିବୁ କଅଣ ?"

କେଶବବାବୁ ବୁଝେଇବାଢଙ୍ଗରେ କହିଲେ—"ତାଙ୍କ ଦୃଷ୍ଟିରୁ ସେମାନେ ଠିକ୍ କରିଛନ୍ତି । ଆଗରୁ ନେଇ ଖୁଆଇ ଥାଆନ୍ତେ କାହିଁକି ? ପୁଣି ଧରାପଡ଼ିବା ଭୟ ଅଛି । ଠିକ୍ ସମୟ ହେଲାକୁ ନେଇଛନ୍ତି । ଗ୍ରୁଲଟା ହସ୍ତରେ ଦେଲେ କାମ ଫତେ, ଆଉ ଚିନ୍ତାଟା କଏ । ମୁଁ ଜାଣେ ପରା, ବଗାଡ଼ ଛୁଙ୍କିବ ।"

ଅବଶୋଷ ଓ ରାଗରେ ବସନ୍ତ ବାବୁ ଅଥୟ ହୋଇପଡ଼ିଲେ । ପୁଲିସ ସାହାଯ୍ୟରେ ଡକେଇତଗୁଡ଼ାକୁ ଉପଯୁକ୍ତ ଶାସ୍ତି ଦେବାଲାଗି ଦୃଢ଼ପରିକର ହୋଇ ସେ ଥାନାକୁ ଗଲେ ।

ଆଉ ଏଥିରେ ପରିଶ୍ରମ କରିବା ନିରର୍ଥକ ଭାବି ଅନ୍ୟମାନେ ମାଉଁସ, ପରିବା, ମସଲା ଆଦି ସରଞ୍ଜାମରେ ଲାଗିପଡ଼ିଲେ । ଶୁଖିଲା ମୁହଁରେ ଥାନାରୁ ଫେରି ବସନ୍ତ-ବାବୁ ଦେଖିଲେ, ଗ୍ରୁଡ଼ଖାଇର ଆୟୋଜନ ସମ୍ପୂର୍ଣ୍ଣ । ଖାସିର କରୁଣ ସ୍ମୃତି ମନରୁ ଉଭେଇଗଲା ।

ରନ୍ଧାରନ୍ଧି ସରିବାକୁ ଅଧଘଣ୍ଟାଏ ବାକି ଥାଏ । କେଶବ ବାବୁଙ୍କ ମନେ-ପଡ଼ିଲା, ଜଣେ ବନ୍ଧୁ ତାଙ୍କ ଘରକୁ ସେଦିନ ଯିବାଲାଗି ବାରମ୍ବାର ଅନୁରୋଧ କରିଥିଲେ । ଏହି ଅଧଘଣ୍ଟାକ ଭିତରେ ସେ କାମଟା ସାରିଦେବା ଲାଗି ବାହାରି-ପଡ଼ିଲେ । ଗଲାବେଳେ ଅନ୍ୟମାନଙ୍କୁ କହି ଦେଇଗଲେ—"ଦେଖ, ମୁଁ ଟିକିଏ ଯାଉଛି, ସଙ୍ଗେ ସଙ୍ଗେ ଫେରିଆସିବି, ଯଦି ଡେରି ହୁଏ, ତେବେ ମୋ ପାଇଁ ରଖି-ଦେଇ ସମସ୍ତେ ଖାଇନେବ ।"

ବନ୍ଧୁଘରେ ପହଞ୍ଚି କେଶବବାବୁ ଜାଣିପାରିଲେ ଯେ, ଗ୍ରୁଡ଼ଖାଇଟା ସବୁଆଡ଼େ ସରଗରମ ହୋଇଉଠିଛି । ବନ୍ଧୁପରଶା କୁର୍ମା, ତରକାରୀ, ବିରିଆନ

Digitized by srujanika@gmail.com

ତାଙ୍କ ତର୍ଣ୍ଣିର ବିପଦସଙ୍କେତକୁ ଛୁଇଁଗଲା । ଗଡ଼ପଡ଼ ହୋଇ ଫେରୁଫେରୁ ବହୁତ ଡେରି ହୋଇଗଲା ।

ଏଣେ କେଶବ ବାବୁଙ୍କ ଆସିବାର ଡେରି ଦେଖି ସମସ୍ତେ ବିବ୍ରତ ହୋଇ-ପଡ଼ିଲେ । ରନ୍ଧା ଜିନିଷତକ ଥଣ୍ଡା ହେବାକୁ ବସିଲା ବୋଲି ସମସ୍ତେ ରଡ଼ି ଛାଡ଼ିଲେ । ଭୋକିଲା ପେଟର ତାଡ଼ ତୁଳନାରେ ରନ୍ଧା ଜିନିଷର ତାତି କିଛି ନୁହେଁ ବୋଲି ଅନୁମାନ କରି ବୋଧହୁଏ ସମସ୍ତେ ଏପରି ରଡ଼ି ଛାଡ଼ିଲେ । ଆଉ ବି ଭୋକ ସମୟରେ ସୁପାଚ୍ୟ, ସୁସ୍ୱାଦ ଆହାର ପାଖରେ ହାତ ମୁହଁ ବାନ୍ଧି ବସିବା ଯେ କି କଷ୍ଟକର, ତାହା ଅନୁଭବୀମାନେ ହିଁ ଜାଣନ୍ତି । କିଛି ସମୟ ଅପେକ୍ଷା କରିବା ପରେ ଜଣେ କହିଲା—ଆଉ ଅପେକ୍ଷା କରିବା କାହିଁକି ? ସେ ତ କହିଯାଇଛନ୍ତି, ତାଙ୍କ ପାଇଁ ରଖିଦେଇ ଆମ କାମ ବଢ଼େଇଦେବା । ଏତକ ଶୁଣିବା ମାତ୍ରେ ସମସ୍ତେ ଖିଦଖାଦ ହୋଇ ଠା'ରେ ବସିଗଲେ । କେଶବବାବୁଙ୍କ ପାଇଁ ବି ସଜଡ଼ା ହୋଇ ରହିଗଲା ।

କେଶବ ବାବୁ ଆସି ପହଞ୍ଚିବା ମାତ୍ରେ ବସନ୍ତ ବାବୁ ଖୁବ ବ୍ୟସ୍ତ ହୋଇପଡ଼ି କହିଲେ, "ଏମିତି ସବୁ କାମ କରନ୍ତୁ ନା ! ଖାଇବା ଜିନିଷତକ ଥଣ୍ଡା ହୋଇ ଲୁଆପଥର ହେଲାଣି, ଆଉ ଖାଇବାରେ ମଜା ଥାଏନା ।"

ଏତକ କହି ବସନ୍ତ ବାବୁ କେଶବ ବାବୁଙ୍କୁ ରୋଷେଇଘରକୁ ଡାକି ଆଗେ ଆଗେ ଗଲେ । କେଶବବାବୁ ପାଖରେ ଥିବା ନବୁ ବାବୁଙ୍କୁ ଚୁପ୍ ଚୁପ୍ କରି କହିଲେ—"ଜଣେ ବନ୍ଧୁଙ୍କ ଘରେ ତ ଅକଣ୍ଡିଆ ହୋଇଯାଇଛି, ଆଉ ଟୋପାଏ ଝୋଳ ପାଇଁ ବି ଥାନ ନାହିଁ । ମୁଁ ରୁଷି ଖାଉନାହିଁ ବୋଲି କହି ବସନ୍ତବାବୁଙ୍କୁ ଟିକିଏ ହୁଲପଟା କରିବା ।"

ରୋଷେଇ ଘରକୁ କେଶବ ବାବୁଙ୍କୁ ନଯିବାର ଦେଖି ବସନ୍ତବାବୁ ଫେରି ଆସି ପୁଣି ଡାକିଲେ—"ଆହୁରି ପୁଣି ଡେରି କରିବାକୁ ଇଚ୍ଛା ଅଛି ନା । ଯାଅ ଚଞ୍ଚଳ ଖାଇଦିଅ ।"

କେଶବ ବାବୁ ଗମ୍ଭୀର ହୋଇଯାଇ କହିଲେ, "ମୁଁ ଖାଇବି ନାହିଁ ।"

"ଦେଖିଲ, ମୁଁ ଜାଣେ ପରା । ପଙ୍ଗତ ସରିଲେ ପଛରେ ଏକୁଟିଆ ବସି ଖାଇବାକୁ କାହାରିକୁ ଭଲ ଲାଗେ ନାହିଁ । ଫଉଜ ବିଗାଡ଼ ଏ ନବୁ ବାବୁ ଯେଉଁଠି ଥିବେ—ସେ କହିଲେ ତୁମ ପାଇଁ ରଖିଦେଇ ସମସ୍ତେ ଖାଇନେବା, ମୁଁ ଠିକ୍ ଅନୁମାନ କରିଥିଲି ତୁମେ ରୁଷିବ । ହଉ ଯାହା ହେବାର ହେଲାଣି, ଆମର ଭୁଲ, ଆସିବଟି ।"

Digitized by srujanika@gmail.com

"ମୋତେ ବାଧ୍ୟ କର ନାହିଁ, ମୁଁ ଖାଇବ ନାହିଁ ।"

"ମୁଁ ଦୋଷ ମାଗି ନେଉଛୁ, ଆସ ।"

"ମୁଁ କଅଣ କହିଲି ତୁମର ଦୋଷ ହୋଇଛୁ, ମୋର ଇଚ୍ଛା ନାହିଁ, ମୁଁ ଖାଇବ ନାହିଁ ।"

"ମୁଁ କଅଣ ଜାଣି ପାରୁନ କାହିଁକି ଇଚ୍ଛା ନାହିଁ । ସମସ୍ତଙ୍କ ତରଫରୁ ମୁଁ କ୍ଷମା ମାଗିନେଉଛୁ ଆସ ।"

"ଊଁ ହୁଁ ହୁଁ, ମୁଁ ଖାଇବ ନାହିଁ" କହୁ କେଶବ ତାଙ୍କୁ ପଛକୁ ମୁହଁକୁ ବୁଲେଇ ନେଇ ପେଟରେ ଜମିଆସିଥିବା ହସରୁ ପୁଳାଏ କାଢ଼ିପକାଇଲେ ।

"ତୁମେ ନ ଖାଇଲେ ମୁଁ ଏଠୁ ନଉଠେ । କ୍ଷମା ମାଗିଲି, ତେବେ ବି ମନ ତରଳୁ ନାହିଁ ।"

ଜୋକ ପଣ ଲାଗିରହିବା ଦେଖି କେଶବ ବାବୁ ସତ କଥାଟା କହିଦେଲେ । ବସନ୍ତ ବାବୁ କିନ୍ତୁ ନବ୍ରୋଡ଼ବଦନା । ସେ ବି ଟିକିଏ ମୁର୍କି ହସା ଦେଇ କହିଲେ, "ବାବୁ ! ମୋତେ ଭଣ୍ଡେଇ ପାଶବ ନାହିଁ । ଭାବଛ ଏମିତ କହିଦେଲେ ମୁଁ ଚୁପ୍‌ଚାପ୍ ହୋଇଯିବ ? ଉଠ ଉଠ, ଖାଇନବଟି ।"

"ଶୁଣ ଅଛୁ, ଯାଙ୍ଗଟା ଏକା ଜିଗର କର ବସେଇଲା । ବଢ଼ିଆ ବଢ଼ିଆ ଜିନଷ ବଚରା କଣଥିଲା ! ଚପାକସ ଠୁଙ୍କି ଦେଲା । ଖାଲି ଟିକିଏ ମଜା ଦେଖିବାକୁ ଏମିତ କହୁଥିଲି ।"

"କହିଲି ପରା, ମୋତେ ଭଣ୍ଡେଇବାକୁ ବୃଥା ଚେଷ୍ଟା କର ନାହିଁ । ବିରକ୍ତ ହୋଇଗଲେ ମଣିଷ ମନରେ ଗୋଟାଏ ଶବ୍ଦ ଆସେ । ତୁମର ବି ଆସିଛୁ । ମୁଁ ତ କ୍ଷମା ମାଗି ନେଉଛୁ । ଆଉ କାହିଁକି ଶବ୍ଦ ରଖିଛ, ଆସିବଟି ।"

"ଆରେ ଅଚ୍ଛା ଅଜବ କଥା ! ସତରେ ପରା କହୁଛୁ, ପସ୍ତୁରୁନ ନରୁ, ଅନ୍ୟ ଓ ଭାବକୁ । ଅଟ୍ଠା ଟିକିଏ ଖେଳନ୍ତ ନା, ସବୁବେଳେ କଅଣ ଅଟ୍ଠା ଲାଗିଥାଏ ?"

ଆମୋଦ ପାଉଥିବା ସଙ୍ଗୀମାନେ ହସି ହସି କହିଲେ, "ତାଙ୍କର ରୁଷିବାର କାରଣ କଅଣ ଥିଲା ଯେ, ସେ ରୁଷିବେ । ସତରେ ସେ ଖାଇଦେଇ ଆସିଛନ୍ତି ।"

"ତୁମେ ତ ସମସ୍ତେ ଉପରେ ଉପରେ ଭାସୁଛ । ମନଟା ଥରେ ଭାଙ୍ଗିଗଲେ ପୁଣି ଥରେ ତାକୁ ଗଢ଼ିବା କାଠିକର ପାଠ । ତୁମେ ତାଙ୍କ ନାଡ଼ ଚପି ପାରିବ କୁଆଡ଼ ? ଚପିଛୁ ମୁଁ । ଆସ, ଆସିବଟି କେଶବ ବାବୁ ।"

Digitized by srujanika@gmail.com

"ଆରେ କି ଅଦ୍ଭୁତ କଥା ! ମୁଁ ଖାଇଛି ବୋଲି କାହିଁକି ତୁମର ବିଶ୍ୱାସ ହେଉନି ?"

"ବିଶ୍ୱାସ ନ କରିବା କଥା କହିଲେ ମୁଁ ବିଶ୍ୱାସ କରିବି କେମିତି ? ଯାହା କହିବ କରିବି, ହଜାରେ ଥର କ୍ଷମା ମାଗିବି, ତୁମେ ଖାଇଦିଅ ।"

"ଓଃ, ମୋତେ ଆଉ ହଇରାଣ କରନାହିଁ, ଟିକିଏ ଆରାମ କରିବାକୁ ଦିଅ ।"

"ଗଣ୍ଡାଏ ଖାଇଦେଇ ଆସି ଆରାମ କରୁଥାଅ । କିଏ ମନା କରୁଛି ।"

"ହେ ତୁମକୁ ହାତ ଯୋଡ଼ି ନେହୁରା ହୋଇ କହୁଛି, ମୁଁ ଖାଇଛି, ମୋତେ ଆଉ ହଇରାଣ କର ନାହିଁ । ସତ କହୁଛି, ମୁଁ ଜମା ଭୁଖିନି ।"

"ମୁଁ ମନସ୍ତତ୍ତ୍ୱରେ ଶହେରୁ ନବେ ପାଉଥିଲି । ତୁମରି କଥା ହିଁ ତୁମ ମନକୁ ମୋ ପାଖରେ ଖୋଲିଦେଉଛି । ଏତେ ଅଧୀନ ହୋଇ ଅନୁରୋଧ କରିବା ସତ୍ତ୍ୱେ ଟିକିଏ ତୁମ ମନ ତରଳୁ ନାହିଁ ?"

"ହେ ଭଗବାନ ! କି ହଇରାଣରେ ପଡ଼ିଲି । ଆଚ୍ଛା ମୂଳାଟାଏ ଚିଜ ପାଇଁ ସକାଳୁ ବସିଲି । ହଇହେ ବସନ୍ତ ବାବୁ, ଏତେ କରି କହିଲେ ବି ତୁମ ମନ ମାନୁନି ?"

—"କେମିତି ମାନିବ ? ସମସ୍ତେ ଆନନ୍ଦରେ ଖାଇଲେ, ତୁମେ ଉପାସ ରହିଲ । ପରିଲେ ମୁହଁକୁ ଗିଣିଗିଣିଆ କରି ଯେପରି ଖାଇବାକୁ ନାହିଁ କରିଦେଲ, ତାହା ଗୋଟାଏ ଓଲୁ ବି ଦେଖିଥିଲେ କହିଦେଇଥାନ୍ତା ଯେ, ତୁମେ ଅଭିମାନ କରିଛ, ରାଗ କରିଛ । ମୋ ମନଟା ଏଥିରେ କେମିତି ଅସ୍ଥ ହୋଇ ରହିବ ଭଲା କହିଲ ?"

ବିରକ୍ତି ଓ ରାଗରେ ଜୁଡ଼ୁବୁଡ଼ୁ ହୋଇ କେଶବବାବୁ ଗୁମ୍ ମାରି ବସିଗଲେ । ତାଙ୍କ ପାଟିରୁ ଆଉ କିଛି ବାହାରିଲା ନାହିଁ । ବସନ୍ତ ବାବୁଙ୍କର କିନ୍ତୁ ସେହି କଥା ଘୁଷୁରା ବନ୍ଦ ହେଲା ନାହିଁ । ଆଉ ସମ୍ଭାଳି ନ ପାରି କେଶବ ବାବୁ ହଠାତ୍ ଉଠିପଡ଼ି କାମିଜଟା ଗଳେଇ ପକେଇ, ସାଇକଲଟା ଧରି ଅଜ୍ଞାତ ସ୍ଥାନକୁ ଧଳେଇଲେ । ସେ ମନେ ମନେ ସ୍ଥିର କଲେ ଯେ, ବସନ୍ତ ବାବୁଙ୍କ ଦାଉରୁ ଉଦ୍ଧରିବାକୁ ହେଲେ ସିନେମା ଦେଖା ସବୁଠାରୁ ପ୍ରକୃଷ୍ଟ ପନ୍ଥା । ଫେରିଲା ବେଳକୁ ବସନ୍ତ ବାବୁଙ୍କ ଘୋଷଣା ସରିଯାଇଥିବ । ଏଣେତେଣେ ହୋଇ ଶେଷରେ ସେ ପ୍ରଭାତ ସିନେମାରେ ଯାଇ ପହଞ୍ଚିଲେ । ଟିକେଟ୍ ଭିଡ଼ ଭିତରେ କିଣି ବୁଲିପଡ଼ିଲା ବେଳକୁ ଦେଖନ୍ତି ତ ବସନ୍ତ ବାବୁ ଏକଦମ୍ ତାଙ୍କ ଦେହରେ ଲାଗି ରହିଛନ୍ତି । ମନଟା ପିତେଇ ଉଠିଲା । ସେ ତରତର ହୋଇ ଭିତରକୁ ପଶିଗଲେ । ଠିକ୍ ସିନେମା ଆରମ୍ଭ କଲାବେଳକୁ

Digitized by srujanika@gmail.com

ବସନ୍ତ ବାବୁ ପାଖ ଆସ୍ଥାନରେ ଯାଇ ବସିପଡ଼ିଲେ । କେଶବବାବୁଙ୍କୁ ଗୁମ୍ ମାରି ବସିବା ଦେଖି ସେ ଆରମ୍ଭ କଲେ—

"ଆଚ୍ଛା କେଶବ ବାବୁ, ତୁମେ ପୁଣି ଏତେଦୂର ରାଗି ପାରିଲ ?"

"ହେ ବସନ୍ତ ବାବୁ, ତୁମ ହାତ ଧରୁଛି, ମୋତେ ଆଉ ହଲପଟା କରନା । ସବୁଥିରେ ଗୋଟାଏ ସୀମା ଅଛି ।"

ହଠାତ୍ ସିନେମା ଆରମ୍ଭ ହୋଇଯିବାରୁ ଅନ୍ୟ ଦର୍ଶକମାନଙ୍କ ତରଳ୍ପ ଓ ଗାଳି ଭୟରେ ବସନ୍ତ ବାବୁ ଚୁପ୍ ରହି ଅନ୍ତର୍ବିରତ ସଙ୍ଗେ ସଙ୍ଗେ ପୁଣି ଜୋକପରି ଲାଗି-ଗଲେ । ପରସ୍ତ୍ରୀ କରିଯିବାର ବାହାନା କରି କେଶବ ବାବୁ ଅଧା ସିନେମାରୁ ଛାଡ଼ି ପଳେଇଲେ ।

ସିନେମା ଭାଙ୍ଗିବା ସମୟ ପର୍ଯ୍ୟନ୍ତ କେଶବ ବାବୁଙ୍କ ସମସ୍ତ ସୁରୁଖୁରୁରେ କଟିଗଲା । ଖଟ ଉପରେ ଗଡ଼ିଯାଇ ସେ ଖବରକାଗଜଟା ମେଲାଇଛନ୍ତି କି ନା, ପଦାରେ ବସନ୍ତ ବାବୁଙ୍କ ପାଟି ଶୁଭିଲା । ସେ ଖବରକାଗଜଟାକୁ ଫୋପାଡ଼ିଦେଇ ଆଖି ବୁଜି ପଡ଼ିରହିଲେ । ତାଙ୍କର ଏକଲ ଅବସ୍ଥା ଦେଖି ଜଣେ ସଙ୍ଗୀ ହସିପକାଇଲେ । ବସନ୍ତ ବାବୁ ଘର ଭିତରକୁ ପଶି ଆସି କେଶବ ବାବୁଙ୍କୁ ଶୋଇଥିବାର ଦେଖି ପାଖରେ ଥିବା ସଙ୍ଗୀଟିକୁ କହିଲେ—"ମୋ ନାଡ଼ ଚପାରେ ପୁଣି ଭୁଲ୍ ହେବ ! କେଉଁଦିନ ଏଡ଼େ ଚଞ୍ଚଳ ନ ଖାଇ ନ ପିଇ ଶୋଇପଡ଼ୁଥିଲେ ? ସମସ୍ତେ ତାଙ୍କୁ ଛାଡ଼ି ଖିଅପିଆ କରିପକେଇଲ । ଏବେ ମୋ ଛଡ଼ା ଆଉ କେହି ତ ତାଙ୍କୁ ଟିକିଏ ବୁଝାସୁଝା କରିବାକୁ ଚେଷ୍ଟା କରୁନ ?"

ସଙ୍ଗୀ ଜଣକ—"ତୁମେ ତ ଚେଷ୍ଟା କରୁଛ, ତୁମକୁ କଅଣ ବଳେଇ ଯାଉଛି ।' କହି ମୁରୁକି ହସା ସହ ସେ କୋଠରି ଛାଡ଼ି ଚାଲିଗଲେ । ଅଳ୍ପ ସମୟ ଭିତରେ ସେ କୋଠରିରେ ଖୁବ୍ ଜୋର୍‌ରେ ପାଟିତୁଣ୍ଡ ହେଲା । ଅନ୍ୟମାନେ ପଶିଆସି ଉଭୟଙ୍କୁ ଅଲଗା କରିଦେଲେ ।

ସକାଳୁ ଉଠି କେଶବ ବାବୁ ପାଣି ଡାଲଟାଏ ଧରି ପାଇଖାନା ଗଲାବେଳକୁ ପାଇଖାନାରୁ ବସନ୍ତ ବାବୁ ଫେରୁଛନ୍ତି । ମଝିରେ ଭେଟାଭେଟି । ସଙ୍ଗେ ସଙ୍ଗେ ବସନ୍ତ ବାବୁ ତାଙ୍କ ହାତ ଧରିପକାଇ କହିଲେ – "ଭାଇ, ଯାହା ହେବାର ହୋଇ-ଯାଇଛି, ସବୁ ଭୁଲିଯାଇ ମୋତେ କ୍ଷମାଦିଅ ।"

ସଙ୍ଗେ ସଙ୍ଗେ ପାଟିତୁଣ୍ଡ ଆରମ୍ଭ ହେଲା । ଅନ୍ୟମାନେ ଯାଇ ଅବସ୍ଥା ସମ୍ଭାଳିଲେ । ଅବସ୍ଥାର ପୁନରାବୃତ୍ତି କିନ୍ତୁ ବନ୍ଦ ହେଲା ନାହିଁ । ବରୁଡ଼ି ମାଡ଼ରେ ଛାଡ଼ି

Digitized by srujanika@gmail.com

ପଳେଇଲା ମଣ କେଶବ ବାବୁ ମେସ୍ ଛାଡ଼ିଦେଇ ଆଉ ଗୋଟିଏ ମେସ୍‌ରେ ରହିଲେ । ସେଠି ବି ଖାଦ୍ୟ ମିଳିଲା ନାହିଁ । ପୂର୍ବ ମେସ୍‌କୁ ଫେରି ଆସିବା ଲାଗି ବସନ୍ତ ବାବୁଙ୍କର କାକୁତି ମିନତି ତାଙ୍କୁ ଅଥୟ କରିପକାଇଲା । ଅଫିସ୍‌ରେ ଧରାଧରି କରି ସେ ଜିଲ୍ଲା ଛାଡ଼ି ପଳେଇଲେ । ଅବସ୍ଥାର ହନ୍ତନ୍ତ ଘଟିଲା । ତଥାପି ଗୋଡ଼ ଭିତରେ ରହିଥିବା କଣ୍ଟା ଯେପରି ମଝିରେ ମଝିରେ ଦରଜ କରି, ପଚେଇ ନିଜର ଅସ୍ତିତ୍ୱ ପ୍ରକାଶ କରେ, ଏ ଅବସ୍ଥା ଠିକ୍ ସେହିପରି ପୁଣିରେ ଥରେ ଆତ୍ମପ୍ରକାଶ କଲା । ରଥଯାତ୍ରା ଉପଲକ୍ଷେ ବଡ଼ଦାଣ୍ଡରେ ଉଭୟଙ୍କର ଥରେ ପୁଣିରେ ଭେଟ ହୋଇଯିବା ମାତ୍ରେ ବସନ୍ତ ବାବୁ କେଶବ ବାବୁଙ୍କ ହାତ ଧରିପକାଇ କହିଲେ, "କେଶବ ବାବୁ ! ମୋତେ କଅଣ କ୍ଷମାଦେବ ନାହିଁ ? ମୋ ଉପରେ ଏତେ ରାଗିଗଲ ! ପଛ କଥା ଭୁଲିଯାଇ ମୋତେ କ୍ଷମାଦିଅ ।"

—"ମୁଁ ତ ହାତେ ହାତେ ଅର୍ଜିଛୁ । ଆ ମୂଳା—ବୋଲି ଡାକୁଛୁ । ଦେଖୁଛୁ ପୃଥିବୀ ଛାଡ଼ିଲେ ଯାଇ ଏ ମୂଳା ମୋଠାରୁ ଦାହାରିବ ।" ଏତକ କହି କେଶବ ବାବୁ ହାତଟା ଛୁଆଁଡ଼ି ଦେଇ ଲୋକ ଭିଡ଼ ଭିତରେ ହଭେଇଗଲେ ।

●

Digitized by srujanika@gmail.com

# ଡାକ୍ତର ବଦଳି

ଡାକ୍ତରଖାନାର ସବୁ କାମ ସାରିଦେବା ପରେ ହାତ ଗୋଡ଼ ଧୋଇ ଡାକ୍ତର ବାବୁ ଚଉକିରେ ବସିପଡ଼ି ଟିକିଏ ସ୍ୱସ୍ତିର ନିଶ୍ୱାସ ନେଲେ । ଟୋକା ଡାକ୍ତର । ନୂଆ ହୋଇ ମାତ୍ର ଆଠ ଦଶ ଦିନ ହେଲା ସେ ଡାକ୍ତରଖାନାକୁ ଯାଇଛନ୍ତି । ସ୍ୱର୍ଗପୁରର ଶଚୀଙ୍କ ପରି ଡାକ୍ତରଖାନା ଆରମ୍ଭରୁ ସେଇଠାରେ ରହିଆସିଥିବା ଓ ବହୁ ଡାକ୍ତର ଭୋଗ କରିଥିବା ବୃଦ୍ଧ କମ୍ପାଉଣ୍ଡର ବେଶ୍ ଅନୁଭବ କରିପାରିଲେ ଯେ ସେ ଦିନର ଅତ୍ୟଧିକ କାମର ଚାପ ଫଳରେ ଡାକ୍ତର ବାବୁ ଖୁବ୍ ହାଲିଆ ହୋଇପଡ଼ିଛନ୍ତି । ବେଳ କାଳ ଉଣ୍ଡି ସେ ଡାକ୍ତର ବାବୁଙ୍କ ପାଖକୁ ଆସି ସିଗାରେଟ୍ ପ୍ୟାକେଟ ଗୋଟାଏ ଆଉ ଗୋଟାଏ ଦିଆସିଲି ଥୋଇଦେଇ କହିଲେ—"ଆଜ୍ଞା, ଚାହା କପେ ମଗାଇ ଦେବି ?"

ଡାକ୍ତର ବାବୁ ମୁଣ୍ଡ ହଲାଇ କହିଲେ—"ମୋର ଚାହା, ସିଗାରେଟ୍, ପାନ, ଗୁଡ଼ାଖୁ କିଛି ଲୋଡ଼ା ନାହିଁ । ମୋର ଲୋଡ଼ା କାମ, ଖାଲି କାମ । ଏ ସବୁର ମୁଁ ଧାର ଧାରେନା । ଏଗୁଡ଼ାକ ଯେ ଲୋକଙ୍କୁ ଅଧିକ କାର୍ଯ୍ୟକ୍ଷମ କରାଏ ଓ ଅବସାଦ ଦୂର କରେ ସେ ବିଶ୍ୱାସ ମୋର ନାହିଁ । ଏସବୁ କେବଳ ଭକ୍ତମାନଙ୍କର ମାନସିକ ପ୍ରତିକ୍ରିୟା । ମନକୁ ବୁଝେଇ ଦେଇ ପାରିଲେ ଶରୀର ଗ୍ରୁଏଁ ଗ୍ରୁଏଁ ଅବସାଦକୁ ଛାଡ଼ିଦେବ । ଶୂନ୍ୟରୁ ନୂଆ ଶକ୍ତି ପାଇପାରିବ । ମୋତେ ସେଗୁଡ଼ାକ ଆଉ କେବେ ହେଲେ ଯାଚିବେ ନାହିଁ ।"

କମ୍ପାଉଣ୍ଡର ବାବୁ ସିଗାରେଟ୍, ଦିଆସିଲି ଫେରାଇ ନେଲାବେଳେ ମନେ ମନେ ଭାବୁଥାନ୍ତି—ଟୋକାଟାକଳିଆ ଡାକ୍ତର । ହମ ହମ ହୋଇ ସବୁ କରିଯାଉଛନ୍ତି । ରୋଗୀଙ୍କୁ ସିନା ଭଲ, ହେଲେ ଆମକୁ ପକେଟ ମରୁଡ଼ିର ପୂର୍ବ ସୂଚନା । ଡାକ୍ତର ଯଦି ଆବୋରି ପଡ଼ି ସବୁ ରୋଗୀଙ୍କର ବେଠି ଖଟିବେ, ତେବେ ଆମକୁ ପଚାରିବ କିଏ ?

ଚାଲିଆସୁଥିବା କମ୍ପାଉଣ୍ଡର ବାବୁ ପୁଣି ଲେଉଟିପଡ଼ି ପଚାରିଲେ, "ଆଜ୍ଞା ! ବଡ଼ ସାହେବଙ୍କର ଏ ଡାକ୍ତରଖାନା ପରିଦର୍ଶନ ପରା ଆଉ ମୋଟେ ତିନି ଦିନ ରହିଲା । ଡାକ୍ତରଖାନା ସଜାସଜି, କାଗଜପତ୍ର ଠିକ୍‌ଠାକ୍, ଆଉ ବଡ଼ ସାହେବଙ୍କ ପାଇଁ ଖାନାପିନାର ବନ୍ଦୋବସ୍ତ ସବୁ ଆଗରୁ ନ କଲେ ବଡ଼ ହଇରାଣରେ ପଡ଼ିବାକୁ ହେବ ।"

Digitized by srujanika@gmail.com

"ବଡ଼ ସାହେବଙ୍କୁ ଆମ ଡାକ୍ତରଖାନା ଯେମିତି ଅଛି ସେମିତି ଦେଖେଇ-ଦେବା, ଯାହା ନୁହେଁ ତାହା ଦେଖାଇ ଭଣ୍ଡିବା କାହିଁକି ? ଭଣ୍ଡାରରୁ ଆମେ କିଛି ଷ୍ଟୋର କରନ୍ତୁ ଯେ ଖାତାପତ୍ରରେ ତାଙ୍କୁ ଜାଲ କରି ସମତୁଲ କରିବା । ସବୁଦିନେ ଯାହା ସେଦିନ ସେ ସେଇଆ ଦେଖି ଯିବେ ।

"ଆଜ୍ଞା, ଆପଣ ପିଲା ଲୋକ, ବୁଝିପାରୁ ନାହାନ୍ତି । ଏ ଚଳଣି ସବୁ କାଳରେ ସବୁଠିଁ ହୋଇ ଆସୁଛି । ଅନ୍ୟଥା ହେଲେ ସାହାବ ବିଗିଡ଼ିଯିବେ । ମନରେ ରହିରଖି କେଉଁ ବାଟେ ହେଲେ ହଇରାଣ କରିଦେବେ । ଆଜ୍ଞା ଚାକିରି କଲେ ଉପର ହାକିମଙ୍କୁ ସନ୍ତୁଷ୍ଟ ରଖିବା ହେଲା ପହିଲା କାମ ।"

"ମୁଁ ଏଠିକି ଆସିଛି ରୋଗୀଙ୍କୁ ସନ୍ତୁଷ୍ଟ ରଖିବା ପାଇଁ । ସେଇଟା ହେଲା ମୋର ପହିଲା କାମ । ଏଥିରେ ସାହେବ ସନ୍ତୁଷ୍ଟ ହେଲେ ହୁଅନ୍ତୁ ନ ହେଲେ ନାହିଁ । ସେଥିରେ ମୁଁ ମୁଣ୍ଡ ଖେଳାଇବି ନାହିଁ । ମୋର ଦୃଢ଼ବିଶ୍ୱାସ ସାହାବ ଯଦି ସଚ୍ଚୋଟ ହାକିମ ହୋଇଥିବ ତେବେ ମୋ କାମରେ ସେ ନିଶ୍ଚୟ ସନ୍ତୁଷ୍ଟ ହେବ ହିଁ ହେବ । କାମରେ ଗଲ୍‌ତି ରଖି ଫାଲ୍‌ତୁ କାମରେ ସନ୍ତୁଷ୍ଟ କରାଇବା ଲୋକ ମୁଁ ନୁହେଁ ।"

"ଆଜ୍ଞା ପାଣିରେ ଘର କରି କୁମ୍ଭୀର ସଙ୍ଗେ ଅପଡ଼ ହେଲେ ଚଳିବ ? ଚାକିରିରେ ମୋ ବାଳ ପାଚିଲାଣି । ଚାକିରି ହାଲଚାଲ ଭଲ କରି ଜାଣିଛି ବୋଲି ମୁଁ ଆପଣଙ୍କୁ ଅନୁରୋଧ କରୁଛି । ଆପଣ ନୂଆ ଚାକିରି କରିଛନ୍ତି, ଉପରେ ଉପରେ ଭାସୁଛନ୍ତି । ଭିତରେ ପଶିଲେ ସବୁ ହାଲ ବୁଝିପାରିବେ ।"

"ଆଚ୍ଛା, ଯାହା ଆସିବ ଆସିବ ମୋ ଉପରକୁ ଆସିବ । ମୁଁ ତାକୁ ସମ୍ଭାଳିବି, ଆପଣ ଏମିତି ବ୍ୟସ୍ତ ହେଉଛନ୍ତି କିଆଁ । ଆପଣଙ୍କର ସେଥିରେ କଅଣ ହୋଇଯିବ ?"

"ଆଜ୍ଞା ସେ ସାହାବଟା ଯେମିତିଆ ଉଦଣ୍ଡିଆ ସେମିତି ବଦ୍‌ରାଗୀ । ହନୁମାନ ବିଶଲ୍ୟକରଣୀ ଆଣିବାକୁ ଯାଇ ଯେମିତି ଗନ୍ଧମାର୍ଦ୍ଦନ ପର୍ବତଟାକୁ ତାଡ଼ି ନେଇଗଲା ଏ ସାହେବ ସେମିତି ଆପଣଙ୍କୁ ଓପାଡ଼ିବାକୁ ଯାଇ ସମସ୍ତଙ୍କୁ ଓପାଡ଼ି ଦେବ । ଆପଣ ଟୋକାଟାକଳିଆ ଲୋକ, ସମ୍ଭାଳି ଯିବେ କିନ୍ତୁ ଆମ ଅବସ୍ଥା ସରିଯିବ । ମୁଁ ତ ଏକାବେଳକେ ଉଚ୍ଛନ୍ନ ହୋଇଯିବି । ଆପଣ ରାଜି ହୋଇଆନ୍ତୁ । ମୁଁ କମ୍ ଖର୍ଚ୍ଚରେ ସବୁ ତୁଲାଇଦେବି ।"

ନିଜ କାମ ଲାଗି ଆଉ ଜଣେ କ୍ଷତିଗ୍ରସ୍ତ ହେବାଟାକୁ ଡାକ୍ତର ବାବୁ ଚାହୁଁ ନଥିଲେ । କିଛି ସମୟ ନୀରବ ରହି ସେ କହିଲେ—"ଆଚ୍ଛା ଆପଣଙ୍କର ଯାହା ଇଚ୍ଛା କରନ୍ତୁ । ସଫାସଫି, ସଜେଇବା କାମତକ ସରକାରୀ ଖର୍ଚ୍ଚରେ ହୋଇଯିବ । ସେ ତ ମାମୁଲି ଖର୍ଚ୍ଚ । ସାହାବଙ୍କ ଖାନାରେ କେତେ ଖର୍ଚ୍ଚ ହେବ ?"

Digitized by srujanika@gmail.com

"ବେଶି ସେମିତି କିଛି ନୁହେଁ । ସବୁଥର ଆମେ ରଫିକ୍ ମିଆଁଙ୍କୁ କୋଡ଼ିଏଟି ଟଙ୍କା ଧରେଇ ଦେଉ । ସେ ସେଇ ପଛ ଘର କୋଠରୀରେ ଟେବୁଲ ସଜେଇ ବାସି ଟେବୁଲ କନା ଉପରେ ବଣଆଳ, କୁକୁଡ଼ା ରୋଷ୍ଟ, କୁର୍ମା, କଟଲେଟ୍, କରୀ, ମଟନ୍ ଚପ୍, ସାଲାଡ଼୍ ଆଦି ଚମତ୍କାର ଭାବରେ ସଜେଇଦିଏ । ରଫିକ୍ ମିଆଁ ରାନ୍ଧଣା ସବୁଠୁଁ ଭାବେ । ଆମ ରାଜ୍ୟରେ ଯେତେ ସାହାବ ଅଛନ୍ତି, ଖୋଦ୍ ଲାଟ୍ ସାହେବଙ୍କ-ଠାରୁ ଆରମ୍ଭ କରି ସମସ୍ତେ ତା'ର ବହୁତ ବହୁତ ତାରିଫ କରିଛନ୍ତି । ଆମଠି ଖାଲି ଜୀବନ ମରଣ ସଉଦା ଅଛି ବୋଲି ଆଉ ଆମଠୁଁ ସବୁବେଳେ ଉପକାର ପାଏ ବୋଲି ଆମକୁ କେବଳ ଖର୍ଚ୍ଚା ଲାଗି କୋଡ଼ିଏଟି ଟଙ୍କା ନେଇ ଯୋଗାଇଦିଏ । ଅନ୍ୟମାନଙ୍କଠାରୁ ସେ ଏତିକି ଜିନିଷ ପାଇଁ ଚାଳିଶି, ପଚାଶ ଟଙ୍କାରୁ ଊଣା କରେନି ।"

"ଜଣେ ଲୋକ ଥରକେ କୋଡ଼ିଏ ଟଙ୍କାର ଖାଦ୍ୟ ଖାଇଯାଏ ! ଡୋଲୁ-ଗୁଡ଼ାକ ପର ପଇସା ଲାଗି କେବଳ ଖାଇପାଆନ୍ତି । ନିଜ ପଇସା ହୋଇଥିଲେ କୋଡ଼ିଏ ମୁଠିକା ବେଲକୁ ହଂସା ଉଡ଼ିଯିବ । ଏତେ ଶ୍ରେଷ୍ଠ ଲୋକଗୁଡ଼ାକ ! ହଜାର ହଜାର ଟଙ୍କା ଦରମା ପାଉଛନ୍ତି, ଟିକିଏ ଭାବନ୍ତୁନି ଆମେ କେଇଟା ଟଙ୍କା ବା ଦରମା ପାଉଛୁ ତହିଁରୁ କେମିତି କିଛି ପେଟରେ ପୂରେଇ ଦେବା ! ସେଥିରେ ବି ଦରମା କିଛି ନିୟମିତ ମିଳୁଛି ? ନିଜେ ଦରମା ନେଲାବେଳକୁ ପହିଲାରୁ ଦୁଇ ତାରିଖ ବି ହେବନି, ଆଉ ଆମକୁ ବେଳେ ବେଳେ ମାସ ମାସ ବର୍ଷ ବର୍ଷ ଧରି ପେଟରେ ଓଦା-କନା ପକାଇ ରହିବାକୁ ପଡ଼ୁଛି । ଟିକିଏହେଲେ ଭାବନ୍ତି ନାହିଁ ଆମେ କେମିତି ବଞ୍ଚୁଛୁ । କଅଣ ଖାଇ ବଞ୍ଚୁଛୁ । ସେମାନେ ଯଦି ଆମ ପେଟ ନଦେଖିଲେ, ଆମର କି ଗରଜ ପଡ଼ିଛି ତାଙ୍କ ପେଟରେ ଆମ ଝାଳବୁହା ଧନ ପୂରେଇବୁ ? ଆପଣ ଯେତେ-ବେଳେ ଏମିତି ଡରିଯାଉଛନ୍ତି, ମୁଁ ଅଧିକ କିଛି କହିବି ନାହିଁ । ମୁଁ କୋଡ଼ିଏ ଟଙ୍କା ଦେଉଛି, ଯାହା କରିବାର କରନ୍ତୁ । ଏତିକି କିନ୍ତୁ ମନେରଖନ୍ତୁ, ଆମେ ଯଦି ଠିକ୍ ଠିକ୍ ଭାବରେ ନିଜ ନିଜ କର୍ତ୍ତବ୍ୟରେ ହେଳା ନ କରିବା, ତେବେ କାହାକୁ ଡରିବା ନାହିଁ । କେହି ବି ଆମର କିଛି କରିପାରିବେନି ।"

କମ୍ପାଉଣ୍ଡର ବାବୁ କୋଡ଼ିଏଟି ଟଙ୍କା ନେଇ ଚାଲିଯିବା ପରେ ଡାକ୍ତରବାବୁ ଭାବିଲେ—ବୁଢ଼ା ଗଛ, ବୁଢ଼ା ମଣିଷକୁ ଆଉ ସଳଖି ହୁଏନା, ଖାଲି ବଦଳିକୁ ଡରି ବୁଢ଼ା କମ୍ପାଉଣ୍ଡର ସିନା ଏପରି କରୁଛନ୍ତି, ହେଲେ ସାହାବକୁ ମୁଁ ପାନେ ନଦେଇ ଛାଡ଼ିବି ନାହିଁ । ତା ଜନମଭରି ଏମିତିଆ ଔଷଧ ଖାଇ ନଥିବ ।

ସାହାବଙ୍କ ମଟରଗାଡ଼ି ଡାକ୍ତରଖାନା ଦୁଆର ମୁହଁରେ ଠିଆହେଲା । ଡାକ୍ତର ବାବୁ ନମସ୍କାରଟିଏ କରି ମଟରଗାଡ଼ି ଦୁଆରଟା ଖୋଲିଦେଲେ । ସାହାବ ଭିଡ଼

Digitized by srujanika@gmail.com

ମୋଡ଼ ହୋଇ ଗାଡ଼ି ଭିତରୁ ସତେ ଯେମିତି ଜନ୍ମ ହୋଇପଡ଼ିଲେ । ପ୍ରଥମ ସାକ୍ଷାତଟା ଜନ୍ମ ସାହେବଙ୍କୁ କୁଇନାଇନ୍ ଚାଖିଲା ପରି ଲାଗିଲା । ଡାକ୍ତରଟା କେଡ଼େ ଗାଉଁଲି ! ଟୋକାଟାଏ ହୋଇଥିଲେ ମୁଣ୍ଡା କେଡ଼େ ମରହଟ୍ଟୀ ! କରମର୍ଦ୍ଦନ କରିବାକୁ ହାତ ନ ବଢ଼େଇ କହୁଛି ନମସ୍କାର ! ରବସ୍, ରବସ୍ !

କମ୍ପାଉଣ୍ଡରବାବୁ ଜନ୍ମ ପରିସ୍ଥିତିକୁ ସମ୍ଭାଳ କରିଦେଲେ । ଅଣ୍ଟା ପାଖରେ ନବେ ଡିଗ୍ରୀ କୋଣ କରି ଗୋଟିଏ ସାଲ୍ୟୁଟ୍ ପକେଇ ସାରିବା ପରେ ଗୋଟିଏ କର୍ପୂରମାଳ ବେକରେ ଗଳେଇଦେଲେ । ମୁଣ୍ଡ ନୁଆଁଇ ମାଳ ପିନ୍ଧି ସାରିବା ପରେ ସାହାବ ହସି ହସି କହିଲେ—"ଏସବୁ ମନ୍ତ୍ରୀଙ୍କ ଜିନିଷ, ଆମକୁ ଦେବା ଉଚିତ ନୁହେଁ ।"

ସାହାବ ଡାକ୍ତରଖାନା ଘୂରିଆଡ଼ି ବୁଲି ଦେଖିଲେ । ସବୁଠି ସଫାସୁତୁରା । ଆଠଟି ରୋଗୀଙ୍କ ଖଟ, ବିଛଣାପତ୍ର, ପୋଷାକସବୁ ଚକ୍ ଚକ୍ । ଖାତାପତ୍ରରେ ମଧ୍ୟ କିଛି ମଇଳାଧୂଳି ନାହିଁ । ଡାକ୍ତରବାବୁ ଉପରେ ପଡ଼ି କହିଦେଲେ—"ଏସବୁ କୃତିତ୍ୱ କମ୍ପାଉଣ୍ଡର ବାବୁଙ୍କର । ସବୁ କିଛି ସେ ଦେହ ଲଗେଇ କରିଛନ୍ତି ।"

ସ୍ମିତ ହସର ସହ ସାହାବ କହିଲେ, "ହୋଇଥିବ, ହୋଇଥିବ । କମ୍ପାଉଣ୍ଡର ବାବୁ ଜଣେ ପୋଖତ ପୁରୁଣା ଲୋକ ।"

ଏତିକିବେଳେ ପଛ କୋଠରି ଆଡ଼ୁ କ୍ଷୁଧା ଉଦ୍ରେକକାରୀ ଓ ଜିହ୍ୱାସିକ୍ତକାରୀ ମାଂସ ବ୍ୟଞ୍ଜନର ଆକର୍ଷଣୀୟ ସୁଗନ୍ଧ ଭାସି ଆସି ସାହାବଙ୍କ ନାସିକା ଗୋଚର ହେଲା । ମନ୍ତବ୍ୟ ଖାତାରେ ସେ ସବୁ ଭଲ ଲେଖି ପରିଦର୍ଶନ କାମ ସାରିଦେଲେ । କମ୍ପାଉଣ୍ଡରବାବୁ ଆଙ୍ଗୁଠି ମଳି, ନଇଁପଡ଼ି ଧୀରେ ଧୀରେ ସାହାବଙ୍କୁ କହିଲେ, "ଆଜ୍ଞା, ପଛ ଘରେ ଟିକିଏ ହାତ ଧୋଇବା ହେବେ ।" ସେ ଏପରି ଭାବରେ ଲାଗିପଡ଼ି ସାହାବଙ୍କ ଚର୍ଚ୍ଚା କରୁଥାନ୍ତି ଯେ ସାହାବ ଡାକ୍ତରବାବୁଙ୍କ କରିଛଡ଼ା ଭାବ ଠଉରେଇ ପାରିଲେ ନାହିଁ ।

"ଏତେ ତରତର ହେଉଛ କାହିଁକି" କହି ସାହାବ ହାତ ଧୋଇ ଟେବୁଲ ପାଖରେ ବସିଲେ । ସବୁ ପାତ୍ର ଉପରେ ଆଖି ବୁଲେଇ ଆଣି କହିଲେ, "ଏତେ ଦାମିକା ଖାଦ୍ୟକୁ ଏତେଗୁଡ଼ାଏ ବ୍ୟବସ୍ଥା କଲ କାହିଁକି ? ସାମାନ୍ୟ ଭାତ ଡାଲି ଟିକିଏ କରିଦେଇଥିଲେ ଚଳିଯାଆନ୍ତା ।"

ପ୍ରତି ଥର ପରି ଏଥର ବି ସାହାବଙ୍କ ମୁହଁରୁ ଏଇକଥା ବାହାରିବ ବୋଲି କମ୍ପାଉଣ୍ଡରବାବୁ ଜାଣି ରହିଥିଲେ । ପୂର୍ବ ପରି ସେ ମଧ୍ୟ ଆଙ୍ଗୁଠି ମଳି ମଳି କହିଲେ, "ଆଜ୍ଞା ଏଇଟା ସିନା ଆମକୁ ବଡ଼, ହଜୁରଙ୍କ ପାଇଁ ପ୍ରତିଦିନିଆ ମାମୁଲି ଖାଦ୍ୟ ।"

Digitized by srujanika@gmail.com

ସାହାବ ହାତ ଚଳେଇଲେ । ବ୍ରିଟିଶ ଥର ପରଶାକୁ 'ଆହ ଆହ' କହ ମଧ୍ୟ ହବୁ ଥାଳ ଥାଳିଆ ସଫା କରିଦେଲେ । ହାତଧୁଆ ଓ ମୁହଁ ପୋଛୁପୋଛୁ ପରେ ଅଫିସ୍ କୋଠରରେ ବସି ସିଗାରେଟ୍‌ଟାଏ ଲଗେଇଲେ ଏବଂ କମ୍ପାଉଣ୍ଡରଙ୍କୁ ପଚ୍ଚରିଲେ, "କେତେ ଟଙ୍କା ଦେବ ? ତୁମେ ହାତରୁ ଟଙ୍କା ଖର୍ଚ୍ଚ କରିଥିବ, ସେଇଟା ମୋର ଦେଇଦେବା ଉଚିତ୍ ।

ସବୁ ଥର କମ୍ପାଉଣ୍ଡର ବାବୁ ଏମିତ ଶୁଣନ୍ତ ଏବଂ ସବୁ ଥର କହନ୍ତି ପର ସେ ମଧ୍ୟ କହିଲେ, "ହଜୁର ଆଜ୍ଞା ! ଏତକ ଟିକିଏ ଚର୍ଚ୍ଚା ଆମେ କଲୁ ବୋଲି ଆପଣଙ୍କଠାରୁ ଟଙ୍କା ନେବୁ ? ଆଜ୍ଞା, ବିଦୁର ଶ୍ରୀକୃଷ୍ଣଙ୍କୁ ତାଙ୍କ ଘରେ ଶାଗ ଭାତ ଖୁଆଇଥିଲେ । ଶ୍ରୀକୃଷ୍ଣ କଅଣ ତାଙ୍କୁ ଟଙ୍କା ଯାଚିଥିଲେ ?"

ସାହାବ ଆନନ୍ଦର ଉଷ୍ଣତା ଅନୁଭବ କରୁଥିବାବେଳେ ଡାକ୍ତର ବାବୁ କୋଡ଼ିଏ ଟଙ୍କାର ଗୋଟିଏ ଭୋଜନ ବିଲ୍ ଆଣି ସାହାବଙ୍କୁ ଧରେଇଦେଲେ । ସାହାବଙ୍କ ମୁହଁର ରଙ୍ଗ ବଦଳିଗଲା । ଟଙ୍କା ମୁଣିରୁ ଦୁଇଟା ଦଶଟଙ୍କିଆ ନୋଟ ଡାକ୍ତର ବାବୁଙ୍କ ହାତକୁ ବଢ଼େଇଦେଇ ଡାକ୍ତରଖାନା ଛାଡ଼ିଲେ । ଡାକ୍ତରବାବୁ ମଟରଗାଡ଼ି ପର୍ଯ୍ୟନ୍ତ ଯାଇ ବିଦାୟ ନମସ୍କାର ଜଣାଇଲେ । ସାହାବ କିନ୍ତୁ କିଛି ନକହି ଚାଲିଗଲେ ।

ଡାକ୍ତରଖାନାକୁ ଫେରି ଡାକ୍ତରବାବୁ ଦେଖିଲେ– କମ୍ପାଉଣ୍ଡରବାବୁ ମୁଣ୍ଡରେ ହାତଦେଇ ତଳଟାରେ ବସିପଡ଼ିଛନ୍ତି । ହସି ହସି ସେ ପଚ୍ଚରିଲେ—"କଅଣ ହେଲା କମ୍ପାଉଣ୍ଡରବାବୁ ? ଘାବରେଇ ଯାଉଛ ? କିଛି ଚିନ୍ତା କରନା ସାହାବର ରାଗ ମୋ ଉପରେ ପଡ଼ିବ । ଆପଣଙ୍କ ଉପରେ ନୁହେଁ । ମୁଁ ଭଲଭାବେ ଭାବଚିନ୍ତି ଏହା କରିଛି । ପେଟରେ ଲୋଭ ମୁହଁରେ ବଦାନ୍ୟତା ହବୁବେଳେ କାମ ଦେଖେଇବ ନାହିଁ ବୋଲି ସେମାନେ ଶିଖନ୍ତୁ ।"

× × ×

ଠିକ୍ ପନ୍ଦରଦିନ ପରେ ଡାକ୍ତର ବାବୁଙ୍କ ପାଖକୁ ସାହାବଙ୍କ ଅଫିସରୁ ଚିଠିଟିଏ ଆସି ପହଞ୍ଚିଲା । ଚିଠି ଖୋଲାହେବା ପୂର୍ବରୁ କମ୍ପାଉଣ୍ଡର ବାବୁ କହିଲେ—"ଆସିଗଲା ଝଡ଼ ତୋଫାନ, ଆପଣଙ୍କୁ ଉଡ଼େଇ ନେଇ କେଉଁଠି ପକାଇବ କେଜାଣି । ଟିକିଏ ସମ୍ଭାଳି ଯାଇଥିଲେ କଅଣ ଯେ ଖରାପ ହୋଇଯାଇ ଥାଆନ୍ତା ?"

ଲଫାଫା ଖୋଲୁ ଖୋଲୁ ଡାକ୍ତରବାବୁ କହିଲେ—"ବଦଳିକୁ ଡରିବା ମୋ ଜାତକରେ ନାହିଁ । ପ୍ରତି ମାସରେ ମୋର ବଦଳି ହେଲେ ମୋର ଆନନ୍ଦ । ପୁଅ ମାଇପ ନାହାନ୍ତି ଯେ ଛନ୍ଦର ହୋଇଯାଇ ଯିବାକୁ କୁଛୁ କୁଛୁ ହେବ । ଆରେ ହଁ

Digitized by srujanika@gmail.com

ତ କମ୍ପାଉଣ୍ଡରବାବୁ, ବଦଳି ଆଦେଶ । ଏକାବେଳକେ ରାଜ୍ୟର ଶେଷ ମୁଣ୍ଡକୁ, ଯେଉଁ ଅପନ୍ତରା ସ୍ଥାନ କଥା କହୁଥିଲି ଠିକ୍ ସେଇଠିକୁ ।"

ଆଖି ଛଳ ଛଳେଇ କମ୍ପାଉଣ୍ଡରବାବୁ କହିଲେ—"ଆପଣ ବିଲ୍ ଦେଲ ବେଳଠୁଁ ଏହା ମୋତେ ଜଳ ଜଳ ହୋଇ ଦିଶୁଛି । ସାହାବ ଯାହା ଉପରେ ରାଗିବେ ତାକୁ ସେଇଠାକୁ ପଠାଏ । ସ୍ଥାନଟା ଘୋର ଜଙ୍ଗଲ । ସବୁଆଡ଼େ ବଣବାସୀ । ଡାକ୍ତର ସେଠି ସବୁଠୁଁ ବଡ଼ ହାକିମ । ୧୨୦ ମାଇଲ ଦୂରରେ ରେଳ ଷ୍ଟେସନ । ୪୫ ମାଇଲ ଦୂରରେ ବସ୍ ଅଟକେ । ୧୫ ମାଇଲ ଥିବ ଶଗଡ଼ ବି ଅଟକିବ । ଆଉ ରାସ୍ତା ତେଣିକି ନାହିଁ । ବଣୁଆ ରାସ୍ତା, କୋଉଠି ଜଙ୍ଘେ ପାଣି ତ କୋଉଠି ଆଣ୍ଠୁଏ ପଙ୍କ । ସେ ୧୫ ମାଇଲ ବାଟ ବୋହିଆଙ୍କ ମୁଣ୍ଡରେ ଜିନିଷପତ୍ର ଲଦେଇ ଗାମୁଛା ପିନ୍ଧି ଯିବାକୁ ହେବ । ସେ ଡାକ୍ତରଖାନାଟି ବର୍ଷ ବର୍ଷ ଧରି ବେଗର ଡାକ୍ତରରେ ଚଳେ । ଆଜଯାଏ କେହି ସାହାବ ସେ ସ୍ଥାନ ଦେଖିନାହାନ୍ତି ।"

"ତାହାହେଲେ ସେଇଟା ତ ଏକ ବଢ଼ିଆ ସ୍ଥାନ । ବଡ଼ ଆରାମରେ ଦିନ କଟିବ । ସଙ୍ଗେ ସଙ୍ଗେ ସେଠାକୁ ଯିବାର କଥା । ହେଲେ ସାହାବଙ୍କୁ ମୁଁ ପଟାଏ ହଇରାଣ ନକରି ଛାଡ଼ୁଛି ? ଖବର ନେଉଥିବ, ବୁଢ଼ା କେମିତି ଛଟରପଟର ହେବ ।"

× × ×

ନୂଆ ଡାକ୍ତରଖାନାର ପରିବେଶଟା ଡାକ୍ତର ବାବୁଙ୍କୁ ବେଶ୍ ଆନନ୍ଦଦାୟକ ହେଲା । କମ୍ପାଉଣ୍ଡର ଜଣେ ସ୍ଥାନୀୟ ଅଧିବାସୀ । ବର୍ଷ ବର୍ଷ ଧରି ସେ ହିଁ ଡାକ୍ତର, ସେ ହିଁ କମ୍ପାଉଣ୍ଡର, ସେ ହିଁ ନର୍ସ । ଟୋକା ଡାକ୍ତରବାବୁ ସେଠାରେ ରହିବାକୁ ସେ ଭିଡ଼ମୋଡ଼ ହେଲା । ସ୍ଥାନର ଅସ୍ୱାସ୍ଥ୍ୟକରତା, ବନବାସୀମାନଙ୍କ ସ୍ୱଭାବର ଭୀଷଣତା ବିଷୟରେ ବହୁବାର ସଂକ୍ଷିପ୍ତ ଭାଷଣମାନ ଦେଲା । ଡାକ୍ତର ବାବୁ କିନ୍ତୁ ଦିନ କେଇଟାରେ ସେଠାର ନିରୀହ ଜନସାଧାରଣ, ସେମାନଙ୍କୁ ଶୋଷୁଥିବା ଟାଉଟର ଓ ରାଜନୀତି ଗ୍ଲାଲ ପିନ୍ଧିଥିବା ମାମଲତକାର ଓ ମହାଜନମାନଙ୍କୁ ଭଲକରି ଚିହ୍ନି ଗଲେ । ଡାକ୍ତରଖାନାକୁ କେହି ରୋଗୀ ଆସନ୍ତି ନାହିଁ । କମ୍ପାଉଣ୍ଡର ଗାଁ ଗଣ୍ଡାରେ ବୁଲି ଜବରଦସ୍ତି ଔଷଧ ଦେଇ ଦେଇ ଟଙ୍କାଏ ମସାଏ, କୁକୁଡ଼ାଟାଏ କି ବୋଇତି କଖାରୁଟାଏ ପାଉଥିଲେ । ଡାକ୍ତରବାବୁ ଓଲଟି ହାତରୁ ପଇସା ଦେଇ ଗାଁ ଗଣ୍ଡାରେ ବୁଲି ଚିକିତ୍ସା କରିବା ଫଳରେ କମ୍ପାଉଣ୍ଡରଙ୍କର ହଲକ ଶୁଖିଲା । ଡାକ୍ତରଖାନାକୁ ବଞ୍ଚେଇ ରଖିବାକୁ କମ୍ପାଉଣ୍ଡରବାବୁ ରୋଗୀ ରେଜିଷ୍ଟରରେ ଯେମିତି ଜାଲ ନାମଗୁଡ଼ାଏ ଭର୍ତ୍ତି କରି ଦେଉଥିଲେ ତାହା ଆଉ କଲେ ନାହିଁ । ଟାଉଟରମାନେ ଡାକ୍ତରଖାନାରେ

Digitized by srujanika@gmail.com

ଯୋଗ ଅଡ୍ଡା ଜମେଇଥିଲେ ତାହା ବି ବନ୍ଦ ହୋଇଗଲା । ଦିନେ ଗୋଟିଏ ଟାଉଟର ଡାକ୍ତର ବାବୁଙ୍କୁ ଆସି ପଚାରିଲା—"ଡାକ୍ତରବାବୁ, ଆଜକାଲି କାହିଁକି ରୋଗୀମାନେ ଏଠାକୁ ଆସୁନାହାଁନ୍ତି ?"

ଡାକ୍ତରବାବୁ ରୁକ୍ଷ ଗଳାରେ କହିଲେ—"ହଟ୍ ରେ ହଟ୍, ମୋ ସାହାବଟା ଚାଲିଆସିଲା କେଉଁଠୁ ! ଶଳାକୁ ଆଉ କେଉଁଠି ଟାଉଟରି କରିବାକୁ ମିଳିଲା ନାହିଁ । ଯା ରେ ଶଳା, ଦରଖାସ୍ତ ଲେଖିଲେ ମନ୍ତ୍ରୀଙ୍କ ପାଖକୁ ଯେ ମୁଁ ଆସିଲାରୁ ଏଠାକୁ ରୋଗୀଏ ଆସୁନାହାନ୍ତି । ଓହ୍ଲା ଶଳା ପିଣ୍ଡା ତଳକୁ ଓହ୍ଲା ।"

ଉଣା ଅଧିକେ ସବୁ ଟାଉଟର ଓ ମହାଜନ ଡାକ୍ତର ବାବୁଙ୍କ ଠାରୁ ଏହିପରି ଲାଞ୍ଛନା ଭୋଗିଲେ । ସେମାନଙ୍କର ଜରୁରୀକାଳୀନ ଗୁପ୍ତ ସଭା ବସିଲା । କଥାଉଠିଲା ସବୁ ବାଟ ବତାଇଦେଲେ । ସ୍ୱାସ୍ଥ୍ୟ ବିଭାଗର ସାହାବଙ୍କୁ ସେ ଡାକ୍ତରଖାନା ପରି-ଦର୍ଶନରେ ଅଣେଇ ପାରିଲେ କାମ ଫତେ ହୋଇଯାଆନ୍ତା । ଡାକ୍ତରର କଡ଼ା ମିଜାଜ ଯୋଗୁଁ ରୋଗୀ ଯାଉନାହାନ୍ତି, ତାହା ରୋଗୀ ରେଜିଷ୍ଟର ପ୍ରମାଣ କରିଦେବ । ସଙ୍ଗେ ସଙ୍ଗେ ଡାକ୍ତର ଏଠାରୁ ଅଲବିଦା ହୋଇଯିବ । ପ୍ରସ୍ତାବ ଚଟାପଟ୍ କାର୍ଯ୍ୟକାରୀ ହେଲା । ଭାଗ୍ୟକୁ ସ୍ୱାସ୍ଥ୍ୟମନ୍ତ୍ରୀ ସେହି ଆଡ଼ର ଲୋକ । ତାଙ୍କ ପାଖକୁ ଖବର ପଠାଗଲା ।

× × ×

ସ୍ୱାସ୍ଥ୍ୟମନ୍ତ୍ରୀ ବିଭାଗୀୟ ସାହେବଙ୍କୁ ଡାକି ବିରକ୍ତିର ସହ କହିଲେ—"ହଇଓ, କି ଡାକ୍ତରଟାଏ ମୋ ଅଞ୍ଚଳକୁ ପଠେଇଲ ଯେ ସେଠା ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି । ତୁମେ ନିଜେ ଯାଇ ଅନୁସନ୍ଧାନ କରି ରିପୋର୍ଟ ଦିଅ ।"

ଯମର ହୁକୁମ ଏଡ଼ାଇ ଦେଇ ହେବ, କିନ୍ତୁ ମନ୍ତ୍ରୀଙ୍କ ହୁକୁମ ଏଡ଼ାଇ ନହୁଏ । ବହୁ କଷ୍ଟରେ ଓ ନାକରେ ଓ କାନରେ କାଢ଼ି ସାହାବ ସେ ଡାକ୍ତରଖାନାରେ ପହଞ୍ଚିଲେ ଓ ସେ କଷ୍ଟ ସମ୍ଭାଳି ନପାରି ସେଇ ଡାକ୍ତରଖାନାରେ ୩।୪ ଦିନ ଯାଏ ଶଯ୍ୟାଶାୟୀ ହେଲେ । ପୃଥିବୀରେ ଏପରି ଏକ ଦୁର୍ଭେଦ୍ୟ ସ୍ଥାନ ଥିବା କଥା ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ସେ ଯେତେବେଳେ ଭାବିଲେ ଯେ ସେହି ଠିକଣା ଜାଗାକୁ ଡାକ୍ତରଙ୍କୁ ପଠେଇଛନ୍ତି, ସେତେବେଳେ ତାଙ୍କ ନିଜର ଦୁଃଖ କଷ୍ଟ ଉଭେଇଗଲା । ପ୍ରତିହିଂସାର ଆନନ୍ଦ ଦେହ ମନକୁ ଉତ୍ଫୁଲ୍ଲ କରିଦେଲା । କାଳେ ମନ୍ତ୍ରୀ ତାଙ୍କୁ ବଦଳି କରିବାକୁ ଆଦେଶ ଦେଇଦେବେ ସେ ମନ୍ତ୍ରୀଙ୍କୁ ସବୁ ଭଲ ରିପୋର୍ଟ ଦେଲେ ।

ଦିନ କେଇଟା ଅମି ଆମି ଯିବାପରେ ଟାଉଟର ଦାଲଙ୍କର ପୁଣି ବୈଠକ ବସିଲା । ଡାକ୍ତର ଯେ ସେଠାରେ ଲୋକଗୁଡ଼ାଙ୍କୁ ନକ୍‌ସଲଆ କରିଦେଲାଣି ତାର ଏକ

Digitized by srujanika@gmail.com

ଉପ୍ତଙ୍କର ଚାର ସ୍ୱାସ୍ଥ୍ୟ, ଯନ୍ତ୍ରୋଇ ଓ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଗଲା । ସ୍ୱାସ୍ଥ୍ୟ ବିଭାଗ ସାହାବଙ୍କ ଉପରେ ସମସ୍ତେ ଏକ ସଙ୍ଗେ ଚଢ଼ାଉ କରି ତାଙ୍କୁ ପୁଣି ଥରେ ସେଠାକୁ ଯାଇ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଲେ ।

ଥରେ ଯାଇ ୩।୪ ଦିନ କାଳ ଶଯ୍ୟାଶାୟୀ ହୋଇଛନ୍ତି । ପୁଣି ଆଉ ଥରେ ଗଲେ ଆଉ ଫେରିବାକୁ ପଡ଼ିବନି । ସେଇ ବାଟଦେଇ ସ୍ୱର୍ଗକୁ ସୁନିଶ୍ଚିତ । ପୁଣି କାନ୍ଦୁଣି ମାନ୍ଦୁଣି ହୋଇ ଗଲେ ଓ ୪।୫ ଦିନ ଯାଏ ସେହି ଡାକ୍ତରଖାନାରେ ଶଯ୍ୟାଶାୟୀ ହେଲେ । ତଥାପି ଡାକ୍ତର ଉପରୁ ରାଗ ଯାଉନଥାଏ । ଡାକ୍ତରକୁ ଯେ କୌଣସି ଉପାୟରେ ସେଇଠି ରଖି ଛଳ ଛଳ କରି ମାରିବାକୁ ହେବ ।

ସେଠାରୁ ଫେରି ସେ ମନ୍ତ୍ରୀମାନଙ୍କୁ ବୁଝାଇଲେ—"ଆଜ୍ଞା, ଡାକ୍ତରଟା ସେଠାରେ ଅତି ଲୋକପ୍ରିୟ । ଟୋକାଟାକଲିଆ ଲୋକ, ବାଗେଇ କଥା କହି ଆସେନି । କିଏ ପାର୍ଟିର ଲୋକ, କିଏ ନୁହେଁ ଜାଣିପାରୁନି । ଫଳରେ ଆଠ ଦଶ ଜଣ ନେତୃସ୍ଥାନୀୟ ଲୋକ ତା ଉପରେ ରାଗିଯାଇ ମିଛଟାରେ ତା ବିରୁଦ୍ଧରେ ଆପଣମାନଙ୍କ ପାଖକୁ ଲେଖୁଛନ୍ତି । ଆଉ ମଧ ତାକୁ ସେଠାରୁ ନେଇ ଆସିଲେ ଅନ୍ୟ ଜଣକୁ ସେଠାକୁ ପଠେଇବା ବଡ଼ କଷ୍ଟକର ହେବ । ଆପଣ ଟିକିଏ ଏ ବିଷୟରେ ଭାବିଚିନ୍ତି କହନ୍ତୁ ।"

ମନ୍ତ୍ରୀ ୫ ମିନିଟ୍ ଗୁମ୍ ହୋଇ ବସି ଭାବି ଲାଗିଲେ । ହଠାତ୍ ତାଙ୍କ ମୁହଁରେ ଆନନ୍ଦ ସୂର୍ଯ୍ୟ ଉଇଁଲା । ସେ ଟେବୁଲରେ ବିପୁଡ଼ାଟାଏ ମାରି କହିଲେ, "ଠିକ୍ ଅଛି । ଡାକ୍ତର ଯେତେବେଳେ ଲୋକପ୍ରିୟ ହୋଇଉଠିଛି, ଆମେ ତାକୁ ପ୍ରିୟ କରିପାରିଲେ ସେଠା ଭୋଟତକ ସବୁ ଆମେ ପାଇବା । ଚାଲନ୍ତୁ ଏହି ସପ୍ତାହର ଶେଷ ଆଡ଼କୁ ଆପଣ ଓ ମୁଁ ସେ ଡାକ୍ତରଖାନାକୁ ଯିବା । ଡାକ୍ତର ଆଉ ଆମ ପାର୍ଟି ଲୋକଙ୍କ ସଙ୍ଗେ ମିଳାମିଶା କରେଇଦେବା । ଶୀଘ୍ର ଗସ୍ତକ୍ରମ ଠିକ୍ କରନ୍ତୁ । ନିର୍ବାଚନ ପାଖେଇ ଆସୁଛି । ଚଟାପଟ୍ ସବୁ କରିବାକୁ ହେବ । କଅଣ କହୁଛନ୍ତି ?"

ସାହାବ କିଛି ନକହିବାରୁ ମନ୍ତ୍ରୀ ତାଙ୍କ ମୁହଁ ଆଡ଼କୁ ଚାହିଁ ଦେଖିଲେ ତାଙ୍କର ପାଟିଟା ମେଲା ହୋଇଯାଇଛି । ଆଖି ଦୁଇଟା ଅର୍ଦ୍ଧନିମୀଳିତ । ଆଉ ଥରେ ସେ ଡାକ୍ତରଖାନାକୁ ଯିବାକୁ ପଡ଼ିବ ବୋଲି ଶୁଣିବା ମାତ୍ରେ ସେ ଷ୍ଟ୍ରୋକ ଖାଇଗଲେ । ପାଣିଛିଟ ମାରି ତାଙ୍କୁ ପ୍ରକୃତିସ୍ଥ କରାଗଲା । ସେ ମନେ ମନେ ଭାବି ଲାଗିଲେ— ମନ୍ତ୍ରୀଟା ସିନା ଗାଉଁଲି, ରାମା ଦାମା ଶାମା ଭିତରୁ ଜଣେ ଯେ ସେ ପଙ୍କପାଣି ଅମଡ଼ା ନମାନ ଚାଲିଯିବେ, ହେଲେ ସେ ନିଜେ ? ମନ୍ତ୍ରୀ ସିନା ଯାଇ ନିଜର ଭୋଟଗୁଡ଼ିକୁ ନିରାପଦ କରାଇବେ, ତାଙ୍କର କିନ୍ତୁ—?

Digitized by srujanika@gmail.com

ଦୁଇଟା ମାସ ଭିତରେ ୩ ଥର ନର୍କ ଯାତ୍ରା ପରେ ସାହାବ ଭାଙ୍ଗିପଡ଼ିଲେ । ସେ ଦୁଃଖ ଖବରେ ଜାଣିପାରିଲେ ସେ ଖେଚଡ଼ା ଡାକ୍ତର ଟୋକାଟା ସେଠାରେ ଥିବାଯାଏ ତାଙ୍କୁ ବାରମ୍ବାର ଯିବାକୁ ପଡ଼ୁଥିବ । ମନ୍ତ୍ରୀ ବି ଜାଣିପାରିଲେ କଥାଟା ବେଶି ଦୂରକୁ ଚାଲିଯାଇଛି । ସେ ଡାକ୍ତର ବନବାସୀ ବହୁଳ ଅଞ୍ଚଳରେ ରହିଲେ ସମସ୍ତେ ନକସଲିଆ ହୋଇଯିବେ । ଶେଷରେ ମନ୍ତ୍ରୀ ସାହାବଙ୍କୁ କହିଲେ—"ତାକୁ ଏଇ ରାଜଧାନୀ ଡାକ୍ତରଖାନାକୁ ନେଇ ଆସ । ଏଠି କାହାକୁ ନକ୍ସଲିଆ କରିବ ? ଆପଣଙ୍କର ଏକ ବିଶ୍ୱାସୀ ପ୍ରିୟ ଡାକ୍ତରକୁ ସେଠାକୁ ପଠାଇ ଦିଅନ୍ତୁ । ସାହାବ ଏତେ-ଦୂର ବିବ୍ରତ ହୋଇପଡ଼ିଥିଲେ ଯେ ମନ୍ତ୍ରୀଙ୍କ ଆଦେଶର ପ୍ରଥମ ଭାଗଟାକୁ ଚଟାପଟ୍ କାର୍ଯ୍ୟରେ ପରିଣତ କରିଦେଲେ ।

●

Digitized by srujanika@gmail.com